ଅକ୍ଟୋବର୍ ୨୦୨୧



ପ୍ରଚ୍ଛଦ ଫଟୋ: ଶ୍ରୀ ପ୍ରଦୀପ ପଣ୍ଡା, ଜଗନ୍ନାଥନଗର, ଭୁବନେଶ୍ବର-୧୦
ଦୂରଭାଷ:୯୪୩୭୦୪୩୮ ୦୬

**ISSN NO – 2582-208X**

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

"ବେଦାନ୍ତୀ" ର ଜୟ ଯାତ୍ରା ଆରମ୍ଭ ହୋଇଥିଲା ଅଗଷ୍ଟ ମାସ ୨୦୧୫ ମସିହାରେ। ଆଉ ଗୁହୁଁ ଗୁହୁଁ ଏହା ଭିତରେଛଅ ବର୍ଷ ବିତିଗଲାଣି। ଆଶା କରୁଛୁ, "ବେଦାନ୍ତୀ" ତାର ଲକ୍ଷ୍ୟ ସାଧନ କରିବାରେ ପ୍ରାୟତଃ ସଫଳ ହୋଇପାରିଛି। ଆଜି ବେଦାନ୍ତୀ ପହଞ୍ଚିପାରିଛି ସାରା ବିଶ୍ୱରେ ରହୁଥିବା ଓଡିଆ ମାନଙ୍କର ପାଖରେ ଆଉ ବେଶ ଆଦୃତ ହୋଇପାରିଛି ମଧ। ଏହା କେବଳ ସମ୍ଭବ ହୋଇପାରିଛି ଆପଣମାନଙ୍କର ସହଯୋଗ ହେତୁ। ଆଜି "ବେଦାନ୍ତୀ" ପାଇପାରୁଛି ଅନେକ ଉନ୍ନତ ଧରଣର ଲେଖା ଆପଣମାନଙ୍କଠାରୁ। ବେଦାନ୍ତୀ ତାର ପାଠକ/ପାଠିକାବୃନ୍ଦ ଏବଂ ଲେଖକ/ଲେଖିକାମାନଙ୍କ ପାଖରେ ଏଥିପାଇଁ ଚିର ଋଣି ରହିବ।

ଓଡିଆ ଭାଷା ଓ ସାହିତ୍ୟ ବହୁତ ଉନ୍ନତ। ଆଜିଠାରୁ ପ୍ରାୟତଃ ୨୦-୨୫ ବର୍ଷ ତଳକୁ ଗ୍ଲିଯାଆନ୍ତୁ ଯେତେବେଳେ ଇଣ୍ଟରନେଟ୍ ନଥିଲା। ସେତେବେଳେ ଅନେକ ଲୋକେ ବଳର ସମୟର ଉପଯୋଗ ପାଇଁ ହେଉ କମ୍ବା ଜ୍ଞାନ ଅର୍ଜନ କରିବାକୁ ହେଉ, ପୁସ୍ତକଟିଏ ପଢିବା ପାଇଁ ଅନେକ ଆଗ୍ରହ ପ୍ରକାଶ କରୁଥିଲେ। ଏପରିକି ଲାଇବ୍ରେରୀ ର ସଦସ୍ୟତା ନେବାପାଇଁ କେତେକ ଲାଇବ୍ରେରୀରେ ଅପେକ୍ଷା କରିବାକୁ ପଡୁଥିଲା। ଜ୍ଞାନ ଆହରଣ କରିବାର ଏହା

ଅତ୍ୟନ୍ତ ଉପଯୋଗୀ ଥିଲା । ଅନେକ ପତ୍ରପତ୍ରିକା ବହୁତ ବିଖ୍ୟାତ ଥିଲା ଏବଂ ଲୋକେ ପଢ଼ିବା ପାଇଁ ପ୍ରତିମାସ ପ୍ରଥମ ସପ୍ତାହରେ ପୁସ୍ତକ ପାଇଁ ଅପେକ୍ଷା କରୁଥିଲେ । କିନ୍ତୁ ଧିରେ ଧିରେ ଇଣ୍ଟରନେଟ୍ ର ଯୁଗ ଆରମ୍ଭ ହେଲା । ଆଉ ଘଡି, କ୍ୟାଲେଣ୍ଡର, ଡାଏରୀ, ବନ୍ଧୁତା, ପରିବାରର ମେଳାପ ଇତ୍ୟାଦି ସହ ଇଣ୍ଟରନେଟ୍ ପୁସ୍ତକକୁ ମଧ୍ୟ ଗ୍ରାସ କରିଗଲା । ପୁସ୍ତକର ଲୋକପ୍ରିୟତା କମିବାରେ ଲାଗିଲା । ଲୋକେ ସୋସିଆଲ୍ ମିଡିଆରେ ଅନେକ ସମୟ ଅତିବାହିତ କଲେ ଏବଂ ଏହା ସହିତ ସମୟର ଅପଯୋଗ ହେଇ ଚାଲିଲା । କିନ୍ତୁ ଏବେ ପୁଣି ଧୀରେ ଧୀରେ ସମୟ ବଦଳିବାକୁ ଲାଗିଛି । ପୁସ୍ତକର ଲୋକପ୍ରିୟତା ପୁଣି ଲୋକଲୋଚନକୁ ଆସିଲାଣି । ଏହାର କାରଣ ହେଉଛି ଇ-ପୁସ୍ତକ/ପତ୍ରିକା ଯାହାକି ଆଜିକାଲି ଲୋକେ ପୃଥିବୀର କୌଣସି ଏକ କୋଣରେ ରହି ମଧ୍ୟ ଏହାକୁ ନିଜ ମୋବାଇଲ ରେ କିମ୍ବା ଇ-ମେଲ୍ ଜରିଆରେ ପାଇ ପଢ଼ିବାର ସୁଯୋଗ ପାଇ ପାରୁଛନ୍ତି । ଏହାଦ୍ୱାରା ଓଡିଆ ଭାଷାର ପ୍ରଚାର ଏବଂ ପ୍ରସାର ନିଶ୍ଚୟ ଯେ ବଢି ପାରିବ, ଏଥିରେ ସନ୍ଦେହ ନାହିଁ ।

ଜୟ ଓଡିଶା, ଜୟ ଓଡିଆ ।

ଅରବିନ୍ଦ ମିଶ୍ର



# ଭିତର ପୃଷ୍ଠାରେ....


| | | |
|---|---|---|
| ବିଘ୍ନନାଶକ ବିଘ୍ନେଶ | ଜୟଶ୍ରୀ ପଟ୍ଟନାୟକ | ୧୩ |
| ଅନୁଚନ୍ତା | ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ | ୧୫ |
| ଦେବୀ | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୧୭ |
| ଝୁଲଣ ର୍‌ସ | ଡ. ଶକୁନ୍ତଳା ଗୁପ୍ତା | ୨୦ |
| ଶଙ୍କିତ ସକାଳ | ଡକ୍ଟର ବିଜ୍ଞାନୀ ଦାସ | ୨୨ |
| ଅବତାର | ଶାନ୍ତିଲତା ମିଶ୍ର | ୩୩ |
| ଭିନ୍ନ ଏକ ପାର୍ବଣ | ସୁସ୍ମିତା ମହାପାତ୍ର | ୩୫ |
| ମାଆ ତୁମେ | ବିଜୟଲକ୍ଷ୍ମୀ ପାଣିଗ୍ରାହି | ୩୭ |
| କରୋନାର ଅଲସାଇମର | ଶଶଧର ମହାପାତ୍ର | ୩୮ |
| ଦେବୀ | ଗୁରୁକଲ୍ୟାଣ ମହାପାତ୍ର | ୪୪ |
| ଫୁଲେଇ ଫଗୁଣ | ଅମ୍ବିକା ସ୍ୱାଇଁ | ୪୭ |
| ମୌସୁମୀ ଫେରିବ | କୁଞ୍ଜବିହାରୀ ରାଉତ | ୪୮ |
| ଅସାଧାରଣ ସୁନ୍ଦରବନ | ଅଶୋକ ବିଶ୍ୱାଳ | ୪୯ |
| କଳାର କୋଣାର୍କ | ଈଶ୍ୱରୀ ବେହେରା | ୫୭ |
| ମା | ସନାତନ ମହାକୁଡ | ୫୮ |
| ଗାଆଁ କନିଆ ସିଂଘାଣି ନାକ | ଜୟ କୁମାର ମିଶ୍ର | ୫୯ |
| ତୁଳନା | ପୁଷ୍ପାଞ୍ଜଳି ପଣ୍ଡା | ୬୧ |
| ବନ୍ଦ ଶ୍ରୀ ଗୋବିନ୍ଦ ପଦ | ଡ. ଅର୍ଜୁନ ଚରଣ ବାରିକ | ୬୨ |
| ଶ୍ରୀ ଅରବିନ୍ଦ ଓ ଦିବ୍ୟଚେତନା | ଡକ୍ଟର ମଧୁସ୍ମିତା ମିଶ୍ର | ୬୪ |
| ବେଣୁଧର ସୂତାର | ବେଣୁଧର ସୂତାର | ୬୮ |
| କବିତା ସରେ ନା | ଆଶୁତୋଷ ମେହେର | ୭୦ |

| | | |
|---|---|---|
| ସଭିଙ୍କ ପ୍ରିୟ ପୁରୀ | କୀର୍ତ୍ତି ଦେବୀ | ୭୧ |
| କାରୋନା ଟିକା | ଅଳକା ମହାନ୍ତି | ୭୩ |
| ତିନୋଟି ବାମନ କବିତା | ଡ. ଜ୍ଞାନେଶ୍ୱର ମିଶ୍ର | ୭୬ |
| ଧରିଛ ହାତ ଗୁଲିଛି ବାଟ | ବିନୋଦିନୀ ଦାଶ | ୭୭ |
| ଋତୁପର୍ଣ୍ଣା | ପ୍ରଦୀପ୍ତ କୁମାର ସାହୁ | ୭୮ |
| ମହାଚେତନାର ଆଲେଖ୍ୟ - 'ମହାପ୍ରସାଦ' | ବଦ୍ରୀ ମହାନ୍ତି | ୮୦ |
| ହୃଦୟ ସଙ୍ଗୀତ | ଶୋଭଗିନ ବିଶି | ୮୬ |
| ଧିକ୍ ତୁମେ ଅମଣିଷ! | ରାଧାମୋହନ ପୂଜାହାରୀ | ୮୯ |
| ସଜଲ୍ :- "ଗୁହ୍ନ ଚନ୍ଦ୍ରଲେଖା" | ଅମୂଲ୍ୟ କୁମାର ପଣ୍ଡା | ୯୧ |
| ସମସାମୟିକ ବଙ୍ଗଳା ଓ ଶ୍ରୀ ଚୈତନ୍ୟଦେବ | ବିଜୟଲକ୍ଷ୍ମୀ ପଟ୍ଟନାୟକ | ୯୨ |
| କେବେ ବୁଝିବ ତୁମେ ? | ସୁଶ୍ରୀ ପଲ୍ଲବିତା ସାହୁ | ୯୯ |
| ନିଶ୍ୱାସ ଓ ବିଶ୍ୱାସ | ସ୍ୱର୍ଣ୍ଣପ୍ରଭା ଖଟୁଆ | ୧୦୧ |
| ବରଷା ରାଣୀ | ଡ. ପ୍ରସନ୍ନ କୁମାର ବଳ | ୧୦୩ |
| ଅନ୍ୱେଷାର ପର୍ବ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୧୦୫ |
| ସହଯାତ୍ରୀ | ଖଗେଶ୍ୱର ବାଗ | ୧୦୭ |
| ଆମେ ନୀଳ ଆକାଶର ତାରା | ଆଲୋକ କୁମାର ପଣ୍ଡା | ୧୧୧ |
| ସଭିଙ୍କ ପ୍ରିୟ ପୁରୀ | କୀର୍ତ୍ତି ଦେବୀ | ୧୧୩ |
| ସମାଜ ଓ ସଂସ୍କୃତି : ଏକ ବିଗ୍ଭର ଦୃଷ୍ଟି | ଦୀପ୍ତିମୟୀ ସାହୁ | ୧୧୮ |
| ଶ୍ରୀ ଜଗନ୍ନାଥ ଭକ୍ତି ରସାମୃତ | ପ୍ରଦୀପ କୁମାର ଜିଲିକାର | ୧୨୧ |

| | | |
|---|---|---|
| ଆତଙ୍କବାଦ, ଅନ୍ଧବିଶ୍ୱାସ ଓ ମନୁଷ୍ୟ | ବିଶ୍ୱଜିତ ରଥ | ୧୨୫ |
| ନାଟକ – ରାମ ରାବଣ ରାମାୟଣ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୨୭ |
| ଖେଳନାର କଣ୍ଢେଇ | ଅଲେଖ ମେହେର | ୧୩୫ |
| ଗୁରୁଙ୍କ ପାଇଁ ପଦେ | ନନ୍ଦିନୀ ରାଉତ | ୧୩୭ |
| ସମୟର ଚକା ଭଉଁରୀ | ପ୍ରଶାନ୍ତ କୁମାର ପାଢ଼ୀ | ୧୩୮ |
| ବୃକ୍ଷ, ଜଙ୍ଗଲ ଓ ସଭ୍ୟତା | ବାସନ୍ତୀ ଲତା ଜେନା | ୧୩୯ |
| ରୋଗ ବୈରାଗ | ଲକ୍ଷ୍ମୀପ୍ରିୟା ମାଇତି | ୧୪୧ |
| ଧାରାବାହିକ କାହାଣୀ - "କୁସୁମ" | ବିଜୟ କୁମାର ପଣ୍ଡା | ୧୪୨ |
| ମୋଟେ ବୁଝିହୁଏ ନାହିଁ | ଶିଶିର କୁମାର ପଣ୍ଡା | ୧୪୫ |
| ମୋ ଛୋଟଘର | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୪୬ |
| ଗରବେ କହିବା ଆମେ ସ୍ୱାଧୀନ | ଜନ୍ମଜୟ ନାୟକ | ୧୪୭ |
| ଉପଯୁକ୍ତ ବିଚାର | ଝରଣା ବାରିକ | ୧୪୯ |
| ବିକଳ୍ପ | ସସ୍ମିତା ପଟ୍ଟନାୟକ | ୧୫୧ |
| କାହିଁକି ଆସ କ'ଣ ତୁମର ଉଦ୍ଦେଶ୍ୟ? | ଗୌରୀ ମେହେର | ୧୫୩ |
| ଭାରତୀୟଙ୍କ ମଧ୍ୟରେ ହକି ଲୋକପ୍ରିୟତାକୁ ପୁନର୍ଜୀବିତ କରିପାରିବ କି? | ଅସିତ ମହାନ୍ତି | ୧୫୫ |
| ରାକ୍ଷୀର ପର୍ବ ନେଇ | ଦୀନବନ୍ଧୁ ପୋଇ | ୧୬୦ |
| ଝରା ଶେଫାଳି | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୧୬୧ |

| | | |
|---|---|---|
| ହଜିଲା ଦରବ ହୋଇଲା ସ୍ମୃତି | ଶେଷଦେବ ପଣ୍ଡା | ୧୬୨ |
| ପ୍ରଥମେ ନଜକୁ ଚହ୍ନ, ତା' ପରେ ଅନ୍ୟକୁ.... | ନରେନ୍ଦ୍ର ପ୍ରସାଦ ବେହେରା | ୧୬୪ |
| ଶାନ୍ତିକାମୀ ଆମ ଦେଶ ଭାରତ | ରାଜକିଶୋର ସାଇଁ | ୧୬୬ |
| ସଂସାରେ ଶିଖାଇ ଦେଲ | ତ୍ରିପତି ପ୍ରଧାନ | ୧୬୭ |
| ପାପର ଫଳ କପରି ମିଳେ: ପୂଲକ ସାଗର(ରାଷ୍ଟ୍ର ସନ୍ଥ) | ବିଜୟ କୁମାର ସାହୁ | ୧୬୯ |
| ଆମେ ସ୍ୱାଧୀନ | ଲଲାଟେନ୍ଦୁ ବାରିକ | ୧୭୪ |
| ଉତ୍କଳ ଦର୍ପଣ | ଅଜିତ ପାଢ଼ି | ୧୭୫ |
| ମୋ ଘର  ମୋ ମନ୍ଦିର | ମନୋରମା ମହାନ୍ତି | ୧୭୬ |
| ଅସୂୟା | ସଂଯୁକ୍ତା ସାହୁ | ୧୭୮ |
| ଖୋର୍ଦ୍ଧା ଗଡର ବୀର ପାଇକ | ଇପ୍ସିତା ମହାନ୍ତି | ୧୭୯ |
| ସର୍ବଂସହା | କାଳକଙ୍କର | ୧୮୧ |
| ହେ ବିଧାତା ! | ନିରଞ୍ଜନ ସାହୁ | ୧୮୯ |
| ବାଲି ଘର | ଦୀପକ କୁମାର ନାୟକ | ୧୯୦ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୧୯୧ |
| ଟିକେ ତୋ ଦୟା ନାହିଁକି | ଅର୍ଜୁନ ମେହେର(ଆଶ୍ରିତ) | ୧୯୪ |
| ଅନ୍ତରର ବେଦନା | ବବୁଲି ତ୍ରିପାଠୀ | ୧୯୬ |
| ଶ୍ରାବଣର ଶୋକ | ଭଗିରଥୀ ଯାନୀ | ୧୯୭ |
| ବାପା | ଶିବରାମ ଦଲେଇ | ୧୯୯ |
| ବିଶ୍ୱ ବନ୍ଦିତ | ଦୁର୍ଗା ମାଧବ ମହାରଣା | ୨୦୨ |
| ଦୂରେଇ ରହିବା | ହରେରାମ ପଣ୍ଡା | ୨୦୪ |

| | | |
|---|---|---|
| ଶୀତଳ – ଶାନ୍ତିନିକେତନ ଓ ଉତ୍ତରାୟଣର ଉଷୁମ ଅନୁଭୂତି | ପ୍ରିୟବ୍ରତ ପାତ୍ର | ୨୦୫ |
| ଲୁହ | ସିଦ୍ଧେଶ୍ୱର ତ୍ରିପାଠୀ | ୨୧୦ |
| ଗୁରୁ ଦିବସ | ଧିରେନ୍ କୁମାର ବେହେରା | ୨୧୧ |
| ହଜି ଯାଇଥିବା ଈଶ୍ୱର [ଏକ ପ୍ରତୀକଧର୍ମୀ ନାଟକ] | ଡକ୍ଟର କିଶୋର ମହାନ୍ତି | ୨୧୩ |
| ମା | ଇଂ ରଞ୍ଜିତ କୁମାର ଦାସ | ୨୨୦ |
| ଅଭିମାନ | ଅଚ୍ୟୁତାନନ୍ଦ ଭୁଏ | ୨୨୧ |
| ମଧୁ ସମ୍ପର୍କ | ଅନାଦି ସେଠ | ୨୨୨ |
| କୋରାପୁଟିଆ ଗାନ୍ଧୀ "ରାଧା କୃଷ୍ଣ ବିଶ୍ୱାସରାଏ" | ପ୍ରତାପ ଚନ୍ଦ୍ର ସାହୁ | ୨୨୪ |
| ପରିବେଶ ପ୍ରଦୂଷଣ | ଅମରନାଥ ବାରିକ | ୨୨୭ |
| ଜାଣିଛି କି ବ୍ରହ୍ମ ଅଟନ୍ତି କିଏ | ଗୁପ୍ତେଶ୍ୱର ଗୁନ୍ଦ | ୨୨୯ |
| ଅଦିନିଆ ଝଡ଼! | ଦିନେଶ ମେହେର | ୨୩୦ |
| ଛୋଟ ମୋର ନାଆଟି (ଧାରାବାହିକ) | ପ୍ରଫେସର ଅନନ୍ତ ପଣ୍ଡା | ୨୩୧ |
| ବୟସର ଚଢ଼େଇ ତୁ ହୋଇଲୁ ବଡ଼ | ତାରାପ୍ରସାଦ ଜେନା | ୨୪୨ |
| ପୁରୁଣା ଡ଼ାଇରୀ | ଚୈତନ୍ୟ ବାଗ | ୨୪୩ |
| ଚରିତ୍ର | ଛବି ରାଣୀ ପତି | ୨୪୪ |
| ଅଚହ୍ନା ବନ୍ଧନ (ଧାରାବାହିକ) | ଜୟଲକ୍ଷ୍ମୀ ସେଠୀ | ୨୪୬ |
| କଳା ଗୋବିନ୍ଦ | ସତ୍ୟନାରାୟଣ ପ୍ରସାଦ ନାୟକ | ୨୫୩ |
| ପରିବର୍ତ୍ତନ | ସତ୍ୟନାରାୟଣ ଗନ୍ତାୟତ | ୨୫୪ |

| | | |
|---|---|---|
| ଗୁରୁଦିବସ | ସତ୍ୟରଞ୍ଜନ ଘିଓ୍ୱାଲ୍ | ୨୫୫ |
| ତୁ ଆଉ ମୁଁ | ସରୋଜ ଲକ୍ଷ୍ମୀ ମହାନ୍ତି | ୨୫୭ |
| ଗୋପନ ଅଭିସାର | ସୀତାରାମ ଦାଶ | ୨୫୯ |
| ଗୁରୁବେ ନମଃ | ଦୀନବନ୍ଧୁ ବେଜ | ୨୬୫ |
| ଗୁରୁହେ ଘେନ ଶ୍ରଦ୍ଧା ପୁଷ୍ପ ମୋର | ଭକ୍ତବନ୍ଧୁ ସାହୁ | ୨୬୬ |
| ଗୁରୁ ମୋକ୍ଷ ରୂପକ ମାର୍ଗ ଦେଖାଉଥିବା ମଣିଷ | ବିଜ୍ଞାନ ରଞ୍ଜନ ସାହୁ | ୨୬୯ |
| ଭଙ୍ଗା ଯୌବନରେ ଆଭିଜାତ୍ୟର ରଙ୍ଗ | ଅଧ୍ୟାପକ ବିପ୍ଳବ କିଶୋର ରଥ | ୨୭୨ |
| ଜୀବନ | ବୀରକିଶୋର ନାୟକ | ୨୭୪ |
| ମରୁଆ | ବିଶ୍ୱ ରଞ୍ଜନ ମହାନ୍ତି | ୨୭୫ |
| କୃଷ୍ଣ ପ୍ରେମ ରସ | ଜୟନ୍ତୀ ଦେବୀ | ୨୭୯ |
| କାହାର ଏ ଦେଶ | ଜିତେନ୍ଦ୍ରିୟ ବେହେରା | ୨୮୦ |
| ବଳାତ୍କାରୀଙ୍କ ନପୁଂସକୀକରଣ ଓ ନେଗେଟିଭ୍ ଇଉଜେନିକ୍ସ | ଦୋଳଗୋବିନ୍ଦ ପଣ୍ଡା | ୨୮୩ |
| ଗଛ | ପ୍ରକାଶ ଚନ୍ଦ୍ର ପ୍ରଧାନ | ୨୮୯ |
| ଭିଜା ଭିଜା ପହିଲି କିରଣ | କିଷାନ ମହାକୁର | ୨୯୦ |
| ବନ୍ଧନ | ସନ୍ତୋଷ କୁମାର ରାଉତ | ୨୯୧ |
| ସବୁରି ଅନ୍ତରେ ତୁମେ | ପୁଷ୍ପଲତା ବେହେରା | ୨୯୪ |
| ସ୍ୱାଧୀନତା ଦିବସ | ବିଷ୍ଣୁପ୍ରିୟା ଦାସ | ୨୯୫ |
| କବି ଓ ଦାରିଦ୍ରତା : ଏକ ଆଶୀର୍ବାଦ ! | ଅଧ୍ୟାପକ ସୁବାଷ ବାରିକ | ୨୯୬ |
| ହେ ଗୁରୁଦେବ | ସନାତନ ଦାସ | ୩୦୧ |

| | | |
|---|---|---|
| ନୂଆଖାଇ | ସଂଘମିତ୍ରା କବି | ୩୦୨ |
| ସ୍ୱାଧୀନତା ଦିବସ | ମୁକ୍ତିରାଣୀ ଦେବତା | ୩୦୪ |
| ତୃତୀୟ ଲହର | ଆନନ୍ଦ ସାହୁ | ୩୦୭ |
| ସବୁ ସରିଗଲା | ଶଶୀକାନ୍ତ ମେହେର | ୩୦୮ |
| ଫେରିଛି ଫଗୁଣ | ବିଶ୍ୱଜିତ ନାଥ | ୩୧୦ |
| ଅଭିମାନ | ରାଧାରାଣୀ ରାଉଳ | ୩୨୦ |
| କେବେ ତମେ ଅଛ<br>କେବେ ତମେ ନାହଁ | ଶୁଭମ୍ କୁମାର ସାହୁ | ୩୨୧ |
| କୃଷିଭିତ୍ତିକ ଗଣପର୍ବ<br>ନୂଆଁଖାଇ | ସାଇପ୍ରସାଦ ସାହୁ | ୩୨୨ |
| ମାଟିକାନ୍ଥ | ସରୋଜ କୁମାର ସାହୁ | ୩୨୫ |
| ପ୍ରେମିକ ସାଜି ଲେଖିଛି ଆଜି | ସେବାକାନ୍ତ ନନ୍ଦ | ୩୨୬ |
| ଚର୍ପ୍ ପୋଷାକ | ଦୁଷ୍ମନ୍ତ ବେହେରା | ୩୨୭ |
| ତୁମେ ଅଛ ବୋଲି | ସତ୍ୟବ୍ରତ ପ୍ରଧାନ | ୩୩୩ |
| ଆସ୍ଥା ଓ ଶ୍ରଦ୍ଧା | ବାଲ୍ମୀକ ନାୟକ | ୩୩୪ |
| ଧର୍ଷିତା | କରଣ ମନୀଷା ମହାନ୍ତି | ୩୩୯ |
| ମହାଭାରତ କଥା | ନରେନ୍ଦ୍ର ପ୍ରସାଦ ବେହେରା | ୩୪୧ |
| **ସ୍ୱାସ୍ଥ୍ୟ ବିଭାଗ** | | |
| ଡେଙ୍ଗୁ ରୋଗର କାରଣ ଓ ପ୍ରତିକାର | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୪୫ |

# ଆମ ହାଣ୍ଡିଶାଳ

| | | |
|---|---|---|
| ହାଣ୍ଡିଶାଳ | ତ୍ରିପତି ପ୍ରଧାନ | ୩୪୯ |
| ଛତୁ ପତ୍ର ପୋଡା | ବବୁଲି ତ୍ରିପାଠୀ | ୩୫୧ |
| ଭ୍ନଲ୍ ଲସି | ସଙ୍ଗୀତା ମହାନ୍ତି | ୩୫୩ |

# ଆଞ୍ଚଳିକ

| | | |
|---|---|---|
| ମଂଗଲୁ ବବାର୍ ନୂଆଁଖାଇ | ବାଙ୍କାବିହାରି ମହାକୁର | ୩୫୫ |
| ଡଙ୍ଗର ତଳଆ ଗାଁ ବାମିନ | କୁମର ଲ୍ଲ ରଣା | ୩୫୭ |
| ପଶ୍ଚିମ ଓଡିଶା ଲୋକଗୀତ ସୋର୍ ପଦେ ପଦେ | ସତ୍ୟନାରାୟଣ ମିଶ୍ର | ୩୫୮ |
| କୋସଲ୍ ମାଟିର୍ ଗୁନ୍ ଗାରିମା ଗାଥା | ଦୟାନନ୍ଦ ଶବର | ୩୬୧ |
| ପହେଲ୍ ଜୁହାର | ରାଜେନ୍ଦ୍ର ନାଏକ (ରାଜୁ) | ୩୭୨ |
| ଟୁକେଲ୍ ବିହା | ଦେବାଶିଷ୍ ସାଗର | ୩୭୪ |

# ଶିଶୁ ବିଭାଗ

| | | |
|---|---|---|
| ଧିମିରି ଗଛର ଯକ୍ଷ | ଡ଼ଃ ରଞ୍ଜିତ କୁମାର ସାହୁ | ୩୮୧ |
| ପଞ୍ଚସଖା | ବିଜୟ କୁମାର ଛାଟୋଇ | ୩୮୫ |
| ଖାଦ୍ୟ ଖାଦକ ଓ ପରିବେଶ | ନୀଳମାଧବ ସାହୁ | ୩୮୯ |
| ଗଛ ଲଗାଇବା ଆସ | ରାମ ଚନ୍ଦ୍ର ପ୍ରଧାନ | ୩୯୩ |
| ଚନ୍ଦ୍ର | ରିୟାନ୍ସ ପଣ୍ଡା | ୩୯୪ |
| ପେନସିଲ୍ | ପ୍ରତୀକ୍ଷା ଶତପଥୀ | ୩୯୫ |

| | | |
|---|---|---|
| ଚନ୍ଦ୍ର | ସୁଷମା ସାହୁ | ୩୯୬ |
| ମୁନା ଡାକୁଛି ବେଙ୍ଗୁଲିକୁ | ଅମରନାଥ ବାରିକ୍ | ୩୯୭ |
| ସ୍ୱରବର୍ଣ୍ଣ ରେ ଶବ୍ଦ | ରଚୟିତା ସାହୁ | ୩୯୯ |
| ଅଗଷ୍ଟ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୪୦୦ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୪୦୧ |

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

ଯୋଗାଯୋଗ

Whatsapp:+ 91 9594993733

# ବିଘ୍ନନାଶକ ବିଘ୍ନେଶ



ଜୟଶ୍ରୀ ପଟ୍ଟନାୟକ

ବିଦ୍ୟାରମ୍ଭେ ବିବାହେ ଚ ପ୍ରବେଶେ ନିର୍ଗମେ ତଥା
ସଂଗ୍ରାମେ, ସଙ୍କଟେ ଚୈବ ବିଘ୍ନସ୍ତସ୍ୟ ନଜାୟତେ

ପ୍ରତ୍ୟେକ ହିନ୍ଦୁ ପରିବାରରେ ଶିଶୁମାନଙ୍କର ବିଦ୍ୟାରମ୍ଭ ସମୟରେ ଗଣେଶ ପୂଜନ ହୁଏ । କାରଣ ଶ୍ରୀ ଗଣେଶ ବିଘ୍ନ ନାଶକ ତେଣୁ କୌଣସି ଅନୁକୂଳ କର୍ମ ଆରମ୍ଭରେ ଶ୍ରୀଗଣେଶ ଙ୍କୁ ସ୍ମରଣ କରାଯାଇଥାଏ । ବିନାୟକ ଗଜମୁଖ, ଚାରିହସ୍ତ ଯୁକ୍ତ, ଦକ୍ଷିଣ ହସ୍ତରେ ଶୂଳ, ଅକ୍ଷମାଳା ଓ ବାମହସ୍ତରେ ପରଶୁ ଓ ମୋଦକ ପୂର୍ଣ୍ଣପାତ୍ର । ସେ ଏକଦନ୍ତ ମୋଦକ ପ୍ରିୟ, ଉଦର ବୃହତ ସେ ଲମ୍ବୋଦର କର୍ଣ୍ଣ କୁଲପରି ବକ୍ଷରେ ସର୍ପ ଯଜ୍ଞ ପବିତ ଓ ଶରୀର ବ୍ୟାଘ୍ରଚର୍ମ ଦ୍ୱାରା ଅଳଙ୍କୃତ । ଶ୍ରୀ ଗଣେଶଙ୍କର ମୂର୍ତ୍ତି ପୂଜା ଓ ଉପାସନା ସନାତନ ଅଟେ । ସେ ସିଦ୍ଧିଦାତ୍ରୀ ମଙ୍ଗଳମୟ ଅଟନ୍ତି । ଅସଂଖ୍ୟ ଦେବତା ଦ୍ୱାରା ଉପାସ୍ୟ ଶ୍ରୀଗଣେଶ । ତାଙ୍କର ପ୍ରାଚୀନତମ ମୂର୍ତ୍ତି ଗୁଡିକ ଯକ୍ଷ ଓ ନାଗର ପ୍ରତିମାର ପ୍ରତିରୂପ । ଯକ୍ଷ ଓ ନାଗମାନଙ୍କ ମୂର୍ତ୍ତିପୂଜା ଭାରତରେ ଅନେକ ପୂର୍ବରୁ ପ୍ରଚଳିତ ଥିଲା । ଏଥିରୁ ଜଣାପଡେ ଶ୍ରୀ ଗଣେଶ ପ୍ରତିମା ପରମ୍ପରା ଅନାଦି କାଳରୁ ହୋଇଆସୁଅଛି । ନେପାଳ ର ପଶୁପତିନାଥ ମନ୍ଦିରର ଉତ୍ତରରେ ଏକ ପ୍ରାଚୀନ ଗଣେଶ ମନ୍ଦିର ଅଛି । ଏହା ସମ୍ରାଟ ଅଶୋକ ଙ୍କ କନ୍ୟାଦ୍ୱାରା ନିର୍ମିତ ହୋଇଥିଲା ।

ଅନେକ ଗଣପତି ମୂଷିକ ବାହନ ଅଟନ୍ତି । ହେରମ୍ବ ଗଣାପତିଙ୍କ ବାହନ ସିଂହ । ସେ ପଞ୍ଚ ବଦନ ଯୁକ୍ତ । ଚାରିଦିଗକୁ ଚାରି ମୁଖ ପଞ୍ଚମଟି ଆକାଶମୁଖୀ ହୋଇଥାନ୍ତି । ସିଂହ ଉପରେ ଉପବିଷ୍ଟ ହୋଇଥାନ୍ତି । ତାଙ୍କ ହାତରେ ପାଶଦନ୍ତ, ଅକ୍ଷମାଳା, ପରଶୁ, ଅଙ୍କୁଶ, ମୁଦ୍ଗର ମୋଦକ, ବରମୁଦ୍ରା ଓ ଅଭୟ ମୁଦ୍ରା ପ୍ରଦର୍ଶିତ ହୋଇଥାଏ । ଗଣେଶ ପ୍ରାଚୀନ ଦେବତା । ମନ୍ଦିରରେ ତାଙ୍କର ନିତ୍ୟ ପୂଜା ଆରାଧନା ହୁଏ । ଭାଦ୍ରପଦ ଶୁକ୍ଳ ଚତୁର୍ଥୀରେ ମନ୍ଦିରରେ

ସ୍ୱତନ୍ତ୍ର ପୂଜା ବିଧି ପାଳତ ହୁଏ । ସେହିଦିନ ତାଙ୍କର ସାର୍ବଜନୀନ ପୂଜା ମଣ୍ଡପ ମାନଙ୍କର ଖୁବ ଆଡମ୍ବର ସହକାରେ ହୁଏ ।

ଆମର ଗ୍ଯଟଶାଳୀ ପାଠରେ ରହିଛି ଗଣେଶ ବନ୍ଦନା ।

ଲିହି କାଠିଏ ପଢିଲେ ଗଣେଶ୍ୱର
ବେଦ ବିଦ୍ୟାରେ ଜିଣିଲେ ତିନପୁର

ଲିହି ଅର୍ଥାତ ଲେଖି ସେ କାଠିଏ ଅର୍ଥାତ ସବୁ ପ୍ରକାର ବିଦ୍ୟା ଆୟତ୍ତ କଲେ । ବେଦବିଦ୍ୟାରେ ତ୍ରିପୁର ବିଜୟୀ ହେଲେ । ସେ ଜ୍ଞାନର ଦେବତା । ଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ଗଜାନନ ବେଶ ଜ୍ୟେଷ୍ଠ ମାସରେ ଅନୁଷ୍ଠିତ ହୁଏ । ଏହିଦିନ ଜଗନ୍ନାଥ ଭାଇ ଭଉଣୀ ଓ ସୁଦର୍ଶନ ସହିତ ସ୍ନାନମଣ୍ଡପ ରେ ଗଜାନନ ବେଶରେ ଦର୍ଶନ ଦିଅନ୍ତି । ଗଣପତି ଭଟ୍ଟ ନାମକ ଜଣେ ଭକ୍ତକୁ ଏଠାରେ ଜଗନ୍ନାଥ ଗଣେଶ ରୂପରେ ଦେଖା ଦେଇଥିଲେ । ସେହିଦନରୁ ସ୍ନାନ ମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ଗଣେଶ ବେଶ ହୋଇଆସୁଛି । ଜଗନ୍ନାଥ ମନ୍ଦିରର କଳ୍ପବଟ ତଳେ ଥିବା ବଟ ଗଣେଶ ପାଖରେ ବସି ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ଗ୍ରନ୍ଥ ଲେଖିଥିଲେ । ଗଣେଶ ବିଘ୍ନେଶ ବିଘ୍ନରାଜ, ଅମ୍ବିକା ସୁତ ମାତୃତାନ୍ତ୍ରୀକ ସଭ୍ୟତାର ପ୍ରତୀକ । ସୁତରାଂ ତାଙ୍କ ପୂଜା ପ୍ରାଚୀନ ।

ଛତ୍ରପତି ଶିବାଜୀ ଗଣେଶଙ୍କୁ ରାଷ୍ଟ୍ରଦେବତା ଭାବରେ ମାନ୍ୟତା ଦେଇ ମଣ୍ଡପରେ ତାଙ୍କର ସାର୍ବଜନୀନ ପୂଜା ପ୍ରବର୍ତ୍ତନ କରିଥିଲେ । ବ୍ରାହ୍ମଣ ଅବ୍ରାହ୍ମଣ, ଶାକ୍ତ ଶୈବ ବୈଷ୍ଣବ ନିର୍ବିଶେଷରେ ସମସ୍ତେ ତାଙ୍କୁ ରାଷ୍ଟ୍ର ରକ୍ଷକ ଦେବତା ଭାବରେ ପୂଜା କରୁଥିଲେ । ଗଣେଶ ବିଘ୍ନକର୍ତ୍ତା ଓ ବିଘ୍ନହର୍ତ୍ତା । ଗଣେଶ ଥିଲେ ଭୋଂସଲ ମାନଙ୍କର କୂଳଦେବତା । ଲୋକମାନ୍ୟ ବାଲ ଗଙ୍ଗାଧର ତିଳକ ଙ୍କ ନେତୃତ୍ୱରେ ଶିବାଜୀ ମହୋତ୍ସବ ଓ ଦଶ ଦିନବ୍ୟାପୀ ଗଣପତି ପୂଜା ପ୍ରବର୍ତ୍ତିତ ହେଲା । ତିଳକ ଭାଦ୍ରପଦ ଶୁକ୍ଳ ଚତୁର୍ଥୀ ଠାରୁ ଅନନ୍ତ ଚତୁର୍ଦ୍ଦଶୀ ବା ଭାଦ୍ର ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଦଶଦିନ ବ୍ୟାପି ଗଣେଶପୁଜା ମହା ଆଡମ୍ବର ସହକାରେ ପାଳତ ହେଲା । ମୂର୍ତ୍ତିପୂଜା ଈଶ୍ୱର ଙ୍କୁ ପାଇବାର ଏକ ମାଧ୍ଯମ । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଗୋଟିଏ ଆନ୍ତରିକ ସମ୍ପର୍କ । ସର୍ବଶକ୍ତିମାନ ଈଶ୍ୱରଙ୍କୁ ପାଇବା ପାଇଁ ମୂର୍ତ୍ତିପୂଜା ଆବଶ୍ୟକ। ମୂର୍ତ୍ତି ମନରେ ଏକାଗ୍ରତା ଆଣେ । ଶ୍ରୀ ଗଣେଶଙ୍କର ସର୍ବାଗ୍ରେ ପୂଜା ହୁଏ ସେ ଅଗ୍ର ପୂଜିତ ଦେବ । ବିବାହ, ମନ୍ଦିର ବ୍ରତ ମନ୍ଦିର ସ୍ଥାପନ, ନୂତନ ଗୃହ ପ୍ରତିଷ୍ଠା ଯଜ୍ଞ ସବୁ ସମୟରେ

ଅଗ୍ରପୂଜ୍ୟ ଦେବତା ସିଏ । ଶ୍ରୀ ଗଣେଶଙ୍କ ପିତା ଦେବ ଦେବ ମହାଦେବ ମାତା ପାର୍ବତୀ ଭ୍ରାତା ଯୁଦ୍ଧବିଦ୍ୟା ବିଶାରଦ କାର୍ତ୍ତିକେୟ ।

ଗଣେଶ ପାର୍ବତୀଙ୍କ ମାନସ ସନ୍ତାନ । ଶିବ ଆଶୀର୍ବାଦ ଦେଇଥିଲେ ସବୁ ଦେବତାଙ୍କ ଆଶୀର୍ବାଦ ରୁ ଏ ମାନସ ପୁତ୍ର ଗଣେଶ ନାମରେ ହେବ ବିଦିତ । ଦେବଗଣ, ଆର୍ଯ୍ୟ ଅନାର୍ଯ୍ୟ ଜୀବଜନ୍ତୁ ସମସ୍ତଙ୍କର ଅଗ୍ରପୂଜ୍ୟ ହେବ । ତେଣୁ ଗଣେଶ ପୂଜା ପ୍ରତି ଘରେ ଘରେ ପୁରେ ପୁରେ ଅନୁଷ୍ଠିତ ହୁଏ ।

ଏବର୍ଷ କରୋନା ସଂକ୍ରମିତ ବ୍ୟାଧି ହୋଇ ଅନେକ ଧନ ଜୀବନ ନଷ୍ଟ କଲାଣି । ଶିକ୍ଷାନୁଷ୍ଠାନ ଧର୍ମାନୁଷ୍ଠାନ ସବୁ ଠପ । ପୂଜା ବଜାର ମାନ୍ଦା । ସାର୍ବଜନୀନ ପୂଜାରେ ବ୍ରେକ ଲାଗିଛି । ନିଜ ସୁରକ୍ଷାରେ ଦେଶର ସୁରକ୍ଷା । ରାଷ୍ଟ୍ର ର ସୁରକ୍ଷା । ଏହି କରୋନା ସଂକ୍ରମଣରୁ ମୁକୁଳିବା ପାଇଁ ମାସ୍କ ପିନ୍ଧିବା, ହାତ ଧୋଇବା, ସାମାଜିକ ଦୂରତାରେ ରହିବା ତେବେ ଏ ଜନ ସମାଜକୁ ସଂକ୍ରମଣ ରୁ ରକ୍ଷା କରିପାରିବା । ଘରେ ରହି ପାର୍ବଣ ଋତୁର ମଜା ନେଇପାରିବା ।

ଗଙ୍ଗନଗର, ଭୁବନେଶ୍ୱର

# ଅନୁଚନ୍ତା



ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ

ଆତତାୟୀ ଅତୀତର ବୋମା ବିସ୍ଫୋରଣ
ଅନାଗତ ଭବିଷ୍ୟତର ପ୍ରବଞ୍ଚକତା
ବର୍ତ୍ତମାନ ର ଅଯୋଗ୍ୟତା ଛଡା
ତୁ ଆଉ ପାଇଛୁ କ'ଣ ଯେ **??**

ଲକ୍ଷ୍ୟରେ ହେଉ କ ଲକ୍ଷ୍ୟରେ
ତୋତେଇ ପରିକ୍ରମି ଯାଏ ସେ ବିନ୍ଦୁ
ଗୋଟାପଣେ ଗିଳ ପକେଇବାର ତାର ସାମର୍ଥ୍ୟ ର
ଦୈର୍ଘ୍ୟ, ପ୍ରସ୍ଥକୁ ତୁ କ'ଣ ମାପି ପାରିଛୁ କେବେ **??**

ସତ ଆଉ ଅନୁଭବ ଭିତରସ୍ଥ
ପାର୍ଥକ୍ୟ କୁ ବୁଝି ବି ତୁ ଅବୁଝା ।

*************************

କେବଳ ଏତିକ ମନେ ରଖିଥା
ପଣତରେ ଗଣ୍ଠି ଦେଇଦେ-----
"କଛି ଶବ୍ଦ ଆଉ ମୁହୂର୍ତ୍ତ ବଞ୍ଚିଥାନ୍ତି
ଚହ୍ଲା କାନ୍ଥ, ଗୋଲ୍ପ ଫୁଲର ବଗିଗ୍ଯ
ଆଉ ପ୍ରତିଦିନ ର ସାଥୀ ତକଆ ଭିତରେ ।

ଭ୍ୟାନଟି ର ଚେନ୍ କଭର ତଳେ ଲୁଚଥାନ୍ତି
କାହା ହାତ ତିଆରି ବୋମା ଭଳ
ବଦଳଦେବାକୁ ସମୟର
ଅବୟବ"    ॥

ଓଡିଆ ଅଧ୍ୟାପିକା, ସରକାରୀ ଏସ୍ ଏସ୍ ଡି, ଏଚ୍ ଏସ୍ ଏସ୍,
ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ, ବାଲିଶଙ୍କରା, ସୁନ୍ଦରଗଡ

# ଦେବୀ



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ସେ ଦେବୀ!!
ପାର୍ବଣର ଋତୁ ଆସେ
ସେ ପୂଜା ପାଏ
ଧୂପ ଦୀପ ନୈବେଦ୍ୟ
ଅଜାଡି ହୋଇପଡେ ତାର ପାଦତଳେ
ଜୟ ମା ଦୁର୍ଗା ଧ୍ୱନରେ କମ୍ପିଉଠେ
ଆକାଶ ପାତାଳ ଆଉ ମେଦିନୀ
ଭାବ ଭକ୍ତି ଆଉ ଭୟରେ ଭକ୍ତଟିଏ
ମାଆ ମାଆ ଡାକ ଲୋଟିଯାଏ ତା ପାଦ ତଳେ।।

ସେ ତାରିପାରେ ସେ ମାରିପାରେ
ସେ ଦେଇପାରେ ଅଭୟବର
ଭରି ଦେଇପାରେ ଶୂନ୍ୟ ଅଞ୍ଚଳ
ଉଦୟହେଇ ପାରେ ଭାଗ୍ୟରବି
ତା ଆଦେଶରେ
ପୁଣି ସେ ନାଶିପାରେ ଅନ୍ୟାୟ ଅନ୍ଧାର
ପାଦରେ ଦଳପାରେ ମହିଶା ମାନଙ୍କୁ
କଞ୍ଚା ଖାଇ ଯାଇପାରେ ବେକ ମୋଡ଼ି
ଦେଇପାରେ ଟିକଏ ଓଲମ୍ ବିଲମ୍ ହେଲେ
ତା ପୂଜାରେ।।

ଆଉ ଆମ ଗହଣରେ
ଯୋଉ ରକ୍ତ ମାଂସର ଦେବୀ କଇତି
ଘରେ ବାହାରେ ମନ୍ଦିରରେ ବସ ଷ୍ଟାଣ୍ଡରେ
ଗାଧୁଆ ତୁଠରେ ସମୁଦ୍ର କୂଳରେ
ଏକୁଟିଆ ଲମ୍ବା ରାସ୍ତାରେ ଆମ ଆଖି ଆଗରେ
ଉଭା ହୋଇଯାଏ,
ସେ କଣ ଯା ଦେବୀ ସର୍ବ ଭୂତେଷୁ ନୁହେଁ
ସେ କଣ ମାତୃ ରୂପେଣ ସଂସ୍ଥିତା ନୁହେଁ
ସେ କଣ ଜ୍ଞାନ ରୂପେଣ ସଂସ୍ଥିତା ନୁହେଁ
ସେ କଣ ଶକ୍ତି ରୂପେଣ ସଂସ୍ଥିତା ନୁହେଁ
କାହିଁକି ତା ପାଇଁ ଏତେ ଅବିଶ୍ୱାସ
ବର୍ବର ବ୍ୟବହାର ଝୁଣି ଝୁଣି ଖାଇଯିବାକୁ
ତା ମାଂସର ଟୁକୁରା ଘେରି ଯାଉଛ ତା
ଗ୍ୱରିକଡରେ
କାହିଁକି କାମନା ଜୁଇରେ ସେ ଜଳୁଛି
ହୁତ୍ ହୁତ୍?

ଯିଏ ଜନ୍ମଦେଲା ଅନ୍ତଫାଡ଼ି
ତାର ଇଜ୍ଜତ ନଲାମ ହେଉଛି
ବିଚ୍ ବଜାରରେ,
ଯିଏ ହାତରେ ରାକ୍ଷୀବାନ୍ଧି ଶୁଭ ମନାସିଲା
ସେ ପାଇଲା ଜୀବନ୍ତ ସମାଧି
ଯାହା ହାତଧରି ଘରକୁ ଅଣିଲ
ତାକୁ ଖାଇଯାଉଛ ବାଣ୍ଟିକୁଣ୍ଟି

ଧନ୍ୟ ଏ  ସମାଜ
ଧନ୍ୟ  ଏ ଦେଶର  ଆଇନ୍
ଯୋଉଠି ମହିଶା ମାନେ
କଞ୍ଚା ଗ୍ଲେବେଇ ଯାଉଛନ୍ତି
ରକ୍ତ ମାଂସର ଦେବୀ ମାନଙ୍କୁ
ଆଉ ଆଡ଼ମ୍ବରରେ ପାର୍ବଣ ପାଳବା
ପାଇଁ ଗ୍ଲିଛି ସମ୍ମିଳନୀ ପ୍ରଗ୍ଲର ପ୍ରସାର। ।

ଦିବା ଲ୍ଲେକରେ ଦେବୀଟିଏ
ଶୋଇଛି ଜୁଇରେ ବୁ
ଜଳ ଜଳ ଦେଖୁଛି ଏ ଦେଶର
କୋଟିକୋଟି ଜନତା
ସଜ ହେଉଛି ଦେବୀର ପୂଜା ପାଇଁ
ଦେବୀ କାଳେ ଆବିର୍ଭୁତ ହେବେ
ଭରିଦେବେ ଆଶାର କଳସ। ।

ଶିକ୍ଷୟତ୍ରୀ
କେନ୍ଦ୍ରାପଡା, ଓଡିଶା

# ଝୁଲଣ ରାସ

(ରାଗ : ମାଳବ ଗୌଡ଼ା)



ଡ. ଶକୁନ୍ତଳା ଗୁପ୍ତା

ଆଳ ମଣିଲ୍ ମଧୁ ପୀରତି ଜାଣ
ବିଜନ କୁଞ୍ଜେ ରାସ ରସିକ ଜାଣ । ।। ପଦ ।।

ମନସା ପଞ୍ଚମୀ ଭଲ୍ ଶେଷ ଶିରାବଣେ ଝୁଲ୍
ପ୍ରିୟକ ବଡ଼ ବାଗବରଗ ଜାଣ

ସୁବାସ ଶେତ ଚମ୍ପକ ଅଙ୍ଗେ ଉପାଙ୍ଗେ ପୁଲକ
ଗୋପ ଦୋହିତା ମନ ରଙ୍ଗିମା ଜାଣ

ଘଟେ ଶିଖରିଣୀ ଜାଳ ଦୁଲେ ଚଉରସା ମାଳ
ଅଘଟନ ଶିଶିରୀ ବଜାଏ ଜାଣ

ତନୟୀ ରାଇରେ ରାସେ କୋଳେ ମଣ୍ଡାଇ ହାସେ
ଝୁଲଣେ ହାତଗଣ୍ଠି ପଡ଼ିଲ୍ ଜାଣ

ଘନ ତାପରେ ବିମନା ଆନ କୂଜନ ଶୁଭେନା
ଝଟକ ଫୁଲହାର ଗଡ଼ିଲ୍ ଜାଣ

ମଜାଇ ମରୁଆ ବାସେ   ଘୃତକ ଜୀମୂତ ଗ୍ରାସେ
ଖୋସା ରଜତମଲ୍ଲି ଖସିଲ୍ ଜାଣ

ଅନ୍ଧକାର ବେଢ଼ିଛଇଁ  ଅବଧି ହେଜ ଗୋସାଇଁ
ଚନ୍ଦ୍ରମା ରବି ଠେଇଁ ଭେଟିଲ୍ ଜାଣ

-----------------------

(ପ୍ରିୟକ -  କଦମ୍ବ ବୃକ୍ଷ
ଶିଶିରୀ - ସୁସୁରି
ଆଳ - ଭ୍ରମର, ଭଅଁର) ଅର୍ଥରେ

ରାଉରକେଲା

# ଶଙ୍କିତ ସକାଳ



ଡକ୍ଟର ବିଜ୍ଞାନୀ ଦାସ

ସେତେବେଳକୁ ସକାଳ ଆଠଟା ହେବ କି କଣ ? ଛନ୍ଦାର ନିଦ ଛାଡିନଥାଏ । ସିଏ ତଥାପି ବିଛଣାରେ ଶୋଇ ରହିଥାଏ । ଜୋରରେ ତାକୁ ଡାକଲେ ଆକାଶ । "ଟିକେ ଜଲ୍‌ଦି ଉଠି ୯୧୧ ଡାକଲୁ । ମତେ କିଛି ଭଲଲ୍‌ଗୁନି । ହୁଏତ ଷ୍ଟ୍ରୋକ୍ ହେଇପାରେ କି କଣ ।" "ଷ୍ଟ୍ରୋକ୍" ଶବ୍ଦଟା ଯେମିତି କାନରେ ପଡିଲା, ଅଧା ସୁପ୍ତ, ଅଧା ଜାଗ୍ରତ ଅବସ୍ଥାରେ ଉଠିଲା ଛନ୍ଦା । ତା' ଦେହ ବି ଥରୁଥାଏ । ଏବେ କଣ କରିବା ଉଚିତ୍ । ସିଏ ସିଧା ୯୧୧ ନମ୍ବର ଲଗେଇଲା । ଏଇ ସମୟରେ ଆକାଶ ଗାଧୁଆଘରର ଚଟାଣରେ ତଳେ ପଡିଗଲେ । ଛନ୍ଦାର ମୁଠ ଆହୁରି ବିଗିଡିଗଲା । ଛନ୍ଦା ଏପଟେ ୯୧୧ ଷ୍ଟାଫ୍‌ଙ୍କ ସହିତ କଥା ହେଉଥାଏ ଓ ତା' ସହିତ ଆକାଶଙ୍କୁ ଜାଗ୍ରତ ରଖିବାକୁ ଚେଷ୍ଟିତ ଥାଏ । ସେତିକି ହିଁ ସିଏ ଜାଣିଥିଲା । ସେପଟୁ ୯୧୧ ଷ୍ଟାଫ୍ ଦୁନିଆ ପ୍ରଶ୍ନ ପଚାରୁଥାଆନ୍ତି ।

"ତୁମ ସ୍ୱାମୀ ଏବେ କଣ କରୁଛନ୍ତି ।"

"ସିଏ ଗାଧୁଆଘର ଚଟାଣରେ ତଳେ ପଡିଗଲେ । ସିଏ ସିଧା ଠିଆ ହୋଇ ପାରୁନାହାନ୍ତି ।"

"ତାଙ୍କ ମୁହଁକୁ ଛୁଇଁ କୁହ, ସିଏ ସବୁ ଅନୁଭବ କରୁଛନ୍ତି କି ନାହିଁ ।"

"ହଁ, ଅନୁଭବ କରୁଛନ୍ତି ।"

"ସିଏ ସବୁ କଥା ବୁଝୁଛନ୍ତି, ଗ୍ରହି ରହିଛନ୍ତି କି ନାହିଁ ?"

"ହଁ ସେସବୁ ଠିକ୍ ଅଛି ।"

"ଏସବୁ କେତେବେଳେ ଆରମ୍ଭ ହେଲା ।"

"ଏଇ ସକାଳେ । ଦଶ ମିନଟ୍ ତଳେ ।"

"ତାଙ୍କ ଦେହରେ ଉତ୍ତାପ ଅଛି କ **?"**

"ନା ।"

"ସିଏ ଟିକା ନେଇଛନ୍ତି **?"**

"ହଁ ।"

"କୋଭିଡ୍-୧୯ ଭୂତାଣୁ ଜନିତ କିଛି ଲକ୍ଷଣ ଅଛି କ **?"**

"ନା ।"

ଛନ୍ଦା ସେତେବେଳକୁ ବ୍ୟସ୍ତ ହୋଇଗଲାଣି । ଏମାନେ ଏବେ ଶୀଘ୍ର ଆସି ପହଞ୍ଚିବା କଥା । ତା' ପରିବର୍ତ୍ତେ ହଜାର ପ୍ରଶ୍ନ ପଚାରୁଛନ୍ତି । ଏ ସମୟ ଭିତରେ ଯଦି କିଛି ଘଟିଗଲା **?"**

ଏମିତି କିଛି ପ୍ରଶ୍ନ ପଚାରି ସେମାନେ ଘରର ଠିକଣା ନେଲେ ଓ ଦଶ ମିନଟ୍ ଭିତରେ ପହଞ୍ଚିବେ ବୋଲି କହିଲେ । ସେଥିପାଇଁ ଆକାଶଙ୍କର ସମସ୍ତ ଔଷଧପତ୍ର ପ୍ରସ୍ତୁତ କରି ରଖିବାକୁ କହିଲେ ।

ସେଇ ଦଶ ମିନଟ୍ ଭିତରେ ଛନ୍ଦା ଦାନ୍ତ ଘଷି ପକେଇଲା ଓ ଜାମାପଟା ବଦଳେଇଦେଲା । କିଛି ମୁଖା ଓ ହ୍ୟାଣ୍ଡ ସାନିଟାଇଜର୍ ଗୋଟିଏ ଛୋଟ ବ୍ୟାଗରେ ଆକାଶଙ୍କ ପାଇଁ ରଖିଦେଲା। ସିଏ ଯେଉଁ ସବୁ ଔଷଧ ଖାଉଥିଲେ, ସେସବୁ ମଧ୍ୟ ରଖିଦେଲା । ଆକାଶ ଉଠିକରି ଉପର ମହଲାରୁ ତଳ ମହଲାକୁ ଆସିଲେ ଓ ସୋଫା ଉପରେ ବସିଲେ । ଦଶ ମିନଟ୍ ଭିତରେ ଆମ୍ବୁଲାନ୍ସ୍ ଆସି ଛନ୍ଦାର ଘର ସାମନାରେ ପହଞ୍ଚିଗଲା । ସେଥିରୁ ଦୁଇଜଣ କର୍ମୀ, ଜଣେ ସ୍ତ୍ରୀ ଲୋକ ଓ ଜଣେ ପୁରୁଷ ଲୋକ ଇ.କେ.ଜି ଯନ୍ତ୍ର ଓ ଅନ୍ୟାନ୍ୟ ଯନ୍ତ୍ର ଧରି ଘର ଭିତରକୁ ଆସିଲେ । ସେମାନେ ପ୍ରଥମେ ଆକାଶଙ୍କର ରକ୍ତଗ୍ରୁପ ମାପିଲେ । ତାଙ୍କ ଶରୀରର ଉତ୍ତାପ ମାପିଲେ । ତାପରେ ଇ.କେ.ଜି ଯନ୍ତ୍ର ସାହାଯ୍ୟରେ ହୃତ୍‌ପିଣ୍ଡର ସ୍ଥିତି ସମସ୍ତ ମାପି ଦେଖିଲେ । ସ୍ତ୍ରୀ ଲୋକ ଜଣକ କହିଲେ, "ସେମିତି କିଛି ଅସୁବିଧା ଥିବାର ଜଣା ପଡୁନି ।

ତେବେ ଇ.କେ.ଜିରେ ସାମାନ୍ୟ ଏପଟସେପଟ ଦେଖାଉଛି, ଯେଉଁଟାକୁ ଚେକ୍ କରିଦେବା ଉଚତ୍ । ଏହି ସମୟରେ ଆକାଶ କହିଲେ, "ମତେ ଏବେ ଟିକେ ଭଲ ଲାଗୁଛି । ହୁଏତ ହସ୍‌ପିଟାଲ୍ ଯିବାର ଆବଶ୍ୟକତା ନାହିଁ ।"

ସେ ନର୍ସ ଜଣକ କିନ୍ତୁ ସମ୍ମତି ଦେଲେନାହିଁ । "ନା, ଆପଣଙ୍କୁ ଆମେ ଏମରଜେନ୍‌ସୀକୁ ନେବୁ । ଡାକ୍ତର ପରୀକ୍ଷା କରିଦିଅନ୍ତୁ । ତାପରେ ସିଏ ଯାହା କହିବେ ।" ଏମିତି କହି ସେମାନେ ଆକାଶଙ୍କୁ ଷ୍ଟ୍ରେଚର୍ ଆଣି ସେଥିରେ ଶୁଆଇ ଆମ୍ବୁଲାନ୍‌ସ୍ ଭିତରେ ଭର୍ତ୍ତି କଲେ । ତାଙ୍କ ସହିତ ରହିବାକୁ ବି ଛନ୍ଦାକୁ ଅନୁମତି ଦେଲେନ ।"

ସେତେବେଳକୁ ଆକାଶ ସାଧାରଣ ଲୋକଙ୍କ ଭଳି କଥାବାର୍ତ୍ତା କରୁଥିଲେ । ଛନ୍ଦାକୁ ଗାଡି ଧରି ଅଲଗା ଆସିବାକୁ କହି ସେମାନେ ଆମ୍ବୁଲାନ୍ସରେ ଗଲେ । ଛନ୍ଦା ନିଜ ପର୍ସ ଧରି, ମୁଖା ଓ ହ୍ୟାଣ୍ଡ ସାନିଟାଇଜର୍ ପ୍ୟାକ୍ କରି, ହାଓ୍ୱାର୍ଡ କାଉଣ୍ଟି ଜେନେରାଲ୍ ହସ୍‌ପିଟାଲ୍ ଅଭିମୁଖେ ଘର ଛାଡିଲା । ଛନ୍ଦା ସେଠି ପହଞ୍ଚି ବାହାରେ କିଛି ସମୟ ଅପେକ୍ଷା କଲା । ଆକାଶ ଟେକ୍ସଟ୍ କରି ଜଣେଇଲେ ଯେ, ତାଙ୍କୁ ରୁମ୍ ମିଳିଗଲା ପରେ ସିଏ ପୁଣି ଟେକ୍ସଟ୍ କରି ଜଣେଇବେ । ସେତେବେଳେ ଛନ୍ଦା ଭିତରକୁ ଯାଇପାରିବ । ପ୍ରାୟ କୋଡିଏ ମିନଟ୍ ଅପେକ୍ଷା କରିବା ପରେ ଆକାଶ ଟେକ୍ସଟ୍ କରି ଜଣେଇଲେ ଯେ ସିଏ ଏବେ ରୁମ୍ ନମ୍ବର ୭ରେ ଅଛନ୍ତି । ଇନ୍‌ଫରମେସନ୍ କାଉଣ୍ଟରରେ ନିଜର ପରିଚୟ ପତ୍ର ଚେକ୍ କରେଇ ଛନ୍ଦା ଭିତରେ ପଶିଲା । ସେଠି ରୁମ୍ ନମ୍ବର ୭ରେ ସେତେବେଳକୁ ଆକାଶ ମୁହଁ ଉପରକୁ କରି ଶୋଇଥାନ୍ତି । ତାଙ୍କ ଦେହରେ ସାଲାଇନ୍ ଲାଗିଥାଏ । ସିଏ ଠିକ୍ ଦିଶୁଥାନ୍ତି । ତଥାପି ଛନ୍ଦା ମନରେ ଭୟ ଥାଏ ।

ଏ ଭିତରେ ତାଙ୍କୁ ଚେକ୍ କରିବାକୁ ଜଣେ ନର୍ସ ଆସିଲା । ସିଏ ରକ୍ତଗ୍ରୁପ ଆଉଥରେ ମାପିଲା ଓ କହିଗଲା ଯେ ଏବେ ସେମାନେ ତାଙ୍କୁ ଅବ୍‌ଜରଭେସନରେ ରଖିବେ । ତାପରେ ଏମ୍.ଆର୍.ଆଇ. କରିବେ । ଏମ୍.ଆର୍.ଆଇ. ଫଳାଫଳ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବେ। ତାପରେ ସ୍ଥିର କରିବେ ପରବର୍ତ୍ତୀ ସ୍ଥିତି ।

"ସେସବୁ କେତେ ସମୟ ଲାଗିବ ?"

"ଏବେ ଦୁଇଘଣ୍ଟା ତ ଅବ୍‌ଜରଭେସନରେ ରହିବେ । ଆଉ ସମୁଦାୟ ଯାଞ୍ଚ ସରୁସରୁ ହୁଏତ ଘ୍ରରଘଣ୍ଟା ଲାଗିବ ।"

ଆକାଶ ଛନ୍ଦାକୁ କହିଲେ, ""ତୁ ତେବେ ଘରକୁ ଚାଲିଯା । ଏଠି ତ କିଛି କରିବାର ନାହିଁ କେବଳ ଅପେକ୍ଷା ଛଡ଼ା । ଏଠି

ରହି ଲାଭ କଣ ? ମତେ ଏବେ ଭଲ ଲାଗୁଛି । ମତେ ଲାଗୁଛି ହୁଏତ ସେ ବ୍ଲଡ୍‌ପ୍ରେସର୍ ମେଡିସିନ୍‌ଟା ରିଆକ୍ଟ୍ କଲା ।"

ଛନ୍ଦା ଘରକୁ ଫେରିଲା । ଆକାଶ ସକାଳୁ ଗାଧୋଇନଥିଲେ । ତେଣୁ ଠାକୁର ପୂଜା ହୋଇନଥିଲା । ଛନ୍ଦା ଗାଧୋଇ ସାରି ଠାକୁର ପୂଜା କରିବାବେଳେ ଅନେକ କାନ୍ଦିଲା । ଠାକୁରଙ୍କୁ ଆକାଶଙ୍କର ମଙ୍ଗଳ ମନାସି ପ୍ରାର୍ଥନା କଲା । ଏଇ କିଛିଦିନ ହେଲା ଆକାଶ ଅନେକ ମାନସିକ ଚାପ ଭିତରେ ରହୁଥିଲେ । ପାରିବାରିକ କି ନିଜ ବ୍ୟବସାୟିକ କାମର ଚାପ ନୁହେଁ । ଗୋଟିଏ ମନ୍ଦିର ଗଢ଼ିବାର ଖିଆଲ ମୁଣ୍ଡର ପଶିଛି ଯେ, ସେଇଆକୁ ନେଇ ଯେତେ ଚିନ୍ତା, ଯେତେ ମାନସିକ ଚାପ, ଯାହାକୁ କି ଏଡାଯାଇପାରନ୍ତା । ହେଲେ, ମଣିଷ ସମସ୍ତେ ନିଜନିଜର ପ୍ରକୃତି ନେଇ ଜନ୍ମ ହୋଇଛନ୍ତି । ସେଇ ପ୍ରକୃତି ଅନୁଯାୟୀ ସେମାନେ କାମ କରନ୍ତି । କେତେକ ପ୍ରକୃତି ଅନୁକୂଳ ପରିସ୍ଥିତି ସୃଷ୍ଟି କରେ ତ ଆଉ କେତେକ ପ୍ରକୃତି ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରେ । ପ୍ରତିକୂଳ ପରିସ୍ଥିତିରେ ନିଜର ସଂଯମ ରକ୍ଷା କରିବା ଓ ଧୈର୍ଯ୍ୟ ରକ୍ଷା କରିବା ନିହାତି ଆବଶ୍ୟକ । ତାପରେ କର୍ମମୟ ଜୀବନରେ, ପାଞ୍ଚଦିନର ବ୍ୟବସାୟିକ କାମ ପରେ ଯେଉଁ ଦୁଇଦିନ ଛୁଟି ମିଳେ, ସେସବୁ ନିଜକୁ ବିଶ୍ରାମ ଦେବାକୁ । ହେଲେ ସେ ବିଶ୍ରାମ ସମୟକୁ ଅସମ୍ମାନ କରି ମଷିଷ ଯଦି ସେ ସମୟରେ ନିଜ ସଉକ ଜିନିଷ ଉପରେ ଏତେଟା ମଜ୍ଜିଯାଏ, ତେବେ ଜୀବନରେ ଆଉ ବିଶ୍ରାମ ରହିଲା କେଉଁଠି ? ସବୁର ସୀମା ଅଛି । ଶରୀର ଓ ମନ ଯଦି ନିଜ ସହିବାର ସୀମା ଅତିକ୍ରମ କରିଯାଆନ୍ତି, ତେବେ ଫଳାଫଳ ଯାହା ହେବ, ତାହା ସହଜରେ ଅନୁମେୟ । ନିଜ ସ୍ୱାମୀର ସେଇ ଦୋଷଟି କେମିତି ସଂଶୋଧନ କରାଯାଇପାରିବ, ଛନ୍ଦା ମୁଣ୍ଡର ସେସବୁ ପଶେନି । ଅବଶ୍ୟ ଅନେକ ସେସବୁକୁ ଦୋଷ ରୂପେ ନଦେଖି ଗୁଣ ରୂପେ ଦେଖନ୍ତି । ଛନ୍ଦା ସେ ବିଷୟରେ କିଛି କହିଲେ, ସିଏ ଛନ୍ଦା ଉପରେ ରାଗିଯାଆନ୍ତି । "କଣ ମୁଁ ଛୋଟ ପିଲା ହେଇଛି, ତୁ ମତେ ଶିଖେଇବୁ । ମୁଁ କଣ କରିବି, କଣ ନ କରିବି, ସେସବୁ ବିଷୟରେ ନିଜେ ନିର୍ଣ୍ଣୟ କରିବାର ଜ୍ଞାନ ଓ ଶକ୍ତି ମୋର ଅଛି । ମତେ ଆଉ ଉପଦେଶ ଦେଏନି ।" ବେଳେବେଳେ ସାଙ୍ଗସାଥୀ ମାନେ କହନ୍ତି, "ଆକାଶ ବାବୁ ଏ ବୟସରେ ଏମିତି ଖଟୁଛନ୍ତି କାହିଁକି ? ଖରାରେ ବି ଯାଇ ସେ ଗଛ କାଟୁଛନ୍ତି । ମାଟି ହାଣୁଛନ୍ତି । ତମେ ତାଙ୍କୁ ଅଟକାଅ ।" ସେ

ସମୟରେ ଖୁବ୍ କାନ୍ଦ ମାଡେ ଛନ୍ଦାକୁ । ସିଏ ଉତ୍ତର ଦିଏ, "ସେଇ ଜଗନ୍ନାଥ ହିଁ ଜଣେ, ଯିଏ ତାଙ୍କୁ ଠିକ୍ ବୁଦ୍ଧି ଦେବେ । ମୁଁ ତ ସାମାନ୍ୟ ମଣିଷ । ମୋ କଥାକୁ ସିଏ କଣ ମାନବେ?"

ସେଇଟା ହିଁ ସତକଥା । କେବଳ ସେଇ ଠାକୁର ହିଁ ମଣିଷକୁ ଠିକ୍ ଗତିପଥ ଦେଖେଇପାରିବେ । ଛନ୍ଦା ଜାଣିଛି, ଏ ମନ୍ଦିର ବିଗ୍ରହ ଯେତେଦିନ ମୁଣ୍ଡରେ ଥିବ, ସେ ଚନ୍ତା, ସେ ମାନସିକ ଗ୍ରହ, ସେମିତି ରହିବେ । ଏମିତି ପରିସ୍ଥିତିରେ ଛନ୍ଦାକୁ ବି କିଛି ବୁଦ୍ଧି ଦିଶେନ । ସେଥିପାଇଁ ଠାକୁରଙ୍କୁ ଗୁହାରି ଜଣେଇ, ନିଜ ସ୍ୱାମୀଙ୍କ ମନ ଓ ଶରୀରର ସୁସ୍ଥତା ପାଇଁ ପ୍ରାର୍ଥନା କରି ସିଏ ନିଜକୁ ଗ୍ରହମୁକ୍ତ କଲା ।

ଏବେତ କୋଭିଡ୍ ପାଇଁ ଘରୁ କାମ କରିବାର ଥିଲା । ସେତେବେଳକୁ ଦିନ ଦଶଟା ବାଜିଥାଏ । ସୋମବାର ଦିନ ମିଟିଙ୍ଗ୍ ସବୁ ଗୋଟାଏ ପରେ ଆରମ୍ଭ ହୁଏ । ଏଣୁ ଆଉ କିଛି ଅସୁବିଧା ହେଲାନ ।

ହେଲେ ସେଇ ସମୟ ଭିତରେ ଛନ୍ଦା ମୁଣ୍ଡ ଭିତରେ ଅନେକ କିଛି ଖେଳଗଲା । "ଯଦି ଅମକ ହୁଏ, ତେବେ, "ଯଦି ସମକ ହୁଏ, ତେବେ ?" ଏମିତି ଭାବିବା ବେଳକୁ ଦୁନିଆଟା ଅନ୍ଧାର ଦିଶିଲା । ଯଦି ସାଥୀ ନଥିବ, ତେବେ ଆଉ ଜୀବନରେ କି ସୁଖ ? ଏକଥା ସତ ଯେ, ଜୀବନ ମରଣ ଉପରେ କାହାର ଆୟତ୍ତ ନାହିଁ । ଶରୀରର ରୋଗ ଉପରେ ବି ଅନେକ ସମୟରେ ଆୟତ୍ତ ନଥାଏ । ତେବେ ଜଣେ ପ୍ରିୟ ମଣିଷର ବିଚ୍ଛେଦରେ ଜୀବନଟା ଯେ ମୂଲ୍ୟହୀନ ହୋଇଯିବ, ସେକଥା ଅକ୍ଷରେ ଅକ୍ଷରେ ସତ୍ୟ । କେମିତି କେଜାଣି ଅନେକ ଅଛନ୍ତି, ନିଜ ସ୍ୱାମୀ ମାନଙ୍କୁ ଛାଡି ଓଡିଶାରେ ତିନି ଚାରି ମାସ ଲେଖାଏଁ ରହିଯାଉଛନ୍ତି ସେମାନଙ୍କ ସ୍ୱପ୍ନର କାମ କରିବା ପାଇଁ । କିଏ ଯାଇ ଆଦିବାସୀ ମାନଙ୍କର ଉତ୍‌ଥାନ ପାଇଁ କାମ କରୁଛି ତ, କିଏ ଯାଇ ଅନାଥାଶ୍ରମ, ବସ୍ତି ପ୍ରଭୃତିରେ ଜୀବନଯାତ୍ରାର ସୁଗମତା ପାଇଁ ସ୍ୱେଚ୍ଛାସେବୀ ଭାବେ କାମ କଲାଣି । ହେଲେ ନିଜ ପ୍ରିୟ ମଣିଷ ବିଷୟ କେମିତି ଭୁଲିଯାଆନ୍ତି? ସେ ମଣିଷର ଦେହ, ଖାଇବା, ପିଇବା, ମାନସିକ ସୁଖ କେମିତି ଭୁଲିଯାଆନ୍ତି ? ଆଦ୍ୟ ଜୀବନରେ ସେମିତି ବିଚ୍ଛେଦ ଦୁଃଖ ସହିଛି ଛନ୍ଦା, ସେଥିପାଇଁ ସିଏ ଅନୁଭବ କରିଛି ଏ ସବୁ କେତେ କଷ୍ଟକର । ସାଥୀଟିଏ ବିନା ଜୀବନ କେତେ ମୂଲ୍ୟହୀନ ଲାଗେ । ଯଦି ସଂପର୍କ ଗଢିଲ, ସେ ସଂପର୍କର ସମ୍ମାନ ତ ମେଣ୍ଟେଇବାକୁ ପଡିବ । ନହେଲେ ଜୀବନରେ ଏକୁଟିଆ ରହିବାର ସିଦ୍ଧାନ୍ତ ନେଇଯାଇଥାଆନ୍ତୁ । ଆଉ କାହା

ଜୀବନରେ ଆସିବାର ଦରକାର କଣ ଥିଲା ? ସେଇକଥା ହିଁ ସିଏ ସ୍ମରଣ କରେ । ଯଦି ଆଉ କାହା ଜୀବନରେ ଆସିଛ, ତା' ସହିତ ସାରାଜୀବନ ବିତାଇବାର ସଂକଳ୍ପ ନେଇଛ, ବେଦୀ ଉପରେ ଅଗ୍ନି ଦେବତାଙ୍କୁ ସାକ୍ଷୀ ରଖି ସାତଫେରି ନେଇଛ, ତେବେ ସେ ମଣିଷଟିକୁ ଆପଣାର କରି ରଖିବ, ନିଜ ପ୍ରତିଜ୍ଞା ପାଳିବ । ସାଙ୍ଗ ଜଣେଜଣେ ପ୍ରତିବାଦ କରନ୍ତି, "ମତେ ତ ବାପା ବାଧ୍ୟକରି ବାହା କରିଦେଲେ । ନହେଲେ ତ ମୋର ଜମା ବାହାଘର ପ୍ରତି ମନ ନଥିଲା । ପୁଣି ସେ ସମୟରେ ଆସି ସମସ୍ତଙ୍କୁ ଛାଡି ଏ ବିଦେଶରେ ଦିନ କେଟେଇବା ଯେ କେତେ କଷ୍ଟ, ଯିଏ ଭୋଗିଛି, ସିଏ ଜାଣେ । ଆଜିକାଲି ଝିଅମାନେ ତିରିଶି ନ ପୂରିଲେ ବାହା ହେବା କଥା ଭାବୁ ନାହାନ୍ତି । ହେଲେ ମୋ ବାପା, ମୋର କଲେଜ ନ ସରୁଣୁ, ମତେ ବାହା କରେଇଦେଲେ ।"

ଛନ୍ଦା ବୁଝେ । ଏମିତି ଏକ ସମୟ ଥିଲା, ଯେତେବେଳେ ଦୂରରେ ଥାଇ ପ୍ରିୟଜନଙ୍କ ସହିତ ସଂପର୍କ ରଖିବା କଠିନ ଥିଲା । ସେସବୁ ଏବେ ବଦଳିଯାଇଛି । ଗୋଟିଏ ଦୃଷ୍ଟିରୁ ସେଇଟା ଅତି ଭଲ ପରିବର୍ତ୍ତନ ଘଟିଛି ।

ଆଉ ଅନେକଙ୍କ ଜୀବନରେ ଝଡଝଞ୍ଜା ଆସେ । ସଂପର୍କ ବଦଳିଯାଏ । ମଣିଷ ପରିବେଶ ଓ ପରିସ୍ଥିତିର ଆୟତ୍ତରେ

ଆସିଯାଇ କେତେବେଳେ ଛୋଟବଡ ଭୁଲ୍ କରିପକାଏ । ସେଇଠୁ ସଂପର୍କ ଭାଙ୍ଗିଯାଏ । ତାପରେ ଆଜିକାଲି ଯେମିତି ଡିଜିଟାଲ୍ ଯୁଗ ହେଲାଣି, ସେଠିତ ଲଗେଇଯତେଇ ଘଟଣା ଘଟେଇବାକୁ ଅନେକ ଡିଜିଟାଲ୍ ମାଧ୍ୟମ ଅଛି, କୌଶଳ ଅଛି । କିଏ କାହାର ରାଗ ସୁଝେଇବାକୁ କେତେବେଳେ କଣ କରିପକାଉଛି ଯେ, ଆଉ ଜଣକର ଜୀବନ ସେଠି ଭାଙ୍ଗି ଚୁର୍‌ମାର୍ ହୋଇଯାଉଛି ।

ଘଣ୍ଟାରେ ବାରଟା ବାଜିଲାଣି । ଆକାଶ କାହିଁକି ଡାକୁନାହାନ୍ତି । କଣ ଏମ୍.ଆର୍.ଆଇ. ସରିନି ନା କଣ ? ଛନ୍ଦା ଟେକ୍‌ସ୍ଟ୍ କଲା । ଆକାଶ ଟେକ୍‌ସ୍ଟ୍ କରି ଜଣେଇଲେ, ଏମ୍.ଆର୍.ଆଇ. ସରିଯାଇଛି, ହେଲେ ତାର ଫଟୋ ସବୁ ଆସିନି । ଫଟୋ ଆସିବା ପରେ ଡାକ୍ତର ଆସି ଦେଖିବେ । ତାପରେ ସେମାନେ ଜଣେଇବେ ।

"ମଲା, ଫଟୋଟା ଆସିବା ପାଇଁ ଏତେ ଡେରି । ମୋର ମିଟିଙ୍ଗ୍‌ଟିଏ ଅଛି ଗୋଟାଏ ବେଳେ। ସେଠି ସବୁ କାମ ସରିଗଲେ ମତେ ଟେକ୍‌ସ୍ଟ୍ କରି ଜଣେଇବ ।"

କେତେ ଭଲ ଲୋକ ସତରେ ନଥିଲେ ମ ଆକାଶ । ଏଇ ମନ୍ଦିର ଗଢ଼ିବା ନେଇ, ତାଙ୍କର ଆଗ୍ରର ବ୍ୟବହାର ମଧ୍ୟ ଅନେକଟା ବଦଳଗଲାଣି । ବହୁତ ସମୟରେ ରୁକ୍ଷ ବ୍ୟବହାର କରୁଛନ୍ତି । ବେଳେବେଳେ ଭିକାରୀ ସାଜୁଛନ୍ତି ଯେଉଁଟାକ ଛନ୍ଦା ପାଇଁ ଅସହ୍ୟ ହୋଇପଡୁଛି। ଛନ୍ଦାର ମତରେ, "ଭଗବାନ ତ ଆମକୁ ହାତଗୋଡ ଦେଇଛନ୍ତି । ମୁଣ୍ଡର ବୁଦ୍ଧି ବି ଦେଇଛନ୍ତି । ଆମର ଯେତିକ କ୍ଷମତା ଅଛି, ଆମେ ପରିଶ୍ରମ କରିବା, କାହା ଆଗରେ ହାତ ପତେଇବାନ । ଭଗବାନଙ୍କ ଅନୁଗ୍ରହରୁ ଆମର ଗ୍ଚକରି ଅଛି, ଆମେ ଭଲରେ ଅଛନ୍ତି । ଅନ୍ୟକୁ ଯେତିକ ସାହାଯ୍ୟ କରିବାର କ୍ଷମତା ଅଛି, କରିପାରୁଛନ୍ତି । ଦାନ ଧର୍ମ ବି କରିପାରୁଛନ୍ତି । ଆଉ କଣ ଦରକାର ? ତେବେ ସତ କଥା ହେଲା, କେବଳ ଆମର ଆୟରେ ମନ୍ଦିର ତୋଳବାର କ୍ଷମତା ଆମର ନାହିଁ । ଆମର ଯଦି ସେଇଭଳ ଆୟ ନାହିଁ ଆମେ ଆମ ଆୟ ବହିର୍ଭୂତ କାମରେ ମୁଣ୍ଡ ପୂରେଇବା କାହିଁକ ଓ ଭିକାରୀ ସାଜିବା କାହିଁକ ?"

ହେଲେ ଛନ୍ଦା କଛି ବି କହିଲେ, ଆକାଶ ଏମିତି ପ୍ରଚଣ୍ଡ ରୌଦ୍ର ରୂପ ଧାରଣ କରୁଛନ୍ତି ଯେ, ଯିଏ କେହି ଭ୍ବିବ ସତେକଆକାଶଟା ଖଣ୍ଡଖଣ୍ଡ ହୋଇ ତଳେ ପଡିଗଲା । ଯଦିଓ କୋଭିଡ୍ ପାଇଁ ବି ଲୋକଙ୍କର ଅନେକ ମନସ୍ତାତ୍ତ୍ୱିକ ପରିବର୍ତ୍ତନ ଦେଖାଦେଉଛି, ତେବେ ଏ କୋଭିଡ୍ ସମୟରେ ଏମିତି ମନ୍ଦିରର ପରିକଳ୍ପନା ଆଉ ଗୋଟିଏ ଚନ୍ତାର ବିଷୟ । କନ୍ତୁ ଏ ଆମେରିକା ଦେଶରେ ଅନେକ ବଡବଡ କଥା ତ ସେଇ ଭିକ୍ଷାକୁ ସମ୍ବଳ କରି ହୁଏ । ଏ ଦେଶରେ ସେ ମାଧମର ନାଁ ହେଲା "ଫଣ୍ଡରେଜିଙ୍ଗ୍" । ଅନେକ ବଡବଡ ସଂସ୍ଥା ସେଇ "ଫଣ୍ଡରେଜିଙ୍ଗ୍" ମାଧମକୁ ପାଥେୟ କରି ଗ୍ଷ୍ଟ୍ରୀୟ, ଅନ୍ତଗ୍ଷ୍ଟ୍ରୀୟ ସ୍ତରରେ ଅନେକ କଠିନ ସମସ୍ୟାର ସମାଧାନ କରନ୍ତି । ସେଇ ସବୁ ଉଦାହରଣ ଦେଇ ଆକାଶ ବୁଝାନ୍ତି । "ଏଇଟା ଭିକ୍ଷା ନୁହେଁ, ଏଇଟା ସମାଜର କାମ ପାଇଁ ସମସ୍ତଙ୍କର ସହଯୋଗର ପ୍ରଚେଷ୍ଟା, ମାନେ, ସମବାୟ ପ୍ରତିଷ୍ଠାନ ।

ମନେ ପଡିଯାଉଥିଲା ସେ ସ୍ତ୍ରୀ ଲୋକଟିର କଥା । ସିଏ ଆକାଶଙ୍କ ଗାଁ ପାଖ କେଉଁ ଗାଁର । ଆକାଶଙ୍କ ଭଉଣୀର ସାନ ଯା' ମେନକାର ଦୂର ସଂପର୍କୀୟ ଭଉଣୀ । ତା' ନାଁ ସୁଷମା । ତା' ମୁଣ୍ଡର ତାଙ୍କ ଗାଁରେ ଗୋଟିଏ ଜଗନ୍ନାଥ ମନ୍ଦିର ଗଢ଼ିବାର ଝୁଙ୍କ ପଶିଥିଲା । ଛନ୍ଦା ଓ ଆକାଶଙ୍କର ଗାଁକୁ ଆସିବା ଖବର ପାଇ ଗ୍ଚଲିଆସିଥିଲା ଟଙ୍କା ସାହାଯ୍ୟ ମାଗିବାକୁ। ତା' ପାଟିରେ ବାଟୁଳ ବାଜୁନଥିଲା । ପୂର୍ ପାଗଳୀଙ୍କ ଭଳ ଗପି ଯାଉଥିଲା । "ସିଏ ପର୍ ମତେ

ଗତିରେ ବି ଶୁଆଇ ଦେଉନାହାନ୍ତି । ଖାଲି ପଚାରୁଛନ୍ତି - ମନ୍ଦିର କେବେ ପୂରା କରିବୁ ? ଉଠୁ, ଯା, ମନ୍ଦିର ପାଇଁ କାମରେ ଲାଗିଯା ।" ଛନ୍ଦା ପଚାରିଥିଲା, "ସିଏ କଏ?" । ସୁଷମା କହୁଥିଲା, "ସିଏ କଏ? ମଲା, ସିଏ ପରା ସେଇ ଜଗନ୍ନାଥ । ତମେ ଏତିକ ଜାଣିପାରୁନ?"

ସତରେ ଛନ୍ଦା ବୁଝିପାରୁନଥିଲା । ଦୁନଆରେ ଏତେ କରିବାପଣିଆର ମଣିଷ ଥାଉଥାଉ ଜଗନ୍ନାଥ ଏ ସୁଷମାକୁ ତାଙ୍କ ମନ୍ଦିର ତୋଳେଇବାକୁ କାହିଁକ ବାଛିଲେ । ତା' ପାଖରେ ଧନ ତ ନାହିଁ, ନା ଅଛି ଚାକରି କ ଅନ୍ୟ କଛି ଆୟ କରିବାର କ୍ଷମତା । ଏଣେ ତା' ସ୍ୱାମୀଟି ମଦୁଆ । ଏମିତି ମାଗିଯାଚ ମନ୍ଦିର କରିବା ପାଇଁ ଭଗବାନ ତା' ମୁଣ୍ଡର ବସା ବାନ୍ଧିଲେ । ତାକୁ ଖାଲି ସ୍ୱପ୍ନରେ ଦେଖା ଦେଉଛନ୍ତି ।

ସେଇ କଥା କଥାବାର୍ତ୍ତା ହେଉଥିବା ବେଳେ, ଯା' ଜଣେ କହିଲେ, "କଏ ଜାଣେ ଏ ଠାକୁରଙ୍କ ଲୀଳା । ମୀରାଙ୍କୁ ତ ସମସ୍ତେ ବାୟାଣୀ କହୁଥିଲେ ନା । ହେଲେ ସେ ଠାକୁରଙ୍କର ପ୍ରମୁଖ ଭକ୍ତ ହୋଇ ବାହାରିଲେ । ହୁଏତ ଇଏ ସେମିତି ଠାକୁରଙ୍କର ଆଉ ଏକ ଲୀଳା ।"

ଏବେ ଆକାଶଙ୍କୁ ଦେଖିଲେ, ସେଇ ସୁଷମା କଥା ମନେ ପଡିଯାଏ ଛନ୍ଦାର । ସତରେ କଣ ଆକାଶଙ୍କୁ ଠାକୁର ବାଉଳା କରୁଛନ୍ତି ? ଯଦିଓ ଠାକୁରଙ୍କ ଇଚ୍ଛା ବିନା ଏ ସଂସାରରେ କଛି ବି ଘଟେ ନାହିଁ, ତେବେ ଠାକୁର ଯଦି ଆକାଶଙ୍କ ମୁଣ୍ଡର ଏମିତି ଏକ ଝୁଙ୍କ ପୂରେଇଛନ୍ତି, ତେବେ ସେ ଝୁଙ୍କଟିକୁ ସାର୍ଥକ କରେଇବାରେ ଏତେ ବାଧାବିଘ୍ନ କାହିଁକ ଆଣୁଛନ୍ତି ? ଆଉ, ଛନ୍ଦା ମୁଣ୍ଡର କାହିଁକ ବିପରୀତ ବୁଦ୍ଧି ପୂରେଇଛନ୍ତି ?

ସେଇ କଥା ଭାବି ଛନ୍ଦା ବାରମ୍ବାର ଠାକୁରଙ୍କୁ ସ୍ମରଣ କରୁଥିଲା ଓ ଆକାଶଙ୍କର ସୁସ୍ଥତା କାମନା କରୁଥିଲା । "ହେ ପ୍ରଭୁ, ତୁମର ଯଦି ତାଙ୍କ ଦ୍ୱାରା ମନ୍ଦିର କରାଇବାର ଅଛି ତେବେ କରାଅ । ହେଲେ ଏତେ ବାଧାବିଘ୍ନ ଆଣନ । ଜୀବନକୁ ଏମିତି ହନ୍ତସନ୍ତ କରନ । ଆମେ ଜାଣିଛୁ ତମେ ଜଣେ ହଟିଆ ଠାକୁର । ସେଇ କଥା କରେଇବ, ହେଲେ ହଟ କରି କରେଇବ । ସେଇଥିରେ ତମେ ମଜା ନଅ । ତେବେ ତମକୁ ମୋର ଏଇ ବିନତି ପ୍ରଭୁ, ଆଉ ଦୁଃଖ ଦିଅନ । ଅନେକ କଷ୍ଟ ସହିସହି ଆଜି ଆମେ ଏମିତି ଏକ ବୟସରେ ନଜ ପାଇଁ କଛିଟା ସୁଖ ଅନୁଭବ କରିବାର କାମନା କରିଥିଲୁ । ଆଉ ସେ ସମୟରେ ତମେ କରୋନାକୁ ଭିଆଇଲ । ତମ ଦ୍ୱାରା ପରିଚାଳତ ଏ ପୃଥିବୀର ଅନନ୍ୟ

ସୌନ୍ଦର୍ଯ୍ୟ ସବୁ ଦର୍ଶନ କରି ଯେଉଁ ସୁଖର ଆଶା ଆମେ ରଖିଥିଲୁ, ତାହା ତ ହେଉନ, ତା' ଭିତରେ ମନ୍ଦିରଟିଏ ଗଢି ସେଠି ସାତ୍ତ୍ୱିକ ବାତାବରଣରେ କଛିଟା ସମୟ ବିତାଇ ଯେଉଁ ଆଧାତ୍ମିକ ସୁଖ ଅନୁଭବ କରିବାକୁ ଆଶା ପୋଷଣ କରିଥିଲୁ, ସେଥିରୁ ବି ବଞ୍ଚିତ କରୁଛ । କାହିଁକ**?"**

ଏ ଭିତରେ ଛନ୍ଦା ଭାତ ବସେଇଦେଲା ଓ ବାଇଗଣ ସିଝେଇଦେଲା ।

ଦିନ ସାଢେ ଗୋଟାଏ ବେଳକୁ ପୁଣି ଥରେ ଆକାଶ ଜଣେଇଲେ ଯେ, ଏବେ ଡାକ୍ତର ଏମ୍.ଆର୍.ଆଇ. ରିପୋର୍ଟ ଦେଖିସାରିଲେଣି । ସବୁ ଠିକ୍ ଅଛି । ଏବେ ଛନ୍ଦା ଆସିଲେ ସିଏ ଘରକୁ ଫେରିଆସିବେ । ଛନ୍ଦା ଘରୁ ବାହାରିଗଲା । ହସ୍‌ପିଟାଲ୍ ଜମା କୋଡିଏ, ପଚିଶି ମିନଟ୍‌ର ବାଟ । ହସ୍‌ପିଟାଲରେ ପହଞ୍ଚି ସିଏ ଇନ୍‌ଫରମେସନ୍ କାଉଣ୍ଟରରେ ପଗ୍ଭରିବାକୁ ଯାଉଛି ତ, ସେପଟେ ଦେଖିଲା ବେଳକୁ ଭିତରୁ ଆକାଶ ବାହାର ଆଡକୁ ଆସୁଛନ୍ତି । ହଠାତ୍ ସିଏ ଅଟକ କାହା ସହିତ କଥାବାର୍ତ୍ତା କରିବାରେ ମଜ୍ଜିଗଲେ । ଛନ୍ଦା ଦେଖିବା ବେଳକୁ ସିଏ ଅରୁଣା । "ଆରେ ଅରୁଣା, ତମେ ଏଠି କଣ ହେଇଛି **?** ସବୁ ଠିକ୍ ଅଛି ତ**?** ଏତେ ଦୁର୍ବଳ ଦିଶୁଛ ଯେ ।"

ଅରୁଣାକୁ ଚହ୍ନି ହେଉନଥିଲା । ସିଏ ବହୁତ ଝଡିଯାଇଥିଲା । ସିଏ କହିଲା, "ଅପା, ମୋ ଦେହରେ ହିମୋଗ୍ଲୋବିନ୍ ବହୁତ କମ୍ । ସେଥିପାଇଁ ହୁଏତ ମୋର ରକ୍ତଦାନର ଆବଶ୍ୟକତା ପଡିପାରେ । ଆଜି ଡାକ୍ତର କଣ କହିବେ କେଜାଣି**?"**

ଅରୁଣା ଆକାଶଙ୍କୁ ପଗ୍ଭରିଲା, "ଆଛା ଭାଇନା, ଆପଣଙ୍କର କଣ ହେଲା **?"**

"ନା, ସେମିତି କଛି ନୁହେଁ । ଦେହଟା ଟିକେ ଖରାପ ଲାଗିଲା ତ ମୁଣ୍ଡର ଭୟ ପଶିଗଲା । ତାପରେ ବୟସ ହେଲାଣି । ତେଣୁ ଛୋଟଛୋଟ କଥା ବି ମନରେ ଭୟ ଜାଗ୍ରତ କରାଉଛି।"

ଏମିତି କହି ଅରୁଣାଠାରୁ ବିଦାୟ ନେଇ ସେମାନେ ଘରକୁ ଫେରିଲେ । ଘରେ ପହଞ୍ଚି ଆକାଶ ଗାଧୁଆପାଧୁଆ ଓ ଖିଆପିଆ କରି ବିଶ୍ରାମନେଲେ । ତାଙ୍କର ରକ୍ତ ଗ୍ରୁପ, ରକ୍ତ ଶର୍କରା ସବୁ ଠିକ୍ ଥିଲା । ଏବେ ଜଣା ପଡିଲା, ବ୍ଲଡ୍ ପ୍ରେସର୍ ମେଡିସିନ୍‌ର ପାର୍ଶ୍ୱ ପ୍ରତିକ୍ରିୟାର ପରିଣାମ ସ୍ୱରୂପ ଆଜି ସକାଳେ ସିଏ ଏମିତି ଅନୁଭବ କରୁଥିଲେ । ସେଦିନ ସନ୍ଧ୍ୟା ବେଳକୁ ପିଲାମାନଙ୍କ ସହିତ ଏ ବିଷୟ କହିବା ବେଳେ ଛନ୍ଦା କାନ୍ଦି ପକେଇଲା ।

ଏବେ ବି ସେ ଧକ୍କାରୁ ନିଜକୁ ମୁକ୍ତ କରିପାରିନଥିଲା ସିଏ । ଯେତେବେଳେ ଆକାଶ କହିଲେ, "ମତେ କାହିଁକି କେମିତି କେମିତି ଲାଗୁଛି, ହୁଏତ ଷ୍ଟ୍ରୋକ୍ ହୋଇପାରେ" ଓ ତା ପରେ ଗାଧୁଆଘରର ଚଟାଣ ଉପରେ ପଡିଗଲେ, ସେ ମୁହୂର୍ତ୍ତରେ ମନେହେଲା, ଯେମିତି କିଛିଗୋଟିଏ ବଡ ବିପଦ ମାଡିଆସୁଛି । "ଏ ଘର, ଏ ଜୀବନ, ଯେତେ ସବୁ ସଂପର୍କ, ଯେତେ ସବୁ ଇଚ୍ଛା, ସେସବୁର ଅର୍ଥ ଆଉ କଣ, ଯଦି ଜୀବନର ରହିବା, ନରହିବା ହିଁ ପ୍ରଶ୍ନବାଚୀ ।" ଯଦି ଜୀବନ ଅଛି, ତେବେ ସେସବୁର ଭୂମିକା ଅଛି, ଅର୍ଥ ଅଛି, ଆବଶ୍ୟକତା ଅଛି । ଯେତେବେଳେ ଜୀବନ ନାହିଁ, ସବୁ ମୂଲ୍ୟହୀନ ।

ବଡ ଝିଅ ବୁଝେଇଲା, "ତମେ କଣ ପାଇଁ ଏତେଟା ଦାୟିତ୍ୱ ନେବାକୁ ଚାହୁଁଚ ? ଯେ କୌଣସି ଜିନିଷ ଯଦି ସମାଜ ପାଇଁ କରିବାକୁ ଚାହୁଁଚ, ତେବେ ସମାଜର ଅନ୍ୟ ଲୋକମାନେ ବି ତାହା ଚାହିଁବା ଉଚିତ ଓ ସେଥିରେ ନିଜନିଜର ଭୂମିକା ରଖିବା ଉଚିତ । ନହେଲେ, ତମେ କିଛି କରିଦେଲେ ବି ଯଦି କିଛିଦିନ ପରେ ତା' ଅବ୍ୟବହୃତ ହୋଇ ରହିବ, ସେ କରିବାରେ ଲାଭ କଣ ? ଯେତେ ସବୁ ମନ୍ଦିର ସମ୍ବନ୍ଧୀୟ ଦାୟିତ୍ୱ, ସେସବୁକୁ ଭାଗ କରିଦିଅ ଓ ଅନ୍ୟ ଯେଉଁମାନେ ତମ ସହିତ ଅଛନ୍ତି, ସେମାନଙ୍କୁ ଦେଇଦିଅ । ଭାବ, ତମର ଯଦି କିଛି ହୋଇଯିବ, ତେବେ ତମେ ତ କିଛି କରିବନି । ଅନ୍ୟ ସବୁ କାମ କେମିତି ହେବ ? ଏବେ ସେସବୁ କାମ ସେମିତି ହିଁ ହେଉ । ଯେମିତିକି ତମେ ନାହଁ ଓ ସବୁ କାମ ହେଉଛି ।"

"ତୋର ଏତେ ଚିନ୍ତା କରିବାର ନାହିଁ । ସେସବୁ କିଛି ନୁହେଁ । ମଣିଷ ବୟସ ହେଲା, ଦେହରେ ତ ରୋଗ ଆସିବ । ସିଏ କଣ ଗୋଟିଏ ନୂଆ କଥା ? ସମସ୍ତେ ପୁଣି ମେଡିସିନ୍ ଖାଇକି ଜୀବନ ସହିତ ଆଡ୍‌ଜଷ୍ଟ କରି ରହୁଛନ୍ତି ନା ମୁଁ ଏକା ? ସମସ୍ତେ ତ ମନ୍ଦିର କରୁନାହାନ୍ତି । ତାହେଲେ ସେମାନଙ୍କର ମାନସିକ ଚାପ କୁଆଡୁ ଆସୁଛି ଯେ ସେମାନଙ୍କର ଏତେ ସମସ୍ୟା ହେଉଛି । ଯାହାର ଯେତେଦିନ ଆୟୁଷ ଥିବ, ସେତେଦିନ ରହିବ, ନହେଲେ ଯେତେବେଳେ ଯିବାର ଥିବ ଯିବ ।"

ଝିଅ ଆଉ କଣ କହିବ ?

ଏ ମଣିଷ ବି ସେମିତି ।

ଆକାଶ ବି କେତେକାଂଶରେ ଠିକ୍ କହୁଥିଲେ । ମନେ ପଡିଯାଉଥିଲା ଗଣ ଭାଇଙ୍କ କଥା । ଏଇତ ପନ୍ଦର ଦିନ ତଳେ ପ୍ରାଣ ତ୍ୟାଗ କଲେ । ବିଶ୍ୱାସ ବି ହେଉନଥିଲା, ଏତେ ସ୍ୱପ୍ନ

ଦେଖୁଥିବା ମଣିଷଟା, ନିଜ ଝିଅ ବିଭାଘର ପାଇଁ ପ୍ରସ୍ତୁତି କରୁଥିବା ମଣିଷଟା ହଠାତ୍ ଏମିତି ହୃଦ୍‌ଘାତରେ ପ୍ରାଣ ହାରି ଦେବ । ହୃଦ୍‌ଘାତ ଏମିତି ଜିନିଷ କେତେବେଳେ କଣ ହୋଇଯିବ, ସାରା ଦୁନିଆଟା କ୍ଷଣକରେ ଓଲଟପାଲଟ ହୋଇଯିବ, ଜଣାପଡିବନି । ଏମିତିରେ ଗଣ ଭାଇଙ୍କର ସେମିତି କିଛି ଲକ୍ଷଣ ନଥିଲା ଯେ ତାଙ୍କର ଏମିତି ଏକ ରୋଗ ଅଛି ବୋଲି କିଏ ଆଶଙ୍କା କରିବ । ସିଏ ସବୁବେଳେ ସ୍ୱାସ୍ଥ୍ୟ  ସଚେତନ, ଖାଇବାରେ ବି ତାଙ୍କର ଯଥେଷ୍ଟ ନିୟନ୍ତ୍ରଣ, ଏପଟ ସେପଟ କରି ମେଞ୍ଚାଏଁ ଲେଖା ଖାଇ ଯାଆନ୍ତିନି, ଠିକ୍ ବେଳେ ଖାଇବା, ଶୋଇବା, ଉଠିବା, ବସିବା । ସବୁବେଳେ ହସହସ । ନା ତାଙ୍କର ପେଟ ବାହାରିଥିଲା, ନା ସିଏ ଶକ୍ତିହୀନ ମନେ କରୁଥିଲେ । ସକାଳେ ଦୌଡୁଥିଲେ । ସନ୍ଧ୍ୟାରେ ନିୟମିତ ତାଙ୍କ ଘର ଜିମ୍ ରେ ବ୍ୟାୟାମ କରୁଥିଲେ । ତାଙ୍କର ନିଶାପାଣି, ମଦ କିଛି ବି ଅଭ୍ୟାସ ନଥିଲା । ଏମିତି ଲୋକଙ୍କର ଏମିତି ଗୋଟିଏ ସାଂଘାତିକ ରୋଗ ଥିବବୋଲି କିଏ ବା ଜାଣିବ ? ଲୋକଙ୍କର ଦୁନିଆଁ ଖରାପ ଅଭ୍ୟାସ ଥାଇ ବି ଭଲରେ ଅଛନ୍ତି, ଆଉ ଗଣ ଭାଇଙ୍କ ଭଳି ମଣିଷ, ଏତେ ସତର୍କ ରହି ମଧ୍ୟ, ହୃଦ୍‌ଘାତ ଭଳି ମାରାତ୍ମକ ରୋଗ ତାଙ୍କ ଜୀବନ ନେଇଗଲା ?

ସେଇ କଥା ବୁଝିପାରେନି ଛନ୍ଦା । ବେଳେବେଳେ ଆକାଶଙ୍କ ଯୁକ୍ତି ତାକୁ ଠିକ୍ ଲାଗେ । ସାଧୁମାନେ କହନ୍ତି, "ସେସବୁ ପ୍ରାରବ୍ଧ କର୍ମ" । ବୈଜ୍ଞାନିକ ମାନେ କହନ୍ତି, "ସେଇଟା ଜେନେଟିକ୍ କୋଡ୍" ଅର୍ଥାତ୍ "ଆନୁବଂଶିକ ଢାଞ୍ଚା" ।

ଠିକ୍ କଣ ? ଭୁଲ୍ କଣ ? ସିଏ ସବୁ ବିଶ୍ୱାସର କଥା । ଅନୁଭବର କଥା । ଯୁକ୍ତି କରି ତାକୁ ବୁଝିହୁଏନି କି ବୁଝେଇ ହୁଏନି । ଏବେ ସମସ୍ତଙ୍କୁ ନିଜ ବିଶ୍ୱାସ ଉପରେ ଛାଡିଦେବା ଉଚିତ୍ ।

ଯାହାବି ହେଉ, ଏ ଶଙ୍କିତ ସକାଳର ସମାପ୍ତି ଘଟିଲା । ସେଇଟା ହିଁ ଠିକ୍ ହେଲା ।

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ଅବତାର



ଶାନ୍ତିଲତା ମିଶ୍ର

ଜାଣିଛ କ କଏ ଗଢିଅଛି ସେଇ ଶବ୍ଦ
ଯା'ର ନାମ ଟି ଈର୍ଷା !
ତା ପାଇଁ ହେଉଛି ଅକାଳେ ସକାଳେ
ଏ ସଂସାରେ କେତେ ଯେ ବର୍ଷା ।।
କେବେ ଆଖିରୁ ତ କେବେ ମନରୁ,
ଝରୁ ଅଛି ଝରଝର ନମାନ ମନା ।
ତାର ଅଛି ମୋର ନାହିଁ, ଏହି ଯନ୍ତ୍ରଣା
ଜଳାଏ ନିତି, ମୋତେ ସହି ହୁଏନା ।।
ଭଉଣୀ, ଭଉଣୀ ଭିତରେ ସୃଷ୍ଟି କରି ଦିଏ
ଏକ ଅଦେଖା ଅଭେଦ୍ୟ ପ୍ରାଚିର ।
ଆଉ ସୃଷ୍ଟି କରିଦିଏ ମନ ତଳେ କ୍ଷତ
ନାହିଁ ଉପସମ ଯାହାର ।।
ସ୍ୱାମୀ ସ୍ତ୍ରୀ ମଧ୍ୟେ ଫାଙ୍କ କରି ଦେଇ
ଦୂରେଇ ଦିଏ କାହିଁ କେତେ ମାଇଲି ।
ହିମାଳୟ ଆସି ଠିଆ ହୋଇ ଯାଏ
ଭାଇ ଭାଇ ମଝିରେ କେବେ କେମିତି ।।
ପୁରୁଣାର ମିଠା ବନ୍ଧୁତ୍ୱ ଭୁଲେଇ ଦେଇ
ଅସ୍ତ୍ରେ ସମାଧାନ କରାଇବାକୁ କରଇ ବାଧ୍ୟ ।
ଧରାରେ ନିର୍ବିଘ୍ନେ, ନିର୍ଭୟେ ବିଚରଣ କରୁଅଛ
ତୁମର ନାହିଁ ଅନ୍ତ ଆଉ ନାହିଁ ଆଦ୍ୟ ।।

ହେ ଈର୍ଷା! କଣଦରେ ଆସି ମନ ଗହନକୁ
ବିସ୍ତାରି ଚାଲ ନିଜ ପ୍ରଭୁତ୍ୱ ।
ନିମିଷେ ଆୟତାଧୀନ କରି ନିଅ ମଣିଷକୁ
ଭୁଲାଇ ଦେଇ ତାର ନିଜତ୍ୱ ।।
ତୁମେ ଦେବୀ କି ମାନବୀ ଜାଣେ ନାହିଁ
କିନ୍ତୁ କରୁ ଅଛି ଦୂରୁ କୋଟି ଜୁହାର ।
ଦୟାକର ମତେ ମୋ ଠାରୁ ରୁହ
ଲକ୍ଷେ ଯୋଜନ ଦୂର ।।
ତୁମକୁ ନେଇ ସମ୍ଭାଳିବା ଦୂରୁହ
କାର୍ଯ୍ୟ ହେବ ମୋ ପକ୍ଷେ ।
ଯେମିତି ଅଛି ଶାନ୍ତିରେ ଅଛି
ମିଳୁ ବା ନମିଳୁ କିଛି ସ୍ୱର୍ଗ ସୁଖ ।।

ରଚେଷ୍ଟର, ମିନେସୋଟା

# ଭିନ୍ନ ଏକ ପାର୍ବଣ



ସୁସ୍ମିତା ମହାପାତ୍ର

ତାଲ୍ ଫିଟିଅଛି ସହର ବଜାରୁ
ଆଶ୍ୱାସ ମନେଭରେ,
ଦ୍ୱନ୍ଦ୍ୱରେ ଭର୍ ଜଟିଳ ଜୀବନ
ନିଃଶ୍ୱାସ ଛାଡେ ଧୀରେ ।
ଆସ୍ତେ ଆସ୍ତେ ଅଶିଣାଗମନେ
ଶୁଦ୍ଧ ହେଉଛି ବାଆ,
ସତେଜ ହେଉଛି ତନୁମନ ଆମ
ଆସିବୁ ବୋଲିତୁ ମାଆ ।
ନଈ ଧାରେଧାରେ ଅତି ସର୍‌ଗରେ
କାଶତଣ୍ଡୀ ଫୁଲେ ପଥ,
ସଜାଇଛି ଧର୍ ଭେଦୁଅରୁ ପର୍
ଆସିବ ବୋଲିତୋ ରଥ ।
ଆବାଳବୃଦ୍ଧ ବନିତା ପର୍ଣେ
ଅଙ୍କୁରେ ଖୁସି ବୀଜ,
ଧଳାଧଳା ଭେଳା ବଉଦେ ଶରତ
ଆକାଶ ହେଲ୍ଣି ସଜ ।
ଅବଗାହୀ ସତେ ଗଛବୃଛୁଯେତେ
ତଟିନୀରେ ତୋଫା କଈଁ,
ଛନ୍ନ ବିତାନେ ତାର୍‌ଫୁଲ ଯେହ୍ନେ
ରହିଥାନ୍ତି ର୍‌ହା ଗୃହିଁ ।
ତଥାପି କାହିଁକି ସଂଶୟ ଘାରେ
ଅସ୍ଥିର ହୁଏ ମନ,

କରୋନା କୋରଡ଼ା, ଅମିକ୍ରନ ପରେ
କା'ର ହେବ ଆଗମନ ।
ଦୋହରିବ ପୁଣି ଦାନବର ସେଇ
ଉଗ୍ର କରାଳ ରୂପ,
ଚଳ ଚଞ୍ଚଳ ଆମ ଅଞ୍ଚଳ
ସାଜିବ ମଶାଣି ସ୍ତୁପ ।
କିଏ ହରାଇବ ସ୍ୱାମୀ ସୁତ ସୁତା
କିଏ ବା ଜନନୀ ଜାୟା,
କିଏ ତେବେ ତୋର ପୂଜା ଉପଚାର
କରିବ ହେ ମହାମାୟା !
ଚଳୁଛୁ ସମୟ ସହିତ ସାଲିସ
କରି ଆମେ ଅହରହ,
ଲୋଡ଼ାନାହିଁ ବେଶି ହସ ଅବା ଖୁସି
ନାହିଁ କେଉଁଥିରେ ମୋହ ।
ତାଲାବନ୍ଧରେ ରହି ରହି ଆମ
ବଦଅଭ୍ୟାସ, ସୁଧୁରି ଯାଇଛି ଅଧା,
ଏଡ଼େ ସହଜରେ ଜନ ଗହଳରେ
ବିଗାଡ଼ି ଦେବାକୁ ପୂଜା ପରବରେ
ଆତ୍ମା ଦେଉଛି ବାଧା ।
ଏଣୁ, ବିନୟେ କରୁଛୁ ବାରଣ ମା' ତୋତେ
ସରଗ ପୁରରୁ ଏସନ ମରତେ
ଆସିବାକୁ ଅବତରି,
ଏଇଠୁ ଭକ୍ତି ଅର୍ଘ୍ୟ ଆମର
ଘେନ ବରଷିବୁ ଆଶିଷ ତୋହର,
ବିନା ଆବାହନେ ଅବା ବିସର୍ଜନେ
ନାଚ ଗୀତ ବାଣ ରୋଶଣି ବିହୁନେ,
ଆମେ ପାର୍ବଣ ପାଳିବୁ ସମାଜେ
ଦୂରତା ରକ୍ଷା କରି ॥

ରାଉରକେଲା, ମୋ. ନଂ: 9437503138

# ମାଆ ତୁମେ



ବିଜୟଲକ୍ଷ୍ମୀ ପାଣିଗ୍ରାହି

ମାଆ ତୁମେ ଏ ଜଗତେ
ସବୁଠୁ ସୁନ୍ଦର
କରୁଣା ପଣତ ତୋର
ଭରି ଆପଣାର ।

କଣ୍ଟା ଯେତେ ଫୁଲ ହୁଏ
ମୁଖେ ଥିଲେ ନାମ
ତୋ ମୁଖ ଦେଖିଲେ ଶୁଭ
ହୁଏ ସବୁ ଦିନ
ତୁମେ ମୋର ସୁଖ ଦୁଃଖ
ମୋ ସୁନା ସଂସାର ।
ମାଆ ମୋର......

ଅବାଟରୁ ଦିଶେ ବାଟ
ଥିଲେ କୃପା ତୋର
ଲୁହ ପିଆ ଓଠେ ସାଜେ
ସରୁ ହସ ଧାର ।
ତୁମେ ମୋ ମନ ମହକ
ପ୍ରେମ ପାର୍‌ବାର ।
ମାଆ ମୋର.....

ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ

# କରୋନାର ଅଲସାଇମର



ଶଶଧର ମହାପାତ୍ର

"ୱାସିଙ୍ଗଟନ୍ ହସ୍‌ପିଟାଲ ସେଣ୍ଟର'ର "ନ୍ୟୁରୋସାଇନ୍‌ସ' ଡିପାର୍ଟମେଣ୍ଟକୁ ଜଣେ ରୋଗୀ ଆସିଥିଲେ ଟ୍ରିଟ୍‌ମେଣ୍ଟ ହେବାକୁ ପ୍ରାୟ ଦୁଇବର୍ଷ ତଳେ । ସେ' ଅଲ୍‌ସାଇମର ରୋଗରେ ପୀଡିତା ଥିଲେ । ମହିଳା ରୋଗୀଙ୍କ ନାଁ ଥି  "ଜେନ' । ଭଲ ନାଁ "ଜେନଫର୍ ସ୍ମିଥ'। "ଜେନ'ର ସ୍ୱାମୀଙ୍କ ନାଁ ଥି  "ଡେଭିଡ୍ ସ୍ମିଥ୍' । ସେତେବେଳେ "ଜେନକୁ ପଞ୍ଚସ୍ତରୀ ବର୍ଷ ଓ "ଡେଭିଡ'କୁ ଅଠସ୍ତରୀ ବର୍ଷ । ଯେତେବେଳେ "ଜେନ'କୁ ପଚଶି ଓ "ଡେଭିଡ'କୁ ଅଠେଇଶି, ଦିହେଁ ପରସ୍ପରକୁ ଭଲପାଇ ବିବାହ କରିଥିଲେ । ଦିହେଁ ପ୍ରଥମେ ଭେଟିଥିଲେ ଡେମୋକ୍ରଟିକ କନଭେନ୍‌ସନରେ ଆମେରିକାର "ଆଟଲାଣ୍ଟା' ସହରରେ । ଛାତ୍ର ସମୟରୁ ଦିହେଁ "ଜନ୍ କେନେଡି'ଙ୍କର ନେତୃତ୍ୱକୁ ବେଶ୍ ପସନ୍ଦ କରିଥିଲେ ଓ "କେନେଡି'ଙ୍କର ଆଦର୍ଶରେ ଅନୁପ୍ରାଣିତ ହେଇଥିଲେ । ଦିହେଁ ଭୋଟ୍ ରେଜିଷ୍ଟ୍ରେସନ ବେଳେ ଡେମୋକ୍ରାଟ ଭାବେ ମଧ୍ୟ ରେଜିଷ୍ଟ୍ରେସନ କରିଥିଲେ। ତେଣୁ ପ୍ରେସିଡେଣ୍ଟ ପାଇଁ ଇଲେକ୍ସନ ସମୟରେ ଦିହେଁ ପ୍ରଚାର ଓ ପ୍ରସାର କରୁଥିଲେ । "ଆଟଲାଣ୍ଟା' କନଭେନ୍‌ସନରେ ପ୍ରଥମେ ସେମାନଙ୍କର ଦେଖା ସାକ୍ଷାତ । ଦିହେଁ ଏକା ରାଜନୈତିକ ଆଦର୍ଶରେ ବିଶ୍ୱାସ କରନ୍ତି । ଦିହିଙ୍କର ଜନ୍ମ ଓ ପାଠପଢା "ମିଚଗାନ' ରାଜ୍ୟର "ଡିଟ୍ରଏଟ' ସହରରେ । କିନ୍ତୁ, କେବେ ନିଜ ସହରରେ ପରସ୍ପର ଭିତରେ ଦେଖା ସାକ୍ଷାତ ହଇନଥିଲା । କିନ୍ତୁ, ଏଠି ଦେଖା ସାକ୍ଷାତରେ ଈଶ୍ୱରଙ୍କର ବୋଧହୁଏ କିଛି ହାତ ଥିଲା, ଉଦ୍ଦେଶ୍ୟ ଥିଲା ବୋଲି ଦିହେଁ ଭାବନ୍ତି । ଦିହିଙ୍କର ବର୍ଣ୍ଣ ସମାନ, ଦିହେଁ ଶ୍ୱେତକାୟ, ଦିହେଁ କାଥୋଲିକ ସଂପ୍ରଦାୟର, ଦିହିଙ୍କ ରାଜନୈତିକ ରୁଚି ବି ସମାନ । ଦିହେଁ ଦେଖିବାକୁ ବେଶ୍ ଚମତ୍କାର । ତେଣୁ କେଉଁଥିରେ ଅଭାବ କିଛି ନଥିଲା । ମନ ମିଳିବା ସ୍ୱାଭାବିକ ।

ବାସ୍ତବରେ ସେଇଆ ହିଁ ହେଲା । ଦୁଇ ପ୍ରେମୀ ଯୁଗଳ ଦିହେଁ ଭଲପାଇବାକୁ ଲାଗିଲେ, ପ୍ରେମରେ ବାଉଳା ହେଇଗଲେ । ଈଶ୍ୱର ଯାହା କରନ୍ତି ପ୍ରାଣୀଙ୍କର ମଙ୍ଗଳ ପାଇଁ । ଦିନେ ବିବାହ ଭଳି ଏକ ପବିତ୍ର ବନ୍ଧନରେ ଦିହେଁ ବାନ୍ଧି ହେଇଗଲେ । ଏଥିରେ ଦିହିଙ୍କର ପରିବାରର ଆଶିର୍ବାଦ ଥିଲା । ଏକ କାଥୋଲିକ ଚର୍ଚ୍ଚରେ ବିଭାଘର ହେଇଥିଲା । "ଯୀଶୁ ଖ୍ରୀଷ୍ଟ,', "ଫାଦର ଜୋସେଫ ଅରମାଣ୍ଡ', ଏବଂ "ଚର୍ଚ୍ଚ' ସାମ୍ନାରେ ଦିହେଁ ଶପଥପାଠ କରିଥିଲେ ଓ ଦିହେଁ ଦିହିଁଙ୍କୁ ମୁଦି ପିନ୍ଧେଇଥିଲେ, କସ୍ କରିଥିଲେ । କାଥୋଲିକମାନେ ଟିକଏ କନ୍‌ସରଭେଟିଭ୍ । ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା କାଥୋଲିକ୍ ବିବାହରେ ହେଉଛି ଶପଥପାଠ । ଏ' ଶପଥପାଠ ହେଉଛି ସେମାନଙ୍କପାଇଁ ବେଶ୍ ପବିତ୍ର ଓ ହୃଦୟସ୍ପର୍ଶୀ । ଚର୍ଚ୍ଚ ଭାଷାରେ ଦିହିଁଙ୍କର ଏ' ଶପଥପାଠ ହେଉଛି ଏକ ଶ୍ୱେତପତ୍ର ଦିହିଁଙ୍କୁ ବନ୍ଧନରେ ବାନ୍ଧିଦେବାକୁ ଓ କହିବାକୁ ଯେ ତୁମେ ହେଉଛ ମୋ'ର ଓ ମୁଁ ହେଉଛି ତୁମର । ଏ' ଶପଥପାଠର ତାତ୍ପର୍ଯ୍ୟ ହେଉଛି ଯେ ଧନୀ ହୋଇଥାଆନ୍ତୁ କି ଗରୀବ ହୋଇଥାଆନ୍ତୁ, ଭଲରେ ଥାଆନ୍ତୁ, କି ମନ୍ଦରେ ଥାଆନ୍ତୁ, ରୋଗୀ ହୋଇଥାଆନ୍ତୁ କି ଉତ୍ତମ ସ୍ୱାସ୍ଥ୍ୟରେ ଥାଆନ୍ତୁ, ଦିହେଁ ଦିହିଙ୍କୁ ଆଜୀବନ ଭଲପାଇବେ, ଦିହେଁ ଦିହିଙ୍କୁ ବିଶ୍ୱାସ କରିବେ, ଦିହେଁ ଦିହିଙ୍କୁ ସମ୍ମାନ କରିବେ । ତା' ପରେ ଦିହେଁ ଦିହିଙ୍କୁ ମୁଦି ପିନ୍ଧେଇ ଓ କିଛି ଉପହାର ଦେଇଥାନ୍ତି ।

ଏହା ଭିତରେ ବିବାହର ପଚାଶ ବର୍ଷ ବିତି ଗଲାଣି । ବିଶ୍ୱାସ ହୁଏନି ଯେ ସମୟ ଏତେ ଶୀଘ୍ର ଚାଲିଗଲା । ପାଣି ଭଳି ବୋହିଗଲା ଯେମିତି । ଈଶ୍ୱରଙ୍କ କରୁଣାରୁ ସୁଖରେ ତାଙ୍କର ପଚାଶ ବର୍ଷର ସଂସାର କଟିଗଲା । ମଣିଷ ଯାହା ଚାହେଁ ତାଙ୍କୁ ମିଳିଗଲା । ସୁବର୍ଣ୍ଣ ଜୟନ୍ତୀ ଦି' ବର୍ଷ ତଳେ ପିଲାମାନଙ୍କ ଗହଣରେ ବହୁତ ଆଡମ୍ବରରେ କଟେଇଥିଲେ । ପିଲା କହିଲେ ପୁଅଟିଏ ଓ ଝିଅଟିଏ । ଝିଅ ବଡ, ପୁଅ ସାନ । ୭ ବର୍ଷ ସେମାନଙ୍କ ମଧ୍ୟରେ ବ୍ୟବଧାନ। ଝିଅକୁ ଏବେ ୪୦ ବର୍ଷ ହେଲାଣି । ସେମାନଙ୍କର ନାତି, ନାତୁଣି ହେଲେଣି । ସମୟ ମିଳିଲେ ନାତି ଓ ନାତୁଣିଙ୍କ ସହ ସମୟ କଟାନ୍ତି । "ଥ୍ୟାଙ୍କ୍ସ **ଗିଁ**' ଓ "ଖ୍ରୀଷ୍ଟମାସ' ଆମେରିକାରେ ବଡ ପର୍ବ । "ଜେନ' ତା' ନିଜ ଘରେ ଆଡମ୍ବରରେ ପାଳନ କରିବାକୁ ପସନ୍ଦ କରେ । ସମସ୍ତେ ଏକାଠି ହୁଅନ୍ତି, ବହୁତ ଉପଭୋଗ କରନ୍ତି । କହିବାକୁ ଗଲେ ଏ' ପର୍ବ ପରିବାର ପାଇଁ ଉଦ୍ଦିଷ୍ଟ । ବହୁତ ଉପହାର ଦେଣ ନେଣ ହୁଏ । ନାତି, ନାତୁଣିମାନେ ଖୁବ୍ ମଜ୍ଜା କରନ୍ତି । ସେ' କେଇଦିନ ଛୁଟିଦିନ ପରିବାର ସଦସ୍ୟମାନଙ୍କ ସହ ଏତେ ଶୀଘ୍ର

କେମିତି କଟିଯାଏ ଜଣା ପଡେନ । ଜେନ ଥିଲା ଏକ ନର୍ସ, ଇମରଜେନ୍ସି ଡିପାର୍ଟମେଣ୍ଟରେ କାମ କରେ । ଡେଭିଡ୍ କାମ କରେ ଗୋଟିଏ ଷ୍ଟୋର ମ୍ୟାନେଜର । ଦିହେଁ ଏବେ ରିଟାୟର୍ଡ କଲେଣି । ଯୁବା ଅବସ୍ଥାରେ ଦିହେଁ କ୍ରୁଜ୍‌ସିପ୍ ରେ ଭ୍ରମଣ କରିବାକୁ ଯିବାକୁ ପସନ୍ଦ କରୁଥିଲେ । ତେଣୁ ତାଙ୍କର ସୁବର୍ଣ ଜୟନ୍ତୀ ଉପଲକ୍ଷେ ତାଙ୍କ ପିଲାମାନେ ତାଙ୍କପାଇଁ ୟୁରୋପ ଭ୍ରମଣପାଇଁ ଗୋଟିଏ କ୍ରୁଜ୍‌ସିପ୍ ର ରିଜର୍ଭେସନ କରିଦେଇଥିଲେ । କୁହାଯାଏ - "ବିପଦ ଏକୁଟିଆ ଆସେନ । ଯେତେବେଳେ ଆସେ ସାଙ୍ଗ ସାଥୀମାନଙ୍କୁ ଧରି ଆସେ" । ଏ' ଏକ ନଛକ ସତ କଥା ।

ସୁବର୍ଣ ଜୟନ୍ତୀ ପାଳନ କରି ଘରକୁ ଫେରିଲାପରେ ଡେଭିଡ୍ ଦେଖିଲା ଯେ ଜେନ ବହୁତ ସମୟରେ ସଂପୂର୍ଣ୍ଣ ନୀରବ ରହୁଛି, କାହାରିକୁ କଛି ନକହି ଚୂପ୍‌ଚାପ୍ ବସି ରହୁଛି, କୌଣସି କାମରେ ଯେମିତି ତା'ର ଆଉ ଆଗ୍ରହ ନାହିଁ । ସେ' ଯେଉଁ ଜେନକୁ ଜାଣେ ପଚାଶ ବର୍ଷ ଧରି ସେ' ତ ଏମିତି କେବେ ନଥି ! ଆଜି ତାହାର କ'ଣ ହେଲା ? କ୍ରୁଜସିପ୍‌ରୁ ଆସିବାପରେ ତା' ଶରୀରରେ କଛି ନା କଛି ନିଷ୍ଚୟ ବ୍ୟତିକ୍ରମ ହେଇଛି, କଛି ରୋଗରେ ଆକ୍ରାନ୍ତ ହେଇଛି, ଯାଦ୍ଵାରା ସେ' ଏମିତି ବ୍ୟବହାର କରୁଛି । ସେ' ତାଙ୍କ ଫେମିଲି ଫିଜିସିଆନ (ଡଃ ଆବ୍ରାହମ) ଙ୍କୁ ଦେଖେଇବାକୁ ଓ୍ଵାସିଙ୍ଗଟନ୍ ହସ୍‌ପିଟାଲ ସେଣ୍ଟରକୁ ନେଲା । ଡଃ ଆବ୍ରାହମ ଜେନକୁ ଦେଖି ତାକୁ "ନ୍ୟୁରୋସାଇନ୍‌ସ' ଡିପାର୍ଟମେଣ୍ଟକୁ ରେଫର କଲେ । ଜେନ "ଅଲସାଇମର' ରୋଗରେ ପୀଡିତା ହେଇଛି ବୋଲି ବିଭିନ୍ନ ପରୀକ୍ଷା ନୀରୀକ୍ଷା କରି ଡାଏଗ୍ନୋନସିସ୍ ହେଲା । ତା'ର ସେହି ଲକ୍ଷଣ ଗୁଡିକ ସ୍ପଷ୍ଟ ଦେଖା ଯାଉଥିଲା ଯେତେବେଳେ ସେ' ତା' ଦୈନନ୍ଦିନ ଜୀବନରେ ଅନେକ କଥା ଭୁଲି ଯାଉଥିଲା । ତାକୁ ହସ୍‌ପିଟାଲରେ ଆଡମିଟ କରାଗଲା । "ଡଃ ଆଲୁସି" ଯିଏକ "ନ୍ୟୁରୋସାଇନ୍‌ସ' ଡିପାର୍ଟମେଣ୍ଟର ମୁଖ୍ୟ ସେ' ତା'ର ଟ୍ରିଟମେଣ୍ଟ କରୁଥିଲେ । ତାଙ୍କର ଭଲ ନାଁ ଅଛି ନ୍ୟୁରୋ ଡାକ୍ତର ଭାବେ । ଡେଭିଡ୍ ଟିକଏ ଆଶ୍ଵାସନା ପାଇ ଭଲରେ ନିଃଶ୍ଵାସ ମାରିଲା ।

ଅଲସାଇମର ଏକ ମାରାତ୍ମକ ରୋଗ । ଏହା ଉଭୟ ପୁରୁଷ ଓ ସ୍ତ୍ରୀ ଲୋକଙ୍କୁ ହେଇଥାଏ । ସାଧାରଣତଃ, ବୟସ ବଢିଲେ ମଣିଷର ମସ୍ତିସ୍କ କୋଷ ଗୁଡିକ ଧୀରେଧୀରେ ସଙ୍କୁଚିତ ହେଇଥାଏ । ଏହା ଦ୍ଵାରା ମସ୍ତିସ୍କ କୋଷରେ ପ୍ରସ୍ତୁତ ହେଉଥିବା ଏକ ପ୍ରକାର ରାସାୟନିକ "ଏସିଟିଲୋକାଲିନ୍‌ର' ପରିମାଣ କମି ଯାଏ । ଏହା ଏକ ସ୍ଵାଭାବିକ ଶାରୀରିକ ପ୍ରକ୍ରିୟା ।

ଯଦି କୌଣସି କାରଣରୁ ଏହା ଦ୍ରୁତ ଗତିରେ ହ୍ରାସ ପାଏ ତେବେ ତାକୁ ଡାକ୍ତରୀ ବିଜ୍ଞାନ ଭାଷାରେ "ଅଲସାଇମର" କୁହାଯାଏ । ବୟସ୍କ ଲୋକଙ୍କଠି ଦେଖାଗଲେବି ସାଧାରଣ ବୟସ ବଢ଼ିବା ପ୍ରକ୍ରିଆ ଯୋଗୁ କେବଳ ହେଇ ନଥାଏ । ଏ'ରୋଗରେ ମସ୍ତିକରେ ଥିବା କୋଷମାନେ ନଷ୍ଟ ହେଇଯାନ୍ତି । ତେଣୁ ମସ୍ତିକର ଆକାର ଛୋଟ ହେଇଯାଏ। ସମୟାନୁକ୍ରମେ ଆସ୍ତେ ଆସ୍ତେ ମସ୍ତିସ୍କ ଆକାର କମିକମି ଯିବାଦ୍ୱାର୍ ମସ୍ତିକର କାର୍ଯ୍ୟ ସଂପାଦନ ବାଧାପ୍ରାପ୍ତ ହେବାକୁ ଆରମ୍ଭ ହୁଏ । ପ୍ଲାକ୍ ଡିପୋଜିଟ୍ ହେଲେ କୋଷଗୁଡିକର କାର୍ଯ୍ୟଦକ୍ଷତା କମିଯାଏ ଯାହା ଫଳରେ ନର୍ଭ ସେଲ୍ସ ଭିତରେ ସିଗ୍ନାଲ ଯିବା ଆସିବା ବନ୍ଦ ହେଇଯାଏ । ମୁଣ୍ଡର ବଡ ଆଘାତ, ସଂକ୍ରମଣ, ଷ୍ଟ୍ରୋକ୍ କମ୍ବା ମସ୍ତିସ୍କରେ ପାଣି ଜମିବା କାରଣରୁ ମଧ୍ୟ ଏ' ରୋଗ ହେବାର ଆଶଙ୍କା ଅଛି । ଏହି ରୋଗ ଯୋଗୁ ମଣିଷର ଭାବନା ଶକ୍ତି ଓ ସ୍ମରଣଶକ୍ତି ପ୍ରାୟ କାମ କରେନାହିଁ । ୧୯୦୬ ମସିହାରେ ଡଃ ଅଲୁଇସ୍ ଅଲ୍ସାଇମର ପ୍ରଥମେ ଏ' ରୋଗଟିକୁ ଚହ୍ନିଥିଲେ । ଏହି ରୋଗ ପ୍ରାୟ ୩୦ ରୁ ୪୦ ପ୍ରତିଶତ ବଂଶାନୁକ୍ରମିକ । କୁହାଯାଏ - "ବିପଦ ଏକୁଟିଆ ଆସେନ । ସାଙ୍ଗ ସାଥୀମାନଙ୍କୁ ଧରି ଆସେ" । ଏ' ଏକ ନଚ୍ଛକ ସତ କଥା । ଦିନକୁ ଦିନ ତା' ଅବସ୍ଥା ଖରାପ ଆଡକୁ ଗତି କରୁଥିଲା । ଏମିତିକ ସମୟ ଆସିଲା ସେ' ନଜର ସ୍ୱାମୀ "ଡେଭିଡ୍'କୁ ଚହ୍ନି ପାରିଲା ନାହିଁ । "ଡେଭିଡ୍' ପ୍ରତିଦିନ ଜେନକୁ ଭେଟିବାକୁ ହସ୍ପିଟାଲ ଆସେ ଖରାବେଳେ । ତା'ପାଇଁ ଖାଇବାକୁ ଆଣିଥାଏ । ଜେନକୁ ନେଇ ଦିହେଁ ଲନରେ ଥିବା ବେଞ୍ଚରେ ବସନ୍ତି । "ଡେଭିଡ୍' ଜେନକୁ ଖୋଇଦିଏ, ତା' ମୁହଁ ପୋଛି ଦିଏ, ନଜେ ବି ଖାଏ, ଜେନ ହାତ ଧରି ତାକୁ କିଛି ବାଟ ଚଲାଏ, ସେ' କିଛି ନବୁଝି ପାରିଲେବି କିଛି କହି ଗ୍ଭଲିଥାଏ । ତାକୁ ନେଇ ତା' ଓ୍ୱାର୍ଡରେ ତା' ରୁମ୍ ରେ ଛାଡିଦେଇ ଘରକୁ ଫେରେ । ପୁଣି ତା' ପରଦିନ ସେହି ସମୟରେ ଆସେ। ଜେନକୁ ଖୁଆଏ, କିଛି ସମୟ ବୁଲାଏ ଓ ତା'କୁ ନେଇ ତା' ରୁମ୍ ରେ ଛାଡିଦେଇ ଯାଏ, ତା'କୁ କିଛି କୁହେ। ଏ' ସବୁ ଗ୍ଭଲିଥିବ ସମୟରେ ଜେନ ତା'ର "ଅଲସାଇମର' ଯୋଗୁ କିଛି ଜାଣିପାରୁନଥିଲା, ଏମିତିକ ଚହ୍ନି ପାରୁନଥି "ଡେଭିଡ'କୁ । ସବୁଦିନ ନର୍ସଟି ଦେଖୁଥିଲା ଡେଭିଡ୍ର ଏମିତି କାର୍ଯ୍ୟକଳାପ । ସବୁଦିନେ "ଡେଭିଡ୍' ଠିକ୍ ସମୟରେ ଆସୁଛି, ଜେନକୁ ନେଇ ଲନ୍ ଟେବୁଲରେ ଦିହେଁ ବସୁଛନ୍ତି, ଖାଉଛନ୍ତି, ବୁଲୁଛନ୍ତି, ଡେଭିଡ୍' ତା' ସହିତ କଥା ହେଉଛି ଇତ୍ୟାଦି ।

ଦିନେ ନର୍ସଟି ସାହସ କରି "ଡେଭିଡ' କୁ ପଗ୍ଚରିଲ୍ । ମୁଁ ଦେଖୁଛି ତୁମେ ସବୁଦିନେ ଆସୁଛ, "ଜେନ'କୁ ନେଇ ବେଞ୍ଚ୍ ରେ ଦିହେଁ ବସୁଛ, ଟେବୁଲ୍ ଉପରେ ଖାଇବା ଜିନଷ ନେଇ ରଖୁଛ, ତାକୁ ଖୋଇ ଦେଉଛ, ତା ମୁହଁ ରୁମାଲରେ ପୋଛି ଦେଉଛ । କନ୍ତୁ, ଏ ସବୁ ତ "ଜେନ" କଛି ଜାଣି ପାରୁନାହିଁ ତୁମେ ତା'ପାଇଁ ଏତେ କରୁଛ ବୋଲି । ତେଣୁ, ତୁମେ କାହିଁକ ସବୁଦିନେ ଆସୁଛ ଓ ତା' ପାଇଁ ଏ' ସବୁ କାମ କରୁଛ ? "ଜେନ' ଯଦି ଜାଣିପାରୁଥାନ୍ତା ତେବେ ତୁମେ କଲେ କଛି ଯାଏ ଆସେ ନାହିଁ । ତୁମେ ସବୁଦିନେ ଆସିବା ଦରକାର ନାହିଁ । ମୁଁ ତାଙ୍କ ନର୍ସ ହିସାବରେ ସେ' କାମ କରି ପାରିବି । ଏ' ହେଉଛି ମୋ'ର କର୍ତ୍ତବ୍ୟ । ମୁଁ ସେଥିପାଇଁ ଦରମା ପାଉଛି । ତୁମେ ସେହି ସମୟରେ ନଜ ଘରେ ରହି ନଜର ଅନ୍ୟ କଛି କାମ କରିପାରିଥାନ୍ତ ?

ନର୍ସଟିର କଥା ଶୁଣି ଡେଭିଡ୍ ଟିକଏ ଚନ୍ତିତ ଥିଲ୍ ଭଳ ଲ୍ଗିଲ୍ । ତା' ଆଖିରେ ଲୁହ ଆସିଗଲ୍ । ସେ' ନର୍ସଟିକୁ ଧନ୍ୟବାଦ ଦେଲ୍ ସେ' ନଥିଲ୍ ବେଳେ ତା' ସ୍ତ୍ରୀର ସେବା କରୁଥିବାପାଇଁ ଓ କହିବାକୁ ଆରମ୍ଭକଲ୍ - କେମିତି ତାଙ୍କର ପ୍ରଥମ ଦେଖା ସାକ୍ଷାତ ହେଇଥିଲ୍, କେମିତି ଦିହିଁଙ୍କର ରୁଚ ସମାନ ଥିଲ୍, ତେଣୁ କେମିତି ପ୍ରେମରେ ପଡି ଦିହେଁ ବିବାହ କଲେ, କେମିତି ଦିଓଟି ପିଲ୍ର ବାପା-ମା' ହେଲେ, କେମିତି ସେମାନଙ୍କୁ ବଢେଇଲେ, ପାଠ ପଢେଇ ମଣିଷ କଲେ, ଏବେ ସେମାନଙ୍କର ନାତି ଓ ନାତୁଣି ହେଲେଣି। ସେତେବେଳେ ଜେନ ରାନ୍ଧିବା, ବାଢିବା ଓ ସମସ୍ତଙ୍କୁ ଖାଇବା ଖବର ବୁଝୁଥି ନଜର ଚ୍ୟାଲେଞ୍ଜିଂ ନର୍ସିଂ ଗ୍ଜକରିକରିବା ସହିତ । ଜେନକୁ ଗାର୍ଡେନିଂ ଭଲ ଲ୍ଗେ ବୋଲି ଘରକୁ କାମରୁ ଆସିଲେ ଟିକଏ ସମୟ ନବସି ସେ' ବିଭିନ୍ନ ରକମର ଗଛ ଲଗାଏ, ସାର ଦିଏ, ପାଣି ଦିଏ ଇତ୍ୟାଦି......। ସେତେବେଳେ ମୁଁ ବିଶେଷ ତାକୁ ସାହାଯ୍ୟ କରିପାରୁନଥିଲି । ସେ' ସବୁ ଆମମାନଙ୍କର ଭଲ ମନ୍ଦ ବୁଝୁଥି । ଆଜି ତା' ଦେହ ଖଗ୍ପ ଯୋଗୁ ଏ' ମୋ'ର କର୍ତ୍ତବ୍ୟ ହେଉଛି ତାକୁ ଖୁଆଇବା, ତା' ଭଲ ମନ୍ଦ ବୁଝିବା । ସେ' ମୋତେ ଚହ୍ନୁ କ ନଚହ୍ନୁ ମୋ'ପାଇଁ ବିଶେଷ କଛି ଫରକ ନାହିଁ । ଏ' ସବୁ ତା'ପାଇଁ ଏବେ କରିବା ମୋ'ର ଏକ ସୌଭାଗ୍ୟ । ସେ' ମୋ'ପାଇଁ, ମୋ' ପିଲ୍ମାନଙ୍କ ପାଇଁ ଓ ସେମାନଙ୍କର ପିଲ୍ମାନଙ୍କପାଇଁ ଯାହା କରିଯାଇଛି ଆମେ ତାକୁ ଜନ୍ମଜନ୍ମପାଇଁ ଭୁଲି ପାରିବୁ ନାହିଁ । ଆଜି ତା'ର ଏହି ଦୁର୍ଦ୍ଦିନ ସମୟରେ ମୁଁ ତା' ପାଖରେ ଛିଡା ନହେଲେ ଆଉ କଏ ଛିଡା ହେବ ?

ଏ' ସବୁ ଶୁଣିଲାବେଳେ ନର୍ସଟିର ଆଖି ଓଦା ହେଇଯାଇଥିଲା, ତା' ଗାଲ ଦେଇ ଲୁହ ଧାରଧାର ହେଇ ବହି ଯାଉଥିଲା । ସେ' ଭାବୁଥିଲା ତା'କୁ "ଡେଭିଡ୍' ଭଳ ସ୍ୱାମୀଟିଏ ମିଳଥାଆନ୍ତାକ !

(ଏ' କାହାଣୀଟି ଏକ ସତ ଘଟଣା ଉପରେ ଆଧାରିତ । ଏ' କାହାଣୀରେ ଚରିତ୍ରଙ୍କ ନାଁ ଅଲଗା ବ୍ୟବହାର କରାଯାଇଛି । )

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ଦେବୀ



ଗୁରୁକଲ୍ୟାଣ ମହାପାତ୍ର

କଇତବ କଥା କହି
ଯେଉଁ ରାଜନୀତିକ ଦଳ
କ୍ଷମତାସୀନ ହେଲା ଏଠି
କେତେ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ,
ସେ ଏବେ ନୀଳବର୍ଣ୍ଣ ଶୃଗାଳ
ସଦୃଶ ଅଭିନୟରେ ପାରଙ୍ଗମ
ଆଉ ଥରେ କ୍ଷମତାସୀନ ହେବାକୁ
ଯେପରି ଆହୁରି ଆହୁରି ବିବ୍ରତ ।

କରୋନାର କରାଳ ମହାମାରୀରେ
ଆମେ ସବୁ ଅସ୍ତବ୍ୟସ୍ତ, ନିରୂପାୟ
ରୋଗର ଉପଶମ ସତ୍ତ୍ୱେ,
ଚାଲିଥାଏ ପରୀକ୍ଷା ନୀରିକ୍ଷା
ସବୁକିଛି ଅନିଶ୍ଚିତ,
ଅଦୃଶ୍ୟ ସେ ଭୂତାଣୁର
ଏ କି ଖେଳ !

କଣ ଯାଏ ଆସେ ସତ
ଥିଲାବାଲାଙ୍କର?
ନଥିଲାବାଲାଏ ଓ ନିମ୍ନ ମଧ୍ୟବିତ୍ତ -
ମାନେ ହିଁ ଅଫାକ୍ରେୟ ସତତ ।

କେମିତି ଆସିବ ଦେବୀ
ଏଇ ଶରତ କାଳରେ !

ତମେ ତ ଜ୍ୟୋତିର୍ମୟୀ
ଆଉ ବେଦରେ ବର୍ଣ୍ଣିତ
ରକ୍ତବର୍ଣ୍ଣା ହେ ଦେବୀ,
ଯେତେସବୁ ପାତକୀ ଆଉ
ବ୍ୟଭିଚାରୀଙ୍କୁ ସମୂଳେ ବିନାଶ କରି
ତମେ କ ପାରିବ ଉଦ୍ଧାରି
ଆମ ସକଳଙ୍କୁ?
ପ୍ରତିଶ୍ରୁତି ଦିଅ ଦେବୀ
ଏଥରକ ।

ନଚେତ ତମ ନଗ୍ନଜନା ପାଇଁ
ହେବିନାହିଁ ଏଥର ତତ୍ପର
କ ଓହଳ ବିକଳ,
ନଷ୍ଟୟ ନଷ୍ଟୟ ।

ଭୁବନେଶ୍ୱର

# ଫୁଲେଇ ଫଗୁଣ



ଅମ୍ବିକା ସ୍ୱାଇଁ

ଏ ଦୁଷ୍ଟ ଫଗୁଣ ଟା
ଭରି ଫୁଲେଇ
ତା"ର ଦୁଷ୍ଟାମୀ ର ସୀମା ନାହିଁ
ପ୍ରୀତି ର ରଙ୍ଗ ମାଖି
କେତେ ସ୍ୱପ୍ନ ଦେଖିଲାଣି
ଓଦା ଓଠେ ସ୍ମିତ ହାସ୍ୟ ତାର
କି ସୁନ୍ଦର ଦିଶିଲାଣି....

ପ୍ରେମର କୁହୁକ ଗୁଙ୍ଗୁଡି ଧରି
ଆମ୍ର ବୃକ୍ଷେ ବଉଳର
ମହକିତ ସୁଗନ୍ଧ
ପ୍ରୀତି ବିଞ୍ଛି ଲାଣି ତନୁ ମନେ
ବଂଶୀର ରାଗିଣୀ ରେ
କୋଇଲି ର କୁହୁ ସ୍ୱନ
ବାଜି ଲାଣି କର୍ଣ୍ଣେ
କମ୍ପିଲାଣି ସାରା ଧରା
ପୁଲକିତ ମନେ......

ରାଧା କୃଷ୍ଣ ଙ୍କ ର ଯୁଗଳ ମୂରତି
ପ୍ରେମ ପ୍ରୀତି ଭରା, ସମ୍ପର୍କ ଗୀତିକା ଗାଇ
ବିମାନେ ବୁଲିବେ ଗାଁ ଠୁ ସହର
ପୁର ପଲ୍ଲୀ ରେ ରହି ରହି....
ସମସ୍ତେ ଭୁଲିବେ ରାଗ ହିଂସା
ପ୍ରେମ ମୟ ଏହି ରଙ୍ଗର ସାଗରେ
ବୁଡିବେ ଯହିଁ.......!!!!!

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା

# ମୌସୁମୀ ଫେରାର



କୁଞ୍ଜବିହାରୀ ରାଉତ

ପ୍ରକୃତିର ବିବର୍ତ୍ତନ ମଧ୍ୟରେ
ବଦଳି ଯାଉଛି ସମୟ, ଦିନ, ମାସ
ବଦଳିବା ନୀତିରେ ସମସ୍ତେ ବଦଳୁଛନ୍ତି
ବଦଳି ଯାଉଛି ମଣିଷ
ଭୁଲିଯାଉଛି ମଣିଷ ପଣିଆ
ବୋଧହୁଏ ସେଥିପାଇଁ ଏହାକୁ ଦେଖି
ବିଚଳିତ ମୌସୁମୀ
ଏବେ ସେ ଫେରାର ହୋଇଯାଇଛି
ଆମର ଏ ଧରିତ୍ରୀ ଉପରୁ
ଧରିରଖିବାକୁ ଯାହା ଖାଲି
ମିଛ ପ୍ରୟାସ, ଏ ମାନବ ଜାତିର
ଏବେ ଅତୀତ ହେଲାଣି ମୌସୁମୀ
ଯାହା କେବଳ ମଣ୍ଡିତ ହୋଇବ
ପୃଷ୍ଠା ପରେ ପୃଷ୍ଠା
ଆମ ଡାଏରୀରେ............

ଏବେ ସହରରେ ଚର୍ଚ୍ଚା
ମୌସୁମୀ ଫେରାର ସଂପର୍କରେ
ପାରିବ ଯଦି କେହି ଖୋଜିଆଣ
ଅବା ଥାନାରେ ମାମଲା ଦର୍ଜ କରାଅ
କାଳେ ତା'ର ସନ୍ଧାନ ମିଳିଯିବ
ସେ ମୌସୁମୀ
ଯାହା, ଝଙ୍କୃତ ହେଉଥିଲା ଦିନେ
ଆମ ପ୍ରାଣ ସ୍ପନ୍ଦନରେ
ଖୁସି ସହ ଦୁଃଖ ବାଣ୍ଟୁଥିଲା ଆମ
ସମାଜରେ....

ପ୍ଲଟ-୧୪୮/୫, ହମିରପୁର,
ରାଉରକେଲା-୩

# ଅସାଧାରଣ ସୁନ୍ଦରବନ- ୧୩



ଅଶୋକ ବିଶ୍ୱାଳ

ବାଘ ପୃଥିବୀର ସବୁଠାରୁ ପ୍ରିୟତମ ପ୍ରାଣୀ ଭାବରେ ବିବେଚିତ । ବାଘମାନେ ଏକାକୀ ଜୀବନ ବିତାନ୍ତି । ବାଘର ନିଜସ୍ୱ ରହିବାର କ୍ଷେତ୍ର ଶିକାରର ପ୍ରାଚୁର୍ଯ୍ୟତା, ଋତୁ ଆଉ ମାଈ ବାଘର କ୍ଷେତ୍ରର ନିକଟତା ଉପରେ ନିର୍ଭର କରେ । ଯଦି ଖାଦ୍ୟ ପ୍ରଚୁର ଥାଏ ତାହେଲେ ହୁଏତ ଏକରୁ ଅଧିକ ବାଘକୁ ଏକା ସାଙ୍ଗରେ ଦେଖାଯାଏ । ଅନ୍ୟଥା ବାଘ ଏକାକୀ ରହେ। ପ୍ରତି ବାଘର ନିଜର ଅଧିକୃତ ଅଞ୍ଚଳ ଥାଏ । ସେହି ଅଞ୍ଚଳରୁ ବାଘ ନିଜର ଶିକାର କରେ। ନିଜର ଅଧିକାର ଅଞ୍ଚଳରେ ବାଘ ବାଘୁଣୀ ସହ ସଂସ୍ପର୍ଶ ସ୍ଥାପନ କରେ । ମିଳନ ସମୟରେ ବାଘମାନେ ଅନେକ ପ୍ରକାରର ଶବ୍ଦ କରିଥାନ୍ତି । ଏମାନଙ୍କ ମିଳନ ନଭେମ୍ବରରୁ ଏପ୍ରିଲ୍ ମାସ ମଧ୍ୟରେ ହୋଇଥାଏ । ମାଈ ବାଘ କିଛି ଦିନ ପାଇଁ ଗରମ ରହିଥାଏ ଆଉ ସେମାନଙ୍କର ମିଳନ ଏ ସମୟରେ ବାରମ୍ବାର ହୋଇଥାଏ । ଅଣ୍ଡିରା ଓ ମାଈ ବାଘ ପାଖାପାଖି ଗୋଟିଏ ସପ୍ତାହ ପର୍ଯନ୍ତ ଏକାଠି ରୁହନ୍ତି ତା'ପରେ ଅଲଗା ହୋଇଯାଆନ୍ତି ।

ବାଘ ୪-୫ ବର୍ଷ ବୟସରେ ପୂର୍ଣ ବୟସ୍କ ହୁଏ । ବାଘୁଣୀକୁ ପୂର୍ଣ ବୟସ୍କା ହେବାପାଇଁ ୩-୪ ବର୍ଷ ସମୟ ଲାଗେ । ବାଘୁଣୀର ଗର୍ଭଧାରଣ ସମୟ ସାଧାରଣତଃ ୧୦୪-୧୦୬ ଦିନ। ବାଘୁଣୀ ୧ ରୁ ୪ ପର୍ଯ୍ୟନ୍ତ ଶାବକ ପ୍ରଜନନ କରେ । ବାଘଛୁଆର ଜନ୍ମ ସମୟରେ ଦେହରେ ନରମ ଲମ୍ବା ଲୋମ ଥାଏ ଯାହା ୪-୫ ମାସ ଭିତରେ ଝଡେ । ଜନ୍ମ ସମୟରେ ଛୁଆଙ୍କର ଆଖି ଖୋଲି ନଥାଏ । ବାଘଛୁଆ ମାଠାରୁ ୩-୬ ମାସ ପର୍ଯ୍ୟନ୍ତ ସ୍ତନ୍ୟପାନ କରେ। ୨ ମାସରୁ ଛୁଆ ମାଠାରୁ ସାମାନ୍ୟ କଠିନ ଖାଦ୍ୟ ଗ୍ରହଣ କରେ । ଛୁଆ ମା ସହ ୬ ମାସରୁ ଶିକାର କରିବାରେ ଲାଗିଯାଏ । ମା' ସହ ଛୁଆ ପ୍ରାୟ ୨-୩ ବର୍ଷ ପର୍ଯ୍ୟନ୍ତ ରହେ । ତା' ପରେ ଧୀରେଧୀରେ ମା' ଠାରୁ ଅଲଗାହୋଇ ନିଜର ଶିକାର ଅଞ୍ଚଳ ଖୋଜିଥାଏ ।

ପ୍ରଥମେ ଅଲଗା ହୋଇଥିବା ସାନ ବାଘଟିଏ ମା'ର ଅଧିକାର କ୍ଷେତ୍ର ପାଖରେ ରହେ ଆଉ ମା' କ୍ଷେତ୍ରରୁ କଛି ଅଂଶ ନେଇଯାଏ । ସମୟ ସହ ମା' ଝିଅର ଅଲଗା କ୍ଷେତ୍ର ହୋଇଯାଏ। ସାନ ଅଣ୍ଡିରା ବାଘ ଖୁବ୍ କମ୍ ବୟସରେ ନଜର ନୂଆ କ୍ଷେତ୍ର ପ୍ରସ୍ତୁତ କରିବା ପାଇଁ ମା'କୁ ଛାଡି ଚାଲିଯାଏ । ସେ ଅନ୍ୟ ଅଣ୍ଡିରା ବାଘ ନଥିବା ସ୍ଥାନ ବାଛେ । ଯଦି ସେଇଠି ଅନ୍ୟ ଅଣ୍ଡିରା ବାଘ ଥାଆନ୍ତି, ତାହେଲେ ମାଲିକ ବାଘର ଅଧିନତା ଶିକାର କରି ବାସ କରେ । ପରେ ଧିରେ ନଜେ ଶକ୍ତିଶାଳୀ ହେଲେ ମୂଳ ବାଘର କ୍ଷେତ୍ରକୁ ଯୁଦ୍ଧ ପରେ ଅଧିକାର କରିନଏ ।

ବାଘ ଶିକାର କଲେ ବାଘୁଣୀ ପାଖରେ ଥିଲେ ପ୍ରଥମେ ବାଘୁଣୀ ଆଉ ଛୁଆକୁ ଆହାର ଦିଏ। ପରେ ନଜେ ଭୋଜନ କରେ । ଅପର ପକ୍ଷେ ସିଂହ ଭଳ ଶିକାରୀ ପ୍ରଥମେ ନଜେ ଭୋଜନ କରେ । ଅନ୍ୟଥା ଜଙ୍ଗଲରେ ବାଘମାନେ ସାଧାରଣତଃ ଜଣେ ଆଉ ଜଣକ ଠାରୁ ଦୂରରେ ରୁହନ୍ତି ।

ବାଘମାନେ ପ୍ରାୟ ୧୫ ବର୍ଷ ପର୍ଯ୍ୟନ୍ତ ଜଙ୍ଗଲରେ ବଞ୍ଚନ୍ତି । ଚଡିଆଖାନାରେ ବାଘ ୨୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିପାରନ୍ତି । ଏମାନେ ସବୁ ପରିବେଶରେ ରହିପାରନ୍ତି । ମହାବଳ ବାଘ ବା ରୟାଲ ବେଙ୍ଗଲ ଟାଇଗର ଭାରତ ଛଡା ବାଙ୍ଗଲାଦେଶ, ନେପାଳ, ଭୁଟାନରେ ମଧ୍ୟ ମିଳନ୍ତି। ଏମାନଙ୍କର ଉପସ୍ଥିତି ବର୍ମା ଆଉ ଚାଇନାରେ ମଧ୍ୟ ଲକ୍ଷ୍ୟ କରାଯାଇଛି । ୨୦୧୬ ଗଣନା ହିସାବରେ ଭାରତରେ ପ୍ରାୟ ୨୨୨୬ ଟି ବାଘ ଅଛନ୍ତି । ବାଙ୍ଗଲାଦେଶରେ ୧୦୬ଟି ବାଘ, ଭୁଟାନରେ ୧୦୩ଟି ବାଘ ଆଉ ନେପାଳରେ ୧୯୮ଟି ବାଘ ଅଛନ୍ତି । ସର୍ବମୋଟ ମହାବଳ ବାଘ ସଂଖ୍ୟା ୨୫୦୦ ରୁ ମଧ୍ୟ କମ ।

ବାଘ ଏକ ସାମ୍ରାଜ୍ୟର ରାଜା । ବାଘ ଗୋଟିଏ ବିଶାଳ ମାଂସାଶୀ ପ୍ରାଣୀ । ଶରୀର ବଳଷ୍ଠ। ଗୋଡ ଗୁଡିକ ବେଶ ଦୃଢ ଆଉ ମୋଟା । ଦାନ୍ତ ବେଶ ଶକ୍ତ । ବାଘର ମାଢି ଅତିଶକ୍ତିଶାଳୀ। ବାଘର ଚମ ସାମାନ୍ୟ ହଳଦିଆ କମଳା ରଙ୍ଗର । ବାଘର ଶରୀର ଉପରେ ପଟିପଟିଆ ଚହ୍ନ ଥାଏ, ଯାହା ଧୂସରିଆ, ମାଟିଆରୁ ପୂର୍ଣ୍ଣକଳା ହୋଇପାରେ ।

ଏହା ଲାଲ୍ କଳଙ୍କି ଲଗା ମାଟିଆ ରଙ୍ଗର ଚମଡା ଉପରେ ଥାଏ । ପ୍ରତି ବାଘର ପଟା ପଟା ଦାଗ ଅନ୍ୟ ବାଘଠାରୁ ଭିନ୍ନ । ଏହି ପଟିପଟିଆ ଦାଗ ଯୋଗୁଁ ସେମାନେ ଜଙ୍ଗଲରେ ବା ଘାସରେ ସହଜରେ ଲୁଚଯାଇପାରନ୍ତି । ବାଘର ଆଖି ଗୋଲ୍ ଆଉ ଆଇରିସର ରଙ୍ଗ ହଳଦିଆ । ବାଘର ଶରୀର ଲମ୍ବା, ଲାଞ୍ଜ ଅଗରୁ ନାକ ପର୍ଯ୍ୟନ୍ତ ୧୧ ଫୁଟ ପର୍ଯ୍ୟନ୍ତ ହୋଇପାରେ । ବାଘର ଓଜନ ୩୦୦ କଲୋ ପର୍ଯ୍ୟନ୍ତ ଯାଇପାରେ । ଏମାନଙ୍କ କାମୁଡିବା ଦାନ୍ତ ୪ ଇଞ୍ଚ ପର୍ଯ୍ୟନ୍ତ ଲମ୍ବା । ମାଈ ବାଘମାନେ ଅଣ୍ଡିରାମାନଙ୍କ ଠାରୁ ଟିକଏ ଛୋଟ ।

ବାଘର ଦେଖିବା ଶକ୍ତି, ଆଉ ଶୁଣିବା ଶକ୍ତି ପ୍ରବଳ । କନ୍ତୁ ଏହି ମାତ୍ରାରେ ଶୁଙ୍ଘବାର ଶକ୍ତି ନାହିଁ । ବାଘ ନଜ ନଜ ହିସାବରେ ଶିକାର କରିବା ଆଉ ବଞ୍ଚିବା ଶିଖି ନେଇଛି । ସୁନ୍ଦରବନର ବାଘର ପଞ୍ଝା ଆଉ ଦାନ୍ତ ଶିକାରକୁ ଧରି ଝୁଣି ମାରିବା ପାଇଁ ତିଆରି ହୋଇଛି । ସାମାନ୍ୟ ଛୋଟ ପାଟିରେ ଖୁବ ଶକ୍ତିଶାଳୀ ମାଂସପେଶୀ ଅଛି ଯାହାଦ୍ୱାରା ବାଘ କାମୁଡା ସମୟରେ ବହୁତଶକ୍ତି ଉତ୍ପନ୍ନ କରେ । ପାଦର ତଳପା ସ୍ପଞ୍ଜ ଭଳ ନରମ । ବାଘ ଏମିତଆ ତଳପା ଥିବା ପାଦ ଯୋଗୁ ସହଜରେ ଆଉ ନଶବ୍ଦରେ ଚାଲିପାରେ ଆଉ ହଠାତ୍ ଉଚ୍ଛୁଳ ଆକ୍ରମଣ କରିପାରେ ।

ଅନ୍ୟ ଯାଗାରେ ବାଘ ସାଧାରଣତଃ ଗୟଳ, ବଣ ମହିଷ, ସମ୍ବର, ହରିଣ, ବାରହା ଭଳ ବଡ଼ ଶିକାର କରିଥାଏ । ବେଳେବେଳେ ସେମାନେ ଝିଙ୍କ ଆଉ ଠେକୁଆ ଭଳ ଛୋଟ ଶିକାର କରିଥାନ୍ତି । ଜଙ୍ଗଲରେ ବେଳେବେଳେ ଗାଈଗୋରୁଙ୍କୁ ଆକ୍ରମଣ କରନ୍ତି । କେବେକେବେ ଶିକାରପାଇଁ ସେମାନେ ଗାଁ ଭିତରକୁ ଆସିଯାଆନ୍ତି । ଶିକାର ଭଲ ମିଳଲେ, ଆଉ ବାଘ ବେଶି ଭୋକଲା ଥିଲେ ବାଘ ପ୍ରାୟ ୨୦-୪୦ କଲୋ ପର୍ଯ୍ୟନ୍ତ ମାଂସ ଖାଇପାରେ । ଅନ୍ୟଥା ସେମାନେ କମ ଖାଆନ୍ତି ।

ବାଘ ଶିକାରକୁ ଅନ୍ୟ ଯାଗାର ବଳଆ କୁକୁର ଭଳ ବହୁତ ସମୟ ପିଛା କରିପାରେ ନାହିଁ । ସେମାନେ ଲୁଚି ଛପି ଆଉ ହଠାତ୍ ଆକ୍ରମଣ କରି ଶିକାର କରନ୍ତି । ବାଘମାନେ ପ୍ରାୟ ୫୦ କମି. ଘଣ୍ଟା ପ୍ରତି ବେଗରେ ଅଳ୍ପ ଦୂର ପାଇଁ ଧାଇଁ ପାରନ୍ତି । ଏହା କନ୍ତୁ ସୁନ୍ଦରବନରେ

ସମ୍ଭବ ନୁହେଁ । ଦୌଡିବା ପାଇଁ ଏତେ ଯାଗା ନାହିଁ । ତେଣୁ ଶିକାର ଏକଦମ୍ ପାଖକୁ ଆସିବା ଦରକାର, ଏହାଦ୍ୱାର୍ ବାଘ ସହଜରେ ଶିକାରକୁ ଉପରକୁ କୁଦା ମାରିପାରେ । ବାଘ ଲମ୍ବା ଲମ୍ଫ ଦେଇପାରେ । ଲମ୍ବା ଭାବରେ ସାଧାରଣତଃ ୫ ମିଟର ପର୍ଯ୍ୟନ୍ତ ଲମ୍ଫ ଦେଇଥାଏ । ସେମାନଙ୍କର ଲୁଚବା ଶୈଳୀ ବେଶ ପ୍ରଶଂସାଯୋଗ୍ୟ । କେଇମିଟର ପଯ୍ୟନ୍ତ ବାଘକୁ ଶିକାର ଜନ୍ତୁ ଲକ୍ଷ୍ୟ କରିପାରେ ନାହିଁ । ବାଘ ଅନେକ ସମୟରେ ଚୁପଚ୍ଛ୍ପ ହୋଇ ବୁଦାରେ ଲୁଚ ବସିଥାଏ କନ୍ତୁ ଏହାର ଲାଙ୍ଗୁଡର ଅଗ ହଲୁଥାଏ । ବାଘ ପଛରୁ ବା କଡରୁ ଶିକାର ଉପରକୁ ଲମ୍ଫଦେଇ କାବୁ କରେ । ଟିକଏ ଅଲଗା ଦିଗ ହେଲେ ଶିକାରର ଶିଙ୍ଘ, କ୍ଷୁରା, ଦାନ୍ତ ଇତ୍ୟାଦି ବାଘକୁ ଆଘାତ ଦେଇପାରେ । ଏମିତି ଲମ୍ଫଦ୍ୱାର୍ ପ୍ରାୟ ଶିକାରର ମେରୁଦଣ୍ଡ ଭାଙ୍ଗିଯାଏ । ପରେ ତା'ର ତଣ୍ଟି ଝୁଣି ପ୍ରାଣ ନଏ । ଶିକାର କରିବା ପରେ ଉପଯୁକ୍ତ ସ୍ଥାନକୁ ଟାଣିନେଇ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଖାଇବାକୁ ଲାଗେ । ବାଘ ନଜର ଶିକାର ବା ମାଂସକୁ ବୁଦା ତଳେ ଲୁଚ୍ଛଇ ରଖେ ଆଉ ପରେ ଏହାକୁ ଶୁଙ୍ଘି ଜାଣିପାରେ । ଖାଇଲା ପରେ ବାଘ ବିଶ୍ରାମ ନଏ । ବିଶ୍ରାମ ପରେ ବାଘ ପୁଣି ଶିକାର ପାଖକୁ ଫେରିଆସେ ଆଉ ବାରମ୍ବାର ଖାଇଥାଏ । ବାଘର ଅମାପ ଶକ୍ତି । ଅନ୍ୟ ଯାଗାରେ ସହଜରେ ସେ ଏକ ବଡ଼ ଗୟଳକୁ ଟାଣି ନେଇଯାଇପାରେ । ଏତେ ବଡ଼ ଶିକାରକୁ ଦଶଜଣ ମଣିଷ ହଲାଇ ମଧ୍ୟ ପାରନ୍ତି ନାହିଁ ।

ବାଘ ସାଧାରଣତଃ ଦିନସାରା ଛାଇରେ ବିଶ୍ରାମ ନଏ । ସଂନ୍ଧ୍ୟା ବା ସକାଳେ ବାଘ ଶିକାର କରେ । ବାଘମାନେ ନଜର ଅଧିକାର ଅଞ୍ଚଳକୁ ମୂତ୍ର ଆଉ ଗନ୍ଧଦ୍ୱାର୍ ଚହ୍ନିତ କରନ୍ତି । ସେମାନେ ସେ ସ୍ଥାନ ଉପରେ ମଳ ମୂତ୍ର ତ୍ୟାଗ କରି କମ୍ବା ପଛ ପଟେ ଥିବା ଗ୍ଲାଣ୍ଡରୁ କଛି ରସ ବାହାର କରି, ଘଷି ସ୍ଥାନ ଚହ୍ନିତ କରନ୍ତି ଆଉ ଗଛ ମଧ୍ୟ ଗ୍ରମିଥାନ୍ତି । ଏହି ସ୍ଥାନ ନାକର ଉଚ୍ଚତାରେ କମ୍ବା ତା' ଠାରୁ ଟିକଏ ଉଚ୍ଚରେ ହୋଇଥାଏ ଆଉ ବାଘର ଯିବା ଆସିବା ରାସ୍ତାରେ ପ୍ରାୟତଃ ଥାଏ ।

ଦୁଇ ବାଘ ଲଢେଇ କଲାବେଳେ ଗର୍ଜ୍ଜନ କରନ୍ତି ନାହିଁ । ସେମାନେ ନଜ ଭିତରେ ଡକାଡକ ହେଲାବେଳେ ଗର୍ଜ୍ଜନ କରି ଡାକନ୍ତି । ଗୋଟିଏ ଅଣ୍ଡିରା ବାଘ ଅନ୍ୟ ଅଣ୍ଡିରା ବାଘକୁ ପ୍ରାୟ

ସହ୍ୟ କରିପାରେ ନାହିଁ । ଅଧିକାଂଶ ସମୟରେ ସାଧାରଣତଃ ନଖ ଆଉ ଦାନ୍ତ ଦେଖାଇବା, ଖୁଙ୍କାରିବା ଇତ୍ୟାଦି ପ୍ରଦର୍ଶନୀରେ ଲଢେଇ ସମାପ୍ତ ହୁଏ । ପ୍ରକୃତ ଆକ୍ରମଣ ପ୍ରତ୍ୟାକ୍ରମଣ ହୁଏ ନାହିଁ । ହାରିଯାଇଥିବା ବାଘ ନିଜର ପିଠି ତଳକୁ କରି ମାଟିରେ ଗଡେ ଆଉ ପେଟକୁ ଉପରକୁ ଦେଖାଇ ଦିଏ ଆଉ ବିଜୟୀ ବାଘଟି ଅନ୍ୟ ବାଘକୁ ନିଜର ଅଧିନ ବୋଲି ମାନି ନିଏ । ହାରିଥିବା ବାଘକୁ ନିଜ ଅଞ୍ଚଳରେ ରହିବାକୁ ଦିଏ । କିନ୍ତୁ ସେମାନେ ପାଖାପାଖି ରୁହନ୍ତି ନାହିଁ । ଯଦି ମାଈବାଘ ଆଖପାଖରେ ଥାଏ ତେବେ ଅଣ୍ଡିରା ବାଘମାନଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ହୁଏ । କିଛି କ୍ଷେତ୍ରରେ ଗୋଟିଏ ବାଘର ମୃତ୍ୟୁ ମଧ୍ୟ ହୋଇଥାଏ ।

ବାଘର ରାତିରେ ଦେଖିବାର ଶକ୍ତି ବେଶ ଭଲ । ବାଘ ମଣିଷଠାରୁ ୬ ଗୁଣ ଭଲ ଦେଖିପାରେ ଆଉ ୫ ଗୁଣ ଭଲ ଶୁଣିପାରେ । ବାଘର ଗର୍ଜନ ପ୍ରାୟ ୩ କିଲୋମିଟର ଦୂର ପର୍ଯ୍ୟନ୍ତ ଭଲ ଭାବେ ଶୁଣାଯାଇପାରେ । ବାଘ ଘନ ଜଙ୍ଗଲରେ ରହିବାର ସ୍ଥାନକୁ ଠିକ୍ ଭାବରେ ବାରିପାରେ । ଏମିତିକି ଘୋର ଅନ୍ଧାର ରାତିରେ ସେ ନିଜର ରହିବା ସ୍ଥାନ ସହଜରେ ଖୋଜି ପାଏ । ବାଘର ଗୋଟିଏ ଦୁଇଟିର ବିଶ୍ରାମ ନେବାର ସ୍ଥାନ ଥାଏ ଯାହା ଗୁମ୍ଫା, ଉପୁଡି ପଡିଥିବା ଗଛ ତଳେ ଗାତ ଭଳି ଛାଇ ଥିବା ଥଣ୍ଡା ଜାଗା ହୋଇଥାଏ ।

ବାଘ ଆଗରୁ ଶୁଣିଥିବା ଶବ୍ଦକୁ ମନରଖେ ଆଉ ପରବର୍ତ୍ତୀ ସମୟରେ ମଧ୍ୟ ଜାଣିପାରେ । ବାଘର ଶୁଙ୍ଘିବାର ଶକ୍ତି ଦେଖିବା ଆଉ ଶୁଣିବାର ଶକ୍ତିଠାରୁ କମ୍ । ଯେତେବେଳେ ବାଘ କିଛି ଜିନିଷ ସହଜରେ ବୁଝିପାରେ ନାହିଁ ସେ ସମୟରେ ନିଜର ନାକ ଦ୍ୱାରା ଗନ୍ଧ ବୁଝିବାକୁ ଚେଷ୍ଟା କରେ । ନାକ ଦ୍ୱାରା ବାଘ ବିଭିନ୍ନ ଗନ୍ଧ ଜାଣିପାରେ । ବାଘ ଶରୀରର ଗନ୍ଧ ବଡ଼ ତୀବ୍ର, ଅତି ଫୁରୁକୁଟିଆ । କିନ୍ତୁ ସୁନ୍ଦରବନରେ ଏତେ ଫୁରୁକୁଟିଆ ନୁହେଁ । ବାଘ ସବୁବେଳେ ଲୁଚି ଲୁଚି ଆକ୍ରମଣ କରେ । ସେ ଏମିତି ସ୍ଥାନରେ ଲୁଚିରହେ ଯାହାଦ୍ୱାରା ବାଘର ଗନ୍ଧ ଶିକାର ଆଡକୁ ପବନରେ ଯାଏନା । ବାଘର କାନ ଧୀରରୁ ଧୀର ଶବ୍ଦ ଜାଣିପାରେ । ମୁଣ୍ଡ ନବୁଲାଇ ଏହା କାନକୁ ଶବ୍ଦ ଆସୁଥିବା ଦିଗରେ ବୁଲାଇ ଦିଏ ଆଉ କମ୍ ଶବ୍ଦକୁ ମଧ୍ୟ ଠଉରାଇପାରେ ।

ବାଘର ଆଖି କିଛି ହଲଚଲକୁ ଭଲଭାବେ ଲକ୍ଷ୍ୟ ରଖିପାରେ । ବାଘ ଆଖିର ରେଟିନା ମଧ୍ୟରେ ଥିବା ସେନସର ସବୁ ଅତି ଶକ୍ତିଶାଳୀ । ଏହାର କଳାଡୋଳା ପତଳା ହୋଇ ପୂର୍ଣ୍ଣ ଖୋଲିଯାଇପାରେ । ଫଳରେ ଅନ୍ଧାର ରାତିରେ ଅଧିକ ଆଲୋକ ଆଖି ମଧ୍ୟରେ ପ୍ରବେଶ କରିପାରେ ଆଉ ବାଘ ରାତିରେ ସହଜରେ ଦେଖିପାରେ । ଦିନ ସମୟରେ ଏହାର ଆଖି ମଧ୍ୟ ଭଲ ଭାବରେ କାମ କରେ । ଆଲୋକ ଅଧିକ ହେଲେ କଳାଡୋଳା ଲମ୍ବା ଚେପଟା ହୋଇ ଛୋଟ ହୋଇଯାଇଥାଏ ଆଉ କମ ଆଲୋକ ଭିତରକୁ ପ୍ରବେଶ କରେ ।

ବାଘମାନେ ରଙ୍ଗ ଜାଣି ପାରନ୍ତି । ଅନ୍ୟପକ୍ଷରେ ଅନେକ ସ୍ତନ୍ୟପାୟୀ ଜୀବଜନ୍ତୁ ରଙ୍ଗ ଜାଣି ପାରନ୍ତି ନାହିଁ । ସେମାନଙ୍କ ଦୁନିଆ କଳା ଧଳା । କିନ୍ତୁ ବାଘ ଦୁନିଆକୁ ମଣିଷଭଳି ରଙ୍ଗୀନ ଭାବରେ ଦେଖେ । ବାଘର ଶୋଇବା ସମୟରେ ଆଖି ପୂର୍ଣ୍ଣ ଭାବରେ ବନ୍ଦ ହୋଇଥାଏ । ନାକ ଅଳ୍ପ ଜାଗ୍ରତ ଥାଏ ଆଉ କାନ ପୂର୍ଣ୍ଣ ଜାଗ୍ରତ ଥାଏ । କୁହାଯାଇପାରେ ବାଘ ଶୋଇବା ସମୟରେ ମଧ୍ୟ କିଛି ଅଂଶରେ ଜାଗ୍ରତ ଥାଏ ।

ବାଘ ନିଜର କଣ୍ଟାଳିଆ ଜିଭରେ ଶରୀରକୁ ଘଷି ସଫାକରେ । ବାଘର ଛେପରେ ରୋଗ ପ୍ରତିରୋଧକାରୀ ଶକ୍ତି ଅଛି । ବାଘ ଦେହର ଖଣ୍ଡିଆକୁ ଜିଭରେ ଘଷେ ଆଉ ଖଣ୍ଡିଆ ଜଲଦି ଶୁଖିଯାଏ ।

ପାଓଲି ଆଗକୁ ଅନାଇଲେ । ଜଙ୍ଗଲ ବେଶ ସୁନ୍ଦର ଲାଗୁଥିଲା । ବାଘ ବିଷୟରେ ଏତେ ତଥ୍ୟ ବାଘକୁ ବୁଝିବାରେ ସାହାର୍ଯ୍ୟ କରୁଥିଲା । ତାଙ୍କ ମୁହଁରେ ଏକ ଖୁସି ଫୁଟି ଉଠିଲା ।

ସେପଟେ ବଗ ଗୁଡ଼ିକ ବଡବ୍ୟସ୍ତ ଥିଲେ । ପାଣି ଛାଡ଼ିଗଲେ ମୁନ୍ଦାଏ ମୁନ୍ଦା ପାଣି କେଉଁଠି ଅଟକିଯାଏ । ଏମିତିଆ ଅଳ୍ପ ପାଣିଥିବା ଜାଗାରେ କିଛି ମାଛ ଜୋରରେ ଏପଟସେପଟ ହେଉଥିଲେ । ପାଣି ତଳେ ବୋଧହୁଏ ଆଉ ଗୋଟିଏ ବଡ଼ ମାଛ ଶିକାର କରିବା ପାଇଁ ବ୍ୟସ୍ତ ଅଛି । ଏ ବଡ଼ ବଗଗୁଡ଼ିକ ଏଥିରୁ କିଛି ସୁଯୋଗ ଖୋଜୁଥିଲେ । ଗୋଟିଏ ବଡ଼ ବଗ ଜୋରରେ ଚାଲିଲା । ତା'ର ଗୋଡ଼ ଗୁଡ଼ିକ ବହୁତ ପତଳା । ତା'ପରେ ଆସି ଗୋଟିଏ

ଜାଗାରେ ଛିଡ଼ା ହୋଇଗଲା । ତା'ର ବେକଟା ରବରକୁ ଟାଣିଲାଭଳ ବେଶ ଲମ୍ବିଯାଇଥିଲା । ତା'ର ଲମ୍ବା କଳା ଥଣ୍ଟ ଏକ ମୋଟା ଡାମ୍ଫଣ ଭଳ ଦେଖାଯାଉଥିଲା । ଏହା ଟିକଏ ଖୋଲାଥିଲା ଆଉ ଥଣ୍ଟ ଖୁବ୍ ଜୋରରେ ଏକ ମାଛ ଧରିବା ପାଇଁ ପ୍ରସ୍ତୁତ ହୋଇ ରହିଥିଲା । ଛୋଟ ମାଛଗୁଡ଼ିକ ସେମିତି ପାଣି ଉପରେ ଡେଉଁଥିଲେ । ତଳେ ବୋଧହୁଏ ମାଗୁର ଭଳ କେଉଁ ଶିକାରୀ ମାଛ ସେଗୁଡ଼ିକୁ ଜୋରରେ ତଡୁଥିଲା । କେତେଟା ମାଛ ବଡ଼ ବଗର ପାଖକୁ ଆସିଗଲେ । ବଗଟି ଖୁବ୍ ଜୋରରେ ନିଜର ଥଣ୍ଟକୁ ତଳକୁ ନେଇଗଲା । ଆଉ ପର ମୁହୂର୍ତ୍ତରେ ତା'ର ଥଣ୍ଟ ମଝିରେ ଗୋଟିଏ ମାଛ ଲାଗିରହିଥିଲା । ବଗଟି ମାଛକୁ କଛି ସମୟ ଧରିଲା । ତା'କୁ ଏପଟ ସେପଟ ହଲାଇଲା । ତା' ଦ୍ୱାରା ସେ ମାଛକୁ ଭଲ ଭାବରେ ଥଣ୍ଟରେ ଧରିପାରିବ । ବଗ ନିଜର ମୁଣ୍ଡ ଉଠାଇନେଲା ଏବଂ ମାଛଟିକୁ ଗିଳିବାକୁ ଲାଗିଲା। ତା'ର ଥଣ୍ଟଟି ବେଳେ ବେଳେ ପାଣିରେ ବାଡେଇ ହେଇଯାଉଥିଲା । ଆଉ ଛୋଟ ମାଛ ଗୁଡ଼ିକ ଏକ ଧଳା ବଗ ଘୁରିପଟେ ଡେଇଁପଡୁଥିଲେ । ଏମିତି ବଗଟି ଏପଟୁ ଅନେକ ମାଛ ଧରିନେଲା । ମାଛଗୁଡ଼ିକ ଏବେ ଡରି ଅନ୍ୟ କୂଳ ଆଡ଼କୁ ଘୁଞ୍ଚିଯାଉଥିଲେ । ସେପଟେ କେହି ଶିକାରୀ ନାହାନ୍ତି । ବଗଟି ଏମିତି କଛି ସମୟ ସେଇଠି ଛିଡ଼ାହେଲା । ତା'ର ଲମ୍ବା ଧଳା ଡେଣା ଖୋଲିଗଲା । ଲମ୍ବା ଡେଣାରେ ଅଫୁରନ୍ତ ଶକ୍ତି ଭରିରହିଥିଲା । ସେ ଜୋରରେ ଡେଣାକୁ ଏପଟସେପଟ କଲା । ପର ମୁହୂର୍ତ୍ତରେ ବାସ୍ ସେ ଉଡ଼ିଯାଉଥିଲା । ତା' ବେକ ଆଗକୁ ହୋଇଯାଇଥିଲା । ଏକ ସୁନ୍ଦର ଲମ୍ବା ଧଳା ପକ୍ଷୀର ଛବି ପାଣି ଉପରେ ଥିଲା ।

ଏକ କାଣ୍ଟିଆ ବଗ ନରମ କାଦୁଅରେ ବହୁ ସାବଧାନ ସହ ଘୁଲୁଥିଲା । ତା'ର ପାଦର ଛାପ କାଦୁଅ ଉପରେ ପଡିଯାଉଥିଲା । କନ୍ତୁ ଗୋଡ଼ଗୁଡ଼ିକ କାଦୁଅ ଭିତରେ ତଳକୁ ଘୁଞ୍ଚିଯାଉନଥିଲା । ତା'ର ଗୋଡ଼ର ଆକାର ପାଇଁ ଏ ବଗଟି ଏତେ ମୋଟା ନରମ କାଦୁଅରେ ମଧ୍ୟ ସହଜରେ ଘୁଞ୍ଚିଯାଉଥିଲା । ସେ ବଡ଼ ସାବଧାନ ଥିଲା । ତା'ର ଗୋଲ୍ ଆଖି ମୁନ୍ଦାଏ ପାଣି ଉପରେ ସ୍ଥିର ଭାବେ ଲାଗିଯାଇଥିଲା । ସେ ପାଣିମନ୍ଦାଟା ଶ୍ୱାସମୂଳମାନଙ୍କ ମଧ୍ୟରେ ଜମି ରହିଥିଲା । ତା' ମୁଣ୍ଡଟା ତଳକୁ ଆସିଗଲା । ଥଣ୍ଟ କେତେ ଇଞ୍ଚ ପାଣି ଉପରେ । ତା'ର ଲମ୍ବା ଥଣ୍ଟଟି ମାଛ ଧରିବା ପାଇଁ ପ୍ରସ୍ତୁତ ଥିଲା । ସେ ସତର୍କହୋଇ ଗୋଡ ଆଗକୁ ବଢ଼ାଉଥିଲା । ପାଣିରେ ଗଲାପରେ ମଧ୍ୟ ପାଣିରେ ଟିକଏ

ଚହଲ୍ ନଥିଲା । ସେ ଗୋଡ଼ଟିକୁ ଖୁବ୍ ଧୀରେ ଉଠାଇଲା । ଅନ୍ୟ ଗୋଡଟି ପ୍ରାୟ ସ୍ଥିର ଥିଲା । କଛି ମୁହୂର୍ତ୍ତ ପରେ ବହୁତ ଧୀରେ ଆଉ ଗୋଡ଼ଟିକୁ ତଳକୁ ଆଣୁଥିଲା । ଯେମିତି କ୍ୟାମେରାର ସୁପର ସ୍ଲୋମୋସନରେ କେହି ଗତିକରୁଛି । ତା'ର ଥଣ୍ଟଟି ପାଣିକୁ ଛୁଇଁବ ଛୁଇଁବ ହେଉଥିଲା । ପକ୍ଷୀଟି ଏକ ଭଲ ଶିକାର ପାଇଁ ଚେଷ୍ଟା କରୁଥିଲା । ତା'ପରେ ତା'ର ମୁଣ୍ଡଟା ବହୁ ଜୋରରେ ତଳକୁ ଆସିଗଲା । ପାଣି ଭିତରକୁ ଥଣ୍ଟଟା ବୁଡ଼ିଗଲା । ଯେମିତିକି ଆକାଶରୁ ଏକ ବଜ୍ରାଘାତ ହୋଇଛି । ତା'ପରେ ପକ୍ଷୀଟିର ଥଣ୍ଟରେ ଏକ ମାଛ ଲାଗିରହିଥିଲା । ପକ୍ଷୀଟି ସଙ୍ଗେ ସଙ୍ଗେ ସେ ମାଛଟିକୁ ଗିଳଦେଲା । ତା'ର ଧୀର ଗ୍ଭଲିବାର ସୁଫଳ ମିଳୁଥିଲା ।

ପାଓଲି ଆଉ ସପନବାବୁ ଅନେକ ଦୂର ଗ୍ଭଲିଗଲେ । ଏ ପର୍ଯ୍ୟନ୍ତ ପାଣିରେ କେଉଟମାନେ ଥିଲେ । ଆଗରେ ଲୋକମାନେ ନଜର ଜାଲସବୁ ତଳକୁ ଓହ୍ଲାଇ ନେଉଛନ୍ତି । ଦିନ ଏମତି ସରି ଯାଇନ । ଏଠାର ଦିନ ଆଉ ରାତି ଭିତରେ ବାଘ ଆଉ ଲୋକେ ବଞ୍ଚି ରହିଛନ୍ତି । ପାଓଲିଏକ ଲମ୍ବା ଶ୍ୱାସ ନେଲେ ।

"ବାଘ ବଞ୍ଚି ରୁହୁ, ଲୋକେ ବଞ୍ଚି ରୁହନ୍ତୁ ।"- ଏଇ ଦୁଇଧାଡି ଶବ୍ଦ ତାଙ୍କ ମୁହଁରୁ ବାହାରି ଆସିଲା ।

କ୍ରମଶଃ -

ସେକ୍ଟର-୩, ସଲ୍ଟଲେକ, କଲିକତା

# କଳାର କୋଣାର୍କ

ଈଶ୍ୱରୀ ବେହେରା

କାମନାର ଅର୍ଘ୍ୟ କଳ୍ପିତ ବାସରେ
ଲୁହ, କୋହ ଭରା ବନ୍ୟା
ସପ୍ତାଶ୍ଚର୍ଯ୍ୟେ ଆଜି ବିଶ୍ୱରେ ବିଦିତ
ଅନୁପମେ ସେ ଅନନ୍ୟା।।
ଶିଳାଗାତ୍ରେ ଅଙ୍କା ଲାବଣ୍ୟବତୀଟି
ଶିଳ୍ପୀ ହୃଦୟର ବ୍ୟଥା
ସ୍ମରି ପ୍ରାଣପ୍ରିୟା ଲୁହରେ ଆଙ୍କିଛି
ଅଭୁଲା ଅଲିଭା ଗାଥା।।
ବାରବର୍ଷ ଧରି ଲଢ଼େଇ କରିଛି
ଶିଳା ଯୁଦ୍ଧେ ଦିବା ନଶି
ନହାଣ ମୁନରେ ପ୍ରିୟାର କାହାଣୀ
ତାମସି ରାତ୍ରିର ଶଶୀ।।
ପଥର ବକ୍ଷରେ ଲହୁଣି ପିତୁଳା
ଷୋଳ କଳା ଅଙ୍ଗଭଙ୍ଗୀ
ବାସର ରାତ୍ରିର ମଧୁମଖା ସ୍ୱପ୍ନ
ନଟ ନଟିଙ୍କ ତ୍ରିଭଙ୍ଗୀ।।
କଳ୍ପ କଳ୍ପ ଲାଗି ଶିଳ୍ପୀ ଅଶ୍ରୁ ରଙ୍ଗେ
କଳାର କୋଣାର୍କ ଯଶ
ଉତ୍କଳର କୀର୍ତ୍ତି ସ୍ୱର୍ଣ୍ଣାଭ ଅକ୍ଷରେ
ଲିପିବଦ୍ଧ ଇତିହାସ।।

ସୋର, ବାଲେଶ୍ୱର


ସତୀଶ ନୂତନ

# ମା

ମୂଳ ରଚନା ହିନ୍ଦୀ: ସତୀଶ ନୂତନ
ଓଡ଼ିଆ ଭଷାନ୍ତର : ସନାତନ ମହାକୁଡ


ସନାତନ ମହାକୁଡ

ମା
ଫାମିଲି ପେନସନ୍ ପାଏ
ପେନସନ୍ ଆଣିବାକୁ ଯେବେ ଯାଏ ବ୍ୟାଙ୍କ
ପାସ୍ ବୁକ୍ ଲଦି କରି ଆଣେ
ଘର ଆବଶ୍ୟକୀୟ ଏକ ଲମ୍ବା ତାଲିକା

ପ୍ରତିମାସ
ଆବଶ୍ୟକକାରୀଙ୍କ ଦ୍ୱାର୍
ଲେଖି ଦିଆଯାଇଥିବା
ଏହି ତାଲିକାରେ
ସେ
କେବେ ବି ଲେଖିନ
ନଜର ନାଁ ଆଉ ଆବଶ୍ୟକତା ।

ବେରୁଆଁବାରୀ, ନୟାଗଡ, ଓଡିଶା
ଦୂରଭଷ: ୯୩୩୯୬୧୦୧୬୮

# ଗାଆଁ କନିଆ ସିଂଘାଣି ନାକ

ଜୟ କୁମାର ମିଶ୍ର

ହେଉ ରୂପବତୀ, ହେଉ ଗୁଣବତୀ
ଶାନ୍ତ, ସୁଧୀରଟି ସେହି,
କନିଆ ଗାଆଁର, ହୁଏ ହତାଦର
ଗାଆଁରେ ଚ଼ହ୍ନନ୍ତି ନାହିଁ ।।(1)

ପର ଘର ତୁଣ, ସ୍ୱାଦିଷ୍ଟଟି ପୁଣ
ପ୍ରଶଂସା ପୋତାହୁଏ, ,
ଘର ତରକାରୀ, ଲ୍ଗଇ ବଇରୀ
ଫିଙ୍ଗା ଫୋପଡ଼ାଟି ସିଏ ।।(2)

ବିଦେଶୀ ଦ୍ରବ୍ୟରେ, ମନ ଘରଧରେ
ବଡ଼ିମାରେ ଟେକଟାଣ
ସ୍ୱଦେଶୀ ସାମଗ୍ରୀ, ହୁଏ ବଇର୍‌ଗୀ
ଧରି ଦୁଃଖେ ଘରକୋଣ ।।(3)

ସର୍‌ଗ ରହିଛି, ବିଲ୍‌ତ ଭ୍‌ଷାରେ
ଅନ୍ୟର୍‌ଷ୍ଟ୍ର ଭ୍‌ଷାପାଶେ,
ଭୁଲହେଉ ପଛେ ପଦେ କହିଦେବା
ଲେଖିବାକୁ ମନରସେ ।।(4)

ମାତୃଭ୍‌ଷା ପ୍ରୀତି, ସର୍‌ଗର ସ୍ଥିତି
କୁସୁମ ମଉଳ ଯାଏ,

ପରଭୂଷା ବୃଷା, ବଳେକରେ ବସା
ଜାଣ ଅଜାଣନ୍ତେ ସେହି ॥(5)

ଗାଆଁ ସାହି କୁତା, ହିନସ୍ଥା, ଅବସ୍ଥା
କହିଲେ ସରିବ ନାହିଁ,
ନିଜ ଗାଆଁ, ପଡା, କୁତାଙ୍କ କାମୁଡା
ଖାଇଖାଇ ଗ୍ବେ ସେହି ॥(7)

ଘର ଲୋ୍କମନ, ଘରର ବ୍ୟଞ୍ଜନ,
ପସନ୍ଦ କରନ୍ତି ନାହିଁ,
ବଡ଼ଲୋ୍କ ଭବେ, ହୋଟେଲକୁ ଯିବେ
ଭୁଂଜିବେ ବାହାବା ଦେଇ ॥(8)

ସ୍ଥାନୀୟ ପ୍ରତିଭ୍ବ, କଳାକୃତି ଗ୍ଜି
ସ୍ଥାନୀୟଙ୍କ ଅନାଦର,
ପରଠାରେ କେବେ, ମହକବ ଯେବେ
ଶଙ୍କୋଚରେ ହରବର ॥(8)

ଗାଆଁର କନଆ, ସିଂଘାଣି ନାକସେ
ଗାଆଁକୁ ଅଶୋଭ୍ବ ପାଏ,
ପରଘର ଝିଅ, କାହ୍ନୁ ଆଖିଲୁହ
ଉଦଣ୍ଡିକୁ ମନ ଗ୍ବହେଁ ॥(10)

ବୁଦୁଗ୍ବ, କାଶୀନଗର, ଗଜପତି

# ତୁଳନା



ପୁଷ୍ପାଞ୍ଜଳି ପଣ୍ଡା

ଭେ଼ ଭେ଼ କରି ବୁଲା କୁକୁର ଟା ସେତେବେଳୁ ଭୁକୁଛି ବୋଲି ଗେଟ୍ ଖୋଲି ବୃଦ୍ଧ ମନ୍ଦରଧର ବାବୁ, ଦେଖିବାକୁ ଆସିଲେ । ଆହାଃ ବିଚ୍ରାରି ର ବାଁ ପଟ ଗୋଡ଼ ରେ କଏ ଗାଡ଼ି ଚଢେଇ ଦେଇଛି। ରକ୍ତ ଜୁଡୁବୁଡୁ ହୋଇ ପଡିଛି।

ପାଖ ପଡିଶାଘର ର ବାର ବର୍ଷ ର  ଝିଅ ନିହାରିକା ତାକୁ ଡ଼ରି ଡ଼ରି ଉଠାଉଛି । କହିଲା "ଅଙ୍କଲ୍ ଟିକେ ସାହାଯ୍ୟ କଲେ ମୁଁ ଆକୁ ଆମ ବାରଣ୍ଡା ଯାଏ ନେଇଯାଆନ୍ତି। ବାବା କାମରୁ ଫେରିଲା ବେଳେ ତା ପାଇଁ ଔଷଧ ନେଇଆସିବେ। ମୁଁ ଫୋନ୍ କରି କହିଛି। ସେୟାହେଲା। ଦୁହେଁ ତାକୁ ଟେକଟେକ ନେଇ ତାଙ୍କ ଆଜବେଷ୍ଟ ଘର ବାରଣ୍ଡାଯାଏ ନେଇଗଲେ। କଛି ଦିନର ଶେବା ଶୁଶ୍ରୁଷା ରେ ବୁଲା କୁକୁର ଟି ସମ୍ପୂର୍ଣ୍ଣ ସୁସ୍ଥ ଓ  ଏବେ ନିହାରିକା ର ପୋଷା ମାନ ଦୌଡୁଛି। ଆଜି  ମନ୍ଦରଧର ବାବୁ ମାର୍କେଟ ରୁ ଛୋଟେଇ ଛୋଟେଇ ପରିବା, କ୍ଷୀର ଓ  ନିଜ  କୁକୁର ପାଇଁ ପେଡିଗ୍ରି ନେଇ ଆସିଲା ବେଳେ ଗୋଟେ ପାକେଟ୍ ନିହାରିକା କୁ ଲୁଚେଇ ଦେଇ ଆସିଲେ । କହିଲେ ଆମ ଘରେ କହିବନି। ନିଜଭିତରେ ଏକ ଅଜବ ଖୁସୀ  ସେ ପାଉଥିଲେ ଆଜି। କାନ ରେ ବାଜୁଥିଲା ପାଠୋଇ ଉଗ୍ର ଆଧୁନିକା ବୋହୂର କଥା "ବୁଢ଼ା ବୁଢ଼ୀ ମାନେ ବୁଲା କୁକୁର ପରି । ଗେଟ୍ ବାହାର ର ଯାଗା। ଆଉ ଆଜି ମାର୍କେଟ ରେ ଗୋଟେ ମଦୁଆ ବାଇକ୍ ବାଲା ର ବେପରୁଆ ଗାଡ଼ି ତୁଳନାରେ କ୍ଷତାକ୍ତ ହୋଇ ସେ ନିଜକୁ ସେ ବୁଲା କୁକୁର ସହ ....। ନିହାରିକା ର ଡାକରେ ତାଙ୍କ ଭାବନା ଭାଙ୍ଗିଗଲା। ନିହାରିକା କହୁଥିଲା ଅଙ୍କଲ ତମ  ଘରେ ବରଫ  ଥିବ । ଆଣି ଦିଅ ଗୋଡ଼ ରେ ବରଫ ଘସି  ଦେବି। ଠିକ୍ ହୋଇଯିବ।  ସେପଟୁ ବୋହୂର ପାଟି ଶୁଭୁଥିଲା ମାର୍କେଟ କଣ ଉଠିଯାଇଥିଲା କି ....।

ଷ୍ଟାଟିଷ୍ଟିକାଲ ଅଫିସର
ଯାଜପୁର

# ବନ୍ଦ ଶ୍ରୀ ଗୋବିନ୍ଦ ପଦ



ଡ. ଅର୍ଜୁନ ଚରଣ ବାରିକ୍

ଶ୍ରୀପତି ଶ୍ରୀମତୀ ପତି ଯଦୁପତି ଶ୍ରୀକୃଷ୍ଣ ଶ୍ୟାମ ସୁନ୍ଦର ।
ଅନନ୍ତ ଅଙ୍କ ବିହାରୀ ମଧୁହାରୀ ସାଧବେସ୍ମରଣ କର ॥ ୧ ॥

ଭିତର ବାହାର ସମାନ ତାହାର ଟକ ହୋଇବ ସମତାର?
ମରଣ ଜନମ ଯାହାର ଭିଆଣ ସେ ଶ୍ରୀହରି ରମାବର ॥ ୨ ॥

ନ୍ୟୂନ କଦାଚନ ନୁହଇ ତା ଗୁଣ ଶ୍ରୀଧର ଗୁଣ ସାଗର ।
କାନ୍ତ ତୁଳସୀର ସେ ମୂରଲୀଧର ଶୟନ କ୍ଷୀର ସାଗର ॥ ୩ ॥

ନୁହଁ ନର୍‌ଶ ବିଦୂଷ ର୍‌ଧାସ୍ୱାମୀ ଚରଣ ବନ୍ଦନକର ।
ନର ଜନମ ତୋ ହୋଇବ ସାର୍ଥକ ହରିନାମ ହେତୁକର ॥ ୪ ॥

ଗୋବିନ୍ଦ ପରମାନନ୍ଦ ନନ୍ଦସୁତ ଶ୍ରୀକାନ୍ତ ସୁଖ ସାଗର ।
ଉଦନ୍ତ ବୁଝଇ ସାର୍ ଜଗତର ଶ୍ରୀହରି କମଳାବର ॥ ୫ ॥

ଦମନ କରେ ସେ ଶମନ ଦରପ ଦରଶନର ମାତର ।
ଘୋର ନବଘନ ସୁନ୍ଦର ବରନ କେଶବ କରୁଣା କର ॥ ୬ ॥

ଷଣ୍ଢାରୀ ବକାରୀ ହରି ଦନୁଜାରୀ ମନ ପାମର ସୁମର ।
କରୀ ହରିଣୀ ଦୁଃଖ ହରଣ ବାରୀ ନୀଳମଣି ସୁରେଶ୍ୱର ॥ ୭ ॥

ପ୍ରଣତ ଜନର ଶରଣ ରକ୍ଷଣ ନାରାୟଣ କମ୍ବୁକର ।
ସାହାର୍ ଭକତ ଜନର ଶ୍ରୀଧର ବେଣୁପାଣି ଦାମୋଦର ॥ ୮ ॥

ରଙ୍ଗ ଅଧରରୁ ମନ୍ଦହାସ ଶୋହେ କଟୀତଟେ ପୀତାମ୍ବର ।
ଭବ ବିନୋଦିଆ ସେ ଜଗାକାଳିଆ ଯଶୋମତୀର କୁମର ॥ ୯ ॥

ରସ ସାଗର ନାଗର ଗିରିଧର ମୋହନ ମୂରଲୀଧର ।
ତୀର ଯମୁନାର ପୁଳୀନେ ଭ୍ରମଇ କହାଇ ପରମେଶ୍ବର ॥ ୧୦ ॥

ପୁରୁଷ ଉତ୍ତମ କୃଷ୍ଣ ଘନଶ୍ୟାମ ଦେବକୀର ଗଳାହାର ।
ରୀଷ୍ଟ ଖଣ୍ଡନକାରୀ କ୍ଷେତ୍ର ବିହାରୀ ସୁଜନେ ସଦା ସୁମର ॥ ୧୧ ॥

ଅଧାପକ, ଇଂରାଜୀ ଭାଷା ସାହିତ୍ୟ,
ସା:ପୋ-ମହୁ, ଜି-କେନ୍ଦ୍ରାପଡା

# ଶ୍ରୀ ଅରବିନ୍ଦ ଓ ଦିବ୍ୟଚେତନା



ଡକ୍ଟର ମଧୁସ୍ମିତା ମିଶ୍ର

ମନୁଷ୍ୟର ସାମଗ୍ରିକ ପରିବର୍ତ୍ତନ ତଥା ଭାରତର ସାମୂହିକ ପୁନର୍ଜାଗରଣ ଆଦି ଦ୍ୱିପାକ୍ଷିକ ଆଦର୍ଶକୁ ଭିତ୍ତି କରି ବଙ୍ଗ ପ୍ରଦେଶର ରାଜନୈତିକ ବିଦ୍ରୋହୀ ତଥା ଆଧ୍ୟାତ୍ମିକ ଯୋଗୀ ଶ୍ରୀ ଅରବିନ୍ଦଙ୍କର ଦର୍ଶନ ଗଢି ଉଠିଥିଲା । ଭାରତୀୟ ସଂସ୍କୃତି ଓ ପାଶ୍ଚାତ୍ୟ ମୂଲ୍ୟବୋଧର ସମ୍ମିଶ୍ରଣ ତଥା ରାଜନୀତି ରାଜନୀତି ଓ ଆଧ୍ୟାତ୍ମିକତା ମଧ୍ୟରେ ଥିବା ବିଶ୍ଳେଷଣାତ୍ମକ ପରିପୂରକତା ପ୍ରତି ଥିବା ନିଷ୍ଠା; ସମାଜର ବିଭିନ୍ନ ବର୍ଗର ଲୋକଙ୍କ ସହିତ ବହୁ ବୁଦ୍ଧିଜିବୀଙ୍କୁ ତାଙ୍କ ପ୍ରତି ଆକୃଷ୍ଟ କରିଥିଲା ।

୧୮୭୨ ମସିହା ଅଗଷ୍ଟ ୧୫ ତାରିଖରେ ଜଣେ ସଫଳ ଚକତ୍ସକ ଡାକ୍ତର କେ.ଡି ଘୋଷଙ୍କ ତୃତୀୟ ସନ୍ତାନ ଭାବରେ ଶ୍ରି ଅରବିନ୍ଦ, ବଙ୍ଗ ପ୍ରଦେଶରେ ଜନ୍ମ ଗ୍ରହଣ କରିଥିଲେ । ତୁଳସୀ ଦୁଇପତ୍ରରୁ ବାସିବା ଭଳି ଶ୍ରୀ ଅରବିନ୍ଦଙ୍କର ବୁଦ୍ଧିମତା ଓ ଜ୍ଞାନର ପରିଚୟ ତାଙ୍କ ପିଲାଦିନରୁ ବିଦ୍ୟା ଅଧ୍ୟୟନ ବେଳରୁ ଜଣା ପଡିଥିଲା ।

ଭାରତୀୟ ଦାର୍ଶନିକ, ଗୁରୁ, କବି, ଜାତୀୟବାଦୀ ଚନ୍ତାନାୟକ ତଥା ଯୋଗୀ ଶ୍ରୀ ଅରବିନ୍ଦ ଆଧ୍ୟାତ୍ମିକ ଉପଲବ୍ଧିରେ ଗଭୀର ବିଶ୍ୱାସ କରୁଥିଲେ । ତାଙ୍କର ଏହି ଜୀବନାଭିମୁଖ୍ୟ ମନୁଷ୍ୟର ପ୍ରକୃତି ତଥା ଗୁଣରେ ସକାରାତ୍ମକ ପରିବର୍ତ୍ତନ ଆଣିବା ସହ ବିଶ୍ୱରେ ଦିବ୍ୟ ଜୀବନଶୈଳୀ ଯାପନ କରିବାପାଇଁ ଆଜି ମଧ୍ୟ ବ୍ୟକ୍ତିକୁ ସଠିକ୍ ଦିଗଦର୍ଶନ ଦେଇଥାଏ ।

ବ୍ୟକ୍ତିର ଅତି ସାଧାରଣ ପାର୍ଥିବ ଅଜ୍ଞାନତାର କୁହେଳିକା, ସତ୍ୟ ସଚେତନତା ପ୍ରତି ସନ୍ଦେହ ସୃଷ୍ଟି କରିପାରେ ତଥା ପ୍ରକୃତରେ ବ୍ୟକ୍ତିର ବୌଦ୍ଧିକ ଅତିନ୍ଦ୍ରୀୟତା ବା ଦିବ୍ୟତା ପ୍ରାପ୍ତି କଣ ଆଧ୍ୟାତ୍ମିକ ମାର୍ଗ ଦ୍ୱାରା ସମ୍ଭବ ବୋଲି ମଧ୍ୟ ସମୟେ ସମୟେ ଦ୍ୱିଧା ଉତ୍ପନ୍ନ ହୋଇପାରେ । ଏଥି ସହିତ ଏହି ଦିଗରେ ଅଗ୍ରସର ହେଲେ ବ୍ୟକ୍ତିକୁ ବହୁ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡିପାରେ । ଏହି ଦୃଶ୍ୟ ପରିପ୍ରେକ୍ଷୀରେ ଶ୍ରୀ ଅରବିନ୍ଦଙ୍କର ସ୍ୱୀୟ ଆଧ୍ୟାତ୍ମିକ ଦୃଷ୍ଟିଭଙ୍ଗୀ

ଏବଂ ଅଭିଜ୍ଞତା ପ୍ରତିପାଦନ କରିଥିଲା ଯେ ମାନବ ଜୀବନର ଏକମାତ୍ର ସତ୍ୟ ଓ ଧ୍ୟେୟ ହେଉଛି ଦିବ୍ୟତା ଲାଭ ।

ମହାନ୍ ଯୋଗୀ ଶ୍ରୀ ଅରବିନ୍ଦ ଅନ୍ତର୍ନିଷ୍ଠ ପୂର୍ଣ୍ଣଯୋଗ **(Intregral Yoga)** ର ପ୍ରଣେତା ଓ ପ୍ରବକ୍ତା ଥିଲେ । ପୂର୍ଣ୍ଣଯୋଗ କମ୍ବା ସମ୍ପୂର୍ଣ୍ଣ ପୂର୍ଣ୍ଣତାର ଯୋଗ ବ୍ୟକ୍ତିକୁ ଏପରି ଏକ ଦିବ୍ୟ ଆଧ୍ୟାତ୍ମିକ ସତ୍ତାରେ ପରିଣତ କରେ ଯଦ୍ୱାରା ତାର ମନ, ପ୍ରାଣ ଏବଂ ଶରୀର ଭିତରେ ଲୁକ୍କାୟିତ ତତ୍ତ୍ୱକୁ ହାସଲ କରିବାରେ ଏହା ସହାୟକ ହୋଇଥାଏ ।

ନଜର ଆଧ୍ୟାତ୍ମିକ ଅଗ୍ରଗତି ବିଷୟରେ ସ୍ୱୟଂ ଶ୍ରୀ ଅରବିନ୍ଦ ଲେଖିଛନ୍ତି ଯେ ୧୯୦୪ ମସିହାରେ କୌଣସି ଗୁରୁଙ୍କର ମାର୍ଗଦର୍ଶନ ତାଙ୍କୁ ମିଳ ନଥିଲା । ୧୯୦୮ ମସିହାରେ ଜଣେ ମରହଟ୍ଟା ଯୋଗୀ ଶ୍ରୀ ବିଷ୍ଣୁ ଭାସ୍କର ଲେଲେ ଙ୍କ ଠାରୁ ସେ ସାଧନାର ମୂଳତତ୍ତ୍ୱ ଶିକ୍ଷା ଲାଭ କରିଥିଲେ । କାରାଗାର ରେ ଥିବା ସମୟରେ ସେ ଶ୍ରୀମଦ୍ ଭଗବତ୍ ଗୀତା, ଉପନଷଦ ପ୍ରଭୃତି ଅଧ୍ୟୟନ କରିବା ସଙ୍ଗେ ସଙ୍ଗେ ଧ୍ୟାନସ୍ଥ ରହି ଆତ୍ମନିରୀକ୍ଷଣ କରୁଥିଲେ । କୌଣସି ସମସ୍ୟା ବା ସଂଶୟର ସମ୍ମୁଖୀନ ହେବା ସମୟରେ ସେ ଶ୍ରୀମଦ୍ ଭଗବତ୍ ଗୀତାରୁ ତାହାର ସମାଧାନ ଅନ୍ୱେଷଣ କରୁଥିଲେ । ସେହିଠାରେ ଅବସ୍ଥାନ ସମୟରେ ଧ୍ୟାନବସ୍ଥାରେ ସେ ଏକାଦିକ୍ରମେ ସ୍ୱାମୀ ବିବେକାନନ୍ଦଙ୍କର ସ୍ୱର ପନ୍ଦରଦିନ ଧରି ଶୁଣିବାକୁ ପାଇଥିଲେ ଏବଂ ତାଙ୍କର ଉପସ୍ଥିତି ଅନୁଭବ କରିଥିଲେ ।

ଶ୍ରୀ ଅରବିନ୍ଦ ୧୯୧୦ ମସିହାରେ ରାଜନୀତିରୁ ଅବ୍ୟାହତି ନେବା ପୂର୍ବରୁ ୧୯୦୮ ମସିହାରେ ଅନୁଭବ କରିଥିବା ଆଧ୍ୟାତ୍ମିକ ଦିଗଦର୍ଶନକୁ ଚାରିଗୋଟି ପର୍ଯ୍ୟାୟଭୁକ୍ତ କରାଯାଇପାରେ । ପ୍ରଥମତଃ ସେ ସମଗ୍ର ଚେତନଶକ୍ତିର ଏକ ସମ୍ପୂର୍ଣ୍ଣ ସ୍ଥାଣୁତା, ତଥା ସ୍ଥାନାତୀତ, କାଳାତୀତ ବ୍ରହ୍ମଙ୍କର ଉପଲବ୍ଧି କରିଥିଲେ । ଜଗତ୍ ର ଅଳୀକତ୍ୱ ଏବଂ ତତ୍ ସହିତ ସତ୍ ଚତ୍ ଆନନ୍ଦର ଅନୁଭବ କରିଥିଲେ । କନ୍ତୁ ଏହି ଅନୁଭୂତି ତାଙ୍କର ସ୍ୱଳ୍ପକାଳୀନ ଥିଲା । ଅନ୍ୟ ଦୁଇ ଉପଲବ୍ଧି ମଧ୍ୟରୁ ସ୍ଥିର ଓ ଅସ୍ଥିର ସତ୍ୟ ପ୍ରତି ଜ୍ଞାନ ଉଦୟ ହେବା ସହିତ ତାଙ୍କର ପରିଶେଷରେ ଅତିମାନବୀୟ ଚେତନା ଲାଭ ହୋଇଥିଲା । ଏହି ସମୟରେ ଧ୍ୟାନସ୍ଥ ଥିବାବେଳେ ସେ ଶ୍ରୀ ବାସୁଦେବ ବିଷ୍ଣୁଙ୍କୁ ମଧ୍ୟ ଦର୍ଶନ କରିପାରିଥିଲେ ।

ଶ୍ରୀ ଅରବିନ୍ଦଙ୍କ ଦର୍ଶନ ପୃଷ୍ଠଭୂମିରେ, ଚେତନାଶକ୍ତିର ଆଧ୍ୟାତ୍ମିକତା ଦିଗରେ ବିକାଶ ହେଲେ ହିଁ ମାନବୀୟ ତଥା ବିଶାଳ ବ୍ରହ୍ମାଣ୍ଡୀୟ ସତ୍ତା ପ୍ରାପ୍ତିର ମାର୍ଗ ଉନ୍ମୋଚତ ହୋଇଥାଏ । ଏହା

ବ୍ୟକ୍ତିଗତ ସ୍ତରରେ ତଥା ସମଷ୍ଟିଗତ ସ୍ତରେରେ ପରିବର୍ତ୍ତନ ଆଣିବାକୁ ଓ ସାମାଜିକ ଜୀବନରେ ବିକଶିତ ହେବାକୁ ଶତତ ଚେଷ୍ଟିତ ହୋଇଥାଏ । ତେଣୁ ପାର୍ଥିବ ସ୍ଥିତିରେ ବୌଦ୍ଧିକ ଚେତନାର ଜାଗରଣ ହେଉଛି ଜୀବନର ମୂଳ ମନ୍ତ୍ର ।

ଜାଗତିକ ମାୟାର ଆସ୍ତରଣ ବୌଦ୍ଧିକ ଚେତନା ସମୂହକୁ ଓ ଐଶ୍ୱରୀୟ ବାସ୍ତବିକ ସତ୍ତାକୁ ଆଚ୍ଛାଦିତ କରି ରଖିଥାଏ । ଏହି ପ୍ରମୁଖ କାରଣ ହେତୁ ଜାଗତିକ ସୃଷ୍ଟିର ପ୍ରାରମ୍ଭିକ ତଥା ପ୍ରାଥମିକ ଶକ୍ତି ପୁଞ୍ଜର ଅସାମଞ୍ଜସ୍ୟପୂର୍ଣ୍ଣ ସଂଗ୍ରହଣ ହୋଇଥାଏ । ପରିଶେଷରେ ବୁଦ୍ଧି ଓ ବିବେକର ଉଦୟ ଏବଂ ପ୍ରୟୋଗ ଏହି ଚେତନଶକ୍ତିକୁ ସ୍ଥୁଳତା ଓ ଆବଦ୍ଧତାରୁ ମୁକ୍ତ କରି ସହସ୍ୟପୂର୍ଣ୍ଣ ଅନ୍ଧକ୍ରମୟ ସ୍ଥିତିରୁ ଆଲୋକ ଆଡକୁ ମାର୍ଗ ପ୍ରଦର୍ଶନ କରିଥାଏ । ଅଭିବବୋଧ ତଥା ମାୟାର ଆବରଣକୁ ଭେଦ କରି ଧୀରେ ଧୀରେ ସୁକ୍ଷ୍ମାତି ସୁକ୍ଷ୍ମ ମାନବୀୟ ଅବଚେତନ ଅବସ୍ଥାରୁ ଚୈତନ୍ୟ ତଥା ଅସ୍ତିତ୍ୱର ପରିଚୟ ମିଳଥାଏ । ଆଧାତ୍ମିକ ଆବର୍ତ୍ତନ ପ୍ରକ୍ରିୟାରେ ଅତିନ୍ଦ୍ରୀୟ ସ୍ଥିତି ଆମମାନଙ୍କର ଲକ୍ଷ୍ୟହୋଇଥିବା ବେଳେ ଅନ୍ତର୍ନିହିତ ଆତ୍ମିକ ଶକ୍ତିର ଉଜ୍ଜୀବନ ଏବଂ ଜାଗରଣ ହେଉଛି ଏକମାତ୍ର ତଥା ପରମ ଉଦ୍ଦେଶ୍ୟ । ପାର୍ଥିବତାରେ ଚୈତନ୍ୟର ଅବସ୍ଥିତି ଉପଲବ୍ଧି କରିବା ହେଉଛି ଏକ ଦୃଢ ଓ ନର୍ଦ୍ଦିଷ୍ଟ ପ୍ରଗତ ଅଭିମୁଖୀ ଆତ୍ମ ନର୍ଦ୍ଧାରଣ ପ୍ରକ୍ରିୟା ।

ଶ୍ରୀ ଅରବିନ୍ଦଙ୍କ ଦର୍ଶନ ତଥା ଅନ୍ତର୍ନିଷ୍ଠ ପୂର୍ଣ୍ଣ ଯୋଗ ଆଲୋଚନା କଲାବେଳେ ଜଣାଯାଏ ଯେ କର୍ମ, କର୍ତ୍ତବ୍ୟ, ପାର୍ଥିବ ମାୟା ତଥା ଆସକ୍ତି ବା ଏ ଜଗତ୍ କୌଣସି ଗୋଟିଏ ମଧ୍ୟ ଅସମ୍ପୂର୍ଣ୍ଣତାର ପ୍ରତୀକ ନୁହେଁ । ବରଂ ଏହା ସଚ୍ଚିଦାନନ୍ଦ ଆଲୋକର ଏକ ଭୌତିକ ନଦର୍ଶନ ମାତ୍ର । ଏହି ଦୃଶ୍ୟମାନ ସଂସାର ତାତକାଳୀକ ସତ୍ୟ ହୋଇଥିବା ବେଳେ ଏହାର ବାସ୍ତବିକତାକୁ କ୍ଷଣସ୍ଥାୟୀ ବୋଲି ହୃଦୟଙ୍ଗମ କରି ପୂର୍ଣ୍ଣଯୋଗ ମାଧ୍ୟମରେ ନଜକୁ, ନଜ ଅନ୍ତର୍ନିହିତ ସତ୍ତାକୁ ଅନୁଭବ କରି ପାରମାସିକ ସତ୍ୟ ଅନୁସନ୍ଧାନ ଦିଗରେ ବ୍ୟକ୍ତି ଅଗ୍ରସର ହେବା ଉଚତ । ଏଥିପାଇଁ ସମ୍ପୂର୍ଣ୍ଣ ମନ, ପ୍ରାଣ ଓ ଶରୀରକୁ ଉଚ୍ଚତର "ଅତିମନ" ରୂପକ ଚୈତନ୍ୟ ପାଖରେ ସମର୍ପଣ କରିବା ଆବଶ୍ୟକ । ଏହିଠାରେ ସ୍ମରଣ ରଖିବାକୁ ହେବ ଯେ ସାଧାରଣ ବିକାରଗ୍ରସ୍ତ ମଣିଷ ପାଇଁ ଏହି ଅଲୌକିକ ଶକ୍ତି ଲାଭ କରିବା ଦୁରୂହ ହେଇପାରେ । କେବଳ ଯେଉଁମାନେ ଦିବ୍ୟ, ବ୍ରହ୍ମାଣ୍ଡୀୟ ସତ୍ତା ନକଟରେ ମନ ଅତିରିକ୍ତେ ସ୍ୱୟଂକୁ ସମର୍ପଣ କରିପାରିବେ ସେହିମାନେ ହିଁ ପୂର୍ଣ୍ଣ ଯୋଗ ପଥରେ ଅଗ୍ରସର ହେବା ଉଚତ ।

କର୍ମେନ୍ଦ୍ରିୟ, ଜ୍ଞାନେନ୍ଦ୍ରିୟ ଦ୍ୱାରା କରାଯାଉଥିବା ସମସ୍ତ କ୍ଷୁଦ୍ର, କ୍ଷଣଭଙ୍ଗୁର କାର୍ଯ୍ୟକଳାପ କୁ ବିସ୍ତାରିତ ତଥା ଗଭୀର ସୃଜନଶୀଳତା ରେ ପରିବର୍ତ୍ତିତ କରିବା ଆବଶ୍ୟକ । ଅନ୍ତଃ ଓ ବର୍ହିସ୍ଥିତିର ସମ୍ମିଶ୍ରଣ ସହ ସାଧାରଣ ମନୁଷ୍ୟ ଜୀବନଶୈଳୀକୁ ଦିବ୍ୟ ଜୀବନଧାରା ରେ ପରିଣତ କରିବା ହେଉଛି ଶ୍ରୀ ଅରବିନ୍ଦଙ୍କର ଅନ୍ତର୍ନିଷ୍ଠ ବା ପୂର୍ଣ୍ଣଯୋଗ ର ମୁଖ୍ୟ ଉଦ୍ଦେଶ୍ୟ ।

ଜଣେ ସାଧକ ସାଧନା ଦ୍ୱାରା ଏହି ଦିବ୍ୟ ଅନୁଭବ ର ସିଦ୍ଧି ଲାଭ କରିପାରେ । ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ମନ୍ତ୍ର ବା ସ୍ୱତନ୍ତ୍ର ଧ୍ୟାନ ପ୍ରଣାଳୀର ଆବଶ୍ୟକତା ନଥାଏ । ନିଜର ସମଗ୍ର ସତ୍ତାକୁ ଏକନିଷ୍ଠୀକରଣ କରି ପରମାତ୍ମାନ ସହ ସଂଯୋଗ କରି ସ୍ୱୟଂକୁ ତାଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରି ପାରିଲେ ନିଜର କ୍ଷୁଦ୍ର ବ୍ୟକ୍ତିକୈନ୍ଦ୍ରିକ ସତ୍ତାରେ ପୂର୍ଣ୍ଣ ପରିବର୍ତ୍ତନ ଘଟି ଦିବ୍ୟତାରେ ସମାହୃତ ହୋଇପାରିବ ।

ସାମ୍ପ୍ରତିକ ସମୟରେ ଅଭାବନୀୟ ଜୀବନ ଯନ୍ତ୍ରଣାର ଯଥାର୍ଥ ଆଶ୍ୱସ୍ତି ପାଇବା ପାଇଁ ତଥା ପ୍ରକୃତ ଶାନ୍ତି ଲାଭ କରିବା ଉଦ୍ଦେଶ୍ୟରେ ଶ୍ରୀ ଅରବିନ୍ଦଙ୍କ ଦ୍ୱାରା ପ୍ରଣୀତ ମାର୍ଗରେ ବ୍ୟକ୍ତି ଅଗ୍ରସର ହେବା ବିଧେୟ ।

Madhu1691@gmail.com

# ବେଣୁଧର ସୂତାର

ବେଣୁଧର ସୂତାର

ମାନବ ଜାତିର ମର୍ମ ବେଦନା
ଆହତ ଆର୍ତ୍ତନାଦ
ମିଥ୍ୟା ଆଦର୍ଶର ଭ୍ରଷ୍ଟ ସମାଜ
ବର୍ଣ୍ଣ ବୈଷମ୍ୟ ବାଦ ।।
ବିଳାସ ବାଦର ନଗ୍ନ ଚେତନା
ଅପ ସଂସ୍କୃତି ମନ
ଧ୍ୱଂସ କରୁଛି ସୁସ୍ଥ ସମାଜ
ଜୀବନର ସମ୍ବିଧାନ ।।
ନୀତିର ନାମରେ ଗ୍ଳାଲିଛି ଧର୍ମରେ
ବିପୁଳ ଶୋଷଣ କଳା
ବିଶ୍ୱାସର ମୂଳେ ଭର୍ତ୍ତି ବିଷ ଏଠି
ବୈଶାଖୀ ଦହନ ଜ୍ୱାଳା ।।
ଅର୍ଥ ପିପାସୁ କ୍ଷମତା ପାଗଳ
ତକ୍ଷକ ଗୁପ୍ତ ଘାତି
ରକ୍ତ ଲୋଲୁପୀ ରାକ୍ଷସ ଦଳ
ସଂହାସେ ଛନ୍ତି ମାତି ।।
ବିବସନା ଆଜି ଦ୍ରୌପଦୀ ଏଠି
ଧର୍ଷିତା ହୁଏ ମାଆ
ଅସତ୍ୟର ଏଇ ଅନ୍ଧାର ତଳୁ
ସତ୍ୟ ଖୋଜୁଛି ରାହା ।।
ମାଟିଦୀପ ଠାରୁ ମହାଦ୍ୱୀପ ଯାଏ
ଅଧର୍ମର ପଟ୍ଟୁଆର

ମହା ଶିଖରରୁ ମହୋଦଧି ବ୍ୟାପି
ବିଳାପର ଅନ୍ତଃସ୍ୱର ।।
ମହା ପ୍ରଳୟର ଧ୍ୱାନ୍ତ ପଥରେ
ସଂତ୍ରାସ ବାଦର ବୋମା
ମରଣ ଆତଙ୍କେ ମାନବବାଦଟା
ସାଜଅଛି ଆଜି କୋମା ।।
ଜାଗିଉଠ ଆରେ ସୁପ୍ତ ମାନବ
ଜାଗହେ ଦୁର୍ଜୟ ବୀର
ରାକ୍ଷସ ମାନଙ୍କ ବକ୍ଷ ବିଦାରି
ଛୁଟାଅ ରକ୍ତ ଧାର ।।
ସତେକ ଜନନୀ ତ୍ରିଶୂଳ ତୋହର
ଗର୍ଜି ଉଠିବ ପୁଣି
ଖଣ୍ଡା ଖର୍ପରେ ଦୁଷ୍ଟ ଦନୁଜେ
ଦୁର୍ବାରେ ଯିବୁ ହାଣି ।।
ସାଜ ମୃଣ୍ମୟୀ ଧ୍ୱଂସ କାରିଣୀ
ଦଶ ପ୍ରହରଣ ନେଇ
ଦୁଷ୍ଟ ଆତଙ୍କ ଦର୍ପ ଦଳନେ
ଉଶ୍ୱାସ କର ମହୀ ।।
ଏଧରା ବକ୍ଷରେ ସତ୍ୟ ଧର୍ମର
ହେଉ ପୁଣ୍ୟ ସୂର୍ଯ୍ୟୋଦୟ
ଦୁଃସ୍ଥ ହୃଦୟ ପ୍ରତିଟି ସ୍ପନ୍ଦନେ
ଫୁଟିଉଠୁ ବରାଭୟ ।।
ବିଶ୍ୱ ମାନସ ବିଶ୍ୱାସର ବିଶ୍ୱ
ଆଲୋକରେ କରୁ ସ୍ନାନ
କୋଟିକଣ୍ଠରେ ଜନନୀଲୋ ତୋର
ଶୁଭୁଥିବ ଜୟଗାନ ।।

କେଶଦୁରାପାଳ, କେନ୍ଦୁଝର

# କବିତା ସରେ ନା



ଆଶୁତୋଷ ମେହେର

ଗୋଟାଏ କବିତା ଆରକୁ ପଖାଳେ ନଈଧାର ଚରସ୍ରୋତା
କଳ୍ପନାର ଚନ୍ଦ ଉଜାଣୀ ବୋହି କ ମନ ଭରେ ଅବିରତା??
ପଦପଦ କରି ଶବଦରେ ଭଗ୍ ସିଏ ଯେ ଉତ୍ତାଳ ଭ୍ବ
ବହିଯାଉ ଥାଏ ମନ୍ଦାକିନୀ ସମ ହୃଦୟରେ ଅନୁଭବ।।

ସରେନା ସେ କେବେ ପକ୍ଷୀର କାକଳି ଫୁଲର ସୁଗନ୍ଧ ବାସ
ମନର ଆକାଶେ ଇନ୍ଦ୍ରଧନୁ ଭଗ୍ ପ୍ରେମର ପିରତି ବଶ।
ରହିଯାଏ ହୋଇ ଆଗଢା ଠାକୁର ସବୁଦିନ ପ୍ରଣିପାତ
କବିତା ସୁନ୍ଦରୀ ପୂଜା ପାଉଥାଏ ହେଉପଛେ ଅସମାପ୍ତ।।

ସେଇ ଅନୁଭବେ ପୁରୁଣା ସ୍ମୃତିର ଗଡ ଗଢିଥାଏ ସିଏ
ଗଡ ଖାଲି ପଡେ ମହମହ ବାସ ସେଇ ତ ବିତରୁ ଥାଏ।
ସେ ମଧୁର ଭ୍ବ ହୃଦୟର ଭ୍ଷା ବହୁଥାଏ ଝରଝର
କବିତା ସରେ ନା ଝୁରୁଥାଏ ମନ ପ୍ରେମେ ବନ୍ଧା ସୁର ତା'ର।।

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪

# ସଭିଙ୍କ ପ୍ରିୟ ପୁରୀ



କୀର୍ତ୍ତି ଦେବୀ

ଶ୍ରୀକ୍ଷେତ୍ର କହିଲେ, "ପୁରୀ" ଜାଣନ୍ତି ସାରା ଜଗତ
ସେଠାରେ ରହନ୍ତି ଜଗତର ନାଥ ଜଗନ୍ନାଥ ।
ଖାଇବା ପାଇଁ ପୁରୀ ଡାଲମା ସଭିଁଙ୍କ ପସନ୍ଦ
ଶ୍ରୀ ମନ୍ଦିର ଭଣ୍ଡାର ଜଗନ୍ତି ଶ୍ରୀଲୋକନାଥ
ବଡଭାଇ ବଳରାମଙ୍କ ଅନ୍ୟନାମ ।
ଚୀର ସାକ୍ଷୀ ହୋଇ ରହିଛନ୍ତି ପୁଣି ସାକ୍ଷୀଗୋପାଳ ।
ବଡଠାକୁର, ବଡପଣ୍ଡା, ବଡଦାଣ୍ଡ ବଡରଥ
ଏମିତି କେତେ କଣ ......
ନାହିଁ ତାର ସମକକ୍ଷ କେହି ।
ମହୋଦଧୀକୁ ଅନାଇ ରହିଛନ୍ତି ଦରିଆ ମହାବୀର
ଏପଟେ ସିଦ୍ଧମହାବୀରଙ୍କୁ କିଏ ନଜାଣେ ।
ପୁରୀ ଛେନାପୋଡ, କ୍ଷୀରୀ, କ୍ଷୀରସାଗର,
ତାଡିଆ, ରସୋଗୋଲା ପୃଥିବୀ ପ୍ରସିଦ୍ଧ
ଯିଏ ଖାଇଥିବ ଗୁଣ ଗାଉଥିବ ।
ବାଇଶି ପାହାଚେ ଶ୍ରାଦ୍ଧ ଦେଇ ପିତୃପୁରୁଷଙ୍କୁ
ଆନନ୍ଦବଜାରେ ମହାପ୍ରସାଦ ଖାନ୍ତି ଅତି ଆନନ୍ଦେ ।
ପୁରୀର ଆଖେଡା ଘର ପୁଣି ସାହିଜାତ
ଉତ୍କଳ ସଂସ୍କୃତିକୁ ବୁଝାଇ ଅତି ସୁନ୍ଦର
ଜଗନ୍ନାଥଙ୍କ ରୂପରେ ମାଆର ମମତା
ଦିଅନ୍ତି ମା ଦକ୍ଷିଣକାଳୀ
ଘଣ୍ଟ ଘୋଡାଇ ରଖନ୍ତି ଜଗତକୁ

ମା ସୁଭଦ୍ରା, ମା ଶ୍ୟାମାକାଳୀ, ମା ରାମଚଣ୍ଡି
ଓ ମା ଝାଡେଶ୍ୱରୀ
ପଞ୍ଚତୀର୍ଥରେ ସ୍ନାନ ସୌଭାଗ୍ୟରେ ଥିଲେ ମିଳେ
ଦର୍ଶନ କରି ବେଲେଶ୍ୱର, ଶଙ୍କରେଶ୍ୱର,
ବାଲିହରଚଣ୍ଡି, କୋଣାର୍କ ଓ ନବଗ୍ରହ
ଭକ୍ତ ହୁଏ ଏଠି ଆତ୍ମବିଭୋର
ବାରମାସେ ତେର ଜାତ ପାଳନ ହୁଏ ଏଠି ।
ବରଷକୁ ଦୁଇଥର ଭକ୍ତଙ୍କୁ ଦିଅନ୍ତି ଦରଶନ ଠାକୁର
ସେଥିପାଇଁ ସ୍ନାନପୂର୍ଣ୍ଣିମା ଓ ଶ୍ରୀଗୁଣ୍ଡିଚା ବିଶ୍ୱବିଖ୍ୟାତ ।
କାର୍ତ୍ତିକ ବ୍ରତ ଶ୍ରୀକ୍ଷେତ୍ର ପୁରୀରେ ପାଳିଲେ
କୋଟି ଜନ୍ମ ପୂଣ୍ୟ ମିଳେ ।
ମଣିଷ ପରି ଠାକୁର ସିଏ ଚତୁର୍ଦ୍ଧାମୂରତି
ଡାକିଲେ "ଓ" କରନ୍ତି
ଭକ୍ତ ସାଲବେଗ, ବନ୍ଧୁ ମହାନ୍ତି, ରଘୁ ଅରକ୍ଷିତ
ସେଥିପାଇଁ ଆଜି ବି ଜୀବିତ ।
ଗରୁଡ ସ୍ତମ୍ଭ ନିକଟେ ଅଛି ତୁମର
କାଞ୍ଚି ବିଜୟ ସଂକେତ କଳା ଓ ଧଳା ଘୋଡା
ତା ସାଙ୍ଗକୁ ଦଶ ଅବତାର ଶୋଭା ଅପୂର୍ବ
ଶ୍ରୀ ମନ୍ଦିର ବାହାର ପୁଣି ଦେଖନ୍ତି
ଦଶ ଅବତାର ମୂରତି ମାତା ମଠେ
ସର୍ବକୁଶଳ କରନ୍ତି ମା ବାଟମଙ୍ଗଳା
ସେଠାରୁ ନୀଳଚକ୍ର ଦିଶଇ ମନୋହର
ପତିତଙ୍କୁ ଉଦ୍ଧାର କରୁ ତୁ ହୋଇ ପତିତପାବନ
କି ଭାବେ ଲେଖିବି ତୁମକୁ ।
ତୁଣ୍ଡେ ନାହିଁ ଭାଷା ମୋର ।

ସିଭିଲ୍ ଟାଉନ୍ ସିପ୍, ରାଉରକେଲା

# କାରୋନା ଟିକା



ଅଳକା ମହାନ୍ତି

ପନ୍ଦର ଦିନ ହେଲା ଘରେ ହଟ୍ ଟପିକ ହୋଇଛି କରୋନା ଟିକା। ଶୟନେ ସ୍ୱପନେ ନିର୍ଭୟ ମହାନ୍ତି ଙ୍କୁ ନିଦ ନାହିଁ। ସବୁବେଳେ ସହ ଧର୍ମିଣୀ ଉଗ୍ରତାରା ଙ୍କ ସହିତ ଅନେକ ସମୟ ଧରି ଟିଭି ଆଉ ଖବର କାଗଜ ରେ ଥିବା କାରୋନା ଟିକାକରଣ ଉପରେ ଚର୍ଚ୍ଚା। ଉଗ୍ରତାରା ରୋଷେଇ ଘରକୁ ଯାଉ ଯାଉ ପଚାରିଲେ,

-- ଆମର କେବେ ଟିକା ପାଇଁ ତାରିଖ ଆସିବ? ତୁମେ ଆମ ନାମ ଦାଖଲ କଲ କି ନାହିଁ।

-- ସେଇୟା ତ ତୁମକୁ କହୁଥିଲି। ଆଗ ତୁମର ପାଳି ପଡ଼ିବ। ତୁମର ମଧୁମେହ ଅଛି, ଉଚ୍ଚ ରକ୍ତ ଚାପ ବି ଅଛି। ତେଣୁ ପ୍ରଥମ ଚରଣ ରେ ତୁମେ ଯିବ ଡାକ୍ତରଖାନା। ମୋର ଡେରି ଅଛି। ମୁଁ ତୁମ ପରେ ନେବି।

--- ମୋର ମଧୁମେହ ଥିଲେ କଣ ହେଲା ମ, ପେପର ରେ ପଢ଼ା ବାହାରୁଛି ସିନିୟର ସିଟିଜନ କୁ ଆଗ ଦେବା କଥା ବୋଲି।

-- ସେ କଥା ଠିକ୍ ଯେ। ହେଲେ ତୁମ ର ପାଳି ଆଗ ପଡିପାରେ, ଏତିକି ନିର୍ଭୟ ବାବୁ କହୁ କହୁ ବୋହୂ ରୂପା ଉପର ଘରୁ ସିଡି ରେ ଆସୁ ଆସୁ କହିଲେ,

--- ବୋଉ ଜାଣିଛନ୍ତି, ଟିକା ନେଇ କେତେ ଲୋକଙ୍କର କିଛି ଅସୁବିଧା ହେଉଛି। ପଡିଶା ଘର ମୁନି କହୁଥିଲା କେତେ ଲୋକ ମରି ଗଲେଣି ବୋଲି।

-- ଧଡ କିନା ନିର୍ଭୟ ବାବୁ ଚମକ ପଡ଼ିଲା ପରି କହିଲେ,--- ଦେଖିବା ନ ହେଲେ, ଦେଖି ଚାହିଁ କାମ କରିବା। ୟେ ଟିକା ନେଇ ଲାଭ କଣ ମୋତେ ଆସି ୭୨ ବର୍ଷ ହେଲାଣି। କଣ ହୋଇ ଯିବ ଆଉ। ମୋର ସେମିତି କିଛି ଦରକାର ନାହି ସେ ଟିକା ଫିକା।

ଉଗ୍ରାତାର୍ ବାହାରକୁ ବାହାରି  ଆସିଲେ, କହିଲେ

---- ହେଇଟି ଦେଖ । ତୁମର ସେ ବାହାନା ସବୁ ରଖ। ଇଞ୍ଜେକ୍ସନ ଦେଖିଲେ ପିଲା ଦିନୁ ଡରୁଛ। ଅନ୍ୟ ରୋଗ କଥା ଅଲଗା। ଏ କରୋନା ରେ ବାବା। କେତେ ଲୋକ ମଲେଣି ଗଲେଣି। ମୋର ତୁମ ସହିତ ଘଂଟି ହେବାର ନାହିଁ। ଏଇଟା ଗୋଟେ ଛୁଆଁ ରୋଗ ବୋଲି ଜାଣିଛ ଟି। କଣ ତୁମେ ରୋଗ ଆଣିବ, ତା ସହ ଆମକୁ ମାରିବ ନା କଣ **??**

-- ଆରେ ନାହିଁ ନାହିଁ ତାର୍, ତୁମେ ଏମିତି ଉତ୍ୟକ୍ତ ହେଉଛ କାହିଁକି। ମୋର ତ କୁଆଡେ ଯିବାର ନାହିଁ ଏବେ। ମୁଁ ତ ମାସ୍କ ପିନ୍ଧି ରହୁଛି, ହାତ ଗୋଡ ଶହେ ଥର ଧୋଉଛି  । ଯେ ଜୀବାଣୁ ଆଉ ରହିଲା କୋଉଠି **??**

ରୂପା ଜାଣି ପାରିଲା, ବାପା ପୁଣି ଇଞ୍ଜେକ୍ସନ କୁ ଡରି ବାହାନା କଲେଣି। କେମିତି ତାଙ୍କୁ ବୁଝାଇ ସୁଝାଇ ନାମ ପଞ୍ଜିକୃତ କରିବାର ଅଛି। ସେ ଉପର ଘର କୁ ଯାଇ ସ୍ୱାମୀ ଅର୍ଜୁନ କୁ ଫୋନ୍ କଲେ।

-- ଶୁଣ, ବାପା ଙ୍କୁ ଟିକା କେମିତି ଦେବ । ସେ ତ ଇଞ୍ଜେକ୍ସନ ଦେଖିଲେ କାନ୍ଦିବେ। ତୁମେ ବି ଚୁପ୍ ଚାପ୍ ରହିଛ। ଏବେ ମୋତେ ଆଉ ବୋଉଙ୍କୁ ସେ  ଭୁଆଁ ବୁଲେଇବାରେ ଲାଗି ଛନ୍ତି। କଣ କେମିତି କରିବା **??**

ସେପଟୁ ଅର୍ଜୁନ ଙ୍କ ଉତ୍ତର ଆସିଲା,--ସେମିତି କିଛି ଦରକାର ନାହି। ମୁଁ ବି ତ ନେଉ ନାହିଁ। ନିଜେ ସତର୍କ ରହିଲେ ହେଲା।ପେପର ରେ କେତେ ଖବର ରେ  ଆସୁଛି। ଅନେକ ଲୋକ ଟୀକା  ନେବା ଦରକାର ନାହିଁ ବୋଲି ମନ୍ତବ୍ୟ ଦେଉଛନ୍ତି । ମୋର ବି ଦରକାର ନାହିଁ। ମୁଁ ତୁମର ଆଉ  ବୋଉ ର ନାମ କୁ ପଞ୍ଜିକୃତ କରି ଦେଉଛି। ତୁମର ପ୍ରାୟ ଡେରି ହେବ। ବୋଉ ର ମିଳିଯିବ ଜଲଦି।

ସନ୍ଧ୍ୟା ହେଲା, ଅର୍ଜୁନ ଘରକୁ ଆସିଲେ। ରୂପା ଚା ଜଳଖିଆ ଦେଇ ସାରି ପାଖରେ ବସିଥିଲେ। ଦେଖିଲେ ଅର୍ଜୁନ ମୋବାଇଲ୍ ଦେଖୁ ଦେଖୁ ଏମିତି ଭୀତସ୍ତ୍ରସ୍ତ କାହିଁକି ହୋଇ ପଡିଛନ୍ତି। କଥା  କଥା କେ ତ ବାପାଙ୍କ ପରି ରାଗି ଯିବେ ନ ହେଲେ ଡରିଯିବେ। ମୋବାଇଲ ଟା ଅର୍ଜୁନ ଙ୍କ ହାତରୁ ଛଡେଇ ଆଣି ଦେଖିଲା ବେଳକୁ କେଉଁ ଥାଇଲାଣ୍ଡ ର

ରାଷ୍ଟ୍ରପତି ଟୀକା ନେଲା ବେଳକୁ କେମିତି କାନ୍ଦି କାନ୍ଦି, ବିକଳ ଆକୁଳ ହୋଇ ନ ନେବା ପାଇଁ ନିବେଦନ କରୁଛନ୍ତି। ରୂପା ଦେଖୁ ଦେଖୁ ଫେଇଁ କିନା ହସି ଦେଲା। କହିଲା:

- ଓ ମାଇଁ ଗଡ଼ !! ଏମିତି ବି ନମୁନା ଆହୁରି ଅଛନ୍ତି ??

- ଦେଖ ରୂପା, ଏମିତି କେବେ କହିବ ନାହିଁ। କାହାର ଦୁଃଖ ସମୟ ରେ ହସିବା କଣ ଠିକ୍ କଥା!! ତାଙ୍କୁ ସେତିକି କଷ୍ଟ ହୋଇଛି ବୋଲି ସେ କାନ୍ଦି ପକାଇଥିଲେ। ସେ ଭିଡିଓ କୁ ଦେଖି ତୁମେ ସମ ବେଦନା ଦେଖାଇବା ପରିବର୍ତ୍ତେ ହସୁଛ!!

କଣ ଆଉ କହିବେ ରୂପା। କପ୍ ପ୍ଲେଟ୍ କୁ ଉଠାଇ ନେଇ ଗ୍ରାଉଣ୍ଡ ଫ୍ଲୋର୍ କୁ ଆସି ଶାଶୁ ଙ୍କୁ କହିଲେ, -ବୋଉ ଆମେ ଦିଜଣ ହିଁ କରୋନା ଭାକ୍ସିନ ନେବା। ସେ ଦୁଇ ଜଣ ନେଲା ପରି ଲାଗୁନି।

-ଆଚ୍ଛା,ମୁଁ ଦେଖୁଛି। କୁଆଡେ ଗଲେ ସେ ଦିଇଟା ?? ତାଙ୍କ ବାପା କଣ ଦେଖି ନିର୍ଭୟ ମହାନ୍ତି ରଖିଛନ୍ତି ନା ଟା ତାଙ୍କର !! ସେମିତି ନିଜେ ବାପା ହେଲେ ଯେ, ସେତେବେଳକୁ ମହାଭାରତ ସିରିଆଲ୍ ଚାଲିଥାଏ। କହିଲେ କଣ ନା ମୋ ପୁଅ ନା ଅର୍ଜୁନ ଦେବି। ବାପ ସେ ବେଟା ଜ୍ୟାଦା ହୋଇଗଲା। ଆମେ ଦି ଜଣ ଟୀକା ନେବୁ। ସେ ଦିଇଟା କଣ ଘର କଣ ରେ ଲୁଚ କି ବସିବେ?? ଏଇଠି ମୋ ଆଗରେ ସିଂହ ପଣିଆ ଦେଖାଉଛନ୍ତି। ସାମାନ୍ୟ ଛୁଞ୍ଚି କୁ ଦେଖି ମୂଷା ପାଲଟି ଯାଇଛନ୍ତି। ଧନ୍ୟ ତୁମେ ଆଉ ଧନ୍ୟ ତୁମ ନାମ। ପୁରା ନାମକରଣ ର ସାର୍ଥକତା ରକ୍ଷା କରିଛ। ଛି ଛି ମୋରି କପାଳକୁ ଏମିତି ସବୁ ଜୁଟି ଛନ୍ତି। ତାରା ଙ୍କ ଉଗ୍ର ମୂର୍ତ୍ତି ଦେଖି, ବିରି ମାଡ଼ ଦେଖି କୋଳଥ ଚେପା ହୋଇ ଗଲା ପରି ବାପା ପୁଅ ଦିଜଣ ଲିବିଂ ରୁମ୍ ରୁ କହୁଥିଲେ, ଆରେ ସମସ୍ତଙ୍କର ନାମ ରେଜିଷ୍ଟ୍ରେସନ ହୋଇଗଲା। ପନ୍ଦର ଦିନ ପରେ ଜଣେ ଜଣେ ଯାଇ ନେଇ ଯିବା।

ଶାଶୁ ବୋହୂ ଆଖି ଠାର ମାରି ହସୁଥିଲେ।

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

# ତିନୋଟି ବାମନ କବିତା



ଡ. ଜ୍ଞାନେଶ୍ୱର ମିଶ୍ର

**(୧)**

ଜୀବନରେ -
କାନ୍ଦିବା ଅପେକ୍ଷା ବେଶି ଟିକେ ହସ
ଜୀବନ ହୋଇବ ସରସ ହରଷ
ଦାନ ଗ୍ରହଣ ଅପେକ୍ଷା ଅଧିକ ଦାନକର
ହୃଦୟ ଓ ମନକୁ ଆନନ୍ଦରେ ଭର
ଘୃଣା ଅପେକ୍ଷା ଅନ୍ୟକୁ ସ୍ନେହ ଶ୍ରଦ୍ଧା ଦିଅ
ଜୀବନ ହୋଇବ ଧନ୍ୟ ମନେ ରଖିଥାଅ ।

**(୨)**

ଆସନ୍ତା କାଲିର କଲମରେ
ଗତ କାଲିର କାଗଜରେ
ଜୀବନ କାହାଣୀ ଆଜିର ଦିନରେ
ବଳଷ୍ଠ ଲେଖକ କେବଳ
"ସମୟ" ହିଁ ଲେଖିପାରେ

**(୩)**

ମୁଁ ଧନୀ, ମୁଁ ମାନୀ
ମୁଁ ବିଜ୍ଞ, ମୁଁ ପ୍ରାଜ୍ଞ
ମୁଁ ମହା ଶକ୍ତିଶାଳୀ
ଯିଏ ଏକଥା କହିବ
ସେ ଅମଣିଷ ହୀନ
ଅନ୍ୟ ଲୋକ କହିଲେ
ତୁମେ ମାନୀ, ଧନୀ, ଶକ୍ତିଶାଳୀ
ତୁମେ ହୋଇବ ଶ୍ରେଷ୍ଠ ମଣିରେ ଗଣ୍ୟ

୪୯/୫, କାର୍ଲମାର୍କ୍ସ ସରଣୀ,
ଖିଦିରପୁର, କଲିକତା

# ଧରିଛ ହାତ ଗ୍ଳିଛି ବାଟ

ବିନୋଦିନୀ ଦାଶ

ପାର୍ଥିବ ସଂସାରେ ଜନ୍ମ ଦେଇ ମୋତେ
ଅଦୃଶ୍ୟରେ ପଛେ ହେଉ,
ଧରିଛ ମୋ ହାତ ଗ୍ଳିଛି ମୁଁ ବାଟ
କରୁଣା ଏମିତି ଥାଉ,
ଜୀବ ପଛେ ଗ୍ଳିଯାଉ,
ନ ଛିଣ୍ଡୁ ଏ ଭ୍ଵବ ଜନ୍ମ ଜନ୍ମ ପାଇଁ
ଶ୍ରୀପଦରେ ମଥା ରହୁ ।

ତୁମେ ଯେଉଁ ପଥେ ଚଲ୍ଇ ନେଉଛ
ଗ୍ଳି ହାଲିଆ ହେଲେ ବି,
ଥକ ପଡ଼େ ନାହିଁ ଜୀବନରେ କେବେ
ତାକୁ ସୁଖ ଅନୁଭବି,
ବାନ୍ଧି ହୋଇ ତୁମ ପ୍ରେମେ,
ସୁଖଦୁଃଖଯାକ କରି ଏକାକାର
(ତୁମ) ଦର୍ଶିତ ପଥେ ଭ୍ରମେ ।

ଏ ଜୀବନ ପଥ କଣ୍ଟକମୟ
ଏକଥା ଅଜଣା ନୁହେଁ,
ତୁମେ ସାଥେ ଅଛ ବୋଲି ଝଡ଼ଝଞ୍ଜା
ସବୁକୁ ଆଡ଼େଇ ଧାଏଁ,
ମନୋବଳ ଦୃଢ଼ ରହେ,
ତୁମେ ମୋ ନିଃଶ୍ୱାସ ବିଶ୍ୱାସ ଭରସା
ଏମିତି ମୁଁ ଗ୍ଳୁଥାଏ ।

କୁରୁଆଁ, ମୁଗପାଳ, ଯାଜପୁର

# ଋତୁପର୍ଣ୍ଣା



ପ୍ରଦୀପ୍ତ କୁମାର ସାହୁ

ପ୍ରତିଥର ଧୋଇଯାଏ ଶ୍ରାବଣର ଛିଟାରେ
ଆସେ ଯିଏ ଅଦିନଆ ଆଗନ୍ତୁକ ହୋଇ
ଲିଭିଯାଏ ଚହ୍ନ ସବୁ
ତୁମ ସହ ମୋ ନାଁ ଯୋଡି
ଲେଖିଛି ମୁଁ ଯେତେଥର
ସଜେଇଛି ବର୍ଣ୍ଣାଳୀର ରଙ୍ଗରେ
ଗଢି କେତେ ଆଶା ବାଲି ଘର
ଆଉ ଏକ ସେତୁ ବନ୍ଧଟିଏ
ତୁମ ଠାରୁ ମୋ ଯାଏ,
ଜୀ' ବାକୁ ତୁମରି ସାଥିରେ,
ମାନସ ତୂଳୀରେ
ଆଙ୍କିଛି ମୁଁ ସ୍ୱପ୍ନ କେତେ
ଦେଖିବାକୁ ତୁମରି ଆଖିରେ,
ଉତ୍ତାଳ ସମୟର ପ୍ରସସ୍ଥ ଛାତିକୁ କାନଭସ୍ କରି ।

କଡ ଲେଉଟାଏ ରାତ୍ରିର ପ୍ରହର
ଅନ୍ଧାରବି ଅଳସ ଭଙ୍ଗେ ଧୀରେ ଧୀରେ
ଯୋଡି ହୁଏ ଚୂନା ଚୂନା ମୁକୁରର ଖଣ୍ଡ
କ୍ଷୀଣ ଏକ କରଣର ପ୍ରତୀକ୍ଷାରେ
ତୋଳବାକୁ ନୂଆ ପ୍ରତିବିମ୍ବ

ଖୋଜିବାକୁ ନୂଆ ପରିଚୟ
ଥିଲି ଯିଏ ଆଜି ଯାଏ ଅସହାୟ
ଆଉଥରେ ଜଳିବାକୁ ଆରମ୍ଭରୁ
ଚିରି ଚିରି ଫର୍ଦ୍ଦ ପରେ ଫର୍ଦ୍ଦ
ଅତୀତର ଅମ୍ଳାନ ପୋଥିରୁ
ଚିରଦିନ ବନ୍ଦିନୀ ସେ
ତୁମ ସ୍ପର୍ଶେ ବାସ୍ନାୟିତ ଗୋଲାପି ଚିଠିରେ
ବାନ୍ଧିଛି ମୁଁ ଦୁର୍ବାର ଆଶାଟିଏ
ପାଇବି କି ଉତ୍ତର ସତେ
ଆଗରେ ମୋ କାଳଜୟୀ ପ୍ରଶ୍ନବାଚୀ
କାମନାର କିବା ଅନ୍ତ ନାହିଁ**?..........**

ପ୍ରାଚୀ ବିହାର,
ଭୁବନେଶ୍ୱର

# ମହାଚେତନାର ଆଲେଖ୍ୟ - 'ମହାପ୍ରସାଦ'



ବଦ୍ରୀ ମହାନ୍ତି

ବିଶ୍ୱବନ୍ଦିତ ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତିର ତଥ୍ୟ ଓ ତତ୍ତ୍ୱରେ ରହିଛି ଅଲୌକିକତା ଓ ବୈଚିତ୍ର୍ୟ । ଉତ୍କଳର ଜନଜୀବନ ଓ ପରମ୍ପରା ସହିତ ଜଡିତ ଏହି ମହନାୟକଙ୍କ ରୀତିନୀତି କେବଳ ସ୍ୱତନ୍ତ୍ର ନୁହେଁ,ଅନ୍ୟ ସବୁଠୁ ନିଆରା। ସେଥିପାଇଁ ମନ୍ଦିରକୁ ଶ୍ରୀମନ୍ଦିର, ଦାଣ୍ଡକୁ ବଡ଼ଦାଣ୍ଡ, ପ୍ରସାଦକୁ ମହାପ୍ରସାଦ ରୂପେ କେଉଁ ଅନାଦି କାଳରୁ ପ୍ରସିଦ୍ଧି ଲଭ କରିଛି। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଗଙ୍ଗାଜଳ, ବଜ୍ରଧୂଳ ଓ ମହାପ୍ରସାଦ ଏହି ତିନୋଟି ବ୍ରହ୍ମବସ୍ତୁ ପ୍ରାପ୍ତ କରିବା ପାଇଁ ଭକ୍ତଟିଏ ଜୀବନ ବ୍ୟାପି ସାଧନା କରିଥାଏ। ତନ୍ମଧ୍ୟରୁ ମହାପ୍ରସାଦ ଅନନ୍ୟ ଓ ଅସାଧାରଣ। ମହାନନ୍ଦ, ମହାପ୍ରେମ, ମହାଭାବ ଓ ମହାନ ପବିତ୍ରତାର ଏହା ମୂର୍ତ୍ତିମନ୍ତ ପ୍ରତୀକ। ମହାପ୍ରସାଦରେ ମହାପ୍ରଭୁ ଚକାଡୋଳାଙ୍କ ଆଦେଶ ଓ କୃପା ନିହିତ।

ମହାବାହୁ ଶ୍ରୀ ଜଗନ୍ନାଥଙ୍କ ମହାପ୍ରସାଦ ସେବନ ଦ୍ୱାରା ସମସ୍ତ ପାପତାପ ଧୋଇଯାଏ ବୋଲି ହଜାର ହଜାର ବର୍ଷ ଧରି ହିନ୍ଦୁ ଜନମାନସରେ ବିଶ୍ୱାସ ରହିଛି। ଓଡ଼ିଆ ଘରର ପ୍ରତିଟି ଶୁଭ କର୍ମରେ ଲୋଡ଼ା ହୋଇଥାଏ ମହାପ୍ରସାଦ। ଏପରିକି ମୃତ୍ୟୁପରେ ସୁଦ୍ଧା ମୁହଁରେ ମହାପ୍ରସାଦ ଦେଇ ଶବସଂସ୍କାର କର୍ମ ସମ୍ପନ୍ନ ହୁଏ। ଅନନ୍ଦବାଜରରେ ମହାପ୍ରସାଦ ସେବନରେ ନଥାଏ ଜାତିଅଜାତି। ଏହା ହିଁ ଶ୍ରୀ ଜଗନ୍ନାଥ ଦର୍ଶନର ମୂଳତତ୍ତ୍ୱ। ଏହା ମହାଜ୍ଞାନ ଓ ଦିବ୍ୟଜ୍ଞାନର ଦ୍ୟୋତକ। ଅମୃତ, ଅବଢ଼ା, କୈବଲ୍ୟ, ନିର୍ମାଲ୍ୟ ଓ ମଧୁକାରୀ ନାମରେ ଖ୍ୟାତ ମହାପ୍ରସାଦ ସେବନ ଓ ଦାନ ଦ୍ୱାରା ଅନ୍ତଃକରଣ ଶୁଦ୍ଧ ହୁଏ। ଆଚଣ୍ଡାଳ ବ୍ରାହ୍ମଣ ଏକତ୍ର ଅସ୍ୱାଦନ କରୁଥିବାରୁ ଏହି ଦିବ୍ୟପଦାର୍ଥରୁ କଣିକାଏ ପ୍ରାପ୍ତି ପାଇଁ ଇନ୍ଦ୍ରାଦି ଦେବଗଣ ଆନନ୍ଦ ବଜାରରେ ପଦାର୍ପଣ କରନ୍ତି ବୋଲି ବିଶ୍ୱାସ କରାଯାଏ। ସେଥିପାଇଁ ବିଷ୍ଣୁ ପୁରାଣରେ କୁହାଯାଇଛି -

"ନୈବେଦ୍ୟଂ ଜଗଦୀଶସ୍ୟ ଅନ୍ନପାନାଦିକଞ୍ଚ ଯତ୍ ।
ଭକ୍ଷ୍ୟାଭକ୍ଷ ବିଗ୍ଚରସ୍ତୁ ନାସ୍ତି ତଦଭକ୍ଷଣେ ଦ୍ୱିଜ ।।
ବ୍ରହ୍ମ ବିନର୍ବିକାର ହି ଯଥା ବ୍ରହ୍ମ ତଥୈବ ତତ୍ ।
ବିକାରଂ ଯେ ପ୍ରକୁର୍ବନ୍ତି ଭକ୍ଷଣେତୁ ଦ୍ୱିଜାତୟଃ ।।"

ଶ୍ରୀ ଜୀଉଙ୍କ ଦୈନନ୍ଦିନ ନୀତି ମଧ୍ୟରେ ଯେଉଁ ସବୁ ଭୋଗ ଅର୍ପଣ କରାଯାଏ, ତାହା ଗୋପାଳବଲ୍ଲଭ, ସକାଳ ଧୂପ, ସନ୍ଧ୍ୟା ଧୂପ ଓ ବଡ଼ ସିଂହାର ଭୋଗ ଇତ୍ୟାଦି। ପାଟବସ୍ତ୍ର ପିନ୍ଧି ସାରିବା ପରେ ଅନୁଷ୍ଠିତ ହୁଏ ଶ୍ରୀ ଜୀଉଙ୍କ ସାହାଣମେଲା ଦର୍ଶନ। ରୋଷଘରେ ହୋମ ଉପରାନ୍ତେ ପ୍ରଭୁଙ୍କ ଗୋପାଳବଲ୍ଲଭ ନୀତି; ଯାହାକୁ ଜଳଖିଆ ବୋଲି କୁହାଯାଏ। ଏଥିରେ କୋରା, ଖଇ, କଦଳୀ, ମଣ୍ଡା ପିଠା, ଦହି ଲବଣୀ ଓ ନଡ଼ିଆ ପାଚି ଇତ୍ୟାଦି ଅର୍ପଣ କରାଯାଇଥାଏ। ପରବର୍ତ୍ତୀ ଭୋଗ ସକାଳ ଧୂପରେ କାନ୍ତି, ମାଠପୁଳି, ହଂସକେଳି, ଝିଲି, ଅଦା ପାଚଡି, ଏଣ୍ଡୁରୀ, ଶାଗ, ଖେଚୁଡ଼ି, କାନିକା ଓ ବୁନ୍ଦିଆ କ୍ଷୀରି ନୈବେଦ୍ୟ କରାଯାଏ। ଭୋଗ ମଣ୍ଡପ ନୀତି ସଂକ୍ରାନ୍ତରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ନଥିଲେ ସୁଦ୍ଧା ମଠାଧୀଶ ବୈଷ୍ଣବ ଓ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ଭୋଗ ବସ୍ତୁତଃ ଶ୍ରୀମନ୍ଦିର ନୀତିରେ ଯାଏ ନାହିଁ । ଏଠାରେ ଅନୁଷ୍ଠିତ ହେଉଥିବା ଭୋଗ ଭଅଣ୍ଡରେ ଅବଢ଼ା (ଯାହା ବଢ଼ା ଯାଏ ନାହିଁ)। ଡ଼ାଲି, ତରକାରୀ, ଶାଗ, ପିଠା, ବେସର, ମହୁର, ଖଟା ଆଦି ସଙ୍କୁଡ଼ି ଭୋଗ ରୂପେ ପ୍ରସ୍ତୁତ କରାଯାଏ। ମାତ୍ର ଶ୍ରୀମନ୍ଦିରରେ ଆଳୁ, ଟମାଟୋ, କୋବି, ବିନ, ଭେଣ୍ଡି, ଛୁଇଁ, ବିଟ, ଲାଉ, ଝୁଡଙ୍ଗ, ଛଚନ୍ଦ୍ରା, ପିଆଜ, ରସୁଣ ଆଦି ପରିବା ନିଷିଦ୍ଧ। କୋଶଳା ଶାଗ ଓ ମୂଳା ଶାଗ ବ୍ୟତୀତ ଅନ୍ୟ କୌଣସି ଶାଗ ବ୍ୟବହୃତ ହୁଏନାହିଁ। ଦେବଭୋଗ ପରିବା ଭାବରେ ଦେଶୀ ଆଳୁ, କନ୍ଦମୂଳ, ପଣସ, ବନ୍ତଳ କଦଳୀ, କଖାରୁ, ବାଇଗଣ, ସାରୁ, ଜହ୍ନି, ପୋଟଳ, ମୂଳା, କାଙ୍କଡ଼ ସହିତ ମହାପ୍ରସାଦ ସ୍ୱାଦିଷ୍ଟ ହେବା ପାଇଁ ଜୀରା, ଧଣିଆ, ଗୋଲମରିଚ, ସୋରିଷ, ଅଳେଇଚ, ଡାଲଚିନି, ଜାଇଫଳ, ହେଙ୍ଗୁ ଓ ଅଦା ବ୍ୟବହୃତ ହୋଇଥାଏ। ଏଥିପାଇଁ କୁହାଯାଏ -

" ସଦା ରସ ବ୍ୟଞ୍ଜନ ନାନା ଜାତି
ଛପନ ଭୋଗ ଲାଗେ ଦିନରାତି।"

ଭଅଣ୍ଡ ଉଠିଲେ ମଧ୍ୟାହ୍ନ ଧୂପ। ଆରିଷା, ପୁଳ, ବଗ୍‌, ତିପୁରୀ, ନାଡ଼ି, ମନୋହର, କାକର୍‌, ମରିଚ ଲଡୁ, ସର, ପଣା, ଦୁଧ, ଖିରିସା, ଥକଅନ୍ନ, କଦମ୍ବା, ଗଜା, ଶାକର ଆଦି ଦ୍ୱିପ୍ରହର ଧୂପରେ ଅନ୍ତର୍ଭୁକ୍ତ। ମହାପ୍ରଭୁଙ୍କ ପରବର୍ତ୍ତୀ ନୀତି ଦିବା ପହୁଡ଼ ଥିବା ସତ୍ତ୍ୱେ ପୂର୍ବୋକ୍ତ ନୀତି ସମ୍ପନ୍ନରେ ବିଳମ୍ବିତ ହେଉଥିବା ଯୋଗୁଁ ଅନେକ ସମୟରେ ଏହା ସମ୍ଭବ ହୋଇପାରୁନାହିଁ।

ପହଡ଼ ଫିଟିଲେ ଆଳତୀ। ଏ ଅପୂର୍ବ ସନ୍ଧ୍ୟା ଅଳତୀରେ ଶ୍ରୀମନ୍ଦିର ପରିବେଶ ସମ୍ପୂର୍ଣ୍ଣ ପରିବର୍ତ୍ତିତ ହୋଇଯାଏ। ସଂଧ୍ୟା ଧୂପରେ ନାନାଦି ମିଷ୍ଟାନ୍ନ ଭୋଗ ମଧ୍ୟରୁ ଚଢେଇନେଦା, ପିଠା, ଫେଣୀ, ପୁଳ, ସୁଆରି, ଟାକୁଆ, ଗୋଟାଳ, କାକର୍‌ ଓ ଲୁଣି କରମା ଭୋଗ ହୁଏ। ଏହି ଧୂପ ଶେଷରେ ମଣୋହି କର୍‌ଯାଏ ବିଡ଼ିଆପାନ ।

ଅନ୍ତିମ ଧୂପ ବଡ଼ସିଂହାର ଧୂପ। ଶ୍ରୀ ଜୀଉଙ୍କୁ ପାଞ୍ଚ ଉପଗ୍ଚରରେ ପୂଜା କର୍‌ଯାଇ ନୈବେଦ୍ୟ ରୂପେ ନବେଦନ କର୍‌ଯାଏ ପିଠା, ପଣା, କ୍ଷୀରି, ଶାକର, କଦଳୀ ବଗ୍‌ ଓ କାଞ୍ଜି ଇତ୍ୟାଦି। ପହଡ଼ ସମୟରେ ମହାପ୍ରଭୁଙ୍କ ଖଟ ନକଟରେ ପଇଡ଼ ରଖାଯାଏ। ଶ୍ରୀମନ୍ଦିରରେ ୧୫୬ ପ୍ରକାର ଭୋଗ ନବେଦନର ବିଧି ରହିଥିଲେ ସୁଦ୍ଧା ବିବିଧ କାରଣରୁ ଅନେକ ଭୋଗ ସମ୍ଭବ ହୋଇପାରୁନାହିଁ।

ମହାପ୍ରସାଦର ସୃଷ୍ଟି 'ମାଆ ପ୍ରସାଦ'ରୁ। ଶ୍ରୀ ଜୀଉଙ୍କୁ ଅର୍ପଣ କର୍‌ଯାଉଥିବା ଅନ୍ନପ୍ରସାଦ ଅଧିଷ୍ଠାତ୍ରୀ ଦେବୀ ମାଆ ବିମଳାଙ୍କୁ ଅର୍ପଣ କର୍‌ଯିବାପରେ ଏହା ପରିଣତ ହୁଏ ମହାପ୍ରସାଦରେ। ଦିବ୍ୟ ଚୂଲିରେ ପାକ ହୋଇ ବ୍ରହ୍ମାଙ୍କୁ ଅର୍ପଣ କର୍‌ଯାଉଥିବାରୁ ଏହା ମହାପ୍ରସାଦ ରୂପେ ବିଦିତ ବୋଲି ମତାନ୍ତରେ ବର୍ଣ୍ଣିତ ହୋଇଛି। ସ୍ୱୟଂ ଦେବୀ ମହାଲକ୍ଷ୍ମୀ ଏହା ପ୍ରସ୍ତୁତ କରୁଥିବାରୁ ମାଆ ପ୍ରସାଦ ନାମ ବହନ କରିଛି। ସବୁଠି ଏହା ଅବଢ଼ା, ନର୍ମାଲ୍ୟ, ମହାର୍ଘ୍ୟ ଓ କୈବଲ୍ୟ ନାମରେ ପରିଚତ। ଶ୍ରୀମନ୍ଦିରରେ ଦିବ୍ୟପ୍ରସାଦ ଅମୁଣିଆରୁ ନର୍ମାଲ୍ୟକୁ ଉନ୍ନୀତ ହୋଇଥାଏ। ଶ୍ରୀ ଜୀଉଙ୍କୁ ଅର୍ପଣ କରିବାପାଇଁ ପାକ ପୂର୍ବରୁ ଗ୍ଚଉଳ ଡାଲି ଇତ୍ୟାଦି ଦ୍ରବ୍ୟକୁ 'ଅମୁଣିଆ' କୁହାଯାଉଥିଲା ବେଳେ ବୈଷ୍ଣବାଗ୍ନୀରେ କୁଡ଼ିଆରେ ପାକ ହେବାକୁ କୁହାଯାଏ 'ଅନ୍ନ' । ସୁପକାରଙ୍କ ଦ୍ୱାର୍‌ ପ୍ରେରଣ ସମୟରେ 'ଛେକ' ବା 'ଛେକବୁହା' ଓ ଗମ୍ଭୀର୍‌ରେ ପହଂଚଲା ବେଳକୁ ପରିଣତ ହୋଇଯାଏ 'ଅନ୍ନଭୋଗ'।

ଦେବୀ ମହାଲକ୍ଷ୍ମୀଙ୍କ ତତ୍ତ୍ୱାବଧାନରେ ହୋମାଗ୍ନିରେ ପାକ, ମୁରୁଜ ମଣ୍ଡଳରେ ଷୋଡ଼ଶ ଉପଚାରରେ ଶ୍ରୀ ବଳଭଦ୍ରଙ୍କ ବାଡ଼ରେ ଓଁ ନମଃ ଭଗବତେ ବାସୁଦେବାୟଃ ମନ୍ତ୍ରରେ, ଦେବୀ ସୁଭଦ୍ରାଙ୍କ ବାଡ଼ରେ ଓଁ ହ୍ଲୀଂ ସୁଭଦ୍ରା ନମଃ ଏବଂ ଶ୍ରୀ ଜଗନ୍ନାଥଙ୍କ ବାଡ଼ରେ ମନ୍ତ୍ରରାଜ ମନ୍ତ୍ରରେ ନୈବେଦ୍ୟ ଅର୍ପିତ ହୋଇଥାଏ। ମହାପ୍ରସାଦ ଅର୍ପଣ କଲା ସମୟରେ ଅଠର ଜଣ ବୈଷ୍ଣବ ଓ ଜଣେ ମହାବୈଷ୍ଣବ ଚଣ୍ଡଙ୍କୁ ବଳ ପ୍ରଦାନ କରାଯାଏ। ସେମାନେ ହେଲେ ବଳ, ନାରଦ, ଅର୍ଜୁନ, ଭୀଷ୍ମ, ହନୁମାନ, ଅକ୍ରୁର, ଶୁକ, ଧ୍ରୁବ, ପ୍ରହ୍ଲାଦ, ଆମ୍ବରୀକ୍ଷ, କପିଳ, ଋଷଭ, ମାର୍କଣ୍ଡେୟ ଓ ସନକାଦି ଚାରିଜଣ। ମହାପ୍ରସାଦ ଅନନ୍ଦବଜାରରେ ଶ୍ରଦ୍ଧାଳୁ ଓ ଭକ୍ତଙ୍କୁ ମୁକ୍ତି ପ୍ରଦାନ କରି କୈବଲ୍ୟରେ ରୂପାନ୍ତରିତ ହୁଏ। ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଅଚଣ୍ଡାଳ ବ୍ରାହ୍ମଣ ଏକତ୍ର ସେବନ କରୁଥିବା ଅବଢ଼ା ଶେଷରେ ଯେଉଁ ଉଚିଷ୍ଟ ରହେ ତାହା ନିର୍ମାଲ୍ୟ। ମହାପ୍ରସାଦ ସାକ୍ଷାତ ବ୍ରହ୍ମ ସ୍ୱରୂପ ଏବଂ ନିର୍ମାଲ୍ୟ ପରମବ୍ରହ୍ମ ପୁରୁଷୋତ୍ତମଙ୍କ ସ୍ୱରୂପ। ବ୍ରହ୍ମ ପୁରାଣରେ ବର୍ଣ୍ଣିତ ଅଛି -

'ବ୍ରହ୍ମ ବିନ୍ନିବିକାରଂ ହି ଯଥା ବ୍ରହ୍ମ ତଥେବତତ୍ ।'

ଭକ୍ତ ବତ୍ସଳ ମହାରାଜା ଯଯାତିକେଶରୀ ଶ୍ରୀମନ୍ଦିରରେ ଅନ୍ନପ୍ରସାଦର ଶୁଭାରମ୍ଭ କରିଥିଲେ। ବର୍ଣ୍ଣିତ ଅଛି ଏହି ପ୍ରଥା ପ୍ରଚଳନରେ ଶଙ୍କରାଚାର୍ଯ୍ୟଙ୍କ ଭୂମିକା ଥିଲା ଅନନ୍ୟ। ସମଗ୍ର ବିଶ୍ୱରେ କୋଟୀ କୋଟୀ ଶ୍ରଦ୍ଧାଳୁ ଭକ୍ତଙ୍କ ଅଖଣ୍ଡ ଭକ୍ତି ଓ ବିଶ୍ୱାସ ଥିବାରୁ କେଉଁ ଅନାଦି କାଳରୁ ଏହା ସମ୍ପୂର୍ଣ୍ଣ ଭିନ୍ନ ରୂପେ ବିବେଚିତ ହୋଇ ଆସୁଛି। ଶ୍ରୀମନ୍ଦିରର ସୁଆର ଓ ମହାସୁଆର ସେବକଙ୍କ ଦ୍ୱାରା ପ୍ରତ୍ୟହ ପାଞ୍ଚ ହଜାରରୁ ପଚାଶ ହଜାର ଭକ୍ତଙ୍କ ପାଇଁ ମହାପ୍ରସାଦ ପ୍ରସ୍ତୁତ ହୋଇଥାଏ। ଦିବ୍ୟ ମହାପ୍ରସାଦ ସେବନ କରି ଭୌତିକ ମହାନନ୍ଦ ବ୍ୟତୀତ ଯେଉଁ ଦିବ୍ୟ ଅନୁଭବ ପ୍ରାପ୍ତ ହୁଏ ତାହା ଅବର୍ଣ୍ଣନୀୟ। ସ୍କନ୍ଦ ପୁରାଣରେ କୁହାଯାଇଛି -

"ସର୍ବ ରୋଗ ପ୍ରସମନ ପୁତ୍ର ପୌତ୍ର ପ୍ରବର୍ଦ୍ଧନ୍ୟ
ଦରିଦ୍ର ହରଣମ ଶ୍ରେଷ୍ଠମ ବିଦ୍ୟାୟା ଶ୍ରୀପଦମ ଶୁଭାନୀ ।"

ଶ୍ରୀମନ୍ଦିର ରୋଷଶାଳା ଓ ପ୍ରସାଦ ପ୍ରସ୍ତୁତିର ବିସ୍ମୟକର ଓ ବିରଳ ଦୃଶ୍ୟ ବିଶ୍ୱବାସୀଙ୍କୁ ହତଚକିତ କରେ। ସଂପ୍ରତି ନୂତନ ରୋଷଗୃହର ବ୍ୟବସ୍ଥା ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ (୧୬୮୭-୧୭୧୩) ଦ୍ୱାରା ସମ୍ଭବ ହୋଇଥିଲା। ଏହାର ନିର୍ମାଣ ପାଇଁ

କଟକ ଜିଲ୍ଲା ଜନୈକ ବିତ୍ତଶାଳୀ ବ୍ୟକ୍ତି ରାଜେନ୍ଦ୍ର ରାୟ ସମସ୍ତ ଅର୍ଥ ପ୍ରଦାନ କରିଥିଲେ ଗଜପତିଙ୍କ ଅନୁରୋଧ କ୍ରମେ। ୧୫୦ ଫୁଟ ଲମ୍ବ ଓ ୧୦୦ ଫୁଟ ଓସାର ବିଶାଳ ଗୃହଟି ଶ୍ରୀମନ୍ଦିର ଦକ୍ଷିଣ ଓ ଆଗ୍ନେୟ କୋଣରେ ଅବସ୍ଥିତ। ବତିଶଟି କୋଠରୀରେ ଥିବା ୨୪୦ ଟି ଚୂଲି ୧୧ ଭାଗରେ ବିଭକ୍ତ। ଶ୍ରୀ ଜୀଉଙ୍କ ଭୋଗ ପ୍ରସ୍ତୁତି ପାଇଁ ଅନ୍ନଚୂଲି, ପିଠାଚୂଲି ଓ ଅହିଆର ବନ୍ଦୋବସ୍ତ କରାଯାଇଛି। ପ୍ରତି ଚୂଲାରେ ଥିବା ଝିଙ୍କା ଦେହରେ ଛଅଟି ହାଣ୍ଡି ଓ ମଧ୍ୟବର୍ତ୍ତୀ ଫାଙ୍କରେ ତିନୋଟି ହାଣ୍ଡି ଏପରି ନଅଟି ଅନ୍ନହାଣ୍ଡି ଏକାଥରକେ ବସିଥାଏ। ତାନ୍ତ୍ରିକ ପଦ୍ଧତିରେ ନିର୍ମିତ ପ୍ରତିଟି ଅହିଆରେ ବାରଟି ବଡ଼ ବଡ଼ ଡାଲି ତରକାରି ହାଣ୍ଡିରେ ରୋଷେଇ ସମ୍ପନ୍ନ ହୁଏ। ଏଠାରେ ଅନ୍ନ ଗଳା ଯାଏନାହିଁ ଅଥବା ତରକାରି ଘଣ୍ଟା ଯାଏନାହିଁ। ଅନ୍ନ ହୋଇଯିବା ପରେ କୁଡୁଆରେ ତଳପଟୁ ଲୁହା ଡଙ୍କା ଦ୍ୱାରା କଣା କରି ଦିଆଯାଇ ପେଜ ନିଷ୍କାସନ କରାଯାଏ।

ରୋଷଘରେ ରନ୍ଧନଶୈଳୀରେ ସୁଦ୍ଧା ପରିଦୃଷ୍ଟ ହୁଏ ସ୍ୱତନ୍ତ୍ରତା। କେବଳ ନଡ଼ିଆ କତା ଦଉଡି ଓ ଲୁହା ଡଙ୍କା ଦ୍ୱାରା ଉଠାପକା କରାଯାଏ। ଧାତୁ ପାତ୍ର ତୁଳନାରେ ଲାଲରଙ୍ଗର ମାଟିପାତ୍ର ଦ୍ୱାରା ପ୍ରସ୍ତୁତ ଖାଦ୍ୟ ପଦାର୍ଥ ରୁଚକର, ସ୍ୱାସ୍ଥ୍ୟ ଉପଯୋଗୀ ଓ ବିଜ୍ଞାନସମ୍ମତ। ଏ ସବୁ ମାଟି ପାତ୍ର ଶ୍ରୀମନ୍ଦିରକୁ ଯୋଗାଇଥାନ୍ତି କୁମ୍ଭକାର ନିଯୋଗ। ବ୍ୟବହାର ଅନୁସାରେ ବାଇହାଣ୍ଡି, ସମାଧିହାଣ୍ଡି, ଶ୍ରୀରାମ ଦାସିଆ ହାଣ୍ଡି, ଏମାର ହାଣ୍ଡି, ବଡ଼ମଠ ହାଣ୍ଡି, ସାନମଠ ହାଣ୍ଡି, ଚକାନମ୍ବରୀ ହାଣ୍ଡି, ଧଳା କୁଡୁଆ (ଢଳା କୁଡୁଆ) ଓ ବଡ଼ ଭାତ କୁଡୁଆ ନାମରେ ନାମିତ କରାଯାଇଛି। ପ୍ରାୟ ତିନ ଶହରୁ ଊର୍ଦ୍ଧ୍ୱ କୁମ୍ଭକାର ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ହେଉଥିବା ପଦ୍ମଫୁଲ ସଦୃଶ ମାଟିପାତ୍ର ଗୁଡ଼ିକୁ ପ୍ରସ୍ତୁତ କରିଥାନ୍ତି।

ରୋଷଘରେ ଥିବା ୨୪୦ ଟି ରୋଷଚୂଲି ଶ୍ରୀକ୍ଷେତ୍ରର ବିଭିନ୍ନ ମଠ ଓ ସୁଆର ସେବକଙ୍କ ମାଲିକାନାରେ ରହିଛି। ଶ୍ରୀମନ୍ଦିରର ବିଭିନ୍ନ ନୀତି ସହିତ ଜଡିତ ଥିବା ମଠ ଗୁଡିକ ହେଉଛି-ଏମାର ମଠ, ରାଘବଦାସ ମଠ, ଶ୍ରୀରାମଦାସ ମଠ, ବଉଳ ମଠ, ଶଙ୍କରାନନ୍ଦ ମଠ, ଗଙ୍ଗାମାତା ମଠ, କୌଶଲ୍ୟାଦାସ ମଠ, ଲକ୍ଷ୍ମୀଭଦ୍ର ମଠ, ପଞ୍ଜାବୀ ମଠ, ଜଗନ୍ନାଥ ବଲ୍ଲଭ ମଠ, ରାଧାକାନ୍ତ ମଠ, ବଡ଼ସନ୍ଥ ମଠ, ନିମାଳୀ ମଠ, ଖଜୁରିଆ ମଠ, ଓଡ଼ିଆ ମଠ, ଆଗ୍ରରୀ ମଠ, ବଡ଼ଝାଡୁ ମଠ, ମହୀପ୍ରକାଶ ମଠ, ଦୁଃଖୀଶ୍ୟାମ ବାବାଜୀ ମଠ ଓ ଉତ୍ତରପାର୍ଶ୍ୱ ମଠ।

ସମଗ୍ର ଭାରତ ବର୍ଷର ପ୍ରାଚୀନ ମନ୍ଦିର ଓ ବ୍ୟବସ୍ଥାରେ ଏତେ ପରିମାଣରେ ପ୍ରସାଦ ପ୍ରସ୍ତୁତି କୁତ୍ରାପି ପରିଦୃଷ୍ଟ ହୁଏନାହିଁ। ସମ୍ପୃକ୍ତ ବ୍ୟବସ୍ଥା ସହିତ ପ୍ରାୟ ପାଞ୍ଚ ଶହ ସୁଆର ଓ ସେମାନଙ୍କ ୪୦୦ ଯୋଗାଣିଆ ସହାୟକ ପ୍ରତ୍ୟୟ ଭୋଗ ପ୍ରସ୍ତୁତ କରିଥାନ୍ତି। ସୁଆର ଓ ମହାସୁଆରଙ୍କ ନିମନ୍ତେ ସ୍ୱତନ୍ତ୍ର ନୀତି ନିୟମ ପ୍ରଣୟନ କରାଯାଇଛି। ସ୍ନାନ ପରେ ମଠାଲୁଗା ଅଥବା ଗାମୁଛା ପରିଧାନ କରି ଶୁଦ୍ଧ ପୂତ ଅବସ୍ଥାରେ ରୋଷଘରେ ପ୍ରବେଶ କରନ୍ତି। ମୁଣ୍ଡରେ ସିନ୍ଦୂର ଲଗାଇବା ଓ ନିଶ ଦାଢ଼ି ରଖିବା ବର୍ଜନୀୟ। ଚଷମା ଓ ଘଣ୍ଟା ବ୍ୟବହାର ନିଷିଦ୍ଧ। ଅସୁସ୍ଥ ଓ ରୋଗଗ୍ରସ୍ତ ସୁଆରଙ୍କୁ ବାରଣ କରାଯାଇଥାଏ। ରୋଷଶାଳାରେ ଅବସ୍ଥାନ କାଳରେ ଉଚ୍ଚସ୍ୱରରେ କଥାହେବା, ଅଶ୍ଳୀଳ ଶବ୍ଦ ଉଚ୍ଚାରଣ ଓ ଗୀତ ବୋଲିବା ମନା।

ସୁଆର, ମହାସୁଆର, ନିଯୋଗ, ପ୍ରତିହାରୀ ନିଯୋଗ ଓ ଭିତର ସେବାୟତ ନିଯୋଗ ସୁଆର (ସୁପକାର) ତିନି ସେବାୟତ ବଂଶାନୁକ୍ରମେ ମହାପ୍ରଭୁଙ୍କ ଭୋଗ ପ୍ରସ୍ତୁତି ସମୟରେ ଏକାନ୍ତ ନିଷ୍ଠା, ଆତ୍ମୀୟତା ଓ ସମର୍ପଣ ଭାବନାରେ ସମସ୍ତ କର୍ମ ସମ୍ପାଦନ କରିଥାନ୍ତି। ଅନ୍ୟାନ୍ୟ ସେବା ସହିତ ଧୋ ପଖାଳିଆ, ଲଙ୍କା ସେବକ, ବିରିବଟା ସମର୍ଥା, ପନିକ ପଟା, ବିରିବୁହା ସେବକ, ରୋଷ ମେକାପ, ଗନ୍ଧର୍ବ ମେକାପ, କୋଠ ଭୋଗ, ପାଣିଆ, ରୋଷ ପାଇକ, ପର୍ବଯାତ୍ରା ଯୋଗାଣିଆ, ହାଣ୍ଡି ଯୋଗାଣିଆ, ବିରି ମଣିଆ ଆଦି ସେବା ଅନ୍ତର୍ଭୁକ୍ତ। ସେବକମାନଙ୍କ ମଧ୍ୟରେ ପାଳିଆ ମହାସୁଆର, ପିଠା ସୁଆର, ତୁମେ ସୁଆର, ଥାଳି ସୁଆର, ଚଣାପୁଆ, ପଗୁଆ, ପନ୍ତିବଡୁ ଓ ବଲ୍ଲଭ ଯୋଗାଣିଆ ଇତ୍ୟାଦିଙ୍କ ଭୂମିକା ସୁଦ୍ଧା ଗୁରୁତ୍ୱପୂର୍ଣ୍ଣ । ସ୍ୱତନ୍ତ୍ର ପ୍ରସ୍ତୁତି ଓ ନିଷ୍ଠାପର ସେବା ଦ୍ୱାରା ଶ୍ରୀମନ୍ଦିରରେ ନିବେଦନ କରାଯାଉଥିବା ମହାପ୍ରସାଦ ବିରଳ ଓ ଅନନ୍ୟ ହୋଇଥିବାରୁ ଶ୍ରଦ୍ଧାଳୁ ଏହାର କଣିଗ୍ରୁଏ ସେବନ କରି ଗାଇ ଉଠିଥାଏ -

"କୃତାର୍ଥମ, କୃତାର୍ଥନ,କୃତାର୍ଥମ ନସମଶୋୟମ
ଦେବୋ ଦେବୋ ଜଗନ୍ନାଥ ତବ ନିର୍ମାଲ୍ୟ ଭକ୍ଷନ୍ତି।"

ଉପାସନା ପଦ୍ଧତି, ନୀତି ଓ ଉତ୍ସବାନୁଷ୍ଠାନ ମଧ୍ୟରେ ଏକତ୍ୱ ପରିଲକ୍ଷିତ ହେବାପରି ପ୍ରସାଦ ସମ୍ବନ୍ଧୀୟ ନାନାଦି ସିଦ୍ଧାନ୍ତ ଯେତିକି ବିସ୍ମୟକର; ତତୋଧିକ ଭାବୋଦ୍ଦୀପକ । ପ୍ରସାଦର ପ୍ରକାରଭେଦ ଠାରୁ ପରିମାଣ, ପ୍ରସ୍ତୁତି, ପ୍ରକ୍ରୀୟା ଓ ଅର୍ପଣ ବ୍ୟବସ୍ଥାରେ ମାନବୀୟ ମୂଲ୍ୟବୋଧକୁ ଏଡାଇଯିବା ସମ୍ଭବ ନୁହେଁ। ସାଧାରଣ ଭୋଜନ ଦ୍ୱାରା ଜୀର୍ଣ୍ଣ ଉପରାନ୍ତେ ବର୍ଜ୍ୟବସ୍ତୁ ନିଷ୍କାସିତ ହେବାପରି କୈବଲ୍ୟ ବର୍ଜ୍ୟବସ୍ତୁରେ ରୂପାନ୍ତରିତ ହୁଏନାହିଁ। ଶ୍ରୀ

ଜୀଉଙ୍କ ଦନ୍ତ ମର୍ଜନ, ସ୍ନାନ, ଭୋଜନ, ଶୟନ ଆଦି ନୀତି ଅନୁସୃତ ହେଉଥିଲେ ସୁଦ୍ଧା ଶୌଗୃଦି କର୍ମ କୌଣସି ନୀତିରେ ନଥାଏ। କୈବଲ୍ୟର ସମ୍ପର୍କ ଶରୀର ସହିତ ନୁହେଁ, ଆତ୍ମା ସହିତ। ଏହା ଏକ ଆଧ୍ୟାତ୍ମିକ ଚେତନା।

ଯେଉଁଠି ଭକ୍ତି ଅଛି ସେଠାରେ ମୁକ୍ତି ନାହିଁ। ଯେଉଁଠାରେ ମୁକ୍ତି ଅଛି ସେଠାରେ ଭକ୍ତି ନାହିଁ। ମୁକ୍ତିର ଅବାହନୀ ରୁଦ୍ରଯମାଳ ତନ୍ତ୍ରରେ ଯଥାର୍ଥରେ କୁହାଯାଇଛି –

" ଜଦନ୍ନମ  ହରୟେ ଦତ୍ତଂ ଧୂପକାଳେ ମହେଶ୍ୱରୀ
ତଦନ୍ନ ଭକ୍ଷଣାନ ମୁକ୍ତିଂ ମାନେକରଗତାଂନୃଣାମ ।"

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ,ଭୁବନେଶ୍ୱର-751028
badrimohanty60@gmail.com

# ହୃଦୟ ସଙ୍ଗୀତ



ଶୋଭଗିନ ବିଶି

ନର୍ଜନତାର ବନ୍ଧୁର ଶିଳାକୁ
ପଳକରେ ବୁକୁ ଚରି,
ବେନ ନୟନର ଅନ୍ତର ଗର୍ଭରୁ
ଲୋତକ ପଡଇ ଝରି ॥
ଜଞ୍ଜାଳ ଜଳଦେ କ୍ଷୁଦ୍ର ପଟାନ୍ତର
ତଥାପି ସେ ଉଲ୍ଲସିତ,
ପ୍ରତିକ୍ଷଣେ ନତମସ୍ତକ ଭଙ୍ଗୀରେ
ଜଣାଏ ହୃଦ ସଙ୍ଗୀତ ॥
ବୃହତ୍ ପାହାଡର ସୂକ୍ଷ୍ମ ଝରକାରେ
ଜ୍ଞାନର ଆଲୋକଟିଏ,
ଖୋଜିଖୋଜି ଯୁବା ବୃଦ୍ଧେ ଉପନୀତ
ଦର୍ଶନ ଦେବ କ କଏ!??
ଦର୍ଶନାଭିଳାଷୀ ହୃଦୟ ସଙ୍ଗୀତ
ଜଣାଏ ସେ ମର୍ମେ ମର୍ମେ,
ମୋକ୍ଷ ପ୍ରାପ୍ତି ଆଶେ ଅବା ଅଭିଶପ୍ତ
ମନଯୋଗ ସତ୍ କର୍ମେ ॥
ଉତ୍ ଯୋଗେ ପାତକ ନାସ୍ତି, ତହିଁ କ ଯେ
ଉତ୍ ଯୋଗେ କର୍ମର ସିଦ୍ଧି,
କର୍ମଟି ଅସାଧ୍ୟ ସାଧନ ର ମୂଳ
ଜଗତର ଏହି ବିଧି ॥

ଜାଣିଥାଇ ମନ କର୍ମର ସାଧନ
କରୁଥାଇ ପ୍ରତିକ୍ଷଣେ,
କର୍ମର ଚନ୍ତନ କର୍ମର ମନନ
କର୍ମ ହିଁ ତାର ଜୀବନ ॥
କର୍ମର ଏ ସବୁ ବୃତ୍ତାନ୍ତ କୁ ଜାଣି
କର୍ମପଥେ ଅଗ୍ରସରି,
ଏମନ୍ତ ସମୟେ ଅଭ୍ୱବ କଷଣ
ପାଦକୁ ଟାଣେ ଓଟାରି ॥
ଏକ କର୍ମ ହେଲ୍ ଅଧା ରହିଗଲ୍
ହେଲ୍ କର୍ମ କ୍ଷୀଣଜନ୍ମା,
ଯା ହୃଦ କର୍ମର ରଜ୍ଜୁରେ ଆବଦ୍ଧ
ହେଲ୍ ସିଏ ଦରକର୍ମା ॥
ଅଭ୍ୱବ କଷଣ ଏତେ ବଳୟାନ
କର୍ମକୁ ବାନ୍ଧେ ଜାବୁଡି
ଦୃଢବଦ୍ଧ କର୍ମ କରୁଥିଲେ ମଧ
ଧରେ ସେ ଅଣ୍ଟାକୁ ଭିଡି ॥
ଧନ ଯଉବନ ଆୟୁ ଦୁଇଦିନ
ସତ୍ୟ, ଦର୍ମ, ଯଶଃ, କୀର୍ତ୍ତି,
ଅଭ୍ୱବ କଷଣ ତିଳେହେଁ ମାତର
ହୃଦେ ଥିଲେ କର୍ମ ପ୍ରୀତି ॥
ବନ୍ଧନ ମୋଚନ ସାଥେ ସତ୍ କର୍ମ
ଏଇତ ଜୀବନ ରୀତି
ବିଶ୍ୱେ ଅନୁପମା କବିର ଉପମା
ଜଣାଏ ହୃଦ ସଙ୍ଗୀତ ॥

ଗ୍ରାମ-ଦୁଆନ ପାଲି,
ସୋହେଲ୍, ବରଗଡ଼

# ଧିକ୍ ତୁମେ ଅମଣିଷ!



ରାଧାମୋହନ ପୂଜାହାରୀ

ଆମ ମୁଖ୍ୟ ଛକେ କାହିଁ କେଉଁ କାଳୁ
ବୁଢ଼ା ବରଗଛ ଥିଲା,
ଦେଖିଛି ତା'କୁ ମୋ ଅଜାଙ୍କର ଅଜା
ଥିଲା ଯେବେ ଦିନେ ପିଲା ।

ଏକଦା ସେ ବୃଦ୍ଧ ବରଗଛ ମୂଳେ
ରହୁଥିଲା ଜଣେ ନାରୀ,
ଦରିଦ୍ର ଦୁଃଖିନୀ ରୂପ ତା' ଲଲାଟୁ
ସ୍ପଷ୍ଟ ହେଉଥିଲା ବାରି ।

ମାଗିଯାଚ ସିଏ ପ୍ରାୟ ଖାଉଥିଲା
କେବେ ରହୁଥିଲା ଭୋକେ,
ଜୀବନଟା ଥିଲା ଦୁଃଖେ ଜର୍ଜରିତ
ଦିନ ବିତୁଥିଲା ଶୋକେ ।

ଲୋକେ କହୁଥିଲେ ପାଗଳୀଙ୍କ ପରି
ଆଚରଣ ସିଏ କରେ,
ଅଳପ ଦୂରରେ ଛିଡ଼ା ହୋଇ ତା'କୁ
ଲକ୍ଷ୍ୟ କଲି ମୁହିଁ ଥରେ ।

ଅସହ୍ୟ ତାତିରେ ସ୍ୱେଦେ ତା' କୋମଳ
ଶରୀରଟା ଭିଜୁଥିଲା,
ତଥାପି ଗଛର ମୂଳକୁ ଗୋବର
ମାଟିରେ ସେ ଲିପୁଥିଲା ।

ବୃକ୍ଷ ଚାରିପଟେ ଝାଡୁ ମାରେ ନିତ୍ୟ
ଭିଜାଇ ମାଟିକୁ ଜଳେ,
ରାତ୍ରୀ ହେଲେ ନିତି ଶ୍ୱାନଙ୍କ ଗହଣେ
ଶୋଇଯାଏ ଗଛ ତଳେ ।

ଆଜି କିନ୍ତୁ ସେଠି ଏ ଆଖି ଦେଖୁଛି
ଦୃଶ୍ୟ ଅତି ଭାରାକ୍ରାନ୍ତେ,
ଅଛି ସବୁ କିନ୍ତୁ ବୁଢ଼ା ବରଗଛ
ଆଉ ନାହିଁ ପଥ ପ୍ରାନ୍ତେ ।

ଆଧୁନିକତାର ଢାଞ୍ଚାରେ ସଜଡ଼ା
ହେଉଅଛି ପ୍ରତି ଗଳି,
ରାସ୍ତାର ପ୍ରଶସ୍ତିକରଣ ପାଇଁକି
ମହାଦ୍ରୁମ ପଡ଼େ ବଳି ।

ପଥ ଦୁର୍ଘଟଣା ରୋକିବା ପାଇଁକି
ବୃକ୍ଷ ହେଲା ଧରାଶାୟୀ,
ଇଏ କି ମହତ ବିଚାର ତୁମର
କିଏ ତୁମେ ଆତତାୟୀ ?

ବୃକ୍ଷରୋପଣ ର ନାମରେ ତୁମେ ଯେ
ଜପୁଅଛ ଖାଲି ମାଳା,
ବୃକ୍ଷ ହତ୍ୟା କରି କନ୍ତୁ କାହିଁ ତୁମେ
କରୁଅଛ ଏତେ ପାଲା ?

ଅନ୍ଧାନୁକରଣେ ତୁମେ ଅପରାଧୀ
ଜୀବେ ଦୟା ଭୁଲିଯାଅ,
ନିରୀହ ପକ୍ଷୀଙ୍କୁ ବେସାହାରା କରି
କେଉଁ ଲାଭ ଅବା ପାଅ ?

ଦେଇଥିଲେ ପାଇ ବୁଣିଥିଲେ ଦାଇ
ଏ ଉକ୍ତି ମିଥ୍ୟା ନୋହିବ,
ତୋ କଲା କରମ ଫଳ ତୋତେ ଦିନେ
ଦେବ ନିଶ୍ଚୟ ଦଇବ ।

ବାଗମାରୀ, ବୀରମହାରାଜପୁର
ସୋନପୁର (ଓଡ଼ିଶା)

# ସଜଲ୍ :- "ଚନ୍ଦ୍ରଲେଖା"



ଅମୂଲ୍ୟ କୁମାର ପଣ୍ଡା

ଫଗୁଣ ଫଗୁରେ ସ୍ନିଗ୍ଧ ଚନ୍ଦ୍ରଲେଖା ଫଗୁମୟୀ ତୁମେ ପରୀ
ସପନ ସନ୍ଧ୍ୟାରେ ରତି ରାଜଜେମା ସରଗର ରମ୍ଭା ପରି

ନୟନ ଯୁଗଳ ନଳାମ୍ବୁ ଚିଲିକା ନୀଳ ଆକାଶର ଜହ୍ନ
ନିଶବ୍ଦ ବେଳାରେ ନିଶି ନୀଳ ଢେଉ ନୟନେ ନୀଳିମା ଘନ
ପରସ୍ତ ପ୍ରସ୍ତ ପାଖୁଡା ପଦ୍ମରେ ପ୍ରେମର ପତର ଲେଖା
ସୁନେଲି କେଶର ମହୁର ଆସର ପ୍ରଜାପତି ପ୍ରୀତିରେଖା

କାକର ଛୁଆଁରେ କଅଁଳ ପାଖୁଡା ସମୀର ସରାଗେ ଧରେ
ଶ୍ୟାମଳ ପଣତ ସତେ ଅବା ନେତ ନୀଳ ପତା ତଳେ ଝରେ ।

ତୁମେ ତ ଦେଇଛ ଅଙ୍ଗରେ ପୁଲକ ପଣତେ ପବନ ଧରି
ତନୁ ମନ ତାତି ମିଠା ଜହ୍ନରାତି ରହି ମଧୁ ଦିଅ ଭରି
ପ୍ରୀତିର ଛୁଆଁରେ ଭାବନାରେ ଭାସେ ଫୁଲ ଫଗୁଣର ଛବି
ତୁମକୁ ଦେଖି ମୁଁ ଭୂମି ଠାରୁ ଭୂମା କବିତାର ହୁଏ କବି।

ଆଖିର ଲୁହରେ ଆବେଗ ଲୁଗୁଅ ଯାଇପାରେ ନାହିଁ କାହିଁ
ଆଖିରୁ ଉହାଡ଼ ହେଲେ ହୃଦ ହୁଏ ହୁତାଶନ ତୁମ ପାଇଁ।

ଅରଙ୍ଗାବାଦ, ବରୀ, ଯାଜପୁର

# ସମସାମୟିକ ବଙ୍ଗଳା ଓ ଶ୍ରୀ ଚୈତନ୍ୟଦେବ



ବିଜୟଲକ୍ଷ୍ମୀ ପଟ୍ଟନାୟକ

"ହରିବୋଲ ହରିବୋଲ ହରିହରି ବୋଲ
ମୁକୁନ୍ଦ ମାଧବ ଗୋବିନ୍ଦ ବୋଲ ।"

୧୪୮୫ ଖ୍ରୀଷ୍ଟାବ୍ଦରେ ଶ୍ରୀ ଚୈତନ୍ୟ ଦେବ ବଙ୍ଗଳାର ନବଦ୍ୱୀପରେ ଜନ୍ମଗ୍ରହଣ କରିଥିଲେ ପିତା ଜଗନ୍ନାଥ ମିଶ୍ର ଏବଂ ମାତା ସଚ୍ଚୀଦେବୀଙ୍କ କୋଳ ମଣ୍ଡନ କରି । କୁହାଯାଏ ଯେ ଶ୍ରୀ ହଟ୍ଟ (ଏବେ ଆସାମର ସିଲହଟ୍) ସହର ରେ ଭରଦ୍ୱାଜ ବଂଶୀୟ ଏକ କୁଳୀନ ପରିବାରରେ ଚୈତନ୍ୟ ଜନ୍ମଗ୍ରହଣ କରିଥିଲେ । ଜଗନ୍ନାଥ ମିଶ୍ର ପିତାଙ୍କ ଅନୁମତି ନେଇ ସିଲହଟରୁ ନବଦ୍ୱୀପ ସଂସ୍କୃତ ପଢିବା ପାଇଁ ଆସିଥିଲେ । ନବଦ୍ୱୀପର ପଣ୍ଡିତ ନୀଳାମ୍ବର ଚକ୍ରବର୍ତ୍ତୀଙ୍କ କନ୍ୟା ଶଚ୍ଚୀଦେବୀଙ୍କୁ ବିବାହ କରି ସେଠାରେ ପୁରନ୍ଦର ପଦ ପ୍ରାପ୍ତ ହୋଇ ପଣ୍ଡିତ ଭବରେ ରହିଗଲେ । ଏହି ନବଦ୍ୱୀପର ମାୟାପୁରୀ ଗ୍ରାମରେ ଶ୍ରୀ ଚୈତନ୍ୟଙ୍କର ଜନ୍ମ । ପ୍ରଥମେ ଆଠୋଟି କନ୍ୟାରତ୍ନ ଜନ୍ମ ହୋଇ ମୃତ୍ୟୁଲଭ କଲାପରେ ବିଶ୍ୱରୂପ ନାମରେ ଏକ ପୁତ୍ର ଜନ୍ମ ହେଲା ଏବଂ ତା ପରେ ଶ୍ରୀ ଚୈତନ୍ୟ ଦେବ ଜନ୍ମ ହେଲେ । ସେ ପୁରା ୧୩ ମାସ ଗର୍ଭରେ ରହି ଜନ୍ମ ଗ୍ରହଣ କରିଥିବା ଯୋଗୁଁ ଜନ୍ମବେଳେ ବର୍ଷକିଆ ପିଲା ପରି ଦେଖା ଯାଉଥିଲେ । ସୁଗଠିତ ସୁନ୍ଦର ଶରୀର, ବଳଷ୍ଠ ଅବୟବ ସହିତ ଶରୀରର ବର୍ଣ୍ଣ ଥିଲା ଶୁଦ୍ଧ ସୁବର୍ଣ୍ଣ ପରି ଗୌରବର୍ଣ୍ଣ । ପ୍ରଥମ ନାମ ତାଙ୍କର ଥିଲା ବିଶ୍ୱମ୍ଭର । କିନ୍ତୁ ଡାକ ନାମ ଥିଲା ନିମାଇଁ । ସେହି ଗୌର ଅଙ୍ଗ ପିଲାକୁ ମଧ୍ୟ କେତେକ ଗୌରାଙ୍ଗ ବୋଲି ଡାକୁଥିଲେ । ସେ ନବଦ୍ୱୀପରେ ନିମାଇଁ ପଣ୍ଡିତ ନାମରେ ଖ୍ୟାତ ହୋଇଥିଲେ । ଜନ୍ମ ହେଲା ପରେ କ୍ରନ୍ଦନ ବଦଳରେ ହରି ହରି ବୋଲି ତାଙ୍କ ପାଟିରୁ ବାହାରୁଥିଲା ।

ସେ ସମୟରେ ମହାପୁରୁଷ ମାନଙ୍କ ମଧ୍ୟରୁ ଶ୍ରୀ ଚୈତନ୍ୟ ଦେବ ସର୍ବଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲେ ବୋଲି କୁହାଯାଏ । ସେ ଥିଲେ ଭକ୍ତିର ମୂର୍ତ୍ତିମନ୍ତ ଅବତାର ଓ ପ୍ରେମର ଜୀବନ୍ତ ପ୍ରତିମୂର୍ତ୍ତି । ତାଙ୍କ ଜୀବନରେ ପରମ ବୈରାଗ୍ୟ, ମହାନ ତ୍ୟାଗ, ଅଲୌକିକ କୃଷ୍ଣପ୍ରେମ, ଅଦ୍ଭୁତପୂର୍ବ ପାଣ୍ଡିତ୍ୟ ଓ ଈଶ୍ୱରୀୟ ବିଲକ୍ଷଣ ବ୍ୟାକୁଳତା ପ୍ରଣିଧାନଯୋଗ୍ୟ । ଶ୍ରୀ ଚୈତନ୍ୟ ଚରିତର ମାଧୁର୍ଯ୍ୟ ଭୋଗ କରିବା ପାଇଁ ଭାଗ୍ୟରେ ଥିଲେ ମିଳେ । ଏପରି କୃଷ୍ଣ ପ୍ରେମଲୀନ ବ୍ୟକ୍ତି କେତେ ବର୍ଷ ପରେ ଥରେ ଥରେ ଆସନ୍ତି ।

ଚୈତନ୍ୟ କାଳୀନ ବଙ୍ଗଳା ବିଷୟରେ ପ୍ରଥମେ ସାମାନ୍ୟ ଆଲୋଚନା କରିବା ଶ୍ରୀ ଚୈତନ୍ୟ ଚରିତାମୃତ ଅଧ୍ୟୟନରୁ । ଶାସ୍ତ୍ରରେ ଉଲ୍ଲେଖ ଅଛି:

ଅଙ୍ଗ ବଙ୍ଗ କଳଙ୍ଗେଷୁ ସୌରାଷ୍ଟ୍ର ମଗଧେଗୁଚ
ତୀର୍ଥଯାତ୍ରାଂ ବିନା ଗତ୍ୱା ପୁନଃ ସଂସ୍କାରମର୍ହତି ।

ଅର୍ଥାତ - ଅଙ୍ଗ, ବଙ୍ଗ, କଳଙ୍ଗ, ସୌରାଷ୍ଟ୍ର ଓ ମଗଧ - ଯଦି ଏହି ଦେଶଗୁଡିକୁ ତୀର୍ଥଯାତ୍ରା ନ କରି କେହି ଗଲିଯାଏ ତେବେ ତାକୁ ପୁନର୍ବାର ସଂସ୍କାରିତ ହେବାକୁ ପଡେ ।

ଚୈତନ୍ୟଦେବଙ୍କର ଲୀଳାଭୂମି ରୂପେ ଭାବୁକ ବ୍ୟକ୍ତଙ୍କ ହୃଦୟରେ ଏହା ବ୍ରଜଭୂମିଠାରୁ କଛି କମ ଆଦରଣୀୟ ନୁହେଁ ।

ବଙ୍ଗଦେଶ ଶକ୍ତି ଉପାସନାର ଦେଶ । ଶକ୍ତିଙ୍କୁ ଉପାସନା ନକଲେ ରଜୋଗୁଣର ବୃଦ୍ଧି ଘଟେନାହିଁ, ତେଣୁ ସେହି ବିଶ୍ୱାସରେ ଅଧିକାଂଶ ଭକ୍ତ ଉଷ୍ମ ରକ୍ତ ଦ୍ୱାରା କାଳୀମାତାଙ୍କୁ ପୂଜା କରନ୍ତି । ସେମାନେ ଅଧିକ ସଂଖ୍ୟକ ମାଂସାହାରୀ ନୁହଁନ୍ତି କନ୍ତୁ ମତ୍ସ୍ୟ ସେମାନଙ୍କର ଦୈନନ୍ଦିନ ଭୋଜନରେ ଏକ ପ୍ରାଧାନ ଖାଦ୍ୟ । ମାଛକୁ ସେମାନେ ଆମିଷରୂପେ ଗ୍ରହଣ କରନ୍ତି ନାହିଁ । ପ୍ରଭୁଦତ୍ତ ବ୍ରହ୍ମଚାରୀ ଶ୍ରୀ ଚୈତନ୍ୟ ଚରିତାମୃତରେ ଲେଖିଛନ୍ତି ଯେଉଁ ବଙ୍ଗାଳୀକୁ ସ୍ନାନ ପୂର୍ବରୁ ଶରୀରରେ ତୈଳ ଓ ଭୋଜନରେ ମାଛ ମିଳେନାହିଁ ସେ ଜୀବନକୁ ବ୍ୟର୍ଥ ମନକରେ । **(ଶ୍ରୀ ଚୈତନ୍ୟ ଚରିତାମୃତ-୨-ପୃଷ୍ଠା-୩୬)**

ସେତେବେଳେ ସାରା ରାଜ୍ୟରେ ମୁସଲମାନ ମାନଙ୍କ ଆତଙ୍କ ଘୋଟିଯାଇ ଥିଲା । ବାମମାର୍ଗର ବହୁଳ ପ୍ରସାର ଯୋଗୁଁ ଘୋର ତାନ୍ତ୍ରିକ ପଦ୍ଧତିର ଅନୁଷ୍ଠାନ ହେଉଥିଲା । ମାଂସ, ମାଛ, ମଦିରା, ମୈଥୁନ ଆଦି ପଞ୍ଚ ବାମମାର୍ଗୀଙ୍କ "ମ" କାରର ପ୍ରଚଳନ ବ୍ୟାପି ଯାଇଥିଲା । ସବର୍ଣ୍ଣଙ୍କୁ କୌଣସି ଦଳତ ଛୁଇଁଦେଲେ, ସବର୍ଣ୍ଣମାନେ ଅପବିତ୍ର ହୋଇ ଗୋମୂତ୍ର ଆଦି ପାନକରି ସ୍ନାନ ପୂର୍ବକ ଶୁଦ୍ଧ ହେଉଥିଲେ । କୌଣସି ବିଧବା ଯଦି କୌଣସି ମୁସଲମାନଙ୍କ ସହିତ ପଦେ କଥା ହେଉଥିଲା, ସେ ପତିତା ହୋଇଯାଉଥିଲା ଏବଂ ତାକୁ ବାସନ୍ଦ କରାଯାଉଥିଲା । ସବର୍ଣ୍ଣ ମାନଙ୍କର ଅତ୍ୟାଚାର ପ୍ରବଳ ଭାବରେ ବଢିଚାଲିଥିଲା । ଏହିସବୁ କାରଣରୁ ହଜାର ହଜାର ଲୋକ ପ୍ରଣାମ କରି ମୁସଲମାନ ଧର୍ମ ଗ୍ରହଣ କରିଥିଲେ ବା ଶରଣ ପଶିଲେ । ଏହାର ପରିଣାମରେ ବଙ୍ଗଳାରେ ହିନ୍ଦୁଙ୍କ ଅପେକ୍ଷା ମୁସଲମାନ ମାନଙ୍କର ସଂଖ୍ୟା ଅହେତୁକ ଭାବରେ ବଢିଗଲା (ଶ୍ରୀ ଚୈତନ୍ୟ ଚରିତାମୃତ -୨, ପୃ-୩୬)

ଚୈତନ୍ୟ ଦେବଙ୍କ ଜନ୍ମବେଳକୁ ଲୋଦୀ ବଂଶର ବାଦଶାହ ଦିଲ୍ଲୀ ସିଂହାସନ ଅକ୍ତିଆର କରି ସାରିଥିଲେ । ଆଫଗାନ ସର୍ଦ୍ଦାରମାନେ ଲୋଦୀ ବଂଶକୁ ଗର୍ଭସ୍ଥ କରିଦେବାକୁ ଛଞ୍ଚାଣ ଭଳି ଚାହିଁ ରହିଥିଲେ । ସେମାନେ କାବୁଲ ବାଦଶାହ ବାବରଙ୍କୁ ନିମନ୍ତ୍ରଣ କଲେ । ୧୫୨୬ରେ ଇତିହାସ ପ୍ରସିଦ୍ଧ ପାନିପଥଠାରେ ପ୍ରଚଣ୍ଡ ଯୁଦ୍ଧ କରି ଇବ୍ରାହିମ୍ ଲୋଦୀଙ୍କୁ ପରାଜିତ କରି ଭାରତ ଅଧିକାର କଲେ । ସେତେବେଳେ ବ୍ରାହ୍ମଣମାନଙ୍କର ପ୍ରଭାବ ମଧ୍ୟ ଅତ୍ୟଧିକ ଥିଲା । ଉଚ୍ଚବର୍ଣ୍ଣର ଲୋକମାନେ ନୀଚବର୍ଣ୍ଣର ଲୋକମାନଙ୍କ ଉପରେ ଖୁବ୍ ଅତ୍ୟାଚାର କରୁଥିଲେ । ତେଣୁ କୋଟିକୋଟି ଲୋକ ଇସଲାମ ଧର୍ମ ଗ୍ରହଣ କରିବାକୁ ବାଧ୍ୟ ହେଉଥିଲେ । ଏହିପରି ଭାବରେ ହିନ୍ଦୁ ସମାଜ ଓ ବର୍ଣ୍ଣାଶ୍ରମ ଧର୍ମ ଚତୁର୍ଦ୍ଦିଗରେ ଛିନ୍ନ ବିଚ୍ଛିନ୍ନ ହୋଇ ଯାଇଥିଲା । ଧାର୍ମିକ ସ୍ଥିତି ଥିଲା ଅତି ଜଟିଳ । ଯାଗ-ଯଜ୍ଞ ପ୍ରତି ଯାହା କିଛି ରୁଚ ଶଙ୍କରାଚାର୍ଯ୍ୟଙ୍କ ଠାରୁ ସୃଷ୍ଟି ହୋଇଥିଲା ପରବର୍ତ୍ତି କାଳରେ ତାହା ଶାକ୍ତ ଓ ତାନ୍ତ୍ରିକ ପଦ୍ଧତିର ପ୍ରଚାର ହେତୁ ଲୁପ୍ତ ପ୍ରାୟ ହୋଇ ଯାଉଥିଲା । ଦିନରାତି ସବୁବେଳେ "ଜଗତ୍ ମିଥ୍ୟା", "ଜଗତ୍ ମିଥ୍ୟା" ଶୁଣି ଶୁଣି ଲୋକମାନେ ଅଣନିଃଶ୍ୱାସୀ ହୋଇ ଯାଇଥିଲେ । କିନ୍ତୁ ପ୍ରକୃତରେ ଧର୍ମ କେହି ପାଳନ କରୁ ନଥିଲେ । ନିମ୍ନ ଶ୍ରେଣୀର ଲୋକମାନଙ୍କର କୌଣସି ଧାର୍ମିକ କାର୍ଯ୍ୟ କରିବାର ଅଧିକାର ନଥିଲା । ବିଧବାଙ୍କୁ ସ୍ୱାମୀ ଚିତାରେ ଜୋର ଜବରଦସ୍ତ ପୋଡି ଦିଆ ଯାଉଥିଲା ।

ଏପରି ଧର୍ମର ଅଧପତନ ସମୟରେ ଭାରତର ବିଭିନ୍ନ ପ୍ରାନ୍ତରେ କେତେକ ମହାପୁରୁଷ ଏକାସାଙ୍ଗରେ ଜନ୍ମ ନେଇଥିଲେ। ଏହି ଯୁଗକୁ ବୈଷ୍ଣବ ଯୁଗ କୁହାଯାଇ ପାରେ।

କାଶୀରେ ରାମାନୁଜ ସ୍ୱାମୀ, ଯିଏକ ଭଗବତ୍ ଭକ୍ତିରେ ଜାତିପ୍ରଥାରେ ବିଲୋପ କରିଥିଲେ। ତାଙ୍କର ଦ୍ୱାଦଶ ଶିଷ୍ୟ ସନ୍ଥ କବିର, ଯିଏ କ ତନ୍ତୀ ଜାତିର ଥିଲେ, ସିଏ ଜାତିପ୍ରଥା ବିଲୋପ ବିଷୟରେ ନେଇ କବିତା ରଚନା କରି ସମସ୍ତେ ଈଶ୍ୱରଙ୍କ ଭକ୍ତ ହୋଇ ପାରିବେ ବୋଲି କହିଥିଲେ। ପଞ୍ଜାବରେ ଗୁରୁନାନଙ୍କ ଓ ତାଙ୍କ ପରେ ଗୁରୁ ଗୋବିନ୍ଦ ସିଂ ଙ୍କର ଆବିର୍ଭାବ ଘଟିଥିଲା। ଦକ୍ଷୀଣରେ ସମର୍ଥ ଗୁରୁ ରାମଦାସ ଓ ତାଙ୍କର ଶିଷ୍ୟ ଛତ୍ରପତି ଶିବାଜୀଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା ହିନ୍ଦୁ ଧର୍ମର ପୁନଃ ପ୍ରତିଷ୍ଠା ଓ ସୁରକ୍ଷା। ଏଥି ନିମନ୍ତେ ସେ ବହୁ ଉଦ୍ୟମ କରିଥିଲେ। ଏହି ସମୟରେ ମଧ ମହାରାଷ୍ଟ୍ରରେ ତୁକାରାମଙ୍କର ଭାଗବତ ଭକ୍ତି ପ୍ରସାର ଲାଭ କରିଥିଲା। ସେ ବିଠଲନାଥଙ୍କ ପ୍ରେମରେ ବିଭୋର ହୋଇ ନୃତ୍ୟ କରୁଥିଲେ। କାଶୀରେ ମଧ ବଲ୍ଲଭାଚାର୍ଯ୍ୟଙ୍କର ଆବିର୍ଭାବ ସେ ସମୟରେ ହୋଇଥିଲା। ସେହି ସମୟରେ ନବଦ୍ୱିପ ଥିଲା ବଙ୍ଗଳାରସ ସର୍ବୋତ୍ତମ ବିଦ୍ୟା ଅଧ୍ୟୟନର କେନ୍ଦ୍ର। ସେଠାରେ ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ସଂସ୍କୃତ ବିଦ୍ୟାଳୟ ଥିଲା। ମୁସଲମାନ ଶାସକ ମାନଙ୍କର ପ୍ରଭାବରେ ବିଭିନ୍ନ ସ୍ଥାନରେ କାଜି ମାନଙ୍କୁ ନିଯୁକ୍ତ କରାଯାଉଥିଲା। ଏହିଭଳି ଏକ କ୍ରାନ୍ତିକାରୀ ସମୟରେ ଶ୍ରୀ ଚୈତନ୍ୟଙ୍କର ଜନ୍ମ ହୋଇଥିଲା।

କେତେକଙ୍କ ମତରେ ଶ୍ରୀ ଚୈତନ୍ୟଙ୍କ ପୂର୍ବପୁରୁଷ ଓଡିଶାର ଯାଜପୁର ଅଞ୍ଚଳରୁ ଯାଇ ସେଠାରେ ବାସିନ୍ଦା ହୋଇଥିଲେ। ପିଲାଦିନେ ତାଙ୍କର ହାବଭାବ ଥିଲା ଶ୍ରୀକୃଷ୍ଣଙ୍କ ପରି ଚପଳ ଓ ନଟଖଟିଆ। ସେ କାନ୍ଦିଲେ ହରି ହରି ଶୁଭୁଥିଲା। ନଅବର୍ଷ ବୟସରେ ତାଙ୍କର ବ୍ରତୋପନୟନ ହୋଇଥିଲା। ପଣ୍ଡିତ ବଲ୍ଲଭାଚାର୍ଯ୍ୟଙ୍କର କନ୍ୟା ଲକ୍ଷ୍ମୀଙ୍କୁ ସେ ଷୋହଳ ବର୍ଷ ବୟସରେ ବିବାହ କରିଥିଲେ। ଲକ୍ଷ୍ମୀ ଥିଲେ ଅତ୍ୟନ୍ତ ସୁନ୍ଦରୀ ଓ ଗୁଣମତୀ। ବିବାହ ପରେ ବର୍ଷକ ପାଇଁ ତୀର୍ଥାଟନରେ ଯାଇ କାଶୀରେ ପହଞ୍ଚିଥିଲେ। ଗୋଟିଏ ବର୍ଷ ପରେ ଫେରି ଦେଖିଲେ ତାଙ୍କର ଲକ୍ଷ୍ମୀ ପ୍ରତିମା ପରି ସୁନ୍ଦରୀ ପତ୍ନୀ ଲକ୍ଷ୍ମୀ ଆଉ ଇହଧାମରେ ନଥିଲେ। କେତେକ କହନ୍ତି ସର୍ପାଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ଆଉ କେତେକଙ୍କ ମତରେ ଚୈତନ୍ୟଙ୍କୁ ଝୁରି ଝୁରି ଜ୍ୱରରେ ପଡି କ୍ଷୀଣ ହୋଇ ସେ ପ୍ରାଣତ୍ୟାଗ କରିଥିଲେ। ଏହାପରେ

ସେ ବିଷ୍ଣୁପ୍ରିୟା ନାମ୍ନୀ ଅନ୍ୟ ଜଣକୁ ବିବାହ କଲେ । ତାଙ୍କର ବଡଭାଇ ବିଶ୍ୱରୂପ ଯିଏକ ଜଣେ ବଡ ଶାସ୍ତ୍ରଜ୍ଞ ପଣ୍ଡିତ ହୋଇଥିଲେ, ସେ ଲୁଚ କରି ଗୃହତ୍ୟାଗ କରି ସନ୍ୟାସୀ ହୋଇ କେଉଁଆଡେ ଚାଲି ଯାଇଥିଲେ । ତାଙ୍କର ଆଉ କୌଣସି ଖବର ମିଳନାନାହିଁ । ଏହି ଦୁଃଖରେ ତାଙ୍କର ପିତା ଦେହତ୍ୟାଗ କରିଦେଲେ । ଶ୍ରୀ ଚୈତନ୍ୟ ନଦୀୟା ନବଦ୍ୱିପରେ ପଣ୍ଡିତ ବା ନମାଇଁ ପଣ୍ଡିତ ଭାବରେ ଶିକ୍ଷାଦାନ କରୁଥିଲେ ଅଧାପକ ଭାବରେ । ତାଙ୍କର ଅନେକ ଶିଷ୍ୟ **(ଛାତ୍ର)** ତାଙ୍କୁ ବହୁତ ଭଲ ପାଉଥିଲେ । କନ୍ତୁ ସେ ଅନେକ ସମୟରେ କାନ୍ଦି କାନ୍ଦି ନାଚ ନାଚ କୃଷ୍ଣ ପ୍ରେମରେ ପାଗଳ ହୋଇ ଯାଉଥିଲେ । ପାଠ ପଢେଇବାରେ ମନ ଲାଗୁ ନଥିଲା । ତେଣୁ ଛାତ୍ରମାନେ ତାଙ୍କୁ ଦେଖି ବ୍ୟସ୍ତ ହୋଇ ଯାଉଥିଲେ ।

ଏହାର ପରବର୍ତ୍ତି ପର୍ଯ୍ୟାୟ ଆହୁରି ରୋମାଞ୍ଚକର । ଶ୍ରୀ ଚୈତନ୍ୟ ଏହାପରେ ମାତାଙ୍କ ଆଜ୍ଞା ନେଇ ପୁରୀ ଅଭିମୁଖେ ଯାତ୍ରା କଲେ । ରାସ୍ତାରେ ଅନେକ ସ୍ଥାନରେ ତାଙ୍କର କଛି ଶିଷ୍ୟ ମଧ ହୋଇ ଯାଉଥିଲେ ଏବଂ ତାଙ୍କ ସହିତ ଯାତ୍ରା କରୁଥିଲେ । ଚନ୍ଦନପୁର ଠାରେ ଭାର୍ଗବୀ ନଦୀ କୂଳରେ ବଡ ଦେଉଳରେ ଉଡୁଥିବା ବାନାକୁ ଦେଖି ନାଚ ନାଚ, ଗାଇ ଗାଇ କୀର୍ତ୍ତନ କରି କରି ଶ୍ରୀକ୍ଷେତ୍ରରେ ପ୍ରବେଶ କଲେ । ମନ୍ଦିର ଜଗୁଆଳୀ ମାନଙ୍କର ବିରୋଧ ସତ୍ତ୍ୱେ ରତ୍ନ ସିଂହାସନ ପାଖକୁ ପାଗଳ ପରି ନାଚ ନାଚ ଯିବା ସମୟରେ ଚେତାଶୂନ୍ୟ ହୋଇ ପଡିଗଲେ । ରାଜା ପ୍ରତାପରୁଦ୍ର ଦେବଙ୍କ ନମନ୍ତ୍ରଣ କ୍ରମେ ନବଦ୍ୱୀପରୁ ଆସିଥିବା ଜନୈକ ବ୍ରାହ୍ମଣ ପଣ୍ଡିତ ବାସୁଦେବ ସାର୍ବଭୌମ ଭଟ୍ଟାଚାର୍ଯ୍ୟ ତାଙ୍କୁ ଚହ୍ନିପାରି ନଜ ଘରକୁ ନେଇ ସାଷ୍ଟାମ କରିଲେ । ସେ ତାଙ୍କୁ କେବେ ବି ରତ୍ନ ସିଂହାସନ ପାଖକୁ ନ ଯିବାକୁ କହିଲେ । ସେବେଠାରୁ ଚୈତନ୍ୟ ଗରୁଡସ୍ତମ୍ଭ ପଛରେ ରହି ଦର୍ଶନ କରୁଥିଲେ ।

ପୁରୀରେ କଛିଦିନ ରହି ଦର୍ଶନ କଲା ପରେ ସେ ଜଗନ୍ନାଥଙ୍କ ଆଜ୍ଞାମାଳ ନେଇ ଦକ୍ଷିଣ ଭାରତ ତୀର୍ଥ ଭ୍ରମଣରେ ଯାଇ ପୁନଶ୍ଚ ଶ୍ରୀକ୍ଷେତ୍ରକୁ ୧୫୦୯ ମସିହା ଓ କେତେକଙ୍କ ମତରେ ୧୫୧୨ ମସିହାରେ ସ୍ନାନପୂର୍ଣ୍ଣମୀ ଦିନ ଫେରିଥିଲେ । ଆଉ ଶ୍ରୀ କ୍ଷେତ୍ରରୁ ଦେହାବସାନ ଯାଏ କୁଆଡେ ଯାଇନାହାଁନ୍ତି ।

ପଞ୍ଚସଖା ଶ୍ରୀ ଚୈତନ୍ୟ ମହପ୍ରଭୁଙ୍କୁ କୃଷ୍ଣଙ୍କର ଗୋଟିଏ ଅବନ୍ତ ଭାବରେ ଧରିନେଇଥିଲେ । ମନୁଷ୍ୟ ମାନଙ୍କର ମୁକ୍ତି ନିମନ୍ତେ ସେ ଆସିଥିଲେ ବୋଲି ସେମାନଙ୍କର ବିଶ୍ୱାସ ଥିଲା । ଜଗନ୍ନାଥ ମନ୍ଦିର ପରିକ୍ରମା କରୁଥିବା ସମୟରେ ଓଡିଆ ଭାଷାରେ ଭାଗବତର ଅନୁବାଦ କରି ଲୋକଙ୍କୁ ବୁଝାଉଥିବା ଶ୍ରୀ ଜଗନ୍ନାଥ ଦାସଙ୍କୁ କୁଣ୍ଢାଇ ଦରି ବିହ୍ୱଳ ହୋଇଯାଇ ତାଙ୍କ ନିଜ ମୁଣ୍ଡରୁ ଉତ୍ତରୀୟ ଖୋଲି ଜଗନ୍ନାଥଙ୍କ ମୁଣ୍ଡରେ ବାନ୍ଧି ଦେଇ ତାଙ୍କୁ ଅତିବଡୀ ଉପାଧି ଦେଇଥିଲେ । ଜଗନ୍ନାଥ ଦାସ ମଧ୍ୟ ତାଙ୍କର ଅନ୍ତରଙ୍ଗ ସଖା ଭାବରେ ତାଙ୍କୁ ନିଜର ଜ୍ଞାନ ଗାରିମା ବଳରେ ଭକ୍ତି ମାର୍ଗରେ ନିବେଶ କରାଇ ପାରିଥିଲେ । ଏଥିରେ ବଙ୍ଗୀୟ ସନ୍ୟାସୀଗଣ ଇର୍ଷାରେ ଜର୍ଜିତ ହୋଇ ଶ୍ରୀ ଚୈତନ୍ୟଙ୍କୁ ଉତ୍କଳ ଦେଶ ପରିତ୍ୟାଗ କରି ନବଦ୍ୱୀପ ଫେରି ଯିବା ପାଇଁ ପ୍ରବର୍ତ୍ତାଇଲେ । କିନ୍ତୁ ଶ୍ରୀ ଚୈତନ୍ୟ ସର୍ବଧର୍ମ ସମନ୍ୱୟର ଦେବତା ମହାପ୍ରଭୁ ଜଗନ୍ନାଥଙ୍କୁ ଓ ପଞ୍ଚସଖାଙ୍କୁ ସାଥୀ ଭାବରେ ଗ୍ରହଣ କରି ସାରିଥିଲେ ଏବଂ ଶ୍ରୀକ୍ଷେତ୍ର ତ୍ୟାଗ କରି ଆଉ ଗଲେ ନାହିଁ । ଶିଷ୍ୟମାନେ ଉତ୍କଳ ତ୍ୟାଗ କରି ନବଦ୍ୱୀପ ଫେରିଗଲେ ।

ଶ୍ରୀ ଚୈତନ୍ୟ ପୁରୀର ରାଧାକାନ୍ତ ମଠରେ ଅଠର ବର୍ଷ ରହିଲେ । ଶ୍ରୀକ୍ଷେତ୍ରରେ ଶ୍ରୀ ଚୈତନ୍ୟଙ୍କ ଶିଷ୍ୟ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଲା । ଏପରିକି ଗଜପତି ପ୍ରତାପରୁଦ୍ରଦେବ ମଧ୍ୟ ତାଙ୍କର ଅନୁଗାମୀ ପାଲଟି ଗଲେ । ରାଜ ପୁରୋହିତ କାଶୀନାଥ ମିଶ୍ର ମଧ୍ୟ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ସେ ତାଙ୍କୁ ଡାକଆଣି ଏକ ଗମ୍ଭୀରା ଘରେ ଆନନ୍ଦରେ ରହିବାର ବ୍ୟବସ୍ଥା କରିଥିଲେ । ସେ ମଠର ନାଁ ପରେ ରାଧାକାନ୍ତ ମଠ ହୋଇଥିଲା । ଶେଷରେ କାଶୀନାଥ ମିଶ୍ର ଶ୍ରୀ ଚୈତନ୍ୟଙ୍କ ଉଦ୍ଦେଶ୍ୟରେ ନିଜର ଘରବାଡି ସବୁ ଅର୍ପଣ କରି ଦେହତ୍ୟାଗ କଲେ । ଏହି ରାଧାକାନ୍ତ ମଠରେ ଦୋଳ ଉତ୍ସବଟି ରାଧାକାନ୍ତ ଦୋଳ ଉତ୍ସବ ସହିତ ଶ୍ରୀ ଚୈତନ୍ୟଙ୍କ ଜନ୍ମୋତ୍ସବ ହିସାବରେ ବି ପାଳିତ ହୁଏ । ଏଠାରେ ଓଡିଆ ବା ଉତ୍କଳୀୟ ବୈଷ୍ଣବ ମିଳୋନତ୍ସବ ମଧ୍ୟ ପାଳିତ ହୋଇ ଆସୁଛି । ଅତିବଡୀ ଜଗନ୍ନାଥ ଦାସ ଓ ଶ୍ରୀ ଚୈତନ୍ୟଙ୍କ ମିଳନୋତ୍ସବ ରଥଯାତ୍ରା ସମୟରେ ପାଳିତ ହୁଏ । ଜଗନ୍ନାଥଙ୍କର ଅନନ୍ୟ ଭକ୍ତ ଯବନ ହରିଦାସଙ୍କୁ (ଯିଏ କି ଚୈତନ୍ୟଙ୍କ ସହିତ ଆସିଥିଲେ ନବଦ୍ୱୀପରୁ) କେହି ରହିବା ପାଇଁ ଘର ଦେଲେନାହିଁ ବୋଲି କାଶୀ ମିଶ୍ରଙ୍କ ଘରଠାରୁ ଅଳ୍ପ

ଦୂରରେ ଚୈତନ୍ୟ ତାଙ୍କର ଦାନ୍ତଘସା କାଠିକୁ ବାଲିରେ ପୋତି ଦେଇ ସେହିଠାରେ ହରିଦାସଙ୍କୁ ରହିବାକୁ କହିଲେ । ସତକୁ ସତ ସେହି କାଠି ଗଜା ହୋଇ ଗୋଟିଏ ବଉଳ ଗଛ ହୋଇଗଲା ଓ ତାରି ମୂଳରେ ହରିଦାସ ରହିଲେ । ସେହି ଗଛଟି ସିଦ୍ଧ ବକୁଳ ନାମରେ ଏବେବି ପରିଚିତ । ବଙ୍ଗଳା ତୀର୍ଥଯାତ୍ରୀ ମାନଙ୍କ ଦ୍ୱାରା ଏହି ବୃକ୍ଷକୁ ବନ୍ଦନା କରାଯାଏ । ଶ୍ରୀ ଚୈତନ୍ୟ ପରଂବ୍ରହ୍ମ ଜଗନ୍ନାଥଙ୍କର ପରମ ଧର୍ମ ପ୍ରଚାରକ ଥିଲେ । ତାଙ୍କର ମଧୁର କୃଷ୍ଣ ଭକ୍ତିର ବନ୍ୟା ଓଡିଶାକୁ ପ୍ଲାବିତ କରିଥିଲା । ଶେଷରେ ୧୫୩୩ ମସିହାରେ ଆଷାଢ ମାସରେ ଶ୍ରୀକ୍ଷେତ୍ରର ସ୍ୱର୍ଗଦ୍ୱାର ଠାରେ ସେ କେଉଁଆଡେ ଅନ୍ତର୍ଦ୍ଧାନ ହୋଇଗଲେ ବୋଲି କୁହାଯାଏ । ପୁଣି କୁହାଯାଏ ଯେ ତାଙ୍କ ଶରୀରରୁ ଏକ ଜ୍ୟୋତି ବାହାରି ଜଗନ୍ନାଥଙ୍କ ରତ୍ନ ସିଂହାସନ ଦେହରେ ବ୍ରହ୍ମଲୀନ ହୋଇଗଲା ।

ଚୈତନ୍ୟଙ୍କ ଶିଷ୍ୟମାନେ ତାଙ୍କୁ ଶ୍ରୀକୃଷ୍ଣ ଙ୍କ ଅବତାର ଭାବରେ ଗ୍ରହଣ କରିଥିଲେ । ଶ୍ରୀ ଚୈତନ୍ୟ ଦେବଙ୍କର ଜଣେ ବଡ ଭକ୍ତ ମୁର୍ସିଦାବାଦର ରାଜାଙ୍କ ପୁଅ କଶୋରାନନ୍ଦ ପୁରୀର ଚକ୍ରତୀର୍ଥ ଠାରେ ଏକ ସୁନାର ଗୌରାଙ୍ଗ ମୂର୍ତ୍ତି ପ୍ରତିଷ୍ଠା କରିଥିଲେ । ସନ୍ୟାସ ଗ୍ରହଣ ପୂର୍ବରୁ ଚୈତନ୍ୟଙ୍କ ଅନ୍ୟ ନାମ ଥିଲା ଗୌରାଙ୍ଗ । ଏହି ସୁନାର ଗୌରାଙ୍ଗ ଏକ ଅଷ୍ଟଧାତୁ ମୂର୍ତ୍ତି । ପଞ୍ଚସଖାଙ୍କ ସମେତ ବୈଷ୍ଣବ ସମ୍ପ୍ରଦାୟର ବ୍ୟକ୍ତିମାନେ ଶ୍ରୀ ଚୈତନ୍ୟଙ୍କୁ ଶ୍ରୀକୃଷ୍ଣଙ୍କ ଅବତାର ରୂପେ ଗ୍ରହଣ କରିଥାନ୍ତି ।

ଓଡିଶାର ଶ୍ରୀ ଜଗନ୍ନାଥ ପରମ୍ପରାରେ ଶ୍ରୀ ଚୈତନ୍ୟ ଦେବ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ରହି ଆସିଛନ୍ତି । ବିଶେଷକରି ପଞ୍ଚସଖା ତାଙ୍କର ସାନ୍ନିଧ୍ୟରେ ଏବଂ ସେ ପଞ୍ଚସଖାଙ୍କ ସହିତ ମିଶି ଉତ୍କଳୀୟ ଭକ୍ତି ପରମ୍ପରାକୁ ରସାଣିତ କରି ଆସିଛନ୍ତି ।

ପ୍ଲଟ ନ.୪୬୧୯/୨୧, ପୋଖରୀପୁଟ ଭିଲେଜ
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

# କେବେ ବୁଝିବ ତୁମେ ?



ସୁଶ୍ରୀ ପଲ୍ଲବିତା ସାହୁ

ତୁମେ ଥରେ ଗୁମ୍ ହୋଇ ରୁଷିଗଲ୍ ପରେ
କେତେ କଥା ତୁମ ପାଇଁ
ଅସ୍ତବ୍ୟସ୍ତ କରେ ମୋତେ
ତୁମେ କ'ଣ ଅନୁଭବି ନାହଁ ?
ବିନଦ୍ର ରଜନୀ ଯାହା
ବୋଧ ଦିଏ ମୋତେ
ପୁଣି ଫେରିବ ତୁମେ,
ଅସଫଳ ଅଭିବ୍ୟକ୍ତି ଦେଇ
ପରଦିନ ପାହାନ୍ତି ପହରେ....

ତୁମେ କ'ଣ ଜାଣୁନାହଁ ?
ଅଭିମାନେ କେତେ କଷ୍ଟ
ହୃଦୟର କେତେ ଜଳାପୋଡା
କେତେ ଆମେ ଖୋଜିବା ଦୁହିଁଙ୍କୁ,
ସମୟର ଦୂରତାରେ
ଦିନା କେତେ ଝୁରିହେଲ୍ ପରେ.....

ତୁମକୁ ଝୁରିବା ବୋଧେ
ମୋ ପ୍ରେମର ସାର୍ଥକତା
ନ ହେଲେ ତୁମ ସ୍ମୃତିର ମହତ୍ତ୍ୱ
ମୁଁ ବୁଝନ୍ତି କପରି ?

ହଜାଇ ଖୋଜିବାରେ କେତେ ଯେ ଆନନ୍ଦ !
ତୁମ ପ୍ରେମ କହେ,
ନୀରବ ଚୁମାଟିଏ ଦେଇ....

ମୁଁ ଜାଣେ,
ତୁମେ ଆସି ମୋତେ ଖୋଜିବ !
ମୁଁ କିନ୍ତୁ, ଦେଖାଦେବି ନାହିଁ
ଲୁଚ ଲୁଚ ହସୁଥିବି
ନଦେଖି ଦେଖୁଥିବି
ମୋତେ ଖୋଜିବାରେ ତୁମ ବିଭୋରପଣିଆକୁ !!
ଯଦି ମୋତେ ଖୋଜିନଥ,
ମାନଜମାରୁ ବି,
ଭାଙ୍ଗି ଦେବି ନାହିଁ
ନୀରବ ନିଶ୍ଚୁପ୍ ଥିବି :
ତୁମ ସାଥେ ବହେ ଗପିବାର
ତୁନି କରି ମନଟିକୁ ନେଇ....

ତୁମକୁ ପାଇବା ମୋ ପୁଣ୍ୟର ସ୍ପନ୍ଦନ
ଯଦିଓ କହିବାର ଜୁ'ମୋର ନାହିଁ
ଅନୁଭବେ,
ପାଶେ ତୁମେ ଥିଲେ ମୋର
ଦଗ୍ଧ ହେବ ଯନ୍ତ୍ରଣାର ଅମାବାସ୍ୟା ଯେତେ
କ୍ଷରିତ ହେବ
ମଧୁ-ଭରା ସମ୍ପର୍କର
ସୋହାଗ ପ୍ଲାବନ.... ।

ଭରତପୁର, ଭୁବନେଶ୍ୱର

# ନଶ୍ୱାସ ଓ ବିଶ୍ୱାସ



ସ୍ୱର୍ଣ୍ଣପ୍ରଭା ଖଟୁଆ

ପାଦରୁ ଚପଲ ଖସିଲେ
ପଛକୁ ଫେରିବାକୁ ପଡେ
ଖାଲିପାଦରେ ଗ୍ଭଲିବାକୁ ହୁଏ
ମାଇଲ ମାଇଲ ଦୂର କବା ଅଧମାଇଲ
ଗ୍ସ୍ତା କଣ କେବେ ଫୋପାଡିପାରେ
ତୁମ ଅସହାୟତାକୁ
ତୁମ ଅହଂଭ୍ବ ବାରବାର ଚଟକଣା ଦିଏ
ତା ସହନଶୀଳତାକୁ.......||

ହାତରୁ ଯନ୍ତ୍ର ଖସିଲେ ତାହା ହତିଆର
ହତ୍ୟା କରିବାହିଁ ସାର
ତୁମ ଜାଣତରେ ହେଉ
କବା ଅଜାଣତରେ
ତୁମହିଁ ସର୍ବଶ୍ରେଷ୍ଠ ଦୋଷୀ
ତୁମ ନଶ୍ୱାସ ଓ ବିଶ୍ୱାସର
ଶୂନ୍ୟ ମଣ୍ଡପରେ.....||

ମନହିଁ ଶ୍ରେଷ୍ଠ ସାଖୀ
ତୁମ କର୍ମ ଓ ଧର୍ମର
ସମାଜ ଆଖିରେ ଅନ୍ଧପୁଟୁଳ ବାନ୍ଧିହୁଏ

ଖୁବ୍ ଚତୁରତାରେ ଖେଳହୁଏ
ଚୋର ପୋଲିସ ଖେଳ....||

ଆମ ପରିପଟର ମିଛସତ
ଜୀବାଣୁର ତାଣ୍ଡବରେ
ନିଶ୍ୱାସ ଓ ବିଶ୍ୱାସ ଏବେ କବଳିତ
ଜୀବନ ଏବେ ଯନ୍ତ୍ରଣାର
କାର୍‌ଗାରରେ ବନ୍ଦୀ.......||||||||

ସାହସପୁର(ତୁରଙ୍ଗ) ଜେନାପୁର, ଯାଜପୁର
(ମହାରାଜା ଶ୍ରୀରାମ ଚନ୍ଦ୍ର  ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ
କେନ୍ଦୁଝରରେ ଓଡ଼ିଆ ଭାଷାସାହିତ୍ୟରେ ଗବେଷଣରତ)

# ବରଷା ରାଣୀ



ଡ. ପ୍ରସନ୍ନ କୁମାର ବଳ

ବରଷା ରାଣୀର ସେ ରୀମଝିମ୍ ଶବ୍ଦ,
ମନରେ ଆଣଇ ସତେ କେତେ ଯେ ଆନନ୍ଦ ॥
ଧରା ଶ୍ରାବଣର ସେହି ଅବନ୍ତରୀ ବର୍ଷା,
ନିସ୍ତବ୍ଧ ରାତିର ସେ ମତୁଆଲା ନିଶା ॥
ଘଡଘଡି ଶବ୍ଦର ସେ କରାଳ ତାଣ୍ଡବ,
ବିଜୁଳି ମରାର ସେ ଲୋଭନୀୟ ଦୃଶ୍ୟ ॥
ଆଲୋକ ସଞ୍ଚାର କରେ ଘନ ଅନ୍ଧକାରେ,
ଏ ସବୁ ସମ୍ଭବ ହୁଏ ବରଷା ରାଣୀର କୃପାରେ ॥
ଚୀର ସବୁଜୀମା ସତେ ହୁଅଇ ଧରିତ୍ରୀ,
ସାଧବ ବୋହୂର ସେ ମନ୍ଥରର ଗତୀ,
ଅସୀମ ସେ ଦୃଶ୍ୟ ବିରହ ହିଁ ନାସ୍ତୀ ॥
ଜଳକଷ୍ଟ ନିବାରଣ ହୁଅଇ ସହଜେ,
ନଦୀ ନାଳ ଭରି ଉଠେ ଜଳର ପ୍ରଭାବେ,
ନିଦାଘ ଖରାର ସେ କଷ୍ଟରୁ ହିଁ ମୁକ୍ତି,
ଅପସରୀ ଯାଏ ସତେ ଦୁଃଖ ସବୁ କିଛି ॥
ବର୍ଷା ବୁନ୍ଦା ପଡେ ଯେବେ ଟିଣ ଛପରରେ,
ଟପ୍ ଟପ୍ ଶବ୍ଦ ପୁଣି ଶିହରଣ ଆଣେ,
ମନ ପ୍ରଫୁଲ୍ଲିତ ହୁଏ ଶୁଣି ଏହି ଶବ୍ଦ,
ସତେ ଅବା ବହୁଇନୁ ପ୍ରତୀକ୍ଷିତ ଦ୍ରବ୍ୟ ॥

ବର୍ଷା ର୍‌ଣୀ ଝରୀଯାଏ ଗ୍ରାମ ଦାଣ୍ଡେ ପୁଣି,
ଛୋଟ ଛୋଟ ଡଙ୍ଗା ଭ୍‌ଷେ ତାର ମଧ୍ୟେ ପୁଣି,
ଏହି ଦୃଷ୍ୟ ଦିଏ ମନେ ଅପରୂପ ଖୁସି,
ଗ୍ରାମ ପିଲ୍‌ଙ୍କର ଇଏ ମୂଖ୍ୟ ଖେଳ ସଖି ॥
ଇନ୍ଦ୍ରଧନୁ ସପ୍ତରଙ୍ଗ ଆହା କ ସୁନ୍ଦର,
ମୟୁରର ନାଚ ଦିଏ ଅପୂର୍ବ ଅସର
ବେଙ୍ଗ ବେଙ୍ଗୁଲିର ପୁଣି ବାହାଘର ପର୍ବ,
ସାରୁ ଗଛ ମୂଳେ ହୁଏ ମିଳନର ସ୍ୱର୍ଗ ॥
ପ୍ରକୃତି ର୍‌ଣୀର ସେ ଅପରୂପ ଦୃଶ୍ୟ,
ବର୍ଷାର୍‌ଣୀ ହସିଉଠେ ନାହିଁ ର୍ଗରେଶ ॥
ଖର୍‌ ପରେ ବର୍ଷା ଇଏ ପ୍ରକୃତି ନୟମ,
କଷ୍ଟ କ୍ଲିଷ୍ଟ ଧର୍‌ଯାଏ ନୂତନ ଜୀବନ ॥

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

# ଅନ୍ୱେଷାର ପର୍ବ



ଡକ୍ଟର ମନୋରଞ୍ଜନ ବିଷୋୟୀ

ପରମ୍ପରାର ପୃଥିବୀରେ ବଞ୍ଚିଥିବା ମଣିଷ ଆଜିର ମଣିଷ ଠାରୁ ବହୁ ଭାବରେ ଭିନ୍ନ । ଅତୀତର ମଣିଷ ଥିଲା ଏକ ସରଳ ଉପତ୍ୟକାର ଅଧିବାସୀ । ସାମୂହିକତା ସୂତ୍ରରେ ଆବଦ୍ଧ ଏହି ମଣିଷ ପାଇଁ ସୌଭାଗ୍ୟ ଥିଲା ସାମୂହିକ । କୃଷିଭିତ୍ତିକ ସଭ୍ୟତାରେ ବିଶ୍ୱାସୀ ପ୍ରାଚୀନ ମଣିଷ ପାଇଁ ଜୀବନ ଥିଲା ବିକାଶର ଏକ ସୋପାନ । ପ୍ରାରବ୍ଧ କର୍ମରେ ବିଶ୍ୱାସ କରୁଥିବା ମଣିଷ ଜନ୍ମମୃତ୍ୟୁର ସୀମିତ ପରିବେଶ ମଧ୍ୟରେ ଜୀବନକୁ ଅବସ୍ଥାପିତ କରିନଥିଲା । ପ୍ରାଚୀନ ମଣିଷ ପାଇଁ ମୃତ୍ୟୁ ଥିଲା ଏକ ନୂତନ ଜୀବନର ପ୍ରସ୍ତୁତି କ୍ଷେତ୍ର । ଆଧୁନିକ ମଣିଷ କିନ୍ତୁ ଏହି ଚେତନା ଠାରୁ ବହୁ ଭାବରେ ଭିନ୍ନ । ସମୟର ଧାରାରେ ଆଜି ପୃଥିବୀ ବହୁଭାବରେ ପରିବର୍ତ୍ତିତ । ବ୍ୟକ୍ତି ଆପଣାର ଜ୍ଞାନ ବଳରେ ବହୁ ଅସାଧ୍ୟ ସାଧନ କରିବା ସହିତ ସମଗ୍ର ବିଶ୍ୱକୁ ଅନୁଧ୍ୟାନ କରିବାର ଶକ୍ତି ସଂଗ୍ରହ କରିପାରିଛି । ପରମ୍ପରାର ରୂପଚନ୍ଦ୍ର ବଦଳିଛି ଏବଂ ବଦଳିଛି ମଧ୍ୟ ଜୀବନକୁ ବୁଝିବାର ଦୃଷ୍ଟିଭଙ୍ଗୀ । ଦିନେ ଦେବଶିଶୁ ଭାବେ ସୃଷ୍ଟିର ଶ୍ରେଷ୍ଠତ୍ୱ ଦାବି କରୁଥିବା ମଣିଷ; ଡାରଉଇନ୍ ଙ୍କ ବିବର୍ତ୍ତନବାଦ ତତ୍ତ୍ୱବଳରେ ମର୍କଟର ବଂଶଧରରେ ରୂପାନ୍ତରିତ ହୋଇଛି । ମାର୍କସ୍ ଙ୍କ ସମାଜବାଦ, ଫ୍ରଏଡ୍ ଙ୍କ ଯୌନତତ୍ତ୍ୱ, ଆଇନଷ୍ଟାଇନ୍ ଙ୍କ ଆଣବିକ ତତ୍ତ୍ୱ-ଯୁଗ ଓ ଜାତିର ଚେତନାରେ ତୋଳିଛି ଅଭୂତପୂର୍ବ ପରିବର୍ତ୍ତନ । ନବ୍ୟ ଇତିହାସକରଣ ଅତୀତକୁ ଏକ ନୂଆ ଆଖି ନେଇ ଦେଖିବାର ଖୋରାକ୍ ଯୋଗାଇଛି । ଏକଦା ଚନ୍ଦ୍ରା ଅଚନ୍ଦ୍ରା ଉପତ୍ୟାର ସମାହାର ଭାବରେ ପରିକଳ୍ପିତ ବିଶ୍ୱ ଆଜି କ୍ରମଶଃ ସଂକୁଚିତ ହୋଇପଡିଛି । ପୃଥିବୀର କୋଣ ଅନୁକୋଣରେ ଘଟିଯାଉଥିବା ଘଟଣା ପ୍ରଯୁକ୍ତି ବିଦ୍ୟା ଦ୍ୱାରା ମୁହୂର୍ତ୍ତକରେ ଆମ ବିଗ୍ରହଧାରାକୁ ପ୍ରଭାବିତ କରୁଛି । ମୁକ୍ତ ଅର୍ଥନୀତି ଏବଂ ଜଗତୀକରଣର ରାହୁଗ୍ରାସରେ ଆଜିର ଜୀବନ ସମ୍ପୂର୍ଣ୍ଣଭାବେ କବଳିତ ହୋଇପଡିଛି । ଏହାସହ ସହରଭିତ୍ତିକ ଦ୍ରୁତ ଶିଳ୍ପାୟନ ଭାରତୀୟ ଜନଜୀବନକୁ କରିଛି ବିପର୍ଯ୍ୟସ୍ତ । ଭିଟାମାଟିର ମୋହକୁ ପରିତ୍ୟାଗ କରି ଜୀବିକା ଅନ୍ୱେଷଣରେ

ସହଗ୍ରଭିମୁଖୀ କରି ଦେଇଥିବା ବିପୁଳ ଜନତାଙ୍କ ଅଶ୍ରୁଳ ଇତିହାସ ଆଜି ସମଗ୍ର ଭାରତବର୍ଷକୁ ସ୍ତବ୍ଧ ଓ ଚକିତ କରିଦେଇଛି ।

ଏହି ପରିପ୍ରେକ୍ଷୀରେ କହିରଖେ ସାଂପ୍ରତିକ ମଣିଷ ଆଜି ଦୁଇଟି ପୃଥିବୀର ଅଧିବାସୀ । ଗୋଟିଏ ଦିଗେ ପରମ୍ପରାର ପୃଥିବୀ ତାକୁ ନିତ୍ୟ ପ୍ରତ୍ୟହ ଆନ୍ଦୋଳିତ କଲାବେଳେ; ଅନ୍ୟ ପୃଥିବୀ ତାକୁ ପ୍ରତିଷ୍ଠା ଓ ସଫଳତା ଦିଗରେ ଅହରହ ଉଚ୍ଚକିତ କରିଆସିଛି । ଗୋଟିଏ ଦିଗରେ ପାରମ୍ପରିକ ମୂଲ୍ୟବୋଧ, ନୀତି, ଆଦର୍ଶ; ଅନ୍ୟ ଦିଗରେ ବଞ୍ଚିବାର ସରଳତମ ସୂତ୍ର ଖୋଜୁଖୋଜୁ ବ୍ୟକ୍ତି ହୋଇଉଠିଛି ଉଦଭ୍ରାନ୍ତ । ସବୁ ବଦଳିବା ଭିତରେ କିନ୍ତୁ ମଣିଷର ଅନ୍ୱେଷା ତଥାପି କୌଣସି ସ୍ଥିର ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ହୋଇପାରିନାହିଁ । ଖୋଜିବାର ଅନ୍ତଃହୀନ ଯାତ୍ରା ଭିତରେ ଅତୀତର ମଣିଷ ଯେପରି ପୂର୍ଣ୍ଣତା ଲାଭ କରିପାରି ନଥିଲା; ଠିକ୍ ସେହିପରି ସାମ୍ପ୍ରତିକ ସମୟର ମଣିଷ ମଧ୍ୟ ଖୋଜି ଖୋଜି ନିୟାନ୍ତ ହୋଇପଡିଛି ସମୟର ଅଣନିଃଶ୍ୱାସୀ ଜୀବନଯାତ୍ରାରେ । ମଣିଷ ଆଗରେ ଏକ ସରଳତମ ଉତ୍ତରଟିଏ ଦେବାକୁ ଯାଇ ଦିନେ ଭାରତୀୟ ଦର୍ଶନ କହିଥିଲା -"ସ୍ୱହଂ" । ଏପରିକି ଭାଗବତକାର ମଧ୍ୟ ବୁଝାଇ ଦେଇଥିଲେ ମନର ଏକ ତତ୍ତ୍ୱ । କିନ୍ତୁ ନା ସରିଲା ଅନ୍ୱେଷାର ଏ ପର୍ବ; ନା ମଣିଷ ପାଇଥିଲା ପୂର୍ଣ୍ଣତାର ଶେଷକଥା । ଯୁଗ ଯୁଗ ଧରି ଏହାର ଅନୁକରଣ ସତେ ଯେମିତି କାଳକୁ ପରାହତ କରି ଏ ଯାବତ୍ ଗଡି ଆସିଅଛି ।

ସ୍ନାତକୋତ୍ତର ଓଡିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# ସହଯାତ୍ରୀ



ଖଗେଶ୍ୱର ବାଗ

ଗନ୍ତବ୍ୟରୁ କିଛି ଦୂର ଗତି କଲା ପରେ ପଥ ମଧ୍ୟରେ ପଡେ ନିଘଞ୍ଚ ଅରଣ୍ୟ। ନିର୍ଜନ ରାସ୍ତାର ଉଭୟ ପାର୍ଶ୍ୱରେ ଅସଂଖ୍ୟ ବୃକ୍ଷ। ପଶ୍ଚିମ ପଟେ ବନ ବିଭାଗର ଏକ ଭଙ୍ଗା କୋଠାଘର। ନା ସେଠାରେ କେହି ସରକାରୀ କର୍ମଚାରୀ ରହନ୍ତି ନା ଗାଈ ଗୋରୁ ଚରାଇ ନେଉଥିବା ଗାଈଆଳ ଟୋକା। ଏକଦମ୍ ଶୂନଶାନ। କେହି ଜଣେ ତରୁଣୀର ନୂପୁରର ଧ୍ୱନି ଧୀରେ ଧୀରେ ପାଖେଇ ଆସେ। ବସଟି ହଠାତ୍ ଗତିରୋଧ ହୋଇପଡେ। ଯାତ୍ରୀମାନଙ୍କ ମନରେ ଖେଳଯାଏ ଏକ ଅଜଣା ଭୟ, କାଳେ ଡକାୟତମାନେ ବସ ଅଟକାଇ ସବୁ ଲୁଟିନେବେ। ମାତ୍ର ସେମିତି କିଛି ହୁଏ ନାହିଁ। କିଛି କ୍ଷଣ ପରେ ବସଟି ପଞ୍ଜରା ଥରେଇ ଲକ୍ଷ୍ୟ ପଥରେ ଅଗ୍ରସର ହୁଏ। ଡ୍ରାଇଭର ବ୍ୟତୀତ କେହି କିଛି ବୁଝିପାରନ୍ତି ନାହିଁ।

ଡ୍ରାଇଭର ପ୍ରତିଦିନ ଏଇ କଲେଜ ପାଠୋଇ ଛାତ୍ରୀଟିକୁ ନିର୍ଜନ ରାସ୍ତାରେ ଦେଖେ। ସେ ଭଙ୍ଗା କୋଠରୀରୁ ହଂସ ଗାମନୀ ଭଳି ଚାଲି ଆସେ ରାସ୍ତାକୁ। କେତୋଟି ବହି ଡାହାଣ ହାତରେ କାଖେଇ ବାମ ହାତେ ବସକୁ ଅଟକାଇବାର ସଙ୍କେତ ଦିଏ। ବାମ ହାତେ ଦ୍ୱାରଦେଶସ୍ଥ ଲୌହ ଦଣ୍ଡଟିକୁ ଧରି ବସ ଉପରକୁ ଉଠେ। ତା'ପରେ ଡ୍ରାଇଭରର ପଛ ପଟେ ଥିବା ସିଟରେ ଯାଇ ବସେ। କାହା ସହିତ କିଛି କଥା ହୁଏ ନାହିଁ। ନିର୍ଦ୍ଦିଷ୍ଟ ଷ୍ଟପେଜରେ ଓହ୍ଲାଇ କଲେଜ ଅଭିମୁଖେ ଚାଲିଯାଏ। କଲେଜ କ୍ୟାମ୍ପସରେ ଲୁଚ ଯିବା ଯାଏ ଡ୍ରାଇଭର ତରୁଣୀକୁ ଅପଲକ ନୟନରେ ଚାହିଁ ରହେ। ତା'ପରେ ଦୀର୍ଘ ନିଃଶ୍ୱାସ ଛାଡି ବସ ତା'ର ଶେଷ ଅଭିଯାନ ଆରମ୍ଭ କରେ।

ପ୍ରତ୍ୟେକ ଦିନ ବସ ଆସେ, କିଛି ମୂହୁର୍ତ୍ତ ସେଠାରେ ଅଟକେ ଏବଂ ଚରାଚରିତ ଢଙ୍ଗରେ ପୁଣି ଚାଲିଯାଏ। ଏଇ ବସରେ ନିତି ଦିନ ଯାତ୍ରା କରୁଥିବା ଯାତ୍ରୀ ମନରେ କୌତୁହଳ ଜାତ ହୁଏ। ହେଲେ ପୁରୁଣା ବସର ଦୋଷ ଦୁର୍ବଳତାକୁ କାରଣ ଦର୍ଶାଇ କେହି ଏହା ପ୍ରତି ଧ୍ୟାନ ଦିଅନ୍ତି ନାହିଁ।

ସେହି ଦିନ କୌଣସି କାରଣ ବଶତଃ ଡ୍ରାଇଭର ଜଣକ ବସରେ ଅନୁପସ୍ଥିତ ଥିବାରୁ ଅନ୍ୟ ଜଣେ ଡ୍ରାଇଭର ଯାତ୍ରୀ ନେଇ ସେହି ପଥ ଦେଇ ଯାଉଥାଏ। ରାସ୍ତାରେ ପଡିଲା ବନବିଭାଗର ସେହି ଭଙ୍ଗା ଦଦରା କୋଠାଘର। ବସଟି ହଠାତ୍ ଗତିରୋଧ ହୋଇ ପଡିଲା ସେଠାରେ। ଗାଡିରୁ ଓହ୍ଲାଇ ଇଞ୍ଜିନକୁ ଭଲ ଭାବରେ ନିରୀକ୍ଷଣ କଲା ଚାଳକ। ହେଲେ କୌଣସି ତ୍ରୁଟି ତା'ର ନଜରକୁ ଆସିଲା ନାହିଁ। ବହୁବାର ପ୍ରୟାସ ସତ୍ତ୍ୱେ ବସଟି ଆଗକୁ ବଢିବାର ନାଁ ନେଉନଥାଏ। ବ୍ୟସ୍ତ ବିବ୍ରତ ହୋଇ ପଡିଲା ଚାଳକ।

ଏଇ ସମୟରେ ଭଙ୍ଗା କୋଠରୀ ଆଡୁ ନୂପୁରର କ୍ଷୀଣ ସ୍ୱର ଶୁଣାଗଲା। ସେହି ପଟେ ଦୃଷ୍ଟି ନିକ୍ଷେପ କରି ଚାଳକ କ'ଣ ଗୋଟାଏ ଭାବିଲା ପରି ମନେହେଲା। ଯାତ୍ରୀମାନେ ପୁରୁଣା ବସକୁ ନେଇ ପରସ୍ପର ମଧ୍ୟରେ ଆଲୋଚନା ଚଳାଇଥା'ନ୍ତି। ପୁଣି ଥରେ ଚାଳକର କର୍ଣ୍ଣପଟହରେ ନୂପୁରର ସେହି ଅପୂର୍ବ ମୂର୍ଚ୍ଛନା ଶୁଣାଗଲା। ଆଶ୍ଚର୍ଯ୍ୟ ହୋଇ ସତର୍କେ ଭଙ୍ଗା କୋଠରୀ ଆଡକୁ ପଦଚାରଣ କଲା ଡ୍ରାଇଭର। ଧୀରେ ଧୀରେ ପାଖେଇ ଆସି ଆଖିଦ୍ୱୟକୁ ଏପଟ ସେପଟ କରି ଦେଖିଲା। ହେଲେ ଭଙ୍ଗା ଘରେ କିଏ ବା ରହିବ! ଝରାପତ୍ରର ମୂର୍ଚ୍ଛନାର ସ୍ୱର ବୋଲି ଭାବିଲା। ନିଜର ନିର୍ବୋଧତାକୁ ପରିହାସ କରି ବସ ଅଭିମୁଖେ ଯିବା ବେଳେ କେହି ଜଣକର ତପତ ନିଃଶ୍ୱାସ ତା'କାନ୍ଧରେ ପଡିଲା। କେହି ଜଣେ ତା'ର ହାତକୁ ପଛ ପଟୁ ଟାଣିଲା ପରି ମନେହେଲା। କେହି ଜଣେ ପ୍ରତିଶୋଧ ପରାୟଣ ହୋଇ "ସେ ଦିନ ତୁ ବି ଥିଲୁ" କହିଲା ପରି ଲାଗିଲା। ହଠାତ୍ ପଛ ଆଡେ ମୋଡି ଦେଖୁଛି ତା'ସମ୍ମୁଖରେ କେହି ନାହାନ୍ତି। ତା'ହେଲେ ଏପରି ଅନୁଭବ ଭ୍ରମ ନା କ'ଣ? ଜାଣିବାକୁ ଚେଷ୍ଟା କଲା। ସାହସ ସଞ୍ଚୟ କରି କୋଠରୀ ଦ୍ୱାରକୁ ପ୍ରବେଶ କଲା। ଅପ୍ରତ୍ୟାଶିତ ଭାବେ କେହି ଜଣେ ତା'କୁ ଆକ୍ରମଣ କରିଛି। ହସିଛି ଏକ ଦାନବର ଅଟ୍ଟହାସ୍ୟ ଏବଂ ଅଳ୍ପ ସମୟ ଭିତରେ ନେଇ ଯାଇଛି ପ୍ରତିଶୋଧ।

ଦାନବର ଅଟ୍ଟହାସ୍ୟ ଏବଂ ଗୋଟିଏ ନିରୁଦ୍ଧିଷ୍ଟ ମଣିଷର ଆକୁଳ ଚିତ୍କାର ଶୁଣି ବସ ଯାତ୍ରୀ କୋଠରୀ ଆଡକୁ ଦୌଡି ଆସିଲେ। ଓଃ! କି ବିଭୀଷିକା ଦୃଶ୍ୟ! କେହି ଜଣେ ଦୁର୍ବୃତ୍ତ ବସ ଚାଳକକୁ ନିର୍ମମ ଭାବେ ହତ୍ୟା କରି ନିମିଷକେ କେଉଁ ଆଡେ ଉଭେଇ ଯାଇଛି। ଘନକୃଷ୍ଣ ସର୍ପିଳ ରାସ୍ତାଟି ରକ୍ତ ରଞ୍ଜିତ ହୋଇ ଯାଇଛି।

ସମସ୍ତଙ୍କ ମନରେ କୋକୁଆଭୟ ଖେଳି ଗଲା। ନିଃସନ୍ଦେହରେ କୁହାଯାଇପାରେ ଯେ ଡ୍ରାଇଭରକୁ ହତ୍ୟା କରି ଯାତ୍ରୀମାନଙ୍କ ଠାରୁ ସବୁ ଜିନିଷପତ୍ର ଲୁଟ କରାଯିବ। ଏପଟେ

ସୂର୍ଯ୍ୟ ଦିଗବଳୟରେ ଆଉ ପଟେ ଧୀରେ ଧୀରେ ଲୁଚ ଯାଉଥା'ନ୍ତି। ନୀଡ ବାହୁଡ଼ା ବିହଙ୍ଗମାନଙ୍କର କଚରି ମିଚରି ଶବ୍ଦରେ ଅରଣ୍ୟ କୋଳାହଳ ହୋଇ ଉଠିଛି। ପ୍ରାଣ ବିକଳରେ ସେଠାରୁ ପଳେଇଯିବାର କାହାରି ଜୁ ନାହିଁ। ନିଜ ନିଜ ଭାଗ୍ୟକୁ ନିନ୍ଦା କରି ସମସ୍ତେ ଭୟଭୀତ।

ମଧ୍ୟ ରାତ୍ରି ହୋଇଗଲା। ହଠାତ୍ ସେହି କଲେଜ ପଢ଼ା ତରୁଣୀଟି ଗବାକ୍ଷ ନିକଟରେ ଆବିର୍ଭାବ ହୋଇ କହିଲା, "ମି.ହାର୍ବଟ, ମୁଁ ମେଲିନ। ଦୀର୍ଘ ଦୁଇ ବର୍ଷ ତଳେ ମୋତେ ଚାରି ଜଣ ଦୁର୍ବୃତ୍ତ ଜଙ୍ଗଲକୁ ଟେକ ନେଇ ବନ ବିଭାଗର ସେହି ଭଙ୍ଗା କୋଠାଘରେ ପାଶବିକ ଅତ୍ୟାଚାର କଲେ। ଭୋକିଲା କୁକୁର ଭଳି ମୋତେ ଟଣା ଓଟରା କରି ଖାଇଗଲେ। ମୋ ଉପରେ ଯେତେ ଅତ୍ୟାଚାର କରାଗଲା ମନେହୁଏ ସେହି ପାଶବିକ କାର୍ଯ୍ୟର ନଗ୍ନ ନମୁନା ପୃଥିବୀ ପୃଷ୍ଠରେ ଏପର୍ଯ୍ୟନ୍ତ ଘଟିନଥିବ। ମୁଁ ପ୍ରତିଶୋଧ ନେଇଛି। ସେହି ଦୁର୍ବୃତ୍ତମାନଙ୍କ ମଧ୍ୟରୁ ଜଣଙ୍କୁ ହତ୍ୟା କରିଛି। ଏବେ ଉଠ, ରାତି ବେଶୀ ହେଲାଣି। ଯାଅ, ବସଟିକୁ ନେଇଆସ।" ଏତକ କହି ନିମିଷକେ ଉଭେଇ ଗଲା ମେଲିନ।

ଡ୍ରାଇଭର ହାର୍ବଟ ନିଦରେ ଅଦ୍ଭୁତ ସ୍ୱପ୍ନ ଦେଖି ଚମକି ଉଠିଲେ। କାନ୍ଥରେ ଟଙ୍ଗା ଯାଇଥିବା ଘଣ୍ଟା ଆଡକୁ ଦୃଷ୍ଟି ନିକ୍ଷେପ କଲେ। ସମୟ ଏକଟା ତିରିଶି। ଠିକ୍ ଏତିକି ବେଳେ କେହି ଜଣେ ଫୋନ୍ କରି କହୁଛି, "ହାର୍ବଟ, ତୁମେ ଯେମିତି କରି ଶୀଘ୍ର ପଳେଇ ଆସ। ବସଟି ଜଙ୍ଗଲରେ ଥିବା ବନ ବିଭାଗର ଭଙ୍ଗା କୋଠାଘର ନିକଟରେ ଖରାପ ହୋଇ ଯାଇଛି। ମି.ଗାରନକୁ କେହି ଜଣେ ହତ୍ୟା କରିଛି। ଦୟାକରି ତୁମେ ଶୀଘ୍ର ଆସ।"

ଡ୍ରାଇଭର ହାର୍ବଟ ଅବିଳମ୍ବେ ମାଲିକଙ୍କ ସହିତ ଘଟଣାସ୍ଥଳରେ ଉପସ୍ଥିତ ହେଲେ। ମି.ଗାରନଙ୍କ ମର ଶରୀରକୁ ଦେଖି ସ୍ୱପ୍ନଟି ମନେ ପଡ଼ିଲା। ସ୍ୱପ୍ନରେ ଆସି କହିଥିବା ନିର୍ଯ୍ୟାତିତା କଲେଜ ଛାତ୍ରୀ ସହଯାତ୍ରୀ ମେଲିନର ରୂପ ମାନସ ପଟରେ ଉଙ୍କି ମାରିଲା। କାହାକୁ କିଛି ନପଚାରି ବସରେ ବସିବା ନିମନ୍ତେ ଯାତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଲେ। ତା'ପରେ ବସଟିକୁ ଷ୍ଟାର୍ଟ କରି କ୍ରମଶଃ ଦୂରେଇ ଗଲେ ସେହିଠାରୁ।

ଆଉ ଦିନ ସେହି ପଥ ଦେଇ ମି.ହାର୍ବଟ ବସଟି ନେଲେ। ବସ ପୂର୍ବ ଭଳି ସେହି କୋଠାଘର ନିକଟରେ ଗତିରୋଧ ହେଲା। କୋଠାଘରୁ ଶୁଣାଗଲା ନୂପୁରର ମଧୁର ସ୍ୱର। ଧୀରେ ଧୀରେ ଚାଲି ଆସିଲା ସେଇ କଲେଜ ପଢ଼ା ଯୁବତୀଟି। ବସରେ ଚଢ଼ି ତା'ର ପରିଚିତ ସିଟରେ ଯାଇ

ବସି ପଡିଲା । ଏ କ ଆଶ୍ଚର୍ଯ୍ୟର କଥା! ଏଇ ଯୁବତୀ ଯେ ଗତ ରାତିରେ ସ୍ୱପ୍ନରେ ଆସି ମି.ଗାରନକୁ ହତ୍ୟା କରି ପ୍ରତିଶୋଧ ନେଇଥିବା କଥା କହିଲା! ସେ ପୁଣି---! ଡ୍ରାଇଭର ବିସ୍ମିତ ବିସ୍ଫାରିତ ନୟନରେ ଚାହିଁ ରହିଲା । ସହଯାତ୍ରୀଟି ସ୍ମିତହାସ୍ୟ ପ୍ରକାଶ କରିଦେଲା ଡ୍ରାଇଭରକୁ ଦେଖି ।

ଏହିପରି ଭାବରେ ପ୍ରତିଶୋଧ ନେଇଛି ଯୁବତୀ ଜଣକ । ଏଇ ଘଟଣା ବିଷୟରେ ଡ୍ରାଇଭର ହାର୍ବଟ ବ୍ୟତୀତ କେହି ଜାଣି ପାରିଲେ ନାହିଁ । ସେ ମଧ୍ୟ କାହାକୁ ଏପର୍ଯ୍ୟନ୍ତ କହି ନାହିଁ । ସେହି ଦିନ ଠାରୁ ବସ ଆଉ ସେଠାରେ ଗତିରୋଧ ହେଲା ନାହିଁ କି ସହଯାତ୍ରୀର ନୂପୁରର ସ୍ୱର ଶୁଣାଗଲା ନାହିଁ । ବସ ଅବିରାମ ଗତିରେ ଛୁଟି ଚାଲେ । ଭଙ୍ଗା କୋଠରୀ ନିକଟବର୍ତ୍ତୀ ହେଲେ ଆନ୍ତରିକତାର ସହିତ ପ୍ରଣାମ ଜଣାଏ ମି.ହାର୍ବଟ ।

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

# ଆମେ ନୀଳ ଆକାଶର ତାର୍



ଆଲୋକ କୁମାର ପଣ୍ଡା

ଆମେ ନୀଳ ଆକାଶର ତାର୍,
ଆଗାମୀ କାଲିର ଆଶାର ଆଲୋକ
ଅନ୍ତରେ ଆମର ଭର୍,
ଆମେ ନୀଳ......।।

ଫୁଲ ପରି ଫୁଟିଯିବୁ
ବାସ ଚହଟାଇ,
ଜାତି ଧରମର ଆମ
ଭେଦଭାବ ନାହିଁ,
ଏକତାର ଗୀତ ଗାଇଯିବୁ ଆମେ
ହସାଇ ଦେବୁ ଏ ଧର୍,
ଆମେ ନୀଳ.....।।

ସତ୍ୟ ଶାନ୍ତି ହେବ
ଆମ ଜୀବନର ବ୍ରତ,
କରତବ୍ୟ ପାଳନରେ
ହେବୁ ସଦା ରତ,
ଜାଳଦେବୁ ଆମେ ଶିକ୍ଷାର ପ୍ରଦୀପ,
ଦେଖିବ ଧରଣୀ ସାର୍,
ଆମେ ନୀଳ....।।

ପିତାମାତା ଗୁରୁଜନ
ଦେବତା ସମାନ,
ତାଙ୍କ ସେବା କରି ଆମେ
ହେବୁ ସୁସନ୍ତାନ,
ଆମେ ଏ ମାଟିର ବୀର ସଇନକ,
ବିଜ୍ଞାନୀ ସୁଜ୍ଞାନୀ ପର୍,
ଆମେ ନୀଳ....।।

ଆମେ ହେବୁ ଗାନ୍ଧି
ଆଉ ଆମେ ଜବାହର,
ଭାରତଜନନୀ ପାଇଁ
ଆମେ କଣ୍ଠହାର,
ସାର୍ ଦୁନଆର ମଙ୍ଗଳ ଗ୍ରହୁଁ ରେ,
ଆମେ ଏ ମାଟିର ହୀର୍ ,
ଆମେ ନୀଳ....।।

ଶିକ୍ଷକ,କପସିପାଲି ଆଶ୍ରମ ବିଦ୍ୟାଳୟ,ବଲାଙ୍ଗିର

# ସଭିଙ୍କ ପ୍ରିୟ ପୁରୀ



କୀର୍ତ୍ତି ଦେବୀ

ଶ୍ରୀକ୍ଷେତ୍ର କହିଲେ, "ପୁରୀ" ଜାଣନ୍ତି ସାରା ଜଗତ
ସେଠାରେ ରହନ୍ତି ଜଗତର ନାଥ ଜଗନ୍ନାଥ ।
ଖାଇବା ପାଇଁ ପୁରୀ ଡାଲମା ସଭିଁଙ୍କ ପସନ୍ଦ
ଶ୍ରୀ ମନ୍ଦିର ଭଣ୍ଡାର ଜଗନ୍ତି ଶ୍ରୀଲୋକନାଥ
ବଡଭାଇ ବଳରାମଙ୍କ ଅନ୍ୟନାମ ।
ଚୀର ସାକ୍ଷୀ ହୋଇ ରହିଛନ୍ତି ପୁଣି ସାକ୍ଷୀଗୋପାଳ ।
ବଡଠାକୁର, ବଡପଣ୍ଡା, ବଡଦାଣ୍ଡ ବଡରଥ
ଏମିତି କେତେ କଣ ......
ନାହିଁ ତାର ସମକକ୍ଷ କେହି ।
ମହୋଦଧୀକୁ ଅନାଇ ରହିଛନ୍ତି ଦରିଆ ମହାବୀର
ଏପଟେ ସିଦ୍ଧମହାବୀରଙ୍କୁ କିଏ ନଜାଣେ ।
ପୁରୀ ଛେନାପୋଡ, କ୍ଷୀରୀ, କ୍ଷୀରସାଗର,
ତାଡିଆ, ରସୋଗୋଲା ପୃଥିବୀ ପ୍ରସିଦ୍ଧ
ଯିଏ ଖାଇଥିବ ଗୁଣ ଗାଉଥିବ ।
ବାଇଶି ପାହାଚେ ଶ୍ରାଦ୍ଧ ଦେଇ ପିତୃପୁରୁଷଙ୍କୁ
ଆନନ୍ଦବଜାରେ ମହାପ୍ରସାଦ ଖାନ୍ତି ଅତି ଆନନ୍ଦେ ।
ପୁରୀର ଆଖେଡା ଘର ପୁଣି ସାହିଜାତ
ଉତ୍କଳ ସଂସ୍କୃତିକୁ ବୁଝାଇ ଅତି ସୁନ୍ଦର
ଜଗନ୍ନାଥଙ୍କ ରୂପରେ ମାଆର ମମତା
ଦିଅନ୍ତି ମା ଦକ୍ଷିଣକାଳୀ
ଘଣ୍ଟ ଘୋଡାଇ ରଖନ୍ତି ଜଗତକୁ

ମା ସୁଭଦ୍ରା, ମା ଶ୍ୟାମାକାଳୀ, ମା ରାମଚଣ୍ଡି
ଓ ମା ଝାଡେଶ୍ବରୀ
ପଞ୍ଚତୀର୍ଥରେ ସ୍ନାନ ସୌଭାଗ୍ୟରେ ଥିଲେ ମିଳେ
ଦର୍ଶନ କରି ବେଲେଶ୍ବର, ଶଙ୍କରେଶ୍ବର,
ବାଲିହରଚଣ୍ଡି, କୋଣାର୍କ ଓ ନବଗ୍ରହ
ଭକ୍ତ ହୁଏ ଏଠି ଆତ୍ମବିଭୋର
ବାରମାସେ ତେର ଜାତ ପାଳନ ହୁଏ ଏଠି ।
ବରଷକୁ ଦୁଇଥର ଭକ୍ତଙ୍କୁ ଦିଅନ୍ତି ଦରଶନ ଠାକୁର
ସେଥିପାଇଁ ସ୍ନାନପୂର୍ଣ୍ଣିମା ଓ ଶ୍ରୀଗୁଣ୍ଡିଚା ବିଶ୍ବବିଖ୍ୟାତ ।
କାର୍ତ୍ତିକ ବ୍ରତ ଶ୍ରୀକ୍ଷେତ୍ର ପୁରୀରେ ପାଳିଲେ
କୋଟି ଜନ୍ମ ପୁଣ୍ୟ ମିଳେ ।
ମଣିଷ ପରି ଠାକୁର ସିଏ ଚତୁର୍ଦ୍ଧାମୂରତି
ଡାକିଲେ "ଓ" କରନ୍ତି
ଭକ୍ତ ସାଲବେଗ, ବନ୍ଧୁ ମହାନ୍ତି, ରଘୁ ଅରକ୍ଷିତ
ସେଥିପାଇଁ ଆଜି ବି ଜୀବିତ ।
ଗରୁଡ ସ୍ତମ୍ଭ ନିକଟେ ଅଛି ତୁମର
କାଞ୍ଚି ବିଜୟ ସଂକେତ କଳା ଓ ଧଳା ଘୋଡା
ତା ସାଙ୍ଗକୁ ଦଶ ଅବତାର ଶୋଭା ଅପୂର୍ବ
ଶ୍ରୀ ମନ୍ଦିର ବାହାର ପୁଣି ଦେଖନ୍ତି
ଦଶ ଅବତାର ମୂରତି ମାତା ମଠେ
ସର୍ବକୁଶଳ କରନ୍ତି ମା ବାଟମଙ୍ଗଳା
ସେଠାରୁ ନୀଳଚକ୍ର ଦିଶଇ ମନୋହର
ପତିତଙ୍କୁ ଉଦ୍ଧାର କରୁ ତୁ ହୋଇ ପତିତପାବନ
କି ଭାବେ ଲେଖିବି ତୁମକୁ ।
ତୁଣ୍ଡେ ନାହିଁ ଭାଷା ମୋର ।

ସିଭିଲ୍ ଟାଉନସିପ୍, ରାଉରକେଲା

# ସମାଜ ଓ ସଂସ୍କୃତି : ଏକ ବିଚାର ଦୃଷ୍ଟି



ଦୀପ୍ତିମୟୀ ସାହୁ

ଜନସମୁଦାୟ ହିଁ 'ସମାଜ' | ସେହି ଜନସମୁଦାୟଙ୍କର ଧର୍ମ କୈନ୍ଦ୍ରିକ, ପରମ୍ପରା ଦ୍ୱାରା ବିକଶିତ ଅନ୍ତଃସ୍ୱଭାବ ଓ ଆଚାର ବିଚାର ହିଁ 'ସଂସ୍କୃତି' | ସମାଜର ଉନ୍ନତି, ସମାଜର ବିକାଶ, ସମାଜର ସଂହତି, ସମାଜର ଶୃଙ୍ଖଳା ତା' ସଂସ୍କୃତିର ଆଦର୍ଶରେ ହିଁ ପ୍ରତିଫଳିତ ହୋଇଥାଏ | ସମାଜ ଏବଂ ସଂସ୍କୃତିର ଅଧୀଶ୍ୱର ହେଉଛି ମଣିଷ | ତା'ର ଆତ୍ମଜାଗରଣ ଦ୍ୱାରା ଏ ଉଭୟରେ ପରିବର୍ତ୍ତନ ମଧ୍ୟ ସମ୍ଭବ ହୋଇପାରେ | ଯଥାର୍ଥରେ ବିଶିଷ୍ଟ ଚିନ୍ତାନାୟକ ଡକ୍ଟର ଚିତ୍ତରଞ୍ଜନ ଦାଶ ସମାଜ ଏବଂ ତା' ପ୍ରତି ମଣିଷର ଭୂମିକା ଦର୍ଶାଇବାକୁ ଯାଇ କହିଛନ୍ତି :- "ସମାଜ କହିଲେ ସମାଜର ସବୁ ମଣିଷଙ୍କୁ ବୁଝାଏ | XX ମଣିଷ ହିଁ ସାମାଜିକ ସକଳ ପ୍ରବାହ ଓ ପରିବର୍ତ୍ତନର ଅଧୀଶ୍ୱର ହୋଇ ରହିଛି |" (ସମାଜ : ପରିବର୍ତ୍ତନ ଓ ବିକାଶ, ପୃ . ୦୩)ମଣିଷ ସକଳ ପ୍ରଗତିର ସୂତ୍ରଧର | ସମାଜ ଏବଂ ସଂସ୍କୃତିର ରୂପରେଖ ତା'ର ଉନ୍ନତ ବିଚାରବୋଧ, କଳାକୌଶଳ, ସହୃଦୟତା, ଧର୍ମପ୍ରାଣତା ଆଦିରେ ପ୍ରକାଶ ପାଏ।

ସମାଜ ଓ ସଂସ୍କୃତିର ପରିଭାଷା ଓ ସ୍ୱରୂପ ବିଚାର :-

ଆଲୋଚକମାନେ ନିର୍ଦ୍ଦିଷ୍ଟ କରନ୍ତି ଯେ, ଲୋକ ସମୂହ ହିଁ ସମାଜ | ସଂସ୍କୃତି ତା'ର ପ୍ରଚ୍ଛନ୍ନ ରୂପ | ସାମାଜିକ ମଣିଷ ପାରସ୍ପରିକ ସୁଖ ସୌହାର୍ଦ୍ଦ୍ୟ, ଭାଇଚାରା ଭାବ, ଏକତ୍ର ବସବାସରେ କେବଳ ଆତ୍ମପ୍ରସନ୍ନ ଅନୁଭବ କରେନ ବରଂ ଆପଣାକୁ ସୁରକ୍ଷିତ ମନେ କରେ । ସଂସ୍କାର ଦ୍ୱାରା ସମାଜ ସକଳ ପ୍ରଗତିକୁ ସ୍ପର୍ଶ କରିପାରେ । ସମାଜ ଏବଂ

ସଂସ୍କୃତିକୁ ନେଇ ପ୍ରାଚ୍ୟ-ପାଶ୍ଚାତ୍ୟ ଚନ୍ତାନାୟକଗଣ ନମ୍ନ ସଂଜ୍ଞା ଗୁଡ଼ିକ ପ୍ରଦାନ କରିଛନ୍ତି :-

ଡ଼ାଣ୍ଡ ଜେମସଙ୍କ ଭାଷାରେ – "ମନୁଷ୍ୟର ଶାନ୍ତିପୂର୍ଣ୍ଣ ସମ୍ବନ୍ଧସ୍ଥ ଅବସ୍ଥାର ନାମ 'ସମାଜ' ।"

ଡକ୍ଟର ରତ୍ନାକର ପତିଙ୍କ ମତରେ ସଂସ୍କୃତି - "କୌଣସି ଦେଶ ବା ଜାତିର ସଂସ୍କୃତି, ତାହାର ଚରମ ଲକ୍ଷ ବା ଚରମ ଆଦର୍ଶ ଉପରେ ପ୍ରତିଷ୍ଠିତ-ତାହାର ଉକ୍ତ ଆଦର୍ଶ ମହନୀୟତା ବା ଉତ୍କର୍ଷତାର ପରିମାପକ।"

ଡକ୍ଟର ମାୟାଧର ମାନସିଂହ ସମାଜକୁ ରାଷ୍ଟ୍ରର ପ୍ରତିବିମ୍ବ ବୋଲି ତାଙ୍କ 'ସମାଜ ଓ ରାଷ୍ଟ୍ର' ପ୍ରବନ୍ଧରେ ସ୍ୱୀକାର କରିଛନ୍ତି । ସେହିପରି ଚିତ୍ତରଞ୍ଜନ ଦାଶ ସଂସ୍କୃତିକୁ ଏକ ପ୍ରେରଣା ବୋଲି ବିଚାର କରନ୍ତି । ତାଙ୍କ ଭାଷାରେ – "ସଂସ୍କୃତି ଏକ ସମ୍ପତ୍ତି ନୁହେଁ, ତାହା ଏକ ଜୀବନ" । ଅପରପକ୍ଷରେ ସମାଜର ପରିଚୟ ଦେବାକୁ ଯାଇ ପାଶ୍ଚାତ୍ୟ ଚଂତାନାୟକ 'ଗ୍ରୀନ' କହିଛନ୍ତି ଯେ – "ସମାଜ ଏକ ବୃହତ ସମୂହ । ଯେଉଁଥିରେ କୌଣସି ବି ବ୍ୟକ୍ତି ସଦସ୍ୟ ହୋଇପାରେ । ସମାଜ, ଜନସଂଖ୍ୟା, ସଂଗଠନ, ସମୟ, ସ୍ଥାନ ଏବଂ ସ୍ୱାସ୍ଥ୍ୟ ଆଦି ଦ୍ୱାରା ନର୍ମିତ ହୋଇଥାଏ ।"

ମୋଟାମୋଟି ଭାବରେ ଦେଖିଲେ, ମଣିଷ ସୁସ୍ଥ ଏବଂ ନରାପଦ ଜୀବନଧାରଣାର ଲକ୍ଷ ନେଇ ଯେଉଁ ଜନ ସମୁଦାୟ ମଧ୍ୟରେ ବାସ କରେ, ବହୁ ରୂପରେ ଭିନ୍ନଭିନ୍ନ ବ୍ୟକ୍ତିବର୍ଗ ସହ ଯୋଡି ହୁଏ, ନଜକୁ ଯେଉଁଠାରେ ସେ ଖାପଖୁଆଇ ଚଳାଇପାରେ ସେ ହେଉଛି ସମାଜ। ସେହିପରି ଯାହା ଦ୍ୱାରା ସ୍ୱ ବ୍ୟକ୍ତିତ୍ୱର ବିକାଶ ସାଧନ କରିପାରେ, ରାଷ୍ଟ୍ର ଏବଂ ସମାଜ ଗଠନରେ ବିଶିଷ୍ଟ ଭୂମିକା ନର୍ବାହ କରିପାରେ, ଯାହାଠାରୁ ଉଚ୍ଚାଦର୍ଶ, ଉଚ୍ଚ ଜୀବନ ଶୈଳୀର ପ୍ରେରଣା ପାଇଥାଏ, ତାହାକୁ ସଂସ୍କୃତି କୁହାଯାଇପାରେ । ମଣିଷର କ୍ରିୟାକଳାପ, ଆଚାର ବିଚାରରେ ସ୍ୱ-ସ୍ୱରୂପକୁ ଏହା ପ୍ରକଟ କରେ । ସମାଜ ସଂସ୍କୃତିକୁ ନର୍ମାଣ କରେ | ମାତ୍ର; ସଂସ୍କୃତିହିଁ ସମାଜର ସ୍ଥିତିକୁ କରେ ସୁଦୃଢ । ସଂସ୍କୃତିର ସ୍ଥିତି ବିଗିଡି ଗଲେ ସମାଜ ବିଶୃଙ୍ଖଳତ ହୋଇଯାଏ | ସଂସ୍କୃତି ଭୌତିକ ତଥା ଅଭୌତିକ ରୂପରେ ଆମର ଦୃଷ୍ଟି ପଥାରୂଢ ହୁଏ । ଅଭୌତିକରେ ସମାଜର ଅନ୍ତଃ ପ୍ରକୃତିର ଅଭିବ୍ୟକ୍ତି ରୂପ ପାଇଲାବେଳେ ଭୌତିକରେ ତାର ବାହ୍ୟାଚରଣ ଗୁଡିକ ପକାଶ ପାଏ | ସମାଜର

ବେଶଭୂଷା, ଖାଦ୍ୟ ପାନୀୟ, ଗୃହୋପକରଣାଦି ଚର୍ମଚକ୍ଷୁରେ ଦେଖିପାରୁଥିବା ସମସ୍ତ ଦ୍ରବ୍ୟ ହେଉଛି ଭୌତିକ | ମାତ୍ର ସାମାଜିକ ମଣିଷର ବିଗ୍ଭର, ଆଦର୍ଶ, ଭାବନା ଏବଂ ବିଶ୍ୱାସରେ ପ୍ରସ୍ଫୁଟିତ ହୁଏ ସଂସ୍କୃତି | ଯାହାକ ମଣିଷର ବ୍ୟବହାରରୁ ଅନୁଭବ କରିହୁଏ ।

ସମାଜର ସ୍ୱରୂପ ସଦୃଶ ସଂସ୍କୃତି ଦେଶ, କାଳ, ସ୍ଥାନ, ପାତ୍ର ଅନୁଯାୟୀ ପରିବର୍ତ୍ତନଶୀଳ। ଏହାର ବିକାଶ, ସାମାଜିକ ତଥା ରାଷ୍ଟ୍ରୀୟ ସ୍ୱଭାବ ସର୍ବୋପରି ଜ୍ଞାନାଧାରିତ ନାନା ପ୍ରକ୍ରିୟା ଏବଂ ପ୍ରଗତି ପରେ ଆଧାରିତ । ଯାହା ସାମାଜିକ ମଣିଷର ପାରମ୍ପରିକ ପରିଚୟର ମାଧ୍ୟମ । ସମାଜର ଏହି ବୈଶିଷ୍ଟ୍ୟକୁ ନେଇ ଚିତ୍ତରଞ୍ଜନ ଦାଶ କହନ୍ତି – "ମଣିଷର ଜୀବନ ପରି ମଣିଷର ସମାଜ ମଧ୍ୟ ଗତିଶୀଳ, ପରିବର୍ତ୍ତନଶୀଳ | କାରଣ ହେଉଛି ଯେ ମଣିଷର ଜୀବନ ପରି ତା'ର ସମାଜ ମଧ୍ୟ କେବେବେଳେ ସ୍ଥାଣୁ ବା ଅଚଳ ହୋଇ ରହିନାହିଁ ।" ( ସମାଜପରିବର୍ତ୍ତନ ଓ ବିକାଶ, ପୃ.୧୧ )

ସମାଜ ଓ ସଂସ୍କୃତିର କେତେକ ବିଶେଷତା :-

ସମାଜ ଏବଂ ସଂସ୍କୃତିର ଲକ୍ଷଣ ଗୁଡ଼ିକ ହେଲା -

ସମାଜ :- ୧. ଏଥିରେ ଏକରୁ ଅଧିକ ସଦସ୍ୟ ଥାଆନ୍ତି ।

୨. କ୍ଷେତ୍ର ଦୃଷ୍ଟିରୁ ଏହା ବ୍ୟାପକ ।

୩. ପାରସ୍ପରିକ ସୁସମ୍ପର୍କ ଉପରେ ଏହା ଗୁରୁତ୍ୱ ଦିଏ ।

୪. ଶ୍ରମ ତଥା କାର୍ଯ୍ୟ ବିଭିନ୍ନତା ସତ୍ତ୍ୱେ ଏକତା ମନୋଭାବାପନ୍ନ ହୋଇ ବଞ୍ଚିବାର ଧର୍ମ ଏଥିରେ ଥାଏ।

୫. ଏହା ମଣିଷକୁ ସୁରକ୍ଷା ପ୍ରଦାନ କରେ ।

୬. ମଣିଷର ସଂସ୍କାରକୁ ନବରୂପ ବିନ୍ୟାସ ଦେଇପାରେ ।

ସଂସ୍କୃତି :- ୧. ଏହା ଶିକ୍ଷଣୀୟ ତଥା ଉତ୍ତରାଧିକାରୀ ସୂତ୍ରରେ ମିଳଥାଏ ।

୨. ସାମାଜିକ ବାତାବରଣ ନେଇ ପରିବର୍ତ୍ତନ ହୋଇପାରେ ।

୩. ଏହା ସାମୁହିକ ବିଗ୍ଭରକୁ ବୁଝାଏ ।

୪. ସଂସ୍କୃତି ଗୋଟିଏ ପିଢି ଅନ୍ୟ ଗୋଟିଏ ପିଢିକୁ ଉତ୍ତରାଧିକାରୀ ସୂତ୍ରରେ ହସ୍ତାନ୍ତରିତ କରାଯାଇପାରେ ।

୫. ନୂଆ ଜ୍ଞାନ, ବିଗ୍ଭର ଏବଂ ପରମ୍ପରାକୁ ନେଇ ଏହା ପରିବର୍ତ୍ତନ ହୋଇପାରେ ।

୬. ଏହା ଗତିଶୀଳ ବା ପରିବର୍ତ୍ତନଶୀଳ ।

୭. ଏହା ବ୍ୟାବହାରିକ ଜ୍ଞାନର ଦକ୍ଷତା ତଥା କୌଶଳ ବୃଦ୍ଧିରେ ସହାୟକ ହୋଇଥାଏ ।

୮. ଏହା ଏକ ବିଗ୍ଭରଶୀଳ ପ୍ରକ୍ରିୟା । ଯାହାକୁ ପାଥେୟ କରି ଜଣେ ବ୍ୟକ୍ତି ସାମାଜିକ ପ୍ରତିଷ୍ଠା ତଥା ସମ୍ମାନ ମଧ୍ୟ ପାଇପାରିବ ।

୯. ଅନେକତାରେ ଏକତା, ଆଧ୍ୟାତ୍ମିକ ବିଶ୍ୱାସବୋଧ, ପ୍ରାଚୀନତା, ସତ୍ ଆଚରଣ, ସମାଜ କଲ୍ୟାଣ ଓ ଆତ୍ମକଲ୍ୟାଣ ଆଦି ଆମ ଭାରତୀୟ ସଂସ୍କୃତିର ବିଶିଷ୍ଟ ଲକ୍ଷଣ।

୧୦. ସଂସ୍କୃତି ସାହିତ୍ୟକୁ ଏକ ପ୍ରତିଫଳନକାରୀ ଭୂମି ଯୋଗାଇ ଦେଇପାରେ । ସଂସ୍କୃତି ସାହିତ୍ୟକୁ ରୂପ ପ୍ରଦାନ କରେ । ’

**ମାନବ ଜୀବନରେ ସମାଜ ଓ ସଂସ୍କୃତିର ମହତ୍ତ୍ୱ :-**

ମାନବ ଜୀବନ ସହ ସଂସ୍କୃତି ଓତପ୍ରୋତ ଭାବେ ସଂଶ୍ଲିଷ୍ଟ । ମଣିଷ ସଂସ୍କୃତିକୁ ନିର୍ମାଣ କରେ ପୁନଶ୍ଚ ସଂସ୍କୃତି ମଧ୍ୟ ମଣିଷକୁ ସ୍ୱତନ୍ତ୍ର ପରିଚୟ ଦେଇଥାଏ । ମଣିଷ ଜୀବନ ସହ ଏ ଉଭୟର ସମ୍ପର୍କ ବେଶ୍ ମହତ୍ତ୍ୱପୂର୍ଣ୍ଣ । ମାନବ ଜୀବନ ସହ ଏମାନଙ୍କର ଗୁରୁତ୍ୱକୁ ନିମ୍ନରେ ଆଲୋକପାତ କରାଗଲା ।

୧. ସାମାଜିକ ମଣିଷକୁ ସଂସ୍କୃତି ସମ୍ମାନ ପ୍ରଦାନ କରେ ।

୨. ସଂସ୍କୃତି ମାନବକୁ ଭ୍ରମାତ୍ମକ ମାର୍ଗରୁ ସଠିକ୍ ମାର୍ଗ ନିର୍ଦ୍ଦେଶ କରେ ।

୩. ମଣିଷ ହୃଦୟରେ ସତ୍ୟ-ଶିବ-ସୁନ୍ଦର ଭାବନାକୁ ଜାଗ୍ରତ କରାଏ ।

୪. ଦର୍ଶନ, ଧର୍ମ ଏବଂ ସତ୍ୟର ସନ୍ଧାନ ପାଇ ମଣିଷ ନିଜକୁ ପ୍ରଜ୍ଞାଶୀଳ କରିପାରେ ।

୫. ମଣିଷର ସାମାଜିକ, ଭୌତିକ, ଆର୍ଥିକ, ରାଜନୀତିକ ଓ ଆଧ୍ୟାତ୍ମିକ ଭାବନାର ଅଭ୍ୟୁଦୟରେ ବିଶେଷ ଭୂମିକା ନିର୍ବାହ କରେ ।

୬. ସଂସ୍କୃତି ସମାଜର ବିଗ୍ରହକୁ, ତଥା ତାର ସ୍ୱରୂପକୁ ନିର୍ମାଣ କରେ, ନିର୍ଦ୍ଦେଶ କରେ ଏବଂ ନିୟନ୍ତ୍ରଣ ମଧ୍ୟ କରେ ।

୭. ମନୁଷ୍ୟର ସରକାରୀ କାର୍ଯ୍ୟସହ ମଧ୍ୟ ସଂସ୍କୃତି ସମ୍ବନ୍ଧ ରଖେ ।

୮. ମାନବର ପରମ୍ପରା, ସାମାଜିକ ବିଶ୍ୱାସର ସଂରକ୍ଷଣ କରେ ।

୯. ମଣିଷକୁ ପ୍ରଗତିଶୀଳ କରାଏ ।

୧୦. ସମାଜ ମଣିଷର ପରିଚୟ ସୃଷ୍ଟି କରେ ।

୧୧. ସମାଜ ହିଁ ମଣିଷର ବ୍ୟକ୍ତିତ୍ୱ ବିକାଶର ଅନ୍ୟତମ ପ୍ରମୁଖଭୂମିକା ନିର୍ବାହ କରେ।

୧୨. ମଣିଷର ଚିନ୍ତନ ଏବଂ ମନନରେ ସେ ଅନୁକୂଳ ବାତାବରଣ ଆଣିଦେଇପାରେ।

୧୩. ସମାଜ ହିଁ ମଣିଷର ପରିଚୟ ସୃଷ୍ଟିକରେ । ତେଣୁ ମଣିଷର ମଧ୍ୟ ଅନୁରୂପ ଭାବରେ ସମାଜ ପ୍ରତିଦାୟବଦ୍ଧତା ରହିବା ଆବଶ୍ୟକ ।

ସମାଜ ଏବଂ ସଂସ୍କୃତି ଉଭୟ ଆମର ପରିଚୟ । ଆମର ପ୍ରେରଣାର ଉତ୍ସ । ଉଭୟର ସୁରକ୍ଷା ମଣିଷର ଏକନିଷ୍ଠ କର୍ତ୍ତବ୍ୟ ହେବା ଦରକାର । ଜଗନ୍ନାଥ ମନ୍ଦିର, ତାଜମହଲ, ଖଣ୍ଡଗିରି ତଥା ମହାମେଘବାହନ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ, ଅମୃତସରର ସ୍ୱର୍ଣ୍ଣମନ୍ଦିର, ଇଣ୍ଡିଆ ଗେଟ୍, ଆଦି ଗୁରୁତ୍ୱପୂର୍ଣ୍ଣ କଳାସଂସ୍କୃତିର କ୍ଷେତ୍ରକୁ ମଣିଷର ସଚେତନ

ଦୃଷ୍ଟିର ଆବଶ୍ୟକତା ରହିଛି । ଯିଏ ମଣିଷକୁ ପରିଚୟ ପ୍ରଦାନ କରେ, ପ୍ରେରଣାର ଉତ୍ସ ହୋଇ ଉତ୍ସାହ ଦିଏ, ଭବିଷ୍ୟ ଏବଂ ବର୍ତ୍ତମାନକୁ ଶୃଙ୍ଖଳିତ କରିପାରେ; ସେଥିପ୍ରତି ତଥା ସେମାନଙ୍କର ସନ୍ତୁଳନ ପାଇଁ ମଣିଷର ଦାୟବଦ୍ଧତା ରହିବା ଉଚତ୍ । ମଣିଷ, ସମାଜ, ସଂସ୍କୃତି ଏକ ଆତ୍ମା ସ୍ୱରୂପ । ଭାରତୀୟ ସଂସ୍କୃତି ତଥା ସମାଜର ଗାରିମାର, ସୁରକ୍ଷାରେ, ସୁସଚେତନତାରେ ମଣିଷ ସତର୍କ ହେଉ, ସଚେତନ ଦୃଷ୍ଟିକ୍ଷେପ କରି, ଭବିଷ୍ୟର ମାର୍ଗକୁ ଉଜ୍ଜ୍ୱଳ କରୁ, ପରପିଢ଼ିକୁ ଉନ୍ନତ ଜୀବନ ତଥା ଦିଶା ପ୍ରଦାନ କରୁ, ଏହି ସମୟରେ ଏତିକି କାମନା କରାଯାଇପାରେ ।

ସହାୟକ ଗ୍ରନ୍ଥସୂଚୀ :-

୧. ଦାଶ ଚିତ୍ତରଞ୍ଜନ, ସମାଜ : ପରିବର୍ତ୍ତନ ଓ ବିକାଶ, ଶ୍ରୀଅଭିରାମ ମହାପାତ୍ର (ପ୍ରକାଶକ), ଗ୍ରନ୍ଥମନ୍ଦିର, କଟକ, ୧ମ ପ୍ରକାଶ – ୨୭.୦୫.୧୯୬୮ ।

୨. ପଣ୍ଡା ଡକ୍ଟର ପ୍ରଦୀପ୍ତ କୁମାର, ଗଦ୍ୟସୁମନ, ମଡର୍ଣ୍ଣ ପବ୍ଲିଶର୍ସ, କଟକ, ପ୍ରଥମ ସଂସ୍କରଣ – ୧୪.୦୮.୨୦୧୭ (ଜନ୍ମାଷ୍ଟମୀ) ।

୩. ଦାଶ ଶ୍ରୀ ଚିତ୍ତରଞ୍ଜନ, ଓଡିଆ ସାହିତ୍ୟର ସାଂସ୍କୃତିକ ବିକାଶଧାରା, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ପୁସ୍ତକ ଭବନ, ଭୁବନେଶ୍ୱ , ପ୍ରଥମ ସଂସ୍କରଣ – ୧୯୮୧, ପୁନଃ ମୁଦ୍ରଣ – ୨୦୨୦, ISBN-81 – 8005 – 101 – 3 ।

ଅତିଥି ଅଧ୍ୟାପିକା
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

# ଶ୍ରୀ ଜଗନ୍ନାଥ ଭକ୍ତି ରସାମୃତ



ପ୍ରଦୀପ କୁମାର ଜିଲିକାର୍

ଜୟ ରାଧା ରମଣ ନୀଳାଚଳ ବାମନ
ତୋ ପଦ ପଙ୍କଜ ତଳେ ଦାସେ ଦିଅ ଶରଣ
ଜୟ ରାଧା ରମଣ - ୧

ଅକୂପାର ମଧ୍ୟେ ପଶି ମୀନ ରୂପ ଧରିଣ
ବେଦ ଉଦ୍ଧାରଣେ କଲ ଶଙ୍ଖାସୁର ଦମନ,
ଜୟ ରାଧା ରମଣ। ୨

ପୃଷ୍ଠେ ବୋହି ମନ୍ଦରକୁ କୁର୍ମ ରୂପ ଧରିଣ
ସୁଧାଭାଣ୍ଡ ଉଦ୍ଧାରିଣ ରାହୁ ଶିର ଛେଦନ,
ଜୟ ରାଧା ରମଣ। ୩

ଧରିଣ ବରାହ ରୂପ ହିରଣ୍ୟାକ୍ଷ ନାଶିଣ
ବସୁଧାକୁ ଉଦ୍ଧାରିଲ ଦନ୍ତମୂଳେ ଟେକଣ,
ଜୟ ରାଧା ରମଣ ।୪

କରି ସ୍ତମ୍ଭ ଉତ୍ପାଟନ ଉଭା ହେଲ ମଦନ
ବିଦାରି ହିରଣ୍ୟ ଅନ୍ତ୍ର ପ୍ରହଲ୍ଲାଦେ ପ୍ରସନ୍ନ,
ଜୟ ରାଧା ରମଣ। ୫

ତ୍ରି ପାଦରେ ମାଗି ଭୂମି ମାନୀ ବଳ ଗ୍ରଜନ
ରସାତଳପତି କଲ ମାନ କଲ ଗଞ୍ଜନ,
ଜୟ ଗ୍ରଧା ରମଣ । ୬

ପିତା ଆଜ୍ଞା ପାଳନରେ ମାତା ଶିର ଛେଦନ
ଏକବିଂଶ ବାର କ୍ଷତ୍ରି ବଳ କଲ ଦମନ,
ଜୟ ନନ୍ଦ ନନ୍ଦନ । ୭

ଦଶଶିର ନସୂଦନ ଉର୍ବୀକନ୍ୟା ରଞ୍ଜନ
ଶରଣାର୍ଥୀ ବିଭୀଷଣେ ଲଙ୍କେ କଲ ଗ୍ରଜନ,
ଜୟ ଗ୍ରଧା ରମଣ । ୮

ରେ୍ରହିଣୀ ନନ୍ଦନ ଆହେ ରେବତୀରେ ରମଣ
ଶ୍ୟାମାଗ୍ରଜ ବଳଦେବ ଶିରେ ମହୀ ଧାରଣ,
ଜୟ ଗ୍ରଧା ରମଣ । ୯

କାମନା ବିନାଶକାରୀ ତତ୍ତ୍ୱ ଜ୍ଞାନ ବର୍ଦ୍ଧନ
ଶାନ୍ତି ଦୂତ ରସାଧାମେ ହିଂସା କର ନାଶନ,
ଜୟ ଗ୍ରଧା ରମଣ । ୧୦

ନାଗେ ନାଗେ ଅସମ୍ଭାଳ ରସାଭ୍ରର କଷଣ
ତରବାରୀ କରେ ଧରି ମ୍ଳେଚ୍ଛ କର ନଧନ,
ଜୟ ଗ୍ରଧା ରମଣ । ୧୧

ଗଣିକା କବରୀ ମଲ୍ଲୀ ସମର୍ପିଲ୍ ସ୍ୱଇଣ
ବିଗ୍ରଜିଲ ବଳଗ୍ରମ ସିକତିଳ ସ୍ପନ୍ଦନ,
ଜୟ ଗ୍ରଧା ରମଣ । ୧୨

ଦାସିଆ ବାଉରୀ କର ନାରୀକେଳ ଗ୍ରହଣ
ଭକ୍ତ ସାଲବେଗ ପାଇଁ ଅଟକଲ୍ ସ୍ୱନ୍ଦନ,
ଜୟ ରାଧା ରମଣ। ୧୩

ମହାପାପୀ ଅଜାମିଳ ଡାକଲ୍ ନାରାୟଣ
ଗୋଲୋକେ ସ୍ଥାନ ପାଇଲ୍ ଭବୁ କଲ ତାରଣ,
ଜୟ ରାଧା ରମଣ।୧୪

ବ୍ରଜରାଜ ନନ୍ଦନ ହେ ବ୍ରଜନାରୀ ରମଣ
କୋଟି ବସ୍ତ୍ର ଦେଇ କୃଷ୍ଣା ଲଜ୍ଜିତ ନିବାରଣ,
ଜୟ ରାଧା ରମଣ।୧୫

ଗ୍ରାହ ଚକ୍ରେ ବକ୍ର କରି ଉଦ୍ଧାରିଲ ବାରଣ
ଟେକଦେଲ୍ ସରୋରୁହ ତୁମ୍ଭ ନାମ ଘୋଷିଣ,
ଜୟ ରାଧା ରମଣ। ୧୬

ଘୋର ବନ ମୃଗୁଣୀକୁ ବ୍ୟାଧେ ବଶୀକରଣ
ଡାକଦେଲ୍ ରକ୍ଷାକର ଆହେ ମଧୁସୂଦନ,
ଜୟ ରାଧା ରମଣ। ୧୭

ଯଶକୀର୍ତ୍ତି ବୈଜୟନ୍ତି ଯେ ପତିତପାବନ
ନିର୍ବିକାରେ ବସିଅଛ ରୂପ ବୌଦ୍ଧ ବାମନ,
ଜୟ ରାଧା ରମଣ। ୧୮

ଅଜ୍ଞ ମୃଗ ପରି ଭବ ବନେ କରେ ଭ୍ରମଣ
ଆର୍ତ୍ତକଞ୍ଜ ଦଳ ଦିଅ ପାଦେ ମତ୍ତ ବାରଣ
ଜୟ ରାଧା ରମଣ। ୧୯

ଭକତ ଭଗବାନରେ କାହିଁ ଏ ବ୍ୟବଧାନ
ପଥ ଜଗି ଆଶାଶୂନ୍ୟ ଜୀବନ ମୋ ନଷ୍ଟିହ୍ନ,
ଜୟ ରାଧା ରମଣ। ୨୦

ଜାତିଭେଦ ନ ଦେଖିବ ନୀଳୋତ୍ପଳ ବଦନ
ଶରଣ ଗଲି ମୁଁ ତୋରେ କନ୍ଧ ଜାତି ତରୁଣ,
ଜୟ ରାଧା ରମଣ। ୨୧

ହାଡ଼ଶିଙ୍କୁଳା, ଗୁଟିକୋଣା,
ବିଷମକଟକ, ରାୟଗଡ଼ା

# ଆତଙ୍କବାଦ, ଅନ୍ଧବିଶ୍ୱାସ ଓ ମନୁଷ୍ୟ

ବିଶ୍ୱଜିତ ରଥ

ଆତଙ୍କ ଅନଳେ ଜଳୁଛି ଜଗତ
ଭୟ ବିଭୀଷିକା ସଙ୍ଗେ ରକ୍ତପାତ,
ତ୍ରାହି ତ୍ରାହି ଡାକ ଫାଟିଯାଏ ଛାତି
ଉଜାଗରେ ବିତେ କାର କେତେ ରାତି।

ବର୍ବରତା ଲଂଘେ ସବୁ ସୀମାରେଖା
ଆତତାୟୀ ହସ୍ତେ କା ଜୀବନ ଲେଖା,
ଲେମ ଟାଙ୍କୁର୍ ସେ ଦୃଶ୍ୟ ଭୟଙ୍କର
ବିଶ୍ୱ ଇତିହାସେ ଅଭୁଲ୍ ଅକ୍ଷର।

ପଶୁ ଠାରୁ ହୀନ ପାଲଟିଛି ନର
ନାରୀ ହୁଏ ଏଠି ଧର୍ଷଣ ଶିକାର,
ମୃତ୍ୟୁ ଭୟଭୀତ ଦେଖି ଅତ୍ୟାଚାର
ନୟତିର ଏକ କଠୋର ବିଚାର।

ମହାପ୍ରଳୟର ମହାନାୟକ ସେ
ତାଲିବାନ ଆଉ ଆଇଏସଆଇଏସ,
ଲାଡେନ୍ ହେଉ ବା ଅସିମ୍ ଉମର
ପୁରୋଧା ବୋଲନ୍ତି ମହା ଆତଙ୍କର।

ଜିହାଦ ନାମରେ ମନୁଷ୍ୟର ବଳ
ଗୃହଯୁଦ୍ଧ ସଙ୍ଗେ ଲାଗି ରହେ କଳ,

ମନୁଷ୍ୟର ଶତ୍ରୁ ମନୁଷ୍ୟ ଟି ନଜେ
ମାନବିକତାର ସେ ମୂଲ୍ୟ କାହୁଁ ବୁଝେ।

ହିନ୍ଦୁ ହେଉ ଅବା ହେଉ ମୁସଲମାନ୍
ହେଉ ଶିଖ୍ ଅବା ହେଉ ଖ୍ରୀଷ୍ଟିଆନ୍,
ଆତଙ୍କର ରୂପ ଏକା ସବୁଠାରେ
ସଭିଏଁ ପିପାଶୁ କ୍ଷମତା କ୍ଷୁଧାରେ ।

ଧର୍ମର ଆଳରେ ଚାଲେ ରାଜନୀତି
ବଢ଼େ ଅବିଶ୍ୱାସ ବଢ଼ଇ ଦୁର୍ନୀତି,
ଗଣତନ୍ତ୍ର ଆଜି ନଜେ ଶ୍ୱାସରୁଦ୍ଧ
ଧର୍ମ ରକ୍ଷା ନାମେ ଅଧର୍ମର ଯୁଦ୍ଧ।

ହେଲେ ସାକ୍ଷୀ ଅଛି ଇତିହାସ ସଦା
ପାପରୁ ନସ୍ତାର ପାଇଛି ବସୁଧା,
ଜନମ ଲଭିବେ ସ୍ୱୟଂ ନରାକାର
ଆତଙ୍କରାଜର ହୋଇବ ସଂହାର।

ଭାପୁର, ନୟାଗଡ

# ନାଟକ

## ||ରାମ ରାବଣ ରାମାୟଣ||



ସୁଧାଂଶୁ ଶେଖର ଦ୍ୱିବେଦୀ

### || ୯ମ ଦୃଶ୍ୟ ||

(କୈକେୟୀ ମୋବାଇଲରେ କଥା ହେଉଥିବା ବେଳେ ଏପଟ ସେପଟ ହେଉଥାନ୍ତି।ପଛେ ପଛେ ମଞ୍ଜରୀ ତାଙ୍କୁ କଛି କହିବା ପାଇଁ ବ୍ୟଗ୍ର ହେଉଥାଏ।ମଝିରେ ମଝିରେ ସାନ ମା'- ସାନ ମା' ବୋଲି ଡାକୁଥାଏ।)

କୈକେୟୀ -(କଥା ହେବାପରେ ମୋବାଇଲ ବନ୍ଦ କରିସାରି)ହଁ କହ କଣ କହୁଥିଲୁ?

ମଞ୍ଜରୀ- ସାନ ମା'---!

କୈକେୟୀ- କଣ କହୁଛୁ କହ?

ମଞ୍ଜରୀ -ମୁଁ ଯାହା ମନରେ ପାଞ୍ଚିଥିଲି ସେସବୁ କଣ ଅକ୍ଷରେ ଅକ୍ଷରେ ସତ?

କୈକେୟୀ- କ କଥା ମନରେ ପାଞ୍ଚିଥିଲୁ? କଣ କହୁଛୁ ତୁ? ମୁଁ ତ ତୋ କଥା କଛି ବୁଝି ପାରୁନ।

ମଞ୍ଜରୀ- ହେଇଟି ସାନ ମା' ଆମ ଗାଆଁରେ ଜଣେ ଲୋକ ଦିଇଟା ବାହା ହେଇଥିଲା। ତା ଆଗ ଭାରିଯାର ପିଲା ହେଉ ନଥିଲେ। ଯେମିତି ଆଉ ଗୋଟେ ଭାରିଯା ଘରକୁ ଆଣିଛି ସେମିତିତ ଆଗ ଭାରିଯାର ପେଟ ବଢ଼ିଲା।

କୈକେୟୀ - ସେଉଠୁ ତୋର କଣ ହେଲା?

ମଞ୍ଜରୀ- ନା ମ ସାନ ମା' ମୋର ଗୋଟେ କଣ ହବ? ମୁଁ ସେମିତି ଘରର ଝିଅ ନୁହେଁମ! ସେ ଲୋକ ଦ୍ୱିତୀୟ ଭରିଯାକୁ ଯେତେ ଭଲ ପାଉଥିଲା ସବୁତ ଏକାଥରେ ପାଣି ଫୋଟକା ପରି ଫୁସକ ଗଲା।

କୈକେୟୀ -ତାମାନେ ତୁ କଣ କହିବାକୁ ଗ୍ହୁଁ?

ମଞ୍ଜରୀ- ମୁଁ କଣ କହୁଥିଲିକ ସାନ ମା' ସେ ଲୋକଟା ଯେମିତି ଶୁଣିଛି ତା ଆଗ ଭରିଯାର ଛୁଆ ହେବ ଦିନ ନାହିଁ ରାତି ନାହିଁ ଖାଲି ସବୁବେଳେତ ତାହାରି ପାଖେ ନଟପଟ ।

କୈକେୟୀ -ତାପରେ---

ମଞ୍ଜରୀ- ତାପରେ ଆଉ କଣ କହିବି ସାନ ମା', ସେକଥା କହିବା ଆଗରୁ ଦୁଃଖରେ ମୋ ହୃଦ ବାହୁନ ଉଠୁଛି। (ମିଛ କାନ୍ଦଣା)

କୈକେୟୀ- ଏମିତି ଝିଅ ବିଦା ହେଲା ଭଳ ବାହୁନୁଛୁ କାହିଁକ? ତାପରେ କଣ ହେଲା କହ?

ମଞ୍ଜରୀ- ସେଇ ମରଦଟାବା...ଶେଷରେ କଣ କାଲନା ସାନ ଭରିଯାକୁ ଗଳା ଧକ୍କା ଦେଇ ଘରୁ ବାହାର କରିଦେଲା।

କୈକେୟୀ- ମଞ୍ଜରୀ!!....(ମ୍ରିୟମାଣ)

ମଞ୍ଜରୀ- ମୁଁ ସତ କହୁଛି ସାନ ମା'। ତମକୁ କେବେ କଣ ମିଛ କହି ପାରିବି? ମୁଁ ସେମିତି ଘରର ଝିଅ ନୁହେଁମ...। ତୁମେ କହିଲ ଭଗବାନଙ୍କର ଏ କେମିତି ଅନ୍ୟାୟ? ଯେଉଁ ଉଦ୍ଦେଶ୍ୟରେ ବାବୁ ତୁମକୁ ବାହା ହୋଇ ଏ ଘରକୁ ଆଣିଲେ। ଯେଉଁ ଅଧିକାର ତୁମର ଥିଲା ତାକୁ ବି ତୁମଠୁ ଛଡ଼େଇନେଲେ।

କୈକେୟୀ- ଓଃ ମଞ୍ଜରୀ! ତୁ ଚୁପ କର।

ମଞ୍ଜରୀ- ମୁଁ ସେମିତି ଘରର ଝିଅ ନୁହେଁମ...ଯାହା କହିବି ସତ କହିବି। ଚୁପ କାହିଁକ ରହିବି? ଶୁଣିଛି ଭରିଯାର ପିଲା ହୋଇ ଗଲେ ମରଦ କୁଆଡେ ଭରିଯାକୁ ଦ୍ୱିଗୁଣ ଭଲପାଏ। ତୁମେ ନଜେ ଦେଖୁନ ବାବୁ କେମିତି ତୁମପ୍ରତି....।

କୈକେୟୀ- ଓଃ ତୁ ମୋତେ ପାଗଳ କରିଦେବୁ ମଞ୍ଜରୀ ତୁ ମୋତେ ପାଗଳ କରିଦେବୁ। (ମୁଣ୍ଡ ଘୁପି ଧରି ବସି ପଡ଼ନ୍ତି)

ମଞ୍ଜରୀ-(ଧିର ପାଦରେ ପାଖକୁ ଆସି)ମୁଣ୍ଡ ଚପି ଦେବିକି ସାନ ମା'?

କୈକେୟୀ- ଯା ପଳା ମୋ ସମ୍ନାରୁ...।

ମଞ୍ଜରୀ- ମୁଁ ସେମିତି ଘରର ଝିଅ ନୁହେଁମ...ମୋ ଉପରେ ଗରଗର ହେଲେ କଣ ହେବ ଯାହା ସତ ସେଇୟା କହିଲି। ହଉ ମୋ କଥା ଯଦି ମିଛ ଭାବୁଥାଅ ଦେଖିବ ଦିନେ କେମିତି ଘରୁ ତଡା ଖାଇବ। ମୁଁ ଯାଏଲେ ମା' ମୋର ସେପଟେ କେତେ କାମ ପଡିଛି।(ପ୍ରସ୍ଥାନ ସମୟରେ କାଶୀନାଥ ଆସୁଥାଏ ଦୁହିଁଙ୍କର ଧକ୍କା ହୁଏ)

କାଶୀ- ଓ ହୋ ହୋ ମୋ ଜାଗାରେ ବଜେଇ ଦେଲାରେ...

ମଞ୍ଜରୀ- ହୁଁ ମୁଁ ସେମିତି ଘରର ଝିଅ ନୁହେଁମ! ମୁଁ କାହିଁକି ବଜେଇବି?

କାଶୀ- ତାହେଲେ ମୋର କଞ୍ଚାଲଙ୍କା ପରି ଜଳୁଛି କାହିଁକି?

ମଞ୍ଜରୀ- ହେଇଟି ସାନ ମା' ତୁମ ଭାଇକୁ ସମ୍ଭାଳ। ଓଲିଆ ଷଣ୍ଢ ଭଳି ଜାଗାରେ ବଜେଇ ଦେଉଛନ୍ତି। ହେଲେ ମୁଁ ସେମିତି ଘରର ଝିଅ ନୁହେଁମ...(ଆଖିମାରି ପ୍ରସ୍ଥାନ)

କାଶୀ- ଓଃ ମାରିଦେଲା ଲୋ ଦେଇ..କଞ୍ଚାଲଙ୍କା ପରି ଜଳୁଛି।

କୈକେୟୀ- କଣକରେ କାଶୀ କାହାକୁ ଯେ କେତେବେଳେ ତୁ କଣ କହୁ ତୋ କଥା କିଛି ବୁଝି ହୁଏନ।

କାଶୀ- ତୁ ମୋ କଥା କିଛି ବୁଝିପାରିବୁନ ଲୋ ଦେଇ।କୈକେୟୀ- ହଉ ତୁ ଭିତରକୁ ଆ(ଯିବାକୁ ଉଦ୍ୟତ)

କାଶୀ- ଆଲୋ ଦେଇ ଶୁଣ ଶୁଣ। ମୁଁ ତୋ ପାଖକୁ ଆସିଛି। କଣ ପାଇଁ ଆସିଛି? କାହିଁକି ଆସିଛି? କିଛି ନପଗୁରି ସିଧା ଘର ଭିତରକୁ ଆ..।

କୈକେୟୀ- ହଉ କଣ କହୁଛୁ କହ**?**

କାଶୀ - ଦେଇଲୋ **(**ମିଛ କାନ୍ଦଣା କାନ୍ଦେ**)**

କୈକେୟୀ- କଣହେଲା ଏମିତି କାନ୍ଦୁଛୁ କାହିଁକ**?**

କାଶୀ - ମୋ ଭାଗ୍ୟରେ ଖାଲି କାନ୍ଦିବା ଛଡା ଆଉ କଣ ଅଛି ଲୋ ଦେଇ**(**ପୁନଃ କାନ୍ଦେ**)**

କୈକେୟୀ- କରେ କଣ ହୋଇଛି ତୋର କହ**?**

କାଶୀ - ବାପା ତୋତେ ସିନା ବଡ଼ ଘର ଦେଖି ବାହା କରେଇ ଦେଲେ ହେଲେ ମୁଁ**....**

କୈକେୟୀ- ତୋର କଣ ହେଲା**?**

କାଶୀ -ତୁ ତ ଜାଣୁ ମୋର ପାଠ ଶାଠ ହୁଏନ ବୋଲି ମେଟ୍ରିକ ପରୀକ୍ଷା ୮ଥର ଦେଲି। ତଥାପି ସକସେସ ହୋଇ ପାରିଲି ନାହିଁ।ବାପା ମୋର ଆଉ କେତେ ଧୈର୍ଯ୍ୟ ଧରିବେ। ଏଇ ଦେଖ ଦେଇ ଦେଖ ଦେଖ ମୋ ନିଜ ବାପା ମୋତେ କେମିତି ବାଡେଇ ବାଡେଇ ଫଳେଇ ଦେଇଛି।

କୈକେୟୀ- ଆରେ ସତରେ ତୋତେ ବାପା କଣ ଏମିତି ନିର୍ଦ୍ଦୟ ଭାବେ ବାଡେଇଛନ୍ତି**?**

କାଶୀ - ମୁଁ ସତ କହୁଛି ଲୋ ଦେଇ। ମୋ ନିଜ ବାପା ପରା ଏମିତି ବାଡେଇଛି। ତୁ କହନା ଦେଇ ମୋ ଦେହଟା ଖାଲି କଞ୍ଚାଲଙ୍କା ପରି ଜଳୁଛି।

କୈକେୟୀ- ରହ ମୁଁ ଡାକ୍ତରଙ୍କୁ ଫୋନ କରି ଡାକୁଛି।

କାଶୀ - ସେ ଡାକ୍ତରଙ୍କୁ ଡାକବୁ ପରେ ଏବେ କହ ମୁଁ କଣ କରିବି**?**

କୈକେୟୀ- ମାନେ**..?**

କାଶୀ - ମୋ ନିଜ ବାପା କହିଛି ମୁଁ ଯଦି ଆଉ ଘରକୁ ଫେରେ ମୋତେ ମାଡ଼ମାରି କଞ୍ଚାଲଙ୍କା ଲଗେଇ ଦେବ। ତାପରେ ତ ମୋର ଖାଲି ଜଳୁଥିବ। ଆଉ ତୁ ଏଠି ଆରାମରେ ରହି ହାଇ ମାରୁଥିବୁ।

କୈକେୟୀ- ହଉ ରହ ତୁ ଆଦୌ ବ୍ୟସ୍ତ ହଅନା। ବାପା ଯେତେଦିନ ଯାଏ ତୋ ଉପରେ ରାଗିଛନ୍ତି ତୁ ସେତେଦିନ ଯାଏ ଏଇଠି ମୋ ପାଖରେ ରହିଥା।

କାଶୀ- ତୁ ସତ କହୁଛୁ ଦେଇ ମୁଁ ଏଇଠି ରହିବି?

କୈକେୟୀ- ହୁଁ ପୁରା ସତ।

କାଶୀ- ମୋ ନଜ ଦେଇଲୋ ( ଆନନ୍ଦରେ କୋଳେଇ ଧରେ)

(ମଞ୍ଚ ଅନ୍ଧାର)

## ।। ୧୦ମ ଦୃଶ୍ୟ ।।

(ଦଶରଥ ସିଂହଙ୍କ ବଙ୍ଗଳା। ମନ ଖୁସିରେ ନଜେ ନଜେ ହସୁଥାନ୍ତି।)

କୈକେୟୀ-(ପ୍ରବେଶୀ)- ଆରେ କଣହେଲା? ଏମିତି ପାଗଳଙ୍କ ପରି କାହିଁକି ହସୁଛ?

ଦଶ- ପାଗଳ!ହଁ ହଁ କୈକେୟୀ ମୁଁ ଆଜି ହସି ହସି ପାଗଳ ହୋଇଯିବାକୁ ଚାହେଁ।

କୈକେୟୀ- ଥାଉ ଥାଉ ସେତିକ ହସ। ତୁମେ ଯଦି ପାଗଳ ହୋଇଯିବ ଆମ ସଂସାର ଚଳବ ଯେମିତି?

ଦଶ- ଆଛା କୈକେୟୀ!

କୈକେୟୀ- କୁହ—

ଦଶ- ମୁଁ ତୁମ ଅପା ପାଖରୁ ଯାହା ଶୁଣିଲି....

କୈକେୟୀ- କଣ ଶୁଣିଲ?

ଦଶ- ଉଁ ହୁଁ ସେମିତି କହିପାରିବିନ। କାନ ଦେଖାଅ କହିବି।

କୈକେୟୀ- (କାନ ଦେଖାଇ)ହଉ କୁହ।

ଦଶ - (କାନ ପାଖେ କୁହନ୍ତି)(କୈକେୟୀ ଲାଜରେ ପଳାଇ ଯିବା ଉଦ୍ଦେଶ୍ୟରେ)(ହାତ ଧରିନେଇ)ଆରେ ଯାଉଛ କୁଆଡେ? ଏକଥା କଣ ସତ ନୁହେଁ?

କୈକେୟୀ- ସତ, କିନ୍ତୁ ମୁଁ ଭାବୁଛି.....

ଦଶ - କଣ ଭାବୁଛ?

କୈକେୟୀ- ତୁମେ ତ ପାଞ୍ଚ ବର୍ଷ ପୂର୍ବରୁ ପିତା ହୋଇସାରିଛ।

ଦଶ - ହୁଁ ରମଣର ପିତା ହୋଇଛି ସତ ଏବେ ତୁମ ଗର୍ଭରୁ ଜାତ ପିଲାର ପିତା ହେବି ।

କୈକେୟୀ- ହେଲେ....

ଦଶ - ମୋତେ କିଛି କହିବ?

କୈକେୟୀ- ଅନେକ ଦିନରୁ କହିବି କହିବି ବୋଲି ଭାବୁଛି କିନ୍ତୁ

ଦଶ - କୁହ ନିଜ ଲୋକ ପାଖେ ଏତେଟା ସଂକୋଚ କରାଯାଏନା। ନିଃସଙ୍କୋଚରେ କହିଯାଅ।

କୈକେୟୀ- ନା ଆଗେ କଥା ଦିଅ ମୋ ଉପରେ ରାଗିବ ନାହିଁ। ମୁଁ ଯାହା କହିବି ସେଇଆ କରିବାକୁ ହେବ।

ଦଶ - ହେଲା ବାବା ହେଲା କଥା ଦେଲି କୁହ। ତୁମ ସର୍ତ୍ତରେ ରାଗିବି ନାହିଁ। ଯାହା କହିବ ତାହା କରିବି।

କୈକେୟୀ- ମାନେ ମୁଁ କଣ କହୁଥିଲି କି ଯଦି ମୋ ଗର୍ଭରେ ଥିବା ପିଲାକୁ ଏ ବର୍ଷ ନ କରି ଦିଆଯାଏ...

ଦଶ - କୈକେୟୀ!!(ରାଗରେ ମାରିବାକୁ ହାତ ଉଠାନ୍ତି)ତୁମେ ଏଭଳି ଅଶୁଭ କଥା କହିବାକୁ ସାହାସ କଲ କିପରି? ଏଇଥିପାଇଁ ତାହେଲେ ମୋଠାରୁ ସର୍ତ୍ତ ରଖିଥିଲ ନୁହେଁ। ଯେଉଁ ପିଲା ଏ ଦୁନିଆକୁ ଦେଖିନାହିଁ ତୁମକୁ ସେଭଳି ପାପ କାର୍ଯ୍ୟ କରିବାକୁ ଲଜ୍ୟା ଲାଗୁନାହିଁ। ତୁମେ ପରା ଜଣେ ମା' ହେବାକୁ ଯାଉଛ। ମା'ର ସଂଜ୍ଞା କଣ ଏଇଆ? ତୁମେ

ଜାଣ ଏ ଘର କଂସେଇ ଖାନା ନୁହେଁ ଗୋଟେ ମନ୍ଦିର। ଆଉ ତୁମେ ସେଇ ମନ୍ଦିର ଭିତରକୁ ପଶି ଆସିଥିବା ଜଣେ ଡାଆଣୀ। ଯାଅ ବାହାରି ଯାଅ ମୋ ସମ୍ନାରୁ। ବାହାରି ଯାଅ। ଆଇ ସେ ଗେଟ ଆଉଟ।

କୌଶଲ୍ୟା- (ପ୍ରବେଶୀ)କଣ ହେଇଛି? ଏତେଜୋର ପାଟି କରୁଛ କଣପାଇଁ? କୈକେୟୀ କଣ କଛି ଭୁଲ କରିଛି।

ଦଶ- କେବଳ ଭୁଲ ନୁହେଁ କୌଶଲ୍ୟା।ଏଇଟା ଜଣେ ଛୁଆ ଡାଆଣୀ। ଶୀଘ୍ର ତାକୁ ଏ ଘରୁ ବାହାର କର।

କୈକେୟୀ-ତୁମେ ମୋତେ ଭୁଲ ବୁଝନାହିଁ। ମୁଁ ଗ୍ଭହେଁନା କାଲି ଲୋକେ ମୋତେ ଆଙ୍ଗୁଳ ଦେଖାଇ କୁହନ୍ତୁ କୈକେୟୀର ପିଲା ହେଲା ବୋଲି ରମଣକୁ ସ୍ନେହ କରିବା ଭୁଲିଗଲା।

ଦଶ- ତୁମର ମନେ ରଖିବା ଉଚତ ତୁମ ପିଲା ପ୍ରତି ତୁମର ଯେତିକ ଅଧିକାର ଅଛି ମୋର ବି ସେତିକ ଅଧିକାର ଅଛି।ତାଛଡା ରମଣ ସହିତ ଲୋକମାନଙ୍କର କଣ ସମ୍ପର୍କ? ଲୋକ ତ ଅନେକ କଛି କହିବେ। ଲୋକଙ୍କ କାମ ହେଲା ଆଙ୍ଗୁଳ ଦେଖାଇ କହିବା ତାମାନେ ନୁହେଁ ଲୋକଙ୍କ କଥା ଶୁଣି ଆମେ ଆମ ଭବିଷ୍ୟତକୁ ନଷ୍ଟ କରିଦେବା।

କୈକେୟୀ-ସମ୍ପର୍କ ଅଛି। ତୁମ ହୃଦୟ ସିନା ବହୁତ ବଡ଼ ହେଲେ ଏ ଦୁନଆର ହୃଦୟ ବହୁତ ଛୋଟ। ମୋର ପିଲା ହେବା ପରେ କାଲି ହୁଏତ ସମସ୍ତେ କହିବେ ଏଇ କୈକେୟୀକୁ ଦେଖ ରମଣ କୁ କେତେ ସ୍ନେହ ଆଦର କରୁଥିଲା ନଜର ପିଲା ହୋଇଛି ବୋଲି ରମଣକୁ ସଉତୁଣୀ ପୁଅ ଭ୍ବିଛି।

କୌଶଲ୍ୟା- ଆଲୋ ନଜକୁ ମହାନ କରିବାକୁ ଯାଇ ମୋତେ କାହିଁକ ଏତେ ଛୋଟ କରି ଦେଉଛୁ।

କୈକେୟୀ- ନା ଅପା, ଛୋଟ ତ ମୁଁ। ମୋ ପାଇଁ ସେ ଆଜି ମୋତେ ମାରିବାକୁ ହାତ ଉଠେଇଲେ। ତୁମେ କୁହ ଅପା ମୁଁ କଣ କଛି ଭୁଲ କହିଛି?

ଦଶ - ମୁଁ ତୁମକୁ ପୂର୍ବରୁ କହିଛି କୈକେୟୀ ଏ ଘର ଏକ ମନ୍ଦିର। ମନ୍ଦିର ଭିତରେ ସେଭଳ କଥା କହିବା ନିଷେଧ। ତେଣୁ ତୁମକୁ ଯଦି କିଛି କରିବାର ଅଛି ତାହେଲେ ଏଠାରୁ ବିଦାୟ ନେଇ ଅନ୍ୟ କୋଉଠି କରିବ ଯାଅ।

କୌଶଲ୍ୟା-ଶୁଣ ତୁମେ ଏତେ ରାଗି ଯାଆନା| ସବୁ ଠିକ ହୋଇଯିବ। ଦେଖ କୈକେୟୀ ରମଣ ଯଦି ମୋ ପୁଅ ହୋଇ ଥାନ୍ତା ତୋତେ ଦଣ୍ଡେ ନଦେଖିଲେ ପାଗଳ ପରି ହେଉଥାନ୍ତା କାହିଁକି? ମାନୁଛି ମୁଁ ତାର ଜନ୍ମକଲ୍ ମା' ଦେବକୀ ହେଲେ ତୁ ତ ଯଶୋଦା ପରି ତାକୁ ଏତେ ସ୍ନେହ ଆଦର ଦେଇଛୁ ଯେ ସେ ମୋତେ ଭୁଲି ଯାଇପାରେ କିନ୍ତୁ ତୋତେ ଭୁଲିବ ନାହିଁ। ବେଳେ ବେଳେ ମନରେ ଅସମ୍ଭବ ଜୁଆର ଉଠେ। ସେ ଜୁଆରକୁ ନଷ୍ଟ କରିବାକୁ ହେଲେ ମନକୁ ଅକ୍ତିଆର କରିବାକୁ ହୁଏ। ପଛରେ ପଡିଥିବା ଅଳଆ ସମ୍ଭାକୁ ଆଣିଲେ କେବଳ ଦୁର୍ଗନ୍ଧ ହୁଏ କୈକେୟୀ ତାଛଡା ଅନେକ ପ୍ରକାର ରୋଗ ବି ଜନ୍ମେ। ଯା ତାଙ୍କଠୁ କ୍ଷମା ମାଗି ଜଣେଇଦେ ଆଉ ଯେମିତି ଭୁଲରେ ଏମିତି କରିବୁ ନାହିଁ।

କୈକେୟୀ- ସତରେ ଅପା ମୋର ବଡ଼ ଭୁଲ ହୋଇଛି। ମୁଁ ନିଜ ସ୍ୱାର୍ଥରେ ଅନ୍ଧ ହୋଇ ଆଜି ତାଙ୍କୁ କଣ ନାଇଁ କଣ କହିଦେଲି| (ଦଶରଥଙ୍କ ନିକଟକୁ ଯାଇ) ପ୍ଲିଜ ମୋତେ କ୍ଷମା କରିଦିଅ। ଆଉ କେବେ ଏମିତି ଭୁଲ କରିବିନି।

ଦଶ - ଓକେ କ୍ଷମା କଲି। ଫରଦର ଯେମିତି ପିଲାମାନଙ୍କୁ ନେଇ ଏଭଳି ଅହେତୁକ ଡିସିସନ ନେବାକୁ ମନ ନବଳାଅ।

କୈକେୟୀ- ମୁଁ ଜାଣେନି ଭବିଷ୍ୟତରେ ମୋ ପିଲା କେମିତି ହେବ| ତେବେ ମୁଁ କଥା ଦେଉଛି ନିଜକୁ ସୁଧାରିବାକୁ ପ୍ରୟାସ କରିବି।

(ମଞ୍ଚ ଅନ୍ଧାର)

କ୍ରମଶଃ.........

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

# ଖେଳନାର କଣ୍ଢେଇ



ଅଲେଖ ମେହେର

ମୋ ହୃଦୟର  ସୋମନାଥ ମନ୍ଦିରକୁ
ବାରମ୍ବାର  ଧ୍ୱଂସ  କରି
ସୁଖ ଶାନ୍ତିର ଧନ ଟିକକ
ଗଜନୀକୁ ବୋହିନେଲ୍ ପରେ
ଶିବରୁ ଶବ ପାଲଟିଛି
ଚରଦିନ ପାଇଁ ।
ତୁମକୁ ନ ଜାଣି ନୁହେଁ
ମୋର ପ୍ରତିଟି ଶ୍ୱାସ ପ୍ରଶ୍ୱାସରେ
ଉପଲବ୍ଧି କରି ସାରିଛି
ସେ ମିଠା  ମିଠା ବଚର
କାଳକୁଟ   ଗରଳକୁ ।
ମୋର ମନର ଉର୍ବର ଗାଙ୍ଗେୟ ଉପତ୍ୟକା
ହଠାତ୍ ପାଲଟି ଯାଇଛି
ବିଶାଳ ସାହାର୍ ମରୁଭୂମି
ମୃଗତୃଷ୍ଣାରେ ଗ୍ଭଲିଛି ଦଉଡା
ଟୋପାଏ ପୟଃ ର ଆଶାନେଇ ।
ବିଶାଳ ଅର୍ଣ୍ଣବ ସମ୍ମୁଖରେ
ହେଲେ ଚର ପିଆସି ମୁଁ
ହୃଦୟ ଗୁହାରେ ଝରେ
ଟପ୍  ଟପ୍  ତାଜା ଲହୁ
ବିଚହୋନ୍ନ ଦହେ  ଆପାଦମସ୍ତକ
ସମସ୍ତଙ୍କର  ଅଜାଣତରେ

ତଥାପି ତୁମେ ଖୁବ୍ ଭଲ
ତମରେ ଜନମ ଲଭି
ତମରେ ମରିଯିବି ସିନା
ଦିବାକର କବା ଦୀପର
ଦର୍ଶନ ମୋ ପାଇଁ ସାତ ସପନ ।
କୁସୁମାକରରେ ସୁନ୍ଦରୀ କୁସୁମର
ଆଶ୍ଳେଷ ଦେଇ
ନୀଶିଥରେ ଗଳା କାଟିବାରେ
ବେଶ ପ୍ରବିଣ ତୁମେ
ସତରେ, ମୁଁ ତୁମ ପାଇଁ ଏକ
ଖେଳନାର କଣ୍ଢେଇ ।

ସୋହେଲ୍, ବରଗଡ

# ଗୁରୁଙ୍କ ପାଇଁ ପଦେ



ନନ୍ଦିନୀ ରାଉତ

ଆହେ ଗୁରୁ ତୁମ ପାଦେ
କୋଟି ପ୍ରଣିପାତ
ଜଗତ କୁ ତୁମେ ସଦା
କରିଛ ପବିତ୍ର... 1

ସ୍ଥାବର ଜଙ୍ଗମ କୀଟ
ଆଉ ତରୁତୃଣ
ତୁମ ଶିକ୍ଷା ଦାନ ବଳେ
ହୋଇଲେ ମହାନ... 2

ମାଟିର ମଣିଷ ପାଇଁ
ହୋଇ ଦିବ୍ୟ ରୂପ
ଜ୍ଞାନ ତୈଳ ଭରିଦେଇ
ଦେଇଛ ସ୍ୱରୂପ... 3

ବିଦ୍ୟା ଦାନେ ବ୍ରତୀ ହୋଇ
ଦିବ୍ୟ ଗୁଣ ଦେଲ
ସାଧକ ହୋଇ ସାଧନା
ବହୁତ ଯେ କଲ... 4

ଦେଶ ସେବା ମାତୃସେବା
କରିବାର ପାଇଁ
ତୁମ୍ଭ ର ପ୍ରଚେଷ୍ଟା କେବେ
ବ୍ୟର୍ଥ ଯିବ ନାହିଁ... 5

ଗଢ଼ିଅଛ କେତେ ରୂପେ
କେତେ ଯେ ମଣିଷ
ତୁମ୍ଭ ଶିଷ୍ୟଗଣ ଏହି
ଦେଶ ର ଭବିଷ୍ୟ.... 6

କର୍ମ ମୟ ଜୀବନ ଯେ
ପରୋପକାରୀ ତା
ପରମ ପାବନ ଗୁରୁ
ତୁମ୍ଭେ ଜ୍ଞାନ ଦାତା... 7

ବାଲିପଟ୍ଟା, ଅନୁଗୁଳ

# ସମୟର ଚକା ଭଉଁରୀ

ପ୍ରଶାନ୍ତ କୁମାର ପାଢ଼ୀ

ସମୟର ସେହି ଚକା ଭଉଁରୀ ରେ.....
ସବୁ ଯାଇଛି କଛି ବଦଳ
ସ୍ମୃତି ସିନା କାନ୍ଦେ ଗୁମୁରି ଗୁମୁରି
ମରି ବି ପାରେନା, ବଂଚ ବି ପାରେନା
ବଡ ଅଦ୍ଭୁତ ସମୟର ଚକା ଭଉଁରୀ... ।
ଅଦିନ ଝଡରେ ଭାଙ୍ଗି ବି ଯଇଛି
ବିଶ୍ୱାସ ର ସେହି ନଡ
ହଜି ଯାଇଛି ଭରସା ର ସେହି ଠିକଣା
ଏକ ଦରଦୀ ମନକୁ, ତାର କରୁଣ କାହାଣୀ
କରୁଛି ବି ପ୍ରତାରଣା ।
ଭଗ୍ନ ମନର, ସେହି ଅକୁହା କଥାଟା
ପାରୁନାହିଁ କେବେ ପାସୋରି
ବିସ୍ମୟ ହେଲେ ବି, ଚେତାଇ ଦେଉଛି
ସମୟ ର ସେହି ଚକା ଭଉଁରୀ...... ।

ଶିକ୍ଷକ, କାକୁଡିକୁଦ, ଯାଜପୁର

# ବୃକ୍ଷ, ଜଙ୍ଗଲ ଓ ସଭ୍ୟତା



ବାସନ୍ତୀ ଲତା ଜେନା

ବୃକ୍ଷ, ଜଙ୍ଗଲ ଓ ସଭ୍ୟତା ପରସ୍ପର ପରିପୂରକ ।ଗୋଟିକକୁ ଛାଡି ଅନ୍ୟଟିର ସ୍ଥିତି ଅସମ୍ଭବ ।କେଉଁ ଆବାହନ କାଳରୁ କୁହାଯାଉଥିଲା ଜଳ ହିଁ ଜୀବନ ।ଆଜି କିନ୍ତୁ କୁହାଯାଉଛି ବୃକ୍ଷ ହିଁ ଜୀବନ ।ଏହା ବାସ୍ତବରେ ସତ କଥା ।ବୃକ୍ଷ ବଞ୍ଚିଲେ ମଣିଷ ବଞ୍ଚିବ ।ବୃକ୍ଷ ନ ଥିଲେ ପ୍ରାଣୀ ମୁହୂର୍ତ୍ତେ ବଞ୍ଚି ପାରିବ ନାହିଁ।ବାୟୁରେ ଥିବା ଅମ୍ଳଜାନ ଗ୍ୟାସକୁ ଆମେ ପ୍ରଶ୍ୱାସରେ ନେଇ ଥାଉ ଏବଂ ଅଙ୍ଗାରକାମ୍ଳ ତ୍ୟାଗ କରି ଥାଉଁ । ଅଙ୍ଗାରକାମ୍ଳ ଗ୍ୟାସକୁ ବୃକ୍ଷର ପତ୍ର ସୂର୍ଯ୍ୟାଲୋକରେ ସଂଶ୍ଳେଷଣ ପ୍ରକ୍ରିୟାରେ ଖାଦ୍ୟ ପ୍ରସ୍ତୁତ କରେ ଓ ପ୍ରଚୁର ପରିମାଣରେ ଅମ୍ଳଜାନ ବାୟୁ ମଣ୍ଡଳକୁ ଛାଡି ଥାଏ ।ସେହି ଅମ୍ଳଜାନକୁ ଗ୍ରହଣ କରି ଆମେ ବଞ୍ଚୁ ।

ବୃକ୍ଷ ପ୍ରାଣୀ ଜଗତରେ ବହୁ ବିଦ୍ଧ ଉପକାର କରି ଥାଏ।ବୃକ୍ଷ ଆମ୍ଭ ମାନଙ୍କୁ ପତ୍ର, ଫୁଲ, ଫଳ ଓ ଛାୟା ପ୍ରଦାନ କରେ ।ଆମ ପରିବେଶକୁ ରୌଦ୍ର ତାପରୁ ଶୀତଳ ରଖେ ।ତାର ଶୁଖିଲା ପତ୍ର ଓ ଶୁଷ୍କ କାଠକୁ ମାନବ ଜାଳେଣି ରୂପେ ବ୍ୟବହାର କରେ। ଘର କରିବା ପାଇଁ କାଠ ଯୋଗାଏ। ଗୃହ ଉପକରଣ ପାଇଁ କାଠ ଦେଇ ଥାଏ ।କେତେକ ଔଷଧୀୟ ବୃକ୍ଷ ଥାଏ । ତାର ଚେର, ପତ୍ର, ଫୁଲ, ଫଳରୁ ଔଷଧ ତିଆରି ହୁଏ ।ମନୁଷ୍ୟର ରୋଗ ପ୍ରତିକାରର ସାହାଯ୍ୟ କରେ ।

ଉତ୍କଳର ବଣ ଜଙ୍ଗଲ ଓ ବନ୍ୟ ସମ୍ପଦ ବିଶ୍ୱ ବିଦିତ । ଓଡ଼ିଶାର ଦୁଇ ତୃତୀୟାଂଶ ଭୂଖଣ୍ଡ ଗିରି ପର୍ବତ ଘନ ଜଙ୍ଗଲରେ ପରି ପୂର୍ଣ୍ଣ ଓ ଉଚ୍ଚ ମାଳଭୂମି ଦ୍ୱାରା ଆବୃତ ।ସଂରକ୍ଷିତ ଜଙ୍ଗଲ ଗୁଡିକ ସରକାରଙ୍କର ପୂର୍ଣ୍ଣ ତତ୍ତ୍ୱାବଧାନରେ ରହି ଥାଏ ।ସର୍ବ ସାଧାରଣ ପ୍ରବେଶ ନିଷେଧ ଥାଏ ।କେବଳ ସରକାରୀ କାର୍ଯ୍ୟରେ ଏହି ଜଙ୍ଗଲ ବ୍ୟବହାର କରାଯାଇ ପାରେ । ବଣ ଜଙ୍ଗଲ ନିଘଞ୍ଚ ଭାବରେ ରହି ମେଘକୁ ଆକର୍ଷଣ କରେ ।ଜଙ୍ଗଲ ଥିବା ଯୋଗୁଁ ପ୍ରଚୁର ବର୍ଷା ହୁଏ।ଗଛର ଚେର ଛନ୍ଦା ଛନ୍ଦି ହୋଇ ଥିବାରୁ ମୃତ୍ତିକା କ୍ଷୟ ହୁଏ ନାହିଁ।ଗଛରୁ ଖସି

ପଡୁ ଥିବା ପତ୍ର ଦ୍ୱାରା ମାଟି ଉର୍ବର ହୁଏ । ଜଙ୍ଗଲ ପଶୁ ପକ୍ଷୀ ମାନଙ୍କର ବାସ ସ୍ଥାନ ହୋଇ ଥାଏ । ପକ୍ଷୀର କଳରବରେ ବନ ଭୂମି ମୁଖରୀର ହୋଇ ଉଠେ । କେଉଁ ଠାରେ ଗିରି ନର୍ଝରିଣୀର କଳକଳ ଧ୍ୱନରେ ବନ ଭୂମି ସଂଗୀତମୟ ହୋଇ ଉଠେ । ଜଙ୍ଗଲର ସବୁଜ ଶୋଭା ଦ୍ୱାରା ମାନବକୁ ଆନନ୍ଦ ପ୍ରଦାନ କରେ । ଜଙ୍ଗଲରୁ ବହୁ ମୂଲ୍ୟବାନ ଓ ଦରକାରୀ ଦ୍ରବ୍ୟ ମିଳ ଥାଏ । ଯଥା : ମୂଲ୍ୟବାନ କାଠ, ଶାଳ, ପିଆଶାଳ, ଶାଗୁଆନ, ଚନ୍ଦନ କାଠ, ଜାଳେଣି କାଠ, ମହୁ ଲାଖ, ଝୁଣା, କେନ୍ଦୁପତ୍ର, ଔଷଧ ବୃକ୍ଷ, ବେତ, ବାଉଁଶ, ସିମୁଳ ତୂଳା, ସବାଇ ଘାସ, ହାଡ଼, ଚମଡା, ସିଙ୍ଗ, ହାତୀ ଦାନ୍ତ, ସୁନାରି ଛେଲି ଇତ୍ୟାଦି ଆମେ ଜଙ୍ଗଲରୁ ପାଇ ଥାଉଁ । ବୃକ୍ଷ ମାନଙ୍କର ସମଷ୍ଟି ରେ ଜଙ୍ଗଲ ମାନବ ସଭ୍ୟତାର ବଡ଼ ଉପକାର ହେଉଛି ପାରିପାର୍ଶିକ ପ୍ରଦୂଷଣ ବିନାଶ କରେ । ପରିବେଷ୍ଟନୀକୁ ବିଶୁଦ୍ଧ ରଖେ । ମନୁଷ୍ୟର ଆୟୁ ବୃଦ୍ଧି କରେ । ତେଣୁ ଜଙ୍ଗଲ ସୁରକ୍ଷା ଏକାନ୍ତ ଆବଶ୍ୟକ । ବଣ ଜଙ୍ଗଲ ମନୁଷ୍ୟ ସଭ୍ୟତା ଉପରେ ଗଭୀର ପ୍ରଭାବ ପକାଇ ଥାଏ ।

ଆଜିର ଦିନରେ ଦେଖା ଯାଉଛି ଯେ ମଣିଷ ପ୍ରଗତି ନାମରେ ବଣ ଜଙ୍ଗଲ ସଫା କରି ଶୀଳ୍ପ କାରଖାନା ପ୍ରତିଷ୍ଠା କରୁଛି । ଜଙ୍ଗଲ ନଷ୍ଟ କରି ପକ୍କା ରାସ୍ତା ତିଆରି କରୁଛି । ଏହା ଦ୍ୱାରା ତାପ ବାୟୁ ମଣ୍ଡଳରେ ବଢୁଛି । ଗ୍ରୀଷ୍ମ ଋତୁରେ ମଣିଷ ଅସହ୍ୟ ଯନ୍ତ୍ରଣାରେ ଛଟ ପଟ ହେଉଛି । ବର୍ଷା କମି ଯାଉଛି । ମରୁଡି ପଡୁଛି । ଖାଦ୍ୟ ପାନୀୟ ପାଇଁ ଲୋକେ ଡହଳ ବିକଳ ହେଉଛନ୍ତି । ତେଣୁ ମାନବ ସମାଜ ଓ ସଭ୍ୟତା ବଞ୍ଚି ରହିବା ପାଇଁ ବୃକ୍ଷ ରୋପଣ କରିବା ଏକାନ୍ତ ଆବଶ୍ୟକ । ଘର ବାଡ଼ି ବଗିଚାରେ ହେଉ ବା ଖୋଲା ପ୍ରାନ୍ତରେ ଗଛ ଲଗାଇ ନୂତନ ଜଙ୍ଗଲ ସୃଷ୍ଟି କରିବା ଆବଶ୍ୟକ । ଗଛ ଲଗାଇ ତାର ରକ୍ଷଣାବେକ୍ଷଣ କରିବା ଦରକାର । ଚାରା ବୃକ୍ଷ ଗଛ ଲଗାଇବା ପାଇଁ ଉପଯୁକ୍ତ ସମୟ ହେଉଛି ବର୍ଷା ଦିନ । ଜଙ୍ଗଲ ଗୁଡିକର ଉନ୍ନତି ନମିତ୍ତ ସରକାରଙ୍କ ଉଦ୍ୟମରେ ଦେଶରେ ୧୯୫୦ ମସିହା ଠାରୁ ପ୍ରତ୍ୟେକ ବର୍ଷ ବନମହୋତ୍ସବ ପାଳନ ହୋଇ ଆସୁଅଛି । ଏହିକାର୍ଯ୍ୟ ପାଇଁ ଲୋକ ମାନଙ୍କ ମନରେ ଉତ୍ସାହ, ଉଦ୍ଦୀପନା ସୃଷ୍ଟି କରାଯାଉଛି । ଜନସାଧାରଣଙ୍କର ସହଯୋଗ ବିଭାଗୀୟ କର୍ମଚାରୀ ମାନଙ୍କର ତତ୍ପରତା ଏବଂ ସରକାରଙ୍କର ଆଗ୍ରହ ରହିଲେ ନୂତନ ଜଙ୍ଗଲ ସୃଷ୍ଟି ହୋଇ ପାରିବ ଏବଂ ବନ୍ୟ ସମ୍ପଦର ଅଭିବୃଦ୍ଧି ହୋଇ ପାରିବ । ମାନବ ସଭ୍ୟତା ସୁସ୍ଥ, ସୁନ୍ଦର ଓ ଜୀବନ ନିରୋଗ ହୋଇ ପାରିବ । ନିରୋଗ ଜୀବନ ସୁଖ ଶାନ୍ତିର ଜୀବନ ।

ଗାନ୍ଧୀନଗର, ନବରଙ୍ଗପୁର

# ରୋଗ ବୈରାଗ



ଲକ୍ଷ୍ମୀପ୍ରିୟା ମାଇତି

ବୟସ ଖସିଛି
ଏବେ ଆସିବେନି
ପ୍ରେମ ସ୍ନେହ ଅନୁରାଗ ମାନେ ।
ଜାଣିନାକି
ସେମାନେ ପର ଭିଡ଼
ଜମେଇ ଦେଲେଣି
ଦେହ ମନ ପ୍ରାଣ ସାରା ।
ଖେଦେଇ ନେଲେଣି କ୍ଷୁଧା
ହଜେଇ ଦେଲେଣି ନିଦ
ଖୋଦେଇଲେଣି ମାଂସ
ଶୋଷି ପକୋଉଛନ୍ତି ରକ୍ତ ।
ଆଉ ଲାଜ ନାହିଁ
ଲୁଗାଟିଏ ଏପଟ ସେପଟ ହେଲେ ।
ଲୋଡା ନାହିଁ
ଶୋଇବାକୁ ସୁନ୍ଦର ଶେଯ ।

ଫୁଲ ନାହିଁ ଲୋଡ଼ା
କମ୍ବା ଦାମୀ ଦାମୀ ଉପହାର
କେବଳ ସାହାରା
ବାଡି ଖଣ୍ଡିଟିଏ
ପାରିବ ଯଦି କଏ ଦିଅ
ମୋତେ ସେଇ ଉପହାର
ରାତି ପାହିଲେ ଶୁଭ ସକାଳ
ଓ ସଞ୍ଜ ଘୁଞ୍ଚିଗଲେ ଶୁଭ ରାତ୍ରୀଟିଏ କରି
ମୁଁ ଚାଲିବି ସେତେ ଦିନ ଯାଏଁ
ଯେତେ ଦିନ ସେଇ ବାଡି କେଇଟା
ହେଇଯିବ ମୋର କୋକେଇ ।

ଏରସମା, ଜଗତସିଂହପୁର

# ଧାରାବାହିକ କାହାଣୀ

# "କୁସୁମ"



ବିଜୟ କୁମାର ପଣ୍ଡା

## ଦ୍ୱିତୀୟ ଭାଗ (୨)

【 *ଏହା "କୁସୁମ" ଧାରାବାହିକ କାହାଣୀର ଦ୍ୱିତୀୟ ଅଧ୍ୟାୟ। ଧାରାବାହିକ କାହାଣୀକୁ ସମ୍ପୂର୍ଣ୍ଣ ବୁଝିବା ପାଇଁ ଏହାର ପୂର୍ବ ଏବଂ ପରବର୍ତ୍ତୀ ଭାଗ ସବୁ ପଢ଼ି ଆପଣଙ୍କ ଗଠନମୂଳକ ସୁଚନ୍ତିତ ପାଠକୀୟ ମତାମତ ନିଶ୍ଚୟ ଦେବାକୁ ବିନୀତ ଅନୁରୋଧ । 】

ପୂର୍ବ ଭାଗରେ ପଢ଼ିଥିଲେ..

【 କୁସୁମର ବାପା କିଏ ସେକଥା ତା ମା' ଠୁଁ କେତେ ଚେଷ୍ଟା କରିବି ଜାଣି ପାରିନି। ବହୁ କଷ୍ଟରେ ମା ତାକୁ ବଢ଼େଇଥିଲା। ତାକୁ ମଣିଷ କଲା। ତା ପାଇଁ ଅନେକ ସ୍ୱପ୍ନ ଦେଖିଥିଲା ହେଲେ ସମୟ ସବୁକିଛି ଛଡ଼େଇ ନେଲା।

ତା ମା' ତା ପାଇଁ ବହୁତ ଲଢ଼ିଲା କିନ୍ତୁ ଶେଷରେ ସେମାନେ ତାକୁ ଜୀବନରୁ ମାରିଦେଲେ। ତା ମା'ର ହତ୍ୟାକାରୀଙ୍କୁ ସେ ଜାଣିବାକୁ ଚେଷ୍ଟା କରିଛି କିନ୍ତୁ ବିଫଳ ହୋଇଛି। ଦିନେ ମେଧାବୀ ଛାତ୍ରୀ ହିସାବରେ ଆଖପାଖ ଅଞ୍ଚଳରେ ଖ୍ୟାତି ଅର୍ଜିଥିଲା ହେଲେ ଆଜି ସମୟ ତାକୁ ଅନ୍ୟଘରେ ଘରକରଣୀ ସଜେଇ ଦେଇଛି କିନ୍ତୁ ସେ ହାରିବନି ବୋଲି ମନକୁ ଦୃଢ଼ କରିଛି। ତା ଡାଏରିରେ ଲେଖିଛି ତାର ମନର କଥା। 】

ତାପରେ ପଢ଼ନ୍ତୁ କାହାଣିର ପରବର୍ତ୍ତୀ ଅଂଶ ଏହି ଦ୍ୱିତୀୟ ଭାଗରେ।

*****************

ଦ୍ୱିତୀୟ ଭାଗ (୨) :

****************

ରାତି ଅଧିକ ହେଲାଣି। ବାହାରେ ନଶା ଗରଜୁଛି । ହେଲେ କୁସମକୁ ନିଦ ନାହିଁ। ଡାଏରିଟା ଧରି କୁସୁମ ଲେଖିବାକୁ ଇଛା କଲା।

:" ସେ ନୂଆ ଏସ୍.ଆଇ. ବାବୁ..ବହୁତ ଭଲ ଲୋକ ଜଣେ। କେଜାଣି କାହିଁକି ବହୁତ ଆପଣାର ଲାଗୁଥିଲେ।"

ଦୁଇ ଧାଡ଼ି ଲେଖିଛି କି ନାହିଁ ମାଲିକଆଣିଙ୍କ ପାଟି ଶୁଣାଗଲା।

:"କାଲେ ଆହୁରି ଶୋଇନୁ କଣ ଯେ? ସକାଳୁ ଉଠି କାମ ସବୁ ସାରି କୁନ କଲେଜ୍ ଯିବା ପୂର୍ବରୁ ତା ପାଇଁ ଟିଫିନ୍ ବି ରେଡ଼ି କରିବାର ଅଛି, ବାବୁଙ୍କ ପାଇଁ ବି ଟିଫିନ୍ ରେଡ଼ି କରିବାର ଅଛି। କଣ ଭୁଲିଯାଉଛୁ କି ? ଆଇ.ଏ.ଏସ୍, ଓ.ଏ.ଏସ୍ ପରୀକ୍ଷା ଦେଲା ଭଳି ଡାଏରି ଖୋଲି ବସିପଡ଼ିଲା ମହାରାଣୀ । ଲାଇଟ ବନ୍ଦ କରି ଜଲ୍ଦି ଶୋଇପଡ଼େ।" ମାଲିକଆଣି ପାଟି କରି ଭିତରକୁ ଗଲେ।

ଗରିବକୁ ସ୍ୱପ୍ନ ଦେଖିବା ମନା। ନିଜ ମନଲାଖି କାମ କରିବା ବି ମନା !! ଡାଏରି ବନ୍ଦ କରି, ଲାଇଟ ବନ୍ଦ କରି ଶୋଇବାକୁ ବିଛଣାରେ ପଡ଼ିରହିଲା କୁସୁମ।

ଆଖିକୁ ନିଦ ନାହିଁ।

ସାରା ରାତି ପଡ଼ିଛି ହେଲେ ସ୍ୱପ୍ନ ସବୁ ଆଉ ଧରା ଦେଉ ନାହାନ୍ତି। ତା ପାଇଁ ସବୁ ପର ହୋଇ ଗଲେଣି କେବେଠୁଁ।

ମାଲିକଆଣିଙ୍କ କଥାଟା ତା ମନକୁ ଦୋହଲେଇ ଦେଲା।

:"ସତରେ ଆଇ.ଏ.ଏସ୍ କି ଓ.ଏ.ଏସ୍ ଭଳି ପରୀକ୍ଷା ସେ ଦେବାକୁ ସେ କଣ ଯୋଗ୍ୟ !! ସେ ବିଏ ପାସ୍ କରିଛି। ପଢୁଥିଲା ବେଳେ ସେ ଜାଣିଥିଲା କି ଗ୍ରାଜୁଏଟ ପିଲାମାନେ ସିଭିଲ ସର୍ଭିସ୍ ପାଇଁ ଯୋଗ୍ୟ। ଏବେବି ସେଇଆ ନିୟମ ଥିବ ତ !! ନା କିଛି ବଦଳ ଗଲାଣି !!

କାହାକୁ ପଗ୍ଚରିବ ସେ ? ଏଠିତ ଗ୍ଚକରଣୀଟିଏ ସେ..ତା କଥା କଏ ଶୁଣିବ ଯେ ?" ମନେ ମନେ ଚନ୍ତା କଲ୍ କୁସୁମ।

:"ମୋର ଏ ପୋଡ଼ା ମୁହଁକୁ ଦେଖି ଏ ଦୁନଆରେ ସବୁ ଲେ଼କ ମୁହଁ ଫେର୍ଇ ନଅନ୍ତି। ବାହାରକୁ ଯିବା ମୋ ପାଇଁ କାଠିକର। ଏସବୁ ଭିତରେ ମୁଁ ପୁଣି ଆଇ.ଏ ଏସ୍, ଓ.ଏ.ଏସ୍ ପରୀକ୍ଷା ଦେବି। ତା ଛଡ଼ା ସବୁ ସାର୍ଟିଫିକେଟ ତ ପୋଡ଼ିଗଲ୍। ଏବେ କଣ ପ୍ରମାଣ ଅଛି ଯେ ମୁଁ ଗ୍ରାଜୁଏଟ ବୋଲି ? ନାହିଁ ଏ ସିଭିଲ ସର୍ଭିସ୍ ମୋ ପାଇଁ ସମ୍ଭବ ନୁହେଁ।" ମନ ଉଣା କରୁଥିଲ୍ କୁସୁମ।

ଭ୍ବିଲ୍ "ବାବୁ ତ ଭଲ ଲେ଼କ ଭଳ ଜଣା ପଡୁଛନ୍ତି, ତାଙ୍କୁ ପଗ୍ଚରି ପାରିବ। ଯଦି କଛି ସୂଚନା ମିଳେ। ହେଲେ ଗ୍ଚକରଣୀ ହେଇ ଏସବୁ ପରୀକ୍ଷା ପଢ଼ ପାଇଁ କଣ ମାଳକଆଣି ମୋତେ ଅନୁମତି ଦେବେ ?" ନାହିଁ ଏସବୁ ସମ୍ଭବ ନୁହେଁ ବୋଲି ମନ କହୁଥିଲ୍ ତାର। ମନ ମାରି ବସିଲ୍।

ଏହା ଭିତରେ ନଦ ଲ୍ଗିଯାଇଛି ତା'ର। ସୁନ୍ଦର ସ୍ୱପ୍ନଟିଏ। ତା ମା କୁ ଦେଖୁଛି ସ୍ୱପ୍ନରେ। ମା ଆସି ତା' ପାଖରେ ବସିଛି। ମୁଣ୍ଡ ଆଉଁସି ଦେଉଛି। ଗେହ୍ଲ କରୁଛି। କାନ୍ଦି କାନ୍ଦି କଣ ସବୁ କହୁଛି। ହେଲେ, କଣ ଯେ କହୁଛି ଠିକ୍ ଭ୍ବେ ବୁଝି ପାରୁନ। ସବୁ ଝାପ୍ସା ଝାପ୍ସା ଶୁଣାଯାଉଛି।

(କ୍ରମଶଃ..)

ସମ୍ପାଦକ -କନକପ୍ରଭ୍, ସବଙ୍ଗ, ସିମୁଳଆ, ବାଲେଶ୍ୱର
ଯୋଗାଯୋଗ: 9739591816

# ମୋଟେ ବୁଝିହୁଏ ନାହିଁ



ଶିଶିର କୁମାର ପଣ୍ଡା

ପୁଅ ଯଦି କରେ ବୋହୂ ପାଇଁ କଛି
ସିଏ ମାଇଚଆ ହୁଣ୍ଡା
ଜୋଇଁ କରୁଥିଲେ ଝିଅ ପାଇଁ ଜାଣ
ଗୋଟାପଣେ ସୁନା ମୁଣ୍ଡା ।
ପୁଅ ଯଦି କେବେ ବୋହୂ ସେବା କରେ
ଖରାପ ହୋଇଲେ ଶରୀ
କେତେକଥା ଉଠେ ଶୁଣି ହେବନାହିଁ
ସେଇ କଥାଟିକୁ ଧରି ।
ଜୋଇଁ ଯଦି କାଚେ ଝିଅ ଲୁଗାପଟା
କୋଟିରେ ଗୋଟିଏ ସିଏ
ପୁଅ ଯଦି ଧୁଏ ବୋହୂର ବସନ
ନହାତି ବେହିଆ ଟିଏ ।
ଝିଅପଛେ ଆସି ବାପ ଘରଟାରେ
ପଡ଼ିଥାଉ ମାସ ମାସ
ବୋହୂ ଯଦି ନିଜ ବାପଘର ଗଲା
ଶାଶୂର ଅଟକେ ଶ୍ୱାସ ।
କାହିଁକି ଏମିତି ଭାବନା ଆମର
ମୋଟେ ବୁଝିହୁଏ ନାହିଁ
ଯେମିତିକା ଆମେ କରମ କରିବା
ଫଳ ଥୁଆ ଆମ ପାଇଁ ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:~୮୯୮୧୭୩୭୨୨୮

# ମୋ ଛୋଟଘର



ପ୍ରକାଶ ଚନ୍ଦ୍ର ପଣ୍ଡା

ଏମିତି ଏକ ଦେଶ ମୋହର
ଯେଉଁଠି ଅଛି ମୋ ଛୋଟ ଘର
ସ୍ନେହ ଶ୍ରଦ୍ଧାର ଏହି ମନ୍ଦିର
ତୁଳନା ନାହିଁ ଏଠି ତାହାର
ଯେଉଁ ମନ୍ଦିରେ ପୂଜା ପାଆନ୍ତି
ମୋ ଜନ୍ମଦାତା ଅତି ପ୍ରିୟର
ତାଙ୍କରି ପାଶେ ପୂଜା ପାଆନ୍ତି
ମୋ ଜନ୍ମଦାତ୍ରୀ ମାଆ ମୋହର
ସନ୍ଧ୍ୟା ସକାଳେ କରି ପ୍ରଣାମ
ପୂଜଇ ନିତି ହୃଦୟେ ମୋର
ଏମିତି ଏକ ଦେଶ ମୋହର
ଯେଉଁଠି ଅଛି ମୋ ଛୋଟ ଘର
ତାଙ୍କରି ପାଇଁ ଜନମ ମୋର
ଚଳନ୍ତି ଦେବ ମନ୍ଦିର ମୋର
ଅମାୟିପ ତାଙ୍କ ସ୍ନେହ ଆଦର
ସତେକ ମୋ ପାଇଁ ଅମୂଲ୍ୟ ବର
ଏମିତି ଏକ ଦେଶ ମୋହର
ଯେଉଁଠି ଅଛି ମୋ ଛୋଟ ଘର
ବୈକୁଣ୍ଠ ସମାନ ମୋହରି ଘର
ସ୍ନେହ ଶ୍ରଦ୍ଧାର ଛୋଟ ମନ୍ଦିର
ସେହି ମନ୍ଦିରେ ପୂଜକ ସାଜି
ଜାଳିବି ଦିପାଳୀ ସ୍ନେହ ପ୍ରେମର
ଏମିତି ଏକ ଦେଶ ମୋହର
ଯେଉଁଠି ଅଛି ମୋ ଛୋଟ ଘର

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

# ଗରବେ କହିବା ଆମେ ସ୍ୱାଧୀନ



ଜନ୍ମଜୟ ନାୟକ

ପରାଧୀନତାର ସିକୁଳ ଛିଡିଲା
ମୁକତି ପାଇଲୁ ଆମେ,
ସ୍ୱାଧୀନତାର ମହୁ ଗୃଖ୍ ସରବେ
ଭିଜିଗଲେ ଦେଶପ୍ରେମେ।

କେତେ ଶୋଷଣ ଦୁର୍ନୀତି କଷଣ
ସହିଲେ ଆମ ଜନତା,
ଶେଷରେ ବିଦେଶୀ ଗୋରା ସରକାର
ନଇଁଲେ ତାଙ୍କରି ମଥା।

କେତେ ବୀର ପୁଣି ଶହୀଦ ହୋଇଲେ
ଦେଶପାଇଁ ଦେଲେ ପ୍ରାଣ,
ଫିରିଙ୍ଗି ଶାସକ ଦେଶ ଛାଡିଗଲେ
ଆମେ ହେଲୁ ତ ସ୍ୱାଧୀନ।

ଯାହାଙ୍କର ତ୍ୟାଗ ବଳଦାନ ପାଇଁ
ହୋଇଛେ ସ୍ୱାଧୀନ ଆଜି,
ସେମାନଙ୍କୁ ଦେବା ଭକ୍ତି ଶ୍ରଦ୍ଧାଞ୍ଜଳି
ତାଙ୍କରି ସ୍ମୃତିରେ ଭିଜି।

ଆଜିର ଜାତୀୟ ଦିବସେ ଗରବେ
କହିବା ଆମେ ସ୍ୱାଧୀନ,
ଜାତୀୟ ଧ୍ୱଜା ଉଡୁଛି ଫରଫର
କରିବା ତାକୁ ସମ୍ମାନ।

ମନେ ପଡିଗଲେ ସେ ପୁରୁଣାଦିନ
ହୃଦେ ଜାଗେ କେତେ କୋହ,
ଗାଇବା ଜାତୀୟ ସଂଗୀତ ସଭିଏଁ
ସୁର ଲୟ ତାଳ ସହ ।

ଶିକ୍ଷକ, ଚଲିକା ନୋଡାଲ ହାଇସ୍କୁଲ, ପୁରୀ

# ଉପଯୁକ୍ତ ବିଚାର



ଝରଣା ବାରିକ

ଗୋଟିଏ ଦେଶରେ ଜଣେ ରାଜା ଥିଲେ ।ସେ ରାଜାଙ୍କର ଅକାଳ ବିୟୋଗ ହେଲା ତାଙ୍କର ପୁଅ ଝିଅ କେହି ନ ଥିଲେ । ରାଜାଙ୍କର ମୃତ୍ୟୁ ଖବର ଶୁଣି ରାଣୀ ମଧ୍ୟ ମୃତ୍ୟୁ ବରଣ କଲେ। ଏହାପରେ ରାଜ୍ୟ ରେ ଭାଳେଣି ପଡ଼ିଲା । ରାଜ୍ୟ ରେ ରାଜା ନଥିଲେ ପ୍ରଜା ମାନଙ୍କୁ ଶାସନ କରିବ କିଏ ? କେତେ ଲୋକ କେତେ ପ୍ରକାର କଥା କହିଲେ । କିଏ କହିଲା ହାତୀ ମୁଣ୍ଡରେ ସୁନା କଳସୀ ରଖି ରାଜ୍ୟ ସାରା ବୁଲାଇବା ଯାହା ଉପରେ ହାତୀ ସୁନା କଳସୀ ଢାଳିବ ସେହିଁ ରାଜା ହେବ । କିଏ କହିଲା ରାଜାଙ୍କର ମୁଁ ନିଜ ଲୋକ ରାଜା ମତେ ପୁଅ ଭଳି ସ୍ନେହ କରନ୍ତି ମୁଁ ରାଜ୍ୟ ଭାର ଗ୍ରହଣ କରିବି । ଏମିତି ଅନେକ ପ୍ରକାରର କଥା ସମସ୍ତେ କହିଲେ । ଏସବୁ କଥାରେ ମହାମନ୍ତ୍ରୀ ଙ୍କର ମନ ଯମା ବୁଝିଲା ନାହିଁ। କ'ଣ କଲେ ଏ ସବୁର ସମାଧାନ ହେଇ ପାରିବ ସେ କଥା ଚିନ୍ତା କଲେ । ତାଙ୍କ ମନକୁ ଗୋଟିଏ ଉପାୟ ଆସିଲା ।

ତାପର ଦିନ ରାଜ୍ୟ ସାରା ଢେଙ୍ଗୁରା ଦିଆଗଲା ଯୋଉ ମାନେ ରାଜା ହେବାପାଇଁ ଇଚ୍ଛୁକ ସେମାନେ କାଲି ରାଜ ସଭାରେ ଆସି ଯୋଗ ଦେବେ । ବହୁତ ଲୋକ ଆସି ରାଜ ସଭାରେ ଯୋଗଦେଇଥିଲେ । ମହାମନ୍ତ୍ରୀ କହିଲେ ଏଇ ପାଖରେ ଗୋଟିଏ ସୁନ୍ଦର ଗୋଲାପ ଫୁଲ ର ବଗିଚା ଟିଏ ଅଛି । ସେହି ବଗିଚା ରୁ ଯିଏ ଯେତେ ଅଧିକ ଫୁଲ ଆଣି ପାରିବ ସେହି ରାଜା ହେବ । ଠିକ ସମୟ ରେ ସମସ୍ତ ଙ୍କୁ ବଗିଚା କୁ ଛଡ଼ା ଗଲା । ଫୁଲ ତୋଳିବାରେ ସମସ୍ତେ ଲାଗି ପଡ଼ିଲେ । ଗୋଲାପ ଗଛର କଣ୍ଟା ଯୋଗୁଁ ଫୁଲ ତୋଳିବା କଷ୍ଟ ହେଉଥାଏ ।ଅସ୍ତ୍ର ସାହାଯ୍ୟରେ ଗଛର ଡାଳ ଗୁଡ଼ିକ କାଟିବାକୁ ଲାଗିଲେ । ମହାମନ୍ତ୍ରୀ ଦୂରରେ ଥାଇ ଏ ସବୁ ଦେଖୁଥିଲେ । ତାଙ୍କ ନଜର ପଡ଼ିଲା ଜଣେ ଲୋକ ଉପରେ ଫୁଲ ତୋଳିବା ବଦଳର ଆଉଁସି

ଦେଉଛନ୍ତି । ବେଳେବେଳେ ଖୁସି ହୋଇ ଗେଲ ବି କରୁଥାନ୍ତି । ସମୟ ଶେଷ ହେବାପରେ ସମସ୍ତେ ଫେରିଲେ । କଏ କେତେ ଫୁଲ ଆଣି ଥିଲେ । କନ୍ତୁ କାହାର ଫୁଲ ଭଲ ନଥିଲା କାହାର ପାଖୁଡ଼ା ନାହିଁ ତ କାହାର ଡେମ୍ଫ ନାହିଁ । ଆଉ ଜଣେ କଛି ବି ଆଣି ନାହିଁ । ତୁମ ଫୁଲ କାହିଁ ପଗ୍ଚରିବାରୁ ଲୋକଟି କହିଲା ସେ ଫୁଲ କୁ ମୁଁ ତୋଳ ପାରିଲି ନାହିଁ । କାରଣ ସେହି ଫୁଲ ଭିତରେ ଗୋଟିଏ କଅଁଳ ଶିଶୁ ର ମୁହଁ ଫୁଟି ଉଠୁଥିଲା । ସେଥିପାଇଁ ମୁଁ କଛି ବି ଫୁଲ ତୋଳ ପାରିଲି ନାହିଁ। ମୋତେ ଆପଣ କ୍ଷମା କରନ୍ତୁ । ମୁଁ ରାଜା ହେବାକୁ ଗ୍ଚହେଁ ନାହିଁ। ଏହା କହି ଲୋକଟି ଯିବାକୁ ବାହାରିବାରୁ ମହାମନ୍ତ୍ରୀ ଅଟକାଇଲେ ଓ କହିଲେ ଯିଏ ପ୍ରକୃତିକୁ ନଜର ଝିଅ ପରି ସମ୍ମାନ ଦିଏ ତାହା ଠାରୁ ଭଲ ମଣିଷ ବୋଧହୁଏ କେହି ନାହାନ୍ତି। ତେଣୁ ରାଜା ହେବାକୁ ତୁମେ ହିଁ ଯୋଗ୍ୟ ।

(ଆମ ପ୍ରକୃତି ଆମ ପରିବେଶ କୁ ଯଦି ଆମେ ସୁରକ୍ଷା ଦେବା
ନଶ୍ଚିତ ଆମ ଦେଶର ଉନ୍ନତି ହେବ ।)

ସମଲ, ତାଳଚେର, ଅନୁଗୋଳ

# ବିକଳ୍ପ



ସସ୍ମିତା ପଟ୍ଟନାୟକ

ସ୍ୱାର୍ଥପର ଦୁନଆରେ ନରଦ୍ଦିଷ୍ଟ ପଥରେ
ବୁଲୁ ବୁଲୁ ସନ୍ଧାନ ପାଇଲି ସାଥୀର
ନୁହେଁ ସେ ଆଲୋକ କମ୍ବା ଆଡମ୍ବର
ନୀରବତା ହିଁ ହାତ ବଢାଇଥିଲା ବନ୍ଧୁତାର।।

ସମସ୍ତଙ୍କ ମନରେ ପ୍ରସ୍ଫୁଟିତ ଏକ ମାନ ସରୋବର
ଯେ ଥିଲା ଶଠତାର ମୁଖର ପ୍ରସାଧନ
କେବଳ ହସର ମୁଖା ତଳେ ଯେ
ଦୁଃଖର ଅନନ୍ତ ସାଗର ଲହୁଲୁହାଣ ।।

ବୁଝିବାକୁ ମଣିଷ ମନର ଗଭୀରତାକୁ
ଶୁନ୍ୟତା ସହ ଗପିଗଲି ଅହରହ
ତଥାପି ଖୋଜି ପାଇବାକୁ ଅସମର୍ଥ ହେଲି
ପ୍ରହେଳକାକୁ ସମ୍ଭାବିତ ପଥ ।।

ଜାଣେନ ସନ୍ଧାନର ସମାପ୍ତ କୋଉଠି
ତଥାପି ଜଳପ୍ରପାତରେ ନୌକା ବାହି ଗ୍ଲିଛି
ଯାହାକୁ ଆପଣାର ବୋଲି ମନେ ହଉଛି
ସେ ହିଁ ଦୁରୁହ ସ୍ୱପ୍ନ ହୋଇ ରହିଯାଇଛି ।।

କଣ୍ଟକତ ପଥରେ' 'କଳ୍ପନା' ଯେ ଫୁଲ ହେବ
ଆଉ ସନ୍ଧାନ ଯେ ମରିଚୀକା ହେବ ଜାଣିଛି
ସମାଜର ଗୃହାଣୀ ଯନ୍ତ୍ରଣା ଆଉ
ମନର ଆବେଗ ଯେ ସାନ୍ତ୍ୱନା ହେବ ଜାଣିଛି ।।

ତଥାପି ଖୋଜିଛି ଏମିତି ଏକ ବନ୍ଧୁ
ଯିଏ ବାଣ୍ଟି ନେବ ମନର କୋହ ଆଉ ଦୁଃଖକୁ
ଯିଏ ଦେବ ନଜର କାନ୍ଧ ମଥାଟିକୁ ରଖିବାକୁ
ଯିଏ ଦେବ ସାହସ ସମସ୍ତ ବିପଦକୁ ।।

ଶତ ଶତ ଚେଷ୍ଟା ଜୀବନେ ରହିବ
ଏକା ନୀରବତାକୁ ସାଙ୍ଗ କରିବାକୁ
ଆଉ ଶୁନ୍ୟତା ସହ ଗପି, ଦୁଃଖକୁ
ହୃଦୟର ଗୁମ୍ଫାରେ ସମାଧିସ୍ଥ କରିବାକୁ ।।

ପଟିଆ, ଭୁବନେଶ୍ୱର

# କାହିଁକି ଆସ କ'ଣ ତୁମର ଉଦ୍ଦେଶ୍ୟ?



ଗୌରୀ ମେହେର

ସବୁ ଆଶା, ଆକାଂକ୍ଷା କୁ ଭୁଲିଯାଇ ମନ ଉଣା କରିଥିଲି,,
ତୁମେ ଆସିଲ, ଆଖିରେ ଲାଖିଲ ମନ ହେଲା ଝିଲିମିଲି। ୧

ଦିନ ଯାକର ଦୁଃଖ, ନିରାଶା ରେ ଜଳୁଥାଏ ମରିମରି,,,
ରାତିସାରା ସୁନେଲି ସ୍ୱପ୍ନ ଦେଖେଇ କରମୋତେ ଚୋରି। ୨

ସତେକି ଝାଉଁଳା ଫୁଲରେ ଭରିଦିଅ, ଅପୁର୍ବ ମହକ,,,
ସବୁରାତି କ୍ଷଣିକ ଆସି ଦେଖାଅ ସ୍ୱର୍ଗ ର ଝଲକ।।। ୩

ନିଜ ଉପରେ ଅଭିମାନ କରି କରୁଥାଏ ଖାଲି ଧିକ୍କାର,,
ତୁମେ ଆସି ମନକୁ ମୋ ମନେଇ କରିନିଅ ଆପଣାର। ୪

ପରଦା ପଛରୁ ଆସ, ସାମ୍ନା ରେ ଆସି କରିନାହ ସାବ୍ୟସ୍ତ,
ତମର ଛନ୍ଦ କପଟ ପାଇଁ କେତେ ଯେ ହୁଅନ୍ତି ଅସ୍ତବ୍ୟସ୍ତ।୫

ତୁମ କୁହୁକରେ ରାଜାବି ଚୋର, ଆଉ ଦରିଦ୍ର ବିହୁଏ ରାଜା,
ପୁଣି ଭିକାରୁଣି ପାଏ କୋଟି ଧନ, ରାଣୀ ବି ପାଏ ସଜା।୬

କିଏ ଆକାଶର ଜହ୍ନକୁ ହାତେ ଧରେ, କିଏ ମେଘ ସାଥେ ଭାସେ,,,
କିଏ ପରୀ ରାଇଜରେ ବୁଲେ,କିଏ ଅପସରା ସାଜି ନାଚେ।୭

ଆସଯେ କ୍ଷଣିକ ପାଇଁ ପର ମୂହୁର୍ତ୍ତ ହୁଏ ଆହୁରି ଦୁଃଖମୟ,
ଗ୍ରତିପାହିଲେ ସେଇ ନଗ୍ରଶା,ଜୀବନ ଲ୍ରଗେ ବିଷମୟ।। ୮

ହେ ମହାଶୟ ବରଂ ନଆସ, ନ ଦିଅ କ୍ଷଣିକ ସୁଖ ଜୀବନ,,
ଆଖ୍ୟା ପାଇଛ ତୁମେ ସପନ, କେବଳ ସପନ ଆଉ ସପନ। ୯

ଗମ୍ଭାରୀଗୁଡା
ନୂଆପଡା

# ଭାରତୀୟଙ୍କ ମଧ୍ୟରେ ହକି ଲୋକପ୍ରିୟତାକୁ ପୁନର୍ଜୀବିତ କରିପାରିବ କି?



ଅସିତ ମହାନ୍ତି

ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ହକି ଦଳର ଉଲ୍ଲେଖନୀୟ ପ୍ରଦର୍ଶନ ପରେ ଭାରତୀୟଙ୍କ ମଧ୍ୟରେ ହକି ପାଇଁ ଏକ ନୂତନ ଉତ୍ସାହ ଦେଖାଦେଇଛି | ପୁରୁଷ ଏବଂ ମହିଳା ହକି ଦଳ ବାସ୍ତବରେ ଭଲ ପ୍ରଦର୍ଶନ କରିଛନ୍ତି | ବର୍ତ୍ତମାନ ଲୋକମାନେ ହକି ଦେଖିବା ପାଇଁ ଅଧିକ ଆଗ୍ରହୀ | ସମୟ ଥିଲା ଯେତେବେଳେ ହକି ଭାରତର ସବୁଠାରୁ ଲୋକପ୍ରିୟ ଖେଳ ଥିଲା | ଜନତାଙ୍କ ମଧ୍ୟରେ ହକି କାହିଁକି ଲୋକପ୍ରିୟତା ହରାଇଲା?

ଆମେ ୧୯୩୬ ମସିହାରୁ ଆମର ଆଲୋଚନା ଆରମ୍ଭ କରିବା। ସେତେବେଳେ ଆଡଲଫ୍ ହିଟଲର ଜର୍ମାନୀରେ କ୍ଷମତାରେ ଥିଲେ। ୧୯୩୬ ଅଲିମ୍ପିକ୍ସ ଗେମ୍ସ ଜର୍ମାନୀର ରାଜଧାନୀ ବର୍ଲିନରେ ଅନୁଷ୍ଠିତ ହୋଇଥିଲା | ଏହା ଭାରତ ବନାମ ଜର୍ମାନୀ ପାଇଁ ଅନ୍ତିମ ମ୍ୟାଚ୍ ଥିଲା| ଭାରତରେ ଏକ ସ୍ୱତନ୍ତ୍ର ଖେଳାଳି ଧ୍ୟାନଚାନ୍ଦଯାଦୁଗର ଖେଳାଳି ଥିଲେ। ଏହି ଖେଳରେ ଜର୍ମାନୀ କେବଳ ଗୋଟିଏ ଗୋଲ ସ୍କୋର କରିପାରିଥିଲା, କିନ୍ତୁ ଭାରତ ଜର୍ମାନୀ ବିପକ୍ଷରେ ୮ ଟି ଗୋଲ ସ୍କୋର କରିଥିଲା | ଗୋଲ ମଧ୍ୟରୁ ୩ ଟି ଧ୍ୟାନଚାନ୍ଦ ସ୍କୋର କରିଥିଲେ। ଏହା ଏକ ଐତିହାସିକ ଖେଳ ଥିଲା | ଧ୍ୟାନଚାନ୍ଦଙ୍କ ପ୍ରଦର୍ଶନ ଦ୍ୱାରା ପ୍ରଭାବିତ ହୋଇ ଆଡଲଫ ହିଟଲର ଧ୍ୟାନଚାନ୍ଦଙ୍କୁ ଜର୍ମାନ ନାଗରିକତ୍ୱ ପ୍ରଦାନ କରିଥିଲେ। ଜର୍ମାନ ସେନାରେ ତାଙ୍କୁ ଏକ ପଦବୀ ଦିଆଯିବ ବୋଲି ମଧ୍ୟ କହିଥିଲେ । କିନ୍ତୁ ଧ୍ୟାନଚାନ୍ଦ ଜଣେ ତାନାସାହି ସାଶକ ଆଗରେ ମୁଣ୍ଡ ନୁଆଇଁ ନଥିଲେ । ଧ୍ୟାନଚାନ୍ଦ ଆଡଲଫ ହିଟଲରଙ୍କୁ କହିବାକୁ ଦ୍ୱିଧାବୋଧ କଲେ ନାହିଁ ଯେ "ଭାରତ ବିକ୍ରି ପାଇଁ ନୁହେଁ"| ୧୯୩୬ ପରେ ଭାରତ ୧୯୪୮, ୧୯୫୨ , ୧୯୫୬, ୧୯୬୪, ୧୯୮୦ ଅଲମ୍ପିକ ରେ ୫ ଟି ସ୍ୱର୍ଣ ପଦକ ଜିତି ବିଶ୍ୱ ଚମ୍ପିୟନ ସ୍ଥିତିକୁ ବଜାୟ ରଖିଥିଲା | ଧ୍ୟାନଚାନ୍ଦ ଙ୍କ କାହାଣୀ ବିଦ୍ୟାଳୟରେ ପଢାଯାଇଥିଲା| ତାଙ୍କର କାହାଣୀ ଦେଶରେ ବହୁ ଦୂର ପର୍ଯ୍ୟନ୍ତ ପହଞ୍ଚିଥିଲା | ୧୮ତମ ଶତାବ୍ଦୀରେ ବ୍ରିଟେନରେ ଆଧୁନିକ ଫିଲ୍ଡ ହକି ବିକଶିତ ହୋଇଥିଲା | ବ୍ରିଟିଶମାନେ

ଭାରତରେ କ୍ରିକେଟ୍ ଲୋକପ୍ରିୟ କରିଥିବା ପରି ଭାରତରେ ହକକୁ ମଧ୍ୟ ଲୋକପ୍ରିୟ କରିବାର ଶ୍ରେୟ ସେମାନଙ୍କୁ ଯାଇଥାଏ। କଲିକତା ଏବଂ ବମ୍ବେ ଭଳି ସହରରେ ହକି କ୍ଲବ ଗଠନ ଆରମ୍ଭ ସେମାନେ କରିଥିଲେ| ବ୍ରିଟିଶ କପ୍ ଭଳି ବ୍ରିଟିଶ୍ ଆୟୋଜିତ ହକି ଟୁର୍ନାମେଣ୍ଟ ସେମାନେ ଆୟୋଜିତ କରିଥିଲେ ଏବଂ ଧୀରେ ଧୀରେ ଭାରତୀୟ ଖେଳାଳି ମାନେ ହକି ଖେଳିବାରେ ପ୍ରବୀଣ ହୋଇଗଲେ | ୧୯୮୦ ଦଶକରେ ମସ୍କୋ ଅଲିମ୍ପିକ୍ସ ପରି ସେମାନେ ଚତୁର୍ଥ ସ୍ଥାନରେ ଥିଲେ | ଏହି ସମୟରେ ଆପଣ କାହାକୁ ପଚାରିଥିଲେ ଭାରତର ପ୍ରିୟ ଖେଳ କ'ଣ? ଏପରିକି ଏକ ସ୍କୁଲ ଯାଉଥିବା ପିଲା ଉତ୍ତର ଦେଲା: ହକି | କିନ୍ତୁ ବର୍ତ୍ତମାନ ଯଦି ଆପଣ ପିଲାମାନଙ୍କୁ ପଚାରିବେ, ଭାରତର ସବୁଠାରୁ ଲୋକପ୍ରିୟ ଖେଳ କ'ଣ? ସେମାନେ ଉତ୍ତର ଦେବେ- କ୍ରିକେଟ୍ | ଯାହା ଭୁଲ ନୁହେଁ | ଆଜି କ୍ରିକେଟ୍ ହେଉଛି ଭାରତର ସବୁଠାରୁ ଲୋକପ୍ରିୟ, ସବୁଠାରୁ ପ୍ରସିଦ୍ଧ ଖେଳ |

କ'ଣ ହେଲା ଯାହା ହକିର ଲୋକପ୍ରିୟତା ହ୍ରାସ ପାଇଲା? ଏବଂ କ୍ରିକେଟ୍ ଲୋକପ୍ରିୟ ଖେଳ ହେଲା | ଭାରତୀୟ ହକିର ଅବନତି ପ୍ରକୃତରେ ୧୯୬୦ ଦଶକରେ ଆରମ୍ଭ ହୋଇଥିଲା | ଏହି ସମୟରେ ଭାରତୀୟ ହକି ଖେଳାଳିମାନେ ଖେଳ ଖେଳିବା ଶୈଳୀରେ ପରିବର୍ତ୍ତନ କରିଥିଲେ। ଏହି ଭାରତୀୟ ହକି ଖେଳ ପୂର୍ବରୁ ସାରା ବିଶ୍ୱରେ ପ୍ରଶଂସିତ ହୋଇଥିଲେ। ଖେଳାଳିମାନେ ଡ୍ରିବଲ୍ କରିବାବେଳେ କିପରି ଦକ୍ଷତାର ସହିତ ବଲ ପଛରେ ଦୌଡୁଥିଲେ| କିନ୍ତୁ ଏହି ସମୟରେ ଭାରତ ଏହାର କୌଶଳ ବଦଳାଇଲା। ଏବଂ ହକି ଖେଳାଳିମାନେ ପାଶ୍ଚାତ୍ୟ କୌଶଳ ବ୍ୟବହାର କରିବା ଆରମ୍ଭ କଲେ ସେମାନେ ଖେଳୁଥିବା ଏହି ନୂତନ ପ୍ରକାରର ହକିରେ ବଲ୍ ବଲ ପଛରେ ଦୌଡିବା ବଦଳରେ ସେମାନେ ଖେଳାଳି ମାନଙ୍କ ପଛରେ ଦୌଡିବାକୁ ଲାଗିଲେ । କିନ୍ତୁ ଏହା ଏକମାତ୍ର କାରଣ ନୁହେଁ। ଏହା ପରେ ଆଉ ଏକ ବଡ଼ ପରିବର୍ତ୍ତନ ହେଲା | ୧୯୭୫ ରେ, ଆନ୍ତର୍ଜାତୀୟ ହକି ଫେଡେରେସନ୍ କହିଲା ଯେ ସେମାନେ ହକି ଖେଳାଯାଉଥିବା କ୍ଷେତ୍ରକୁ ପରିବର୍ତ୍ତନ କରିବେ | ଏହା ପୂର୍ବରୁ ଘାସ ଉପରେ ହକି ଖେଳାଯାଇଥିଲା | ଏହା ପରେ ସେମାନେ କହିଥିଲେ ଯେ ସେମାନେ ଆଷ୍ଟ୍ରୋ ଟର୍ଫରେ ହକି ଖେଳିବେ। ଏହା ମୂଳତଃ କୃତ୍ରିମ ଘାସ | ଭାରତୀୟ ହକି ଖେଳାଳିମାନେ ଘାସ ଉପରେ ଖେଳୁଥିଲେ | ଘାସ ପଡିଆରେ, ଭାରତୀୟ ହକି ଖେଳାଳିମାନେ ବାସ୍ତବରେ ଘାସର ବ୍ଲେଡ ମଧ୍ୟରେ ବଲକୁ ଫାନ୍ଦରେ ପକାଇ ପାରନ୍ତି | ସେମାନେ ଡ୍ରିବଲ୍ କରି ଦକ୍ଷତାର ସହିତ ଏହାକୁ ଆଗକୁ ନେଇପାରନ୍ତି| ଅନ୍ୟ ପଟେ, ଆଷ୍ଟ୍ରୋ ଟର୍ଫରେ ଘର୍ଷଣ କମ୍ ଥିଲା | ତେଣୁ ବଲ ଗୁରିପାଖରେ ଅତିକ୍ରମ କରିବା ପରିବର୍ତ୍ତେ, ଦ୍ରୁତ ଗତିରେ ଗଡ଼ିବା

ଏବଂ ଖେଳ ଖେଳବା ପାଇଁ ଶାରୀରିକ ଶକ୍ତି ଆବଶ୍ୟକ ହେଲା | ଭାରତୀୟ ଖେଳାଳଙ୍କ ତୁଳନାରେ ୟୁରୋପୀୟ ଖେଳାଳଙ୍କ ପାଇଁ ଏହା ଏକ ସୁବିଧା ଥିଲା ଯେହେତୁ ଖେଳାଳମାନେ ଅଭ୍ୟାସ କରିପାରିନଥିଲେ, ସେମାନଙ୍କର ପ୍ରଦର୍ଶନ ପ୍ରଭାବିତ ହୋଇଥିଲା | ଏହି କାରଣରୁ ଅଲିମ୍ପିକ୍ସରେ ଭାରତର ପ୍ରଦର୍ଶନ ଭଲ ନଥିଲା। ଯେତେବେଳେ କ୍ଷେତ୍ର ପରିବର୍ତ୍ତନ କରିବାକୁ ନଷ୍ପତ୍ତି ନଆଗଲା, ଭାରତୀୟ ହକି ଫେଡେରେସନ୍ ଏହାକୁ ବହୁ ଅନଚ୍ଛା ସହ ଗ୍ରହଣ କଲା| ଏହାପରେ ଭାରତୀୟ ହକି ଅର୍ଥାଭାବ ଏବଂ ଏବଂ ପ୍ରଶିକ୍ଷଣର ଅଭାବର ସମସ୍ୟାର ସମ୍ମୁଖୀନ ହେଲା | ଏହା ଉପରେ କାହାର ଧ୍ୟାନ ଗଲାନାହିଁ । ଫଳରେ ଧୀରେ ଧୀରେ ଏହାର ଲୋକପ୍ରିୟତା ହ୍ରାସ ହେଲା | କନ୍ତୁ ଅନ୍ୟପକ୍ଷରେ, ୧୯୭୦ଏବଂ ୧୯୮୦ ଦଶକରେ ଏହି ସମୟରେ ଭାରତରେ କ୍ରିକେଟ୍ ଲୋକପ୍ରିୟତା ଦ୍ରୁତ ଗତିରେ ବୃଦ୍ଧି ପାଇଲା। ଏହି ବର୍ଷ ଯେତେବେଳେ ଭାରତୀୟ ଦଳ ଟେଷ୍ଟ ମ୍ୟାଚ୍ ପାଇଁ ଇଂଲଣ୍ଡ ଗସ୍ତକୁ ଯାଇଥିଲେ। ଏହି ସମୟ ପୂର୍ବରୁ ଭାରତ ଇଂଲଣ୍ଡ ବିପକ୍ଷରେ ଗୋଟିଏ ବି ମ୍ୟାଚ୍ ଜିତି ନଥିଲା।କନ୍ତୁ ୧୯୭୧ ରେ ଏହା ବଦଳଗଲା | ଟେଷ୍ଟ ମ୍ୟାଚର ଚତୁର୍ଥ ଦିନରେ ଭାରତ ଏହି ଟେଷ୍ଟ ମ୍ୟାଚ ଜିତିଲା| ଏବଂ କ୍ରିକେଟ୍ ଖେଳରେ ଭାରତ ଆନ୍ତର୍ଜାତୀୟ ସମ୍ମାନ ପାଇବା ଆରମ୍ଭ କଲା | ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ସମୟରେ ଭାରତରେ କ୍ରିକେଟର ଏକ ପ୍ରଶଂସକ ବିକାଶ ଆରମ୍ଭ ହୋଇଥିଲା। ଏହାର ଅନ୍ୟତମ କାରଣ ହେଲା ଭାରତରେ ଅନେକ ଆନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା | ରେଡିଓ ବ୍ୟତୀତ ଖବରକାଗଜ ଏବଂ ପତ୍ରିକା କ୍ରିକେଟ୍ କୁ ବିସ୍ତୃତ ଭାବରେ କଭର୍ କରିବାକୁ ଲାଗିଲା | ସାପ୍ତାହିକ ପତ୍ରିକା ପ୍ରକାଶିତ ହେଲା | ସ୍ପୋର୍ଟସ୍ ସପ୍ତାହ, ସ୍ପୋର୍ଟସ୍ ଷ୍ଟାର୍, ସ୍ପୋର୍ଟସ୍ ୱାର୍ଲ୍ଡ ପରି ପତ୍ରିକା ଯେଉଁଠାରେ ଆପଣ କ୍ରିକେଟ୍ ବିଷୟରେ ସବୁ ଜାଣିପାରିବେ | ଏବଂ ଆମର କ୍ରିକେଟର, ଏହି ଖବରକାଗଜ ଏବଂ ପତ୍ରିକା ହେତୁ ସେଲିବ୍ରିଟିଭାବେ ପରିଚିତ ହେଲେ | କନ୍ତୁ ଦୁର୍ଭାଗ୍ୟବଶତଃ, ହକରେ ଏଗୁଡ଼ିକ କେବେ ନଥିଲା | ମିଡିଆ କଭରେଜ ଯାହା କ୍ରିକେଟରମାନେ ପାଇଥିଲେ, ହକି ଖେଳାଳମାନେ ତାହା ପାଇଲେ ନାହିଁ | ଏବଂ ମିଡିଆ କଭରେଜ୍ ହେତୁ ଲୋକମାନେ କ୍ରିକେଟକୁ ଅଧିକ ଧ୍ୟାନ ଦେଉଥିଲେ | ଏବଂ ତେଣୁ ସେହି ଦିଗରେ ଟଙ୍କା ପ୍ରବାହିତ ହେବାକୁ ଲାଗିଲା ଶେଷରେ ବିସିସିଆଇ ଦୁନଆର ସବୁଠାରୁ ଧନୀ ଏବଂ ଶକ୍ତିଶାଳୀ କ୍ରିକେଟ୍ ସଂସ୍ଥାଭାବେ ବିଶ୍ୱରେ ଚର୍ଚ୍ଚିତ ହେଲା| ତର୍କଟି ସରଳ ଅଟେ | ଯଦି ଅନ୍ୟ କ୍ରୀଡ଼ାରେ ଭାରତର ଜିତିବାର ସମ୍ଭାବନା ବଢେ, ଯେମିତି ଏଠାରେ ଆମେ ହକର ଉଦାହରଣ ନେଇପାରିବା|

ବର୍ତ୍ତମାନ ଅଲିମ୍ପିକ୍ସରେ ଭାରତୀୟ ହକି ଦଳର ପ୍ରଦର୍ଶନ ଉଲ୍ଲେଖନୀୟ ହୋଇଛି, ତେଣୁ ଲୋକମାନେ ହକି ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି | ଯଦି ଆମେ ସରକାରଙ୍କ ସହାୟତା ଏବଂ ହକି କୁ ପୁଣିଥରେ ପୁନର୍ଜୀବିତ ଏବଂ ପ୍ରୋତ୍ସାହିତ କରିବା କଥା ବିଚାର କରନ୍ତି, ତାହେଲେ ଏହାର ଶ୍ରେୟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଯିବ | ପ୍ରଥମେ ସେ ଆମ ପ୍ରଧାନମନ୍ତ୍ରୀଙ୍କୁ ହକିକୁ ସରକାରୀଭାବେ ଜାତୀୟ କ୍ରୀଡା ଘୋଷଣା କରିବାକୁ ଅନୁରୋଧ କରିଥିଲେ। ବର୍ତ୍ତମାନ ହକି ନ୍ୟାସନାଲ ସ୍ପୋର୍ଟ ଅଫ୍ ଇଣ୍ଡିଆ ନୁହେଁ | ତେଣୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି ଯେ ଓଡ଼ିଶା, ଛତିଶଗଡ ଏବଂ ଝାଡ଼ଖଣ୍ଡ ହକି ଭଳି ରାଜ୍ୟ ପାଇଁ ଜୀବନଶୈଳୀ ହେବା ଉଚିତ, ଅର୍ଥାତ ଏହି ତିନୋଟି ରାଜ୍ୟକୁ ନେଇ ଲଗାତାର ହକି ଅଭ୍ୟାଷକୁ ଜାରି ରଖିବାକୁ ହେବ। ୨୦୧୮ ରେ, ଓଡିଶା ସରକାର ଭାରତୀୟ ଦଳର ପ୍ରାୟୋଜକ ହେବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ଏହି କାରଣରୁ ଆଜି ମଧ ଉଭୟ ପୁରୁଷ ଏବଂ ମହିଳା ହକି ଦଳର ଜର୍ସି ସେମାନଙ୍କ ଉପରେ ODISHA ଲେଖାଯାଇଛି, ଏବଂ ଏହାହିଁ ହେଉଛି କାରଣ । ବର୍ତ୍ତମାନ ଅଲିମ୍ପିକ୍ସ ରେ ଉଭୟ ମହିଳା ଏବଂ ପୁରୁଷ ହକି ଉତ୍ତମ ପ୍ରଦର୍ଶନ କରିଛନ୍ତି ଏବଂ ପୁରୁଷ ହକି ପଦକ ହାସଲ କରିଛନ୍ତି । ଏହାସହିତ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି ଯେ ଆଗାମୀ ଦିନରେ ମଧ ଓଡ଼ିଶାର ଭାରତୀୟ ହକି କ୍ଷେତ୍ରରେ ଭାଗିଦାରୀତା ବଜାୟ ରହିବ । ଆସନ୍ତା ୧୦ ବର୍ଷ ପର୍ଯ୍ୟନ୍ତ ଭାରତୀୟ ହକି ଟିମକୁ ଓଡିଶା ପୃଷ୍ଠପୋଷକତା କରିବା । ଏହି ଭାଗିଦାରୀତା ଭାରତୀୟ ହକି କ୍ଷେତ୍ରରେ ଏକ ନୂଆ ଯୁଗ ଆଣିବ ଏବଂ ଦେଶର ଗୌରବ ଫେରାଇବ । ଏଥିସହ ଓଡିଶାର ମୁଖ୍ୟମନ୍ତ୍ରୀ ତାଙ୍କ ରାଜ୍ୟରେ ବିଶ୍ୱ ସ୍ତରୀୟ ସୁବିଧା ବିକାଶ କରିବାକୁ ଚେଷ୍ଟା କରିଛନ୍ତି ଏବଂ ଏକାଧିକ ଟୁର୍ନାମେଣ୍ଟ ଆୟୋଜନ କରିଛନ୍ତି। ବାସ୍ତବରେ, ଓଡିଶାର ସିଏମ୍ ଭାରତର ସର୍ବବୃହତ ହକି ଷ୍ଟାଡିୟମ ପାଇଁ ମୂଳଦୁଆ ପକାଇଛନ୍ତି । ତାହା ଓଡିଶାର ରାଉରକେଲା ସହରରେ ନର୍ମାଣ ହେବ ଏବଂ ଏହାର ନାମ ବିର୍ସା ମୁଣ୍ଡାହକି ଷ୍ଟାଡିଅମ ରଖାଯିବ | ହକି ବିଶ୍ୱକପ ୨୦୨୩ ଟୁର୍ନାମେଣ୍ଟ ଆୟୋଜନ କରିବା ପାଇଁ ଏହା ପରିକଳ୍ପନା କରାଯାଇଛି | ଏହି ଷ୍ଟାଡିଅମ ରେ ଖେଳାଳ ମାନଙ୍କ ପାଇଁ ପ୍ରଶିକ୍ଷଣ ସହିତ ସବୁପ୍ରକାର ଉର୍ଣ୍ଣତା ବ୍ୟବସ୍ଥା କରାଯିବ|ଯଦି ଆମେ ହକିକୁ ପୁନର୍ଜୀବିତ କରିବାକୁ ଚାହୁଁଛୁ ତେବେ ପ୍ରକୃତରେ ଏହି ଜିନଷଗୁଡ଼ିକ ଆବଶ୍ୟକ | ଯଦି ଆମେ ଆମ ଦେଶରେ ଏହି ଖେଳକୁ ପ୍ରୋତ୍ସାହିତ କରିବାକୁ ଚାହୁଁଛୁ ତାହେଲେ ସରକାରଙ୍କ ଠାରୁ କିଛି ସମର୍ଥନ, ଜନସାଧାରଣଙ୍କ ଠାରୁ କିଛି ଏବଂ ମିଡିଆ ଏବଂ ବଲିଉଡର କିଛି ସମର୍ଥନ ଆବଶ୍ୟକ|

କେବଳ ଖେଳାଳ ମାନଙ୍କୁ ଧନରାଶି ପୁରଷ୍କାର ରୂପେ ଦିଆଗଲେ ଖେଳର ବିକାଶ ହୋଇପାରିବ ନାହିଁ, ଯେପର୍ଯ୍ୟନ୍ତ ଇନ୍ଫ୍ରାଷ୍ଟ୍ରକ୍ଚରକୁ ବିକଶିତ ନକରାଯାଇଛି | ଏଥିପାଇଁ ସ୍ପୋର୍ଟ୍ସ ବଜେଟ ରେ ବୃଦ୍ଧି ନତ୍ୟାନ୍ତ ଆବଶ୍ୟକ ,କନ୍ତୁ ଦୁଃଖର କଥା କେନ୍ଦ୍ର ସରକାର ବଜେଟ ବୃଦ୍ଧି ସ୍ଥାନରେ ବଜେଟକୁ ହ୍ରାସ କରୁଛନ୍ତି | ମନେ ରଖିବା ଉଚତ ଯେ କ୍ରିକେଟ ଯେତେ ଲୋକପ୍ରିୟତା ହାସଲ କରୁନା କାହିଁକ, ଉଚ୍ଚତମ ସମ୍ମାନ ସ୍ୱର୍ଣ୍ଣ ପଦକରୁ ହିଁ ମିଳଥାଏ ଯାହା ଅଲିମ୍ପିକ୍ସ ମାଧମରେ ପ୍ରାପ୍ତ ହୋଇଥାଏ | ଓଡ଼ିଶାର ଏପରି ଏକ ସକାରାତ୍ମକ ପ୍ରୟାସ ଆଗାମୀ ଦିନରେ ଭାରତୀୟ ହକକୁ ବିଶ୍ୱରେ ଶିଖରରେ ପହଞ୍ଚାଇବଏବଂ ଭାରତୀୟଙ୍କ ମଧ୍ୟରେ ହକ ପୁଣିଥରେ ଲୋକପ୍ରିୟତାକୁ ପୁନର୍ଜୀବିତ କରିବ |

ସୁଜନପୁର, ଯାଜପୁର
୯୩୪୮୭୬୮୮୧୨

# ରାକ୍ଷୀର ପର୍ବ ନେଇ



ଦୀନବନ୍ଧୁ ପୋଇ

ଶ୍ରାବଣ ମାସେ ପୁନେଇ ଆସେ
ରାକ୍ଷୀର ପର୍ବ ନେଇ
ଭଉଣୀ ରାକ୍ଷୀ ଦିଏ ପିନ୍ଧାଇ
ଭାଇର ସୁଖ ପାଇଁ ।୧।
ହେଉ କୃଷକ ଅବା ଶ୍ରମିକ
ଭଉଣୀ ମାନେ ଭାଇ
ଭାଇ ସୁରକ୍ଷା ମନେ ମନାସୀ
ନିତି ଦୀପ ଜାଳଇ ।୨ ।
ଯେତେ ଓଡ଼ିଆ ଭାଇ ଭଉଣୀ
ଉତ୍କଳ ମାଆ ପୁଞ୍ଜି
ଭଉଣୀ ମାଗେ କାଳିଆ ପାଦେ
ଦେ ଭାଇ ସୁଖ ଖଞ୍ଜି ।୩।
ରାଇଜ ସାରା ଯେତେକ ଭାଇ
ରଖ ଭଉଣୀ ମାନ
ବାଟ ଦାଣ୍ଡରେ ବୁଲୁ ନିର୍ଭୟେ
ହସି ଉଠୁ ତା' ପ୍ରାଣ ।୪।
ସିଏ ହସିଲେ ଦୁନିଆ ହସେ
ହଟା ଯୌତୁକ ବ୍ୟାଧି
ଦୁଇ କୁଳର ହିତା ସେ ଆମ
ଏତ ସଂସାର ବିଧି | ୫ ।

ଗୋରଡାପାଳ
ଢେଙ୍କାନାଳ

# ଝର୍ ଶେଫାଳି



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

ମୁଁ ଝର୍ ଶେଫାଳି
ରାତ୍ରିର ଘନ ଅନ୍ଧକାରେ ଫୁଟଇ ମୁଁ
ଦିବାର ଆଲୋକେ ଝରି ପଡେ ଧରାକୁ
ମହମହ ହୋଇ ବାସୁଥାଏ ମୁଁ
ମହକାଇ ଦିଏ ଏ ସାରା ଜଗତକୁ
ଧୋବ ଫରଫର ରଙ୍ଗଟି ମୋହର
ମୋତେ ଦେଖିଲେ ଆଖି ଝଲସେ ସଭିଙ୍କର
ମୋ ପ୍ରେମରେ ଯିଏ ଯାଇଛି ପଡି
ମୋହମାୟାରୁ ସେ କେବେ ବଞ୍ଚିତ ନହୁଅଇ
ମୋ ମାୟାରେ ସଭିଏଁ ହୁଅନ୍ତି ବାଇଆ
ସାଉଁଟି ତିଅନ୍ତି ମୋତେ ଧରି ଫୁଲ ପାଚଆ ।

ମଠସାହି, ତୁଳସିପୁର

# ହଜିଲ୍ ଦରବ ହୋଇଲ୍ ସ୍ମୃତି



ଶେଷଦେବ ପଣ୍ଡା

ହଜିଲ୍ ଶଗଡ
ହଜିଲ୍ ଲଙ୍ଗଳ
ଢିଙ୍କି ଡେଣ୍ଡା ଚକ ପେଷିବା କାମ,
ବେଙ୍ଗଳାରେ ଆଉ
ବଳଦ ବୁଲୁନ
ଦାଆ କଟୁରିର କାମ ଖତମ ।
ନାହିଁ ପୁଚ ହୁମୋ
କାଁଚକୁଡି ଖେଳ
ନଟୁ ହଜିଗଲ୍ ହଜୁଛି ଗୁଡି,
ସବାରି କୋକେଇ
ଲୁହା ଇସ୍ତ୍ରୀ ପୁଣି
ଇତିହାସ ଗର୍ଭେ ରହିଲେ ପଡି ।
ହାତଲେଖା ଚିଠି
ଆଉ ଆସୁନାହିଁ
ଦେଖା ତ ଯାଉନ କାଳି-କଲମ,
ଖଡିକାରେ ମୁଗ
କୋଳଥ ଭଜିବା
ଆମ ବୋହୂ ପାଇଁ ସାତ ସପନ ।
ଓଢଣା ଓଢଣୀ
ପୁରୁଣାକାଳଆ
ରେଡିଓର ସ୍ୱର ହେଲ୍ ନୀରବ,
ଖାଡି ଆଣ୍ଟେନା କ

କଳାଧଳା ଟିଭି
ଡିବିରି ଲଣ୍ଠନ ପୁରୁଣା ଦ୍ରବ୍ୟ ।
ବିଲେ ଶୁଭୁନାହିଁ
ଚଷାପୁଅ ଗୀତ
ଶିଳ ଶିଳପୁଆ ନେଲେ ବିଦାୟ,
ଧାନପୁର୍ ଶିକା
ମାଣ କ ଗଉଣୀ
କୁଲ୍ ଗୁଲୁଣୀର ତୁଟୁଛି ମୋହ ।
ହଜିଲ୍ ବଟୁଆ
ହଜିଲ୍ ଖଟିଆ
ହଜିଯାଇଅଛି କାଠର ଦୋଳ,
ହଜୁଛି ତାକୁଡି
ମଇ ହାତପଙ୍ଖା
ଦିଶୁନାହିଁ ମାଙ୍କଡର ନଗୃଳ ।
ଦାନ୍ତକାଠି କବା
କଜଳର ପାତି
ଆଗାମୀ ବଂଶଜ ଜାଣିବେ କାହୁଁ,
ସିନ୍ଦୂର ଫରୁଆ
ଲୋପ ପାଇଯାଏ
ପେଟ୍ରୋମାକ୍ସ ଅବା ଜାଳୁଛି କେହୁ ।
ବାଏ ମାଟିହାଣ୍ଡି
ବାଏ ମାଟିଚୂଲୀ
ବାଏ ବାଏ ମାଟିକୁମ୍ଭିଟି ପୁଣି,
ପରିବର୍ତ୍ତନର
ବାଆଟି ବହିଲେ
ସବୁ ରହିଯାଏ ହୋଇ କାହାଣୀ ।

ମୁଦଲସର, ପାଟଣାଗଡ, ବଲାଙ୍ଗିର

# ପ୍ରଥମେ ନଜକୁ ଚହ୍ନ, ତା' ପରେ ଅନ୍ୟକୁ....



ନରେନ୍ଦ୍ର ପ୍ରସାଦ ବେହେରା

ଜଣେ ଯୁବକର ମନରେ ଯୋଗ ସାଧନା ପ୍ରତି ଆଗ୍ରହ ସୃଷ୍ଟି ହେଲା । ଏଥିପାଇଁ ସେ ସଦଗୁରୁ ସନ୍ଧାନରେ ଲାଗି ପଡିଲା । ବୁଲି ବୁଲି ସେ ଏକ ସ୍ଥାନରେ ପହଞ୍ଚିଲା । ଯେଉଁଠି ଏକ ଗଛମୂଳେ ଜଣେ ବୈରାଗୀ ସାଧୁ ବସିଥିବା ଦେଖିଲା । ସେ ଇଶ୍ୱରଙ୍କୁ ସ୍ମରଣ କରୁଥିଲେ । ଯୁବକ ତାଙ୍କ ପାଖରେ ପହଞ୍ଚି ନବେଦନ କଲା-ବାବା ! ଆପଣ ଯୋଗ ସାଧନା ବିଷୟରେ ଜାଣିଛନ୍ତି । ଦୟାକରି ମୋତେ ଯୋଗ ସାଧନାର ସୂତ୍ର କୁହନ୍ତୁ । ମୁଁ ମଧ ନଜ ଭିତରେ ଲୁଚ ରହିଥିବା ଶକ୍ତି ସହିତ ପରିଚତ ହେବାକୁ ଚାହୁଁଛି । ଆପଣଙ୍କ ଭଳି ଇଶ୍ୱର ପ୍ରାପ୍ତି କରିବା ଲାଗି ଚାହୁଁଛି । ସାଧୁ ସେହି ଯୁବକଙ୍କ ଆଡକୁ କରୁଣା ଦୃଷ୍ଟିରେ ଦେଖିଲେ ଏବଂ କହିଲେ--ପୁତ୍ର ! ଯୋଗ ସାଧନାର ଦୀକ୍ଷା ପ୍ରଦାନ ଅଧିକାର କେବଳ ସଦଗୁରୁଙ୍କ ନକଟରେ ରହିଛି । ସେ ହିଁ ତୁମ କାମନା ତୃପ୍ତ କରିପାରିବେ । ମୁଁ ତ' କେବଳ ତୁମକୁ ସଦଗୁରୁଙ୍କୁ ଚହ୍ନାଇ ଦେଇପାରିବି । ଏହା ଶୁଣି ଯୁବକ କହିଲା--ତା' ହେଲେ ଠିକ୍ ଅଛି, ଆପଣ ସଦଗୁରୁଙ୍କୁ ଚହ୍ନାଇ ଦେବା କାର୍ଯ୍ୟଟି କରିଦିଅନ୍ତୁ । ସେହି ବୃଦ୍ଧ ସାଧୁ କ୍ଷୀଣ ସ୍ୱରରେ କହିଲେ--ତୁମ ସଦଗୁରୁ ସାମାନ୍ୟ ପୁରୁଷ ନୁହନ୍ତି । ସେ ପ୍ରକାଶ ପୁରୁଷ ଅଟନ୍ତି। ତୁମେ ତାଙ୍କୁ ଖୋଜିଚାଲ । ଦିନେ କୌଣସି ଗଛତଳେ ବସିଥିବାର ତାଙ୍କୁ ଦେଖିପାରିବ । ତାଙ୍କ ଶରୀରରୁ ଉଜ୍ଜ୍ୱଳ ଆଲୋକ ବାହାରୁଥିବ । ତାଙ୍କ ଆଖିରେ ତୁମ ପାଇଁ ଅପାର ବାତ୍ସଲ୍ୟ ଭରି ରହିଥିବ । ତୁମେ ତାଙ୍କୁ କେବଳ ଖୋଜିଚାଲ । ଏହାପରେ ଯୁବକ ସଦଗୁରୁଙ୍କ ସନ୍ଧାନରେ ଲାଗିପଡିଲା । ଦିନ-ମାସ-ବର୍ଷ ବିତିଗଲା । ଇତିମଧ୍ୟରେ ସେ ଅନେକ ନଗର, ବନ-ଉପବନ, ପାହାଡ, ମରୁଭୂମି ଖୋଜିଚାଲିଲା । ଶେଷରେ ସେ ଏକ ସ୍ଥାନରେ ପହଞ୍ଚିଲା । ସେଠାରେ ଏକ ବୃକ୍ଷ ଥିଲା । ସେହି ବୃକ୍ଷ ତଳେ ଜଣେ ସାଧୁ ବସିଥିଲେ । ତାଙ୍କ ଶରୀରରୁ ଉଜ୍ଜ୍ୱଳ ଆଲୋକ ବାହାରୁଥିଲା । ଏହି ଦୃଶ୍ୟ ଦେଖି ଯୁବକ ଜଣକ ଚକତ ହୋଇଉଠିଲା । ଯୁବକ ସେହି ସାଧୁଙ୍କ ପାଦତଳେ ପଡିଗଲା । ସାଧୁ ତା'କୁ

ଅତ୍ୟନ୍ତ ସ୍ନେହପୂର୍ଣ୍ଣ ଭାବେ ଆଲିଙ୍ଗନ କଲେ । ଏହାପରେ ଯୁବକ ଜଣକ ସେହି ସାଧୁଙ୍କୁ ସ୍ଥିର ଭାବେ ଚାହିଁଲା । ଏଥର ସେ ଭକ୍ତ ସାଧୁଙ୍କୁ ଚହ୍ନିପାରିଲା । ଇଏ ତ' ସେହି ସାଧୁ, ଯିଏ ତା'କୁ ସଦଗୁରୁଙ୍କ ସନ୍ଧାନରେ ଯିବା ଲାଗି ପରାମର୍ଶ ଦେଇଥିଲେ । ଯୁବକ ଜଣକ ଆଶ୍ଚର୍ଯ୍ୟାନ୍ୱିତ ହୋଇପଡିଲା । ଯୁବକ ଭାବ-ବିହ୍ୱଳତ ସ୍ୱରରେ ପଚାରିଲା, ବାବା ! ଆପଣ ମୋତେ ଏତେ ବୁଲାଇଲେ କାହିଁକି ? ମୁଁ ତ' ସେଇ ସାଧୁ, କିନ୍ତୁ ତୁମେ ବଦଳ ଯାଇଛ । ପ୍ରଥମେ ତୁମ ଠାରେ କେବଳ କୌତୁହଳ ଭରି ରହିଥିଲା । ଏବେ ତୁମ ଭିତରେ ଶିଷ୍ୟତ୍ୱ ଜାଗିଉଠିଛି । ତୁମେ ଶିଷ୍ୟ ହେବା ଲାଗି ଯୋଗ୍ୟତା ହାସଲ କରିଛ । ନିଜକୁ ଚହ୍ନିପାରିଛ । କିଛି କ୍ଷଣ ରହିଯିବା ପରେ ସାଧୁ ପୁଣି କହିଲେ--ସିଦ୍ଧ, ସନ୍ଥ, ଯୋଗୀ, ମହାଯୋଗୀ ତୁମକୁ ଅନେକ ସ୍ଥାନରେ ମିଳିଯିବେ । ହେଲେ ଯୋଗ ସାଧନାର ରହସ୍ୟ କହୁଥିବା ସଦଗୁରୁ କେବଳ ପ୍ରକୃତ ଶିଷ୍ୟକୁ ମିଳବେ ।

ଆଳଦା, ଖଇରା, ବାଲେଶ୍ୱର

# ଶାନ୍ତିକାମୀ ଆମ ଦେଶ ଭାରତ



ରାଜକିଶୋର ସାଇଁ

ଶୁଣ ଶୁଣ ମୋ ପ୍ରିୟ ଦେଶବାସୀ
ସଭିଏଁ ଆଜି ମନାଇବା ଖୁସି ।
ଗାଇବା ନାଚିବା ବଜାଇ ବାଜା
ମିଳମିଶି ଆମେ କରିବା ମଜା ॥ ୧ ॥
ଅଗଷ୍ଟ ପନ୍ଦର ଆସିଛି ଆଜି
ଫୁଟାଇବା ଆମେ ଆତସବାଜି ।
ଏହି ଦିନ ଆମ ଦେଶ ଭାରତ
ପରାଧୀନତାରୁ ହୋଇଲା ମୁକ୍ତ ॥ ୨ ॥
କରି ତା ପାଦତଳେ ପ୍ରଣିପାତ
ଗାନ କରିବା ଜାତୀୟ ସଙ୍ଗୀତ ।
ମୁକ୍ତି ସଂଗ୍ରାମୀଙ୍କୁ ଦେବା ସମ୍ମାନ
ଅରପିବା ତାଙ୍କୁ ଶ୍ରଦ୍ଧା ସୁମନ ॥ ୩ ॥
ତାଙ୍କ ସାଧନା ତ୍ୟାଗ ବଳିଦାନ
କରିଥିଲା ଏ ଦେଶକୁ ସ୍ୱାଧୀନ ।
ଅଭୁଲା ତାଙ୍କର ସ୍ୱଦେଶ ପ୍ରେମ
ଶ୍ରଦ୍ଧାରେ କରିବା ସ୍ମୃତି ସ୍ମରଣ ॥ ୪ ॥
ସଭିଏଁ କରିବା ମାଟି ମା ସେବା
ଏ ଦେଶ ହିତରେ ଜୀବନ ଦେବା
ବିକାଶ ଧାରାକୁ ନେବା ଆଗେଇ
ତା ପାଦରେ ଆମେ ପାଦ ମିଶାଇ ॥ ୫ ॥
ଶାନ୍ତିକାମୀ ଆମ ଦେଶ ଭାରତ
ରଖିବା ଆମେ ତା ମାନ ମହତ ।
ସତ୍ୟ ଅହିଂସାକୁ କରି ଆୟୁଧ
କରିବା ଆମେ ଶତ୍ରୁକୁ ବିରୋଧ ॥ ୬ ॥

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

# ସଂସାରେ ଶିଖାଇ ଦେଲ



ତ୍ରିପତି ପ୍ରଧାନ

ଆହେ ଲକ୍ଷ୍ମୀକାନ୍ତ ଅନାଦି ଅନନ୍ତ
ସୃଷ୍ଟିକର୍ତ୍ତା ଏ ବ୍ରହ୍ମାଣ୍ଡ
ମନେ ପଡୁନାହିଁ ପଦ୍ମା ଛାଡ଼ିଦେଇ
ବୁଲୁ ଥିଲ ଦାଣ୍ଡ ଦାଣ୍ଡ (୧)
ବଡ଼ଭାଇ କଥା ନକରି ଅନ୍ୟଥା
ତଡି ବଡ଼ ଦେଉଳରୁ
ଶ୍ରୀହୀନ ହୋଇଲ ବନିଲ କାଙ୍ଗାଳ
ତଡା ଖାଇ ଦ୍ୱାରୁ ଦ୍ୱାରୁ (୨)
ଅଛି ରକ୍ଷା ହୋଇ ସାଥେ ଅଛନେଇ
ଭଗିନୀ ହଳଦୀ ମୁହିଁ
ନହେଲେ କ ତାପ ହୁଅନ୍ତା ସନ୍ତାପ
ସିନ୍ଧୁ ସୁତା ରମା ବାଇ (୩)
ଦେଖା ଜନ୍ମବେଦୀ କରିଲେ କ ଜିଦି
ସୁଭଦ୍ରା ଗେଲ୍ଲୀ ଭଉଣୀ
ରଖି ତାଙ୍କ ଅଳ ଆହେ ବନମାଳୀ
ଗଲ ନ କହି ଘରଣୀ (୪)
ଭକତ ଉଦ୍ଧାର ରଥେ ତୁ ବାହାର
ସାଲବେଗ ଗୀତେ ଭଣି
ଭକତ ନଥାଇ ଗଲ କାହିଁ ପାଇଁ
କପଟିଆ ବେଣୁପାଣି (୫)

ଗୁଣ୍ଡିଚ୍ଚା ମାଆକୁ ଦେଖା କରିବାକୁ
ମନ କବା ବଳ ଗଲା
ନବଯଉବନ ଦେଖି ଛନ ଛନ
ଇଛା କୁତୁ କୁତୁ ହେଲା (୬)
ପୁଡା ପିଠା ପାଇଁ ହୋଇଲ କ ବାଇ
ଗଲ ମାଉଁସୀ ମା ପାଖ
ତିନ ଦିନ କହି ପଞ୍ଚ ଦିନ ବହି
ଗଲାଣି ମନେ ନ ରଖ (୭)
ତେଣୁ ହେ କାଳଆ ମୋ କମଳା ମାଆ
କ୍ରୋଧେ ହୋଇ ଝାଇଁ ଝାଇଁ
ତୁମ ପାଖେ ଆସି କୋପେ ପଦ କସି
ଗଲେ ଯାନ ଭଙ୍ଗି ଦେଇ (୮)
କୋପ ନ ଧରିବ ଆହେ ଗ୍ରଧାଧବ
ସଂସାରେ ଶିକ୍ଷାଇ ଦେଲ
ପତି ପତ୍ନୀ କଳ ମୁହୂର୍ତ୍ତ ବାଉଳ
ହୃଦେ ଧରି ହେବ ଗେଲ (୯)
କୁହ ଜଗନାଥ ଏ ସାରା ଜଗତ
ସଂସାରୀ ଗ୍ରହଣ କରି
ଚଳୁ ଥିଲେ ସଦା ନରହିବ ବାଧା
କହି ଗଲ ଚକ୍ରଧାରୀ (୧୦)

ସଂସ୍କୃତ ଶିକ୍ଷକ, ଚକଟି

# ପାପର ଫଳ କିପରି ମିଳେ: ପୁଲକ ସାଗର(ରାଷ୍ଟ୍ର ସନ୍ଥ)



ବିଜୟ କୁମାର ସାହୁ

ଧୃତରାଷ୍ଟ୍ର ମସ୍ତକ ଅବନତ କରି ହସ୍ତିନାପୁରର ରାଜଭବନରେ ଅତ୍ୟନ୍ତ ଦୁଃଖରେ ମ୍ରିୟମାଣ ହୋଇ ବସିଛନ୍ତି । ଚକ୍ଷୁରୁ ଅଶ୍ରୁ ବିଗଳତ । ସବୁକିଛି ହଜିଗଲା । ଦେଖୁ ଦେଖୁ ସବୁ କିଛି ଚାଲିଗଲା । ଯାହାଙ୍କ ପାଇଁ ସେ ସ୍ୱପ୍ନ ଦେଖୁଥିଲେ କେହି ରହିଲେ ନାହିଁ । ଏହି ସମୟରେ ମହଲ ଭିତରକୁ ଭଗବାନ ଶ୍ରୀକୃଷ୍ଣ ପ୍ରବେଶ କଲେ । ଭଗବାନ ଶ୍ରୀକୃଷ୍ଣଙ୍କୁ ଦେଖି ଧୃତରାଷ୍ଟ୍ର ଅଭିବାଦନ ଜଣାଇଲେ ଏବଂ ପଚାରିଲେ ହେ ନାରାୟଣ ! ହେ ମାଧବ ! ହେ ମଧୁସୂଦନ ! ଆଜି ଧୃତରାଷ୍ଟ୍ର ଏହି ମହଲରେ ଏକୁଟିଆ । ଯାହା ପାଖରେ ଶହେ ପୁତ୍ର ଥିଲେ ଆଜି କେହି ନାହିଁ କେବଳ ଗାନ୍ଧାରୀ । ସେ ବିଚାରୀ ଆଖିରେ ପଟି ବାନ୍ଧି ବସିଛି । ଧୃତରାଷ୍ଟ୍ର ପଚାରିଲେ ହେ ମାଧବ! କେବଳେ ଏତିକି ବତାଅ ମୋ ଜୀବନରେ ଏମିତି କି ପାପ କରିଥିଲି ଯେ ମୁଁ ବର୍ତ୍ତମାନ ଶହେ ପୁତ୍ରଙ୍କ ଶବ ଉପରେ ଅଶ୍ରୁ ବୁହାଉଛି । ମାଧବ ! ଏହାଠାରୁ ବଳି ସଂସାରରେ ଆଉ କୌଣସି ଦୁଃଖ ନାହିଁ । ପିତା କାନ୍ଧ ଉପରେ ପୁତ୍ରମାନଙ୍କର ଶବ ବହନ କରିବାକୁ ପଡିଲା । ମୋ ସମ୍ମୁଖରେ ପୁତ୍ରମାନେ ବଳିପଡିଲେ, ଅଭାଗା ଧୃତରାଷ୍ଟ୍ର କେବଳ ଦେଖୁଛି । ବର୍ତ୍ତମାନ ମୁଁ ବିଳାପ କରୁଛି କ୍ରନ୍ଦନ କରୁଛି । ନାରାୟଣ ! ମୁଁ ମୋର ଶହେ ଜନ୍ମ ପର୍ଯ୍ୟନ୍ତ ଦେଖିଲି ମୋତେ ଏମିତି କିଛି ଦେଖାଗଲା ନାହିଁ ଏମିତି କିଛି ନଜରକୁ ଆସିଲା ନାହିଁ ଏପରି କେଉଁ ଜନ୍ମରେ କି ପାପ କରିଥିଲି ଯେଉଁ କାରଣ ଯୋଗୁଁ ମୋତେ ଶହେ ପୁତ୍ରଙ୍କ ଶବ ଉପରେ  ଅଶ୍ରୁ ନଗଳତ କରିବାକୁ ପଡିଲା ।

ହେ ନାରାୟଣ ! ତୁମେ ମୋତେ ବହୁତ ବୁଝାଇଥିଲ, ଶାନ୍ତିର ପ୍ରସ୍ତାବ  ନେଇ ମୋ ପାଖକୁ ଆସିଥିଲ । ଭୀଷ୍ମ, ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ସମସ୍ତେ ମୋତେ ବୁଝାଇଥିଲେ, ଏପରିକି ମୋର ଅନୁଜ ଭ୍ରାତା ବିଦୁର ବି ବହୁତ ବୁଝାଇଥିଲେ । କିନ୍ତୁ ମୁଁ କିଛି ବି ବୁଝିଲି ନାହିଁ । ହେ କୃଷ୍ଣ! ମୁଁ ଯୁଦ୍ଧ ଚାହୁଁନଥିଲି, ଯୁଦ୍ଧ ଟାଳିଦେବାକୁ ଚାହୁଁଥିଲି ପରନ୍ତୁ ଦୁର୍ଯ୍ୟୋଧନ, ଦୁଃଶାସନ ବୁଝି ପାରିଲେ ନାହିଁ । ଆତ୍ମଗ୍ଲାନିରେ ମୁଁ ଜର୍ଜରିତ । ହେ ମଧୁସୂଦନ! ମୋତେ ଏତିକି ବୁଝାଇଦିଅ ମୁଁ ନିୟତିକୁ କାହିଁକି ବଦଳାଇପାରିଲି ନାହିଁ, ମୁଁ ନିୟତିକୁ ପରିବର୍ତ୍ତନ

କରିପାରିଲି ନାହିଁ । ଲକ୍ଷ ଲୋକଙ୍କୁ ବୁଝାଇପାରିଲି ଅଥଚ ସେମାନଙ୍କୁ କଣ ବୁଝାଇ ପାରିନଥାନ୍ତି ।

ଭଗବାନ ଶ୍ରୀକୃଷ୍ଣ କହିଲେ ହେ ରାଜନ ! ଏହା ତୁମର କୃତକର୍ମର ଫଳ । ପୁଲକ ସାଗର କହୁଛି ତୁମେମାନେ ଧ୍ୟାନ ଦିଅ, ନାରାୟଣ କୃଷ୍ଣଙ୍କ କର୍ମଯୋଗ କୁହେ ବ୍ୟକ୍ତିକୁ ଯହା କଛି ପ୍ରାପ୍ତ ହୋଇଥାଏ ତାହା ହେଉଛି କର୍ମର ଫଳ । ଜୈନ ଶାସ୍ତ୍ର ବି କହେ ଏଠାରେ କେହି କାହାର ଶତ୍ରୁ ନୁହଁନ୍ତି କ କେହି କାହାର ମିତ୍ର ନୁହଁନ୍ତି । ଆପଣମାନେ ଯେଉଁ ସ୍ଥିତିରେ ଆସି ବସିଛନ୍ତି ଏହାର ଉତ୍ତରଦାୟୀ ଆଉ କେହି ନାହାଁନ୍ତି ଆମର କର୍ମ ହିଁ ଦାୟୀ । ସୁଖ ମିଳଲେ ତୁମେ ହିଁ କାରଣ, ଦୁଃଖ ମିଳଲେ ତୁମେ ହିଁ କାରଣ, ସମ୍ମାନ ମିଳଲେ ତୁମେ ହିଁ କାରଣ । ଅପମାନ ମିଳଲେ ତୁମେ ହିଁ କାରଣ, ନର୍କ ମିଳଲେ ତୁମେ ହିଁ କାରଣ, ସ୍ୱର୍ଗ ମିଳଲେ ତୁମେ ହିଁ ତାର କାରଣ ।

ନାରାୟଣ କୃଷ୍ଣ କହିଲେ – ହେ ମହାରାଜ ଧୃତରାଷ୍ଟ୍ର ଏହି ପାପ ଏହି ଜନ୍ମର ନୁହେଁ। ଧୃତରାଷ୍ଟ୍ର କହିଲେ – ହେ କୃଷ୍ଣ ! ମୁଁ ଶହେ ଜନ୍ମ ପର୍ଯ୍ୟନ୍ତ ଦେଖିଲି କାଇଁ ମୋ ନଜରରେ ଏମିତି କର୍ମ ତ କରିନାହିଁ ।ମୁଁ ଏପରି କେଉଁ ପାପ କଲି ଯେ ମୋର ଶେହ ପୁତ୍ର ମରିଗଲେ । କୃଷ୍ଣ କହିଲେ ପାପ ତ ଶହେ ଜନ୍ମ ପୂର୍ବର । ଆଜିଠାରୁ ଶହେ ଜନ୍ମ ପୂର୍ବରୁ ତୁମେ ଜଣେ ବଡ ସମ୍ରାଟ ଥିଲ, ବଡ ସଂବେଦନଶୀଳ ଥିଲ,  ବଡ ଦୟାଳୁ ଥିଲ । ତୁମେ ନ୍ୟାୟବନ୍ତ ରାଜା ଥିଲ, ନ୍ୟାୟପ୍ରିୟ ଶାସକ ଥିଲ । ତୁମର ଯଶ, କୀର୍ତ୍ତି ସାରା ଦୁନିଆରେ ବ୍ୟାପୀ ଯାଇଥିଲା ।

ଧୃତରାଷ୍ଟ୍ର କହିଲେ ହେ ମାଧବ ! କଣ ଶହେ ଜନ୍ମ ପୂର୍ବର କର୍ମଫଳ ପ୍ରାପ୍ତ ହୋଇଥାଏ । ଶ୍ରୀକୃଷ୍ଣ କହିଲେ, ହେ ରାଜନ ! ଏପରି କଛି କର୍ମ ଅଛି ତାହା ତୁରନ୍ତ ମିଳେ, ଏପରି କଛି କର୍ମ ଅଛି ତାହା ଏକ ବର୍ଷ ପରେ ମିଳେ, ଏପରି କଛି କର୍ମ ଅଛି ତାହା ଚାରି ବର୍ଷ ପରେ ମିଳେ, ଆଉ ଏପରି କଛି କର୍ମ ଅଛି ତାହା ଆସନ୍ତା ଜନ୍ମରେ ମିଳେ, ଏପରି କଛି କର୍ମ ଅଛି ତାହା ଜନ୍ମ ଜନ୍ମାନ୍ତରରେ ମିଳେ ।

ଏପରି ନୁହେଁ ଯେ ତୁମେ ସ୍ନାତକ କମ୍ବା ଡକ୍ଟର ଇଞ୍ଜିନୟର ପାଠ ପଢିବା ପାଇଁ ଆଡମିସନ କରୁ କରୁ ଫଳ ମିଳଯିବ । ତୁମକୁ ୪/୫ ବର୍ଷ ଅପେକ୍ଷା କରିବାକୁ ପଡିଥାଏ ନର୍ଦ୍ଧିଷ୍ଟ ଶିକ୍ଷାର

ଡିଗ୍ରୀ ପାଇବାକୁ । ତୁମେ ତୁମର ପୁତ୍ର ପାଇଁ ସୁନ୍ଦର ଭବନ ନିର୍ମାଣ କର କିନ୍ତୁ ତୁମ ଲାଗି ବୃଦ୍ଧାଶ୍ରମର ବନ୍ଦୋବସ୍ତ ପୁତ୍ର କରିଥାଏ ।

ହେ ରାଜନ! ତୁମେ ତ ନ୍ୟାୟବନ୍ତ ରାଜା ଥିଲ । ସାରା ଦୁନିଆଁରେ ତୁମର ଖ୍ୟାତି ଥିଲା । ହଜାର ଗୁଣ ଆମର ଥାଉ ଏପରି କିଛି ଅବଗୁଣ ନ ଆସୁ ଯାହା ସମଗ୍ର ସଦଗୁଣକୁ ପାଣିଚଆ କରିଦେବ । ଯାହା ତୁମ ଜୀବନରେ ଘଟିଲା । ହଜାର ଲିଟର ଦୁଗ୍ଧରେ ଗୋଟିଏ ଲେମ୍ବୁ ଚପୁଡି ପକାଇଦେଲେ ତାହା ଛିଣ୍ଡିଯାଏ । ହେ ରାଜନ ! ତୁମେ ତ ଭଗବତ ପ୍ରିୟ ଥିଲ କିନ୍ତୁ ତୁମେ ରସନାନ୍ଦ୍ରିୟକୁ ଜୟ କରିପାରିନଥିଲ । ପ୍ରାତଃ ସମୟରେ ଯଦି ତୁମର ଜଳଖିଆ ଖାଇବାରେ କିଛି କମ ହୋଇଯାଉଥିଲା ତୁମେ ତାହା ଫିଙ୍ଗିଦେଉଥିଲ ।

ଥରେ ରୋଷେୟାକୁ କିଛି ଫଳମୂଳ ମିଳିଲା ନାହିଁ । ସେ ଜାଣିଛି ଖାଇବାରେ ସାମାନ୍ୟ ବିଳମ୍ବ ହେଲେ ରାଜା ତାକୁ ଦଣ୍ଡ ବିଧାନ କରିବେ । ସେ ମହଲର ପଛ ପାଖକୁ ଗଲା । ସେଠାରେ ଦେଖିଲା କେତେ ଗୁଡିଏ ହଂସ ଶାବକ ଅଛନ୍ତି । ସେଥିମଧ୍ୟରୁ ଗୋଟିଏ ଶାବକକୁ ମାରି ଭୋଜନ ପ୍ରସ୍ତୁତ କରି ତୁମକୁ ଖାଇବାକୁ ଦେଲା । ତାହା ଖୁବ୍ ସ୍ୱାଦିଷ୍ଟ ତୁମକୁ ଲାଗିଲା । ତୁମେ ତ ନିରାମିଷାଶୀ ଥିଲ କିନ୍ତୁ ରୋଷେୟା ଏପରି ଭାବରେ ପ୍ରସ୍ତୁତ କରିଥିଲା ଯେ ତୁମେ ତାହା ନିରାମିଷ କି ଆମିଷ ଜାଣିପାରିଲ ନାହିଁ । ଖାଇଦେଲ । ତାହା ହଂସର ଶାବକ ଥିଲା ଏହା ତୁମେ ଜାଣିନଥିଲ । ତୁମେ ରୋଷେୟାକୁ ପ୍ରଶଂସା କଲ, ଏପରିକି ନିଜ ଗଳାରେ ପିନ୍ଧିଥିବା ବହୁମୂଲ୍ୟ ହାରଟି ତାକୁ ପ୍ରଦାନ କଲ । ପ୍ରତିଦିନ ରୋଷେୟା ଅଳଙ୍କାର ଲୋଭରେ ଗୋଟିଏ ଗୋଟିଏ ହଂସ ଶାବକ ମାରି ତୁମକୁ ଖାଇବାକୁ ଦେଇ ଚାଲିଲା । ତୁମେ ଖାଇଚାଲିଲ । ଜିହ୍ୱାର ଆସକ୍ତ ହୋଇଗଲ । ପୁଲକ ସାଗର କହୁଛି ମଣିଷକୁ ତାର ଖାଦ୍ୟପେୟରେ ଧ୍ୟାନ ଦେବାକୁ ହେବ । କାରଣ ଖାଦ୍ୟରୁ ରକ୍ତ, ମାଂସାଦି ସପ୍ତ ଧାତୁ ତିଆରି । ଯେପରି ଅନ୍ନ ସେପରି ରକ୍ତ ଯେପରି ରକ୍ତ ସେପରି ବିଚାର ଯେପରି ବିଚାର ସେପରି କର୍ମ ମନୁଷ୍ୟ କର ଯେପରି ବ୍ୟବହାର ସେପରି ସଂସ୍କାର ଛିଡା ହୁଏ । ମହିଳାମାନଙ୍କୁ ନିବେଦନ ଯାହାର ଖାଦ୍ୟପେୟ ଶୁଦ୍ଧ ତଦନୁଯାୟୀ ସେପରି ବଂଶ ହୁଏ । ମାଂସ ପୁଣ୍ୟାତ୍ମାମାନଙ୍କର ଖାଦ୍ୟ ନୁହେଁ ଏହା ପାପାତ୍ମାମାନଙ୍କର ଖାଦ୍ୟ, ଏହା ମ୍ଳେଚ୍ଛ ମାନଙ୍କ ର ଖାଦ୍ୟ । ଯେ ମାଂସ ଭକ୍ଷଣ କରେ ସେ ଚିକିତ୍ସାଳୟରେ ପଡି ରହେ ।

କଣ ଖାଇବ, କଣ ନ ଖାଇବ, କେତେ ଖାଇବ, କେଉଁ ସମୟରେ ଖାଇବ ତାହା ବିଚାର କରିବ । ପଶୁମାନେ କେବଳ ଖାଇ ଚାଲନ୍ତି । ସେମାନେ ନାଳ ନର୍ଦ୍ଦମାର ପାଣି ପିଅନ୍ତି । କିନ୍ତୁ

ମଣିଷକୁ ଶୋଷ ଲାଗିଲେ ସେ ନିର୍ମଳ ଶୁଦ୍ଧ ପାଣି ଆବଶ୍ୟକ କରେ । ମନୁଷ୍ୟ ବିବେକପୂର୍ଣ୍ଣ, ଜ୍ଞାନୀ ଅଟେ । ପଶୁ ଅଜ୍ଞାନୀ ସେ ସବୁ କିଛି ଖାଇଯାଏ । ମଣିଷ କଣ ଖାଇବ କିପରି ଖାଇବ ସେ ଚିନ୍ତା କରି ଖାଏ । ପ୍ରକୃତିର ନିୟମ ଯେ ମାଂସାହାରୀର ଦନ୍ତ ତୀକ୍ଷଣ ଓ ସେ ପାଣି ଜିଭରେ ଚାଟିଚାଟି ପାନ କରେ । ଶାକାହାରୀ ଚାଟି କରି ପାଣି ପିଏ ନାହିଁ । କୁକୁର, ବିରାଡି ଚାଟିଚାଟି ପାଣି ପିଅନ୍ତି । ହେ ମନୁଷ୍ୟ ! ତୁମକୁ ଭଗବାନ ଶାକାହାରୀ ନା ମାଂସାହାରୀ ପ୍ରାଣୀ କରି ପଠାଇଛନ୍ତି ଯାଇ ଈଶ୍ୱରଙ୍କୁ ପଚାର । ମାଂସାହାରୀର ନଖ ବଡ ତୀକ୍ଷଣ, ତା ଆଖିରୁ ଅନ୍ଧକାରରେ ଚମକ ସୃଷ୍ଟି ହୁଏ । ପ୍ରକୃତି ତୁମକୁ ଶାକାହାରୀ କରି ପଠାଇଛନ୍ତି । ଥରେ ଧ୍ୟାନ କର, ତୁମେ ଯଦି ମାଂସାହାରୀ ହୁଅ ତେବେ ତୁମର ସଂସ୍କାର ମଧ୍ୟ ପଶୁପରି ହୋଇଯିବ । ଯେପରି ପଶୁ ନିଜ ନିଜ ମଧ୍ୟରେ ସଂଘର୍ଷ କରିଥାନ୍ତି ସେପରି ତୁମ ମଧ୍ୟରେ ଉତ୍ତେଜନା ବୃଦ୍ଧି ହେବ, ନିଜନିଜ ମଧ୍ୟରେ ଝଗଡା ସୃଷ୍ଟି ହେବ, ତାମସିକ ଭାବନା ଉଦ୍ରେକ ହେବ ।

ମାଂସାହାରୀ ନ ଗାଧୋଇଲେ ତା ଦେହରୁ ଦୁର୍ଗନ୍ଧ ନିର୍ଗତ ହୁଏ କିନ୍ତୁ ଶାକାହାରୀ ନ ଗାଧୋଇଲେ ତା ଶରୀରରୁ ଦୁର୍ଗନ୍ଧ ବାହାରେ ନାହିଁ । ଗାଈ ଶାକାହାରୀ । ତା ଦେହରୁ ଦୁର୍ଗନ୍ଧ ବାହାରେ ନାହିଁ କିନ୍ତୁ ସିଂହ ଶରୀରରୁ ଦୁର୍ଗନ୍ଧ ବାହାରେ କାରଣ ସେ ମାଂସାହାରୀ । ଗୋମାତାକୁ ଦେଖି ଜଣାପଡିବ ତା ଚେହେରାରୁ କରୁଣାର ଝଲକ ବାହାରୁଛି, ତା ନିକଟରୁ ବାତ୍ସଲ୍ୟ ରସ ପ୍ରବାହିତ ହୁଏ । କିନ୍ତୁ ସିଂହଠାରେ ନାହିଁ । ରେ ରାଜନ! ତୁମେ ଶହେଟି ହଂସ ଶାବକର ମାଂସ ଭକ୍ଷଣ କରିଛ, ଏଣୁ ତୁମର ଶେହେ ପୁତ୍ର ମରିଗଲେ । ତମେ ତ ଶିଶୁମାନଙ୍କ ପ୍ରତି କରୁଣତା ଆଚରଣ କରିଅଛ । ଧୃତରାଷ୍ଟ୍ର କହିଲେ ହେ ନାରାୟଣ ! ତାହା ତ ମୋ ଅଗୋଚରରେ । ମୁଁ ଜାଣିଶୁଣି ସେ ପାପ କରିନାହିଁ । କଣ ଅଜାଣାତରେ କରିଥିବା ପାପର ଦଣ୍ଡ ମିଳେ । ଜାଣିଶୁଣି  ପାପ କଲେ ତାହାର ଦଣ୍ଡ ମିଳିଥାଏ ନା ନ ଜାଣି କରିଥିବା ପାପ କର୍ମର ଫଳ ମିଳେ ।

ମୁଁ ପୁଲକ ସାଗର କହୁଛି କର୍ମ ତ କର୍ମ । ତାହା ଜାଣତରେ ହେଉ କିମ୍ବା ଅଜଣାତରେ । ଜାଣିଶୁଣି ପାପ କର୍ମ କରୁଥିବା ବ୍ୟକ୍ତିକୁ ଅଧିକ ଦଣ୍ଡ ମିଳିଥାଏ । ମୁଁ ବାରବତୀ ଲୋକମାନଙ୍କୁ ପଚାରୁଛି ଆମମାନଙ୍କ ଭିତରେ କେହି ଯଦି କୌଣସି ବ୍ୟକ୍ତିବିଶେଷ ଘରକୁ ଯାଅ ଏବଂ ସେ ତୁମକୁ ଉତ୍ତମ ଅତିଥ୍ୟ ପ୍ରଦାନ କରିବା ଅବସରରେ ତୁମ ସମ୍ମୁଖରେ ଦୁଇଟି ଗ୍ଲାସ ଦୁଗ୍ଧ ପାତ୍ର ରଖିଦିଏ ଏବଂ ତା ଭିତରୁ ଗୋଟିକର ବିଷମିଶ୍ରିତ ଦୁଗ୍ଧ ପିଇ ଥିବ,

ତୁମେ ତ ଯାଣିନାହଁ କେଉଁ ଗ୍ଲାସରେ ବିଷ ମିଶିଛି । ମନେକର ତୁମେ ଜହର ମିଶ୍ରିତ ଦୁଗ୍ଧ ପିଇଲ ତେବେ ତାହା ତୁମ ବିନାଶର କାରଣ ହେବ କ ନାହିଁ? ନ ଜାଣି ପିଇଛ ନା । କର୍ମ କାହାକୁ ଛାଡେ ନାହିଁ । ତୁମେ ନ ଜାଣି ଯଦି ଏଲେକ୍ଟ୍ରି କରେଣ୍ଟ ପ୍ରବାହିତ ଥିବା ତାରକୁ ଛୁଇଁବ ତେବେ ତାହା ତୁମକୁ ଝଟକା ଦେବାଟା ନଷ୍ଚିତ୍ନ । ତୁମେ ତ ଜାଣିଶୁଣି ସ୍ୱର୍ଶ କରିନାହଁ । ସଜା ତ ମିଳବା ନଷ୍ଚିନ୍ତ ।

୯୦% ପାପ ଅଜାଣତରେ ହୋଇଥାଏ, ୧୦% ପାପ ଜାଣତରେ । ଜାଣିଶୁଣି କୌଣସି ବ୍ୟକ୍ତି ପାପ କରେନାହିଁ । ତୁମେମାନେ ଭ୍ବନାହିଁ ଯେ, ଅଜାଣତରେ କରିଥିବା ପାପର ଦଣ୍ଡ ମିଳବ ନାହିଁ । ଆରେ ଭ୍ଇ ତୁମେ ଯଦି ଅଜାଣତାରେ କଣ୍ଟା ଉପରେ ପାଦ ପକାଇଦେବ, ତେବେ ତୁମ ପାଦ ନଷ୍ଚିନ୍ତ ଫୁଟିଯିବ, ତୁମ ପାଦରୁ ରକ୍ତ ନର୍ଗତ ହେବ । ଅଜଣାତରେ ତୁମେ ଅଙ୍ଗାରରେ ହାତ ଦେଲେ ତୁମ ହାତ ପୋଡିଯିବ ।

ଧୃତରାଷ୍ଟ୍ରଙ୍କ ଚକ୍ଷୁରୁ ଲୋତକ ନର୍ଗତ ହେବାକୁ ଲାଗିଲା । ସେ କହିଲେ ହେ ମାଧବ ! ମୁଁ କାହିଁକ ଅନ୍ଧ ହେଲି । ରାଜ ପରିବାରରେ ପୁଣି ଉଚ୍ଚ କୌରବ ବଂଶରେ ଜନ୍ମ ହେଲି କନ୍ତୁ ମୋ ଚକ୍ଷୁରୁ ଜ୍ୟୋତି କୁଆଡେ ହଜିଗଲା । ଶ୍ରୀକୃଷ୍ଣ କହିଲେ, ଏହାର ବି ତୁମେ ଉତ୍ତରଦାୟୀ । ରୋଷ୍ୟା ତୁମକୁ ସ୍ୱର୍ଣ୍ଣ ଲୋଭରେ ପ୍ରତିଦିନ ହଂସ ଶାବକ ମାରି ଖାଇବାକୁ ଦେଲା ତୁମେ ତାହା ଅନ୍ଧ ଭ୍ବରେ ଖାଇଗ୍ଲିଲ । ତୁମେ ଯ୍ୟା ବି ଦିନେ ହେଲେ ଚନ୍ତା କରିଲନାହିଁ କ ରୋଷେୟାକୁ ପଗ୍ଚରିଲନାହିଁ ଏଭ୍ଳ ସ୍ୱାଦିଷ୍ଟ ଭୋଜନ କପରି ପ୍ରସ୍ତୁତ କରୁଛ । ତୁମର ଆଖି ଥାଇ ବି ଦିନେହେଲେ ଦେଖିଲ ନାହିଁ, ନଜରଅନ୍ଦାଜ କରିଗ୍ଲିଲ ।

ଏଣୁ ତୁମେ ଅନ୍ଧ ହେଇଗଲ । ଧୃତରାଷ୍ଟ୍ର ପୁଣି ପଗ୍ଚରିଲେ ହେ କୃଷ୍ଣ ! ଏ ଗାନ୍ଧାରୀ କାହିଁକ ତା ଚକ୍ଷୁରେ ପଟି ବାନ୍ଧି ବସିଛି । ଶ୍ରୀକୃଷ୍ଣ କହିଲେ ହେ ରାଜନ ! ଏହା ବି ପାପର ପରିଣାମ । ସେ ରୋଷେୟା ଆଉ କେହି ନାହିଁ । ଯେ ହେଉଛି ତୁମର ଗାନ୍ଧାରୀ । ଏଣୁ ହେ ରାଜନ! କର୍ମର ଫଳ ଅବଶ୍ୟମ୍ଭାବୀ ତାହା ପାପ ହେଉ କ ପୂଣ୍ୟ ହେଉ ।

ବିଜିଗୋଳ, ଏନ ଟି ପିସି, ଅନୁଗୋଳ

# ଆମେ ସ୍ୱାଧୀନ




ଲଲ୍‌ଟେନ୍ଦୁ ବାରିକ

ଶାନ୍ତି ମୈତ୍ରୀ ଐକ୍ୟ ର ଆବାହକ ସାଜି
ଉଡଇ ଜାତୀୟ ତ୍ରିରଙ୍ଗା ଧ୍ୱଜା
ମୃଦୁ ମଳୟ ରେ ତାଳମେଳ ଦେଇ
ଖେଳାଏ ଭ୍ରାତୃତ୍ୱ ର ଭାବ ଧାର୍
ଅହିଂସା ର ମାର୍ଗ ଅଟଇ ସବୁରି
ବୁଣଇ ବିଜୟ ର ଶ୍ରେଷ୍ଠ ବାର୍ତ୍ତା
ସତ୍ୟ ର ପୂଜାରୀ ମହାନ ବାପୁଜୀ
ଦେଇଗଲେ ନାନା ନୀତି ଶିକ୍ଷା
ନାନା ନାର୍ ଦେଇ ଜାଗ୍ରତ କର୍ଇ
ଦେଶରୁ ଫିରିଙ୍ଗି କୁ ଦେଲେ ହଟାଇ
ଏକତା ମନ୍ତ୍ର କୁ କର୍ଇ ପ୍ରଚ୍ୟର
ସଭିଙ୍କ ମନ ରେ ଭରିଲେ ସଞ୍ଚାର
ବହୁ ବୀରସୁତ ଭୋଗୀ କାର୍ବାସ
ଭାରତ ବର୍ଷ କୁ କଲେ ସ୍ୱାଧିନ
ତାର ସନ୍ତକ ବିଜୟ ର ଧ୍ୱଜା
ଉଡୁ ଅଛି ଗର୍ବେ ଫୁଲାଇ ଛାତି
ପର୍ଧୀନତା ର ସେହି କଳାବାଦଲ
ଘୋଟି ରହିଥିଲା ଦୁଇ ଶହ ବରଷ

ପୂଜ୍ୟ ବାପୁଜୀ ଙ୍କ ଅହିଂସା ମନ୍ତ୍ର
ଗୋର୍ ସାହେବଙ୍କୁ କଲା ଚକତ
ଅହିଂସା, ଏକତା ଏହି ଦୁଇ ମନ୍ତ୍ରେ
ଲଢ଼ିଲେ ସଭିଏଁ ହୋଇ ଦୀକ୍ଷିତ
ଆସିଲା ସ୍ୱାଧିନତା ର କରଣ
ଖୁସିର ଲୁହେ ଭିଜିଲା ମା ଚରଣ

ବାସୁଦେବପୁର, ଭଦ୍ରକ

# ଉତ୍କଳ ଦର୍ପଣ



ଅଜିତ ପାଢ଼ି

ଧନ୍ୟ ମଧୁବାବୁ "ଉତ୍କଳ ଗୌରବ"
ସବୁରି ହୃଦୟେ ଅଟ ପ୍ରତୀତ
ଦକ୍ଷ ତୁମ ପଣ କରିଅଛ ରଣ
"ଉତ୍କଳ ପ୍ରଦେଶ" ହୁଏ ଉଦିତ ।୧ ।
ଉଚ୍ଚ ଅଭିଳାଷୀ ନଥିଲ ବିଳାସୀ
ରଣ ଥିଲା ତବ ଜୀବନ ଲକ୍ଷ୍ୟ
ଆପଣା ମନ୍ଥନେ "ଉତ୍କଳ ଦର୍ଶନ"
ଜାବୁଡି ରଖିଛି ତୁମରି ବକ୍ଷ ।୨ ।
ଧନ୍ୟ "ବିଜୁବାବୁ" ପ୍ରବାଦ ପୁରୁଷ
ଥିଲ ତୁମେ ଦିନେ ସାହସୀ ଯୋଦ୍ଧା
"ପ୍ରଗତି ଯଜ୍ଞ" ରେ ଆହୁତି ଦେଇ ତ
"ଉତ୍କଳ କୋଣାର୍କ" ପାଇଛ ଶ୍ରଦ୍ଧା । ୩ ।
ଜୀବନରଣରେ ଜୀବନ ରଣରେ
ସମର୍ପିତ ତବ ଉତ୍କଳ ର ମାନ
କଳଙ୍ଗ ସୌରଭ, କଳଙ୍ଗ ଗୌରବ
ଘେନ ଦୁହେଁ ବନ୍ଧୁ ଉତ୍କଳ ସମ୍ମାନ
ବରଷକ ଥରେ ଉତ୍କଳ ଦିବସେ
ପ୍ରଣତି ଘେନ ହେ ଉତ୍କଳ ଦର୍ପଣ
ପ୍ରଣତି ଘେନ ହେ "ଉତ୍କଳଦର୍ପଣ"..... ।୪ ।

ଘାସିରାମ ମାଝୀ ହାଇସ୍କୁଲ,
ନୂଆଗାଁ

# ମୋ ଘର ମୋ ମନ୍ଦିର

ମନୋରମା ମହାନ୍ତି

ଆରଧନା ତା ବଗିଚ୍ଛର ଗଛ ର ବହୁତ ଯତ୍ନ ନଏ | ଆଜି ବି ସେ ବଗିଚ୍ଛ ରେ ଲଗାଇ ଥିବା ଗଛ ରୁ ସୁଖିଲା ପତ୍ର ତୋଳ ଗଛ ମୂଳ ରେ ପାଣି ଦେଉଛି | ବନନ୍ଦନା ତାର ବାନ୍ଧବୀ ସେ ସକାଳୁ ଉଠି ଫୁଲ ତୋଳ ପୂଜା ସାମଗ୍ରୀ ଥାଳୀ ସଜେଇ ତର ତର ହୋଇ ଆସି ଆରଧନା ର ଘରେ ଡାକ ଡାକ କହୁଥାଏ .. ଅରୁ ତୁ ସଜେଇ ସାରିଲୁଣିତ | ଆସେ ମନ୍ଦିର ଯିବା ||

ଆରଧନା ତାର ଡାକ ଶୁଣି କହିଲା; କୁଆଡେ ଯିବା କ; ବନ୍ଦନା ମନ୍ଦିର କୁ ...ଆରଧନା, ଆଜି କଣ କ .. ବନ୍ଦନା ..ଆରେ ତୁ କଣ ଜାଣିନୁ, ଆଜି ଜନ୍ମାଷ୍ଟମୀ | ତୁ କଣ ବ୍ରତ କରିନୁ କ ?

ଆରଧନା ହଁ କରିଛି ଯେ; ମୁଁ ସକାଳୁ ମୋ ଘରେ ପୂଜା କରେ : ସେ ପୁଣି ସବୁ ଦିନ .. ଶୁଣ ବନ୍ଦନା ମୁଁ ମୋ ଘରେ ପ୍ରତି ଦିନ ମୋ ବାପା ଆଉ ମା କଂର ପୂଜା କରେ | ସେଥି ପାଇଁ ମୁଁ ମନ୍ଦିର ଯିବାକୁ ଇଛା କରେ .. ହଁ ମୁଁ ବାପା ମା କଂର ପ୍ରତ୍ୟକ ଆଦେଶ ପାଳନ କରେ | ଘରେ ମା କୁଂ କାମ ରେ ସାହାଯ୍ୟ କରେ | ଘରେ ଜଦି ମା କଷ୍ଟରେ କାମ କରିବେ, ମନ୍ଦିର ରେ ପ୍ରତିମା ମା କପରି ଖୁସି ହେବେ| ମୋ ପାଇଁ ମୋ ଘର ହେଉଛି ମନ୍ଦିର ଆଉ ମୋ ବାପା ମା ଦେବ ଦେବୀ | ସକାଳ ସନ୍ଧ୍ୟା ରେ ମୁଁ ତାକୁଂ ହିଁ ପୂଜା କରେ !

ବୁଝୁଚ, ଯେ ହେଲେ ଆଜି ତ ଜନ୍ମାଷ୍ଟମୀ ପ୍ରସାଦ କେଉଁଠୁ ପାଇବୁ ପୁଣି ବ୍ରତ କରିଛୁ| ଖାଇବୁ କେମିତି ଆରଧନା | ଅଳ୍ପ ହସି କହିଲା : ଆମ ଅଗଣା ରେ ତୁଳସୀ ପତ୍ର ଅଛି ..ମୁଁ ତୁଳସୀ ପାଇ ଜଳ ପାନ ପରେ ମା ପ୍ରସ୍ତୁତ କରିଥିବା ପ୍ରସାଦ ଖାଇଲି .. ଶୁଣୁ ଏହି କଥା ..... ମୋ ଜେଜେମା କଂ ନତୀ ବାଣୀ .....

ବାପା ମା ମୋର  ସାଖ୍ୟାତ ଇଶ୍ୱର.. କାଇଁ ଯିବି ମୁଁ ମନ୍ଦିର !
ମନ୍ଦିର ର ରେ ଯାଇ ପୂଜିବୀ ପଥର ପଥର କଣ ଦେବ କ ଉତ୍ତର !
ଅଗଣା ତୁଳସୀ ପଥର ରେ ଘଷି ପାଦୁକା କହିକ ହୋଇବି ତେଷି !
ଘରୁ ଖିର ନେଇ ପଥରେ ଢାଳବି ବାପା ମା କୁଂ ନାଲି ଗୁ ଦେବି !
ଗଛ ମୋ ଜୀବନ ଦେଉଛି ପବନ ଫୁଲ ଫଳ ନେଇ କରିବି ଭୋଜନ !
ବେଲ ତୁଳସୀ କରୁଥିବି ପୂଜା ଯୁଗେଯୁଗେ ତାକଂ ଉଡୁଚ ଧ୍ୱଜା !
ଘର ଅଗଣା ସରଗ ପୁର ଏଇଠି ଗୁହାରି ଶୁଣ ଠାକୁର !
ସକାଳ ସନ୍ଧ୍ୟା ରେ ତୁମ ରି ନମ ରେ ଜାଳୁ ଅଛି ଦୀପ ବାପା ମା କଂ ପାଖରେ !
ତାକଂ ଆଶ୍ରିବାଦ ଥାଉ ମୋ ଉପରେ ଏତିକ ମାଗୁଣି ତୁମରି ପୟରେ !
ତାକଂ ପାଦ ଧୋଇ ତଣ୍ଡ ରେ ମୋ ଦେଇ! କର୍ମ ପଥ ରେ ଯାଏ ମୁଁ ଆଗେଇ !
ଜେଜେ ମା ମୋର କହିଛି ବୁଝେଇ !

ବନ୍ଦନା, ଆରଧନା ଠାରୁ ଏ ସବୁ ଶୁଣି ତା ଘର କୁ ଫେରିଗଲ୍ । ଆଉ ତା ବାପା ମା କଂ ପୂଜା କଲ୍ ! ଆରଧନା ମନ ଖୁସି ରେ ଭଗବାନଙ୍କୁ ପ୍ରଣାମ କରି ତାର କାମରେ ଲ୍ଗିଗଲ୍ !

ପାରାଦ୍ୱୀପ, ଜଗତସିଂହପୁର
ଉତ୍କଳଶ୍ୱରୀ କବିତା ଝଙ୍କାର ର ସମ୍ପାଦିକା

# ଅସୂୟା

ସଂଯୁକ୍ତା ସାହୁ

ଆଜିକାଲି ଏମିତି କଣ ଘଟୁଛି
ଋତୁ କଣ ତା'ର ବାଟ ଭୁଲିଗଲା
ନା ' ତ ବର୍ଷା ତ ତା ଧର୍ମ କରୁଛି
କେଜାଣି ଏମିତି କାହିଁ ଘଟୁଛି
ଏ ଖବର କଣ କମ୍ ବହପ
ଅଜାଡ଼ି ଦେଉଛି ପ୍ରଖର କରଣ
ଓଃ କ ଉତ୍ତାପ ଏ ବର୍ଷା ଦିନରେ
ବିନା ନମନ୍ତ୍ରଣରେ ପଶିଆସୁଛି
ପ୍ରକୃତି କଣ ଅଭିମାନ କରିଛି ?
ସତରେ ବର୍ଷାରେ ଭିଜୁଥିଲା ଦେହ
ମନରେ ବିଛୁଥିଲା ଶୀତଳ ସ୍ପର୍ଶ
ଭିଜା ମାଟି ବାସେ ମହ ମହ ହୋଇ
ଆକାଶ ଆଉ ମାଟିର ଦୂରତା ସିନା
କନ୍ତୁ ଆକାଶ ଦୂରରେ ଥାଇ ବି
ମାଟିକୁ ତା ଶୀତଳ ବର୍ଷାରେ
ଭିଜାଉଥାଏ ତା ଅଭିସାରିକା
ଲାଜକୁଳୀ ପ୍ରେମିକା ପାଇଁ
ବର୍ଷାର ପରଶର ଛୁଆଁରେ ମାଟି
ଉତ୍ ଫୁଲିତ ହୋଇ ଗୀତ ଗାଏ
ଶାଗୁଆ ଶସ୍ୟ ଶ୍ୟାମଳାରେ ଭରେ

ତା ସେଇ ଭିଜା ଭିଜା ଦେହକୁ
ଏବେ କନ୍ତୁ ବର୍ଷାର ଛୁଆଁରେ ଆଉ
ପ୍ରକୃତି ହସୁନ କ ସରାଗ ନାହିଁ
କେବଳ ଅଦିନଆ ଉତ୍ତାପ ପାଇଁ
ମଣିଷ କଣ ଏ ସବୁ ନଜେ କରୁଛି ?
କେଉଁଠି କଛି ଭୁଲ ରହିଯାଉଛି କ ?
ଏଥିପାଇଁ ସିଏ ଦାୟୀ ନୁହେଁ ତ ?
ପ୍ରତ୍ୟେକ ମଣିଷ ନଜ ମାନବିକତାର
ଏ ପ୍ରଶ୍ନ ନଜକୁ ପଚ୍ଚରିବା ନହାତି
ଦରକାର ସଠିକ୍ ଉତ୍ତର ପାଇବାକୁ
ଆଉ ନଜକୁ ସଂଶୋଧନ କରିବାକୁ ।

ରାହାମା, ଜଗତସିଂହପୁର

# ଖୋର୍ଦ୍ଧା ଗଡର ବୀର ପାଇକ

ଇପ୍ସିତା ମହାନ୍ତି

ଖୋର୍ଦ୍ଧା ଗଡ଼ର ବୀର ପାଇକ
ତୁମକୁ ଜୁହାର ହେଉଛି,
ସବୁଜ ବନାନୀ ବରୁଣେଇ ଶିଖ
ତୁମ ସ୍ମୃତି ଝୁରି ହେଉଛି ।

ଇଂରେଜ ଶାସନ ବିରୁଦ୍ଧ ଲଢ଼ିଲେ
ଯଇରାଜ ଗୁରୁ ଆମର,
ବିଦେଶୀ ଶାସନ ଟଳମଳ କଲା
ବୀର ପାଇକଙ୍କ ହୁଙ୍କାର ।

ବକ୍ସି ଜଗବନ୍ଧୁ ମରିଛନ୍ତି ସିନା
ଅମର ତାଙ୍କ କାହାଣୀ
ମୁକ ସାକ୍ଷୀ ଆମ ବରୁଣେଇ ଅଛି
ଖୋର୍ଦ୍ଧା ଗଡ଼ର ରାଣୀ ।

କେତେ କେତେ ବୀର ପାଇକ ଜୀବନ
ଅକାଳେ ଝଡ଼ି ପଡିଲା
ବରୁଣେଇ ଗଡ଼ ନଶବ୍ଦ  ହୋଇଲା
ବିରବେ ଲୁହ ଢାଳିଲା ।

କାଳର କବଳେ ହଜିଯାଇଛନ୍ତି
ଆମର ବୀର ପାଇକ,
ମାନ୍ଧ ବରୁଣେଇ ସାଇତି ରଖିଛି
ସବୁର ସ୍ମୃତି ସନ୍ତକ ।

ଖୋର୍ଦ୍ଧା ଗଡ଼ର ପାଇକ ତୁମେ ହେ
ଅକାଳେ ଯାଇଛ ହଜି
ତୁମରି ବୀରତ୍ୱ  ତୁମରି ସାହସ
ମନେ ମନେ ଖୋଜୁ ଆଜି ।

ପୂରୁବ ମହିମା ପୂରୁବ ଗାରିମା
ସତେକ ଆସିବ ଫେରି
ହେ ବୀର ପାଇକ ସାଦରେ ଘେନବି
ଆମ ଘେନ ପୁଷ୍ପାଞ୍ଜଳ

ଖୋର୍ଦ୍ଧା

# ସର୍ବଂସହା



କାଳକଙ୍କର

ଧାରାବାହିକ ଉପନ୍ୟାସ:
(ତୃତୀୟ ଭାଗ)

ପରଦିନ ପ୍ରାତଃ କାଳରୁ ଅବଧାନ ନାକଫୁଡି ନନ୍ଦଙ୍କୁ ନେଇ ତିନୋଟି ଶଗଡ ତାଙ୍କ ଗ୍ରାମ ଭାଗ୍ୟନଗରକୁ ପ୍ରସ୍ଥାନ କଲା । ଅବଧାନେ ତାଙ୍କର ଦ୍ୱିତୀୟ ପକ୍ଷ ସ୍ତ୍ରୀଙ୍କୁ ସାଥିରେ ଆଣିବାକୁ ଯାଉଥିବାରୁ ମନେ ମନେ ପ୍ରସନ୍ନ ଥିଲେ । ତିନୋଟି ଶଗଡରେ ଅବଧାନଙ୍କର ପ୍ରଥମ ପକ୍ଷର ଭରଣ ପୋଷଣର ଖର୍ଚ୍ଚପାଇଁ ଧାନ, ଚାଉଳ, ଡାଲି, ଆଳୁ, ମାଟିଆଳୁ, ପିଆଜ, ରସୁଣ ଆଦି ସହ ବସ୍ତ୍ର ମଧ୍ୟ ଲଦାହୋଇ ଯାଉଥାଏ । ମଧ୍ୟାହ୍ନ ବେଳକୁ ଜମିଦାରଙ୍କ ଶଗଡ ଭାଗ୍ୟ ନଗରରେ ପହଂଚଲା । ଭାଗ୍ୟନଗରକୁ ଯିବା ବାଟରେ ଅନେକ ଆବଡା ଖାବଡା ବାଟ। ତେଣୁ ସାବଧାନରେ ଯିବାକୁ ହୁଏ । ଅଂଟା ପିଠି ଦରଜ ହୋଇଯାଏ । ଆଉ ଯଦି ବର୍ଷା ଅସରାଏ ହୋଇଗଲା ତେବେ ଆହୁରି କଷ୍ଟ । ରାସ୍ତା କାଦୁଅ ହୋଇଯାଏ । ଶଗଡକୁ ଠେଲି ପେଲି ବହୁ କଷ୍ଟରେ ଆଗକୁ ନେବାକୁ ହୁଏ ।

ସେଦିନ ଜମିଦାରଙ୍କ ଶଗଡ ଭାଗ୍ୟ ନଗରରେ ପହଂଚଲା । ଅବଧାନେଙ୍କ ପ୍ରଥମ ଓ ଦ୍ୱିତୀୟ ପକ୍ଷ ସ୍ତ୍ରୀ ସମସ୍ତଙ୍କ ପାଇଁ ଭୋଜନ ପ୍ରସ୍ତୁତ କଲେ । ବଳଦ ମାନଙ୍କୁ ଘାସୁଆ ଜାଗାରେ ବାନ୍ଧି ଦିଆଗଲା ଚରିବା ପାଇଁ । ତାଙ୍କ ପାଇଁ ପେଜ ତୋରାଣୀ ମଧ୍ୟ ପ୍ରସ୍ତୁତ ହେଲା। ନନ୍ଦ ଅବଧାନେଙ୍କର ତିନୋଟି ଗାଈ ମଧ୍ୟ ଅଛନ୍ତି । ତା'ର ବୁଝାସୁଝା ସମସ୍ତେ ମିଶି କରନ୍ତି । ତେବେ ଅଧିକ କରନ୍ତି ପ୍ରଥମ ପକ୍ଷ । ଦ୍ୱିତୀୟ ପକ୍ଷ ଘରର ଭିତର କାମ ସମ୍ଭାଳେ ।

ଆଜି ପ୍ରଥମ ପକ୍ଷଙ୍କର ମୁହଁ ଟିକଏ ଶୁଖିଯାଇଛି । ମଝିରେ ମଝିରେ ପଣତ କାନରେ ଆଖିର ଲୁହ ପୋଛି ଚାଲିଛନ୍ତି । ଗେରସ୍ତ ତାଙ୍କୁ ଛାଡି ସଉତୁଣୀକୁ ନେଇ ଦୂର ରାଇଜକୁ ଚାଲିଯିବେ ଅବଧାନୀ କରିବାପାଇଁ । ଘରେ ସେ ପାଂଚ ଝିଅଙ୍କୁ ଧରି ପଡି ରହିବ । କ'ଣ

ଆଉ ସେ କରି ଥାଆନ୍ତା ? ବରଷକୁ ଗୋଟିଏ କରି ଛୁଆ ଜନମ ଦେଲି । କେବେ ତାଙ୍କୁ ମୋ ପାଖରେ ଶୋଇବାକୁ ମନା କରିନାହିଁ । ଯେତେ କଷ୍ଟ ହେଉଥିଲେ ମଧ ତାଙ୍କ ଦେହ ଓ ମନର କ୍ଷୁଧା ମୁଁ ମେଂଟାଇବାରେ ଅବହେଳା କରିନାହିଁ । ସେ ମଧ ସବୁବେଳେ ଚେଷ୍ଟା କରିଛନ୍ତି ଯେ ପୁଅଟେ ହେଉ । ଆମ କୁଳ ରକ୍ଷା କରିବ । ଅବଧାନୀ ଶିଖିବ । ବୁଢ଼ାକାଳେ ସେବା ଶୁଶ୍ରୁଷା ଟିକେ କରିବ । ମରିଗଲେ ଶୁଦ୍ଧିକ୍ରୀୟା କରିବ । ଆମର ଅସ୍ଥିକୁ ନେଇ ଗଙ୍ଗାରେ ବିସର୍ଜନ ଦେବ । ଶ୍ରାଦ୍ଧ ଆଦି ଦେବ । ଆମକୁ ମୁକ୍ତି ଦେବ ।

ଏ ଝିଅ ଗୁଡା କେଉଁ କାମକୁ ଯେ ? ଆମେ ଆମର ବାପ ମାଆର କ'ଣ କରୁଛୁ ଯେ? ଗେରସ୍ତ ଘରକୁ ଆସିଲା ଦିନରୁ ସେମାନଙ୍କୁ ଗୋଟିଏ ପ୍ରକାର ଭୁଲି ପକାଇଛୁ । ଏ ପାଂଚ୍ଗେଟି ଝିଅ ସେମିତି ତାଙ୍କ ଗେରସ୍ତ ଘରକୁ ଯିବେ । ଆମ କଥା କିଏ ବୁଝିବ ?

ମୁଁ ନଜେ ତାଙ୍କୁ କହିଥିଲି ଦ୍ୱିତୀୟ ପକ୍ଷ ଆଣିବାପାଇଁ । ତେବେ କାହିଁକି କେଜାଣି ଯେତେବେଳେ ସେ ମୋ ପାଖରେ ନ ଶୋଇ ତା' ପାଖକୁ ଶୋଇବାକୁ ଯାଆନ୍ତି ମୋତେ କଷ୍ଟ ହୁଏ । ମୋ ଆଖିରୁ ଲୁହ ଝରିଆସେ । ତକିଆ ଭିଜେ କିନ୍ତୁ କେବେ କିଛି କହେନାହିଁ ।

ହଁ, ସେ ରାତିରେ ତା' କାମ ସାରି ମୋ ପାଖକୁ ମଧ ଆସନ୍ତି । ମୋତେ ଛାତିରେ ଜାକି ଧରନ୍ତି । ବୁଝେଇ କହନ୍ତି ଦେଖ, ମୁଁ ତୁମକୁ ବହୁତ ଭଲପାଏ । ତୁମେ ମୋର ପ୍ରଥମ ପ୍ରେମ । ପ୍ରଥମ ପ୍ରେମକୁ କ'ଣ କେହି ଭୁଲିପାରେ ? ସେ ଆଉ ରାତିରେ ତା' ପାଖକୁ ଯିବାକୁ ଚାହାଁନ୍ତି ନାହିଁ । ମୋରି ପାଖରେ ଶୋଇବାକୁ ଚାହାଁନ୍ତି ସକାଳ ପର୍ଯ୍ୟନ୍ତ । ମୁଁ କିନ୍ତୁ ଜଣେ ତିରିଲା ଲୋକ । ମୁଁ ଆଉ ଜଣେ ତିରିଲାର ମନକଥା କ'ଣ ବୁଝିପାରେ ନାହି? ତେଣୁ ମୁଁ ତାଙ୍କୁ ସବୁ ଦେଇଦିଏ ଆଉ କହେ ଦେଖ, ଯାହା ଯେତିକି ନେବାର ଅଛି ନେଇନଅ ଓ ଫେରିଯାଅ ସାନ ପାଖକୁ । ସେ ଏକୁଟିଆ । ତାକୁ ମୋ' ଅପେକ୍ଷା ଖରାପ ଲାଗିବ ।

ଆଜି କିନ୍ତୁ କାହିଁକି ବହୁତ ଉଦାସ ଲାଗୁଛି । ତାଙ୍କୁ ଛାଡିବାକୁ ଇଚ୍ଛା ହେଉନାହିଁ । ରାତିକି ଆପାତତଃ ଆଜି ରହି ଯାଆନ୍ତେ କି ? ଆଉ ଥରେ ସବୁ କିଛି ଓଜାଡି ଦେଇ କହନ୍ତି ଦେଖ, ମନ ଦୁଃଖ କରିବ ନାହିଁ ସେଠାରେ । ମୋ କଥା ଆଦୌ ଚିନ୍ତା କରିବ ନାହିଁ । ମନେ ପକେଇ ଦୁଃଖ କରିବ ନାହିଁ । ମୁଁ ତ ସବୁଦିନ ତୁମର । ଆଉ କ'ଣ କେହି ମୋ ଛାଇ ମାଡି ପାରିବ ? ମୁଁ ସତୀ ନାରୀ । ସ୍ୱାମୀ ପାଖରେ ନ ଥିଲେ ସତୀତ୍ୱ ରକ୍ଷା କରିବାର ସମସ୍ତ ଦାୟିତ୍ୱ ସ୍ତ୍ରୀର । ପର ପୁରୁଷ ଲୋଭେଇବେ ଏକୁଟିଆ ରହୁଥିବାର ଦେଖି । କିନ୍ତୁ ମୁଁ

ପାଂଚ ପାଂଚ ଝିଅ ଜନମ ଦେଇଛି ଟି, ତୁମେ ବ୍ୟସ୍ତ ହୁଅନାହିଁ । ସାନକୁ ବହୁତ ଭଲ ପାଇବ । ଯେମିତି ମୁଁ ଶୁଣିବି ସେ ପୁଅଟିଏ ଜନମ କରି ଶୀଘ୍ର ଦେବ । ମୁଁ ତାକୁ ପାଳ ନେବି । ତୁମେ ପୁଣି ତାକୁ ନେଇ ଗ୍ଲିଯିବ । ତାପରେ ପୁଣି ଶୋଇବ ଓ ଆଉ ଗୋଟିଏ ଦୁଇଟା ପୁଅ ଜନମେଇବ ।

ତେବେ ଏ ସବୁ ଆଉ କେମିତି କହିବି ଯେ ? ସଂଜ ବେଳକୁ ସେମାନେ ସାନକୁ ନେଇ ବାହାରିଯିବେ ସୋନପୁର ଜମିଦାରଙ୍କର ଉଆସକୁ । ଶୁଣିଛି ବିଗ୍ରଟ ଉଆସ । ଅନେକ ଗ୍ରକର ଗ୍ରକରାଣୀ, ଦାସୀ ପୋଇଲି ସେଠାରେ ଖଟନ୍ତି ।ଜମିଦାରଙ୍କର ମଧ୍ୟ ତିନ ଗ୍ରରି ପକ୍ଷର ମାଇକନଆଁ । ସମସ୍ତଙ୍କର ଯୋଡିଏ ତିନୋଟି ପୁଅ ଝିଅ । ସଉକରେ ଜମିଦାରମାନେ ଗୋଟିଏ ପରେ ଆଉ ଗୋଟିଏ ପକ୍ଷ ଆଣନ୍ତି । ଶୁଣିଛି ଶେଷ ପକ୍ଷଟି ତାଙ୍କ ନଜ ଝିଅ ବୟସରୁ ସାନ । ତେବେ ସେ ସବୁ ପୁରୁଷ ପାଖରେ ଦେଖାଯାଏ ନାହିଁ । ପୁରୁଷ ବୁଢ଼ାକାଳେ ମଧ୍ୟ ଷୋଡଶୀ ଝିଅଙ୍କୁ ପକ୍ଷ କରନ୍ତି । ତାଙ୍କୁ ନେଇ ଶୋଅନ୍ତି । ଛୁଆ କରନ୍ତି ।

ସମସ୍ତେ ଶୋଇ ପଡିଛନ୍ତି ଦ୍ୱିପ୍ରହରର ଭୋଜନ ପରେ । ଇୟେ ମଧ୍ୟ ଘୁଙ୍ଗୁଡି ମାରୁଛନ୍ତି । ହଁ ଥକ ଯାଇଥିବେ । କାଲି ଯାଇଥିଲେ ଓ ଆଜି ଫେରିଲେ ସବୁ କଥା ଛିଡେଇ । ଆଜି ପୁଣି ଫେରିଯିବେ । ଜମିଦାରଙ୍କର ଆଦେଶ କଥା । ଅନ୍ୟଥା ହେଲେ କାଳେ କଠୋର ସଜା ହୁଏ ନା କ'ଣ ଶୁଣିଛି । ହଁ, ଏବେ ମନେ ପଡିଲ୍ ଯେ ଶୁଣିଛି ଜମିଦାର ଗୁଡିକ ସୁନ୍ଦରୀ ତିରିଲ୍ ଦେଖିଲେ ଲୋଭ କରନ୍ତି । ସାନକୁ ବୁଝେଇବାକୁ ପଡିବ ଯେ ସେ ସାବଧାନ ରହିବ ଜମିଦାରଙ୍କ ମହଲରେ । ସେମାନଙ୍କ ନଜରକୁ ଯେମିତି ତା'ର ଗୋଲଗୋଲିଆ ଚେହେରା ନ ଆସେ । ଯଦି କଛି ହୋଇଗଲ୍ ମଧ୍ୟ ବୁଦ୍ଧି ଲଗାଇ କାମ କରିବ ଯେମିତି । କଥାରେ କହନ୍ତି ପର୍ ବୁଦ୍ଧିଥିଲେ ବାପଘରୁ ପେଟ ବଢ଼େଇବା ।

ଡାକଲ୍ ସାନକୁ ଓ ସବୁ କଥା ଟିକ ନଖି ବୁଝେଇଲ୍ । ସେ ମଧ୍ୟ ସବୁ ବୁଝିଗଲ୍ ଭଳ ହୁଁ ମାରିଲ୍ । ଗରିବ ଘରର ଝିଅ ସେ । ବାପ ଓ ମାମୁଁ ଟଙ୍କା ପଣି ଅବଧାନ ନନ୍ଦଠାରୁ ନେଇ ତାଙ୍କ ବେକରେ ଛନ୍ଦି ଦେଇଛନ୍ତି । ସେ ତା'ର ସ୍ୱାମୀ । ପୁଅ ଜନ୍ମ କରି ଦେବାକୁ ହେବ । ନ ହେଲେ ପୁଣି ନନ୍ଦା ହେବ । ତେବେ ଗେରସ୍ତ ତା'ର ରାତିରେ ଥରେ ଅଧେ କାମ କରି ଶୋଇ ପଡନ୍ତି । ତା' ମନ ଭରେନାହିଁ । କ'ଣ ଏମିତି ହୁଏ ସେ ଜାଣେନାହିଁ । ଏମିତିରେ ଯଦି ସେ ପୁଅ ଜନ୍ମ ନ କରିପାରିଲ୍ ତେବେ କ'ଣ ହେବ ? ନା, ହେ ଠାକୁରେ ଯେମିତି ହେଉ ମୋତେ ନନ୍ଦଙ୍କୁ ନନ୍ଦନ ଦେବାକୁ ହେବ । ସେଥିପାଇଁ ତ ଯାଉଛି । ସେଠାରେ କଛି

କାମ ନ ଥିବ । ଗେରସ୍ତଙ୍କୁ ନେଇ ଯେତେବେଳେ ଇଚ୍ଛା ଶୋଇପାରିବ । ତେଣୁ ପୁଅ ହେବନାହିଁ କେମିତି ?

ତେବେ ବଡଦେଈର କଥା ତା' ମନକୁ ପାଇଛି । ବୁଦ୍ଧି ଖଟେଇ କାମ କରିବୁ । ଜମିଦାରଙ୍କ ଘର । ସେମାନେ ସୁନ୍ଦରୀଙ୍କୁ ଦେଖିଲେ ବହୁତ ଲୋଭ କରନ୍ତି । ତେବେ ସେ କେଉଁ ସୁନ୍ଦରୀ ଯେ ? ଅବଶ୍ୟ ଜେଜେମା ଉଲୁଖୁଣା ଦେଇ କହୁଥିଲା ଯେ ଏଇଟା ଗେରସ୍ତ ଉଣ୍ଡେଇବ ତା ସୁନ୍ଦରୀ ଚେହେରା ଦେଖାଇ । କାହିଁ, ଏମିତି ତ ହେଲାନାହିଁ । ଅବଶ୍ୟ ଗାଁର ଭାଇମାନେ ତାକୁ ବହୁତ ଭଲ ପାଉଥିଲେ । ଚୁମା ମଧ୍ୟ ନେଉଥିଲେ । ଛାତିରେ ଜାବୁଡି ମଧ୍ୟ ଧରୁଥିଲେ । ତେବେ ଏଇଗୁଡା କ'ଣ ପେରେମ ? କାହିଁ ମୁଁ ତ ବୁଝି ନ ଥିଲି । ୟେ ନନ୍ଦ ତ ମୋତେ ଦେଖି ନ ଥିଲେ ଆଗରୁ । ଚଉଠି ରାତିରେ ଭିଡିନେଲେ । ଦେହରୁ ସବୁ ଲୁଗା ଖୋଲି ପକେଇ ଓ ହ କ ଯନ୍ତ୍ରଣାର କଥା । ସହି ହେଉ ନ ଥିଲା କ କହି ହେଉ ନ ଥିଲା ।

ହେଉ, ସେ ଗେରସ୍ତଙ୍କ ସହ ଯାଉଛି । ସେଠାରେ ରହିବ । ସେଠାରେ ଜମିଦାରଙ୍କର ଜଣେ ସୁନ୍ଦରୀ ଝିଅ ମଧ୍ୟ ରହିଛି । ତା' ନାଁ ଜେମା । ତା'ର ଶିକ୍ଷା ଦୀକ୍ଷା ପାଇଁ ଆମେ ଯାଉଛୁ । ତେଣୁ କାମ ସାରି ପେରିବୁ । ଫେରିଲା ବେଳକୁ ମାଆ ଷଠିବୁଢ଼ୀ କୁରୁପାରୁ ଦୁଇ ଚାରିଟା ପୁଅ ଯେମିତି ଧରି ଫେରିବି ।ନନ୍ଦଙ୍କ ପରିବାର ଖୁସିରେ ଭରିଯିବ । ମୋର ଦ୍ୱିତୀୟ ପକ୍ଷ ହେବାର ସାର୍ଥକ ହୋଇଯିବ ।

ସଂଜ ହେବାକୁ ବାକଥାଏ ଯେ କଳାହାଣ୍ଡିଆ ମେଘ ଘୋଟି ଆସିଲା । ତାପରେ ଝମାଝମ୍ ବର୍ଷା । ରାସ୍ତାରେ ପାଣି ଚାଲିଲା । ଆଜି ଆଉ ସୋନପୁର ଫେରିବା ଅସମ୍ଭବ । କାଲି ବଡି ଭୋରରୁ ଯିବା ।

ବାଃ ବାଃ ରେ ମେଘ । ତୁ ତାହାଲେ ପ୍ରେମର କଥା ବୁଝିପାରୁ ? ସେଇଥିପାଇଁ କେଉଁ କାଳରେ କାଳିଦାସ ନାମକ ଜଣେ ବଡ କବି ତୋର ପ୍ରେମ ଦୂତ ହେବାର କଥା ବର୍ଣ୍ଣନା କରିଥିଲେ ।

ସେଦିନ ରାତିରେ ଶୀଘ୍ର ଭୋଜନ ସାରି ସମସ୍ତେ ବିଶ୍ରାମ କାଲ । ବର୍ଷା ଛାଡି ଯାଇଥିଲା । ନନ୍ଦ ଅବଧାନଙ୍କର ଗୁହାଳରେ ବଳଦ ଦୁଇଟି ପେଜ ତୋରାଣି ଓ ନଡା ଖେବାଇ ଆନନ୍ଦରେ ଶୋଇଲେ । ଦାଣ୍ଡ ବାରଣ୍ଡାର ଶଗଡିଆ ଓ ସହାୟକ କର୍ମଚାରୀମାନେ ଶୋଇଲେ ।

ଦ୍ୱିତୀୟ ପକ୍ଷ ପରବର୍ତ୍ତୀ ପ୍ରଭାତର ବ୍ୟବସ୍ଥାରେ ଲାଗିଥିଲା ବେଳେ ନନ୍ଦ ପ୍ରଥମ ପକ୍ଷଙ୍କ କୋଠରୀରେ ପ୍ରବେଶ କଲେ । ସେ ମଧ୍ୟ ସ୍ୱାମୀଙ୍କ ଯେମିତି ଆଜି ପାଖରେ ପାଇବାପାଇଁ ବ୍ୟାକୁଳ ହୋଇ ରହିଥିଲା ।

ନନ୍ଦ କହିଲେ ଦେଖ ବସୁଧା, ମୋର ଫେରିବାକୁ କିଛି ମାସ ଲାଗିପାରେ । ତେଣୁ ମନ ଦୁଃଖ କରିବ ନାହିଁ । ଏତିକ ମନେ ରଖିବ ମୁଁ ସେଠାର ସବୁଦିନ ମନେ ପକାଉଥିବି ।

ଏତିକ ଶୁଣି ସ୍ୱାମୀଙ୍କ ଛାତିରେ ଲୁଟିଗଲା ବସୁଧା । ନନ୍ଦ ମଧ୍ୟ ଚାହୁଁଥିଲେ ଆଜି ରାତି ଶତରାତିର ସୁଖ ହୋଇ ଏହି ପ୍ରଥମ ପକ୍ଷ ସ୍ତ୍ରୀକୁ ଦେବି । ସେ ତାଙ୍କର ସମଗ୍ର ଦେହରୁ ସମସ୍ତ ବସ୍ତ୍ର ଖୋଲିଦେଲେ ଯେମିତି ବିବାହର ପ୍ରଥମ ମିଳନ ରାତିରେ ଖୋଲିଥିଲେ । ତାପରେ ତାଙ୍କର ଦେହ ସାରା ଅଜସ୍ର ଚୁମା ଦେବାକୁ ଲାଗିଲେ । ବସୁଧା ଝାଳେଇ ଲାଳେଇ ଗଲା କିଛି କ୍ଷଣ ଭିତରେ । ତାପରେ ନନ୍ଦ ଏହି ପ୍ରଥମ ପକ୍ଷର ଛାତି ଉପରକୁ ଚଢ଼ିଯାଇ ଗଡିଲେ ବସୁଧାରେ ବସୁଧା ହୋଇ ବେଶ କିଛି କ୍ଷଣ ।

ରାତିର ଅନ୍ଧକାରରେ ଯେତେବେଳେ ସ୍ୱାମୀଙ୍କ ବାହୁରେ ଛନ୍ଦି ହୋଇ ଦେହକୁ ଦେହରେ ମିଶାଇ ହେଉଥିଲା ପ୍ରଥମ ପକ୍ଷ ବସୁଧା, ସେ ଅନୁଭବ କରୁଥିଲା ଯେ ସ୍ୱାମୀ ତା'ର ନିଶ୍ଚୟ ତାକୁ ବହୁତ ଭଲ ପାଆନ୍ତି । ପାଞ୍ଚୋଟି ଝିଅ ଜନ୍ମ ଦେଲାପରେ ମଧ୍ୟ ଯେମିତି ସେ ଆଜି ମଧ୍ୟ ଷୋଡଶୀ ଓ ସ୍ୱାମୀ ତାଙ୍କର ଦୁଇ କୋଡିର ଯୁବକ ।

ସେଦିନ ରାତିର ଶେଷ ପ୍ରହର ପର୍ଯ୍ୟନ୍ତ ନନ୍ଦ ତାଙ୍କର ଏହି ପ୍ରଥମ ପକ୍ଷ ସ୍ତ୍ରୀଙ୍କ ପାଖରେ ରହିଲେ । ତାପରେ ତାଙ୍କଠାରୁ ଅନୁମତି ନେଇ ପ୍ରବେଶ କଲେ ଦ୍ୱିତୀୟ ପକ୍ଷଙ୍କ କୋଠରୀରେ । ସେତେବେଳକୁ ଦ୍ୱିତୀୟ ପକ୍ଷ ସ୍ନାନାଦି କର୍ମ ସାରି ବାହାରିବାର ପ୍ରସ୍ତୁତିରେ ଥାଆନ୍ତି । ନନ୍ଦ ମଧ୍ୟ ସକାଳର କର୍ମମାନ ସାରି ବାହାରି ପଡିଲେ । ଶଗଡିଆ ଓ ସହାୟକମାନେ ମଧ୍ୟ ବଳଦ ଯୋଖି ସୋନପୁର ଯିବାପାଇଁ ପ୍ରସ୍ତୁତ ହୋଇ ସାରିଥିଲେ ।

ପ୍ରଥମ ପକ୍ଷ ଓ ପାଞ୍ଚ ଝିଅଙ୍କ ପାଖରୁ ବିଦାୟ ନେବାବେଳେ ଆଖି ଜକେଇ ଆସୁଥିଲା ଅବଧାନଙ୍କର । ସେ ନିଜକୁ ନିୟନ୍ତ୍ରିତ କରି ସୋନପୁର ଅଭିମୁଖେ ପ୍ରସ୍ଥାନ କଲେ । ଗତ ସଂଧ୍ୟାରେ ବର୍ଷା ହୋଇଥିବାର ସଂବାଦ ଜମିଦାରଙ୍କୁ ମିଳି ସାରିଥିଲା । ତେଣୁ ସେ ଜାଣିଥିଲେ ଯେ ଅବଧାନେ ତାଙ୍କର ଦ୍ୱିତୀୟ ପକ୍ଷକୁ ଧରି ଆଜିହିଁ ମହଲକୁ ଆସିବେ ।

ରାସ୍ତା ବର୍ଷାରେ ଭଲ ନ ଥିବାରୁ ସୋନପୁର ପହଂଚବାରେ ବିଳମ୍ବ ହେଲା । ସୂର୍ଯ୍ୟ ଅସ୍ତ ହୋଇ ଯାଇଥିଲେ । ସଂଧ୍ୟାରେ ପହଂଚଲା ବେଳକୁ ଜମିଦାରଙ୍କ ନିର୍ଦ୍ଦେଶରେ କଚେରୀ ସଂଲଗ୍ନ ଏକ ଦୁଇ ପ୍ରକୋଷ୍ଠ ବିଶିଷ୍ଟ ଗୃହରେ ଅବଧାନଙ୍କର ରହିବାର ବ୍ୟବସ୍ଥା କରାଯାଇଥିଲା । ଅବଧାନେ ଜାତିରେ ବ୍ରାହ୍ମଣ । ପୁଣି ମଧ୍ୟ ଭାରତର ସେହି ନନ୍ଦ ବଂଶର ଅଂଶ ବୋଲି ସେ ବଖାଣି ହୁଅନ୍ତି ଯେଉଁ ବଂଶ ପଣ୍ଡିତ ଚାଣକ୍ୟଙ୍କୁ ଅପମାନିତ କରିଥିଲା ରାଜ ସଭାରେ । ଚାଣକ୍ୟ ଏହି ବ୍ରାହ୍ମଣ ନନ୍ଦ ବଂଶର ଅହଂକାରକୁ ଧ୍ୱଂସ କରିବା ପାଇଁ ଶପଥ ନେଇଥିଲେ ଓ ଚନ୍ଦ୍ରଗୁପ୍ତଙ୍କର ସାହାଯ୍ୟରେ ନନ୍ଦ ବଂଶକୁ ଧ୍ୱଂସ କରି ଦେଇଥିଲେ ।

ଅବଧାନେ କହନ୍ତି ତାଙ୍କର ପୂର୍ବ ପୁରୁଷମାନେ ସେ ଚୁରୁକଧାରୀ ଚାଣକ୍ୟର ଭୟରେ ଉତ୍କଳ ପ୍ରଦେଶକୁ ପଳେଇ ଆସିଥିଲେ । ତା' ନ ହେଲେ ସେମାନେ ଥିଲେ ଶକ୍ତିସମ୍ପନ୍ନ ମଧ୍ୟ ଭାରତର ଶାସକ, ରାଜା ।

ଅବଧାନେ ସମୟ ଓ ସୁଯୋଗ ସହ ତାଙ୍କର ଜାତିକୁ ବିନିଯୋଗ କରନ୍ତି । ସେ ଏମିତି ଅନ୍ୟ କୌଣସି ଜାତି ଯାହାକୁ ସେ ଶୂଦ୍ର ଶ୍ରେଣୀର ବୋଲି କହନ୍ତି ତାଙ୍କ ଦ୍ୱାରା ପ୍ରସ୍ତୁତ ଭୋଜନ ଗ୍ରହଣ କରନ୍ତି ନାହିଁ । ଏମିତି କି ସେମାନଙ୍କର ଛାଇକୁ ମଧ୍ୟ ଭୁଲରେ ଛୁଇଁ ଦେଲେ ଜାତି ଗଲାବୋଲି ପୁଣି ସ୍ନାନ କରନ୍ତି ।

ତେବେ ଏ ସବୁ ସେ କରନ୍ତି ଯେତେବେଳେ ତାଙ୍କ ବିରାଦରିର ଲୋକେ ଥାଆନ୍ତି ବା ଜାଣନ୍ତି। ସେମାନେ ନ ଥିଲେ ବା ସେମାନଙ୍କର ଜାଣିବାର ସୁଯୋଗ ନ ଥିଲେ ସେ ଚଣ୍ଡାଳ ରାନ୍ଧିଥିବା ଭୋଜନ ମଧ୍ୟ ଗ୍ରହଣ କରନ୍ତି । ସେଠାରେ ସେ ଯୁକ୍ତି ଦିଅନ୍ତି ଯେ ଆମ ଠାକୁର ଜଗନ୍ନାଥଙ୍କର ଜାତି ନାହିଁ । ସାକ୍ଷାତ୍ ଲକ୍ଷ୍ମୀ ଠାକୁରାଣୀ ଚଣ୍ଡାଳ ଘରେ ବିରାଜମାନ ହୋଇ ଓ ସେହି ଚଣ୍ଡାଳ ସାହିରେ ଘର ତୋଳି ଶେଷରେ ଦୁଇ ଠାକୁରଙ୍କୁ ସେହି ଘରେ ନିଜ ହାତରେ ରାନ୍ଧି ଖୁଆଇଥିଲେ ।

ଅବଧାନେ ଆହୁରି କେତେ ଉଦାହରଣ ଦିଅନ୍ତି । ଯେମିତି ଦାସିଆ ବାଉରୀଠାରୁ ନଡିଆ ଖାଇଲେ ମହାପ୍ରଭୁ, ସାଲବେଗ ମୁସଲମାନଙ୍କୁ ନିଜର ଭକ୍ତ କଲେ, ବିଦୂର ଘରେ ଶାଗ ଖାଇଲେ, ଶ୍ରୀବତ୍ସର ଗୋଇଁଠା ଖାଇଲେ, ଗଉଡୁଣୀଠାରୁ ଦହି ପିଇଲେ, ଶବରୀଠାରୁ ଅଇଁଠା ଫଳ ଖାଇଲେ ଇତ୍ୟାଦି କେତେ କାହାଣୀ, କେତେ ଯୁକ୍ତି ।

କେହି କେହି ନନ୍ଦ ଅବଧାନଙ୍କୁ ଯେତେବେଳେ ଚଗୁଲ୍ଇ କହନ୍ତି' ଗାତୁଆ ମୂଷା, ଗାତରେ ପଶି ପାଳୁଛି ଉଷା, ବାହାରେ ହେଉଛି ଯେ ଲୋକହସା ।' ସେତେବେଳେ ସେ ମଧ ସଫେଇ ଦେବାକୁ ଯାଇ କହନ୍ତି ' ଏ ତ କଳକାଳ ରୀତି ବିପରିତ ଭାଇରେ, ବେଳକାଳ ବଳ ଦେଖି ପଡୁଥିବୁ ନଇଁରେ ।'

ସେଦିନଠାରୁ କିନ୍ତୁ ନନ୍ଦ ଅବଧାନେ ନିଜର ଜାତି ଧର୍ମର ନିଷ୍ଠା ଦେଖାଇବାରେ କୌଣସି ଚୁକ୍ କଲେ ନାହିଁ । ଏହାର କାରଣ ଦ୍ୱିତୀୟ ପକ୍ଷ ସୁଲି । ସୁଲି ଅର୍ଥାତ ସୁଲତା ତାଙ୍କର ଦ୍ୱିତୀୟ ପକ୍ଷଙ୍କର ନାମ । ସେ ସାଥୀରେ ଅଛନ୍ତି ଅର୍ଥ ସ୍ୱଗୃହରେ ଜାବତୀୟ ପାକ କ୍ରୀୟା ସମ୍ଭବ ।

ଯାହାହେଉ, ସେଦିନ ରାତିରେ ବିଶ୍ରାମ କଲେ ଅବଧାନ ମହାଶୟ । ପ୍ରଭାତରେ ନିତ୍ୟକର୍ମ ସାରି ସେ ଜମିଦାର ବିକ୍ରମ ବାହାଦୂର ଦାସଙ୍କୁ ସାକ୍ଷାତ୍ କରିବାକୁ ମହଲ ଭିତରକୁ ପ୍ରବେଶ କଲେ ।

ସେତେବେଳେ ଜମିଦାର ସପତ୍ନିକ ସ୍ନାନାଦି କର୍ମ ସମ୍ପନ୍ନ କରି ଇଷ୍ଟଦେବ ପ୍ରଭୁ ସୁବର୍ଣ୍ଣେଶ୍ୱରଙ୍କ ମନ୍ଦିରକୁ ଯାଇଥିଲେ । ଅପେକ୍ଷା କଲେ ଅବଧାନ ନାକଫୁଡି ନନ୍ଦ । ଜମିଦାରଙ୍କୁ ଅନୁମତି ନେଇ ଜେମାଙ୍କର ବିଦ୍ୟାରମ୍ଭ କରିବାକୁ ପଡିବ ଆସନ୍ତା କାଲି ବୃହସ୍ପତିବାରରେ ।

ଏଣେ ଜମିଦାର ମହାଶୟ ସପତ୍ନିକ ଇଷ୍ଟଦେବ ସୁବର୍ଣ୍ଣେଶ୍ୱରଙ୍କ ପୂଜା ଅର୍ଚ୍ଚନା ସମାପ୍ତ କରି ଫେରୁଥିଲାବେଳେ ତାଙ୍କର ଅବଧାନ ଓ ତାଙ୍କ ପତ୍ନୀଙ୍କର କଥା ମନକୁ ଆସିଲା । ସେ ମହାଦେଈଙ୍କୁ କହିଲେ, 'ଅବଧାନେ କାଲି ରାତିରେ ତାଙ୍କ ପତ୍ନୀଙ୍କ ସହ ଆସିଛନ୍ତି । ଚାଲ, ଯାଇ ତାଙ୍କର ଭଲ ମନ୍ଦର ଖବର ନେଇଯିବା । ତାଙ୍କର ପତ୍ନୀ କେମିତି ଓ ସେ ଆମ ଜେମାର ଦାୟିତ୍ୱ ନେଇପାରିବେ କି ନାହିଁ ତାହା ତୁମେ ଅନୁମାନ ଲଗାଇ ପାରିବ । ଆବଶ୍ୟକ ହେଲେ ତୁମେ ତାଙ୍କୁ ଅନ୍ତପୁରକୁ ନିମନ୍ତ୍ରଣ ଜଣେଇ ଯାଇପାର ଏବଂ ସେ ସେଠାକୁ ଗଲେ ତାଙ୍କ ସହ ବିସ୍ତୃତ କଥା ହୋଇପାରିବ ।

ଜମିଦାର ବିକ୍ରମ ବାହାଦୂରଙ୍କ କଥାକୁ ଅବଜ୍ଞା କରିବାର ପ୍ରଥା ନାହିଁ । ତେଣୁ ତାଙ୍କ ଇଚ୍ଛାମନ୍ତେ ମହାଦେଈ କଚେରୀ ପାଖ ଅବଧାନଙ୍କ ନିବାସ ଆଡେ ଚାଲିଲେ । ସେତେବେଳେ ଅବଧାନଙ୍କ ଦ୍ୱିତୀୟ ପକ୍ଷ ପୋଖରୀରୁ ସ୍ନାନ ସାରି ଫେରୁଥିଲେ । ବସ୍ତ୍ର

ପାଣିରେ ସର ସର ହୋଇ ଯାଇଥିବାରୁ ଓ ଦେହରେ ଅନ୍ତବାସ କିଛି ନ ଥିବାରୁ ଦେହର ଅଧିକାଂଶ ଅଂଶ ସହଜରେ ଦିଶି ଯାଉଥିଲା ।

ଏକଇ ଦୃଷ୍ଟିରେ ଜମିଦାର ଏହି ସୁନ୍ଦରୀଙ୍କର ରୂପ ଯୌବନର ଛଟାରେ ଛନ୍ଦି ହୋଇ ପଡିଲେ। କିନ୍ତୁ ସେ ସାଥୀରେ ମହାଦେଈ ଥିବାରୁ ନ ଦେଖିଲା ଭଳି ଅନ୍ୟ ଦିଗକୁ ଦୃଷ୍ଟି ଫେରାଇ ନେଲେ । ମହାଦେଈ ପରିଚୟ ଦେଲାରୁ ତାଙ୍କୁ ଓ ଜମିଦାରଙ୍କୁ ଦୂରରୁ ପ୍ରଣାମ ଜଣେଇ ଭିତରକୁ ଗଲେ ଓ ଏକ ଚଟେଇ ଆଣି ପିଣ୍ଡାରେ ଥୋଇଲେ । ବସିବାକୁ ଅନୁରୋଧ କରି ସେ ଭିତରକୁ ଭିଜିଲା ବସ୍ତ୍ର ବଦଳାଇବାକୁ ଯିବାବେଳେ କହିଲେ ଯେ ହଜୁରଙ୍କୁ ଦର୍ଶନ କରିବା ପାଇଁ ସେ ସ୍ୱୟଂ ମହଲକୁ ଯାଇଛନ୍ତି ।

ଜମିଦାର ଭାବୁଥାନ୍ତି, 'ଆହା କି ଅପୂର୍ବ ସୁଯୋଗ ଆଜି ଥିଲା । ଅବଧାନେ ଘରେ ନ ଥିଲେ। ଯଦି ଏ ମହାଦେଈ ସାଥୀରେ ନ ଥାଆନ୍ତେ ତେବେ ଆଜି ଏ ସୁନ୍ଦରୀଙ୍କୁ ସେମିତି ବିନା ଅନ୍ତବସ୍ତ୍ରରେ କିଛି ସମୟ କଥାରେ ବ୍ୟସ୍ତ ରଖି ନେଇଥାନ୍ତି ଓ ସୁଯୋଗ ଦେଖି ଛାତିରେ ଭିଡି ମଧ୍ୟ ନେଇଥାଆନ୍ତି ।

ଜମିଦାର କହିଲେ ହେଉ, 'ଆମେ ଏବେ ଯାଉଛୁ, ଅବଧାନେ ଅପେକ୍ଷା କରିଥିବେ । ଅନ୍ୟ ସମୟରେ ଆମେ ଆସିବୁ ଅଥବା ଆପଣ ସମୟ ମିଳଲେ ଯାଇ ଅନ୍ତପୁରରେ ମହାଦେଈଙ୍କ ସାକ୍ଷାତ୍ କରିପାରିବେ । ଯାହା ଯେତେବେଳେ ଆପଣଙ୍କର ଦରକାର ନିଃସଙ୍କୋଚରେ ପ୍ରକାଶ କରିପାରିବେ । ଜମିଦାରଙ୍କର ବଳିଷ୍ଠ ଓ ସୁନ୍ଦର ଚେହେରା ଦେଖି ଦ୍ୱିତୀୟ ପକ୍ଷ ସୁଲତାଙ୍କର ପ୍ରେମଲତା ଯେମିତି ଲଟେଇବାରେ ଲାଗିଲା ।' ସେ କହିଲେ, 'ହେଉ ଆଜ୍ଞା, ନିଶ୍ଚୟ ଯିବି । ଆପଣଙ୍କର ଯାହା ଆଦେଶ ହେବ ତାହା କରିବି । କେବେ କୌଣସି କଥାରେ ନା କହିବି ନାହିଁ । ଆପଣଙ୍କର ଖୁସିହିଁ ଆମର ଖୁସି ।'

ବାଃ ବାଃ ରେ ଭାଗ୍ୟ । ସୁଲି ଅର୍ଥାତ୍ ସୁଲତାଙ୍କର କଥାରେ ଜମିଦାର ବୁଝିଲେ ଯେ ଶୀକାରକୁ ବୋଲକୁ ନେବାରେ ଅଧିକ କଷ୍ଟ ହୋଇ ନ ପାରେ । କେବଳ ସମୟ ଓ ସୁଯୋଗକୁ ଅପେକ୍ଷା ।

( କ୍ରମଶଃ)

ଅଧ୍ୟକ୍ଷ, ଝାଡେଶ୍ୱର ଇଣ୍ଟର ନେସନାଲ ସ୍କୁଲ,
ବାଲେଶ୍ୱର-୧

# ହେ ବିଧାତା !

ନିରଞ୍ଜନ ସାହୁ

ଲୁହ ଯେବେ ଧାର ଶ୍ରାବଣ ସାଜିଲା
କୋହ ଘଡଘଡି ହେଲା
କଏ ସେ ବିଧାତା ଏ ଭାଗ୍ୟ ଲେଖକ
କେଉଁ ବାହାଦୁରୀ ନେଲା ।

ଜଗତେ କହନ୍ତି କାହାକୁ କଦାପି
କେବେ ଦୁଃଖ ଦିଅ ନାହିଁ
କୁହ ହେ ବିଧାତା ନିଷ୍ଠୁର ସାଜିକି
ତୁମେ ଦୁଃଖ ଦିଅ କାହିଁ
କି ବିଚାର କରି ତୁମ ନିର୍ଦ୍ଦେଶେ କେ'
ହସ୍ତରେଖା ଟାଣି ଦେଲା ।

ଓଠ ଧାରେ ହସ ଦେଇଥିଲେ କିବା
ତୁମେ ଦୁଃଖୀ ହୋଇଥାନ୍ତ
ତୁମେ ଥରେ ନିଜେ ଅନୁଭବି ହେଲେ
ସବୁ କଥା ବୁଝିଯାନ୍ତ
ତୁମ ଦରବାରେ ଅଭିଯୋଗ ଫର୍ଦ୍ଦ
ହୁଅନ୍ତାନି ଠେଲାପେଲା ।

ନିହାଲପ୍ରସାଦ,
ଗନ୍ଦିଆପାଟଣା, ଢେଙ୍କାନାଳ

# ବାଲି ଘର



ଦୀପକ କୁମାର ନାୟକ

ଅନେକ ସ୍ମୃତି ମୋ ରହିଚ
ସେଇ ବାଲି ଘରେ ।
ବାଲୁତ ବେଳ ସେ ବାଲି ଘର ଖେଳ
ନଦୀ କୂଳ ର ସେ ବାଲି ଘର ।
ସମୟ ସାଥିରେ ବଦଳ ଯାଇଚ ସବୁ
ସ୍ମୃତି ତାର ଖାଲି ରହୁଚ ଅମର ହୋଇ ।
ହଜାଇବାକୁ ଚାହେଁ ଆତ୍ମହରା ହୋଇ
ହେଲେ ମିଳେ ନାହିଁ ସେ ଆତ୍ମୀୟତା ।
ସ୍ମୃତି ର ସୌଧ ସାଜି ସେ ନଦୀ କୂଳ
ପରାଣ ଗାଏ ମନେ ମୋର ।
ସ୍ୱପ୍ନ ପରି ଲାଗେ ଆଜି
ସେ ଅତୀତ ର ବାଲି ଘର ଖେଳ ।
ଏ ଜୀବନ ର ପଥ ଅଛି ବହୁ ଦୂର
ଚାଲୁଛି ଚାଲି ବି ସେଇ ପଥେ ।

ଜୀବନ ନୁହେଁ ଏ ଯନ୍ତ୍ରଣା ଖାଲି
ସେତ ସପନ ର ବାଲି ଘର ।
ବ୍ୟାକୁଳ ଆଜି ଏ ମନେ
ଖୋଜେ ସେ ଅତୀତ ଆଜି ।
ଅନେକ ସ୍ମୃତି ସେ ନଦୀ କୂଳର
ବଳ ଘର ସାଙ୍ଗ ସାଥି ମେଳ ର ।
ବାଲି ଘର ନୁହେଁ ସେ ତ
ସ୍ମୃତି ର ତାଜମହଲ ମୋର ।

ଧର୍ମଶାଳା, ଯାଜପୁର

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୧ )

ଉଠ୍ ପୁଟୁର୍, ଉଠ୍ ପୁଟୁର୍

ସକାଳୁଆ ଡାକ ଦେଉଥାଏ କବ୍ତା (କପୋତ) । ତା ପୁଅ ତ ଉଠେ ନାହିଁ, ହେଲେ ମୋର ନିଦ ଛାଁକରି ଭାଙ୍ଗିଯାଏ ।

ମାଆ କୁହେ, - କବ୍ତାର ଗୋଟିଏ ବୋଲି ପୁଅ ଥିଲା, ଦିନେ କବ୍ତା ଢେଙ୍କି କୁଟୁଥିଲା, କବ୍ତାଣୀ ପୁଅକୁ କାଖରେ ଧରି ଧାନ ସେଙ୍କଉଥିଲା ଢେଙ୍କି ଗାତକୁ । ହାତ ଟିକେ ଏବାଟ ସେବାଟ ହେଇଯିବାରୁ କାଖର ପୁଅଟା ପଡ଼ିଗଲା ଢେଙ୍କି ଗାତରେ । କବ୍ତା ତ ଗୋଟେ ଲୟରେ କୁଟି ଚାଲିଛି, ହାଁ ହାଁ କରୁ କରୁ ପୁଅ ଉପରେ ଢେଙ୍କିର ସମା ପଡ଼ିଯାଏ । ତତକ୍ଷଣାତ୍ ପୁଅଟି ମରିଯାଏ । ସେଇଦିନୁ କବ୍ତା ବିକଳରେ ଡାକୁଛି,

ଉଠ୍ ପୁଟୁର୍, ଉଠ୍ ପୁଟୁର .....

ହେଲେ, ପୁଟୁର୍ ଆଉ ଅଛି ଯେ ଉଠିବ ?

ମାଆ ଏକଥା କହୁ କହୁ ତାର ଗଳା ରୁନ୍ଧି ହେଇଯାଏ, ମୋତେ ଆଙ୍କୁଳେଇ ଧରେ ଛାତିରେ। ଯମ ଅଇଁଠା ଛୁଆ ମୁଁ । ମୋ ଉପରେ ତିନଟା ତଳେ ଦୁଇଟା ଛୁଆଙ୍କୁ ଯମ ଅତି ନିର୍ଦ୍ଦୟ ଭାବରେ ଟାଣି ନେଇଛି ମୋ ମାଆ କୋଳରୁ । ମାଆ ମୋ ବାଁ ପାଦରେ ଲୁହା ବେଢ଼ି ପିନ୍ଧେଇଛି । ଡମଣି ବୁଢ଼ୀ ଠଉଁ ମନ୍ତ୍ରର ଡେଉଁରିଆ, ବାଘନଖି, କଣା ତମ୍ବା ପଇସା କଳାସୁତାରେ ଗୁନ୍ଥି ଅଣ୍ଟାରେ ପିନ୍ଧେଇଛି ।

ହେଲେ କଥା ହେଲା, କବ୍ରା କାହିଁକି ଆମରି ଆମ୍ବଡ଼ା ଗଛରେ ବସି କାନ୍ଦେ, ଆଉ କୁଆଡ଼େ କାହିଁକି ଯାଏ ନାହିଁ । ମାଆ କୁହେ,

- ବାପାରେ, ତୁ ଅନ୍ଧାରରୁ ଉଠି ପାଠ ପଢ଼ିବୁ, ବଡ଼ ମଣିଷ ହେବୁ  ବୋଲି ସେ ଆସି ଏଇଠି କାନ୍ଦେ ।

ମୁଁ ଧଡ଼ପଡ଼ ଉଠି ପଡେ, ହଁ,  ମୁଁ ପାଠ ପଢ଼ିବି, ମୋ ବାପାଙ୍କର ଦୁଃଖ ଯିବ  । ବାପା ଆଉ ପର ବିଲରେ ଖଟିବେ ନାହିଁ । ଆମର ସାତବାଟି ଗୃଷ ହେବ  । ବାପା ଶ୍ରୀଧର ସାଆନ୍ତଙ୍କ ପରି ସରୁ କୁଞ୍ଚକର୍ କ୍ଷୀର ପରି ଧଳା ଧୋତି ପିନ୍ଧି ବିଲକୁ ଯିବେ । ତାଙ୍କ ପଛରେ ଘନ ବଗାଳ ଛତା ଧରି ଗୃଲୁଥିବ । ବାପା କାମ ତଦାରଖ କରିବେ । ମଇଳା ଖୋର୍ଦ୍ଧା ଗାମୁଛାରେ, ଫୁଙ୍ଗୁଳା ଦେହରେ ଯାଇ ଆଉ  ସାଆନ୍ତଙ୍କ ବିଲରେ  ହଳ କରିବେ ନାହିଁ । ତାଙ୍କର ବେଙ୍ଗଳା ବାହିବେ ନାହିଁ । ତାଙ୍କର ମରେଇ, ପୁଡ଼ା ବାନ୍ଧିବେ ନାହିଁ ।

ମୋ ମାଆ ନାଲିଆ ଫୁଲୁରୀ ପାଟ ପିନ୍ଧିବ । ସିନ୍ଦୁର କଜ୍ଜ୍ୱଳ ନାଇ ଦାଉ ଦାଉ ଦିଶିବ । ପରର ଧାନ ଉଁସେଇ କୁଟିବ ନାହିଁ । ପରର ଭୂଜା ଭଜିବ ନାହିଁ ।

ଆମର ନୂଆଘର ହେବ, ଶ୍ରୀଧର ସାଆନ୍ତଙ୍କ ପରି । ମୁଁ ଜଲଦି ଜଲଦି ପଢ଼ି ପକାଏ,

ଏଣିକି ଏଘର ବଦଳ ଯିବ<br>
ଝାଟିମାଟି ରୂପ ଆଉ ନଥିବ<br>
ଆମ ହାତେ ଯିବ ଛାତ ପାଲଟି<br>
ଏଇ ଗୃଳଟି<br>
ବିଜୁଳ ବତୀ<br>
ଘରକୁ କରିବ ଉଜ୍ଜ୍ୱଳ ଅତି ।

ଆଃ,

ବେଳେ ବେଳେ ପଖାଳ ଘେନ ନେଇଯାଏ ମୁଁ ବିଲକୁ, ଦେଖେ ଗୋଟେ ବଳଦ ଚଙ୍କୁନ ଜମା, ବାପା ମଇ ଛାଡ଼ି ଦେଇ ବଳଦ ସହିତ ଯୋଚ ହେଲ୍‌ପରି ହଳକୁ ଟାଣୁ ଥାନ୍ତି, ତାଙ୍କର ମୁହଁ ଲାଲ୍ ହେଇଯାଏ, ଗୋଡ ହାତର ଶୀର୍‌ ଟଣକ ଉଠେ, ଛାତିର ପଞ୍ଜର୍‌ହାଡ଼ ଆହୁରି ସ୍ପଷ୍ଟ ବାରି ହେଇ ପଡେ । ସାଆନ୍ତ କଷ୍ଟ ଦେଇଥାନ୍ତି, ଏତିକ ବିଲ ଆଜି ହଳ ହେବ । କଷ୍ଟ ହୁଡ଼ିଲେ ଦିଦିନ ଖାଡ଼ା ଉପାସ ପୁର୍‌ ପରିବାର ।

ମୁଁ ପାଠ ସବୁ ପିଇଯାଏ ଏଇ ଭାବନାକୁ ଷଷ୍ଠେନ୍ଦ୍ରିୟ ଫରୁଆରେ ସାଇତି ଦେଇ । ସେହି ଷଷ୍ଠ ଇନ୍ଦ୍ରିୟ ଭିତରେ ସାଇତା ଏମିତି ଦୁଃଖ କାହାଣୀ ସବୁ ମୋତେ ଟାଣି ନଅନ୍ତି ଉପରକୁ ଆଉ ଉପରକୁ ।

ସେଦିନ ଢେର୍‌ ରାତି ଯାଏ ମାଆ ରସୁଣ ତେଲ ମାଲିସ୍ କରୁଥାଏ ବାପାଙ୍କ ଗୋଡ଼ ହାତରେ। ହଳଦି, ଗେଣ୍ଡୁପତ୍ର ରସ ଲଗାଉଥାଏ ବାପାଙ୍କ ପଘା ପଡ଼ି ଯାଇଥିବା କାନ୍ଧରେ । ଏଣେ କଇଁ କଇଁ କାନ୍ଦି ଲାଗିଥାଏ । ବାପା ଉଃ ଆଃ ଭିତରେ ବି ମାଆର ଦୁଃଖକୁ ପୋଛି ଦେଉଥାନ୍ତି । ମୁଁ ହେଁସ ଭିତରେ ଥାଇ ଗୁମୁରୁ ଥାଏ ।

ସକାଳୁଆ ପାଠ ପଢ଼ିବି ବୋଲି ମାଆ ଡାକ ଦିଏ । ମୋତେ କନ୍ଥା ଦେହରୁ ଅଉଟିକେ ଉଷୁମ ଟାଣିବାକୁ ଇଚ୍ଛା ଥିଲେ ହେଁ ମୋର ଷଷ୍ଠ ଇନ୍ଦ୍ରିୟ ତାହା କରେଇ ଦିଏ ନାହିଁ । ମୁଁ ଉଠିଲା ବେଳକୁ ପାହାନ୍ତି ତାରା ଉପରକୁ ଉଠି ନଥାଏ । ମାଆ କନ୍ଥ ଦାଣ୍ଡ ଦୁଆରେ ଛଡ଼ା ପାଣି ପକେଇ ବାସିକାମ ସାରି କାଠ ଚୁଲିରୁ ପାଉଁଶ କାଢୁଥାଏ ।

 କ୍ରମଶଃ .....

ବସନ୍ତ ବିହାର
ନୂଆଦିଲ୍ଲୀ

# ଟିକେ ତୋ ଦୟା ନାହିଁକି



ଅର୍ଜୁନ ମେହେର (ଆଶ୍ରିତ)

କାହିଁକି ଶ୍ରାବଣ ଲୁହ ଝର୍‌ଉଛୁ
ବରଷା ଋତୁରେ କହ
କହିଲ୍ ଜାଣିଛୁ ହୃଦୟ ବେଦନା
ମୋ ଅନ୍ତରର କୋହ ॥

ଆହୁରି କହିଲ୍ ମୁଁ ବରଷିଲେ
ସାଧବ ବୋହୁ ବାହାରେ
ନାଲି ଓଢ଼ଣୀଟେ ଦେଇ ବୁଲୁଥାଏ
ଦାଣ୍ଡ ଦୁଆର ଅଗଣାରେ ॥

ଭେଳା ଭେଳା ହୋଇ ଦହି ପୋକ ଗୁଡ଼ା
ଲଦା ଲଦି ହୋଇଥାନ୍ତି
ଜହ୍ନି ଫୁଲ ଫୁଟେ ପୁଆଳ ଛାଣିରେ
ସଞ୍ଜ ହେଲେ ହସୁଥାନ୍ତି ॥

ବାଉଁଶ ମୂଳରେ ଗଜା ଆଙ୍କୁରିଲେ
ବଜାର ହାଟରେ ଭିଡ଼
ନାଳ ଖାଳ ପୋଖରି ବନ୍ଧରେ
କଇଁ ମେଳଥାଏ ନୀଡ଼ ॥

ଝରଣା ନଈ ପୁରି ବୋହୁଥାଏ
ଅହର୍ନିଶି ନିରନ୍ତର
ଉପଯୁକ୍ତ ବେଳ ପେଟ ପୋଷଣାକୁ
ଆନନ୍ଦ ମନେ ଧୀବର ॥

ଆହୁରିରେ ମୁହିଁ ଚଷା ଭାଇ ପାଇଁ
ନିଦାନ ହୋଇ ଆସେ
ସମୟ ସାପେକ୍ଷ ହୁଏ ତା ପାଇଁ
ଖୃଲି ଖୃଲି ଚଷା ହସେ ॥

ତଥାପି ମୋ ଦୁଃଖ ବୁଝନ୍ତିନି କେହି
ଏତେ ବରଷୁ କାହିଁକି
କାଦୁଅ କାଦୁଅ କରୁ ବାଟ ଘାଟ
ତିଳେ ତୋ ଦୟା ନାହିଁକି...?

ଗୌଡ଼ପାଲି, ବୁର୍ଲା 9437254973

# ଅନ୍ତରର ବେଦନା



ବବୁଲି ତ୍ରୀପାଠୀ

ତୁମେ ପୂର୍ବ ଆକାଶର ସୂର୍ଯ୍ୟ
ମୁଁ କ୍ଷୁଦ୍ର ଘାସଗୁଳ୍ମ ଟିଏ
ଅପେକ୍ଷାରତ ହୋଇ ରହିଁ ଅଛି.....
ମୋର କାକର ଭିଜା ଦେହରେ
ପାଇବାକୁ ଟିକଏ ତୁମ ସ୍ନେହର ଉଷ୍ମତା........
ତୁମ ଆଗମନରେ
ଉଜ୍ଜ୍ୱଳତ ହୋଇଯାଏ ଧରାପୃଷ୍ଠ
କେତେ ରଂଗ ବେରଂଗ ଫୁଲରେ
ପୁରିଯାଏ ଧରଣୀ ମାଆର କୋଳ
କନ୍ତୁ ମୁଁ ରହିଯାଏ କେଉଁ ଅନ୍ତରାଳ ମଧ୍ୟେ........
ନାନା ଅପମାନ ଅତ୍ୟାଗ୍ଚର ସହ୍ୟ କରି
ତଥାପି ଅପେକ୍ଷା କରେ
ସବୁ ଅଭିମାନ କୁ କାକର
ଆଢୁଆଳ ରେ ରଖି..........
ତଥାପି ଧରାପୃଷ୍ଠେ ତୁମ ସ୍ୱାଗତ ପାଇଁ
ନଜକୁ ସୁସଜ୍ଜିତ କରି ରହିଁ ରହିଅଛି
ରଂଗ ବେରଂଗ ର ଫୁଲକୁ ଧରି....... ॥

ସତଲମା, ବରଗଡ

# ଶ୍ରାବଣର ଶୋକ



ଭଗିରଥୀ ଯାନୀ

ପୃଥିବୀବାସୀଙ୍କ ଦୁର୍ଦଶା ଆଜି ନ ହୁଏ ଦେଖି
ସଭିଙ୍କର ହୃଦ ଜୀବନ ଧୀରେ ଯାଉଛି ଶୁଖି।।

ଧରଣୀ ଗ୍ରଣୀଙ୍କ ଯନ୍ତ୍ରଣା ବଢିବାରେ ଲ୍ଗିଛି
ଧୀରେ ଧୀରେ ଜଳସ୍ତରଟି ଶୁଖି ଶୁଖି ଯାଉଛି।।

ସୂରୁଜ ଦେବଙ୍କ କରୁଣା ହୋଇ ଗଲ୍ଣି ଊଣା
ଅସହ୍ୟ ଗରମ ଯନ୍ତ୍ରଣା ବୃଦ୍ଧି କରଇ ବଣା।।

ଧରିତ୍ରୀ ବକ୍ଷରୁ ବିନଷ୍ଟ ଅମୂଲ୍ୟ ବୃକ୍ଷଲତା
ନଷ୍ଟିହ୍ନ ସଂକେତ ଦେଲ୍ଣି ଏ ମାନବ ସଭ୍ୟତା।।

ପ୍ରାଣୀଙ୍କ ଆରତ କହିଲେ ଆଜ ସରିବ ନାହିଁ
ପାଣି ପାଇଁ ଚନ୍ତା ବଢୁଛି ସେଇ ବର୍ଷାକୁ ଗ୍ହିଁ।।

ପଶୁ ପକ୍ଷୀଙ୍କର ଆହାର ସବୁ ନଷ୍ଟିହ୍ନ ପ୍ରାୟ
ବଞ୍ଚିବାକୁ କେତେ ଲଢନ୍ତି କରି ମୃତ୍ୟୁକୁ ଭୟ।।

ନଜର ଜୀବନ ଜୀବିକା ହଗ୍ଇଛି ମାନବ
ଜଳ ବିନ୍ଦୁ ବିନା ଏଇଠି କଛି ନୁହେଁ ସମ୍ଭବ।।

କୃଷି କାର୍ଯ୍ୟ କଲେ କୃଷକ ମହା ଆନନ୍ଦ ମନେ
ସେ ସବୁ ସୁଖରେ ଭୁଞ୍ଜିଣ ଥିଲେ ଜଗତ ଜନେ।।

ସବୁ ସ୍ୱପ୍ନ ଆଶା ଆକାଂକ୍ଷା ଧୂଳିସାତ ହେଲାଣି
କାହିଁକି କେଜାଣି କ୍ରୋଧିତ ସେହି ମୌସୁମୀ ରାଣୀ।।

ଦେଖ କଳା ହାଣ୍ଡିଆ ମେଘ ଘୁରି ବୁଲେ ଗଗନେ
ଲାଗୁଛି ଯେମିତି ସତରେ ବରଷିବ ଏ କ୍ଷଣେ।।

ବିଜୁଳି ଶବଦେ କମ୍ପିତ ଚଉଦିଗ ବ୍ରହ୍ମାଣ୍ଡ
ବରଷା ବିନା ଏ ଜଗତେ ସବୁ ହେଲାଣି ପଣ୍ଡ।।

କୁଳୁ କୁଳୁ ସ୍ୱର ଶୁଭୁନ ଝରଣାର ସଙ୍ଗୀତ
ବିଲ ଲଗାଇବା ସମୟେ ଗୀତ ଗାଉନ ମିତ।।

ଗାଇ- ଛେଳି- ମେଣ୍ଢା ଯେତେକ ଛାଡି ଘାସ ହୁଡାରେ
ଚରି ବୁଲି କେତେ ଖାଆନ୍ତି ପଶି ଧାନ ବିଲରେ।।

କୃଷି କ୍ଷେତ୍ରେ ମାଟି ଫାଟିକି ଶସ୍ୟ ମୃତ୍ୟୁର ପ୍ରାୟେ
କୃଷକର ଚିନ୍ତା ବଢୁଛି ତାଙ୍କ ଜୀବିକା ଭୟେ।।

ସଚରାଚରଙ୍କ ପ୍ରଶଂସା ପାଇ ଶ୍ରାବଣ ମନ
ଆତ୍ମହରା ହୋଇ ଶାନ୍ତିରେ କଟୁଥିଲା ତା' ଦିନ।।

ଦିନ ଥିଲା ଦିନେ ଶ୍ରାବଣ ହସୁଥିଲା ଆନନ୍ଦେ
ଆଜି କିନ୍ତୁ ସିଏ ବ୍ୟଥିତ ଭାଙ୍ଗିପଡି ବିଷାଦେ।।

ଫୁଲବାଣୀ,କନ୍ଧମାଳ

# ବାପା



ଶିବରାମ ଦଳେଇ

ବାପା ଅମୂଲ୍ୟ ରତ୍ନଟିଏ । ଭରଣେ ଭରଣେ ଅଷ୍ଟଧାତୁ ସେ ରତ୍ନ ସହ ତୁଳନା କଲେ କମ ପଡେ । ମୁଁ ଆଜି ରତ୍ନ ହରା ।

ବାପା ଙ୍କୁ ଆମର ଏ ତିନ ଖଣ୍ଡି ମୌଜାରେ କିଏ ବା ନ ଜାଣେ । ହରି ଡାକବାଲା କହିଲେ ସମସ୍ତଙ୍କୁ ଜଣା । ମାଟିଆ ପ୍ୟାଣ୍ଟ ସାର୍ଟ ସାଙ୍ଗକୁ ମାଟିଆ ଟୋପି ଆଉ ବ୍ୟାଗ ମୋ ବାପାଙ୍କୁ ଖୁବ ମାନଥାଏ । ସେହି ସାଇକେଲ ଟି ଥିଲା ତାଙ୍କର ବର୍ଷ ବର୍ଷ ର ସାଥି । ସମସ୍ତଙ୍କ ସୁଖରେ ସୁଖୀ ଓ ଦୁଃଖରେ ଦୁଃଖୀ ହେଉଥିଲେ ସେ । ଡାକ କାମଟି ତାଙ୍କ ଜୀବନ ର ସବୁକିଛି ।

କି ଖରା କି ବର୍ଷା ରେ ଡାକ ବ୍ୟାଗ ଟି ଧରି ଏ ଘରୁ ସେ ଘର ଏ ଗାଁ ରୁ ସେ ଗାଁ ବୁଲି ଡାକ ବାଣ୍ଟି ବାଣ୍ଟି ଦିନ କିପରି ସାରିଯାଏ ସେ ଜାଣିପାରନ୍ତି ନାହିଁ । ବେଳେ ବେଳେ ଡାକ ବାଣ୍ଟୁ ବାଣ୍ଟୁ ନିଜର ଖାଇବା ବି ଭୁଲି ଯାଆନ୍ତି ।

ନିଜ ପେଟକୁ ଗଣ୍ଡେ ଦେହକୁ ଖଣ୍ଡେ ନ ପିନ୍ଧି ପୁଅକୁ ସମାଜ ରେ ପ୍ରତିଷ୍ଠିତ କରିବା ଜୀବନର ବ୍ରତ ଭାବିଥିଲେ । ଜୀବନରେ ଯେତେ ବାଧା ବିଘ୍ନ ଆସିଲେ ବି ନିଜ ଲକ୍ଷ୍ୟଚ୍ୟୁତ ହେଇ ନଥିଲେ ସେ ।

ଦିନେ ବାପା ଙ୍କୁ ଭୀଷଣ ଜ୍ୱର ହେଇଥାଏ । ବାପାଙ୍କୁ ଔଷଧ ଖାଇବାକୁ ଦେବାପାଇଁ ମାଆକୁ କହି ବାପାଙ୍କ କାର୍ଯ୍ୟ ରେ ବାହାରି ପଡ଼ିଲି । ମୁଁ ଚାଲିଯିବା ଦେଖି ବାପା, ମାଆ ଉପରେ ବିଗିଡି କହିଲେ ଛୋଟ ପିଲା ତୁମେ ମନା କଲନାହିଁ । କିଏ ଜାଣେ କେତେବେଳେ ଫେରିବ । ପଚାରି ପଚାରି ଡାକ ବାଣ୍ଟୁ ବାଣ୍ଟୁ ସନ୍ଧ୍ୟା ହେଇଗଲା । ବାପା ଗାଁ ଛକରେ ମୋ ଫେରିବା ବାଟକୁ ଚାହିଁ ରହିଥଲେ ।

ଘରକୁ ଆସି ମାଆ କୁ ପଚାରିଲି ବାପା ଔଷଧ ଖାଇଲେ । ମାଆ ମନାକଲା । ତେବେ ଜ୍ୱର?

ମାଆ କହିଲେ ଭଲ ହେଇଗଲାଣି । ମୁଁ ପଚାରିଲି କେମିତି? ମାଆ କହିଲେ ଆଗରୁ ତାଙ୍କ ବାପାଙ୍କର ସେହି ଛିଣ୍ଡା ସାଲ କିଛି ସମୟ ଘୋଡ଼ାଇ ହୋଇ ଶୋଇଗଲେ କିଛି ସମୟ ପରେ ଜ୍ୱର ଆପେ ଆପେ ଭଲ ହେଇଯାଏ, ଆଜି ବି ସେମିତି ଭଲ ହେଇଗଲା ।

କିଛି ବର୍ଷ ପରେ ମୋର ବିଶାଖାପାଟଣା ରେ ଚାକିରୀ ହେଇଗଲା । ମୋତେ ପାଖ ବଜାରକୁ ଛାଡି ନଥିବା ବାପା ମାଆ ବିଶାଖାପାଟଣା ଯିବା ଦିନ ବହୁତ କାନ୍ଦିଲେ । ବାପା ଙ୍କ ଆଶା ଏବଂ ସମାଜ ରେ ବଞ୍ଚିବା ପାଇଁ ମୁଁ ବିଶାଖାପାଟଣା ଚାଲିଗଲି ।

ଏମିତି ରେ ମୋର ଗୋଟିଏ ମାସ ବିତିଗଲା । ପ୍ରଥମ ମାସ ଦରମା ପାଇବାର ଦୁଇ ଦିନ ପୂର୍ବରୁ ମାଆଙ୍କୁ ଫୋନ କଲି । ମାଆ କହିଲା ମୋ ପାଇଁ ଖଣ୍ଡେ ସମ୍ବଲପୁରୀ ପାଟ ଆଉ ଆଗକୁ ଶୀତ ଆସୁଛି ତେଣୁ ବାପା ଙ୍କ ପାଇଁ ଖଣ୍ଡେ ସାଲ ଆଣିବୁ ।

ମୁଁ ଦରମା ପାଇ ଘରକୁ ଫେରିବା ବାଟରେ ମାଆ ପାଇଁ ସମ୍ବଲପୁରୀ ପାଟଶାଢ଼ୀ, ବାପା ଙ୍କ ପାଇଁ ସାଲ କିଣିଲି । ପ୍ରଥମ ଥର ପାଇଁ ଗୋଟେ ମାସ ବାପା ମାଆ ଙ୍କୁ ଦେଖିନଥିବା ଆଖି ଆନନ୍ଦରେ ଛଳ ଛଳ ହେଇଯାଉଥାଏ ।

ଘରେ ପହଂଚଲା ବେଳକୁ ମାଆ ବାପା ଙ୍କ ମୁଣ୍ଡ ଉପରେ ବସିଥାଏ । ମୁଁ ପଚାରିଲି ବାପାଙ୍କ ର କଣ ହେଇଛି ମାଆ, ସେ ଏମିତି ଶୋଇଛନ୍ତି ? ଆଉ ବାପାଙ୍କ ଉପରେ ଏ ଛିଣ୍ଡା ସାଲ? ମୋ ହାତରେ ଥିବା ଭଲ ସାଲ ଟିକୁ ବାପା ଙ୍କ ଉପରେ ଘୋଡ଼େଇ ଦେଲି ।

ମାଆ କାନ୍ଦି କାନ୍ଦି କହିଲା "ବାବୁରେ ତୋ ବାପା ଙ୍କୁ କାଲିଠାରୁ ଜ୍ୱର, ଛାଡିବା ନାଁ ଧରୁନ" । ଏ ଛିଣ୍ଡା ସାଲ ବି କାମ କରୁନ ।

ମୁଁ ରିକ୍ସା ଡାକି ବାପାଙ୍କୁ ବଡ଼ ଡାକ୍ତରଖାନା ନେବା ବାଟରେ ବାପା ଆମକୁ ଛାଡି ଅଜଣା ଜାଗା କୁ ଚାଲିଗଲେ । ମାଆ ର ଆଶା ସମ୍ବଲପୁରୀ ଶାଢ଼ୀ ପିନ୍ଧା ସେମିତି ଆଶା ରେ ରହିଗଲା ।

ଆଜି ବାପାଙ୍କ ୯ମ ବାର୍ଷିକ ଶ୍ରାଦ୍ଧ । ବାପାଙ୍କ ଫୋଟୋ ପାଖରେ ତାଙ୍କର ସେହି ମାଟିଆ ସାର୍ଟ ପ୍ୟାଣ୍ଟ ଟୋପି ରଖାଯାଇଛି । କନ୍ତୁ ତାଙ୍କ ବ୍ୟାଗ ଟିକୁ ମୋ ପୁଅ କାନ୍ଧରେ ପକେଇ ମୋ ମାଆ ଆଗରେ ବୁଲି ଆସିଲା । ମାଆ ମୋତେ ଡାକ କହିଲା ବାବୁରେ ଦେଖ ଏବେ ବି ତୋ ବାପା ବଂଚଛନ୍ତି ।

ସେଦିନ  ପୁଅ କାନ୍ଧରେ ସେହି ମାଟିଆ ବ୍ୟାଗ ଦେଖିଲା ପରେ  ବାପା ଙ୍କ ସ୍ମୃତି ସବୁ ଲୁହ ହେଇ  ମୋ ଆଖି କୋଣରୁ  ଜକେଇ ଆସିଲା ।

ଲେଖନପୁର, ସାଲେପୁର

# ବିଶ୍ୱ ବନ୍ଦିତ



ଦୁର୍ଗା ମାଧବ ମହାରଣା

ବିଶ୍ୱ ବନ୍ଦିତ ବିଶ୍ୱବିଜୟୀ
ବିବେକାନନ୍ଦ ହେ ଶତପ୍ରଣାମ
ତୁମଭଳ ଜ୍ଞାନୀ ବରେଣ୍ୟଙ୍କୁ ଧରି
ଭାରତର ମାଟି ପୁଣ୍ୟଧାମ
କର୍ମଯୋଗୀହେ, ରାଜଯୋଗୀ ତୁମେ
ତୁମେ ଭାରତର ସିଦ୍ଧପୁରୁଷ
ଧର୍ମ ମହାସଭା ମଧ୍ୟେ ମହାସତ୍ୟ
ପ୍ରକାଶି ଭାରତେ ଆଣିଲ ଯଶ
ଶ୍ରୀରାମକୃଷ୍ଣଙ୍କ ଭାବଭକ୍ତି ଶିଷ୍ୟ
ଗଢିଲ ଶ୍ରୀରାମକୃଷ୍ଣ ମିଶନ
ମାନବ ସେବା ହି ମାଧବ ସେବା
ବିତରିଲ ଜ୍ଞାନ-ଭକ୍ତି ସୁମନ
ଧର୍ମ ଦର୍ଶନ ଓ ବେଦ, ସଂସ୍କୃତି
ଉପନିଷଦ ଯେତେ ପୁରାଣ
ବାଗ୍ମୀହେ ତୁମେ ସକଳ ଜ୍ଞାନର
କହିଗଲ ସବୁ ସିଦ୍ଧି ବଚନ
"ଉତିଷ୍ଠ-ଜାଗ୍ରତ"ତୁମ ଆହ୍ୱାନେ ତ
ନବଜାଗରଣ ସୃଷ୍ଟିହେଲା
ଯୁବଗଣ ମନେ ନୂତନ ସନ୍ଧାନେ
ଉତ୍ସାହ ବୀଜ ଅଙ୍କୁରି ଗଲା
ଉଠ ଦୁର୍ବଳ ହୁଅ ସବଳ

ନଦ୍ରା ଅଳସ ତେଜିଉଠରେ
ଆମ୍ ବିଶ୍ୱାସ ବଢାଇ ଦେଖ ତ
ଇଶ୍ୱର ଠିଆ ଆମ କତିରେ
ସୋହଂ କୁହ ଆମ୍ା ଅନନ୍ତ
ସବୁ ଶକ୍ତି ଭର୍ ଆମ୍ା ଆମ
ବନ୍ଧନ ମୁକ୍ତ ଶରୀର-ସମାଜ
ଏଇତ ଆମର ପରମ ଧର୍ମ
ସର୍ବଜନଶିକ୍ଷା ନାରୀର କଲ୍ୟାଣ
ପ୍ରବଜ୍ୟାରେ ତବ ଚେତାଇଦେଲ
ନବଭ୍ରତର ସ୍ୱରୂପ ସାକାର
ନବ ପିଢିକୁ ତ ଦେଖାଇଥିଲ
ନରେ-ନାର୍ୟଣ ତୁମରି ଦର୍ଶନ
ବୁଝିପାରିଲେ ତ ସାର୍ଜଗତ
ଜୟନ୍ତୀରେ ତବ ଏତିକି ପ୍ରାଥନା
ତବ ଆଶୀର୍ବାଦେ ଜଗତ ହିତ ॥

ଚକଟୀପିତାତଳ, ଗଂଜାମ

# ଦୂରେଇ ରହିବା



ହରେରାମ ପଣ୍ଡା

ଲୋଭ, ଦମ୍ଭ, ସ୍ୱାର୍ଥ, ମିଥ୍ୟା ଆଉ ପାପ
ତାଠାରୁ ଦୂରେଇ ରୁହ,
ତେବେ ସିନା ତୁମ୍ଭେ ଜୀବନ ଯୁଦ୍ଧରେ
ନିଶ୍ଚୟ ଲଭିବ ଜୟ ।
କାହାପାଇଁ କେବେ ପରଶ୍ରୀକାତର
ଜୀବନରେ ହୁଅନାହିଁ,
ପରନିନ୍ଦା, ପରଚର୍ଚ୍ଚାରେ କେବେହେଁ
ସମୟ ବିତାଅ ନାହିଁ ।
କାମିନୀ, କାଞ୍ଚନ ଅବା ପରଧନ
ପ୍ରତି ନ ବଳାଅ ମନ,
ଲାଞ୍ଚ, ମିଛଠାରୁ ଦୂରେଇ ରହିଲେ
ଧନ୍ୟ ହେବ ଏ ଜୀବନ ।
କପଟ, ଛଳନା, ଘୃଣା, ପ୍ରବଞ୍ଚନା,
ନଆଣ କେବେ ମନରେ,
ମୂର୍ଖ, ପାଷାଣ୍ଡ, ଠକମାନଙ୍କଠୁଁ
ରହିବ ସତତ ଦୂରେ ।
ଭୟ, ଆଳସ୍ୟ, ଅନ୍ଧବିଶ୍ୱାସ,
ହିଂସା ଆଦି ଯେତେଗୁଣ,
ଏ ସବୁଠୁଁ ଯେତେ ଦୂରରେ ରହିଲେ
ହୋଇବ ତୁମେ ମହାନ ।

କୁଆଁସ, ମେର୍ଦ୍ଧା କାଟିଆ ଛକ, ଯାଜପୁର
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ
ମଧୁପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ

# ଶୀତଳ – ଶାନ୍ତିନିକେତନ ଓ ଉତ୍ତରାୟଣର ଉଷୁମ ଅନୁଭୂତି

ପ୍ରିୟବ୍ରତ ପାଣ୍ଡ

ଶୁଣିଥିଲି କବିଙ୍କ ଗହଣରେ ବେଶୀ ସମୟ ରହିଲେ ଆକ୍ରାମାକ୍ରା ଲାଗେ, କାରଣ ଶବ୍ଦରେ ଶବ୍ଦରେ ସେମାନେ ବାନ୍ଧି ପକାନ୍ତି। ତଥାପି ସେଇ ବାନ୍ଧି ହୋଇଯିବାର ଅଲଘ୍ୟଂ ଆକର୍ଷଣରେ ଟାଣି ହୋଇ ଥରେ ଯାଇଥିଲି, ବିଶ୍ୱକବି ଗୁରୁଦେବ ରବୀନ୍ଦ୍ରନାଥଙ୍କ ସ୍ମୃତି ବିଜଡିତ ଶାନ୍ତି ନିକେତନ। ଉଦ୍ଦେଶ୍ୟ ଥିଲା ଅନ୍ତତଃ କିଛି ଘଣ୍ଟା କବିତ୍ୱର ଇନ୍ଦ୍ରଜାଲରେ ନିଜେ ନିଜେ ବାନ୍ଧି ହେବି। କିଛି ବ୍ୟଥା ଓ କିଛି ପୁଲକର ମିଶ୍ରିତ ପ୍ରଭାବରେ ଅନୁଭୂତି ଥିଲା ଅନନ୍ୟ।

ବୋଲପୁର ଷ୍ଟେସନ୍ ରୁ ଓହ୍ଲେଇ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଭିତରେ ଶ୍ରୀ ନିକେତନକୁ ଯିବା ରାସ୍ତାରେ ପଡେ କଳା ନିକେତନ ଏବଂ ତାର ସାମନାରେ ପଡେ ସ୍ମୃତି କକ୍ଷ। ଏହି ସମଗ୍ର ଇଲାକାଟିକୁ ଉତ୍ତରାୟଣ କୁହାଯାଏ। ଏଥିରେ ରହିଛି ପାଞ୍ଚଟି ବହୁ ପ୍ରାଚୀନ ଘର, ନିର୍ମାଣର କ୍ରମାନ୍ୱୟରେ ସେ ସବୁ ହେଲା – କୋଣାର୍କ, ଉଦୟନ, ଶ୍ୟାମଳୀ, ପୁନଶ୍ଚ ଓ ଉଦିଚୀ। ଗୁରୁଦେବ ବିଭିନ୍ନ ସମୟରେ ସେ ସବୁ ଘରେ ଅବସ୍ଥାନ କରିଥିଲେ। ଶାନ୍ତି ନିକେତନ ଆଶ୍ରମ, ପ୍ରାନ୍ତିକ, ନୁତନବରୀ, ଦେହଳୀ ଆଦି ସବୁରେ ରହିବା ପରେ ୧୯୨୨ ମସିହାରେ ଗୁରୁଦେବ ପ୍ରଥମ କରି ଏହି ଉତ୍ତରାୟଣକୁ ପ୍ରବେଶ କରିଥିଲେ। ଏହି ପଞ୍ଚନିବାସ ବାଦ ଏଠାରେ ରହିଛି ରବୀନ୍ଦ୍ର ଭବନ ବା ରବୀନ୍ଦ୍ର ମ୍ୟୁଜିଅମ୍ ଯାହାକି ଗୁରୁଦେବଙ୍କ ସ୍ମୃତିକକ୍ଷ ବିଚିତ୍ରା ଭାବେ ପରିଚିତ। ପୁତ୍ର ରଥୀନ୍ଦ୍ରନାଥଙ୍କ ଖିଆଲ ଅନୁସାରେ ତିଆରି ହୋଇଛି ଗୁମ୍ଫାଘର, ଯାହାର ମୁଖଶାଳାଟି ଗୁମ୍ଫାପରି କିନ୍ତୁ ଭିତର ରୁମ୍ ଟି କୌଣସି ଜାହାଜର କେବିନ୍ ପରି। ତା ଉପରେ ରହିଛି ପୁତ୍ରବଧୂ ଙ୍କ ଷ୍ଟୁଡିଓ "ଚିତ୍ରଭାନୁ"। ଅଳ୍ପଦିନ ବା ସମୟ ପାଇଁ ବୁଲି ଆସୁଥିବା ପର୍ଯ୍ୟଟକ ମାନେ ଉପର ବର୍ଣ୍ଣିତ ଜାଗାସବୁ ନିଶ୍ଚିତ ରୂପେ ବୁଲି ନଥାନ୍ତି।

ବିଚକ୍ଷଣା ରୁ ନୋବେଲ ପଦକଟି ଚୋରୀ ହୋଇଯିବା ପରେ ଉତ୍ତରାୟଣରେ ପହରା ବ୍ୟବସ୍ଥାକୁ କଡାକଡି କରି ଦିଆଯାଇଛି । ସରକାରୀ ବେତନ ଭୋଗୀ ପହରାଦାର ମାନେ ଅଯୋଗ୍ୟ ବିବେଚିତ ହେବାରୁ ଦକ୍ଷ ଭଡାଟିଆ ପହରାଦାର ଓ ଗୋଇନ୍ଦା ବ୍ୟବସ୍ଥାକୁ ସୁରକ୍ଷା ଦାୟିତ୍ୱରେ ରଖାଯାଇଛି । ପ୍ରାୟ ପଚାଶ ଜଣ ସରିକି ବନ୍ଧୁକଧାରୀ, ଧାତୁ ନୀରିକ୍ଷଣ ଯନ୍ତ୍ର ଧରି ପାଦରୁ ମୁଣ୍ଡ ପର୍ଯ୍ୟନ୍ତ ଯାଞ୍ଚ କରି ନଅନ୍ତି । ତମାମ ଉତ୍ତରାୟଣକୁ ପେନ୍ କାଗଜ ଛଡା କିଛି ନେବାକୁ ଅନୁମତି ନାହିଁ, ତେଣୁ କ୍ୟାମେରା ରେ ଚିତ୍ର ସାଉଁଟି ଆଣିବା ଦୁର କଥା । ଭିତରେ ଯୋଡାଯୋଡା ଆଖି ଡାହାଳ କୁକୁର ପରି ସତର୍କ ଦୃଷ୍ଟି ପକେଇ ରହିଥିବେ । ଯଦି କୌଣସି ଚିଜକୁ ବେଶୀ ଆଗ୍ରହ ଦେଖେଇ ଆପଣ ଘୁରିହିବେ, ସୁରକ୍ଷା କର୍ମୀ ଭାବନ୍ତି – ନୋବେଲ୍ ଫଳକ ତ ଗଲା, ଆଉ କିଛି ନେଇ ଯିବାର ଯୋଜନା କରିଛନ୍ତି କି? ଏଠି ଏବେ ଫୁଲଟିଏ ଫୁଟିଲେ ଗୁଳି ଫୁଟିଲା ବୋଲି ଧରି ନିଆଯାଏ, ଭଅଁର ବୁଲିଲେ ସାଇରନ୍ ବାସିଲା ବୋଲି ଧରି ନିଆଯାଏ । ଭାବବିହ୍ୱଳ ହୋଇ ମୁକ୍ତ କଣ୍ଠରେ ଗୀତଟିଏ ଗାଇଲେ, ପିଇକରି ଆସିଛି ବୋଲି ପହରାଦାର ମାନେ ଧରି ନଅନ୍ତି । ମତେ ଲାଗିଲା ସମଗ୍ର ବିଶ୍ୱକୁ ଏକ ନୀଡ ବୋଲି ବିବେଚନା କରୁଥିବା ଗୁରୁଦେବ ଆଜି ସ୍ୱୟଂ ଏଠାରେ ଗୃହବନ୍ଦୀ । ମନେହେଲା – ମଣିଷଙ୍କୁ ବିଶ୍ୱାସ କରିବା ଓ ଭଲ ପାଇବା ଭଳି ଜଘଣ୍ୟ ଅପରାଧ କରିଥିବା ଜଣେ ଋଷିଙ୍କୁ ଆଧୁନିକ ମଣିଷ ଅନନ୍ତକାଳ ପାଇଁ କାରାରୁଦ୍ଧ କରିଛି ଏବଂ ମୁଁ ସେଇ ଆଜୀବନ ବନ୍ଦୀକୁ ଭେଟିବାକୁ ଯାଉଛି ।

ଜଣେ ବୋମାଧାରୀ ବା ଘାତକ ଅସ୍ତ୍ରଧାରୀ ନୁହେଁ ବୋଲି ଏକ ଘର୍ମାକ୍ତ ପ୍ରମାଣ ଦେବା ପରେ ମୁଖ୍ୟ ଫାଟକ ଅତିକ୍ରମ କରିବାକୁ ଅନୁମତି ମିଳେ । ଏହି କଷ୍ଟକର ପରୀକ୍ଷାରୁ ଉତ୍ତୀର୍ଣ୍ଣ ହେବାପରେ ମନ ହାଲୁକା ଲାଗିବା ପରିବର୍ତ୍ତେ ଉଦାସ ଲାଗେ, ସଂପ୍ରତି ସମାଜର ପରିସ୍ଥିତି ଦେଖି ହତାଶ ଲାଗେ । ଯେଉଁ ଜୀବନ ମୁକ୍ତିର କଥା, ବିଶ୍ୱପ୍ରେମର କଥା ଗୁରୁଦେବ କହୁଥିଲେ – ସମ୍ଭବତଃ ତା ପାଇଁ ପୃଥିବୀ ପ୍ରସ୍ତୁତ ହୋଇନି । ତେଣୁ ମଧ୍ୟବର୍ତ୍ତିକାଳୀନ ସମାଧାନ ଭାବେ ଏହି ସୁରକ୍ଷା ବ୍ୟବସ୍ଥା – ଏମିତି ଏକ ଅପାତଃ ସାନ୍ତ୍ୱନାମୂଳକ ସ୍ୱୀକାରୋକ୍ତି ସହ ପ୍ରସ୍ତୁତ ହେଉଥିଲି ଗୁରୁଦେବଙ୍କ ବାସଭବନ ସବୁକୁ ଦର୍ଶନ କରିବା ଲାଗି ।

ଥରେ କେବେ ଓଡିଶାର କୋଣାର୍କକୁ ଦେଖିବାକୁ କବି ଆସିଥିଲେ । ସତେକି ଅଶ୍ୱଖଚିତ ରଥଟିଏ ସୂର୍ଯ୍ୟଦେବତାଙ୍କୁ ନେଇ ଆକାଶ ଦିଗେ ଉଡିଯିବାକୁ ପ୍ରସ୍ତୁତ – ଏହି ଦର୍ଶନ କବିଙ୍କୁ ଅଭିଭୂତ କରିଥିଲା । କବି ନିଜ ତତ୍ତ୍ୱାବଧାନରେ ତିଆରି କରିଥିଲେ ଉତ୍ତରାୟଣର ପ୍ରଥମ

ଗୃହ – କୋଣାର୍କ । ଏହାର ନକ୍ସା ବାରମ୍ବାର ବଦଳଛି, ତେଣୁ ଘର ଗୁଡିକର ଚଟାଣ ସବୁ ତଳ ଉପର ହୋଇ ରହିଛି । ତଦନୁସାରେ ଛାତ ଗୁଡିକ ମଧ୍ୟ ତଳ ଉପର ହୋଇ ରହିଛି । ଗୁରୁଦେବଙ୍କ ଅସଂଖ୍ୟ ନାଟକ ସବୁର ରିହଲସାଲ୍ ଏଠାରେ ହେଉଥିଲା । ଗୁରୁଦେବଙ୍କ ପରେ ତାଙ୍କ ପୁତ୍ରବଧୁ ପ୍ରତିମାଦେବୀ ଦୀର୍ଘ ଦିନ ଧରି ଏଠାରେ ରହିଥିଲେ ।

ତା ପରେ ତିଆରି ହେଲା – ଉଦୟନ, ଯାହାକ ଦୀର୍ଘ ପାଞ୍ଚବର୍ଷର ଭଙ୍ଗାଗଢା ଓ ପୁନଃ ନିର୍ମାଣ ପରେ ବର୍ତ୍ତମାନର ରୂପରେଖ ନେଇଥିଲା । ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ କାରିଗରୀ କୌଶଳର ମିଶ୍ରିତ ପ୍ରଭାବରେ ବିଚିତ୍ର ଏହାର ସର୍ଜନା । ବିଭିନ୍ନ କୋଠରୀର ଚଟାଣସବୁ ଉଚାନିଚା ହୋଇ ରହିଛି । ସତେକ ରବୀନ୍ଦ୍ର ସଂଗୀତର ପଂକ୍ତି ସବୁ ଛନ୍ଦାଛନ୍ଦି ହୋଇ ରହିଛନ୍ତି, ଗୋଟିଏ ପୂର୍ଣ୍ଣ ପ୍ରସ୍ଫୁଟିତ ଗୋଲାପ ଫୁଲର ପାଖୁଡା ପରି । ଶବ୍ଦ ପ୍ରତିଧ୍ୱନି ଓ ଉତ୍ତାପକୁ ରୋକିବା ପାଇଁ କାନ୍ଥସବୁ ବେତ ଓ କାଠକାମ ଦ୍ୱାରା ପୁରି ରହିଛି । ଏକଦା ଏହାର କେନ୍ଦ୍ର ଗୃହରେ ନୃତ୍ୟନାଟିକା ଓ ଡ୍ରାମା ଚାଲୁଥିଲା । ଏହି ନିବାସଟି ପରେ କବି ଶ୍ୟାମଳୀ, ପୁନଶ୍ଚ ଓ ଉଦିଚୀ କୁ ପ୍ରସ୍ଥାନ କରିବା ସତ୍ତ୍ୱେ, ଜୀବନର ଅଶୀତମ ଜନ୍ମଦିବସଟି ଏହି ଉଦୟନର ବାରଣ୍ଡାରେ ପାଳଥିଲେ । ତାହା ଥିଲା – ଧନ୍ୟବାଦ, ଚାରି ପ୍ରହର ଚିନ୍ତା-ବିହୀନ, ପଞ୍ଚମ ପ୍ରହର ମର୍ମନ୍ତୁଦ । ସତ କୁ ସତ ସେହି ବର୍ଷ ଏକ ବଡ ଧରଣର ଅପରେସନ୍ ପାଇଁ କଲିକତା ଯିବା ପରେ ସେ ଆଉ ଫେରି ନାହାନ୍ତି । ପୁତ୍ର ରଥୀନ୍ଦ୍ରନାଥଙ୍କ ଦ୍ୱାରା ଏହି ଉଦୟନରେ ପ୍ରଥମେ ରବୀନ୍ଦ୍ର ସ୍ମୃତି ଭବନ ଆରମ୍ଭ ହୋଇଥିଲା ଏବଂ ପରେ ପରେ ତାହା ବିଚିତ୍ରାକୁ ସ୍ଥାନାନ୍ତରିତ ହୋଇଥିଲା ।

ଉଦୟନରୁ କବି ଆସିଲେ ଶ୍ୟମଳୀ କୁ । ସମ୍ପୂର୍ଣ୍ଣ ରୂପେ କାଦ ଓ ମାଟିରେ ତିଆରି ଘରଟି ଗୁରୁଦେବଙ୍କ ଅନ୍ୟ ଏକ ସୃଜନଶୀଳ କଳ୍ପନା । କଳା ଭବନର ଶିକ୍ଷାର୍ଥିମାନେ ଏହି ମାଟି କାନ୍ଥରେ କଛି କଛି ଗାଛ ଚିତ୍ର ଆଙ୍କିଛନ୍ତି । ଘର ଆଗରେ ଆଦିବାସୀ ସାନ୍ତାଳ ଦମ୍ପତ୍ତିଙ୍କ ପ୍ରତିମୂର୍ତ୍ତି, ଘର ଆଗରେ ଅର୍ଦ୍ଧଚନ୍ଦ୍ର ଆକୃତିର ପୋଟିକ, ବାଉଁଶ ଓ ଚକଟା ମାଟିରେ ମାର୍ଦା ଛାତ, ଘର ପଛକାନ୍ଥରେ ଘୋଟକର ଗାଛ-ଚିତ୍ର ଏସବୁ ହେଲା ଶ୍ୟାମଳୀର ବିଶେଷତ୍ୱ । ସେ ସମୟରେ କବି ତାଙ୍କର ଜଣେ ବନ୍ଧୁଙ୍କୁ ଚିଠି ଲେଖିତିଲେ – ଆମ ବୋଲପୁର ଗାଁରେ ସମସ୍ତଙ୍କ ଘର ଏମିତି ହୋଇଥିଲେ ଆଉ ନିଆଁକୁ ଭୟ ରହନ୍ତାନ୍ତି । ଏହି ଘରଟିକୁ ଗାନ୍ଧୀଜୀ ଖୁବ୍ ପସନ୍ଦ କରୁଥିଲେ, କାରଣ ୱାର୍ଦ୍ଧା ସେବାଗ୍ରାମରେ ଗାନ୍ଧୀଙ୍କ ଘରଟି ଏମିତି ମାଟିକାଟିରେ ତିଆରି ହୋଇଥିଲା । ଶ୍ୟାମଳୀକୁ ଗାନ୍ଧୀ କସ୍ତୁରବାଙ୍କ ସହିତ ଆସିଥିଲେ ।

ସେମାନଙ୍କୁ ପାଛୋଟି ନେଲାବେଳେ କବି କହିଥିଲେ ଆମେ ତୁମକୁ ଅତିଥି ବୋଲି ମାନୁନାହୁଁ । ତୁମେ ଏ ଘରର ଲୋକ । ଗାନ୍ଧୀ ଉତ୍ତର ଦେଇଥିଲେ – ମତେ ଲାଗୁଛି ମୋ ନିଜ ଘରକୁ ମୁଁ ଫେରି ଆସିଛି । ଏହି ଘରଟିକୁ ସାରା ପୃଥିବୀର ବହୁ ବିଦ୍ୱାନ ଓ ମନିଷୀମାନେ ଆସିଥିଲେ, ଯଥା ନେହେରୁ, ଶାସ୍ତ୍ରୀ, ଇନ୍ଦିରାଗାନ୍ଧୀ, ଟେରସା ଇତ୍ୟାଦି । ସମ୍ଭବତଃ ଶ୍ୟାମଳୀକୁ ଆସିବା ପରେ ଗୁରୁଦେବ ବାର୍ଦ୍ଧକ୍ୟ ତଥା ମୃତ୍ୟୁ ଆଗମନର ମୃଦୁ ପଦଧ୍ୱନିକୁ ଶୁଣି ପାରୁଥିଲେ । ଚମତ୍କାର କବିତା – "ମୃତ୍ୟୁ ହେ ତୁମେ ଶ୍ୟାମ ସୁନ୍ଦର" ଶ୍ୟାମଳୀ ରହଣୀ ସମୟର କବିତା ।

କବିଙ୍କ ମନ ଆକାଶର ପାଗଳ ବାଦଲ ଭଳି ଉନ୍ମୁକ୍ତ ଓ ଗତିଶୀଳ ଥିଲା । ଏଠାରେ ନୁହେଁ, ଏଠାରେ ନୁହେଁ, ଆଉ କେଉଁଠେ, ହୁଏତ କୋଉ ଜାଗାରେ – ଏହି ନୀତିରେ ସେ ପୁନଶ୍ଚ ନୂଆ ଖିଆଲରେ ଘର କରିଥିଲେ । ତାର ନାମ ଥିଲା ପୁନଶ୍ଚ । ପୁନଶ୍ଚର କାନ୍ଥ ଓ ଚଟାଣ ମାଟିରେ ତିଆରି, କିନ୍ତୁ ଛାତ କଂକ୍ରିଟ । କେବଳ ମଝିରେ ଗୋଟିଏ ବଡ କମରା, ବାକି ଚାରିପଟେ ଛାତ ଢଙ୍କା ଖୋଲାମେଲା ବାରଣ୍ଡା । ଏଠାରେ ଥିବା ସମୟରେ କବିଙ୍କ ଭିତରେ ଗୋଟିଏ ଚିତ୍ରକରର ନବଜନ୍ମ ଘଟିଥିଲା । ଶତଷଠୀ ବର୍ଷରେ ଚିତ୍ରାଙ୍କନ ଆରମ୍ଭ କରିଥିବା ଏହି ଚିତ୍ରକର, ପୃଥିବୀର ବିଶିଷ୍ଟ ଚିତ୍ରକର ମାନଙ୍କ ମଧ୍ୟରେ ଜଣେ ହୋଇଥିଲେ । ମୁକ୍ତ ବାରଣ୍ଡାରେ କବି ଘଣ୍ଟାଘଣ୍ଟା ଚିତ୍ରାଙ୍କନରେ ବୁଡି ରହୁଥିଲେ । ତୁଳୀ ଓ ରଙ୍ଗରୁ ଜୀବନ୍ୟାସ ପାଇଥିବା ଚିତ୍ର ସବୁ ଆଜି ବିଭିନ୍ନ ପର୍ଯ୍ୟାୟରେ ବିଭିନ୍ନ ପ୍ରଦର୍ଶନୀରେ ସାରା ବିଶ୍ୱ ଘୁରି ଆସିଲେଣି ।

ଉଦିଚୀ ହେଉଛି ଗୁରୁଦେବଙ୍କ ଶେଷ ପ୍ରିୟତମା – ଶେଷ ନିବାସ । ୧୯୩୮ ମସିହାରେ ଗୁରୁଦେବଙ୍କ ଶେଷ ନିର୍ଦ୍ଦେଶନା କ୍ରମେ ନିର୍ମାଣ ହେଲା ଉଦିଚୀ, ଯାହାର ଅନ୍ୟ ଗେହ୍ଲା ନାମେ ସବୁ ହେଲା ସଂଜୁତି, ଚମେଲୀ । ଚାରିଟି ଖମ୍ବ ଉପରେ ପୁରା ଘରଟି ଥିଲା । ଘର ଉପରର ଛାତ ରଙ୍ଗମଞ୍ଚ ହେବ ଏବଂ ଦୂର ଦିଗବଳୟ ପର୍ଯ୍ୟନ୍ତ ଚରାଚର ହେବ ତାର ବିଦଗ୍ଧ ଦର୍ଶକ, ନୀଳ ଆକାଶ ହେବ ସାମିଆନା – ଏହା ହିଁ ଥିଲା କବିଙ୍କ କଳ୍ପନା । ବୟସାଧିକ୍ୟ ଯୋଗୁଁ କବି ସିଡି ଚଢି ଉପରକୁ ଯାଇ ପାରିଲେ ନାହିଁ, ତେଣୁ ଖମ୍ବ ସବୁକୁ ବାଡଦ୍ୱାରା ଯୋଡାଯାଇ ତଳ ଘରଟି କରାଗଲା । ଖାସ୍ ନିଜ ପିତାଙ୍କ ଲାଗି ପୁତ୍ର ରଥୀନ୍ଦ୍ରନାଥ ଘରକୁ ଲାଗି ଏକ ଗୋଲାପ ବଗିଚା କରି ଦେଇଥିଲେ । କ୍ରମଶଃ କବିଙ୍କ କଣ୍ଠ ନୀରବ ହୋଇ ଆସୁଥିଲା, ହାତ ଶିଥିଳ ଓ ଚକ୍ଷୁ ନିମୀଳିତ ହୋଇ ଆସୁଥିଲା । ଏକ ବଡ ଧରଣର

ଅପରେସନ୍ ପାଇଁ କବିଙ୍କ ଶେଷ ଯାତ୍ରା ଏଠାରୁ ଆରମ୍ଭ ହୋଇଥିଲା । ଶେଷ ପ୍ରିୟତମା ଉଦିଚୀ ପ୍ରିୟତମଙ୍କ ଅବଶ୍ୟମ୍ଭାବୀ ମହାଯାତ୍ରାକୁ ନୀରବରେ ସହିଗଲେ ।

ସେଦିନ ଏହି ପଞ୍ଚନବାସକୁ ହୃଦୟ ଭରି ଅନୁଭବ କଲାପରେ, ଓଦା ମନ ନେଇ ଫାଟକ ଅତିକ୍ରମ କଲି । ବାହାରେ ଗୋଟିଏ ବୃକ୍ଷତଳେ କଏ ଜଣେ ବାଉଲ୍ ପାଦରେ ଘୁଙ୍ଗୁର ଓ ହାତରେ ବାଦ୍ୟଯନ୍ତ୍ରଟିଏ ଧରି ତନ୍ମୟ ହୋଇ ଗୀତ ଗାଉଥିଲେ । ସେଠାରେ ବନ୍ଧୁଜଣେ ସୂଚାଇ ଦେଲେ – ଏଇ ଗୀତଟି ହେଉଛି ଗୁରୁଦେବଙ୍କ ଶେଷଗୀତ । ତାହାଥିଲା ଗୁରୁଦେବଙ୍କ ମୁଖ ନିସୃତ ଶେଷ କବିତା- ପଂକ୍ତି ର ଏକ ବର୍ଦ୍ଧିତ ଛାୟାଗୀତ । ଅପରେସନ୍ ର କଛି କ୍ଷଣ ପୂର୍ବରୁ ଟେବୁଲ୍ ଉପରେ ଗୁରୁଦେବଙ୍କ ମୁହଁରୁ ଏହା ସ୍ୱତଃ ଝରି ପଡିଥିଲା ଏବଂ ତାର ସାତଦିନ ପରେ କବି ସବୁଦିନ ପାଇଁ ନୀରବ ହୋଇ ଯାଇଥିଲେ । ସେଇ ଗୀତଟିରେ ଓଡିଆ ଭାବାନ୍ତର ଏପରି କରାଯାଇ ପାରେ:

ସୃଷ୍ଟିର ସହସ୍ରଧାର୍, କଏବା କରିବ କଳନ<br>
ବୁଝିବା ଶକ୍ତିର ବାହାରେ, ବିଚିତ୍ର ତୁମ ଗମନ<br>
ହେ ଚଳନମୟ !

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

# ଲୁହ



ସିଦ୍ଧେଶ୍ୱର ତ୍ରିପାଠୀ

ଦୁଇ ଧାର ହୋଇ ବହିଯାଏ ସିଏ
ଅମାନିଆ ନଈ ପରି
ଅଗ୍ନିକ ଆସେ ଅଟକ ହୁଏନି
ନିମିଷକେ ଯାଏ ଝରି ।

ଲୁଚ ପାରେନାହିଁ ଫୁଟି ଉଠିଥାଏ
କୋହର କୁହୁଳା ଗନ୍ଧ
କାଆଗେ ବାଢ଼ିବୁ ମନର ବେଦନା
ସଭିଏଁ ସ୍ୱାର୍ଥରେ ଅନ୍ଧ ।

ନିତି ଗ୍ଳାଲେ ଏଠି ଜୀଇଁବା ନାଟକ
ଅଦେଖା ନିଆଁରେ ଜଳ
ଦୁଇ ଧାର ହୋଇ ବହିଯାଏ ସିଏ
ଅମାନିଆ ନଈ ପରି ।

ଦେହ ଆଉ ମନ ସପନ ଜୀବନ
ତାପାଇଁ ବରଷା ଝର
ସମାଜ ଗ୍ନହାଣୀ ଲଘୁଗ୍ନପ ପାଣି
ଆକଟ ମାନେନି କାର ।

ସକଳ ଭରଷା ଭ୍ଙ୍ଗିଯାଇଥାଏ
ଦିନ ଯାଇଥାଏ ସରି
ଦୁଇ ଧାର ହୋଇ ବହିଯାଏ ସିଏ
ଅମାନିଆ ନଈ ପରି।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

# ଗୁରୁ ଦିବସ

ଧିରେନ୍ କୁମାର ବେହେରା

ଆଷାଢ଼ ପୂର୍ଣ୍ଣିମା ଗୁରୁଙ୍କ ମହିମା
ହିନ୍ଦୁ ଜୈନ ବୌଦ୍ଧ ପାଳନ କରେ ।
ଭାରତ ନେପାଳ ଉତ୍ସବ ମୁଖର
ବ୍ରହ୍ମା ବିଷ୍ଣୁ ଶିବ ଗୁରୁ ଭାବରେ ।୧।
ଦେବ ଗୁରୁ ବୃହସ୍ପତିଙ୍କର ପାଇଁ
ଗୁରୁ ଦିବସଟି ପାଳନ ହୁଏ ।
ସବୁ ଗ୍ରହଙ୍କର ଅଢେଇ ଗୁଣା ସେ
ଦିବ୍ୟଜ୍ଞାନ ଜ୍ୟୋତି ଆଲୋକ ଦିଏ ।୨।
ବ୍ୟାସ ଅଙ୍ଗୀରାଶ ଅଗ୍ନିଦେବ ସିଏ
ଗୁରୁ ଭାବେ ହିନ୍ଦୁ କରଇ ପୂଜା ।
ଅଜ୍ଞାନ ଅନ୍ଧାର କରନ୍ତି ସେ ଦୂର
ଜାଳ ଜ୍ଞାନ ଦୀପ ବିଶ୍ୱାସ ଉର୍ଜା ।୩।
ଆଧୁନିକ ଯୁଗ ଆସିଲା ପରଠୁ
କର୍ମ ପ୍ରତିବଦ୍ଧ ଆନ୍ତର୍ଜାତୀୟ ।
ଦିବସ ଗୁଡ଼ିକ ବାଣ୍ଟି ଦେଇଅଛି
ହୋଇଅଛି ଯାହା ଗୌଣ ବା ହେୟ ।୪।
ଅକ୍ଟୋବର ପାଞ୍ଚ ତାରିଖକୁ ପରା
ଗୁରୁ ଦିବସଟି ପାଳଇ ବିଶ୍ୱ ।
ପୃଥିବୀ ଭୂଖଣ୍ଡେ ସର୍ବାଧିକ ଦେଶେ
ଏହି ଦିନ ଗାଏ ଗୁରୁଙ୍କ ଯଶ ।୫।
କରୋନା କାଳେ ଶିକ୍ଷା ପୁନଃରୁଦ୍ଧାର
ପୁନଃ ଜୀବିତ ଯେ କରିବା ପାଇଁ ।

ବିଶ୍ୱର ଡାକରା ଗୁରୁ ଦିବସରେ
ସବୁ ଦେଶ ଛନ୍ତି ହାତ ମିଳେଇ ।୬।
ସେପ୍ଟେମ୍ବର ପାଞ୍ଚ ଗୁରୁ ଦିବସଟି
ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ନାମେ ।
ଥରେ ଗୁରୁ ମାନେ ତାଙ୍କ ଜନ୍ମଦିନେ
ସମ୍ବର୍ଦ୍ଧନା କଲେ ହର୍ଷିତ ମନେ ।୭।
ଉଣେଇଶ ପଁଷଠିର ସେ ସଭାରେ
ଘୋଷଣା ହେଇଛି ଗୁରୁ ଦିବସ ।
ବର୍ଷକ ପରଠୁ ପାଳନ ହେଉଛି
ଖୁସି ହୁଏ ଗୁରୁ ସକଳ ଶିଷ୍ୟ ।୮।
ଆନ୍ଧ୍ର ବନାରସ ବିଶ୍ୱ ବିଦ୍ୟାଳୟ
କୁଳପତି ସିଏ ଉତ୍ତମ ଗୁରୁ ।
ଦେଶର ପ୍ରଥମ ନାଗରିକ ହୋଇ
ଶିକ୍ଷା ରାଷ୍ଟ୍ରପତି ସେ କଳ୍ପତରୁ ।୯।
ସବୁ ଦେଶରେ ଏ ଗୁରୁ ଦିବସଟି
ଶିକ୍ଷାବିତ ପାଇଁ ପାଳନ ହୁଏ ।
ସବୁଠାରେ ଜନ୍ତୁ ଗୁରୁଙ୍କ ମହିମା
ଶିଷ୍ୟଗଣ ମୁଖେ ଆଦୃତ ଥାଏ ।୧୦।
ଛୁଟି ହେଉ ଅବା ନ ହେଉ ସେ ଦିନ
ଗୁରୁଙ୍କ ମହିମା ଭାଳେ ଜଗତ ।
କର୍ମ ପାରିତୋଷ ବୁଝେନାହିଁ ଶିଷ୍ୟ
ବୁଝେ ଜ୍ଞାନ ଦାନ ଗୁଣ ମହତ ।୧୧।

ତାଳସଙ୍ଗା, କେନ୍ଦ୍ରାପଡ଼ା

# ହଜି ଯାଇଥିବା ଈଶ୍ୱର



ଡକ୍ଟର କିଶୋର ମହାନ୍ତି

[ଏକ ପ୍ରତୀକଧର୍ମୀ ନାଟକ]

ଭୂମିକାରେ.....

ପ୍ରବୀଣାନନ୍ଦଜୀ – ସାଧୁ

ନଗ୍ନକାର – ଆଧ୍ୟାତ୍ମିକବାଦୀ ଯୁବକ

ବିସ୍ମୟ – ଯୁବକ

ବିପ୍ଳବ – ଯୁବକ

ବୃଦ୍ଧା – ମା

ନାରୀ – ଯୁବତୀ

(ଅନ୍ଧାର ଆଡେଇ ଆଲୋକ ପଡିବ ଦୁଇଟି ଚରିତ୍ର ଉପରେ – କରୁଣ ସଂଗୀତ)

ନାରୀ – ନା ନା ନା ମୁଁ ପାରିଲିନି – ଅଣନିଶ୍ୱାସୀ ହୋଇ ଦଉଡିଲି ଜୀବନ ରକ୍ଷା ପାଇଁ, ଜାଣିଛି ସେଠି ଯଦି ରହିଥାନ୍ତି କେତେବେଳେ ଯେ କଣ ହେଇଯାଇଥାନ୍ତା, ମୋ ଅବସ୍ଥା।

ବିପ୍ଳବ – ସମାଜ ଛାଡି ଚାଲିଆସିଲ ନା!

ନାରୀ – ଆଉ ମୋର ଅନ୍ୟ ଉପାୟ ନଥିଲା, ମୁଁ ବାଧ୍ୟ ହୋଇ ଚାଲି ଆସିଲି। ସେମାନେ ସମସ୍ତେ ମୋତେ ଦୂରକୁ ଚାଲିଯିବାପାଇଁ ଯେମିତି ଆଗରୁ ମନ୍ତ୍ରଣା କରିଥିଲେ।

ବିପ୍ଳବ – ମୁଁ ଜାଣିଛି। ସମାଜଟା ସତରେ ଏଇଆ। ଆମେ ଏଠି ଜଣେ ଜଣେ ସମାଜ ଛଡା ଜୀବ।

ନାରୀ – ହେଲେ ମୋତେ ଏଠି କେମିତି ଏକା ଏକା ଲାଗୁଛି, ସନ୍ଦେହର କୁହେଳୀ ସୃଷ୍ଟି ହେଉଛି । ମୁଁ ଜାଣିଛି ସେ ସମାଜଠାରୁ ଏ ସମାଜ ଢେର ଫରକ-ତଥାପି....

ବିପ୍ଳବ – ଥରେ ସନ୍ଦେହ ଓ ଅବିଶ୍ୱାସ ଜନ୍ମ ନେଲେ ମନରେ, ତାହା ଅହରହ ଭିତରେ ଥାଇ ନଷ୍ଟ କରିଦେବ ମଣିଷ ମଣିଷକୁ ସନ୍ଦେହ ଆଖିରେ ଦେଖିବ – ପ୍ରତ୍ୟେକ ମଣିଷ ତା ପାଇଁ ଶତ୍ରୁ ପାଲଟି ଯିବେ । ମନରେ ବିଷ ଚରିଯିବ-ସେତେବେଳେ ମନ ବିବେକ ଅଣାୟତ ହୋଇଥିବ ।

ନାରୀ – ନା ମୁଁ ସେକଥା କହୁନାହିଁ । ମୁଁ ମଣିଷର କୁପ୍ରବୃତ୍ତି କଥା କହୁଛି...କୋଉଁଠି ଥିଲେ ବି ତାର ଇନ୍ଦ୍ରିୟାସକ୍ତ ମନ ତାକୁ ଖିନଭିନ୍ କରିଦେବ । କେଉଁ ସତ୍ୟର ଅନୁସଂଧାନରେ ଆମେ ଆଗକୁ ଗୋଡ ବଢେଇବା – ଯେମିତି ଆଜି ସମାଜର ମଣିଷର ଝୁଲୁଥିବା ଜୀବନ ।

ବିପ୍ଳବ – ଜୀବନଟା ଆଜି ସେଇ ଅସତ୍ୟ ଉପରେ ଯେମିତି ଅବଧାରିତ । ସମସ୍ତେ ଅଣନଶ୍ୱାସୀ ହୋଇ ଦଉଡୁଛନ୍ତି ସେଇ ବିଷାକ୍ତ ବଳୟ ଭିତରେ । ଦଉଡୁ ଦଉଡୁ ସେ ନିଜକୁ ହରାଇ ବସୁଛି । ଫେରିବାର ବାଟ ସମ୍ପୂର୍ଣ୍ଣ ଭାବେ ବନ୍ଦ-ସେଇଠି ଡହଳ ବିକଳ ହେଇ ଛଟପଟ ହେଇ ଜୀବନ ବିସର୍ଜନ କରୁଛନ୍ତି । ସତ କହିଲେ ଏ କ ପ୍ରକାର ଜୀବନ ।

ନାରୀ – ମୁଁ ମଧ୍ୟ ତୁମର ଯୁକ୍ତିକୁ ଆଡେଇ ଦେଇପାରୁନ । ସବୁକଥା ଗୋଟିଏ ସତ୍ୟ ଉପରେ ଆଧାରିତ । ମୋ ମନରେ ଭିତରେ ହଠାତ୍ ଯେମିତି ସଜାଗ କରିଦେଲା, ତୋର ଏଠି ଶାନ୍ତି ନାହିଁ । ମୁକ୍ତି ନାହିଁ । ତୁ କେବଳ ଦୁଃଖ ସହିବୁ, ତୋର ଦୁଃଖକୁ ତୁ ଭୁଲିଯିବୁ ଯଦି ମୁଁ ତୋ ପଥ ବାଛିବେ- ଏ ସଂସାର ଛାଡ ।ବ

ବିସ୍ମୟ – (ପ୍ରବେଶ) ଆରେ ବାଃ – ଚମତ୍କାର – ଖୁବ୍ ଚମତ୍କାର ସମାଜ ଛାଡି ଏମିତି ଏଥିକ ପଳେଇ ଆସିଲେ । ଖୁବ୍ ଭଲ କଲେ । ଏକା ଏକା ଚଳବାରେ ଖୁବ୍ ମଜା ଅଛି ନା ଆରେ ବିପ୍ଳବ – କଣ ମାଡାମଙ୍କଠାରୁ ବୁଢୀ ଅସୁରୁଣୀର କାହାଣୀ ଶୁଣୁଛୁ ।

ବିପ୍ଳବ – ନା ଭାଇ ମ୍ୟାଡାମ ଶୁଣାଇଲେ କେତେବେଳେ – ଯେଉଁ ସତ୍ୟଟା ସେ ଖୋଲିବାକୁ ବସିଛନ୍ତି, ସେ ତ ଏବେକାର ଆମ ସମାଜର କାହାଣୀ । ସମାଜ ଭିତରୁ ତୁମେ ମୁଁ ଯେମିତି ସେ ବି ସେହିପରି । ଏଇଠି ତାଙ୍କ ଜୀବନର ଲୁଚ ରହିଥିବା କାହାଣି ଖୋଲିଦେଲେ ହୁଏତ ଅନେକ ଗୋପନୀୟ ତଥ୍ୟ ଆତ୍ମପ୍ରକାଶ କରିପାରେ ।

ବିସ୍ମୟ – ଠିକ୍ କହିଛ ତୁମେ, ଯେଉଁ ସମାଜ ଆମକୁ ଜନ୍ମ ଦେଇଥିଲା – ଯିଏ ଆମକୁ ବଡ କଲା-ଆମେ ତ ତାକୁ ଛାଡି ଦେଇ ଚାଲି ଆସିଛେ । ସେ ସମାଜ କଥା ଭାବିଲେ....

ବିପ୍ଳବ – ନା – ସେ ସମାଜ ଆସ୍ତେ ଆସ୍ତେ ରୁଗଣ ହେଇ ବସିଛି-ପଂଗୁ ହେଇଯାଇଛି । ତାର ଦେହସାରା କର୍କଟ ଜୀବାଣୁମାନଙ୍କର ଦୁର୍ଦ୍ଦଶ ଆକ୍ରମଣ, ସେଥିରୁ ତାକୁ ବଞ୍ଚାଅ ବିସ୍ମୟ ।

ନାରୀ – ନା ନା ସେ ଆଉ ଦଣ୍ଡେ ବଞ୍ଚି ପାରିବନ ତାର ଶେଷ ଅବସ୍ଥା - ସେଥିପାଇଁ ଦାୟୀ ଆମେମାନେ ।

ବିସ୍ମୟ – ମାନେ

ନାରୀ – ଏଇ ସମାଜରେ ବେପରୁଆ ହୋଇ ନଜକୁ କଂସ, ରାବଣ, ଦୁର୍ଯ୍ୟୋଧନ ବୋଲାଉଥିବା ଖଳନାୟକ ମାନେ ସେମାନଙ୍କ ଦାଉରୁ କଣ କେହି ନସ୍ତାର ପାଇପାରିବେ?

ବିପ୍ଳବ – ଏତେ ଅର୍ଦ୍ଧଗୁଧ୍ନ ଦଲାଲମାନଙ୍କ ସଂସାର । ଧର୍ମ ଧ୍ୱଜାଧାରୀ ବିଧର୍ମୀମାନଙ୍କ ଛଳ, କପଟ, କୁମନ୍ତ୍ରଣା ଭିତରେ ସାଧାରଣ ମଣିଷ ଆଜି ଶ୍ୱାସରୁଦ୍ଧ । ଏଠାରୁ ମୁକ୍ତି କାହିଁ । କଏ ମୁକ୍ତି ଦେବ? କାହାଁନ୍ତି ଠାକୁର! ସମସ୍ତେ କଣ ସତରେ ଶୁପ୍ତ....?

ନାରୀ – ପଥ କାହିଁ ମୁକୁଳବାର ପଥ କାହିଁ

ବିସ୍ମୟ – ସତ କୁହନ୍ତୁ, ତୁମେ ତ ଏକୁଟିଆ ନଥିଲ – ତୁମକୁ ତ ସ୍ନେହ ପ୍ରେମ ଆଉ ଶ୍ରଦ୍ଧାରେ ବାନ୍ଧି ଦେଇଥିଲେ ତୁମ ପରିବାରର ଲୋକ, ଶାଶୁ ଶ୍ୱଶୁର ନଣନ୍ଦ ଦିଅର ପୁଣି ଏହକାଳ ପରକାଳର ଦେବତା ସ୍ୱାମୀ ।

ନାରୀ – ମୋତେ ସେମାନଙ୍କ କଥା କୁହନ୍ତୁନ ଆଜ୍ଞା । ଦଶଦିଗପାଳ, ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି, ଦେବତାଙ୍କୁ ସାକ୍ଷୀ ରଖି ବିବାହବେଦୀରେ ଯାହା ସହ ମୋର ହାତଗଣ୍ଠି ପଡିଲା, ସେ ଯେ ମୋର ଇହକାଳ, ପରକ୍ଳର ଦେବତା, ତା ମୁଁ ଭୁଲିଗଲି ସେ ଯେତେବେଳେ ମୋ ଉପରେ ଅକଥନୀୟ ଅତ୍ୟାଚାର ଆରମ୍ଭ କରିଦେଲେ, ସେ ମୋର କ ସ୍ୱାମୀ? ନା ମୁଁ ପୁଣି ତାଙ୍କର କ ସ୍ତ୍ରୀ?

ବିପ୍ଳବ – ନା ନା ଯେତେହେଲେ ସେ ତୁମର ସ୍ୱାମୀ ।

ନାରୀ – ସ୍ୱାମୀ, ସ୍ୱାମୀର ସଂଜ୍ଞା କଣ କହିପାରିବେ?

ବିପ୍ଳବ – ଆପଣ ବୁଝୁନାହାନ୍ତି କାହିଁକି ଆମ ହିନ୍ଦୁ ତଥା ସନାତନ ଧର୍ମରେ ସ୍ୱାମୀଙ୍କୁ ନିଜର ସମସ୍ତ ସମର୍ପଣ କରିବାର ଅଧିକାର ସ୍ତ୍ରୀ ଉପରେ ନ୍ୟସ୍ତ ।

ନାରୀ – ବାଃ ଚମତ୍କାର ଯୁକ୍ତି । କହିଲେ ଯେଉଁ ସ୍ୱାମୀ ତାର ସ୍ତ୍ରୀର ମାନ ଇଜ୍ଜତକୁ ପଦାରେ ବିକ୍ରୀ କରେ ଆଉ ନିଜର ସ୍ତ୍ରୀର ସମ୍ମାନକୁ ପଦାରେ ପକାଏ, ଯେଉଁ ସ୍ୱାମୀ ତା ସ୍ତ୍ରୀର ଭଲ ମନ୍ଦ ବୁଝେନା, ଆଉ ନିଜର ଖେଳଣା ଭାବି ଯେତେବେଳେ ଯେଉଁ ଭାବରେ ଖେଳିବା କଥା ଖେଳୁଥିଲେ, ସେଠି ସେ ସ୍ୱାମୀକୁ ଆପଣ କେଉଁ ଆଦର୍ଶର ଦ୍ୱାହି ଦେଇ ପୂଜାର୍ଚ୍ଚନା କରିବେ!

ବିପ୍ଳବ – ମୁଁ ବୁଝିପାରୁନି ଏତେ କ୍ଷୁବ୍ଧ ଆପଣ କାହିଁକି? (କଳାକାର ପ୍ରବେଶ ଓ ସାଥିରେ ପ୍ରବୀଣା ନନ୍ଦ)

ପ୍ରବୀଣାନନ୍ଦ – କିଏ ! କିଏ ! କ୍ଷୁବ୍ଧ ହେଉଛି । କଳାକାର ଆସ – କଣ ଶୁଣୁଛ ମା ଠାରୁ ତାର ଜୀବନର ଗତିଧାରା ହଠାତ୍ ଏମିତି ବଦଳି ଯିବ ବୋଲି ମୁଁ ବି ଜାଣିନଥିଲି ।

କଳାକାର – ମାନେ, ହଠାତ୍ ପରିବର୍ତ୍ତନ !

ପ୍ରବୀଣାନନ୍ଦ – ହଁ ପରିବର୍ତ୍ତନ ନୁହେଁ ଆଉ କଣ ! ଗୋଟେ ପଟେ ପରିବାର ଆଉ ଏପଟେ ଶୂନ୍ୟ ନିକାଞ୍ଚନ-ବଂଦୀ ଜୀବନ ।

କଳାକାର – ମୁଁ ମାନୁଛି ଏଠି ପରିବାର ନାହିଁ, ହେଲେ ବନ୍ଧୁ ତ ଅଛନ୍ତି –

କହନ୍ତି – କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର

ଯାର ପ୍ରାପତି ଲାଗି ଦେବତା ରେ....

ବନ୍ଧୁତା ବିଶ୍ୱ ଭାତୃଭାବ, ଐକ୍ୟ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବାର ଏକମାତ୍ର ମାଧ୍ୟମ – ଆମେ ତାହାହିଁ ଏଠି କରିବା ।

ପ୍ରବୀଣାନନ୍ଦ – ଭଲ କଥାଟିଏ କହିଛ-ବନ୍ଧୁତାର ଚରମ ନିଦର୍ଶନ ଦେଖାଇପାରିଲେ ଏ ମାଟି ସତରେ ସ୍ୱର୍ଗ ପାଲଟିଯିବ ।

ନସ୍କାର – ମୁଁ ମାନୁଛି, ମଣିଷ ଶିକ୍ଷିତ ହୋଇ ବି ଆଜି ଉଚ୍ଛୃଙ୍ଖଳ ହେଇଉଠିଛି । ମଣିଷ ଭୁଲି ଯାଉଛି ତାର ସ୍ଥିତି, ତେବେ ଅନ କରାଯିବ? ପୁଣି କଣ ସମ୍ପର୍କ ବାନ୍ଧି ପାରିବାନ ଆମେ?

ନାରୀ – ଦେଖୁନାହାଁନ୍ତି ଆପଣ ! ଖାଲି ଲୋକ ଦେଖାଣିଆ ସମ୍ପର୍କ, ପ୍ରୀତି, ପ୍ରେମ ଆଉ ଅନୁରାଗ-ଆପଣ କଣ ଜାଣିପାରୁ ନାହାଁନ୍ତି କେବେଠୁଁ ପ୍ରୀତି ଆଉ ଅନୁରାଗ, ପ୍ରେମ ଆଉ ସମ୍ପର୍କରେ ନିଆଁ ଲାଗି ଯାଇଛି ବୋଲି ! ସେ ପୃଥିବୀକୁ ଟିକଏ ଚାହାଁନ୍ତୁ ତ କେମିତି ଧୁ ଧୁ ହୋଇ ଜଳୁଛି – ଅଗନା ଅଗନ ବନସ୍ତରେ ପକ୍ଷୀମାନେ ଡହଳ ବିକଳ ହେଇ ପୋଡି ଜଳ ଯାଉଛନ୍ତି – କଏ ନିଆଁ ଲଗେଇ ଦେଇଛି ମନରେ -ମନ ଜଳୁଛି, ହୃଦୟ ଜଳୁଛି, ଆଶା, ଆକାଂକ୍ଷା ଭଲ ପାଇବା ଜଳଯାଇ ହେଇଯାଉଛି ମୁଠାଏ ପାଉଁଷ । କେଉଁଠୁ ଆସିବ ସମ୍ପର୍କ ଆମେ କଣ ପୁଣି ସେ ସମ୍ପର୍କକୁ ସତରେ ଯୋଡି ଦେଇପାରିବା ।

ପ୍ରବୀଣାନନ୍ଦଜୀ – ପାରିବା ମା ପାରିବା । କଏ କହିଲା ପାରିବା ନାହିଁ ବୋଲି, ସେଥିପାଇଁ ଧୈର୍ଯ୍ୟ, ସାହାସ ବାନ୍ଧିବାକୁ ପଡିବ । ଏତେ ଶୀଘ୍ର ସବୁର ସମାଧାନ ହୋଇପାରିବନ । ଆସ୍ତେ ଆସ୍ତେ ବଦଳବ ଏ ମଣିଷ – ତାର ମନ, ତାର ଚାଲିଚଳଣୀ, ତାର ଭିତର ମଣିଷଟା ।

ନାରୀ – ଦେଖନ୍ତୁ ତ ସେମାନେ ଏ ଆଡକୁ କେମିତି ମାଡି ଆସୁଛନ୍ତି । ମାରାତ୍ମକ ଭୂତାଣୁ ସେମାନେ ଆଉ ରଖି ଦେବେନ ସବୁ ଖାଇଯିବେ ।

ବିସ୍ମୟ – ନା ନା ସେମାନେ କଛି କରିପାରିବେନ । ଆମେମାନେ ଅଛୁ ପରା ।

ବିପ୍ଳବ – ସେମାନେ ଆସିଲେ ତୁମର କଣ ବା କରିପାରିବେ ।

ନସ୍କାର – ସେମାନଙ୍କ ଆସିବା ପାଇଁ ଲକ୍ଷ୍ମଣରେଖା ପଡିଯାଇଛି ଯେତେ ବଳପ୍ରୟୋଗ କଲେ ବି ଏ ଭିତରେ ପ୍ରବେଶ କରିପାରିବେ ନାହିଁ, ଭିତରେ ପ୍ରବେଶ ନିଷେଧ ।

ପ୍ରବୀଣାନନ୍ଦଜୀ – ଏ ହେଉଛି ନିଷିଦ୍ଧ ଇଲାକା ଏଠି ଅସତ୍ୟ, ଅନ୍ୟାୟକୁ ବରଦାସ୍ତ କରାଯିବ ନାହିଁ – ଧର୍ମ ଧ୍ୱଜାଧାରୀ ଭଣ୍ଡପ୍ରତାରକଙ୍କର ବି ଏଠି ସ୍ଥାନ ନାହିଁ । ତେଣୁ ଏଠିକ ଆସିବା ଏତେ ସହଜ ନୁହେଁ ।

ବିପ୍ଳବ – ତୁମେ ନିର୍ଭୟରେ ରହିପାରେ ଏଠି -

ନାରୀ – ନା ମୋର ଭାରି ଭୟ ସେମାନଙ୍କୁ । ସେମାନେ ମତେ ଖିନଭିନ୍ କରି ଦେବେ, ସେମାନେ ଆତତାୟୀ, ସେମାନେ ଦସ୍ୟୁ ସେମାନେ ଲମ୍ପଟ । ରାକ୍ଷସ ସେମାନେ ।

ପ୍ରବୀଣାନନ୍ଦ – ରାକ୍ଷସ ଜନ୍ମ ନେଇଛି ପୃଥିବୀରେ, ସମଗ୍ର ବିଶ୍ୱ ଆଜି ପାଲଟି ଯାଇଛି ବିଷର ସାଗର ।ଖାଲି ହଳାହଳ-ମଣିଷ ସାଜିଛି ମଣିଷର ଶତ୍ରୁ, ପରଶ୍ରୀକାତରତା, ଅହଂ, ସ୍ୱାର୍ଥପରତା, ହିଂସା ଆଉ କ୍ରୁରତା ମଣିଷକୁ ବାସ୍ତବରେ ନିମ୍ନଗାମୀ କରାଇଛି – କାହିଁ ସେଠି ସ୍ନେହ, ଅନୁରାଗ ଆଉ ଭଲ ପାଇବା?

ନିରାକାର – ଅବୁଝା ମନକୁ ବୁଝାଇବା ବଡ କଷ୍ଟ ମହାରାଜ !

ପ୍ରବୀଣାନନ୍ଦ – ମୁଁ ବୁଝୁଛି ତାର ଦୁଃଖ, ତାର ଯନ୍ତ୍ରଣା ମନ ଭିତରର ଗହନ କଥା – ଆଉ ଅନ୍ତରର ଜ୍ୱାଳା । ବନ ପୋଡିଗଲେ ସମସ୍ତେ ଜାଣନ୍ତି ନିରାକାର, ହେଲେ ମନ ପୋଡିଗଲେ -

ନାରୀ – ସେମାନେ ପୋଡି ଦେଇଛନ୍ତି ଦେହ ମନ ପ୍ରାଣକୁ ।

ପ୍ରବୀଣାନନ୍ଦ – ହଁ ମା ଠିକ୍ କହିଚ ! ଆମ ମନରେ ପ୍ରଜାପତିର ଡେଣାରେ କିଏ ନିଆଁ ଧରାଇ ଦେଇଛି, ସେ ସେହି ଅଗ୍ନିର ଶିଖାରେ ଜଳପୋଡି ଯାଉଚ -ଏଇ ଦେଖୁଚ କେମିତି ଧୁ ଧୁ ହୋଇ ଜଳଯାଉଛି ଆମ ସୁନ୍ଦର ସବୁଜ ପୃଥିବୀ । ଯେଉଁଠି ମା ର ସମ୍ମାନ ନାହିଁ- ଯେଉଁଠି ନାରୀକୁ ପଣ୍ୟ ଭାବରେ ବ୍ୟବହାର କରାଯାଏ -ସେଠି କେଉଁ ଆଦର୍ଶକୁ ନେଇ ମଣିଷ ଶାନ୍ତିରେ ସୁଖର ନୀଡଟିଏ ଗଢି ପାରିବ?

ନାରୀ – ସେଠି ସବୁଠି ଆତଙ୍କରାଜ ଚାଲିଛି । ସେଠି ଯେକେହି ଅଛନ୍ତି ସେମାନଙ୍କ ଗୋଡ ଓ ହାତରେ ସଶକ୍ତ ଲୁହାର ବେଡି ପଡିଯାଇଛି ।

ପ୍ରବୀଣାନନ୍ଦ – ମୁଁ ଜାଣେ ଦିନେ ନା ଦିନେ ଏମିତି ଅଚଳାବସ୍ଥା ସୃଷ୍ଟି ହେବ – ଯୁଦ୍ଧର ଘନଘଟା ଭିତରେ ମଣିଷର ଅହଂକାରୀ ଶକ୍ତି କେଉଁଆଡେ ବିଲିନ ହେଇଯିବ । ଈଶ୍ୱର ପ୍ରାପ୍ତିର ଆଶା ଆସ୍ତେ ଆସ୍ତେ କ୍ଷୀଣ ହେଇଯିବ ।

ବିସ୍ମୟ – ତଥାପି ତ ମଣିଷ ଚେତୁନ-ବାରମ୍ବାର ଭୁଲ୍ ବାଟରେ ଯାଉଛି – ପ୍ରକୃତିର ତାଣ୍ଡବ ଲୀଳାଠାରୁ ମଣିଷର ଏପ୍ରକାର ଅମାନୁଷିକ ଲୀଳା ଖୁବ୍ ଉପରେ । ସାମାନ୍ୟ ମଣିଷର ସତ୍ତା ଖୁବ୍ ନଗଣ୍ୟ-ଅହଂ କେବଳ କବଳତ କରି ରଖିଛି ସମସ୍ତଙ୍କୁ ।

ପ୍ରବୀଣ – ଈଶ୍ୱର ନାହାଁନ୍ତି? ଯେଉଁଠି ଖୋଜି ତାଙ୍କୁ ପାଇବା ଏତେ ସହଜ ନୁହେଁ-ସେ ବି ଆଉ ଏଠି କାହିଁ ରହିବେ? ସତ କହିବାକୁ ଗଲେ ଆସୁରୀୟ କୁପ୍ରଭାବରେ ନିଜକୁ ସର୍ବେସର୍ବା ବୋଲାଉଥିବା ଅହଂକାରୀ ମଣିଷ ହାତରେ କଣ ସତରେ ଆଜି ଈଶ୍ୱର ବନ୍ଦୀ?

ନାରୀ – ମୋତେ ସେମାନେ ବାନ୍ଧି ପକାଇଲେ ଆଜ୍ଞା ।

ନଗ୍ରକାର – ତାପରେ.....

ନାରୀ – (ଡରି) ସେମାନେ ହେଇ ଆସୁଛନ୍ତି । ଆସୁଛନ୍ତି ଆଜ୍ଞା, ମୁଁ କୋଉଠି ଲୁଚଯିବି !

ପ୍ରବୀଣାନନ୍ଦ – କଛି ହବନ ମା, ତୁମେ ଭୟ କରନା ।

ନଗ୍ରକାର – ମହାରାଜଙ୍କ ପାଖରେ ସତ୍ୟ ପ୍ରକାଶ କର ।

ପ୍ରବୀଣାନନ୍ଦ – ଏଠି ସତ୍ୟ ପ୍ରକାଶ ପାଇଗଲେ ଦୁଃଖ ଆପେ ଆପେ ଘୁଞ୍ଚିଯିବ । ତୁମେ ଆଶ୍ୱସ୍ତି ଲାଭ କରିବ । କୁହ ମା-କୁହ ତୁମ ବେଦନା ।

କ୍ରମଶଃ........

ସି.ଡି.ଏ, କଟକ



# "ମା"

ଇଂ ରଞ୍ଜିତ କୁମାର ଦାସ

ସରଗର ସୁଖ ତା କୋଳରେ ମିଳେ
ଅବହେଳା ଜମା କରେନାହିଁ ତିଳେ
ଦୁନଆରେ ତାର ନାହିଁ ତୁଳନା
ତା ପ୍ରେମକୁ କଏ କରିବ କଳନା
ସେଇତ ମୋହରି ମା
ମମତା ବୋଳା ଯା ନାଁ ।୦।
ଚନ୍ଦନଠୁ ବଳ ଆହା ତା ଚରଣଧୂଳ
ପବିତ୍ର ଲ୍ଗଇ ମନ ମୁଣ୍ଡେ ହେଲେ ବୋଳ
ସର୍ଗରେ ମା ଥରେ କରିଦେଲେ ଗେଲ
ପଥସାର୍ ଫୁଟିଯାଏ ଆଶିଷର ଫୁଲ
ତା ହୃଦୟ ସଫା ନାହିଁତ ଛଳନା
ନରନ୍ତର ଝରେ ସେନେହ ଝରଣା
ସେଇତ ମୋହରି ମା
ମମତାବୋଳା ଯା ନାଁ ।୧।
ମା ଯଦି ରଷୋଇଯାଇ କରିଦିଏ ପର
ଜୀବନଟା ଲ୍ଗେ ସତେ ଅସାର ଅସାର
ମା ପାଦ ଧରି ଯେବେ କ୍ଷମା ମାଗିଦିଏ
ଧନ ବୋଲି କହି ସିଏ କୋଳେ ଭିଡିନଏ
ଯେତେ ଗାଇଲେବି ତାହାର ବନ୍ଦନା
କମି ରହିଯାଏ ମନତ ବୁଝେନା
ସେଇତ ମୋହରି ମା
ମମତା ବୋଳା ଯା ନାଁ ।୨।

ଭିଏ-୨୭/୧, ୟୁନଟ-୨, ଭୁବନେଶ୍ୱର

# ଅଭିମାନ



ଅଚ୍ୟୁତାନନ୍ଦ ଭୁଏ

କେମିତି ଗୁହାରୀ କରିବି ହେ ହରି
ଜ୍ଞାନ ଚକ୍ଷୁ ମୋର ନାହିଁ
ପାଞ୍ଚ ମନ ମୋର ପଚଶ ପ୍ରକୃତି
ଏଣେ ତେଣେ ବୁଲେ ଧାଇଁ।

ପ୍ରଭୁ ହାତେ ମୋର ଜୀବନ ପ୍ରକାଶ
ମୋର ବୋଲି କଛି ନାହିଁ
ଦଇବ ଦଉଡି ବାନ୍ଧି ରଖି ଅଛି
ତାର ଇଚ୍ଛେ ଟାଣୁ ଥାଇ।

ମୋହ ମାୟା ଗ୍ରାସେ ଅବିରତ ନାଶେ
ଅଜ୍ଞାନ ଅନ୍ଧାରେ ଧାଇଁ
କେତେ ବେଳେ କାଳ ଆସି ମାଡି ଯିବ
ସଙ୍ଗତରେ ଯିବ ନେଇ।

ଏତିକ ମାଗୁଣି କରୁଅଛି ମୁହିଁ
ଆବିଳ ମନକୁ ନେଇ
ନାମ ରସାମୃତ ପାନ ସଦା ହେଉ
ତବ ପାଦପଦ୍ମେ ଧାଇ।

ପ୍ରଧାନ ଶିକ୍ଷକ
ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଗୋଲ୍ମାଳ

# ମଧୁ ସମ୍ପର୍କ



ଅନାଦି ସେଠ

ମାୟାମୟ ଟି ଏ ସଂସାର
ଗୋବିନ୍ଦ ନାମ ଏକା ସାର!!
ଉଭୟ ସୃଷ୍ଟି ସ୍ରଷ୍ଟା ସେହି
ଜଡ଼ ଚେତନ ରୂପ ଦୁଇ!!
ଆତ୍ମା ପରମ ଆତ୍ମା ହୋଇ
ବିହରେ ଆନନ୍ଦେ ଅଦେହୀ!!
ଆତ୍ମା ହୋଇଣ ଦେହ ଧରେ
କାୟାରେ ଜୀବ ସେ ବୋଲ୍ଏ!!
ପରମ ଆତ୍ମା ସର୍ବ ଘଟେ
ସଜୀବ ନିର୍ଜୀବ ସେ ଅଟେ!!
ସଜୀବ ରୂପେ କ୍ରିୟା ଶିଳ
ନିର୍ଜୀବେ ପଞ୍ଚତତ୍ତ୍ୱ କାଳ!!
ବ୍ରହ୍ମାଣ୍ଡ ତାର ଖେଳ ଘର
ଯାହାର ନାହିଁ ଆତ୍ମ ପର!!
ସୁଖ ଦୁଃଖ ଯେ ହାନିଲାଭ
ସକଳ ପ୍ରତି ସମ ଭାବ !!
ଜନ୍ମମୃତ୍ୟୁରେ ନାହିଁ ଭୟ
ତାପାଇଁ କାୟା ବସ୍ତ୍ର ପ୍ରାୟ !!
ଦେହଟି ଜୀବ ବନ୍ଧୁ ଘର
ଯାହାକୁ କହୁଁ ମୋର ମୋର!!

କାୟା ମାଧ୍ୟମ ସାଧନାର
ପ୍ରାପ୍ତ ନିମନ୍ତେ ଗୋବିନ୍ଦର !!
ନିତ୍ୟ ସଂଯୋଗ ଅନୁଭବ
ସତ୍ୟର ଆତ୍ମୀୟ ସ୍ୱଭାବ!!
ଜୀବ ପରମର ଏ ଭାବ
ଭକତି ନାମେ ହୁଏ ଠାବ!!
ମାତ୍ର ଦୁର୍ଲ୍ଲଭ ଜନ୍ମ ନର
ନଜାଣେ ଏ ଦିବ୍ୟ ବେଭାର!!
ମୋହ ବଶେଣ ହନ୍ତସନ୍ତ
ହୋଇ ନବୁଝେ ସେ ଅନନ୍ତ!!
ଇନ୍ଦ୍ରିୟ ଭୋଗ ଅର୍ଥେ ବଞ୍ଚେ
ନିତ୍ୟ ଜଡ଼ ପଦାର୍ଥେ ସଞ୍ଚେ!!
ଅଜ୍ଞାନ ହୋଇ ଶେଷେ ମରେ
ଶରୀରୁ ଆତ୍ମା ଟି ବାହାରେ!!
ଅଶାନ୍ତ ଅତୃପ୍ତ ସେ ଆତ୍ମା
ଜ୍ଞାନ ବିହୀନ ଯେ ଜୀବାତ୍ମା!!
ବ୍ରହ୍ମଜ୍ଞାନକୁ ପୁଷ୍ଟ କରି
ବଞ୍ଚିଲେ ଭବୁ ହେବୁ ପାରି!!
ବେଳହୁଁ ଗୋବିନ୍ଦ ସୁମର

ପ୍ରାପତ ହୁଅ ତା ପୟର**!!**
ଯା ନାମ ଶାଶ୍ୱତ ପିୟୁଷ
ପାନ କରିଣ ଲଭ ଯଶ**!!**
ଜୀବନ ସାର୍ଥକଟି ହେବ
ଗୋବିନ୍ଦେ କଲେକ ଟି ଭ୍ରବ**!!**
କର୍ତ୍ତା ଧର୍ତ୍ତା ଟି ସେ ବିଧାତା
ସର୍ବ ଜୀବର ମାତାପିତା**!!**
ଈଶ୍ୱର ଜୀବର ସମ୍ପର୍କ
ସଂକ୍ଷିପ୍ତେ ବର୍ଣ୍ଣିଲି ମୁଁ ମୁକ**!!**
ଦୋଷ କ୍ଷମିବ ସାଧୁଜନେ
ଆଶୀଷ ଦେବ ସୁନୟନେ**!!**
ଜନମ ଧନ୍ୟ କର ମୋର
ବିନତୀ କରେ ମୁଁ ପାମର**!!**

ଡୁଡୁକା, ବଲାଙ୍ଗୀର

# କୋରାପୁଟିଆ ଗାନ୍ଧୀ "ରାଧା କୃଷ୍ଣ ବିଶ୍ୱାସରାଏ"



ପ୍ରତାପ ଚନ୍ଦ୍ର ସାହୁ

ରାଧାକୃଷ୍ଣ ବିଶ୍ୱାସରାଏ, ଅପ୍ରିଲ ମାସ ତିନ ତାରିଖ ଦିନ ୧୯୦୫ ମସିହାରେ ପିତା ବିଶ୍ୱମ୍ଭର ବିଶ୍ୱାସରାଏ ଏବଂ ମାତା ରମ୍ଭାଦେବୀଙ୍କ ଔରଷରୁ ଆନ୍ଧ୍ର ପ୍ରଦେଶର ପାର୍ବତୀପୁର ଗ୍ରାମର ଭେଇ ସାହିରେ ଜନ୍ମ ଗ୍ରହଣ କରିଥିଲେ। ଦାମୋଦର ବିଶ୍ୱାସରାଏଙ୍କର ସନ୍ତାନ ସନ୍ତତି ନଥିବାରୁ ରାଧାକୃଷ୍ଣ ବିଶ୍ୱାସରାଏଙ୍କୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଥିଲେ। ପାର୍ବତୀପୁରରେ ପ୍ରାଥମିକ ଶିକ୍ଷା ସମାପ୍ତ ପରେ ଜୟପୁରରେ ମାଧ୍ୟମିକ ଶିକ୍ଷା ଲାଭ କରିଥିଲେ। ପିଲାଟି ବେଳରୁ ହିଁ ବିଭିନ୍ନ ଭାଷା ତଥା ହିନ୍ଦି ଓଡିଆ, ତେଲୁଗୁ, ଉର୍ଦ୍ଦୁ ଏପରିକ ଇଂରାଜୀ ଭାଷାରେ ପଢିବା ଓ ଲେଖିବା ଅଭ୍ୟାସ ଜାରି ରଖିଥିଲେ। ପରବର୍ତ୍ତୀ ସମୟରେ ଏଇ ବିଷୟ ମାନଙ୍କରେ ଦକ୍ଷତା ବି ହାସଲ କରିଥିଲେ। ପିଲାଟି ଦିନରୁ ହିଁ ଦେଶସେବା କରିବା ଉଦ୍ଦେଶ୍ୟରେ ସଂଘ ଗଠନ କରି ମାଇ କରି ଆଣି ଅଶିକ୍ଷିତ, ଗରିବ ମାନଙ୍କୁ ଶିକ୍ଷା ପ୍ରଦାନ କର୍ଥିଲେ। ୧୯୨୯ ମସିହାରେ ଗୋପବନ୍ଧୁ ଚୌଧୁରିଙ୍କ ସହ ମିଶି ଚାକରୀରୁ ଇସ୍ତଫା ଦେଇ ଜୟପୁରର ନରସିଂହ ପଣ୍ଡା, ସୁବା ନାଇଡୁଙ୍କ ସହ ମିଶି ସତ୍ୟାଗ୍ରହରେ ଭାଗନେଲେ। ସେମାନଙ୍କ ସହଯୋଗରେ ଉଦ୍ୟୋଗ ମନ୍ଦିର ଗଢାଗଲା। ସେଠାରେ ଅନେକ ଯୁବକ ଯୁବତୀଙ୍କୁ ତାଲିମ ଦିଆଗଲା। ସେମାନେ ତାଲିମ ପାଇବାପରେ ଦେଶମାତୃକାର ସେବା ଯେପରି ଭଲଭାବରେ କରିପାରିବେ ଲଢିପାରିବେ ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହରେ ଭାଗନେଇ ରାଧାକୃଷ୍ଣ ବିଶ୍ୱାସରାଏ ନିଜ ସାଥୀମାନଙ୍କୁ ନେଇ ଗୋରା ସରକାରଙ୍କୁ ଅସ୍ଥିର କରିପକାଇଲେ। କୁଟି ଖାଅ, କାଟି ପିନ୍ଧରେ ସକ୍ରିୟ ଅଂଶ ଗ୍ରହଣ କରି କର ବା ମର-ପରିସ୍ଥିତିକୁ ଫଳପ୍ରଦ କରିବା ପାଇଁ ଲାଗିପଡିଲେ। ବିଦେଶୀ ଜିନଷକୁ ବାରଣ କଲେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କଲେ, ଯେତେ କଷ୍ଟ ହେଲେ ବି ଆମେ ସ୍ୱଦେଶୀ

ଜିନଷ ବ୍ୟବହାର କରିବା । ଜରିହ ଆଦିବାସୀଙ୍କ ଉପରେ ଚାଲି ଆସିଥିବା ଅନ୍ୟାୟ, ଅତ୍ୟାଚାର, ଜୁଲମ, ନିର୍ଯ୍ୟାତନାର ଘୋର ବିରୋଧ କଲେ । ପ୍ରତିବାଦ କଲେ, ଜେଲ ଗଲେ ସଦାଶିବ ତ୍ରିପାଠୀ ରାଧାମୋହନ ଏପରି ଅନେକ ନେତା ବିଶ୍ୱନାଥ ପଟନାୟକ ତାଙ୍କ ସହ ଯୋଗଦାନ କଲେ । ଗାଁକୁ ଗାଁ ବୁଲି କଂଗ୍ରେସ ଦଳକୁ ସୁଦୃଢ କରିବା ସଙ୍ଗେ ସଙ୍ଗେ ଗାନ୍ଧିଜୀଙ୍କ ବାର୍ତ୍ତା ବାଣ୍ଟିବାରେ ଲାଗିଲେ । ଯେଉଁ ଗାଁ କୁ ଗଲେ ସେଇଠି ସେଇ ଭଳଆ ଖାଦ୍ୟ ଖାଇ ତାଙ୍କ ସାଙ୍ଗରେ ରହି ସେମାନଙ୍କ ମଧ୍ୟରେ ସ୍ୱାଧୀନତାର ସ୍ୱାଦ ସାଙ୍ଗକୁ ଇଂରେଜ ସରକାର ଯେପରି ଶୀଘ୍ର ଆମ ଦେଶ ଛାଡି ଯିବ ଏସବୁ ନେଇ ସବିଶେଷ ଆଲୋଚନା ଜାରି ରଖୁଥାନ୍ତି । ପାଦରେ ଚାଲିଚାଲି ସୁଦୂର ସୁନାବେଢା, କୋରାପୁଟ, ନବରଙ୍ଗପୁର, ଗୁଣୁପୁର, ବୈପାରିଗୁଡା, ଲକ୍ଷ୍ମୀପୁର, ମାଲକାନଗିରି ଯାଇ ଗାନ୍ଧିଜୀଙ୍କ "ବୈଷ୍ଣବ ଜନ" ଏଇ କୋରାପୁଟିଆ ଗାନ୍ଧୀ ବୋଲି ବୋଲି ଲୋକମାନଙ୍କୁ ଏକାଠି କରିବାରେ ସକ୍ଷମ ହୋଇ ଇଂରେଜ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାରେ ସମର୍ଥ ହୋଇଥିଲେ । ହରିହର ଆଚାର୍ଯ୍ୟଙ୍କ ସହାୟତାରେ ତାଲିମ କେନ୍ଦ୍ର ଚଳାଇଥିଲେ । ରାଧାକୃଷ୍ଣ ବିଶ୍ୱାସରାଏ କଂଗ୍ରେସର ମୁଖ୍ୟ ଭାବେ ଗୁରୁ ଦାୟୀତ୍ୱ ନେଇ କାର୍ଯ୍ୟ ସମ୍ପାଦନ କଲେ । ବିଶ୍ୱନାଥ ପଟନାୟକ ଏବଂ ଗୋକୁଳାନନ୍ଦ "ବନ୍ଦେ ମାତାରଂ" ଡାକରା ଦେଇ ଇଂରେଜ ସରକାର ବିରୁଦ୍ଧର୍ ନାରାବାଜି ଦେଇଥିଲେ ।

ଆକ୍ରୋଷର ଶିକାର ହୋଇ ଜେଲ ଯିବାକୁ ପଡିଥିଲା, ଲାଠିମାଡ ଖାଇବାକୁ ପଡିଥିଲା । ତଥାପି ପଛକୁ ଫେରିନଥିଲେ । ଭାରତ ଛାଡ ଆନ୍ଦୋଳନକୁ ଆଉରି ଅଧିକ ସକ୍ରିୟ କରିଥିଲେ । ୧୯୪୫ ମସିହାରେ ଜିଲ୍ଲାବାସୀ ରାଧାକୃଷ୍ଣ ବିଶ୍ୱାସରାଏଙ୍କୁ ବିଧାନ ସଭା ସଭ୍ୟ ହିସାବରେ ମନୋନୟନ କଲେ । ଲୋକପ୍ରିୟ ନେତା ରାଧାକୃଷ୍ଣ ବିଶ୍ୱାସରାଏ ଓଡିଶାର ମନ୍ତ୍ରୀ ପଦ ପାଇ ଓଡିଶା ପାଇଁ ତଥା କୋରାପୁଟ ଜିଲ୍ଲା ପାଇଁ ତଥା ହରିଜନ ଆଦିବାସୀ ଭାଇଭଉଣୀଙ୍କ ପାଇଁ ସେବା କରିବାରେ ଲାଗିଲେ । କନ୍ତୁ ଏଇ ମନ୍ତ୍ରୀ ପଦରେ ବେଶି ଦିନ ରହି ପାରିଲେ ନାହିଁ । ଚାଟୁକାର, ଦୁର୍ନିତି ବିରୋଧରେ ତଥା ଅନ୍ୟାୟ କଥା ସହି ନପାରି ଏମ.ଏଲ.ଏ. ପଦ ଏବଂ ମନ୍ତ୍ରୀ ପଦ ଛାଡିଲେ । ଭୂଦାନ ଆନ୍ଦୋଳନରେ ସାମିଲ ହୋଇ ତିନି ଏକର ଜମି ନଜେ ଟେକ ଦେଲେ । ମା ରମାଦେବୀ, ରତନ ଦାସ, ସିଦ୍ଧରାଜ ସଥେ

ଆନାସାହେବ, ନୂଆପୁଟ ଗ୍ରାମର ଭୂଦାନ ସଭାରେ ଅମୃତ ଲାଲ, ବିନୋବା ଭାବେ, ହରିହର ଉପସ୍ଥିତ ଥାଆନ୍ତେ। କୌଣସି ପ୍ରକାର କ୍ଷମତା ଲୋଭ ନଥାଇ ରାସ୍ତାଘାଟ ନିର୍ମାଣ ସାଙ୍ଗକୁ ପୁଷ୍କରିଣୀ ଖନନ ସମସ୍ତ ବନବାସୀଙ୍କର ସୁଖଦୁଃଖରେ ଭାଗୀଦାର ହେବା ଥିଲା ତାଙ୍କର ଉଦ୍ଦେଶ୍ୟ। ଗାନ୍ଧୀଙ୍କ ରାମରାଜ୍ୟ କଳ୍ପନାକୁ ସାକାର ଦେବାପାଇଁ ଆମ କୋରାପୁଟିଆ ଗାନ୍ଧୀ ରାଧାକୃଷ୍ଣ ବିଶ୍ୱାସରାଏଙ୍କ ପ୍ରଥମ ସ୍ତ୍ରୀ ରୂପାମଣୀଙ୍କ ମୃତ୍ୟୁ ପରେ ଦ୍ୱିତୀୟ ବିବାହ କରିଥିଲେ। ଦୁଇଟି ପୁତ୍ରର ଜନକ ଭାବେ ଜଣେ ଭଲ କର୍ମୀ ସଂଗଠକ, ଭୂଦାନକର୍ମୀ, ଦୁଃଖିଦରିଦ୍ରର ସେବାର ବ୍ରତୀଥିଲେ। ଏଇ ମହାନ କୋରାପୁଟିଆ ଗନ୍ଧୀଙ୍କର ୧୯୮୪ ମସିହା ଫେବୃଆରୀ ୫ ତାରିଖ ଦିନ ଜୀବନ ଦୀପଟି ଲିଭି ଯାଇଥିଲା। ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ।

ନବରଙ୍ଗପୁର

# ପରିବେଶ ପ୍ରଦୂଷଣ



ଅମରନାଥ ବାରିକ

ତୋପ ବନ୍ଧୁକର ଗୁଳ ବାରୁଦର
ଅଗ୍ରଗତି କଲ୍ ଦିନ
କଳ କାରଖାନା ପ୍ରଦୂଷଣ କଲେ
ଗ୍ଭଲିଲ୍ ଯାନ ବାହାନ ।
ମଣିଷ ଡାକୁଛି ନଜ ମରଣ କୁ
ନଜେ ହିଁ ନଜ କାରଣ
ବିଲୁପ୍ତ କରଇ ଘଞ୍ଚ ଅରଣ୍ୟକୁ
ବାୟୁ କରେ ପ୍ରଦୂଷଣ ।
ପ୍ରକୃତି ଗ୍ଭଣୀର ନଦୀ ସମୁଦ୍ରକୁ
ଅଳଆରେ ଗଦା କରେ
ନଜ ସ୍ୱାର୍ଥ ପାଇଁ ସବୁ ପରିବେଶ
ଆବର୍ଜନା ମଧ୍ୟେ ଭରେ ।
କରିବାକୁ ଘର କୋଠା ବାଟି ତା'ର
ପାହାଡକୁ କରେ ଚୂନା
ମାଟିର ଉପରେ ପଥର ଗ୍ଭଦର
ବିଛାଉଛି ଘନ ଘନା ।
ନଦୀ ବନ୍ଧ କଲ୍ ଜଳ ଶୁଖିଗଲ୍
ଗଢେ ବାହୁ ବଳେ ପୋଲ
ପାଣିର ଅଭ୍ଭବ ପଡେ଼ ହା ହା କାର
କେମିତି ହେବ ଫସଲ ।

ଚାଉଳ ମିଳୁଛି ଟଙ୍କା ବି ମିଳୁଛି
ସବୁ ଏଠି ମାଗଣାରେ
ସରକାରଙ୍କର କେତେ ଯେ ଯୋଜନା
ଭୋଟ ନେବା ଆଶାରେ ।
କିଏ ବା ଦେଖୁଛି ପରିବେଶ ଆମ
ହେଲାକ ନ ହେଲା ସ୍ଵଚ୍ଛ
ହେଉକ ନ ହେଉ ଗ୍ରାମ ବାସ ପଛେ
ରାଜ ନେତା ଖାଲି ବାଛ ।
ପକ୍କା ରାସ୍ତା ହେବ କୋଠା ଘର ହେବ
ମାଟିରେ ପିଚୁ ପଡ଼ିବ
ବିଜୁଳି ମିଳିବ ରାସନ ମିଳିବ
ପ୍ଲାଷ୍ଟିକ ପାଲ ମିଳିବ ।

ଯାଜପୁର, ମଙ୍ଗଳପୁର, କୟାଁ

# ଜାଣିଛି କି ବ୍ରହ୍ମ ଅଟନ୍ତି କିଏ



ଗୁପ୍ତେଶ୍ୱର ଗୃନ୍ଦ

ମାଙ୍କଡ ହାତରେ ଦେଇ ଶାଳଗ୍ରାମ
ବାୟା ମନ କିସ କରୁ ଭାବନା ।
ସ୍ୱଭାବ ତାହାର ଜାଣିନୁ କି ତୁହି
ଡେଇଁବା ନାଚବା କରୁଥିବା ବାନା ।।୧
ସୁନା ଦରବ କୁ କରିଦେବ ଚୂନା
ନିମିଷେ ବୃକ୍ଷେ କରି ବିହାର ।
ଚଳ ଚଞ୍ଚଳ ପର୍ ତା'ର ପ୍ରକୃତି
ପିନ୍ଧାଇ ବୁ ତାଳେ ହୀରକ ହାର।।୨
ଜାଣେ କି ସେ ହୀର୍ ଅଟଇ ଜହର
ଖାଇବା ଦରବ ବୋଲି ପାଟିରେ ।
ପୁର୍ଇ ଦବ ସେ ରସନା ରେ ଗୃଟି
ହର୍ଇବ ପ୍ରାଣ ମର୍ତ୍ତ୍ୟ ମାଟିରେ ।।୩
ପୂଜ୍ୟ ପୂଜା ଜ୍ଞାନ ଅଛି କି ତାହାର
ପୂଜା ଅରଚନା କରିବ ସିଏ ।
ବନ୍ଦନା କରିବ ବିଭୁ ପାଦାରବିନ୍ଦେ
ଜାଣିଛି କି ବ୍ରହ୍ମ ଅଟନ୍ତି କିଏ ।।୪

ଗ୍ରାମ /ପୋଷ୍ଟ :-ସମାସିଂହା,
ଜିଲ୍ଲା :-ଝାରସୁଗୁଡା,

# ଅଦିନଆ ଝଡ଼!



ଦିନେଶ ମେହେର

ବହି ଯାଉଥିଲା ଦୁଇ ନୟନୁ
ଅଜସ୍ର ଲୋତକ ଧାର
ମୋ କଳ୍ପନା ରାଇଜର ଅନେକ
ଦୂରରେ ଥିଲା ଅଦିନଆ ଝଡ଼ ଟେ!
ଆସିଥିଲା ଯେବେ ଧାଇଁ
ଦେଖିଲି ଚଉଦିଗ କୁ
ନାହିଁ କେହି ଆପଣାର ଆତ୍ମୀୟ ସ୍ୱଜନ
ଏକାନ୍ତରେ ଭାବି ବସିଲି
ସତରେ!
ଏକାନ୍ତର ଦାଉ
ଏତେ ମାରାତ୍ମକ ଥିଲା ଯେ
ଅନେକ ଯନ୍ତ୍ରଣା ର
ସମ୍ମୁଖୀନ ହୋଇ ପୁଣି ଫେରି ଆସିଲି ମୋ
ମୂଳ ସ୍ଥାନକୁ।

କେତେଦିନ ବା ବସି ରହିଥାନ୍ତି
ପୁଣି ଉଠିଲି ପୁଣି ସଂଘର୍ଷ କଲି
ପହଞ୍ଚିବାକୁ ମୋ ଗନ୍ତବ୍ୟ ପଥକୁ
ହଁ!
ନାହିଁ ଆଉ ଭରସା
ଆତ୍ମୀୟ ସ୍ୱଜନ ଉପରେ,
ନାହିଁ ଆଉ କାହା ର ବୋଝ
ବାସ୍!
ଅପେକ୍ଷା ତ ଏକ
ସୁନେଲି ସକାଳ ର
ଅପରିଚତ ମୁହୂର୍ତ୍ତକୁ।

ପଲାସ, ଜୁନାଗଡ଼, କଳାହାଣ୍ଡି

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନନ୍ତା ପଣ୍ଡା

୧୯୯୧ମସିହା ମେ ମାସ । ଏମ୍ସ୍‌ରେ ଷ୍ଟୁଡ଼େଣ୍ଟ ଷ୍ଟ୍ରାଇକ୍ ଯୋଗୁ ଫ୍ୟାକଲ୍ଟି ମାନଙ୍କର ଛୁଟୀ ରଦ୍ଦ କରାଯାଇଥିଲା । ମେ ୨୨ ତାରିଖ । ସେଦିନ ମୋ'ର ସକାଳ ଡିଉଟି ଥିଲା । ପୂର୍ବଦିନ ସଂଧ୍ୟା ଡିଉଟି ପରେ ଦଶଟାରେ ହସ୍‌ପିଟାଲ୍ ଛାଡ଼ିବା କଥା, ମାତ୍ର ଗୋଟିଏ ବଡ଼ ଅପରେସନ କରିବାକୁ ପଡ଼ିଥିଲା ବୋଲି ମୋ'ର ରାତିରେ ବହୁ ବିଳମ୍ବ ହୋଇଯାଇଥିଲା । ସେତେବେଳେ ମୁଁ ଏସିଆଡ୍ ଭିଲେଜ୍‌ରେ ରହୁଥିଲି । ଏମ୍ସ୍ ଠାରୁ ପ୍ରାୟ ପାଞ୍ଚ କିଲୋମିଟର।

ତରତରରେ ଖବରକାଗଜ ଉପରେ ଆଖି ବି ବୁଲାଇ ପାରି ନ ଥିଲି । ଗାଡ଼ି ଚଳାଉ ଥିବା ସମୟରେ ଏଫ୍‌ଏମ୍‌ର ନ୍ୟୁଜ୍ ଚ୍ୟାନେଲ୍ ଅନ୍ କଲି । "ରାଜୀବ ଗାନ୍ଧୀ ଆସନ୍ତା ନିର୍ବାଚନ ଉଦ୍ଦେଶ୍ୟରେ ଅଭିଯାନ (କାମ୍ପାୟନିଙ୍ଗ୍) କରିବା ପାଇଁ ଦେଶର ଦକ୍ଷିଣ ପ୍ରାନ୍ତରକୁ ଯାତ୍ରା କରିଥିଲେ । ସଂପୂର୍ଣ୍ଣ ସହଯୋଗୀ ମାନଙ୍କସହ ବିଶାଖାପାଟନାମ୍‌ରେ ଭାଷଣ ସମାପ୍ତ କରି ପରବର୍ତ୍ତୀ କାର୍ଯ୍ୟକ୍ରମ ଶ୍ରୀ ପେରୁମ୍ବୁଦୁରରେ କରିବା ପାଇଁ ତାମିଲନାଡୁ (ଚେନ୍ନାଇ) ଯାତ୍ରା ଆରମ୍ଭ କରିଥିଲେ । ରାସ୍ତାରେ ଅନ୍ୟ କେତୋଟି ସ୍ଥାନରେ ମଧ୍ୟ କାମ୍ପାୟନିଙ୍ଗ୍ ସମାପ୍ତ କରିଥିଲେ । ଶ୍ରୀ ଗାନ୍ଧୀଜୀ ପେରୁମ୍ବୁଦୁରରେ ଆମ୍ବାସାଡ଼ର କାରରୁ ଓହ୍ଲାଇ ମଞ୍ଚ ଅଭିମୁଖେ ପାଦ ବଢ଼ାଇ ଥିଲେ । ଏତିକି ରାସ୍ତାରେ ବହୁ ଜନତାଙ୍କ ଦ୍ୱାରା ପୁଷ୍ପମାଲ୍ୟ ଦ୍ୱାରା ସମ୍ମାନିତ ମଧ୍ୟ ହୋଇଥିଲେ । ରାତି ଦଶଟା ବାଜି ଏକୋଇଶ ମିନଟ୍ । ଜଣେ ମହିଳା ରାଜୀବ ଗାନ୍ଧୀଙ୍କ ଗଳାରେ ପୁଷ୍ପମାଲ୍ୟ ଗଳାଇ ମୁଣ୍ଡ ନୁଆଁଇ ତାଙ୍କୁ ପ୍ରଣାମ କରିବା ଭଙ୍ଗୀ କରି ନିଜ ପରିଧାନ ଭିତରେ ଲୁପ୍ତ ରଖିଥିବା ଆର୍.ଡ଼ି.ଏକ୍ସ ଦ୍ୱାରା ଏକ୍ସପ୍ଲୋସନ କରିଥିଲେ । ଗାନ୍ଧୀଜୀଙ୍କ ସହ ଥିବା ଅନ୍ୟ ଚଉଦଜଣ ମୃତ୍ୟୁବରଣ କରିଥିଲେ । ଫଟୋଗ୍ରାଫରର ମଧ୍ୟ

ଦେହାନ୍ତ ହୋଇଯାଇଥିଲା । ମାତ୍ର ସେ ଏଇସବୁ ଘଟଣାକୁ ତା' କ୍ୟାମେରା ମଧ୍ୟରେ ସ୍ଥାନ ଦେଇ ସାରିଥିଲା ।

ସମ୍ବାଦଟି ଶୁଣିବା ପରେ ମୋ'ର ହାତ ପାଦ ସବୁ କାଲୁଆ ମାରି ଯାଇଥିଲା । ଶ୍ରୀ ରାଜୀବ ଗାନ୍ଧୀ ସେତେବେଳେ ଦେଶର ପ୍ରିୟ ପ୍ରଧାନମନ୍ତ୍ରୀ ଥିଲେ । ମାତ୍ର ସଂଚାଳିଶ ବର୍ଷ ବୟସ । ଏଇ "୪୭" ବୟସଟି ମତେ ଖୁବ୍ ଜୋରରେ ଆଘାତ ଦେଇଥିଲା । ଏକ ପ୍ରକାର ଘୋଷାରି ହୋଇ ହୋଇ କାଜୁଆଲ୍‌ଟିରେ ପହଞ୍ଚିଲି । ଶ୍ରୀ ରାଜୀବ ଗାନ୍ଧୀଜୀଙ୍କର କ୍ଷତଯୁକ୍ତ ନଷ୍ଟ ଶରୀରଟି ପୋଷ୍ଟମର୍ଟମ ବ୍ୟବସ୍ଥା ହେଉଥିଲା । ମୂକ ହୋଇ ରୁହିଁ ରହିଥିଲି ।

ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ସଂସ୍ପର୍ଶରେ –

ବିହାର ମୁଖ୍ୟମନ୍ତ୍ରୀଙ୍କ ବାସଭବନଟି ଯେମିତି ଉଠୁଥିଲା ପଡୁଥିଲା । ମନ୍ତ୍ରୀ ମହାଶୟଙ୍କର ସୁପୁତ୍ରଙ୍କର ବିବାହ ପାଟନାରେ ହୋଇଥିଲେ ମଧ୍ୟ ଦିଲ୍ଲୀରେ ଗୋଟିଏ ଛୋଟକାଟିଆ ଟି ପାର୍ଟିର ଆୟୋଜନ ହେବ ଏବଂ ଆମେ ସବୁ ନିଶ୍ଚୟ ଆସିବାକୁ ବାରଂବାର ରାଜ୍ (ଆମର ସହକର୍ମୀ) ଅନୁରୋଧ କରିଥିଲେ । ଏଇଟା ତେବେ ସେଇ ଛୋଟକାଟିଆ ଟିପାର୍ଟି । ମୋ' ଦେଖିବାରେ ଖୁବ୍ ବଡ଼ ପାର୍ଟି ଅନୁସାରେ ତ କିଛି କମ ନୁହେଁ । ଅତିଥିମାନଙ୍କ ମଧ୍ୟରେ ପ୍ରାୟ ସତୁରୀ ପ୍ରତିଶତ ରାଜନୀତିଜ୍ଞ । ସେମାନଙ୍କ ମଧ୍ୟରେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଜୀ ମଧ୍ୟ ଉପସ୍ଥିତ ଥିଲେ । ତାଙ୍କ ସହ ଥିଲେ ଜଣେ ଖୁବ୍ ଶୀର୍ଣ୍ଣକାୟା ଭଦ୍ରମହିଳା । ଖୁବ୍ ପରିଚିତା ମନେ ହୁଅନ୍ତି । ନିଶ୍ଚିନ୍ତ ଭାବେ ବହୁବାର ତାଙ୍କ ସଂଗେ ସାକ୍ଷାତ ହୋଇଛି । ମନେ ପକାଇବାର ପ୍ରୟାସ କରୁଥିବା ସମୟରେ ଦେଖିଲି ଭଦ୍ରମହିଳା ଜଣଙ୍କ ଡାଃ ଅଗରୱାଲଙ୍କ ସଂଗେ ବାର୍ତ୍ତାଳାପରେ ମଗ୍ନ ଅଛନ୍ତି । ହୁଏତ ତାଙ୍କରି ବାସ ଭବନରେ ମୁଁ ମାଡ଼ାମ୍‌ଙ୍କ ସଂସ୍ପର୍ଶରେ ଆସିଛି । ପ୍ରଫେସର ଅଗରୱାଲଙ୍କ ଡାକରେ ମୋ' ଚନ୍ତାଧାରା ଭାଙ୍ଗିଗଲା, "ଏଇଠିକି ଆ" । ବିନା ବାକ୍ୟ ବ୍ୟୟରେ ତାଙ୍କ ନିକଟରେ ପହଞ୍ଚିଲି । "ଏଇ ଝିଅଟି ଆପଣଙ୍କ ପ୍ରଦେଶର ମାଡ଼ାମ୍ । ଖୁବ୍ ଟାଲେଣ୍ଟେଡ୍, କେବଳ ଜଣେ ଭଲ ଡାକ୍ତର ଭାବେ ନୁହେଁ ବହୁ କିଛି ଗୁଣ ରହିଛି ।"

ସବୁ ଝିଅମାନେ ସାଧାରଣତଃ ପ୍ରତିଭା ସମ୍ପନ୍ନ ଥାଆନ୍ତି ଡାଃ ଅଗରୱାଲ । ବିଶେଷକରି ଓଡ଼ିଶାର ଝିଅମାନେ । ଏତିକି କହି ସେ ମୋ' ନାଁ ପଚାରିଲେ । ସେତେବେଳକୁ ମୁଁ ମନେପକାଇ ସାରିଥିଲି ସେ ହେଉଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ।

ଆପଣଙ୍କ ବିଷୟରେ ଚନ୍ଦ୍ରିକା ଠାରୁ ବହୁତ ଶୁଣିଛି । ଆପଣ ତା' ରୋଗର ଚେରଟିକୁ ଧରି ପାରିଥିଲେ । ଏବେ ମଧ୍ୟ ତା'ର ଗ୍ଲୁକୋମାର ଉପଚାର କରୁଛନ୍ତି । ସେ ଆପଣଙ୍କ ନିକଟରେ ଚିର କୃତଜ୍ଞ । ନିକଟ ଭବିଷ୍ୟତରେ ମୁଁ ମଧ୍ୟ ମୋ'ର ଆଇ ଚେକ୍ ଅପ୍ ପାଇଁ ଆପଣଙ୍କ ନିକଟକୁ ଆସିବି । ଏଇ ରୋଗଟି ବଂଶଗତ ବୋଲି ଆପଣ ଚନ୍ଦ୍ରିକାକୁ କହିଥିଲେ।

ଇଚ୍ଛା ହେଲା କହିବି ଆପଣ ମୋ'ଠାରୁ ବୟସରେ ଖୁବ୍ ବଡ଼ । ତା'ଛଡ଼ା ଆମ ପ୍ରଦେଶର ମୁଖ୍ୟମନ୍ତ୍ରୀ । ମତେ ଆପଣ କହି କାହିଁକି ଲଜ୍ଜିତା କରୁଛନ୍ତି । ମାତ୍ର ମୁହଁ ଖୋଲି କିଛି କହି ପାରିଲିନି ।

ବହୁବର୍ଷ ବିତି ଯାଇଥିଲା । ଚନ୍ଦ୍ରିକା ମାଡ଼ାମ୍ ରୀତିମତ ତିନିମାସରେ ଥରେ ମୋ' ପାଖକୁ ଫଲୋ ଅପ୍ ପାଇଁ ଆସୁଥିଲେ । ଥରେ ଥରେ ମୁଁ ମ୍ୟାଡ଼ାମ୍‌ଙ୍କ ବିଷୟରେ ପ୍ରଶ୍ନ କରିଥାଏ । "ମାଡ଼ାମ୍ ଚେକ୍ ଅପ୍ ପାଇଁ ଆସିବାକୁ କହୁଥିଲେ, ମାତ୍ର ବହୁବର୍ଷ ଗଡ଼ି ଯାଇଥିଲେ ମଧ୍ୟ ଆସିନାହାନ୍ତି ।"

ରାଜନୀତିଜ୍ଞ ମାନଙ୍କ ପାଖରେ ନିଜ ପାଇଁ ଟିକିଏ ବି ସମୟ ନ ଥାଏ ଡକ୍ଟର ।

୧୯୮୯ ମସିହାର ଏକ ସୁନ୍ଦର ଅପରାହ୍ନ । ମୁଁ ଅଫିସରେ ବସି ନବନିର୍ମିତ ଆଇ ବ୍ୟାଙ୍କ ଆସୋସିଏସନ୍ ବିଷୟରେ କିଛି ପ୍ଲାନ୍ କରୁଥିଲି । ମୋ' ସେକ୍ରେଟାରୀ ଖବର ଦେଲା, ପି.ଆର୍.ଓ ମିଃ ଦାଶ କେଉଁ ଭିଆଇପିଙ୍କର ଆଖି ଚେକ୍ କରାଇବା ପାଇଁ ନେଇ ଆସୁଛନ୍ତି । ଅଫିସ୍‌ରେ ରହିବା ପାଇଁ ଅନୁରୋଧ କରିଛନ୍ତି । ସେକ୍ରେଟାରୀକୁ ଚା'ର ବ୍ୟବସ୍ଥା କରିବାକୁ କହି ନିଜ କାମରେ ମନ ଦେଲି । ଅଳ୍ପ ସମୟ ପରେ ମିଃ ଦାଶ ମାଡ଼ାମ ଶତପଥୀଙ୍କ ସହ ଅଫିସରେ ପଶିଲେ । ଇନ୍‌ଭେଷ୍ଟିଗେଟିଭ୍ ଲାବ୍ ନେଇ ମ୍ୟାଡ଼ାମ୍‌ଙ୍କର ଆଖି ପରୀକ୍ଷା କଲି । ପ୍ରେସର୍ ଚେକ୍ ଅପ୍ ପାଇଁ ୨୪ ଘଣ୍ଟା ଆବଶ୍ୟକ କହିବାରୁ ତହିଁ ଆରଦିନ ୱାର୍ଡ଼ରେ ଭ ହୋଇଯିବେ ବୋଲି କହି ବସିବା ସ୍ଥାନରୁ ଉଠିଲେ ।

ସଂଧ୍ୟା ପାଞ୍ଚଟା । ମିଃ ଦାଶ୍‌ଙ୍କର ଫୋନ୍ ଆସିଲା, "ମାଡ଼ାମ୍‌ଙ୍କ ପାଇଁ ମୁଁ ଡିଲକ୍ସ ରୁମ୍‌ର ବ୍ୟବସ୍ଥା କରି ଦେଇଛି । ଶ୍ରୀ ଶତପଥୀ ଆଜି ରାତ୍ରି ଭୋଜପାଇଁ ଆପଣମାନଙ୍କୁ ଅଶୋକା ହୋଟେଲ୍ ନିମନ୍ତ୍ରଣ କରିଛନ୍ତି ।"

ଖାଇବା ଟେବୁଲ୍‌ରେ ଥିଲେ ଶ୍ରୀ ଏବଂ ଶ୍ରୀମତୀ ଶତପଥୀ । ପି.ଆର୍.ଓ ଶ୍ରୀ ବିଜୟ ଦାଶ, ମୋ' ସ୍ୱାମୀ ଏବଂ ପୁଅଙ୍କ ସହିତ ମୁଁ । ବାର୍ତ୍ତାଳାପ ମଧ୍ୟରେ ଶ୍ରୀ ଶତପଥୀ କହିଲେ, "ରାଜନୀତିଜ୍ଞ ମାନେ ନଜର ନୁହନ୍ତି । ମାଡ଼ାମ୍‌ଙ୍କୁ କାଲି କିଛି ଜରୁରୀ କାମ ପାଇଁ ଭୁବନେଶ୍ୱର ଫେରିଯିବାକୁ ହେବ, ତେଣୁ ଯେଉଁ ପରୀକ୍ଷା କଥା କହୁଥିଲେ ବର୍ତ୍ତମାନ ହୋଇ ପାରିବନି ।

ତାଙ୍କୁ ଆଗକୁ କହିବାକୁ ନ ଦେଇ ମାଡ଼ାମ୍ ଶତପଥୀ କହିଲେ, "ଆମ କାର୍ଯ୍ୟକଳାପ ଆପଣଙ୍କ ଜବ୍ ଭଳି ନୋବଲ୍ ନୁହେଁ । ସବୁବେଳେ ଦଉଡ଼ିବାକୁ ପଡ଼ିଥାଏ । ମାତ୍ର ମୁଁ କଥା ଦେଉଛି ନିକଟ ଭବିଷ୍ୟତରେ ମୁଁ ଆପଣଙ୍କ ୱାର୍ଡ଼ରେ ଭର୍ତ୍ତୀ ହୋଇ ଚିକିତ୍ସା କରାଇବି ।"

ବାରଂବାର 'ଆପଣ' କହି ମତେ ଲଜ୍ଜିତା କରୁଛନ୍ତି ମାଡ଼ାମ୍ ।

ଡ଼ାକ୍ତରୀ ପ୍ରଫେସନ୍ ସଦା ସର୍ବଦା ନମସ୍ୟ ।

ନିଜ ପ୍ରତିଶ୍ରୁତି ରକ୍ଷା କରି ତିନିମାସ ପରେ ଶ୍ରୀମତୀ ଶତପଥୀ, ପ୍ରାଇଭେଟ୍ ୱାର୍ଡ଼ରେ ଭର୍ତ୍ତୀ ହୋଇଥିଲେ । ଡାଇରୁନାଲ୍ ପ୍ରେସର୍ ଚେକ୍ ଅପ୍ ମୁଁ ନିଜେ କରୁଥିଲି । ସେଦିନ ମ୍ୟାଡ଼ାମ୍ ଅପେକ୍ଷାକୃତ ଫ୍ରୀ ଥିଲେ । ପାଖରେ କେହି ନ ଥିଲେ । ମତେ ବସିବାକୁ କହିଲେ । ଆଲୋଚନା ଚକ୍ରରେ ସେ ତାଙ୍କର ଅଣଓଡ଼ିଆ ବୋହୂର ଖୁବ୍ ପ୍ରଶଂସା କରିଥିଲେ । ୱାର୍ଡ଼ରୁ ଡିସ୍‌ଚାର୍ଯ ହେବାପରେ ସେ ମତେ ତାଙ୍କର ପୁଅ ଘରକୁ ନେଇଯିବେ ବୋଲି ମଧ୍ୟ କହିଥିଲେ। ମାଡ଼ାମ୍‌ଙ୍କ ଆଦେଶ କ୍ରମେ ତାଙ୍କ ବୋହୂ ନିଜ ହାତରେ ଗଢ଼ିଥିବା ଗୋଟିଏ ସୁନ୍ଦର ହସ୍ତଶିଳ୍ପ ଉପହାର ମତେ ଦେଇଥିଲେ । ବୋହୂ ତାଙ୍କର ହସ୍ତଶିଳ୍ପରେ ପାରଦର୍ଶିତା ବୋଲି କହି ମୋ' ରୁଚି ସମ୍ବନ୍ଧରେ ପ୍ରଶ୍ନ କଲେ । ବହୁ ଗୁଡ଼ିଏ ରୁଚି ଥିଲେ ମଧ୍ୟ ଲେଖାଲେଖି କରିବାକୁ ମୁଁ ଖୁବ୍ ଭଲପାଏ ମାତ୍ର ସମୟ ଅଭାବରୁ ସାହିତ୍ୟରେ ଡ଼ୋରୀ ବନ୍ଧା ହୋଇଯାଇଛି ବୋଲି ଉତ୍ତର ଦେଲି ।

ସାହିତ୍ୟକୁ ଜଳାଞ୍ଜଳୀ ଦିଆଯାଇ ପାରେନା । ଲେଖାଲେଖିକୁ ବ୍ୟାକ୍ ସିଟ୍ ଦେଇ ଆପଣ ଗୋଟିଏ ମସ୍ତବଡ଼ ଭୁଲ୍ କରି ବସୁଛନ୍ତି । କଲମ ମୂନରେ ବହୁକିଛି ପ୍ରକାଶ ହୋଇପାରେ ଏବଂ ଏହା ମଧ୍ୟ ମଣିଷକୁ ଚିନ୍ତା ମୁକ୍ତ କରିବାରେ ସାହାଯ୍ୟ କରିଥାଏ ।

ପିଲାଟି ଦିନରୁ ମୋ'ର ମୂଳ ଲକ୍ଷ୍ୟ ଥିଲା ସାହିତ୍ୟ ସେବା, ମାତ୍ର ପରିବାର ବର୍ଗଙ୍କର ଇଚ୍ଛା ଅନୁଯାୟୀ ମତେ ଜନସେବା ପଦ୍ଧତି ଗ୍ରହଣ କରିବାକୁ ହେଲା ମାତ୍ର । ମୋ' ମତରେ ଯେ କୌଣସି କାରଣରୁ ହେଉନା କାହିଁକି ଯେଉଁ ପଦ୍ଧତି ନଜର ପ୍ରାଇମେରୀ ତାହାର ସମ୍ମାନ ଅବଶ୍ୟାମ୍ଭବୀ ।

ନଜ ରୁଚର ହତାଦାର ମଧ୍ୟ ଅନୁଚତ୍ । ସାହିତ୍ୟ ଓ ବିଜ୍ଞାନ ଦୁଇଟି ସମାନ୍ତରାଳ ରେଖା ବୋଲି ସମାଜ ମତ ଦେଇଥାଏ ।

ତାହା ମଧ୍ୟ ଠିକ୍ ନୁହେଁ । ଏହାର ଉଦାହରଣ ଶ୍ରୀମତୀ କୁନ୍ତଳା କୁମାରୀ ସାବତ । ସତ କହିବାକୁ ଗଲେ କୁନ୍ତଳା କୁମାରୀ ସାବତ ଜଣେ ପ୍ରସିଦ୍ଧ ସାହିତ୍ୟିକା ବ୍ୟତୀତ ମତେ ଅନ୍ୟ କଛି ଜଣା ନ ଥିଲା । ଶ୍ରୀମତୀ ଶତପଥୀଙ୍କ ଠାରୁ ତାଙ୍କ ବିଷୟରେ ଅଧିକ ଜାଣିବା ପାଇଁ ଇଚ୍ଛା ପ୍ରକାଶ କଲି ।

କୁନ୍ତଳା କୁମାରୀ ସାବତ କେବଳ ଏକ ପ୍ରସିଦ୍ଧା ସାହିତ୍ୟିକା ନୁହନ୍ତି ତାଙ୍କର ପେଷା ଡାକ୍ତରୀ ବିଦ୍ୟା! ତାଙ୍କର ପିତାମହ ପୁରୀ ଦାଣ୍ଡମୁକୁନ୍ଦପୁରର ଜଣେ ସରଳ ବ୍ରାହ୍ମଣ ପରିବାରର । ତାଙ୍କର ଜନ୍ମ ଏକ ଗ୍ରାମରେ (ଜଗଦଲପୁର, ବର୍ତ୍ତମାନ ଛତିଶଗଡ଼)ରେ ହୋଇଥିଲା । କୌଣସି ପରିସ୍ଥିତିରୁ ସେମାନେ ଖ୍ରୀଷ୍ଟିୟାନ୍ ଧର୍ମ ଗ୍ରହଣ କରିଥିଲେ ମଧ୍ୟ ହିନ୍ଦୁ ସଂସ୍କାର ତ୍ୟାଗ କରି ପାରି ନ ଥିଲେ । ତାଙ୍କ ପିତା ଶ୍ରୀ ଡାନଏଲ୍ ସାବତ ଜଣେ ଡାକ୍ତର ଭାବେ ସେତେବେଳର ବର୍ମାରେ ବହୁ ବର୍ଷ ଅବସ୍ଥାନ କରିଥିଲେ । ତାଙ୍କର ମାତା ଶ୍ରୀମତୀ ମନକା ସାବତ ଜନ୍ମରୁ କରଣ ପରିବାରରେ ବଢ଼ିଥିଲେ ମଧ୍ୟ ବିବାହ ପରେ ବ୍ରାହ୍ମଣ ପରିବାର ସହ ସଂପୂର୍ଣ୍ଣ ଭାବେ ଜଡ଼ିତା ହୋଇଯାଇଥିଲେ । କୁନ୍ତଳା କୁମାରୀଙ୍କର ଶିକ୍ଷା ଉପରେ ସେ ନବିଡ଼ ଦୃଷ୍ଟି ରଖିଥିଲେ । କୁନ୍ତଳା କୁମାରୀଙ୍କ ୧୪ ବର୍ଷ ସମୟରେ ତାଙ୍କ ପିତା ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ କଛି ଦିନ ପାଇଁ ତାଙ୍କର ବସତି ଖୋର୍ଦ୍ଧାରେ ଥିଲା । ତା'ପରେ ସେ କଟକ ଆସିଥିଲେ ରେଭେନ୍ସା ଗାର୍ଲସ ସ୍କୁଲ୍‌ରେ ପଢ଼ିବା ସମୟରେ କୁନ୍ତଳା କୁମାରୀଙ୍କୁ ପଦ୍ୟ ରଚନାରେ ସମ୍ମାନ ପ୍ରାପ୍ତ ହୋଇଥିଲା । ତା'ପରେ ସେ ବହୁ ପଦ୍ୟ ପୁସ୍ତକ ରଚନା କରିଥିଲେ ।

ଖୁବ୍ ଛୋଟ ବୟସରେ ଗାଁରେ ଥିବା ସମୟରେ ଗାଁ ଝିଅ ମାନଙ୍କ ପାଇଁ ମୁଁ ଗୋଟିଏ କାନ୍ଦଣା ବହିରୁ କାନ୍ଦଣା ଉତ୍ତାରି ଦେଉଥିଲି । ଯାହା ସେମାନଙ୍କ ବାହାଘର ସମୟରେ କାର୍ଯ୍ୟରେ

ଲାଗୁଥିଲା । ସେଇ ବହିର ଲେଖିକା ଥିଲେ କୁନ୍ତଳା କୁମାରୀ ସାବତ । ଆପଣ ଯେଉଁ ମହୀୟସୀଙ୍କ ବିଷୟରେ ବର୍ଣ୍ଣନା କରୁଛନ୍ତି ସେଇ ନୁହନ୍ତି ତ? ମାଡମ୍‌ଙ୍କ କଥାରେ ବାଧା ଦେଇ କହିଲି ଶତ ପ୍ରତିଶତ ଠିକ୍ । ୧୯୨୧ରେ ସେଇ ମହୀୟସୀ ଏସ୍.ସି.ବି ମେଡ଼ିକାଲ କଲେଜରୁ ଡିଷ୍ଟିଙ୍କ୍‌ସନ୍ ସହ ଏଲ୍.ଏମ୍.ପି ଡିଗ୍ରୀ ହାସଲ କରିଥିଲେ । ଡିଗ୍ରୀ ଲାଭ ପରେ ସେ ଡାକ୍ତର କୈଳାସ ଚନ୍ଦ୍ର ରାଓଙ୍କ ଅଧିନରେ ୭ ବର୍ଷ ତାଲିମ୍‌ପ୍ରାପ୍ତ କରି ପରେ ନିଜେ କଟକରେ ପ୍ରାକ୍ଟିସ୍ ଆରମ୍ଭ କରିଥିଲେ । ପଦ୍ୟ ବ୍ୟତୀତ ସେ ଅନେକ ଉପନ୍ୟାସ ମଧ୍ୟ ଲେଖିଥିଲେ । ତାଙ୍କର ଲେଖା ସବୁ ସମାଜ ସମସ୍ୟା ଏବଂ ଦେଶ ଭକ୍ତି ଉପରେ ଆଲୋକପାତ କରୁଥିଲା । ସମାଜର ଅପକର୍ମ ଉପରେ ସେ ସଦା ସର୍ବଦା ସ୍ୱର ଉତ୍ତୋଳନ କରୁଥିଲେ । ୧୯୨୫ରେ ମହିଳା ବନ୍ଧୁ ସମିତି ଦ୍ୱାରା ତାଙ୍କୁ ଉତ୍କଳ ଭାରତୀ ସମ୍ମାନ ପ୍ରାପ୍ତ ହୋଇଥିଲା । ଲେଖା, ସମାଜ ସେବା ସଂଗେ ସଂଗେ ତାଙ୍କର ଡାକ୍ତରୀ ପେଷା ମଧ୍ୟ ଉଚ୍ଚକୋଟୀର ଥିଲା । ସେ ଥିଲେ ଓଡ଼ିଶାର ପ୍ରଥମ ମହିଳା ଡାକ୍ତର । ୧୯୨୫ରେ କଟକ ରେଡ୍‌କ୍ରସ୍‌ର ସେ ସୁପରିଟେଣ୍ଡେଣ୍ଟ ଥିଲେ । ସେ ଗାନ୍ଧୀବାଦୀ ଥିଲେ । ତେଣୁ ବାଲ୍ୟ ବିବାହର ବିଦ୍ରୋହୀ, ବିଧବା ବିବାହ ଏବଂ ଅସବର୍ଣ୍ଣ ବିବାହର ଉପଦେଷ୍ଟା ଥିଲେ । ଆର୍ଯ୍ୟ ଧର୍ମ୍ମ ଗ୍ରହଣ କରି, ତାଙ୍କର ବିବାହ ଶ୍ରୀ କୃଷ୍ଣ ପ୍ରସାଦ ବ୍ରହ୍ମଚାରୀଙ୍କ ସହ ସଂପନ୍ନ ହୋଇଥିଲା । ପରେ ପରେ ସେ ଦିଲ୍ଲୀରେ ତାଙ୍କର କାର୍ଯ୍ୟକ୍ରମର ପ୍ରାରମ୍ଭ କରିଥିଲେ । ଦିଲ୍ଲୀ ବସତି ସମୟରେ ସେ ହିନ୍ଦୀ ଲେଖା ଆରମ୍ଭ କରି ବହୁ ହିନ୍ଦୀ ପତ୍ରିକାର ସମ୍ପାଦିକା ମଧ୍ୟ ରହିଥିଲେ । ଦୁଃଖର ବିଷୟ ଏଇ ଯେ ସେ ମାତ୍ର ୩୮ ବର୍ଷ ବୟସରେ ଇହଧାମ ତ୍ୟାଗ କରିଥିଲେ, ତାଙ୍କର କାର୍ଯ୍ୟକଳାପ ପାଇଁ ସେ ଶ୍ରୀମତୀ ସରୋଜିନୀ ନାଇଡୁ (ଭାରତର ବୁଲ୍‌ବୁଲ୍)ଙ୍କ ସହ ତୁଳନା କରାଯାଇଥାନ୍ତି । ଯେଉଁଥି ପାଇଁ ତାଙ୍କୁ ଓଡ଼ିଶାର ବୁଲ୍‌ବୁଲ୍ ମଧ୍ୟ କୁହାଯାଇଥାଏ । ତେଣୁ ବିଜ୍ଞାନ ଏବଂ ସାହିତ୍ୟ ସମାନ୍ତରାଳ ରେଖା କହିବା ଅର୍ଥାତ୍ ଦୁହିଙ୍କ ପ୍ରତି ଅସମ୍ମାନ । ଏତିକି କହି ସେ ମୋ' ହାତରେ ଦୁଇଟି ତିନଟି ବହି ଧରାଇ ତାଙ୍କ ବୋହୂଙ୍କଠାରୁ ବିଦାୟ ନେଲେ । ମତେ ଏମ୍‌ସ୍‌ରେ ଛାଡ଼ି ସେ ଓଡ଼ିଶାଭବନକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

କାର୍ଯ୍ୟ ବହୁଳତା ଯୋଗୁ ବହି ଗୁଡ଼ିକ ଖୋଲି ଦେଖି ପାରି ନ ଥିଲି । ଘରେ ସମସ୍ତେ ଶୋଇବା ପରେ ଷ୍ଟଡ଼ି ଟେବୁଲ୍ ପାଖରେ ବସି ଗୋଟିକ ପରେ ଗୋଟିଏ ଲେଉଟାଇଲି । ସବୁଗୁଡ଼ିକର ଲେଖିକା ମାଡ଼ାମ୍ ଶତପଥୀ, ଅର୍ଥାତ୍ ରାଜନୀତିର ବ୍ୟସ୍ତ ବହୁଳ ଜୀବନ ମଧ୍ୟରେ

ରହି ବି ମାଡ଼ାମ୍ଙ୍କର ସାହିତ୍ୟ ପ୍ରତି ଆଗ୍ରହ ସଂପୂର୍ଣ୍ଣ ଭାବେ ଜାଗୃତ । ସେଇ ସମୟରେ ମୁଁ ମଧ ନିଜକୁ ଦୃଢ଼ କରି ନେଇଥିଲି, ସାହିତ୍ୟକୁ ବଳୀ ଦେବିନି । ବହି ଦୁଇଟି ଉପରେ ଆଖି ବୁଲାଇଲି । ଗୋଟିଏ ସ୍ଥାନରେ ମୋ'ର ଆଖି ଲାଖି ରହିଲା । ଶ୍ରୀମତୀ ଗାନ୍ଧୀ କେବଳ ଜଣେ ସଚ୍ଚୋଟ ଏବଂ ପ୍ରତିଷ୍ଠିତା ରାଜନୀତିଜ୍ଞ ଏବଂ ପ୍ରସିଦ୍ଧ ସାହିତ୍ୟିକ । ନୁହନ୍ତି ମୋ'ର ଆଦର୍ଶ ଶ୍ରୀ କାଳନ୍ଦୀ ପାଣିଗ୍ରାହୀଙ୍କର ଜ୍ୟେଷ୍ଠା କନ୍ୟା । ଆନନ୍ଦରେ ଗଦ୍‌ଗଦ ହୋଇ ସେଇ ପୁଣ୍ୟାତ୍ମାଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ିଲି । ପୁଣି ଥରେ ସାହିତ୍ୟ ଜଗତରେ ପାଦ ରଖିବା ପାଇଁ ନିର୍ଣ୍ଣୟ ନେଇଥିଲି ।

## ଶିକ୍ଷାବିତ୍ତ ଏ.ଆର୍. କଦ୍‌ବାଇ

୧୯୮୪ ମସିହା ଜୁଲାଇ ୧୩ ତାରିଖ । ଖରାଛୁଟୀ ପାଇଁ ଅଧା ଫ୍ୟାକଲ୍‌ଟି ଛୁଟୀରେ । ଆମ ୟୁନିଟ୍‌ରେ ମୁଁ ଏକା । ରାଉଣ୍ଡ ନେଇ ଅଫିସ୍‌ରେ ପାଦ ଦେଉ ଦେଉ ଧୀରେନ୍ (ଅଫିସ୍ ଆଟେଣ୍ଡାଣ୍ଟ) କହିଲା ଡାଃ ଗୁପ୍ତାଙ୍କର ଫୋନ୍ ଆସିଥିଲା । କଲ୍ କରିବାର ପ୍ରୟାସ କରୁଥିଲି ଭିତରେ ପଶିଲେ ଡାଃ ଗୁପ୍ତା । ରାଉଣ୍ଡ ପରେ ନିଶ୍ଚୟ କ୍ଲାନ୍ତ ଅନୁଭବ କରୁଥିବେ, ମାତ୍ର ମୁଁ ଆପଣଙ୍କୁ ଜଣେ ଖୁବ୍ ପ୍ରଖ୍ୟାତ ବ୍ୟକ୍ତିଙ୍କ ପାଇଁ ହଇରାଣ କରିବି । ସେ ହେଲେ ଡାଃ କଦ୍‌ବାଇ, ମୋର ଖୁବ୍ ଘନିଷ୍ଠ । ମୁଁ କିଛି ଉତ୍ତର ଦେବା ପୂର୍ବରୁ ଧୀରେନ୍ ଦୁଇ କପ୍ କଫି ରଖିଲା ।

ଆପଣ ଡାଃ କଦ୍‌ୱାଇଙ୍କୁ ଜାଣନ୍ତି?

ମୋସିନା ମାଡମ୍ କଦୱାଇ, ସ୍ୱାସ୍ଥ୍ୟମନ୍ତ୍ରୀ ଏମ୍‌ସ୍‌ର ଅଧକ୍ଷ ।

ନା... ନା... ତାଙ୍କ ଭାଇ ଡାଃ ଆଖିଲାକ୍ୱର ରେହମାନ୍ କଦ୍‌ୱାଇ । ଡାଃ କଦ୍‌ୱାଇ ଜଣେ ପ୍ରତିଷ୍ଠିତ ବ୍ୟକ୍ତି । ଜଣେ ପ୍ରଫେସର ରୂପେ ସେ ତାଙ୍କର କ୍ୟାରିଅର ଆଲିଗଡ଼ ମୁସ୍‌ଲିମ୍ ୟୁନିଭରସିଟିରେ କେମିଷ୍ଟ୍ରି ଡିପାର୍ଟମେଣ୍ଟର ମୁଖ୍ୟ ଭାବେ ଆରମ୍ଭ କରିଥିଲେ । ପରେ ପରେ ସେଇ ୟୁନିଭରସିଟିରେ ଡିନ୍ ରୂପେ ମଧ ନିଯୁକ୍ତ ହୋଇଥିଲେ । ୧୯୭୪ରୁ ୧୯୭୭ ପର୍ଯ୍ୟନ୍ତ ୟୁପିଏସ୍‌ସିର ଚେୟାରମ୍ୟାନ ମଧ ରହିଥିଲେ । ଏତଦ୍ ବ୍ୟତୀତ ୧୯୬୮ରୁ ୧୯୭୯ ପର୍ଯ୍ୟନ୍ତ ସାଇଣ୍ଟିଷ୍ଟ ପୁଲ୍‌ର ଚେୟାରମ୍ୟାନ, ଏଡୁକେସନ୍ ମିନିଷ୍ଟ୍ରି ଦ୍ୱାରା ଏଡୁକେସନ୍ ଏବଂ ଦକ୍ଷତା ପରୀକ୍ଷା ପାଇଁ ଚେୟାରମ୍ୟାନ୍, ସି.ଏସ୍.ଆଇ.ଆର୍‌ର ଚେୟାରମ୍ୟାନ, ଲକ୍ଷ୍ନୌ ସେଣ୍ଟ୍ରାଲ୍ ଡ୍ରଗ୍ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ ବୋର୍ଡ଼ର ଗଭର୍ଣ୍ଣିଙ୍ଗ୍ ବଡ଼ି ମେମ୍ବର, ହାଇଦ୍ରାବାଦ ସାଇନ୍ସ ଏବଂ

ଟେକ୍ନୋଲୋଜି ଇନ୍‌ଷ୍ଟିଚ୍ୟୁଟ୍‌ର କମିଟିରେ ରହିବା ପରେ ୧୯୭୯ରୁ ବିହାରର ରାଜ୍ୟପାଳ ଅଛନ୍ତି ।

ଅର୍ଥାତ୍ ରାଜନୀତିଜ୍ଞ ।

ନାଁ, ସେ ପାର୍ଟି ପଲିଟିକ୍ସରେ ବିଶ୍ୱାସ କରନ୍ତିନ କାମରେ ବିଶ୍ୱାସ କରନ୍ତି । ଚାକରୀରୁ ଅବସର ଗ୍ରହଣ କରିବା ପରେ ସେତେବେଳର ରାଷ୍ଟ୍ରପତି ଶ୍ରୀ ନୀଲମ୍ ସଞ୍ଜୀବା ରେଡ୍ଡି ତାଙ୍କୁ ରାଜ୍ୟପାଳ ପଦରେ ନିଯୁକ୍ତ କରିଥିଲେ ।

ମୁଁ ସତରେ କେତେ ପଛରେ । ଏମିତି ପ୍ରସିଦ୍ଧ ବ୍ୟକ୍ତିଙ୍କ ବିଷୟରେ କେବଳ ସେ ରାଜ୍ୟପାଳ ବ୍ୟତୀତ ମୁଁ ଅନ୍ୟ କଛି ଜାଣିନ । ସତରେ ମୋ'ର ସ୍ୱଳ୍ପ ସାଧାରଣ ଜ୍ଞାନ ଏବଂ ଅଜ୍ଞତା ଯୋଗୁ ମୁଁ ଖୁବ୍ ଦୁଃଖୀତା ।

ମାତ୍ର ସେ ଆପଣଙ୍କୁ ଖୁବ୍ ଭଲ ଭାବେ ଜାଣିଛନ୍ତି ।

ମତେ**?** ସେ କେମିତି**??**

ତାଙ୍କ ଆଖି ପିତୁଳାରେ କଛି ସମସ୍ୟା ଥିଲା । ସେ ଆଲିଗଡର ଏ.ଏମ୍.ୟୁ ଉପଚାର ପାଇଁ ଯାଇଥିଲେ । ମାତ୍ର ସେଠାର ଡାକ୍ତରମାନେ ମତ ଦେଇଥିଲେ ଭାରତରେ ଦୁଇଜଣ ଏଇ ରୋଗର ଉଚତ ଉପଚାର କରି ପାରିବେ । ସେମାନେ ହେଲେ ପ୍ରଫେସର ମଦନ ମୋହନ ଏବଂ ଡାଃ ଅନୀତା ପଣ୍ଡା ।

ଆଉ ବିଶେଷ ଆଗକୁ ନ ବଢ଼ାଇ ସାଢ଼େ ତିନଟାରେ ଆସିବା ପାଇଁ ସମୟ ଦେଲି । ସେଦିନ ଆଲୋଚନା ଅନୁସାରେ ଦୁଇ ସପ୍ତାହ ପରେ ଆସିବାକୁ ସମୟ ଦେଇଥିଲି । ସେ ପର୍ଯ୍ୟନ୍ତ ନିୟମିତ ଔଷଧ ବ୍ୟବହାର କରିବାକୁ ମଧ୍ୟ ଅନୁରୋଧ କରିଥିଲି । ପ୍ରଫେସର ମଦନ ମୋହନ ଛୁଟୀରୁ ଫେରି ଆସିଥିଲେ । ତାଙ୍କ ନିକଟକୁ ନେଇ ଯାଇଥିଲି । ଡାଃ କଦ୍‌ୱାଇ ଏଇ ଦୁଇ ସପ୍ତାହରେ ଖୁବ୍ ଭଲ ହୋଇ ଯାଇଛନ୍ତି ବୋଲି ପ୍ରକାଶ କଲେ । ଅଳ୍ପ ହସି ପ୍ରଫେସର ମଦନ ମୋହନ ଡଃ କଦ୍‌ୱାଇଙ୍କୁ କହିଲେ, ଇଏ ହେଉଛି ଆମର କର୍ଣ୍ଣିଆ ଏକ୍ସପର୍ଟ । ୟା'ଉପରେ ମୁଁ ସବୁଭାର ନ୍ୟସ୍ତ କରି ଦେଇଛି । ହଁ ଏ.ଏମ୍.ୟୁ ର ଡାକ୍ତର ମାନେ ଠିକ୍ ସେଇକଥା କହୁଥିଲେ ପ୍ରଫେସର ମଦନ ମୋହନ ଏବଂ ଡଃ କଦ୍‌ୱାଇଙ୍କର

କଥା ଶୁଣି ମୁଁ ଯେତିକି ଆପ୍ୟାୟିତା ହୋଇ ନ ଥିଲି ଡାଃ କଦଓ୍ୱାଇଙ୍କର ଆଖି ଭଲ ହେଉଛି ବୋଲି ମୁଁ ଅଧିକ ଖୁସି ହୋଇଥିଲି ।

ପୁଣି ଦୁଇ ସପ୍ତାହ ପରେ ଡାଃ କଦଓ୍ୱାଇ ଡାଃ ଗୁପ୍ତା ଏବଂ ଡାଃ ନର୍ଗୀସ ଜାଫରୀଙ୍କ ସହ ମୋ' ଅଫିସ୍‌ରେ ପହଞ୍ଚିଥିଲେ । ମୋ'ର ମସ୍କୋ ଯାତ୍ରା ଖୁବ୍ ଅଳ୍ପଦିନ ପରେ ତେଣୁ ତିନିଜଣ ଯାକ ଶଙ୍କିତ ହେଉଥିଲେ । ଆଖି ସଂପୂର୍ଣ୍ଣ ଭଲ ହୋଇ ଗଲାଣି କହି ଛଅ ସପ୍ତାହ ପରେ ଆସିବା ପାଇଁ ସମୟ ଦେଲି । ଏହାର ଦୁଇଦିନ ପରେ "ଜଣେ ସର୍ଟ ଟର୍ମ ପୋଷ୍ଟିଂ ପାଇଁ ଆସିଛନ୍ତି" କହି ଶ୍ରୀ ଚକ୍ରବର୍ତ୍ତୀ (ଅଫିସ୍ ଆସିଷ୍ଟାଣ୍ଟ) ଜଣେ ଗ୍ଲାମିଙ୍ଗ୍ ଲେଡି, ଡାଃ କରିନାଙ୍କୁ ମୋ ଓପିଡି କ୍ୟାବିନ୍‌ରେ ଛାଡ଼ିଗଲେ । ସେ ଥିଲେ ଡାଃ କଦଓ୍ୱାଇଙ୍କର ସୁପୁତ୍ରୀ ।

୧୯୮୫ରେ ଡାଃ କଦଓ୍ୱାଇଙ୍କର ରାଜ୍ୟପାଲ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା । ତା'ପରେ ସେ ଯେଉଁ ପଦରେ ଜଏନ୍ କରିଥିଲେ ତାହା ମତେ ଖୁବ୍ ଅଧିକ ଆପ୍ୟାୟିତ କରିଥିଲା । ସେ ଥିଲା ନାରୀ ଶିକ୍ଷା ଏବଂ ଗେବଷଣାର ଉନ୍ନତି (ଉନ୍ନୟନ) । ପରେ ପରେ ସେ ସେଇ ସଂସ୍ଥାର ସଭାପତି ପଦ ମଧ୍ୟ ଗ୍ରହଣ କରିଥିଲେ ।

୧୯୮୭ ମସିହା । ଆମର ପ୍ରମୋସନ ପାଇଁ ବିଜ୍ଞାପନ ଆସିଥିଲା । ମାତ୍ର ଗୋଟିଏ ପୋଷ୍ଟ । ଆମେ ତିନିଜଣ ପ୍ରାର୍ଥୀ ଥିଲୁ । ପ୍ରତ୍ୟେକ ପଦକ୍ଷେପରେ ଯେ "ଗଡ୍ ଫାଦର୍" ଆବଶ୍ୟକ । ତେଣୁ ମୁଁ ମୋ'ର ଭାଗ୍ୟକୁ ଆଦରି ଇଣ୍ଟରଭିଉ ଦେଇଥିଲି । କାହିଁକି କେଜାଣି ମନୋନୀତ ପ୍ରାର୍ଥୀଙ୍କର ନାମ ଘୋଷଣା ହେବା ପାଇଁ ପ୍ରାୟ ଦୁଇମାସରୁ ଉର୍ଦ୍ଧ୍ୱ ହୋଇଯାଇଥିଲା । ନାମ ଘୋଷଣା ହେଲା ଦୁଇ ଜଣଙ୍କର । ଅର୍ଥାତ୍ ଅନ୍ୟ ଏକ ପୋଷ୍ଟ ସୃଷ୍ଟି କରିବା ପାଇଁ ଏତେ ବିଳମ୍ବ ହେଉଥିଲା । ମୁଣ୍ଡ ପାତି ସହି ନେବା ବ୍ୟତୀତ ଅନ୍ୟ ଉପାୟ କିଛି ନ ଥିଲା । ମାତ୍ର ଡାଃ ନର୍ଗୀସ୍ ଅତି ମାତ୍ରାରେ କ୍ରୁଧ ହୋଇ ଯାଇଥିଲେ । ମୁଁ କାହିଁକି ସ୍ୱର ଉତ୍ତୋଳନ କରୁନାହିଁ ବୋଲି ମତେ ଦୋଷୀ ସାବ୍ୟସ୍ତ କରୁଥିଲେ । ଦଶଦିନ ପରେ ମତେ ଏକ ଫୋନ୍ କଲ୍ ଆସିଥିଲା, ଆସନ୍ତା ରବିବାର ଦିନ ଗ୍ଯାରିଟାରେ ଡାଃ କଦଓ୍ୱାଇ, ଡାଃ ମୋସିନା କଦଓ୍ୱାଇଙ୍କ ଘରେ ମତେ ସାକ୍ଷାତ କରିବାକୁ ଚାହୁଁଛନ୍ତି । ମାଡ଼ାମ୍ କଦଓ୍ୱାଇଙ୍କର ସ୍ୱାସ୍ଥ୍ୟମନ୍ତ୍ରୀ ସମୟ ଶେଷ ହୋଇଯାଇଥିଲେ ମଧ୍ୟ ସେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କର ନିବାସ ତ୍ୟାଗ କରି

ନ ଥିଲେ । ଭିଆଇପିଙ୍କ ଘରକୁ ଡାକଛନ୍ତି । ସେ ପୁଣି ଆମ ଏମ୍ସ୍‌ର ଅଧକ୍ଷ ଥିଲେ । ଅବଚେତନ ମନରେ ଆସିଥିଲା ନିଶ୍ଚୟ ପ୍ରମୋସନ୍‌ର ଶୁଭ ସମ୍ବାଦ ମିଳିବ । ମାତ୍ର ସେମିତି

କିଛି ଘଟି ନ ଥିଲା । ମ୍ୟାଡ଼ାମ୍ କିଦୱାଇ ତାଙ୍କର ବକ୍ତୃତା ଆରମ୍ଭ କରିଥିଲେ । "ଆପଣଙ୍କ ବିଷୟରେ ମୁଁ ସଂପୂର୍ଣ୍ଣ ଅବଗତ । ଆପଣ ଜଣେ ଖୁବ୍ ସାହସୀ ଏବଂ ଆଶାବାଦୀ ଡାକ୍ତର।

ଅଳ୍ପ କେତେଦିନ ପରେ ଡିପାର୍ଟମେଣ୍ଟାଲ୍ ପ୍ରମୋସନ ସ୍କିମ୍ ଆରମ୍ଭ ହେଉଛି । ବରିଷ୍ଠତା ଯୋଗୁ ଆପଣଙ୍କର ପ୍ରମୋସନ ସ୍ୱତଃପ୍ରବୃତ୍ତ ହୋଇଯିବ । ତେଣୁ ଭାଙ୍ଗି ପଡ଼ିବା ଅନୁଚିତ୍ । "ଡାଃ ଗୁପ୍ତାଙ୍କର ଟିପ୍ପଣୀ ଏବେ ମଧ୍ୟ ମୋ'ର ମନେ ଅଛି ।" ଘୋଡ଼ାକୁ ପାଣି ନିକଟରେ ଛିଡ଼ା କରାଇ ଦିଆଯାଏ, ମାତ୍ର ପାଣି ପିଆଇ ଦିଆ ଯାଇ ନ ଥାଏ । ଆପଣଙ୍କୁ ସ୍ୱାସ୍ଥ୍ୟ ମନ୍ତ୍ରୀ (ଯେ କି ଏମ୍ସର ପ୍ରେସିଡେଣ୍ଟ)ଙ୍କ ଭାଇଙ୍କ ସହ ପରିଚିତ କରାଇ ଦିଆଯାଇଥିଲା । ତାଙ୍କ ଜରିଆରେ ଆପଣ ବହୁ କିଛି ଲାଭ ଉଠାଇ ପାରିଥାନ୍ତେ ।" ଡାଃ ଗୁପ୍ତାଙ୍କୁ ତ କିଛି ଉତ୍ତର ଦେଇ ପାରି ନ ଥିଲି, ମାତ୍ର ନିଜକୁ ନିଜେ ବୁଝାଇ ଥିଲି । ଏତେ ବଡ଼ ଜଣେ ପ୍ରସିଦ୍ଧ ବ୍ୟକ୍ତିଙ୍କ ସହ ମୋ'ର ସମ୍ବନ୍ଧ ଯେ ଖୁବ୍ ବେଶୀ ସେଥିପାଇଁ ନିଜକୁ ନିଜେ ଉତ୍ସାହିତା ଅନୁଭବ କରୁଥିଲି ।

ଡାଃ କିଦୱାଇ ଯେତେବେଳେ ବି ଦିଲ୍ଲୀ ଆସନ୍ତି ମତେ ତାଙ୍କର ଅଫିସିଆଲ୍ ନିବାସକୁ ଡକାଇଥାଆନ୍ତି । କେବଳ ମୁଁ ନୁହେଁ ଅନ୍ୟ ବହୁ ବ୍ୟକ୍ତି ତାଙ୍କୁ ଘେରି ବସିଥାଆନ୍ତି । ପ୍ରକୃତରେ ସେ ବହୁଜଣଙ୍କ ପାଇଁ ପ୍ରେରଣା ସ୍ରୋତ, କେବେ କେବେ ସେ ମତେ ତାଙ୍କ ଓଖଲା ସ୍ଥିତ ବାସଭବନକୁ ମଧ୍ୟ ଡାକଥାନ୍ତି । ମାଡ଼ାମ୍ ଜମୀଲା ବହୁ ସ୍ନେହୀ । ମତେ ତାଙ୍କ ପାଖକୁ ବାରଂବାର ଆସିବାକୁ କହିଥାଆନ୍ତି । ମାତ୍ର ଛୋଟ ଛୁଆଟାକୁ ନେଇ ଯିବା ପାଇଁ ମୁଁ କିଛି ନା କିଛି ବାହାନା କରିଥାଏ ।

୨୦୦୬ରେ ଡାଃ କିଦୱାଇ ହରିୟାନାର ରାଜ୍ୟପାଳ ଥିଲେ । ତାଙ୍କର କିଛି ଅଫିସିଆଲ୍ କାମ ନେଇ ଦିଲ୍ଲୀର ହରିଆନା ଭବନରେ ରହୁଥିଲେ । ଏଥର ସେ ମତେ ଡକାଇ ପଠାଇବା ପୂର୍ବରୁ ମୁଁ ଯାଇ ପୁଅ ବାହାଘରର ନିମନ୍ତ୍ରଣ ପତ୍ର ଦେଇ ଚଣ୍ଡିଗଡ଼ରେ ବିଭାଘର ।

ନିଶ୍ଚୟ ଆସିବେ ବୋଲି ଅନୁନୟ କରିଥିଲି । ବିବାହର ସମସ୍ତ କାର୍ଯ୍ୟ ସପର୍ଣ୍ଣ ପର୍ଯ୍ୟନ୍ତ ଆମେ ତାଙ୍କ ସହ ହରିଆନା ରାଜଭବନରେ ରହୁ ବୋଲି ସେ ଏକ ପ୍ରକାର ଆଦେଶ ଦେଇଥିଲେ । ସେଇଆ ହୋଇଥିଲା ।

୨୪ ଅଗଷ୍ଟ ୨୦୧୬ ଭାରତ ପାଇଁ ଏକ ଦୁର୍ଦ୍ଦିନ ଥିଲା । ଭାରତମାତା ତାଙ୍କର ଏକ ଖୁବ୍ ସମ୍ମାନୀୟ ସନ୍ତାନ ଏବଂ ଆଶ୍ଚର୍ଯ୍ୟଜନକ ସେବକ ହରାଇଥିଲେ । ଡାଃ ନର୍ଗୀସ ଏବଂ ତାଙ୍କର ପତି ଡାଃ ଜେଲଖାନୀଙ୍କ ସହ ମୁଁ ପ୍ରେୟାର ମିଟିଙ୍ଗ୍ ଯାଇଥିଲି । ସେଠାରେ ତାଙ୍କ ଜୀବନାବଳୀର ଏକ ଭିଡ଼ିଓ ପ୍ରଦର୍ଶିତ ହୋଇଥିଲା । ଏତେ ବଡ଼ ସମ୍ମାନୀୟ, ପ୍ରସିଦ୍ଧ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଥିବା ଯୋଗୁ ମୁଁ ନିଜକୁ ଭାଗ୍ୟଶାଳୀ ମନେ କରୁଥିଲେ ମଧ୍ୟ ତାଙ୍କର ତିରୋଧାନ ମୋ' ମାନସ ପଟରେ ଏକ କଳା ବାଦଲ ସଦୃଶ ଆଚ୍ଛାଦି ଦେଇଥିଲା ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ବୟସର ଚଢ଼େଇ ତୁ ହୋଇଲୁ ବଡ଼



ତାର୍‌ପ୍ରସାଦ ଜେନା

ବୟସର ଚଢ଼େଇ ତୁ ହୋଇଲୁ ବଡ଼
ଡେଣା ଝାଡ଼ି ଗ୍ଭଲିଯାଆ ଖୋଜିବୁ ନୀଡ଼
.........ବୟସର ଚଢ଼େଇ ତୁ ହୋଇଲୁ ବଡ଼ ! ୦ !

ସ୍ୱାର୍ଥପର ପବନଟା ରହିଛି ଏଠି
ମିଛେ ଖାଲି ଦେଖାଉଛି ପୁରୁଣା ଚଠି
ଶୁଣେନାହିଁ ସେଇକଥା ଆସୁଛି ଝଡ଼
.........ବୟସର ଚଢ଼େଇ ତୁ ହୋଇଲୁ ବଡ଼ ! ୧ !

ନିଜ ପାଇଁ ନିଜେ ଭ୍ଵବି କାଟିଦେ ବେଳ
ସମୟର ପଢ଼ିଆରେ ଗ୍ଭଲିଛି ଖେଳ
ସହିଯାରେ ଦିନେ ଅଧେ ଅବୁଝା ତୋଡ଼
.........ବୟସର ଚଢ଼େଇ ତୁ ହୋଇଲୁ ବଡ଼ ! ୨ !

ସୁଖ ଗୀତ ଦିନେ ହେଲେ ଦେବୁ ତୁ ଗ୍ଭବ
ଖୁସି ଫୁଲ ଫୁଟୁଥିବ ବାସନା ଭ୍ଵବ
ବଦଳିବ ସକାଳଟା ନୂତନ ମୋଡ଼
.........ବୟସର ଚଢ଼େଇ ତୁ ହୋଇଲୁ ବଡ଼ ! ୩ !

ସା.- ରଣପୁର (ଗୋଡ଼ିପାଟଣା ସାହି),
ଡାକ-ଗ୍ଭଜ ରଣପୁର, ଜିଲ୍ଲା-ନୟାଗଡ଼

# ପୁରୁଣା ଡ଼ାଇରୀ



ଚୈତନ୍ୟ ବାଗ

ନିସ୍ତବ୍ଧ ବେଳା ରେ ନିରୋଳା ସମୟେ ହୃଦୟ ହୁଏ ଅନବନା,
କିଛି ତ ହଜାଇଛି, କିଛି ଖୋଜୁଛି ମନ ମୋର ଜାଣି ପାରେନା ||

ନୟନ ଦେଖିଲା  ଗୋଲାପୀ ରଙ୍ଗର କିଛି ଚହ୍ନା ବସ୍ତୁଟେ,
ତା 'ପାଖ କୁ ଯାଇ ଦେଖିଲା ବେଳକୁ ଅଦିନଆ ମେଘ ରେ ବର୍ଷା ଝରେ ||

ଫେରାଇ ଦେଲା ସେ ବିତିଲା ମୋ ଦିନ,
ମନେ ପକାଇ ଦେଲା କିଛି ସ୍ମୃତି,
ପ୍ରଥମ ଫର୍ଦ୍ଦ ଖୋଲୁ ଖୋଲୁ
ବିତି ଯାଇ ଥିଲା କେତେ ଦିବା ରାତି ||

ସମୟ ର ସେହି ଅଫେରା ପଥ ରୁ
କିଛି ସ୍ମୃତି କୁ ଫେରି ପାଇଛି,
ହୃଦୟ ଗଭୀର ଆଖି ଢଳ ଢଳ
ସାଇତି ରଖିଛି ମୋ ପୁରୁଣା ଡ଼ାଇରୀ ||

ଚଚଆ, କଳାହାଣ୍ଡି

# ଚରିତ୍ର



ଛବି ରାଣୀ ପତି

କାୟ ମନ ବାକ୍ୟ ଶୁଦ୍ଧତା ରେ
ଶୁଦ୍ଧ ହୁଏ ଚରିତ୍ରର ଚନ୍ଦ ।
ସର୍ବଗୁଣସମ୍ପର୍ଣ୍ଣ ଗ୍ଚରିତ୍ରିକ ନୁହେଁ
ଏକ ପତି ବା ପତ୍ନିଧାରି
ରାମ ସୀତା ନୁହେଁ,
ସଂସାର ତ୍ୟାଗୀ ସନ୍ନ୍ୟାସୀ
କ, ଆଧାତ୍ମିକ ମାର୍ଗଧାରି
ଚରିତ୍ରର ଠିକାଦାର ନୁହେଁ !
ସକଳ ଚନ୍ତା ଚେତନାରେ...
ବାଣ୍ଟି ବୁଲୁଥିବା ଅନୁଚନ୍ତାକାରି
ଚରିତ୍ରବାନ ନୁହେଁ ।
ବେଶ୍ୟାଳୟର ରଙ୍ଗଶାଳାରେ
ଠିକ୍ ପଙ୍କ ପୋଖରୀର ପଦ୍ମ ପରି,
ସେ ନାରୀ ହେଉ ଅବା ପୁରୁଷ
ଚରିତ୍ର .... ସବୁରି ସମାନ।
ତଥାପି, ସମାଜ ସଂହାର କରେ
କେବଳ ନାରୀ କୁ ଆକ୍ଷେପ କରି
ସପ୍ତଶତୀ ବ୍ୟତୀରେକ ଏଯାବତ୍
ସମସ୍ତେ ଯେପରି ଅସତି ।
ଅଗ୍ନି ସମ୍ଭୂତା ପଞ୍ଚପତି ପାଞ୍ଚାଳୀ
ପୁରୁଷୋତ୍ତମ ରାମଙ୍କ ସୀତା ଅବା

ଋଷି ପତ୍ନୀ ଅନୁଶୟା, ସାବିତ୍ରୀ
ଦେଇ ଚ୍ଛଲନ୍ତି ସତୀତ୍ୱ ପରୀକ୍ଷା
ମୁଷ୍ଟିମେୟ ଦୌରତ୍ମ୍ୟ ପୁରୁଷକୁ
ଜୁଝନ୍ତି ନଜ ସହ ନଜେ,
ସତୀତ୍ୱ ର ସୁନା ମୁକୁଟ ଧାରିବାକୁ
ଯୁଗ ଯୁଗାନ୍ତର ...
ଏହି ସ୍ୱେଚ୍ଛାଚ୍ଛରି ପୁରୁଷ ସମାଜ ପାଇଁ।
କାହିଁ ନାହିଁ ଗୋଟିଏ ପ୍ରମାଣ
ପୁରୁଷ ଚରିତ୍ରବତ୍ତାର !!
ଚରିତ୍ରକୁ ଭୂଷଣ କରି ପନ୍ଧେ କାହିଁ
କାହିଁ ଏକା ଖାଲି ନାରୀ !!
ମାନବିକତାର ମୂଲ୍ୟବୋଧ ହରାଇ
ନଜକୁ ପିତ୍ତଳ ହାଣ୍ଡି ଟିଏ ବୋଲି
ଦିଣ୍ଡିମ ପିଟି ଚ୍ଛଲେ ପୁରୁଷ
ନାରୀ ଜାତିକୁ ନଚ୍ଛଏ
ମାଟି ହାଣ୍ଡି ଅବା ଖେଳନାଟେ କରି ।
ସମାଜର ସଂସ୍କାର, ନୟମ, ଶୃଙ୍ଖଳା
ମାତୃ କୋଳ, ଜଳ ସ୍ଥଳ ଆକାଶ
ସବୁ ତ ସମାନ ସମସ୍ତଙ୍କ ଲାଗି
ତଥାପି, କାହିଁକ ଏ ଅସ୍ୱାଭିବିକ ତା
ତାହା ଚନ୍ତା କରିବାର ବେଳ ଆସିଛି।
ନାରୀ ଜାତିକୁ ସମ୍ମାନ ଦିଅନ୍ତୁ ;
ସବୁ ନାରୀ ମାନଙ୍କ ସତିତ୍ୱକୁ ,
ବଜାୟ ରଖିବାରେ ସହାୟକ ହୁଅନ୍ତୁ ।

ମଧ୍ଯ ଶାସନ
ବିରିଡ଼ି, ଜଗତସିଂହପୁର

# ଅଚହ୍ନା ବନ୍ଧନ

## (ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ହଠାତ୍ ସକାଳୁ ସକାଳୁ ସିଦ୍ଧେଶ୍ୱରବାବୁଙ୍କ ଘର ପାଖ ରାସ୍ତାରେ କୋଳାହାଳ ମୁଖର ହୋଇଉଠିଲା । କେଉଁଠି ଥିଲେ କେଜାଣି ଗାଁ ମାଇପି ଗୁଡାକ ମାଡି ଆସିଲେ ପଙ୍ଗୁପାଳ ଭଳି । ଏ ସବୁ ବିଚନ୍ଦବାବୁଙ୍କ କାମ । ବଡ ସାହିରେ ରହି ଏଠି ନାଟ ଲଗାଇଛି ।

ଦାସିଆ ମା କହିଲା କହୋ, ସିଦ୍ଧେଶ୍ୱର ବାବୁ ସକାଳେ ନଦ ଭାଙ୍ଗିନାହିଁ କି? ପୁଅ ବାହାହୋଇ ଆସିଲା ବୋଲି ଭିତରେ ରହି ହାତ ପରଶା ଖାଉଛ । ଗାଁ ଲୋକମାନଙ୍କୁ ଦେଖିଲେ ଲୁଚୁଛ । ଭୋଜିଭାତ ତ ଦୂର କଥା । ବୋହୂ ଦେଖା ବି ହେଲା ନାହିଁ ।

କଣ ହେଲା ... ପୂଜା ମା, ଝୁମୁରି ନାନୀ କହିଲା । ଦୁର୍ଗା ପୂଜାରେ ସମସ୍ତେ ହସଖୁସି ଥିଲାବେଳେ ତୁମେ କାହିଁକି ଏତେ ଦୁଃଖୀ ଲାଗୁଛ? ପୁଅ ବଡ ଇଞ୍ଜିନୟର ହେଲା ବୋଲି ଗାଁ ପଡିଶାଙ୍କୁ ପାସୋରି ଦେବନା କଣ? ଜମା ଭଲ କଥା ନୁହଁ ।

ନାଇଁ, ସେମିତି କିଛି ନାହିଁ ମ ନାନୀ, ଇନ୍ଦୁମତୀ କହିଲେ । ହଁ ... କାଲିକି

ପହରଦିନ ଭୋଜିପାଇଁ ମୋ ବୋହୂ ପରା ନଜେ କହୁଥିଲା ।

ଘର ଭିତରୁ ଜଗନର ସ୍ତ୍ରୀ ନାଇଟ୍ ପିନ୍ଧା ଡ୍ରେସରେ ବାହାରି ଆସି କହିଲା – ଓଃ...... ନନସେନ୍ସ ଗୁଡାକ । ସକାଳେ ସକାଳେ ଶୋଇବାକୁ ଦେଲେନାହିଁ ।

ଏ ଆମ ଗାଁର କଥା ସୁନନ୍ଦା । ତୁ ଘର ଭିତରକୁ ଯାଆ । ସେମାନଙ୍କ କଥା ମୁଁ ବୁଝୁଛି । ଇନ୍ଦୁମତୀ କହି ଦାଣ୍ଡ ଦୁଆରଟା ଦେଇଦେଲେ ।

ଝୁମୁରିନାନୀ କହିଲା ଆଲୋ ପୂଜା ମା ଏଇଟା କଣ ତୋ ବୋହୂ? ଗୋଟେ ଇଂରାଜୀରେ କଣ କହିଗଲା? ବୁଝି ହେଲାନ।

ଆଲୋ, ଆଲୋ ...।

ସେ କଣ ନାଇଟି ପିନ୍ଧିଛି? ଆମ ସିଦ୍ଧେଶ୍ୱରବାବୁ ଅଛନ୍ତି ଟି? ଯୁଗ ଖରାପ ହୋଇଗଲାଣିରେ ବାବା। ଆଜିକା ଟୋକୀଗୁଡାକ ଆଉ କଛି ମାନୁ ନାହାନ୍ତି। କୋଇଲି ବୁଡ ହୋଇନ ସ୍ତ୍ରୀ ହୋଇ ଉଡିଆସିଲା। କଏ ଜାଣେ ବିବାହ ହେଲା କ ନ ହେଲା। ସମସ୍ତିଙ୍କର ପାଟି ବନ୍ଦ ଅଛି। କହିଲେ ସିନା ଜାଣିବା। ଗୃଲରେ ଏଠାରୁ ପଳାଇ ଗୃଲ। ପାଠ ପଢୁଆ ଦେଖାଉଛି। ସେହି ଘରର ପୂଜା, ଜିନା, ସିନା ବି ତ ପାଠ ପଢିଛନ୍ତି ସେମାନେ ଆଜି ଯାଏ ମୁହଁଟେକ କଥା କହିବାର ଆମେ ଦେଖିନାହୁଁ। ଆଜିକା ଟୋକୀ କହିଲା ନନସେନ୍ସ। ତୋ ମୁହଁପୋଡୁ ଅଲକ୍ଷଣୀ।

ନନସେନ୍ସ ମାନେ କଣ କଲୋ ଝୁମୁରିନାନୀ, ଶଙ୍କି ଦେଇ କହିଲା।

ଯାଆ ବା .... ତା କଥାରେ ମୁଁ ଅଛି। ଖାଇଛି ନା ଧାରିଛି ବା ....। ଆମ ଗାଁର ନୀତିନୟମ ଭାଙ୍ଗିଲେ ଆମେ ସମସ୍ତେ କହିବା। ଆମେ ପୁଣି ଝିଅ ବୋହୂକୁ ନେଇ ଚଳବା କ ନାହିଁ କହିଲୁ ଶଙ୍କି ?

ଜୀବନ ଅନେକ ଘଟଣାର ସମାହାରରେ ଗୁନ୍ଥା ହୋଇଥାଏ ମାଳାପରି, ନା କଛି ସହିହୁଏ ନା କଛି କହି ହୁଏ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଏହି ମାଳାଟିର ସ୍ମୃତି ମଣିଷକୁ ଅକ୍ତାମାକ୍ତା କରିଦିଏ। କେତେବେଳେ କୋମଳ ତ ପୁଣି କେତେବେଳେ ଶକ୍ତ। ସ୍ଥିରତା, ଶାନ୍ତି, ସୁଖ ପାଇଁ ସବୁବେଳେ ଅଭିନୟ କରିବାକୁ ପଡିଥାଏ। କଛି ନଥିଲେ ବି ଜୋର କରି ମନରେ ବାନ୍ଧିବାକୁ ପଡିଥାଏ। ସଂସାର ରଙ୍ଗମଞ୍ଚ ରେ ଆଖିର ଲୁହ ରଖି ହସିବାକୁ ପଡିଥାଏ। ନ ହେଲେ ସଂସାର ଚଳାଇବା କଷ୍ଟ ହୋଇଯାଏ। କଏ ଜାଣିଥିଲା, ଇନ୍ଦୁମତୀଙ୍କୁ ଏମିତି ସାମନା କରିବାକୁ ପଡିବ ବୋଲି। ଆଧୁନିକ ଋଚସମ୍ପନ୍ନ ଆଭିଜାତ୍ୟରେ ହଜିଯାଇଛି ସବୁକଛି ମଉର୍ଣ୍ଣ ସଂସ୍କାର ଆଜି ସମସ୍ତଙ୍କୁ ମୂକ ସଜାଇ ଦେଇଛି। ଏତେ ଅଶିକ୍ଷଣ ଭାବନା ଭିତରେ

ବାନ୍ଧି ଯାଇଛି ଯେ, ଆଜିକା ପିଲାମାନଙ୍କୁ କିଛି କହିବାକୁ ଡର ଲାଗୁଛି । ଶିକ୍ଷିତ କରିବା କଣ ବାପା ମାଙ୍କର ଅପରାଧ । ସହରରେ ଚାକିରି କରିବା ମାନେ କଣ ଅତ୍ୟାଧୁନିକତା ଦେଖାଇ ପରମ୍ପରା ସଂସ୍କାରକୁ ଗୋଇଠା ମାରିବା, ବାପା, ମାଙ୍କ ସ୍ୱାଭିମାନକୁ ଧିକକାର କରିବା ଏହି ଟୋକୀ ତ କାହାକୁ ମାନିବନିରେ ବାବା...! କେମିତି କେଜାଣି ପୂଜା ମା ସମ୍ଭାଳିବେ । ହଉ, ତାଙ୍କ ଘର କଥା ଆମର ନାକ ପୂରାଇ ଲାଭ କଣ? ଝୁମୁରି ନାନୀର କଥା ଶୁଣି ଦୀର୍ଘଶ୍ୱାସ ଛାଡିଲେ ଇନ୍ଦୁମତୀ ଆଖିରୁ ଲୁହଗୁଡାକ ତଳକୁ ଝରି ପଡୁଥାନ୍ତି ।

ଆଧୁନିକ ହଉଛି ଶିକ୍ଷିତ ସମାଜ । ନୀତିନିୟମ କଣ ହେବ ସେମାନଙ୍କର । ଚାଲ ଏବେ ପଳାଇଯିବା କହି ଗାଁ ଲୋକମାନେ ସମସ୍ତେ ଅପନିନ୍ଦା ଦେଇ ଚାଲିଗଲେଣି ।

ଏକା ଏକା ଛିଡା ହୋଇଥାଏ ଇନ୍ଦୁମତୀ । ଆଖିରେ ଆଖିଏ ଦୁଃଖ । ଛାତିରେ ଛାତିଏ କୋହ ହେଲେ କାହାକୁ ଦେଖାଇ ପାରନ୍ତି ନାହିଁ । ରୋଷେଇ କରିବା, ପିଲାମାନଙ୍କୁ ମଣିଷ କରିବାରେ ସମୟ ସରିଯାଇଥାଏ । କେବେ ମନ ଖୋଲି ପୂଜା ବାପା ପାଖରେ ବସି ସୁଖ ଦୁଃଖ ହେବାର ସମୟ ପାଇନାହିଁ । ଦାରିଦ୍ର୍ୟର ଦୁଃଖ ଧରି ସୁଖର ଦୁଆରୁ ଅନେକ ଥର ଫେରିଆସିଛି । ଏଇ ପିଲାମାନଙ୍କ ଖୁସି ପାଇଁ । ଚାକିରିରୁ ଅବସର ନେବାପରେ ଗାଁ ଗାଁ ବୁଲି ପୂଜାପାଠ କରନ୍ତି ପୂଜା ବାପା । ବନ୍ଧା ପଡିଥିବା ହାତ ଓ ବାନ୍ଧି ହୋଇଯାଇଥିବା ହାତ ଭିତରେ କିଛି ଫରକ ଅଛି କି? ନିଜକୁ ପ୍ରଶ୍ନ କରୁଥିଲେ ଇନ୍ଦୁମତୀ । ଜଗନ୍ନକୁ ଯାହା କହିଲେ ଚୁପଚାପ ଶୁଣି ଚାଲିଯାଉଛି । କହୁଛି ତୁ ଟିକେ ଆଡଜଷ୍ଟ କରିଦେଲେ ହେବନି । ମୁଁ ପୂଜା ସରିଲେ ସୁନନ୍ଦାକୁ ନେଇ ଚାଲିଯିବି । କୋହ ଫଟା ଲୁହରେ ଆଖିକୁ ଭିଜାଇ ଦେଇ ଅଭିମାନୀ ମାତୃତ୍ୱଟା ବିକଳ ହୋଇଉଠେ ।

ନିଜର ସରଳପଣରେ ଅନ୍ୟକୁ ଆଲୋକିତ କରିବାରଏ ଦୃଷ୍ଟାନ୍ତଟିଏ ଯଦି ଖୋଜାଯାଏ ତେବେ ଇନ୍ଦୁମତୀ ଏକ ଉଦାହରଣ । ନିହାତି ନିଦା ଲୋକଟିଏ ପିଲାମାନଙ୍କୁ ମଣିଷ କରି ଗଢି ତୋଳିବା ସଂକଳ୍ପରେ ବେଶ୍ ଭୂମିକା ତାଙ୍କର । ଜୀବନରେ କେବେ ଟାଣ କି ଉଚ୍ଚ କଥା ନ କହି ସରଳ ଭାବରେ ବୁଝେଇ ଶୁଝେଇ ସହଜରେ ସମସ୍ୟାକୁ ସମାଧାନ କରିବାରେ ବହୁତ ବଡ ଅଭିଜ୍ଞତା । ମହାତ୍ମାଗାନ୍ଧୀଙ୍କ ସାମାଜିକ ଜୀବନକୁ ନେଇ ସାତଟି "ସାମାଜିକ

ପାପ" ର କଥା କହୁଥିଲେ ସବୁବେଳେ ଯାହା ସଂସାରକୁ ଶୃଙ୍ଖଳତ ସଂସ୍କାରପୂର୍ଣ୍ଣ କରି ଗଢି ତୋଳବାରେ ଆନନ୍ଦ ଦେଇଥାଏ । ତାହାହେଲା ସଂସ୍କାରପୂର୍ଣ୍ଣ କରି ଗଢି ତୋଳବାରେ ଆନନ୍ଦ ଦେଇଥାଏ । ତାହା ହେଲା, ବିଦ୍ଵେଷଶୂନ୍ୟ ଭୋଗବିଳାସ, ଆତ୍ମସ୍ଵର୍ଗ ଉପାସନା, ସିଦ୍ଧାନ୍ତରହିତ ରାଜନୀତି, ନୀତିବିହୀନ ବାଣିଜ୍ୟ, କର୍ମ ବିନା ଉପାର୍ଜନ, ମାନବିକତାଶୂନ୍ୟ ବିଜ୍ଞାନ ଓ ଚରିତ୍ର ନଥିବା ଜ୍ଞାନ । ଏହି ସାମାଜିକ ପାପକୁ ଧରି ରଖିଲେ ମାନବ ସଭ୍ୟତାର ଓ ବ୍ୟକ୍ତିବିଶେଷର ବିକାଶ ସମ୍ଭବପର ହେବନାହିଁ । ମଣିଷ ଜୀବନ କେବଳ ନଜର ଭୋଗବିଳାସ ପାଇଁ ନୁହଁ । ସମାଜର ମଙ୍ଗଳପାଇଁ ତାର କର୍ମ ନୈପୁଣ୍ୟ ଏବଂ କର୍ମଦକ୍ଷତାର ପରିଚୟ ବି ଦରକାର । ରୂପ, ଗୁଣ, ଆଚ୍ଚର, ବ୍ୟବହାର ନେଇ ମଣିଷର ପରିଚୟ ସୃଷ୍ଟି କରାଯାଏ । ହେଲେ ଆଧୁନକ ସମାଜରେ ସମୟ କାହାକୁ ଅଛି ଯେ ସଂସ୍କାର ତିଆରି କରିବ । ଜଗନ ତା ସ୍ତ୍ରୀକୁ ନେଇ ବ୍ୟସ୍ତ । ଯାହା ବି କହିଲେ ସବୁ ଆମର ଭୁଲ୍ ଦେଖୁଛି । ଗାଁରେ ସମସ୍ତିକୁ ନେଇ ଆମେ ରହୁଛୁ କେମିତି ସେମାନଙ୍କୁ ପର କରିଦେବୁ । ଧନ୍ୟରେ ସନ୍ତାନ । ମା କ୍ଷୀରର ଭଲ ଋଣ ଶୁଝଉଛୁ । ଆଜିଯାଏ ସିଦ୍ଧେଶ୍ଵରବାବୁ କାହା ସହିତ କଳ କ ବେଇମାନ କରିବାର ତାଙ୍କ ଜାତକରେ ନାହିଁ । ହସ ଖୁସିଆ ଲୋକ, କାମ ଭଲ ତ ସବୁ ଭଲ । ଗାଁ ସାରା ଲୋକେ ସମସ୍ତେ ଭଲ ପାଆନ୍ତି । ପ୍ରାୟ ସମସ୍ତିଙ୍କ ପିଲା ବୋଧେ ସିଦ୍ଧେଶ୍ଵରବାବୁଙ୍କ ପାଖରେ ପଢିଛନ୍ତି । ବିନା ପଇସାରେ ମଧ୍ୟ । କଏ ଆମ୍ବ ଦିଏ ତ କଖାରୁ ଦିଏ । ବାଡି ଘରେ ଯାହା ହୋଇଥାଏ ଆଗ ସିଦ୍ଧେଶ୍ଵରବାବୁଙ୍କ ପାଖକୁ ପଠାଯାଏ । କଏ ମାଷ୍ଟ୍ରେ ତ କଏ ସାର୍, ପୁଣି କଏ ନନା କଏ ଏମିତି ଡାକ ଥାନ୍ତି, ପୂଜା କରିବାକୁ ଆଗ କେହିଦେଇ ଯାଇଥାନ୍ତି । ସମସ୍ତିଙ୍କପାଇଁ ତାଙ୍କର ବିଶାଳତା କହିଲେ ନ ସରେ ଗ୍ରାମ୍ଯେଟି ପିଲାଙ୍କୁ ମଣିଷ କରିବା କଣ ସହଜ କଥା । ବିପଦ ଆପଦରେ ସମସ୍ତେ ଆସି ପରାମର୍ଶ ନଅନ୍ତି । ତାଙ୍କର ଏହି ମହାନତା ଭିତରେ ପିଲାମାନଙ୍କୁ ସଂସ୍କାରରେ ବଡ କରିଛନ୍ତି । ହେଲେ ଜଗନ ଏତେ ପରିବର୍ତ୍ତନ ହୋଇଯିବ । ଭାବିଲେ ଆକାଶ ଛିଡି ପଡିଲା ପରି ଲାଗୁଛି ।

ବାଲେଶ୍ଵର ସୀମାରେ ହରିପୁର ଗ୍ରାମରେ ମଧ୍ୟବିତ୍ତ ପରିବାର । ସଂସାର ବୋଲି ସ୍ତ୍ରୀ ଇନ୍ଦୁମତୀ, ପୂଜା, ଜଗନ, ଜିନା ଓ ସିନା ଏହା ବ୍ୟତୀତ ତିନ ଭଉଣୀକୁ କେବେଠାରୁ ବିବାହ କରିସାରିଥିଲେ ସିଦ୍ଧେଶ୍ଵରବାବୁ । ଦୁଇଟି ନାଲିଗାଇ । ନୁଆଁଣିଆ ଘର ଘରରୁ

ଦୁଇବଖର୍ ପକା ଘର କରିଛନ୍ତି ବହୁ କଷ୍ଟରେ, ତା ସାଙ୍ଗକୁ ପିଲ୍ମାନଙ୍କର ପାଠ ପଢ଼ା । ଏହା ପରେ ଜଗନ ତା ସ୍ତ୍ରୀ ପ୍ରତି ଆସକ୍ତ ହୋଇ ଆମ୍ଭମାନଙ୍କୁ ଏମିତି ବ୍ୟବହାର କରିବା କଣ ପିଲ୍ମାନଙ୍କର କର୍ତ୍ତବ୍ୟ? ଆଉ ଭାବି ପାରିଲେ ନ ଇନ୍ଦୁମତୀ, ଯନ୍ତ୍ରଣାରେ ଉଦାସ ହୋଇ ଯାଉଥିଲ୍ ତାଙ୍କ ସ୍ୱପ୍ନ ଗୁଡାକ ।

ମା ମା..... । ଭିତରୁ ଜଗନ ଡାକ ପକାଇଲ୍ । ଖାଇବା ହୋଇଗଲ୍... ତ!

ବଡ ଭୋକ ଲ୍ଗିଲ୍ଣି, ମା କୁଆଡେ ଗଲୁ ।

ହଁ.. .. ହଁ ଯାଉଛି କହି ଇନ୍ଦୁମତୀ ଉଠିଗଲେ । ଏହି ଡାକରେ ଇନ୍ଦୁମତୀ ସବୁ ଭୁଲିଯାଆନ୍ତି । ସ୍ନେହ, ଶ୍ରଦ୍ଧାରେ ବିଭିନ୍ନ ପ୍ରକାର ଖାଇବା କରି ଡାଇନିଂ ଟେବୁଲ୍ ରେ ରଖିଦେଲେ । ସମସ୍ତେ ଆସି ଖାଇବାକୁ ବସିଲେଣି ହେଲେ ସୁନନ୍ଦା ମିଶି ଖାଇବାକୁ ମନାକରି ଦେଲ୍ । ଆମିଷ ନହେଲେ ଖାଇପାରିବ ନାହିଁ ବୋଲି କହିଲ୍ । ଆଜି ତ ଗୁରୁବାର ଘରେ ଆମିଷ ପଶିବା ନିଷେଧ । ସୁନନ୍ଦା କଣ ବୁଝିବ ଗୁରୁବାର ବିଷୟରେ । ଗ୍ଧଣ୍ଟେ ଡ୍ରେସ ପିନ୍ଧି ସିଏ ଜୋତା ଲଗେଇ ଘରେ ଗ୍ଲୁଛି ସେ ସଂସ୍କାର କଣ ଜାଣିବ?

ମାଆ, ଭାଉଜ ମନାକଲେ ଖାଇବେନାହିଁ ।

ଠିକ୍ ଅଛି ତୁମେମାନେ ଖାଇନଅ ।

ଜଗନ ତୁ ସୁନନ୍ଦାକୁ ଡାକ ଦେଲୁନ ପୂଜା କହିଲ୍ ।

ନାଇଁ ଦିଦି ସେ ଆମିଷ ନହେଲେ ଖାଇବନାହିଁ । ତୁମେ ଖାଇନଅ । ମୁଁ ଦେଖୁଛି ବ୍ୟବସ୍ଥା ହୋଇପାରିବ କି ନାହିଁ, କହି କହ୍ନେଇ ଉଠିଗଲ୍ ।

ଆରେ ଜଗନ, ଆଜି ଗୁରୁବାର, ବାପାମାଆଙ୍କୁ କଷ୍ଟ ଲ୍ଗିବ । ପରେ ଖାଇଲେ ହେବନ, ପୂଜା କହିଲ୍ ।

ତୁ ଜାଣିନୁ ଦିଦି, ସେ ଆଉ କିଛି ଖାଇବ ନାହିଁ, ବହୁତ ଜିଦି କରିବ ।

ଠିକ୍ ଅଛି ତୋ ଇଚ୍ଛା । ଯାହା କରୁଛୁ କର ।

ସମସ୍ତେ ଖାଇ ହାତ ଧୋଇ ଗ୍ଲଲିଗଲେଣି । ଇନ୍ଦୁମତୀ କିନ୍ତୁ ନଖାଇ ଅପେକ୍ଷା କରିଛି । କାଳେ ସୁନନ୍ଦା ରାଜି ହୋଇଯିବ! ଜଗନ ଆସି ପାଖରେ ବସିପଡି କହିଲା, ମା ତୁମେ ଜମାରୁ ବ୍ୟସ୍ତ ହୁଅନା, ମୁଁ ତାର ଖାଇବା ମଗେଇଛି । ଆସିଲେ ସେ ଖାଇବ । ତୁମେ ଆଗେ ଖାଇନେଇ ଯାଅ । ଜଗନ ପାଖକୁ ଭିଡିଯାଇ ଇନ୍ଦୁମତୀ କହିଲା, ବାପାରେ ଘର କଥାରେ ଟିକଏ ମୁଣ୍ଡ ପୂରା । ପୂଜା ବାହାଘର କେମିତି ହେବ ଚନ୍ତା କର । ଦେଖ ଜଗନ ସେ ଦିନ ତୋ ବାପା କହୁଥିଲେ ମୋ ପରିବାର ମୋ ପାଇଁ ବୈକୁଣ୍ଠ । ଯେତେ କଷ୍ଟ ଦୁଃଖ ହେଉ, ମୁଁ ତାର ସାମନା କରିବି । ପିଲାମାନଙ୍କୁ ମଣିଷ କରିବାପାଇଁ ମୋହମାୟା ମରୀଚିକା ହେଲେ ବି ମୁଁ ରହିଯିବିନାହିଁ । ଭଲ ମଣିଷ କରି ଗଢି ପାରିଲେ ମୋ ଜୀବନ ସାର୍ଥକ ହେବ । ତୋ ବାପାଙ୍କର ଆଦର୍ଶକୁ ଆଖି ଆଗରେ ରଖି ଯାହା କରିବୁ ।

ପୂଜାକୁ ପୂରା ଦେଖି ଯାଇଛନ୍ତି । କଥାମଧ ଛିଡି ଯାଇଛି । ସେମାନଙ୍କ ତରଫରୁ କିଛି ନେବେନାହିଁ । ହେଲେ ଆମେ ତ କିଛି ଦେବା ନା ନାହିଁ କହିଲୁ । ବାପା ତ ବୁଢା ହୋଇଗଲେଣି । ଚନ୍ତାରେ ବହୁତ କଷ୍ଟ ପାଉଛନ୍ତି । ତୁ ଗ୍ଲକରି କଲୁ ପଇସା ପତ୍ର କଥା ଟିକଏ ବୁଝ, ତିନତିନୋଟି ଭଉଣୀ କେମିତି ବାହା ହେବେ ତୋର କଣ ଦାୟିତ୍ୱ ନୁହଁ ।

ମୁଁ କଣ ମନା କରୁଛି କି? ଜଗନ କହିଲା ଠିକ୍ ଅଛି ମୁଁ ଗଲାପରେ କିଛି ପଇସା ପଠାଇଦେବି । ହେଲେ ଏ ଗାଁ ଲୋକମାନଙ୍କୁ ଭୋଜି ପାଇଁ ନୁହଁ । ଗୋଟେ ତାମସା ଲଗାଇଛନ୍ତି । ମୋର ହଜାର ହଜାର ଟଙ୍କା ସେଠାରେ ସରିଗଲା । କେତେ ବଡବଡ ସାଙ୍ଗମାନେ ଆସିଥିଲେ । ବହୁତ ଉପହାର ମଧ ପାଇଲି । ଏମାନେ କଣ ଦେବେକି? ଖାଲି ଖାଇଦେଇ ଗ୍ଲଲିଯିବେ । ସବୁଆଡେ ବଦନାମ ଗାଇବେ । ସେଠିକାର ଭୋଜିରେ ଜାଣିଛୁ ମାଆ ବହୁତ ଉପହାର ପାଇଛି । ତୁ କହ ଏଠି ଦେଇ ଲାଭ କଣ?

ମୁଁ କଣ ଠିକ୍ କରିନକି?

କଛି ଉତ୍ତର ଦେଇ ପାରିଲେନ ଇନ୍ଦୁମତୀ । ଗାଁ ଓ ସହର ଭିତରେ ଅନେକ ପାର୍ଥକ୍ୟ ଅଛି ।

ହଉ ଚାଲ ଖାଇବୁ । ବୋହୂକୁ କହ ଉଠିକ ଗାଧୋଇ ହେବ । ବାପା ବହୁତ ଦୁଃଖରେ ଅଛନ୍ତିରେ । ତୁମେ ମାନେ ଛଅଦିନ ହେଲା ଆସିଲଣି । ହେଲେ ସେ ଛଅଗୁଣ୍ଡା ଭାତ ଖାଇନାହାନ୍ତି । ତୁ ବୋହୂ ସହିତ ଯାଇ ତାଙ୍କୁ ଖାଇବାକୁ ଡାକଲେ ସେ ଖୁସି ହୁଅନ୍ତେ । ଯାହା ତ ହୋଇଛି ହୋଇଛି ।

ଠିକ୍ ଅଛି ମା **.....**

ତୁ ଖାଇବା ପ୍ରସ୍ତୁତ କର ।

ସୁନନ୍ଦାକୁ ଧରି ମୁଁ ଆସୁଛି, କହି ଜଗନ ଭିତରକୁ ଚାଲିଗଲା ।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର,ଟାଙ୍ଗୀ, କଟକ – ୭୫୪୦୨୨
ଭ୍ରାମ୍ୟଭାଷ –୯୯୩୭୭୩୪୭୩୧୮

# କଳା ଗୋବିନ୍ଦ



ସତ୍ୟନାରାୟଣ ପ୍ରସାଦ ନାୟକ

ମାଗିନାହିଁ ମୁଁ ତ ସରଗ ଗୃନ୍ଦ
ମାଗିନାହିଁ ତୁମ ଗୀତ ଗୋବିନ୍ଦ,
ମାଗିନାହିଁ ଅବା ଧନ ସମ୍ପଦ
ଦରଶନ ଦିଅ କଳା ଗୋବିନ୍ଦ ।
ମଣିମା ମଣିମା ଡାକ ପଡୁଅଛି
ଲହୁ ଲୁହ ସବୁ ଏକାଠି କରିଛି,
ଶୁଣକ ନ ଶୁଣ ଆହେ ମହା ବାହୁ
ଅନ୍ତର ଭିତରୁ ତୁମକୁ ଡାକୁଛି ।
ନୀଳାଚଳ ନାଥ ପ୍ରଭୁ ଜଗନ୍ନାଥ
ଦେଖାଅ ଆମକୁ ଉତ୍ତମ ପଥ,
ସେହି ପଥେ ଯାଇ ତୁମରି ଦୟାରେ
ଲଭିବୁ ମୁକତି କଳା ସାଆନ୍ତ ।
ପତିତ ପାବନ ତୁମରି ନେତ
ଉଡେ ଫର ଫର ଦେଖ ସଙ୍ଗାତ,
ମହୋଦଧି କୂଳେ ବସି ନୀଳାଚଳେ
ଲଗେଇଛ ତୁମେ କେତେଯେ ନାଟ ।

ଭୁବନ ମୋହନ ଚକା ନୟନ
ଚକିତ କରୁଛ ପରାଣ ଧନ,
ତୁମରି କରୁଣା ଟିକଏ ପାଇଲେ
ମିଳିଯିବ ସତେ ଅମୂଲ୍ୟ ଧନ!
କ ଶୋଭା ପାଉଛ ପଙ୍କଜ ମୁଖ
ନାଲି ଅଧର କୁ କଳାଶ୍ରୀ ମୁଖ,
ବିମୋହିତ କର ଜଗତ ଠାକୁର
ତୁମରି ସୃଷ୍ଟି କୁ ତୁମେହିଁ ରଖ ।
🙏ଓଁ ଜୟ ଶ୍ରୀ ଜଗନ୍ନାଥ 🙏

ରଥ ରୋଡ, ଭୁବନେଶ୍ୱର -2

# ପରିବର୍ତ୍ତନ



ସତ୍ୟନାରାୟଣ ଗନ୍ତାୟତ

ପରିବର୍ତ୍ତନ ନାଁରେ ହୋହୋ ଶୁଭନ୍ତେ ବାପା ଜଣକ କହିଲେ : ଏଣିକ ଘରର ମାଲିକାନାରେ ପରିବର୍ତ୍ତନ ହେବ !

ଶୁଣୁଶୁଣୁ ଦୁଇ ପୁଅ ଦୌଡି ଆସିଲେ । ଜଣେ ଘୋଡାମଦୁଆକୁ ଆଉ ଜଣକ ପଙ୍କା ଜୁଆଡି !

ଏମାନଙ୍କୁ ଘରର ସିନ୍ଦୁକ ମିଳଗଲେ କ ଅବସ୍ଥା ହେବ ଭାବି ଆତଙ୍କରେ ଶିହରି ଉଠିଲେ ପରିବାର ଲୋକେ ।

ତ' ନେହୁର ହୋଇ ସେମାନେ କହିଲେ, 'ବାପା, ଲୋଡା ନାଇଁ ଏ ପରିବର୍ତ୍ତନ ! ତମ ପାଖରେ ହିଁ ଆମେ ବେଶ୍ ଭଲରେ ଅଛୁ' !

"ସୁହାସିତମ୍", କସ୍ତୁରୀ ନଗର,
ରାୟଗଡା: ୭୬୫୦୦୧(୯୪୩୭୯୦୯୭୬୫)

# ଗୁରୁଦିବସ



ସତ୍ୟରଞ୍ଜନ ଘିଓ୍ୱାଲ୍

ଆଜିର ଏହି ଶୁଭ ଅବସର ରେ
କବିତାଟି ପାଠ କରୁଛି
ଗୁରୁଙ୍କ ଉଦ୍ଦେଶ୍ୟରେ...... ।
ଘେନନେବା ସଭିଏଁ ଗୁରୁଙ୍କଠାରୁ ଆଶିଷ,,
ଆଜି ହେଉଛି ପବିତ୍ର ଗୁରୁଦିବସ...... ।
ଗୁରୁ ଶିଷ୍ୟ ସମ୍ପର୍କ ଯେ
ବର୍ଷ ବର୍ଷ ଧରି
ଗୁରୁଙ୍କ ବିନା ଶିଷ୍ୟ ଯାଏଁ ନାହିଁ ତରି......
ଅଜ୍ଞାନ ରୂପକ ଅନ୍ଧକାରରୁ
ଜ୍ଞାନ ରୂପକ ଆଲୋକକୁ ଆଣିଛ
କେତେ ଯେ ଛାତ୍ରଛାତ୍ରୀଙ୍କୁ
ତୁମେ ଯେ ମଣିଷ କରିଛ...... ।
ତୁମ ଦୁଇ ହାତେ ଥାଏ ଜ୍ଞାନର ଭଣ୍ଡାର,,
ପିତାମାତାଙ୍କ ପରେ ତୁମେ
ଯେ ଦ୍ୱିତୀୟ ଈଶ୍ୱର...... ।
ବିଦ୍ୟା ରୂପକ ଅନ୍ନ କୁ
ତୁମେ ଦେଇଛ ଆମ ମୁଖରେ,,
ରକ୍ତ ପରି ବହିବ ତାହା
ଆମ ଶିରା ପ୍ରଶିରାରେ....... ।
ତୁମ ଆଶିର୍ବାଦେ ଜୀବନ
ହୋଇଛି ଯେ ସାର୍ଥକ,,

ତୁମ ବିନା ସବୁକଛି ଲ୍ଗେ ନରର୍ଥକ...... ।
ଗୁରୁ ଶ୍ରେଷ୍ଠ ଯେ ତୁମେ
ଆମ ଦ୍ୱିତୀୟ ପିତାମାତା,,
ଶ୍ରୀ ଗଣେଷ ଓ ମାତା ସରସ୍ୱତୀ ଙ୍କ
ପରି ତୁମେ ଯେ ଜୀବନ୍ତ ବିଦ୍ୟାଦାତା......

ଗୋବିନ୍ଦପୁର, ଢେଙ୍କାନାଳ

# ତୁ ଆଉ ମୁଁ



ସରୋଜ ଲକ୍ଷ୍ମୀ ମହାନ୍ତି

ତୁ ଆଉ ମୁଁ
ଚାଲ ସମାନ୍ତରାଳ ରେ ଚାଲିବା
ଆଗକୁ ଆଗକୁ
ଯେଉଁଠି ପହଞ୍ଚୁ ନଥିବ
ସୂର୍ଯ୍ୟର ଉତ୍ତାପ
ଶୁଭୁ ନଥିବ ଆମ ପାଦ ଶବ୍ଦ ଆମକୁ
ମାଟିର ମଲାଟରେ
ଶୂନ୍ୟତା କୁ ପିଇବାର ନଶା ରେ
ରଚବା ମହାକାବ୍ୟ
ତୁ ତ ଛାତିର ଆଉଟା ଲାଭା କୁ
ନଗାଡି ଦେବୁ
ବୁହାଇ ଦେବୁ ଯେତେ ସବୁ ଉଷ୍ଣ  ପ୍ରସ୍ରବଣ
ତରଳ ଯିବ ଏଭେରେଷ୍ଟ  ର ସବୁ
ବରଫ ଶୃଙ୍ଗ
ଧୋଇଯିବ ଦୁଃଖ ପାହାଡ ର
ନଣ୍ଡା ମଥାନ
ଅସଜଡା ପୃଥିବୀର
ଅସମାନତା କୁ ଫିଙ୍ଗିଦେବୁ ଦିଗନ୍ତ  ସେପାରେ
ଆଞ୍ଜୁଳା ଆଞ୍ଜୁଳା ପିଇଯିବୁ
ସ୍ୱାର୍ଥ  ମହାକୁମ୍ଭ  ଜଳ
ତୃଷାର୍ତ୍ତ  ଚାତକ ପରି
ତୋ ମିଠା ଛୁଆଁ ଢାଙ୍କି ଦେବ ଶାଗୁଆ ଚାଦର

ମୁଁ ବେଲ୍ଲସେନ ପରି
କଠେଇ ଦେଖୁଥିବି ତୋତେ
ମୋ ଦେହର ସବୁ ଉଷ୍ମତା ଦେଇ
ଗରିୟାନ ର ମୁକୁଟ ପିନ୍ଧାଇ ଦେବି
ନବ ପଲ୍ଲବ ଓ କଦମ୍ବ ମହକ ଯିବେ
ଭୟ ସବୁ ଗଣ୍ଡିଲି ରେ ବାନ୍ଧି
ଫିଙ୍ଗିଦେବୁ କଳା ଅନ୍ଧାର କୁ
ତୋ ସଜ୍ଜଳ ଆଖିରେ ମୁଁ ମାଖିଦେବି
ଚୁନା ଚୁନା ସ୍ୱପ୍ନ ସମ୍ଭାବନା
ନସଙ୍ଗତା ସ୍ତୁପ ତଳୁ ନବିଡତାକୁ କୋଳେଇ ନେବୁ
ପିଠେଇ ନେବୁ ସେଇ ଅସଜଡା ମୂହୁର୍ତ୍ତ ମାନଙ୍କୁ
ସମୃଦ୍ଧି ର କଜ୍ଜଳ ରେ ଷୁରମା ଟାଣି
ମୁଁ ଆଙ୍କିବି ତୋ କପାଳେ ବୀଜୟ ର ଟୀକା
ସ୍ୱଚ୍ଛ ତୋ ଭିଜା ଅଞ୍ଚଳ ରେ ମୁଁ ଲେଖିବି
ଅଧାୟ ଅଧାୟ ସ୍ୱର୍ଣ୍ଣୀମ ବିଜୟର ଗାଥା
ବଢିଲ୍‌ଣି ସାନ୍ଦ୍ରତା ଗ୍ରହୀର
ଅନ୍ଧାର ଗାଢ ହେଲ୍‌ଣି ଏଥର
ସିନ୍ଦୁର୍ ଫାଟିବ ନଶ୍ଚୟ
ପଞ୍ଚଜନ୍ୟ ବଜା
ଶଂଖୋଳବା ଛଳ ଛଳ ଚଞ୍ଚଳ
ମଧୁର ସକାଳ
ପିନ୍ଧାଇବା ମରକତ ମଣି
ହୀର୍ ମୋତି ମାଳା
ଜହ୍ନି ଫୁଲ ପରି ହସିବ ବସୁଧା
ଘୋଡି ହୋଇ ତପନ ର ସୁନେଲି ଗ୍ଧଦର ।

271/3, ଏ.ଭି. ରେସିଡେନ୍ସି,
ପୋ-କଟ୍, ଭୁବନେଶ୍ୱର

# ଗୋପନ ଅଭିସାର



ସୀତାରାମ ଦାଶ

ଅନନ୍ୟା' ଥିଲା ଯୁକ୍ତ ତିନର ପ୍ରଥମ ବର୍ଷ ଛାତ୍ରୀ। ଖୁବ୍ ଧନାଢ୍ୟ ପରିବାରରେ ତାର ଜନ୍ମ। ତା' ବହି ଥାକରେ, ବହି ତୁଳନାରେ ଡ୍ରେସ ଏବଂ କସମେଟିକ୍ସ ଅଧିକ। ବିଦେଶୀ କ୍ରିମର ବାସ୍ନା ସବୁବେଳେ ତା ମୁହଁରେ। ପାଠ ପଢା ସହ ଖେଳକୁଦ, ସଙ୍ଗୀତ, ଅଭିନୟରେ ସେ ଖୁବ୍ ଦକ୍ଷ। ସମ୍ଭ୍ରାନ୍ତ ପଣିଆର ଛାଟ ତାର ପ୍ରତିଟି ପରିପାଟୀରେ। ତାର ବାପା ଏବଂ କକାମାନଙ୍କର ବିଭିନ୍ନ ବ୍ୟବସାୟ ବଡ ବଡ ସହରରେ। ହଷ୍ଟେଲରେ ଯାହାର ବିଳମ୍ବରେ ପଇସା ଆସିବାର ଥାଏ, ସେ ଅନନ୍ୟାକୁ ଉଧାର ମାଗେ। ଅନନ୍ୟା କାହାକୁ ନରାଶ କରେ ନାହିଁ। କାହାକୁ କେତେ ପଇସା ଉଧାର ଦିଏ, ସେ କଥା ସେ ମନେ ରଖେନ କ ମାଗେ ନାହିଁ। ତା ଡ୍ରେସ, ତା ପ୍ରସାଧାନ ସାମଗ୍ରୀ ତାର ସବୁ ସାଙ୍ଗମାନେ ବ୍ୟବହାର କରନ୍ତି। ତାର, ସବୁଥିରେ ବିନ୍ଦାସ ଷ୍ଟାଇଲ୍। କାହାର ଦେହ ଖରାପ ହେଉ କ ଅନ୍ୟ କଛି ସମସ୍ୟା ହେଉ, ସବୁଥିରେ ତାକୁ ପ୍ରଥମେ ଖୋଜାଯାଏ। କଲେଜର ବାର୍ଷିକ ଉତ୍ସବ ହେଉ କ ପିକନକ୍, ସରସ୍ୱତୀ ପୂଜା ହେଉ କ ଅଗଷ୍ଟ ପନ୍ଦର, ସବୁଥିରେ ତାର ମହତ୍ତ୍ୱପୂର୍ଣ୍ଣ ଭୂମିକା ଥାଏ।

ଅନନ୍ୟା ଆଧୁନକ ଏବଂ ସହରୀ ସଭ୍ୟତାରେ ବଢିଥିଲେ ବି, ସେ ଥିଲା ଇଶ୍ୱର ବିଶ୍ୱାସୀ, ପରୋପକାରୀ ଏବଂ ଖୁବ୍ ସଂସ୍କାରୀ। ଘରଠୁ ବାହାର ପର୍ଯ୍ୟନ୍ତ ସମସ୍ତେ ତାକୁ ବହୁତ ଭଲ ପାଉଥିଲେ। ବାପା, କକାମାନେ ତାକୁ ଅଖଣ୍ଡ ସ୍ୱାଧୀନତା ଦେଇଥିଲେ। ତାର ବୁଲାବୁଲି, ସାଙ୍ଗସାଥି କେଉଁଥିରେ ସେମାନଙ୍କର କଛି ବ୍ରେକ୍ ଠୋକ୍ ନଥିଲା। କନ୍ତୁ ମାମା ଅନତା ରାୟ ଝିଅ ପାଇଁ ଅତିଶୟ ଚନ୍ତିତ ଥିଲେ। ସବୁବେଳେ କେଉଁ ଏକ ଅଜଣା ଭୟ ତାଙ୍କ ମନକୁ ଅହରହ କାଳ ସର୍ପ ହୋଇ ଦଂଶନ କରୁଥିଲା। ଦୁନଆର କଣ୍ଟକତ ପଥରେ ଗ୍ଲୁଗ୍ଲୁ ତାଙ୍କ ଅଳଅଳ ଝିଅ ଝୁଣ୍ଟି ପଡି ଲହୁ ଲୁହାଣ ହେବ ନ ତ? ତାଙ୍କ ସରଳଆ ଝିଅକୁ କେହି ଠକ

ଦେବନ ତ? ସେ ବହୁତ ବ୍ୟସ୍ତ ହେଉଥିଲେ ସତ କନ୍ତୁ ମନ କଥା କାହାକୁ ଖୋଲି କହିପାରୁ ନଥିଲେ।

ଅନନ୍ୟା ପ୍ରତି ଶନବାର ହଷ୍ଟେଲରୁ ଘରକୁ ଆସେ। ରବିବାର ରହି ପୁଣି ସୋମବାରକୁ ଫେରିଯାଏ। କନ୍ତୁ ଏଥର ସେ ଘରକୁ ଆସିବା ପାଇଁ ମନା କରିଦେଲା। ଘରକୁ ନଆସିବାର କଛି ବିଶେଷ କାରଣ ନଥିବାରୁ, ମାମା ଏଥର ବହୁତ ବ୍ୟସ୍ତ ହୋଇପଡିଲେ। ତାଙ୍କ ମନରେ ଅନେକ ଦୁଷ୍ଚିନ୍ତା ଉଙ୍କି ମାରିଲା। ବିଗତ ଅତୀତର ଯେଉଁ ସ୍ମୃତିକୁ ନେଇ ସେ ଦିନେ ଆନନ୍ଦରେ ଅଭିଭୂତ ହେଉଥିଲେ, ଯେଉଁ ସବୁ ମୁହୂର୍ତ୍ତକୁ ମହାର୍ଘ୍ୟ ବୋଲି ଦିନେ ମନେ କରୁଥିଲେ, ତାହା ଆଜି ତାଙ୍କୁ ଅସହ୍ୟ ଯନ୍ତ୍ରଣା ଦେଉଥିଲା। ଆଜି, ଅନୁତାପର ନଆଁ ତାଙ୍କ ମନକୁ ଜାଳ ପୋଡି ନାରଖାର କରି ଦେଉଥିଲା। କନ୍ତୁ ତାଙ୍କର ସେ ଗଭୀର ବେଦନାକୁ ସେ କାହା ଆଗରେ କହି ପାରୁ ନଥିଲେ। ଜୀବନର ସବୁଠୁ ସୁନ୍ଦର ସ୍ମୃତି, ସବୁଠୁ ସୁନ୍ଦର ଅନୁଭବ ଆଜି ତାଙ୍କୁ ସବୁଠୁ ବେଶୀ କଷ୍ଟ ଦେଉଥିଲା।

କଲେଜରେ ପଢିବା ସମୟରେ ଅନତା ରାୟ ଥିଲେ ସବୁଠୁ ସୁନ୍ଦର ଏବଂ ଚୁଲବୁଲି ଝିଅ। ତାଙ୍କ ବୟସର ଅନ୍ୟ ଝିଅଙ୍କ ତୁଳନାରେ ସେ ଅଧିକ ସ୍ମାର୍ଟ ଏବଂ ପ୍ରୋଗ୍ରେସିଭ୍ ଥିଲେ। ଜୀବନର ଅନେକ ଛୋଟ ବଡ଼ ଭୁଲ, ଘଟଣା, ଦୁର୍ଘଟଣାକୁ ସେ ଧୂଳ ଭଳ ଝାଡ଼ି ଦେଇ ପାରୁଥିଲେ ଖୁବ୍ ସହଜରେ। ସାହିତ୍ୟ ପ୍ରତି ତାଙ୍କର ଖୁବ୍ ରୁଚ ଥିଲା। ନଜେ ଲେଖା ଲେଖି ନକଲେ ବି ସେ ସବୁବେଳେ ପତ୍ରପତ୍ରିକା, ଗଳ୍ପ, ଉପନ୍ୟାସ ପଢୁଥିଲେ। ସାହିତ୍ୟ ପ୍ରତି ଥିବା ଅନୁରାଗ ତାଙ୍କୁ ଅଗ୍ନିଭେଶଙ୍କ ସହ ପରିଚତ କରାଇଥିଲା।

ରୁଦ୍ର ଅଗ୍ନିଭେଶ ଦାଶ ଓରଫ ଅଗ୍ନିଭେଶ ଥିଲେ ଆର୍ମିରେ ମେଜର୍। ବେଶ୍ ମଡ଼ର୍ଣ୍ଣ ଓ ଫୁର୍ତ୍ତିବାଜ୍। ଶୃଙ୍ଖଳତ ଜୀବନଚର୍ଯ୍ୟା ପାଇଁ ବୟସ ତୁଳନାରେ ଅଧିକ ଯୁବାନ୍ ଓ ଆକର୍ଷଣୀୟ ଲାଗନ୍ତି। ସେ ଲେଖାଲେଖି ଦୁନଆରେ ଜଣେ ଚର୍ଚ୍ଚିତ ଚେହେରା। ସେ ଏକାଧାରରେ ଗଳ୍ପ, ଉପନ୍ୟାସ, କବିତା ଏବଂ ନାଟକ ଲେଖନ୍ତି। ତାଙ୍କର ପ୍ରତ୍ୟେକଟି ଲେଖା ସମକାଳୀନ ଓ କଳାତ୍ମକ। ଗଳ୍ପର ପ୍ରବାହ ଓ ଆବେଗ ବେଶ୍ ସମ୍ବେଦନଶୀଳ।

ପ୍ରଥମ ଥର ଏକ ସାହିତ୍ୟ ସମ୍ମିଳନୀରେ ଉଭୟ ଉଭୟଙ୍କୁ ଭେଟିଥିଲେ। ଅନନ୍ତା ରାୟ ଅଗ୍ନିଭେଶକୁ କହିଥିଲେ,-ଆପଣଙ୍କ 'ନୀଳ ନର୍କ' କବିତାଟି ଭାରି ସୁନ୍ଦର ହୋଇଛି। କିଛି କ୍ଷଣ ପାଇଁ ଆଶ୍ଚର୍ଯ୍ୟ ହୋଇ ସେ ଝିଅଟିକୁ ଚାହିଁଥିଲେ। ଏତେ ସୁନ୍ଦର ମୁହଁ ଏତେ ଉଜ୍ଜ୍ୱଳ ତା ଆଖି।

ସ୍ମିତ ହସ ସହ ସେ ଅନନ୍ତା ରାୟଙ୍କୁ ପଚାରିଥିଲେ, "ଆପଣ ମୋ ଲେଖା ପଢ଼ନ୍ତି?"

- "ହଁ, ପ୍ରାୟ ସବୁ ଲେଖା ଖୋଜି ଖୋଜି ପଢେ। ଆପଣଙ୍କର ପ୍ରତ୍ୟେକଟି କାହାଣୀ ବହୁତ କରୁଣ ଓ ଭାବମୟ। ପଢୁ ପଢୁ ଆଖି ଓଦା ହୋଇଯାଏ। ଆପଣଙ୍କ 'ଭାଇର ଶାଢ଼ୀ' ଗଳ୍ପଟି ଯେବେ ବି ପଢେ, ମୁଁ ମୋ ଲୁହକୁ ରୋକିବାକୁ ଅସମର୍ଥ ହୁଏ। ଆପଣ ଲେଖାରେ ଏତେ ଦୁଃଖ କାହିଁକି?"

ଟିକଏ ସ୍ମିତ ହସ ସହ ଅଗ୍ନିଭେଶ କହିଥିଲେ, "ଦୁଃଖ ତ ମଣିଷ ଚିର ସହଚର। କୁହନ୍ତୁ ତ, କେଉଁ ମଣିଷର ଦୁଃଖ ନାହିଁ?

ଅନନ୍ତା ଟିକେ ଗମ୍ଭୀର ହୋଇ ଚାହିଁ ରହିଥିଲା କିଛି ନକହି।

ଏବେ ଧୀରେ ଧୀରେ ଉଭୟଙ୍କ ସମ୍ପର୍କ ଘନିଷ୍ଠ ହେବାକୁ ଲାଗିଲା। କଥାର ଖିଅ ସାହିତ୍ୟରୁ ଆସି ବ୍ୟକ୍ତିଗତରେ ପହଞ୍ଚିଲା। କେତେ କେତେ କଥା କେତେ କେତେ ସ୍ମୃତି ଲେଖା ହେଉଥିଲା ମନ କାଗଜରେ। ଅଗ୍ନିଭେଶର ସବୁ ଲେଖା ପତ୍ର ପତ୍ରିକାରେ ପ୍ରକାଶ ପାଇବା ପରେ ସେ ଅଧିର ଆଗ୍ରହରେ ଅପେକ୍ଷା କରୁଥିଲା ଅନନ୍ତାର ମତାମତକୁ, ତାର ପ୍ରଶଂସାକୁ।

ଅନନ୍ତା' ଅଗ୍ନିଭେଶଙ୍କ ସମ୍ପର୍କରେ ଆସି ନିଜକୁ ବହୁତ ଭାଗ୍ୟବାନ ମନେ କରୁଥିଲା। ସେ ପ୍ରିୟ ଲେଖକଙ୍କ ପ୍ରତିଟି ଲେଖାକୁ ଖୋଜି ଖୋଜି ପଢିବା ସହ ସବୁବେଳେ ତାଙ୍କ ସମ୍ପର୍କରେ ରହୁଥିଲା। ଉଭୟଙ୍କ ସମ୍ପର୍କ ଖୁବ୍ ମଧୁର ଏବଂ ନିବିଡ଼ ହେବାକୁ ଲାଗିଲା। ଅଳ୍ପ କିଛି ମାସ କଥାବାର୍ତ୍ତା ଏବଂ ଭାବର ଆଦାନପ୍ରଦାନ ପରେ ଅଗ୍ନିଭେଶ ଆସିଥିଲେ, ଅନନ୍ତା ଘରକୁ ଅତିଥି ହୋଇ। ସାଙ୍ଗରେ ଆଣିଥିଲେ ଉପହାର ସ୍ୱରୂପ ଏକ ସୁନ୍ଦର ନୀଳ ଶାଢ଼ୀ। ଜଣେ

ମହାନ ବ୍ୟକ୍ତିଙ୍କୁ ଅତିଥି ରୂପେ ପାଇ ଅନତା ବହୁତ ଖୁସି ହେବା ସହ ନିଜକୁ ଧନ୍ୟ ମନେ କରୁଥିଲେ।

ଲଞ୍ଚର ସମସ୍ତ ଖାଦ୍ୟ ଅନତା ନିଜ ହାତରେ ରାନ୍ଧିଥିଲା। ଖାଇବା ସମୟରେ ଅଗ୍ନିଭେଶ, ରନ୍ଧା ଖାଦ୍ୟର ବହୁତ ପ୍ରଶଂସା କରିଥିଲେ। କିଛି ସମୟ ବିଶ୍ରାମ ନେବା ପରେ ଅନତା ତାଙ୍କୁ ଆଖ ପାଖର ଦର୍ଶନୀୟ ସ୍ଥାନ ସବୁ ବୁଲାଇ ନେଲା। ଅଗ୍ନିଭେଶ ଗାଡି ଚଳାଇବା ସମୟରେ ଗୋଟିଏ ହାତରେ ଷ୍ଟିୟରିଂ ଏବଂ ଅନ୍ୟ ହାତରେ ଅନତାର ହାତ ପାପୁଲିକୁ ଧରିଥିଲେ। ଶେଷରେ ସେମାନେ ପହଞ୍ଚିଲେ ଗୋଟେ ଭଗ୍ନ ଓ ଜନଶୂନ୍ୟ ରାଜ ପ୍ରାସାଦରେ। ସେଠାରେ ସେମାନେ ପହଞ୍ଚୁ ପହଞ୍ଚୁ ହଠାତ୍ ବର୍ଷା ଆରମ୍ଭ ହୋଇଗଲା। ଗାଡିରୁ ଓହ୍ଲାଇ ଭିତରେ ପଶୁ ପଶୁ ଉଭୟ ଅଳ୍ପ ଅଳ୍ପ ଭିଜି ଯାଇଥିଲେ। ଅଗ୍ନିଭେଶଙ୍କ ଅନୁରୋଧରେ ଅନତା ଶାଢ଼ୀ ପିନ୍ଧିଥିଲା। ଅଧା ଭିଜା ଶାଢ଼ୀ, ତାର ସୌନ୍ଦର୍ଯ୍ୟକୁ ଅନେକ ଗୁଣ ବଢ଼ାଇ ଦେଇଥିଲା। ଅଗ୍ନିଭେଶ ନିଜ କ୍ୟାମେରା ବାହାର କରି ଅନତାର କିଛି ଫଟୋ ଉଠାଇବାକୁ ଆଗ୍ରହ କରିଥିଲେ। ପ୍ରାସାଦର ଚୂଡାରୁ ଝରୁଥିବା ପାଣିର ସ୍ତମ୍ଭକୁ ପୃଷ୍ଠଭୂମି କରି ସେ ଅନତାର କିଛି ଫଟୋ ଉଠାଇ ଥିଲେ। ତା ପରେ ଅନତାକୁ କହିଥିଲେ, ପ୍ରାଚୀର ପାଖରେ ଥିବା କୃଷ୍ଣଚୂଡ଼ା ଗଛକୁ ଛୁଇଁବା ପାଇଁ। ଏ ଫଟୋଟି ଉଠାଉ ଉଠାଉ ଅଗ୍ନିଭେଶ ଆସି ବୁଝାଇ ଦେଇ ଗଲେ ହାତକୁ ଗାଲ ପାଖରେ କପରି ରଖିବ। ତା ସହିତ ଛାତିର ଶାଢ଼ୀ ବି ନିଜ ହାତରେ ସଜାଡି ନେଲେ ଆଉ ଟିକେ ଆକର୍ଷଣୀୟ ଲାଗିବା ପାଇଁ। ଅନତାର ପ୍ରତ୍ୟେକ ଭଙ୍ଗୀର ଦୁଇ ତିନୋଟି ଫଟୋ ସେ ଉଠାଉ ଥାଆନ୍ତି। କେତେବେଳେ ବାମ ପଟେ ତ କେତେବେଳେ ଡାହାଣ ପଟେ, କେତେବେଳେ ପାଖରୁ ତ କେତେବେଳେ ଟିକେ ଦୂରରୁ, ତେଣୁ ଅନତା ପଥର ମୂର୍ତ୍ତିଟିଏ ଭଳି ସ୍ଥାଣୁ ହୋଇ ଛିଡା ହୋଇଥାଏ।

କିଛି ବୁଝିବା ଆଗରୁ ଏକ ସୁନ୍ଦର ଅଥଚ ଚହ୍ଲା ଚହ୍ଲା ସ୍ପର୍ଶ ଅନୁଭବ ହେଲା ତା' ଛାତି ଉପରେ। ତା' ପରେ, ତା' ଦେହରେ ସଞ୍ଚରି ଗଲା କେମିତି ଗୋଟେ ଉଷ୍ମ ଅଥଚ ସୁନ୍ଦର ଆବେଗ। କିଛି ସମୟ ଭିତରେ ତାର ନାଭି ଗର୍ତ୍ତରେ କାହାରି ଓଦା ଓଠର ସ୍ପର୍ଶ। ଏସବୁ ଏତେ ଶୀଘ୍ର ହୋଇଗଲା, ସେ କିଛି ବି ଚିନ୍ତା ନକରି ଆଖି ବୁଜି ରହିଲା। ଯେତେବେଳେ ସେ ପ୍ରକୃତ ଘଟଣା ଜାଣିଲା, ସେ ଟିକେ ବି ବିରକ୍ତ ହେଲାନି। ଚିତ୍କାର କରିବା ବଦଳରେ ସେ ଅଗ୍ନିଭେଶକୁ ବହୁ ଜୋରରେ ଭିଡି ଧରିଲା। ଏବେ ଅନତାକୁ ଲାଗୁଥିଲା ସେ ତା ପ୍ରିୟ

ଲେଖକ ପାଖରେ ନୁହେଁ ଏବଂ ତା ପ୍ରିୟ ମଣିଷ ପାଖରେ ଅଛି। ନୀରବ ନିଶବ୍ଦ ପୃଥିବୀ। ବର୍ଷା ବନ୍ଦ ହୋଇଯିବା ପରେ ବି ଆଖପାଖର ଗଛ ଗହଳରୁ ଝରୁଥାଏ ଟପ୍ ଟପ୍ ପାଣି, ଏକ ମଧୁର ସଙ୍ଗୀତ ଭଳି। ସନ୍ଧ୍ୟା ଆସିବା ପୂର୍ବରୁ ସନ୍ଧ୍ୟାର ଭ୍ରମ। ଚାରିପାଖରେ ତିଆରି ହେଉଥାଏ ଏକ ଅଧିଭୌତିକ ପରିବେଶ। ଅନିତା' ଅଗ୍ନିଭେଶର ଓଠରେ ଓଠ ଥାପି ଅଜାଡି ଦେଲା ସବୁତକ ସ୍ନେହ।

ଅଗ୍ନିଭେଶ ଫେରିଗଲେ ଦିଲ୍ଲୀ, ନିଜ କର୍ମସ୍ଥଳୀକୁ। ଉପହାର ସ୍ୱରୂପ ଅନିତାକୁ ଦେଇଗଲେ, ଜୀବନର କିଛି ମହାର୍ଘ୍ୟ ମୁହୂର୍ତ୍ତର ଅନୁଭବ। ଦେହ ମନରେ କିଛି କୋମଳ କଷ୍ଟ।

ଯା ଭିତରେ ବିତିଯାଇଛି ଅନେକ ବର୍ଷ। ଅନିତା ନିଜକୁ ବୁଝେଇ ଦେଇଥିଲା, ଅଗ୍ନିଭେଶ ସହ ଏକାଠି କଟେଇ ଥିବା କେଇ ମୁହୂର୍ତ୍ତର ଅପରାଧକୁ ମନେପକାଇ ଅବଶିଷ୍ଟ ଜୀବନକୁ କଷ୍ଟ ଦେବା କେବଳ ବୋକାମୀ। ଏହାକୁ କେବଳ ଦୁର୍ଘଟଣା ଭାବି ସବୁଦିନ ପାଇଁ ସେ ମନରୁ ପୋଛି ଦେଇଥିଲା।

କିନ୍ତୁ ଏତେ ବର୍ଷ ପରେ ଆଜି କାହିଁକି, ସେ ଘଟଣା କାଳ ସର୍ପ ଭଳି ବାରମ୍ବାର ଦଂଶନ କରୁଛି?

ସନ୍ଧ୍ୟାରେ ସ୍ୱାମୀ ଆସୁ ଆସୁ ଅନିତା ମନ ତଳର ଭୟକୁ ଲୁଚାଇ ରଖି କହିଲେ, "ଆଜି ଝିଅ କଥା କାହିଁକି ବହୁତ ମନେ ପଡୁଛି। ପିଲାଟା ସବୁ ସପ୍ତାହରେ ଆସି ବୁଲିଯାଏ। ଆଜି କଣ ପାଇଁ ଆସିଲା ନାହିଁ। ଏବେ, ତା' ଫୋନ ବି ଲାଗୁନି। ମନଟା ଗୋଳେଇ ଘାଣ୍ଟି ହୋଇ ଭାରି ବ୍ୟସ୍ତ ଲାଗୁଛି। ସ୍ୱାମୀ ଅବିନାଶ ହସି ହସି କହିଲେ, "ମା ମନ ସବୁବେଳେ ପିଲାମାନଙ୍କ ପାଇଁ ଏମିତି। ଚାଲ ଏବେ ତା' ପାଖରୁ ବୁଲିପଡ଼ି ଆସିବା। ମୋର ଜଣେ ବନ୍ଧୁଙ୍କ ଆଜି ଝିଅ ବାହାଘର। କଲେଜ ଦେଇ ଯିବାକୁ ହେବ। ଚାଲ ସାଙ୍ଗ ହୋଇ ଯିବା। ଦୁଇଟି ଯାକ କାମ ଏକାବେଳେ ହୋଇଯିବ।"

ହଷ୍ଟେଲରେ ଅଚାନକ ବାବା ଓ ମାମାଙ୍କୁ ଦେଖି ଅନନ୍ୟା ଆଶ୍ଚର୍ଯ୍ୟ ହେଲା। ବିସ୍ମୟଭରା ଚାହାଣୀରେ ସେ ପଚାରିଲା, "ବାବା ତମେ ଏମିତି ଅଚାନକ"। ଅବିନାଶ ହସି ହସି ଉତ୍ତର

ଦେଲେ, "ତୁ' ତ ଜାଣିଛୁ ମାମା ତତେ କେତେ ଭଲ ପାଏ। ତୁ ଘରକୁ ଯାଇ ନଥିବାରୁ ମୁହଁ ଓହଳାଇ ବସିଥିଲା। ରାତିରେ ସେ ନା ଖାଇ ପାରିଥାନ୍ତା, ନା ଶୋଇ ପାରିଥାନ୍ତା। ତାସହିତ ଜଣେ ବନ୍ଧୁଙ୍କ ଆଜି ଝିଅ ବାହାଘର, ଏଇ ଅଳ୍ପ ଦୂରରେ। ତେଣୁ ମୋ ସୁନା ଝିଅକୁ ଦେଖିବାକୁ ଚାଲି ଆସିଲି"।

ଛଳଛଳ ଆଖିରେ ଅନନ୍ୟା ବାବାଙ୍କୁ  କିଛି ସମୟ ନୀରବରେ ଚାହିଁ ରହି କୋହଭରା କଣ୍ଠରେ କହିଲା, "ବାବା' ଆଜି ଦେହ ଟିକେ ଭଲ ଲାଗୁ ନଥିଲା। ସକାଳେ ହାଲକା ଜ୍ୱର ଆସିଥିଲା। ତେଣୁ ରହିଗଲି। ମାମା ମୋ ପାଇଁ ବ୍ୟସ୍ତ ହେବ ବୋଲି ସତ କଥା ଜଣାଇ ନଥିଲି।" ଏତିକି କହିସାରି ସେ ତା ମାମାକୁ ଛୋଟ ପିଲାଙ୍କ ଭଳି ଭିଡି ଧରିଲା।

କିଛି ସମୟ ପାଇଁ ଅସମ୍ଭବ ନୀରବତା ଖେଳଗଲା ଚାରିଆଡେ। ଅନିତା ଝିଅର ମୁହଁ ପୋଛି ଦେଲେ, ନିଜ ପଣତରେ। ଆଖି କୋଣରେ ଲୁହ ଜକେଇ ଆସୁଥିଲା। ମନ ଭିତରର ସବୁ ଆତଙ୍କ କେଉଁଆଡ଼େ ଅପସରି ଯାଇଥିଲା। ସେ ମନେ ମନେ ଭାବୁଥିଲେ, "ଯେଉଁ ଭୁଲ ସେ ତାଙ୍କ ଆଦ୍ୟ ଯୌବନରେ କରିଛନ୍ତି, ଠିକ୍ ସେମିତି ଭୁଲ ଯେ ତାଙ୍କ ଝିଅ କରିବ ସେମିତି ତ କିଛି ମାନେ ନାହିଁ। ତେବେ କାହିଁକି ତାଙ୍କର ଏତେ ସନ୍ଦେହ?" ନୀଳ ଚଷମାରେ ଦୁନିଆକୁ ଦେଖିଲେ, ଦୁନିଆ ନୀଳ ଦିଶିବା ଭଳି ପାପ ଦୃଷ୍ଟିରେ ଦୁନିଆକୁ ଦେଖିଲେ ଚାରିଆଡେ ଖାଲି କୁତ୍ସ କୁତ୍ସ ପାପ ହିଁ ଦେଖାଯିବ। ବିଶ୍ୱାସ ମୂଳରେ ହିଁ ଭଗବାନ। ସେଇ ବିଶ୍ୱାସକୁ ଆଧାର କରି ସେ ମନରୁ ତାଙ୍କର ସବୁ ପାପକୁ ପୋଛି ପକାଇଲେ। ପଶ୍ଚାତାପର ଲୁହ ଧୋଇ ଦେଉଥିଲା ତାଙ୍କ ସନ୍ଦେହର କାଳିମାକୁ। ଏବେ ଦୁନିଆଟା ତାଙ୍କୁ ଦିଶୁଥିଲା, ଖୁବ୍ ସ୍ୱଚ୍ଛ, ସୁନ୍ଦର ଓ ପବିତ୍ର।

ସାନମୂଳେଇ, କଟକ
Mob-8469237172

# ଗୁରୁବେ ନମଃ

ଦୀନବନ୍ଧୁ ବେଜ

ଲୌକକରୁ ଅଲୌକକ
ଅଜ୍ଞାନରୁ ଜ୍ଞାନକୁ
ଦେଖାଇବା ପାଇଁ,,,,,,,,
ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କୁ
ମୋ ଦାଣ୍ଡ ଅଗଣାରେ
ପହଞ୍ଚାଇବା ପାଇଁ
ସଂଯୋଗୀ ଭୂମିକା ନେଇ
ଯୋରକରି ହାତଧରି
ଯିଏ ମୁଣ୍ଡଳା ଶିଖାନ୍ତି,
ପ୍ରାଣିକ, ମାନସିକ ଚନ୍ତନକୁ
ବ୍ୟାପକ କରିବା ପାଇଁ
ସଦା ଯିଏ ପ୍ରୟାସ କରନ୍ତି,
ମାଂସପେଶୀୟ ବଳକୁ
ଶକ୍ତ ସୁଠାମ କରିବାପାଇଁ,
ଶତ୍ରୁ ସାମନା କରିବା ପାଇଁ
ଶସ୍ତ୍ର ଶିକ୍ଷାରେ ନପୁଣକରି
ଯିଏ ସିଂହବଳ ଭରିଦିଅନ୍ତି,

ଯାହାର ପଦେପଦେ ଉକ୍ତି
ଅନୁଭବ ହୁଏ ଅନୁକୋଟି,,,
ଯାହାଙ୍କର ସାକ୍ଷାତରେ
ପରଂବ୍ରହ୍ମ ହୁଅନ୍ତି ଅବିର୍ଭାବ,
ସିଏ ଆଦ୍ୟ ବିନ୍ଦୁର ମହୂରତ
ପ୍ରକୃତରେ ସେ ଅଟନ୍ତି ଗୁରୁ
ତାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ ।

ମାଲ୍କାନଗିରି,
ଓଡିଶା, ଭାରତ

# ଗୁରୁହେ ଘେନ ଶ୍ରଦ୍ଧା ପୁଷ୍ପ ମୋର..........



ଭକ୍ତବନ୍ଧୁ ସାହୁ

ଅଜ୍ଞାନ ଅନ୍ଧାରେ ବାଟ କଢାଇଲ
ଜ୍ଞାନ ଦୀପ ଜାଳ ଦେଇ
ଶିଶୁ ଗୁର୍ବି ଦିନେ ମହା ଦ୍ରୁମ ହେଲି
ଆଶିଷର ଜଳ ପାଇ ।
ଗୁରୁହେ କରୁଣା ତୁମର ଅପାର...
ତୁମ ଶ୍ରୀଚରଣେ ପ୍ରଣତି ଢାଳୁଛି
ଘେନ ଶ୍ରଦ୍ଧା ପୁଷ୍ପ ମୋର ।୧

ପଥ ପ୍ରଦର୍ଶକ ଜ୍ଞାନର ଭଣ୍ଡାର
ତୁମେ କରୁଣାର ସିନ୍ଧୁ
ସତ୍ୟ ଦୟା କ୍ଷମା ଶାନ୍ତିର ପ୍ରତୀକ
ତୁମେ ପୂର୍ଣ୍ଣିମାର ଇନ୍ଦୁ ।
ଗୁରୁହେ ଦୟାର ତୁମେ ସାଗର...
ତୁମ ଶ୍ରୀଚରଣେ ପ୍ରଣତି ଢାଳୁଛି
ଘେନ ଶ୍ରଦ୍ଧା ପୁଷ୍ପ ମୋର ।୨

ଅଲେଖା ହାତରେ ଲେଖା ଶିଖାଇଲ
ଅକୁହା ପାଟିରେ ଭାଷା
ଅଜ୍ଞତା ମରୁରେ ଜ୍ଞାନ ବର୍ଷା ଢାଳ

ସଂଚରିଲ ନୂଆ ଆଶା ।
ଗୁରୁହେ ଆକାଶ ସମାନ ଉଦାର...
ତୁମ ଶ୍ରୀଚରଣେ ପ୍ରଣତି ଢାଳୁଛି
ଘେନ ଶ୍ରଦ୍ଧା ପୁଷ୍ପ ମୋର ।୩

କଞ୍ଚା ମାଟି ମୁଣ୍ଡା ଆଦରେ ଚକଟି
ସୁନ୍ଦର ରୂପଟି ଦେଲ
ମଣିଷ ପଣିଆ ମନ୍ତ୍ର କାନେ ଫୁଙ୍କି
ସମାଜରେ ଠିଆ କଲ ।
ଗୁରୁହେ ଆଶିଷର ଗଙ୍ଗା ଧାର...
ତୁମ ଶ୍ରୀଚରଣେ ପ୍ରଣତି ଢାଳୁଛି
ଘେନ ଶ୍ରଦ୍ଧା ପୁଷ୍ପ ମୋର ।୪

ଆମ୍ ବିଶ୍ୱାସର ମଞ୍ଜି ବୁଣି ଦେଇ
ମନରେ ଦେଲ ସାହସ
ଜୀବନ ବଞ୍ଚିବା ରାହା ଦେଖାଇଲ
ତୁମେ ପ୍ରେରଣାର ଉତ୍ସ ।
ଗୁରୁହେ ଜ୍ଞାନର ତୁମେ ଭଣ୍ଡାର...
ତୁମ ଶ୍ରୀଚରଣେ ପ୍ରଣତି ଢାଳୁଛି
ଘେନ ଶ୍ରଦ୍ଧା ପୁଷ୍ପ ମୋର ।୫

ଜ୍ଞାନ ବିତରିଲ ମଣିଷ ଗଢିଲ
ନୋହିଲ କେବେ କୃପଣ
ତୁମେ ଗୁରୁ ଶ୍ରେଷ୍ଠ ନମସ୍ୟ ପୂଜିତ
ସମାଜର ତୁମେ ଦର୍ପଣ ।
ଗୁରୁହେ ବଦାନ୍ୟତାର ସାଗର...

ତୁମ ଶ୍ରୀଚରଣେ ପ୍ରଣତି ଢାଳୁଛି
ଘେନ ଶ୍ରଦ୍ଧା ପୁଷ୍ପ ମୋର ।୬

ତୁମେ ପିତାମାତା ତୁମେ ବନ୍ଧୁ ସଖା
ବ୍ରହ୍ମା ବିଷ୍ଣୁ ମହେଶ୍ୱର
ତୁମେହିଁ ଭରସା ତୁମେହିଁ ଶକତି
ଆଶିଷର ବାରି ଧାର ।
ଗୁରୁହେ ମଣିଷ ଗଢାଳ କୁମ୍ଭାର...
ତୁମ ଶ୍ରୀଚରଣେ ପ୍ରଣତି ଢାଳୁଛି
ଘେନ ଶ୍ରଦ୍ଧା ପୁଷ୍ପ ମୋର ।୭

କପସିଲ୍ (ତୁଷୁରା), ବଲାଙ୍ଗୀର
ମୋନଂ -୯୯୩୮୮୧୯୪୧୨

# ଗୁରୁ ମୋକ୍ଷ ରୂପକ ମାର୍ଗ ଦେଖାଉଥିବା ମଣିଷ



ବିଜ୍ଞାନ ରଞ୍ଜନ ସାହୁ

ମୃତ୍ତିକା ପିଣ୍ଡୁଳା ମୁଁ, ସେ ଭବ ମୂର୍ତ୍ତି କାରିଗର । ଜନ୍ମ ଯେମିତି ସତ୍ୟ ମୃତ୍ୟୁ ମଧ୍ୟ ଅଟଳ ବାସ ସେଇ କ୍ଷଣିକ ମୁହୂର୍ତ୍ତ ଯାହା ଜନ୍ମକୁ ସାର୍ଥକ କରେ ତାର ସଠିକ୍ ମାର୍ଗଦର୍ଶକ, ଛାତ୍ର ଜୀବନର ଲେଖକ, ନିର୍ଦ୍ଦେଶକ, ଦର୍ଶକ ଓ ବିଗ୍ରହକ, ଅଜ୍ଞାନର ଏଇ ଅଗଭୀର ଅତଳ ସମୁଦ୍ର କୂଳରେ ଜ୍ଞାନ ରୂପକ ନାଉରୀ, ଅଜ୍ଞାନର ଘୋର ଅନ୍ଧକାର ମଧ୍ୟରେ ଉଜ୍ଜ୍ୱଳ ଅଗ୍ନି ଶିଖା, ଯୁଗେ ଯୁଗେ ଚିର ବନ୍ଦନୀୟ ସେ ବାସ୍ତବିକ ସମାଜର ରକ୍ତ ମାଂସ ଗଢା ମାନବ ରୂପି ଈଶ୍ୱର । ସେ ଗୁରୁ, କେବେ ଆକଟ ଭରା କଠୋର ଅନୁଶାସନତ ପୁଣି କେବେ ଉତ୍ସାହପ୍ରଦ ପ୍ରେରଣାର ଉଚ୍ଛ, ସାଧାରଣକୁ ଅସାଧାରଣର ମୁକୁଟ ପିନ୍ଧାଇ ବାରେ ଧୂରନ୍ଧର କୁଶଳୀ କାରିଗର, ପାଠ ହେଉ କି ସାଠ ପ୍ରତିଟି କ୍ଷେତ୍ରରେ ପ୍ରତି ମୂହୁର୍ତ୍ତରେ ଆଗମୀ ପାଦ ପାଇଁ ଉଚିତ୍ ପଥ ପଦର୍ଶକର ଭଣ୍ଡାର ..ସେ ଗୁରୁ। ମଣିଷ ଜୀବନ ଏକ ସୁନ୍ଦର ସରସ ଏବଂ ସ୍ୱତନ୍ତ୍ର ଯାତ୍ରା, ଏହାକୁ କିଏ ରୋମାଞ୍ଚ ଭରା କାହାଣୀ କୁହେ ତ ଆଉ କିଏ ଲକ୍ଷ୍ୟ ହୀନ ପଥ ଭାବେ । ଜନ୍ମ ପରଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷ ଯେଉଁ ସଂସାରରେ ବାସକରେ ସେଇଠି ତାରି ଭଳି ଅନେକ ମଣିଷ ବସ ବାସ କରନ୍ତି ତାହାକୁ ଆମେ ସମାଜ କହୁ। ଏଇ ସମାଜରେ ମଣିଷ ମଣିଷ ଭିତରେ ସମନ୍ୱୟ ରକ୍ଷା କରି ବଞ୍ଚିବା ପାଇଁ ଶିକ୍ଷା ଏକ ମାତ୍ର ମାଧ୍ୟମ ଯାହା ସମାଜରେ ମଣିଷକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥାଏ । ପୃଥିବୀ ସୃଷ୍ଟି ହେଲା ପରଠାରୁ ଶିକ୍ଷାର ବିଶେଷ ଭୂମିକା ରହିଛି। ଏଇ ଶିକ୍ଷା ଆମ କୁ ସମୟ ଅନୁସାରେ ଅନେକ ଉତ୍ସ ରୁ ମିଳଥାଏ । ପ୍ରତ୍ୟେକଙ୍କ ଜୀବନର ପ୍ରଥମ ଗୁରୁ ମା, ସୃଷ୍ଟି ତାଙ୍କ ଠୁ ହୋଇଥାଏ ପ୍ରଥମ ଶିକ୍ଷ୍ୟା ମଧ୍ୟ ତାଙ୍କଠୁ ଭି ମିଳଥାଏ ମାଆଙ୍କ ପରେ ଯିଏ ଦୁନିଆ ସହ ପିଲାଟିର ପରିଚୟ କରାନ୍ତି ସେ ହେଉଛନ୍ତି ଶିକ୍ଷା ଗୁରୁ। ଯିଏ ଆମକୁ ଶିକ୍ଷା ଦାନ କରନ୍ତି। ପିତାମାତାଙ୍କ ପରେ ସେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇଥାନ୍ତି। କୁହା ଯାଏ ଏକ ଶିଶୁ ପାଇଁ ଘର ହେଇଛି ପ୍ରଥମ ବିଦ୍ୟାଳୟ ଆଉ ବିଦ୍ୟାଳୟ ହେଉଛି ଦ୍ୱିତୀୟ ଘର, ବାପ-ମା ହେଉଛନ୍ତି ପ୍ରଥମ ଗୁରୁ ଆଉ ଶିକ୍ଷକ ହେଉଛନ୍ତି ଦ୍ୱିତୀୟ ବାପା ମା ।

ଖଡ଼ି ଧରି ପାଠ ପଢ଼ାଇଥିବା ଲୋକଟେ ଯେ ଗୁରୁ ତାହା ନୁହେଁ, ଶିକ୍ଷା ପ୍ରଦାନକାରୀ ଯେ କେହି ଗୁରୁ ପଦବାଚ୍ୟ। 'ଗୁ' ଶବ୍ଦର ଅର୍ଥ ହେଲା ଅନ୍ଧାର ଓ 'ରୁ' ଶବ୍ଦର ଅର୍ଥ ହେଲା ଆଲୁଅ । ଯିଏ ଅନ୍ଧାରରୁ ଆଲୁଅକୁ ବାଟ କଢ଼େଇ ନଅନ୍ତି, ତାଙ୍କୁ ଗୁରୁ ବୋଲାଯାଏ । ଆଧୁନକ ଭାରତରେ ଗୁରୁ ଶବ୍ଦକୁ ମୁଖ୍ୟତଃ ଶିକ୍ଷକ ହିସାବରେ ବ୍ୟବହାର କରାଯାଉଛି । ଗୁରୁ ଗୀତାରେ କୁହାଯାଇଛି ଯିଏ ଗୁ(ଗୁଣମୁକ୍ତ) ଓ ରୁ (ନରାକାର) ସେ ହେଉଛନ୍ତି ଗୁରୁ। ଗୁରୁ ବିନା ମଣିଷ କୌଣସି ଜ୍ଞାନଲାଭ କରିବା ଅସମ୍ଭବ। ସ୍ୱୟଂ ବିଶ୍ୱ ନୟନ୍ତା ଭଗବାନ ଶ୍ରୀ କୃଷ୍ଣଙ୍କର ମଧ ଲୀଳାରେ ଗୁରୁଙ୍କ ଅଭିନୟ ଅବର୍ଣ୍ଣନୀୟ ଥିଲା । ଭକ୍ତ କବି ଜଗନ୍ନାଥ ଦାସ ଶ୍ରୀମଦ୍ ଭାଗବତରେ ଉଲ୍ଲେଖ କରିଛନ୍ତି ଗୁରୁ ନଥାଇ ସଦ୍ ଜ୍ଞାନ କାହୁଁତୁ ପାଇବୁ ଅର୍ଜୁନ । ସନ୍ଥ କବି କବିରଙ୍କ ମତରେ ଯଦି ଗୁରୁ ଓ ଇଶ୍ୱର ଉପସ୍ଥିତ ହୁଅନ୍ତି ତେବେ ମୁଁ ପ୍ରଥମେ ଗୁରୁଙ୍କୁ ହିଁ ପ୍ରଣାମ କରିବି କାହିଁକି ନା ମତେ ଗୁରୁ ହିଁ ଇଶ୍ୱରଙ୍କ ପରିଚୟ ପ୍ରଦାନ କରିଛନ୍ତି ସେ ହିଁ ମୋ ମନରେ ଇଶ୍ୱର ବିଶ୍ୱାସ ଜଗେଇଛନ୍ତି । ପୃଥିବୀ ପୃଷ୍ଠରେ ଥିବା ସବୁ ଦେଶ ମଧ୍ୟରୁ ସଂସ୍କୃତି ଓ ପରମ୍ପରାକୁ ନେଇ ସବୁଠି ପ୍ରସିଦ୍ଧି ଲାଭ କରିଥିବା ମୋ ଦେଶ ଭାରତରେ ପ୍ରତ୍ୟେକ ଦିନର କଛି ନା କଛି ମହତ୍ତ୍ୱ ଥାଏ ସେହି ଭଳ ଭାବେ ଗୁରୁଙ୍କୁ ସମ୍ମାନ ଦେବା ପାଇଁ ଗୁରୁଙ୍କ ଉଦ୍ଦ୍ୟେଶ୍ୱରେ ପ୍ରତିବର୍ଷ ସେପ୍ଟେମ୍ବର ମାସ ୫ ତାରିଖକୁ ଗୁରୁ ଦିବସ ଭାବେ ପାଳନ କରାଯାଏ । ଏହି ଦିନ, ଏକଧାରରେ ଜଣେ ଶିକ୍ଷକ, ଶିକ୍ଷାବିତ୍, ଦାର୍ଶନକ ଏବଂ କୂଟନୀତିଜ୍ଞ, ଭାରତର ପ୍ରଥମ ଉପ-ରାଷ୍ଟ୍ରପତି ଏବଂ ଦ୍ୱିତୀୟ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମ ଦିବସ । ଶିକ୍ଷା ପ୍ରତି ତାଙ୍କର ଅତୁଳନୀୟ ଅବଦାନକୁ ମନେ ରଖିବା ପାଇଁ ତାଙ୍କ ଜନ୍ମଦିନକୁ ଗୁରୁ ଦିବସ ଭାବେ ପାଳନ କରାଯାଏ ।

ଆଧୁନକ ଯୁଗରେ ଧର୍ମ, ସଂସ୍କୃତି, ପରମ୍ପରା ଓ ଅନୁଶାସନକୁ ଆଗମୀ ପିଢ଼ି ପାଇଁ ଉଜ୍ଜୀବିତ କରି ରଖିବାରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । କନ୍ତୁ ଆଜିକାଲିର ଗୁରୁ ଆଉ ଆଗ ଭଳ ସମ୍ମାନତ ନାହାଁନ୍ତି । ଆଧୁନକତାର ସ୍ପର୍ଶରେ ଏବେ ଗୁରୁଙ୍କ ପ୍ରତି ଭକ୍ତି ଲୋକଦେଖାଣିଆ ହେବାରେ ଲାଗିଛି କେବଳ ସେପ୍ଟେମ୍ବର ମାସ ୫ ତାରିଖ ପଡ଼ିଲେ ମନେପଡେ ଗୁରୁ ଦିବସ କେତେକ ଛାତ୍ର ଗୋଟେ ଦିନ ଛୁଟି ପାଇଁ ଖୁସି ଥାଆନ୍ତି ତ ଆଉ କେତେକ ବିଦ୍ୟାଳୟରେ ଭଲ ମଜା ମସ୍ତି ପାଇଁ କନ୍ତୁ ବାସ୍ତବିକ ଗୁରୁ ଭକ୍ତି ଆଉ ନାହିଁ । ବର୍ତ୍ତମାନ ଆଧୁନକ ମଣିଷମାନଙ୍କର ଏକ ଅବିଚ୍ଛେଦ୍ୟ ଜରୁରୀ ଅଙ୍ଗ ମଧ୍ୟରୁ ମୋବାଇଲ ଅନ୍ୟତମ। ପିଲା ଠୁ ବୁଢ଼ା ଯାଏ ମୋବାଇଲ ନହେଲେ ବଞ୍ଚିବା କଷ୍ଟ । ଇଣ୍ଟର୍ନେଟ୍ ଏବେ ଆଧୁନକ ଗୁରୁର ସ୍ଥାନ ନେଇଛି ଯାହା କ ଗୁଗୁଲ୍ ଗୁରୁ ନାମରେ ବେଶ୍ ପରିଚତ । ଶୀଘ୍ର ଜ୍ଞାନ ପ୍ରଦାନକାରୀ ଗୁଗଲ ହିଁ ଆଜିର ଆଧୁନକ ଗୁରୁ । ଆଧୁନକ

ଯୁଗରେ ଛାତ୍ର ଛାତ୍ରୀ ଗୁରୁଦିବସ କେତେ ତାରିଖରେ ପଡେ ତାହା ମଧ୍ୟ ଏଇ ଗୁଗଲରେ ଖୋଜନ୍ତି । ପୁରାତନ ଯୁଗରେ ଶିଷ୍ୟର ନିଷ୍ଠା ଗୁରୁଭକ୍ତି ଓ ନିରନ୍ତର ସେବା ମନୋଭାବ ହିଁ ଥିଲା ଗୁରୁ ଦକ୍ଷିଣା କିନ୍ତୁ ଆଜିର ଆଧୁନିକଯୁଗରେ ସମୟ ସ୍ରୋତରେ ସମାଜର ଆବଶ୍ୟକତା ଅନୁଯାୟୀ ବଦଳ ଯାଇଛି ଶିକ୍ଷାର ପରିଭାଷା । ଟଙ୍କା ପଇସା ବଦଳରେ ଶିକ୍ଷାର ବଜାରରେ ଚାଲିଛି ଅଭିଭାବକ ଓ ସଂସ୍ଥାଙ୍କ ମଧ୍ୟରେ କିଣା ବିକା । କ୍ଷୁର୍ଣ୍ଣ ହେଉଛି ଶିକ୍ଷାର ମୂଲ୍ୟ ଓ ଶିଷ୍ୟଙ୍କର ଶିକ୍ଷା ପ୍ରତି ସମର୍ପିତ ଭାବ।

ସମାଜରେ ଶିକ୍ଷକ ହେବା ଏତେ ସହଜ ନୁହେଁ । ଛୋଟ ବେଳୁ ଶିକ୍ଷକ ପରିବାରରେ ମୋର ଜନ୍ମ ବାପା- ମା ଦୁହେଁ ଶିକ୍ଷକ କ୍ରମଶଃ ବଡ଼ ଭାଇ ମଧ୍ୟ ଶିକ୍ଷା ବୃତ୍ତି ଆପଣେଇଛନ୍ତି। ଛୋଟ ବେଳେ ଯେବେ ଗାଁ କମ୍ପା ଅଜଣା ଲୋକ କଏ ଆମ ପ୍ରତି ଜାଣତରେ କି ଅଜାଣତରେ କିଛି ଦୁର୍ବ୍ୟବହାର କରେ ବାପା କ୍ରୋଧ ନକରି ଶାନ୍ତ ମନରେ ତାଙ୍କୁ ବୁଝାନ୍ତି ଆଦର ମଧ୍ୟ କରନ୍ତି । ଛୁଆ ବେଳୁ ମୋର ଗୋଟାଏ ପ୍ରଶ୍ନ ଆମର କିଛି ଭୁଲ ନାହିଁ ଆପଣ ତାଙ୍କୁ କାହିଁକି କିଛି କହିଲେନି ଆଉ ସବୁବେଳେ ସେଇ ଗୋଟାଏ ଉତ୍ତର ବାବାରେ ଆମେ ଶିକ୍ଷକ, କ୍ରୋଧର ବଶବର୍ତ୍ତୀ ହେବା ଶିକ୍ଷକର ଧର୍ମ ନୁହେଁ ନୁହେଁ । ଜଣେ ଶିକ୍ଷକ ଆଦର୍ଶ, ନୀତିନିଷ୍ଠ, ସଚ୍ଚୋଟ, କର୍ତ୍ତବ୍ୟପରାୟଣ, ସମୟାନୁବର୍ତ୍ତୀ, ସମଦର୍ଶୀ ଗୁଣ ବହନ କରୁଥିବା ବ୍ୟକ୍ତି । ସେ ଯଦି କ୍ରୋଧ ବଶବର୍ତ୍ତୀ ହୋଇ ଝଗଡ଼ା କରିବ ତେବେ ସମାଜରେ ଶାନ୍ତି ଆସିବ କିଭଳି । ଶିକ୍ଷା, ଶିଷ୍ୟ ଓ ସମାଜ ପ୍ରତି ସମର୍ପିତ ଭାବନା ହିଁ ଶିକ୍ଷକକୁ ମହାନ କରିଦିଏ । ବିଭିନ୍ନ ଜାଗାରେ ଗୁରୁ ଶିଷ୍ୟ ପରମ୍ପରା ଆଜିବି ବଞ୍ଚିଛି, ଏକ ପବିତ୍ର ଅନୁଭବ ଯାହା ଆଧୁନିକତାର ଆଢୁଆଳରେ କେବେ ଲୁଚ ପାରେନା ଏହାର ସ୍ଥାନ ସବୁ ବେଳେ ସ୍ୱତନ୍ତ୍ର ଅଟେ । ଶେଷରେ, ଅନ୍ଧାରରେ ଥିଲି ଅଲୋକ ଦେଖିଲି ଗୁରୁ ଖୋଲିଦେଲେ ମୋ ଆଖି, ମୋହୋ ମାୟା ଭରା ଏହି ଜଟିଳ ଦୁନିଆକୁ ତାଙ୍କ ପାଇଁ ଆଜି ମୁଁ, ସହଜରେ ପାରେ ଦେଖି। ଗୁରୁଙ୍କ ପାଇଁ ଆଜି ଏଇ ସମାଜରେ ଯେଉଁ କଞ୍ଚିତ ପରିଚୟ ମୋର, ତାଙ୍କ ନିକଟରେ ଆଜୀବନ ଚିରଋଣି ମୁଁ ଗୁରୁଙ୍କ ପାଦ ତଳେ ମୋର କୋଟି କୋଟି ନମସ୍କାର । ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁ ଦେବ ମହେଶ୍ୱର, ଗୁରୁ ସାକ୍ଷାତ ପରମବ୍ରହ୍ମ ତୈସ୍ମୈସେ ଗୁରବେ ନମଃ' ।

କୃଷି ସ୍ନାତୋତ୍ତର,
ମୃତ୍ତିକା ବିଜ୍ଞାନ, ଓୟୁଏଟି, ଭୁବନେଶ୍ୱର

# ଭଙ୍ଗା ଯୌବନରେ ଆଭିଜାତ୍ୟର ରଙ୍ଗ

ଅଧ୍ୟାପକ ବିପ୍ଳବ କିଶୋର ରଥ

ଭଙ୍ଗା ଯୌବନ କୁ ନେଇ ବି ଏଠି ରାତି ପାହେ
ରାତ୍ରିର ଅନ୍ଧକାରରେ ସହବାସର ସରୀସୃପ
ଗ୍ରେରାଇ ନଏ ଦେହର ମାଦକତା କୁ...

ଉଷା ଉଷସୀ ର ମଧ୍ୟ ଭାଗରେ
ଚେଇଁ ଉଠିଥିବା ଦାମ୍ପତ୍ୟ ର ପାଣିକାଚ
ଭାଙ୍ଗିଯାଏ କଛି ଆଭିଜାତ୍ୟର ନିହଣ ମୁନରେ...

ପେଟ ତଳର ତାତି, ଛାତି ଭିତର କୋହକୁ
ସାଉଁଟିବାକୁ  ଏଠି କେହି ମିଳନ୍ତୁ କି ନ ମିଳନ୍ତୁ
ଦେହର ଲାଳସାକୁ ଚରିତାର୍ଥ  କରିବାକୁ
ବହୁ ବୀରପୁରୁଷ ଙ୍କ ପଦଚିହ୍ନ ମିଳେ..

ମିଛ ଚୁମ୍ବନ ରେ ଥାଏ କେତେ ସ୍ୱପ୍ନ
ସେହି ଚୁମ୍ବନ ର କରାଳ ଗର୍ଭରେ ଲୁଚଯାଏ କେତେ ରାତି
ଏଠି ରାତି ସରେନ ରାତିର ଆଢୁଆଳରେ
ଅଜଗର ଭୂମିସାତ୍ କରେ ନିରୀହ ହରିଣ କୁ...

ଏଠି ଡଷ୍ଟବିନ୍ ର ଏନ୍ତୁଡି ଭିତରୁ
କାନ୍ଦୁଥାଏ ଭେକର ଭରତ
ତଥାପି ଏଠି ରାତି ସରେନ
ତଥାପି ଦାମ୍ପତ୍ୟ ର ପାଣିକାଚ ଭାଙ୍ଗେନ
କେବଳ କଛି ପାପର ପ୍ରତିମା ଛାଡ଼ି ଚାଲିଯାଏ
ତା କଳା କାରନାମା ର ବିଭୂତି
ପୁଣି ରାତି ପାହିଯାଏ ଭଙ୍ଗା ଯୌବନ କୁ ନେଇ ...

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସ୍ଥିତିପ୍ରଜ୍ଞା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର

# ଜୀବନ



ବୀରକିଶୋର ନାୟକ

ଜୀବନ ନୁହଁଇ ଯନ୍ତ୍ରଣାର ଘର
ନୁହେଁ ବେଦନାରେ ସିକ୍ତ,
ସକଳ ସୁଖର ଅସରା ସୁଷମା
ଦୁଖେ କରେ ପରାହତ ।
ମଣିଷ ଦେହରେ ରହିଛି ଶକତି
ଅନ୍ତରରେ ସ୍ନେହ ପ୍ରୀତି,
ପରକୁ ଆପଣା କରିପାରେ ସିଏ
ଉଚ୍ଚମନା ତାର ମତି ।
ଅନ୍ୟର ଦୁଃଖରେ ଦୁଃଖୀ ହୋଇପାରେ
ଅନ୍ୟ ସୁଖେ ସୁଖୀ ହୁଏ,
ଏଇତ ହେଉଛି ମଣିଷ ପଣିଆ
ଇଚ୍ଛା ବଳେ ଗଢ଼ାଯାଏ ।
ମଣିଷ ମଧ୍ୟରେ ନାହିଁ ଭେଦାଭେଦ
ସଭିଙ୍କ ରକତ ଏକା,
ସଭିଙ୍କର ଇଚ୍ଛା ସୁଖେ ବଞ୍ଚିବାକୁ
ଦୁଃଖ ନୁହେଁ ଭାଗ୍ୟେ ଲେଖା ।

ସହଯୋଗ ପାଇଁ ସମାଜ ତିଆରି
ମଣିଷର ଇଚ୍ଛା ବଳେ,
ସମାନତା ଏଠି ଗଢ଼ା ହୋଇଥିଲା
ମହାନ ହୃଦୟ ତଳେ ।
ଗଛତଳେ ଆଜି ମଣିଷ ରହୁଛି
ହାତେ ଧରେ ଭିକ୍ଷା ଥାଳ,
ଅଇଁଠା ପତ୍ରରୁ ଖାଦ୍ୟ ଖୁଣ୍ଟି ଖାଏ
ପାଏ ନାହିଁ ସ୍ୱଚ୍ଛ ଜଳ ।
ଏମିତି ସମାଜ ଗଢ଼ିହିଁ ଯେ ନଥିଲେ
ଯେଉଁମାନେ ଗଢ଼ିଥିଲେ,
ମଣିଷ ଗଢ଼ିହିଁଲେ ଭାଙ୍ଗିଦେବ ଏହା
ନିଜ ଶକତିର ବଳେ ।

ଖଣ୍ଡବନ୍ଧ, ଢେଙ୍କାନାଳ

# ମରୁଆ



ବିଶ୍ୱ ରଞ୍ଜନ ମହାନ୍ତି

ଦେହଟି ଶୁଖିଲା, ମୁହଁ ଜାଲବୁଣା, ହାତ ଶିରାଳ, ଆଖି କୋରଡ଼ିଆ । ପିନ୍ଧିଛି ଛିଣ୍ଡା ଦର ମଇଳା ଶାଢ଼ିଟିଏ । ବୟସ ସହିତ ଉପବାସ ତାକୁ ରୋଗୀଣା କରିଦେଇଛି । ନାରୀଟିଏ ର ଏଇ ଆକୃତି ଭିତରେ କେବଳ ପେଜୁଆ ଦୁଇଟି ଉଦାସ ଆଖି ତାକୁ ଆଉଥରେ ଚାହିଁ ଦେବାର ଅବକାଶ ସୃଷ୍ଟି କରିଥାଏ । ସେ ଚାଲେ ଦୌଡ଼ିଲା ପରି । ପବନରେ ଶୁଖିଲା ପତ୍ରଟିଏ ମାଟିରେ ଏଠିସେଠି ପଡ଼ି ଉଠି ଉଡ଼ିଗଲା ପରି... ।

ମରୁଆ ଏତିକ ମାତ୍ର ତା'ର ନାଁ । ତାକୁ ସମସ୍ତେ ଏଇ ନାଁ ସହିତ ନଜଆଡୁ  ସମ୍ପର୍କ ଯୋଡ଼ି ଡାକଥାନ୍ତି ମରୁଆ ନାନୀ, ମରୁଆ ଅପା, କଏ ଡାକନ୍ତି ମରୁଆ ମାଉସୀ... । ସେ ସବୁ ପୁରୁଷଙ୍କୁ ହେଇଟି ବାପା ଓ ସବୁ ମହିଳାଙ୍କୁ ହେଇଟି ମାଆ ବୋଲି ସମ୍ବୋଧନ କରେ ।

ମରୁଆ ର ଅତୀତ ଥିଲା ଶ୍ୟାମଳ, ଏବେ ତାହା ଧୂସର ହୋଇଗଲାଣି । ବର୍ତ୍ତମାନ ମରୁକାନ୍ତାରେ... ଭବିଷ୍ୟତ ଗାଢ଼ ଅନ୍ଧକାର.... ।

ତଥାପି ସେ ଥିଲାବାଲା ଠାରୁ ମୂଲ ନ ପାଇଁ ବାହୁଡ଼ି ଆସିଲା ବେଳେ ମନକୁ ବୁଝେଇ ଦେଇ କୁହେ -ହଁ ବା ଗିନାଏ ପଖାଳ ଅଛିତ  ! ସେ ପୁଅ କଣ ମୂଲ ବୁଡ଼େଇବ ?

ତଥାପି ସେ ନଥିଲା ବାଲା ର ଲୋଡ଼ା ପଡିଲେ ମୂଲ ଦୁଡ଼ି ତାକୁ ସାହାଯ୍ୟ କରିବାକୁ ଯାଏ । ସିଏ କୃତଜ୍ଞତା ଦେଖେଇ ପଖାଳ କ ଭୁଜା ଗଣ୍ଡେ ଯାଚଲେ ମରୁଆ କୁହେ -ଯା ବା ତୋ

ପେଟରେ ପଛେ ମାଙ୍କଡ ନାଚ କରୁଥାଉ, ଦାତା ହରିଶ୍ଚନ୍ଦ୍ର ହଉଛୁ । ମୁଁ ଘଟି କଣ ଦିଟା ପାଟିରେ ପକେଇ ଦେବି । ତୁ ଥା.... ।

ଅସ୍ତ ସୂର୍ଯ୍ୟ ଙ୍କୁ ପ୍ରଣାମ କରିସାରି ଗ୍ତିକୁ ସଞ୍ଜ ଦୀପରେ ବନ୍ଦେଇ ସେ କହେ -ମା ପୁରୁ ! ଭଲରେ ଭଲରେ ଦିନଟା କଟେଇଦେଲ ।

ତିରିଶ ବର୍ଷ ତଳେ ଗେରସ୍ତ ଥିଲେ । ହୃଦାନନ୍ଦ । ସେ ଥିଲ୍ ଗୋପାଳ ହୃଦାନନ୍ଦ ଙ୍କର ନୂଆ ବାହା ତିରିଲ୍ । ମଗ୍ଳୀ । ମଗ୍ଳୀ ସାଗ୍ଦିନ ତନ୍ତିଘର କଣ୍ଡାପରି ଘୁରିବୁଲି ଘର, ତୁଠ, ଗୋଠ ସମ୍ଭାଳୁଥିଲ୍ । ତା ହାତରନ୍ଧା ଭଲ ବୋଲି ବଡ଼ ଯାଆ ହାଣ୍ଡିଶାଳ ମାଡୁନଥିଲେ । ତାକୁ ଗାଇ ଗୋରୁ ଭଲ ପାଆନ୍ତି ବୋଲି ଯାଆ ଗୋଠ ଆଡ଼େ ଗ୍ହୁଁ ନଥିଲେ। ହୃଦାନନ୍ଦ ତା ଠାରୁ ପରମାନନ୍ଦ ପାଇଥିଲେ । ବାର ବରଷରେ ଛଅ ଟି ଝିଅ ମାଟି ଛୁଇଁଥିଲେ ।

ଗୋପାଳେ ସାତଟି କନ୍ୟାଦାନର ସ୍ୱପ୍ନ ପୁର୍ କରି ନପାରି ଗ୍ଲି ଯାଇଥିଲେ । ତାଙ୍କ ସହିତ ଘରର ଏକତା, ନଜ ଅଂଶର ବିଲ ବାଡ଼ି ଗହଣା ଗାଣ୍ଠି, ଗଛ ମାଛ ଯାନ ଆସନ ସବୁ ଗ୍ଲିଗଲ୍ ।

ଭଲମନ୍ଦ ହୋଇ ଛଅ ଟି ଯାକ ଝିଅ କୋଉଠି ଦାଣ୍ଡ ବାହା କୋଉଠି ଦୁଆର ବାହା ହୋଇଗଲେ । ତାଙ୍କ ଚଉଠି ଗ୍ନ୍ଦ ଠାରୁ ପିଲ୍ପିଲିଙ୍କ ଏକୋଇଶା, ଜନ୍ମଦିନ ପର୍ଯ୍ୟନ୍ତ ସବୁ ଉତ୍ସବ ସମ୍ଭାଳୁ ସମ୍ଭାଳୁ ସେ ମଗ୍ଳୀ ଦେଈରୁ ମଗ୍ଳୀ ଦିବ୍ୟା ଶେଷକୁ ମରୁଆ ବେଓ୍ୱା ପାଲଟି ଗାଇ ଗୋଟିଏର ସଂସାର ନେଇ ଏକୁଟିଆ ହୋଇ ପଡିଥାଏ । ଗୋଟିଏ ବଖର୍ ଘରେ ଗାଇ ବାଛୁରୀ ସହିତ ସେ ରହେ ।

ଏବେ ମରୁଆ ସକାଳୁ ଉଠି ନତ୍ୟକର୍ମ ସାରି ଗୁହାଳ ପୋଛେ, ଘର ପରିଷ୍କାର କରେ । ଦାଣ୍ଡରେ ସରକାରୀ ଗ୍ସ୍ତା କଡ଼ରେ ଗାଇ ବାନ୍ଧେ । ମୁହାଁଏ, ଦୁହେଁ । ମାଇଲିଏ ବାଟରେ ନାଗୁଆ କ୍ଷୀର ପହଞ୍ଚାଏ । ବାଟରୁ ଘାସ ସଂଗ୍ରହ କରିଆଣେ । ଗାଁ ସ୍କୁଲ ରେ ମଧ୍ୟାହ୍ନ ଭୋଜନ ଗ୍ନ୍ଧେଇ କରେ । ଦି ପହରେ ଗାଇଗୋଠ ନେଇ ପଡ଼ିଆକୁ ଯାଉ ଯାଉ ସାଙ୍ଗରେ ଗାଁର ଆଉ କେଇଟା ଗାଇ ଅଡ଼େଇ ନଏ । ଗୋଠରେ ଗୋବର ଗୋଟାଏ, ଜାଳ ସାଉଁଟି ଆଣେ । ସଞ୍ଜ

ହୋଇ ଆସିଲେ ଘରକୁ ଫେରେ । ଗାଈ ଦୁହିଁ ସାରି ଗ୍ରେଷେଇ କରେ । ସକାଳ ପାଇଁ ପଖାଳ ଯୋଗାଡ଼ କରେ ଖାଇପିଇ ସୋଇପଡ଼େ ।

କେବେ କେବେ ପଡିଶା ଘରୁ କଛି ସାହାଯ୍ୟର ବର୍ାଦ ଆସିଲେ ସେଠି ଟିଭି ରୁ ସମାଗ୍ଭର ଶୁଣେ, ପୌର୍ାଣିକ ଧାର୍ାବାହିକ ଦେଖେ । ଏଭଳ କେତୋଟି ବ୍ୟତିକ୍ରାନ୍ତ ଦିନ ବାଦ ଦେଲେ ମରୁଆ ବୁଢ଼ୀ ସ୍ୱୟଂ ରତୁ ପାଗ ମାସ ନର୍ବିଶେଷରେ ଅବିଶ୍ରାନ୍ତ କାମରେ ଲ୍ାଗିଥିବା ଦୃଶ୍ୟଟିଏ ପାଲଟି ଯାଇଥାଏ ।

ସେଦିନ ମରୁଆ ଗାଁ ସ୍କୁଲ ଶିକ୍ଷକଙ୍କ ହାତରେ ଗୋଟିଏ ପୁଟୁଳ ଧରେଇ ଦେଇ ନେହୁର୍ା ହୋଇ କହିଥିଲ୍ -ହେଇଟି ପୁଅ, ମନେକରି ଏଇ ଟଙ୍କା କେଇଟା ଯୁଧୁକୁ ବଟେଇଦେବ । ମୁଁ ମାଇପି ନୋକ, ଜାଣେ କଣ ? ତମେ ମାଷ୍ଟର ପୁଅ, ଗ୍ଭରିଚଛୁଆ ମରଦ ମଣିଷ । ମୋ ବାପ ଟା ପର୍, ବଟେଇଦେବ ।

ଶିକ୍ଷକ ପୁଟୁଳ ଖୋଲି ଦେଖିଲେ -ଗ୍ଭରିଟା ପଗ୍ଭଶ ଟଙ୍କା, ଗୋଟିଏ ଦଶ ଟଙ୍କିଆ ନୋଟ ମୁଠାଏ ହେବ ଗ୍ଭରଣି, ଆଣ୍ଠେଣି, ଟଙ୍କିକଆ.. ତା ସହିତ ଗୋଟିଏ ନାକ ଗୁଣା ।

ମରୁଆ ବୁଢ଼ୀ ତାର ସମସ୍ତ ସଞ୍ଚୟ ନଃଶେଷ କରିଦେଇଥିଲ୍ ।

ଶିକ୍ଷକ ଜାଣନ୍ତି -ସ୍କୁଲ ପିଲ୍ଙ୍କ ର୍ୋଷେଇ କରୁଥିବା ସତ୍ତ୍ୱେ ପିଲ୍ଙ୍କ ର୍ୋଷେଇ ରେ ଖାଉ ନଥିବା ଏଇ ବୁଢ଼ୀ ଜଣେ ନଆର୍ ମଣିଷ । ସେ ତାର ଧନକୁ ବର୍ତ୍ତମାନ ର ମୁଦ୍ରାରେ ବଦଳାଇ ପ୍ରଧାନମନ୍ତ୍ରୀ ଙ୍କ ରିଲିଫ ଫଣ୍ଡକୁ ପଠେଇ ଦେବାକୁ ନଷ୍ପତ୍ତି ନେଲେ ।

ସେତେବେଳେ କାର୍ଗିଲ କ୍ଷେତ୍ରରେ ଘମାଘୋଟ ଲଢ଼େଇର ଦିନ । ନାନା ପ୍ରକାର ରିଲିଫ ସହାୟତା ପାଇଁ ଆକାଶବାଣୀ ଦୂରଦର୍ଶନ ଜରିଆରେ ଜନତାକୁ ଅନୁର୍ୋଧ କର୍ାଯାଉଥାଏ ।

କେବେ ଦିନେ ମରୁଆ ବୁଢ଼ୀର କାନରେ ସମାଗ୍ଭର ପଡିଥିଲ୍ । ସେ ଲ୍ୋକଙ୍କ କଥାରୁ ଜାଣିଥିଲ୍ ଦେଶ ସୀମାରେ ଆମ ସୈନକ ମାନେ ମରଣପଣ କରି ଲଢୁଛନ୍ତି । ସେମାନଙ୍କୁ ସାହାଯ୍ୟ ଦରକାର । ସେ ସେଇଥିରେ ଉଦବୁଦ୍ଧ ହୋଇଥିଲ୍ । ହୃଦାନନ୍ଦ ଙ୍କ ଜୀବନ ଭରି ସଞ୍ଚୟ ଇଷଣ କଣରେ ବାଉଁଶ ନଳୀଟିଏରେ ପୋତି ଦେଇଥିଲ୍ । ତାହାକୁ ଛଅ ଝିଅ ଙ୍କ

ବାହାଘର ନଜ ବ୍ୟାଧୀ ରେ ସୁଦ୍ଧା କେବେ ଆଖି ପକେଇ ନଥିଲା । ତାହାକୁ ସେ ଦେଶ ରକ୍ଷା ପାଇଁ କାଢ଼ି ଦେଇଥିଲା ।

ସ୍କୁଲ ବାରଣ୍ଡାରେ ପଇଁତରା ମାରୁଥିବା ପଞ୍ଚମ ଶ୍ରେଣୀ ଛାତ୍ର ସତ୍ୟଜିତ ଏକଥା ଶୁଣୁଥିଲା । ସତ୍ୟଜିତ ଡିଆଁ ଟିଏ ମାରି ନଳବନ୍ଧରେ ଗ୍ଭଲିଯାଉଥିବା ମରୁଆ ବୁଢ଼ୀ ପାଖରେ ପହଞ୍ଚି ପଗ୍ଭରିଲା -ତୁ କାହିଁକି ଏତେ ଟଙ୍କା ଦେଇଦେଲୁ ? ଭ୍ରତ ସାର୍ ଏତେ ଲୋକ, ସେମାନେ ଦେବେନ ? ତୁ ପର୍ ଖାଇବାକୁ ପାଉନୁ ମାଉସୀ ?

ଚଗଲା ସତ୍ୟଜିତ ର ପ୍ରଶ୍ନରେ ମରୁଆ କଛି ପ୍ରତିକ୍ରିୟା ପ୍ରକାଶ କଲାନାହିଁ । କହିଲା - ଧନରେ! ସେମାନେ ସେଠି ଜୀବନ କୁ ବାଜି ନଗେଇ ଲଢେଇ କରୁଛନ୍ତି ବୋଲି ଆମେ ତମେ ଏଠି ଗ୍ଭତିରେ ନଶ୍ଚିନ୍ତ ରେ ଶୋଉଛେ ସିନା !! କେଯା ବା ଟଙ୍କା, ନାଗୁ ତାଙ୍କରି କାମରେ ?

ଶେଷ ଆଡକୁ ମରୁଆର କଣ୍ଠ ଭ୍ରି ହୋଇଯାଇଥିଲା କମ୍ପା ସତ୍ୟଜିତ କୁ ସେମିତି ଶୁଭିଲା ।

ନମ ବସନ୍ତ, ଜଟଣୀ

# କୃଷ୍ଣ ପ୍ରେମ ରସ

ଜୟନ୍ତୀ ଦେବୀ

ବାଳ ଗୋପାଳ ସୁରେଶ ଜପରେ ମାନସ ।
କୃଷ୍ଣ ପ୍ରେମରସ ପାନକର ଅହର୍ନିଶ ।।୧।।

ବାଳମୁକୁନ୍ଦ ଗୋବିନ୍ଦ କମଳା ବିଳାଶ ।
କୃଷ୍ଣ କେଶବ ବାମନ ପ୍ରଭୁ ହୃଷୀକେଶ ।।୨।।

ଜପ ରାମ କୃଷ୍ଣ ହରି ଯତନେ ବିଦୂଷ ।
କର ଭାବ ହରି ସାଥେ ହରିବ କଳୁଷ ।।୩।।

ନରହିବ ଅଙ୍ଗେ ତୋର କେବେ କଳମଶ ।
ବାଳ ଗୋବିନ୍ଦ ମାଧବ କେଶବ ସୁରେଶ ।।୪।।

କୃଷ୍ଣ କୃଷ୍ଣ ଚନ୍ଦ୍ର ସୁଧି କୃଷ୍ଣ ଜଗଦୀଶ ।
ଚନ୍ଦ୍ରାକର ସୁଜ୍ଞାନର ଶ୍ରୀ ଜଗନ୍ନିବାସ ।।୫।।

କଲେ ଭାବ ଗୋବିନ୍ଦରେ ଦୁଃଖ ରାଶି ନାଶ ।
ମିଳେ ପରମ ଆନନ୍ଦ ମନରେ ସନ୍ତୋଷ ।।୬।।

ରାଧାସ୍ୱାମୀ ଅନ୍ତର୍ଯ୍ୟାମୀ ମୋ ଜୀବନ ଈଶ ।
ବରଦ ଶୁଭଦ କୃଷ୍ଣ ସୁଖଦ ଅଶେଷ ।।୭।।

ମାର୍ଫତ୍ - ଡଃ ଅର୍ଜୁନ ଚରଣ ବାରିକ୍
ମହୁ,ଆଳ,କେନ୍ଦ୍ରାପଡା

# କାହାର ଏ ଦେଶ



ଜିତେନ୍ଦ୍ରିୟ ବେହେରା

ହାପି ଦାସ
ଆଜି ବି ତା ମୁହଁ ସାରା
ବହଳ ଉଦାସ ।

ପଚାରିଲା ଭାଇ
ଆଉ କ'ଣ ଦେଶ ମୋର
ସୁଧୁରିବ ନାହିଁ ।

ଶହେ ପାର ପେଟ୍ରୋଲ ଦଅର
ଡିଜେଲ ବି ଅଟେ ବରାବର
ଦୁଷ୍କର୍ମ ର ଦରିଆରେ ବୁଡି ମରେ ଝିଅ
ଇଏ ବୋଧେ ଆମ ଦେଶ ନୁହଁ
ଦେଖୁନ ଦେଖୁନ, ରକ୍ତ ର ରଙ୍ଗରେ ଏବେ
ହସି ଉଠେ ଗରୀବ ର ଲୁହ ।

ହାପି ଦାସ, କଅଁଳ ବୟସ
ଦିନରେ ସେ ଡ୍ରାଇଭର
ରାତି ହେଲେ ମାଗୁଥାଏ ନଜର ଆୟୁଷ ।

ରୋଗ ଲାଗି ନାହିଁ ଏଠି ଡାକ୍ତରଖାନା ଟେ
ଭୋକ ଲାଗି ନାହିଁ ପେଟ ପୁରା
ବିକାଶ ନାମରେ ଏଠି ସରକାର
ପିଟୁଛି ଢେଙ୍ଗୁରା,
ପିଢ଼ି ପରେ ପିଢ଼ି ଏଠି
ଅଶିକ୍ଷିତ ପାଲଟଇ ଧିରେ
କୁହ କୁହ ଭାଇ ମତେ
ଏ ଦେଶ କ ଆମର ସତରେ ।

ହାପି ଦାସ
ଆସ୍ତେ ଆସ୍ତେ ଭାଙ୍ଗି ଯାଏ
ତା ଭିତର ତରୁଣ ବିଶ୍ବାସ ।

ପଗ୍ଭରିଲା ହାପି ଦାସ ପୁଣି
ବେକାରୀ ର ଡାକ ତମେ ପାରୁଛି କ ଶୁଣି
ଶୁଣି କ ପାରୁଛି ତୁମେ ଦାଦନର କରୁଣ କ୍ରନ୍ଦନ
କୁହ ଭାଇ ଏ ଦେଶରେ
ତୁଛା କ'ଣ ମଣିଷ ଜୀବନ ।

ଦଙ୍ଗାରେ ମରୁଛି କଏ, କଏ ପୁଣି ମରୁଛି ସୀମାରେ
କଏ ପୁଣି ଗୁଳି ଖାଏ ହକ୍ ପାଇଁ ରାଜପଥ ପରେ
କଏ ପୁଣି ମରୁଥାଏ କାରାବାସେ ନ୍ୟାୟ ମିଳେ ନାହିଁ
ସତ କୁହ ଭାଇ ମତେ ଯାହା ଆମେ ପଢ଼ି ଥିଲେ ଦିନେ
ଇଏ ଜମା ସେ ଦେଶ ନୁହଁଇ ।

ଶ୍ୟାମଳ କ୍ଷେତରେ ଏବେ ମରୁଡ଼ି ର
ମହା ଅଭିଯାନ, ପୁଣି ସେ କ୍ଷେତରେ ଆସେ

ଘମାଘୋର ବନ୍ୟାର ପ୍ଳାବନ,
ଭୋକେ ମରେ ଋଷି ଏଠି, ମହାଜନ ଖାଉଥାଏ ଲୁଟି
ଧନୀ ର ସମ୍ପତ୍ତି ବଢେ, ଗରୀବ ର ପାଚଯାଏ ଚୁଟି

ଏତେ ଏତେ ଅସାମ୍ୟ ର ଦେଶ କେବେ ନୁହଁଇ ଭାରତ
କହୁ କହୁ ହାପି ଦାସ ଧରିଲ୍ ମୋ ହାତ
ପଗ୍ଚରିଲ୍ ଏ ବନ୍ଧନୁ ମୁକ୍ତି କେବେ ପାଇବ ଏ ମାଟି
କମ୍ବା ଗରୀବୁ ଗରୀବ ହେବ, ଧନୀ ସବୁ ଖାଉଥିବ ଲୁଟି ।

ହାପି ଦାସ
ଆଜି ବି ତା ମୁହଁ ସାର୍
ମେଞ୍ଚାଏ ଉଦାସ ।

ଡଭାର, ଗୋପ, ପୁରୀ- ୭୫୨୧୨୧

# ବଳାତ୍କାରୀଙ୍କ ନପୁଂସକୀକରଣ ଓ ନେଗେଟିଭ୍ ଇଉଜେନକ୍ସ



ଦୋଳଗୋବିନ୍ଦ ପଣ୍ଡା

ନିକଟରେ ପାକିସ୍ତାନ ସରକାର କ୍ୟାବିନେଟରେ ବଳାତ୍କାରୀଙ୍କ ବିରୋଧରେ ଦୁଇଟି ଅଧ୍ୟାଦେଶ ଜାରି କରିଛନ୍ତି। ସେଥିମଧ୍ୟରୁ ଗୋଟିଏ ହେଉଛି, ବଳାତ୍କାରୀଙ୍କ କେମିକାଲ କାଷ୍ଟ୍ରେସନ (ରାସାୟନିକ ନପୁଂସକୀକରଣ)। ସ୍ୱିଡେନ, ଡେନମାର୍କ ଓ କାନାଡାରେ କେମିକାଲ କାଷ୍ଟ୍ରେସନ୍ ବ୍ୟବସ୍ଥାର ପରୀକ୍ଷା କରାଯାଇଛି। ଏହାଦ୍ୱାରା ଅପରାଧ ହାରକୁ ୪୦ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇପାରିଛି। ତେଣୁ ଏ ପଦ୍ଧତିକୁ ଭାରତରେ ମଧ୍ୟ ଗ୍ରହଣ କରାଯାଇପାରେ। ତେବେ ଏହାର ପାର୍ଶ୍ୱପ୍ରତିକ୍ରିୟା ଦ୍ୱାରା ଅଷ୍ଟିଓପୋରୋସିସ୍, ଉଦାସୀନତା, ହୃଦ୍‌ରୋଗ ଏବଂ ରକ୍ତହୀନତା ଭଳି ରୋଗ ଦେଖାଦେଇପାରେ। ପୁଣି ଔଷଧର ପ୍ରଭାବ ସରିଗଲା ପରେ ବ୍ୟକ୍ତି ପୁନଃ ଯୌନକ୍ଷମ ହୋଇପାରେ। ତେଣୁ ଏହା ସ୍ଥାୟୀ ପ୍ରତିକାର ନୁହେଁ। ଆମ୍ଭ ମତରେ ଏପରି ଅପରାଧୀର ସ୍ଥାୟୀ ନପୁଂସକୀକରଣ କରାଯିବା ଉଚିତ। ତାହାଦ୍ୱାରା ଯୌନ ଅପରାଧ ହ୍ରାସ ପାଇବା ସହ ସମାଜରେ ଖରାପ ଲୋକଙ୍କ ସଂଖ୍ୟାବୃଦ୍ଧି ହେବ ନାହିଁ।

ସମାଜ କହିଲେ ମଣିଷମାନଙ୍କର ସମାହାରକୁ ବୁଝାଏ। ସମାଜରେ ଭଲ ମଣିଷଙ୍କ ସଂଖ୍ୟା ଯେତେ ଅଧିକ ହେବ ସମାଜ ସେତେ ଉନ୍ନତ ହେବ। ଏହା ଦୁଇଟି ଉପାୟରେ କରାଯାଇପାରେ: ୧- (କ) ଭଲ ମଣିଷଙ୍କ ଜନ୍ମହାର ବୃଦ୍ଧି, (ଖ) ଖରାପ ମଣିଷଙ୍କ ଜନ୍ମହାର ହ୍ରାସ, ୨- ଜନ୍ମ ହୋଇସାରିଥିବା ମଣିଷଙ୍କୁ ଶିକ୍ଷା, ଦୀକ୍ଷା ମାଧ୍ୟମରେ ଶୁଭ ସଂସ୍କାର ଓ ପାରିବେଶିକ ପୋଷଣ ଦେଇ ସେମାନଙ୍କୁ ଭଲରୁ ଆହୁରି ଭଲ କରିବା। ବୈଜ୍ଞାନିକ ଭାଷାରେ ଏହି ପ୍ରକ୍ରିୟାକୁ ଦୁଇଟି ନାମ ଦିଆଯାଇଛି - ଇଉଜେନିକ୍ସ (ସୁପ୍ରଜନନ) ଓ ଇଉଥେନିକ୍ସ (ପାରିବେଶିକ ପୋଷଣ ମାଧ୍ୟମରେ ଉନ୍ନୟନ)।

ବ୍ୟଷ୍ଟିକୁ ନେଇ ସମଷ୍ଟି, ବ୍ୟକ୍ତିକୁ ନେଇ ସମାଜ ଏବଂ ଜନକୁ ନେଇହିଁ ଜାତି ଗଠିତ ହୋଇଥାଏ। ତେଣୁ ଏହି ବ୍ୟଷ୍ଟି, ବ୍ୟକ୍ତି ବା ଜନର ଉନ୍ନତି ଉପରେ ହିଁ ସମଷ୍ଟି, ସମାଜ ବା ଜାତିର ଉନ୍ନତି ନିର୍ଭର କରେ। ଉନ୍ନତ ବ୍ୟକ୍ତି ବା ଜନ ଲାଭକରିବା ମୁଖ୍ୟତଃ ଦୁଇଟି ଜିନିଷ ଉପରେ ନିର୍ଭର କରେ: (୧) ସୁସଙ୍ଗତ ବୈଧୀ ବିବାହ ମାଧ୍ୟମରେ ଉତ୍କୃଷ୍ଟ ପୁରୁଷ ଓ ନାରୀର ମିଳନ କରାଇ ସେମାନଙ୍କଠାରୁ ଉନ୍ନତ ଜିନୀୟ ଗୁଣାବଳୀଯୁକ୍ତ ସୁସନ୍ତାନ ଜାତ କରାଇବା। (୨) ଜନ୍ମ ହୋଇସାରିବା ପରେ ସୁନ୍ଦର ପରିବେଶରେ ଉପଯୁକ୍ତ ଶିକ୍ଷା, ଦୀକ୍ଷା, ପାଳନ, ପୋଷଣ, ନିୟନ୍ତ୍ରଣ ଓ ପରିଚର୍ଯ୍ୟା ମାଧ୍ୟମରେ ସନ୍ତାନଟିକୁ ସୁନାଗରିକ କରି ଗଢ଼ି ତୋଳିବା। ଅତଏବ ଶିକ୍ଷା, ଶିଳ୍ପ, ସ୍ୱାସ୍ଥ୍ୟ, ନିରାପତ୍ତା, ସୁଶାସନ ଇତ୍ୟାଦିର ଯେପରି ଆବଶ୍ୟକତା ଅଛି, ସେହିପରି ଉନ୍ନତ ଜାତିଟିଏ ନିର୍ମାଣ କରିବା ପାଇଁ ଇଉଜେନିକ୍ସ ଓ ଇଉଥେନିକ୍ସର ଆବଶ୍ୟକତା ରହିଛି।

ଇଉଜେନିକ୍ସ ବା ସୁଜନନର ଲକ୍ଷ୍ୟ ହେଉଛି ସ୍ୱାଭାବିକ ଏବଂ ଉତ୍କୃଷ୍ଟ ଜନସଂଖ୍ୟାର ଶତକଡ଼ା ହାର ବୃଦ୍ଧି କରିବା ଏବଂ ତତ୍‌ସଂଗେସଂଗେ ଅସ୍ୱାଭାବିକ ଓ ନିକୃଷ୍ଟ ମଣିଷଙ୍କ ସଂଖ୍ୟା ହ୍ରାସ କରିବା। ଏହା ନିମ୍ନଲିଖିତ ଉପାୟରେ ସମ୍ଭବ ହୋଇପାରିବ।

**(କ) ପଜିଟିଭ୍ ଇଉଜେନିକ୍‌ସ:-**

ସୁସଙ୍ଗତ ଭାବରେ ଉନ୍ନତ ସ୍ପୃହଣୀୟ ବୀଜସମ୍ପଦର ବୃଦ୍ଧି କରିବା ହେଉଛି ପଜିଟିଭ୍ ଇଉଜେନିକ୍‌ସ୍‌ର କାର୍ଯ୍ୟ। ବାଞ୍ଛନୀୟ ଗୁଣାବଳୀର ଶତକଡ଼ା ହାରବୃଦ୍ଧି କେତେଗୁଡ଼ିଏ ଉପାୟ ଅବଲମ୍ବନଦ୍ୱାରା କରାଯାଇପାରିବ, ଯଥା:

**(୧) ଶିକ୍ଷା:** ଯୁବକଯୁବତୀମାନେ ବିବାହ ପୂର୍ବରୁ ମାନବୀୟ ଜୈବ-ବିଜ୍ଞାନ, ଜନନ-ବିଜ୍ଞାନ ଏବଂ ଯୌନବିଜ୍ଞାନ ବିଷୟରେ ଶିକ୍ଷାପ୍ରାପ୍ତ ହେବା ଆବଶ୍ୟକ। ସୁପ୍ରଜନନର ନିୟମାବଳୀ ସମସ୍ତେ ଜାଣିବା ଆବଶ୍ୟକ। ପିଲାମାନଙ୍କୁ ସ୍ୱାସ୍ଥ୍ୟରକ୍ଷାର ମୌଳିକ ନିୟମ ବିଷୟରେ ଶିକ୍ଷା ଦିଆଯିବା ଦରକାର ଏବଂ ସେମାନଙ୍କୁ ଦୈହିକ ଓ ମାନସିକ ଭାବରେ ସୁନ୍ଦର, ସୁସ୍ଥ ଶରୀରଗଠନ ନିମନ୍ତେ ଉତ୍ସାହିତ କରିବା ଆବଶ୍ୟକ। ଏକ୍ଷେତ୍ରରେ ପୁରୁଷ ଅପେକ୍ଷା ସ୍ତ୍ରୀ-ଶିକ୍ଷାର ଗୁରୁତ୍ୱ ଅଧିକ। କାରଣ ସୁପ୍ରଜନନ କ୍ଷେତ୍ରରେ ପୁରୁଷ ଅପେକ୍ଷା ନାରୀର ଭୂମିକା ଅଧିକ। ମନ୍ୱାଦି ଋଷିଗଣ ଏବଂ ପାଶ୍ଚାତ୍ୟ ବିଜ୍ଞାନୀମାନେ ମଧ୍ୟ ଏହି କଥାର ସମର୍ଥକ। ମନୁଙ୍କ ମତରେ- "ଅପତ୍ୟଂ ଧର୍ମକାର୍ଯ୍ୟାଣି ଶୁଶ୍ରୂଷା ରତିରୁତ୍ତମା।

ଦାର୍‌ଧୀନସ୍ତଥା ସ୍ୱର୍ଗଃ ପିତୃଣାମାତ୍ମନଶ୍ଚ ହ।।" (ମନୁ ୯/୨୮) ଅର୍ଥାତ୍ ସନ୍ତାନ, ଧର୍ମ, ଶୁଶ୍ରୂଷା, ଉତ୍ତମ ରତି ଏବଂ ପିତୃଗଣଙ୍କର ଓ ନିଜର ସ୍ୱର୍ଗ- ଏ ସମସ୍ତ ସ୍ତ୍ରୀ ଉପରେ ନିର୍ଭର କରେ। ଡାରଉ୍ଵିନ୍ କହିଛନ୍ତି- "ଗୋଟିଏ ପିଲ୍ ଜନ୍ମ ହୋଇ ପୃଥିବୀକୁ ଆସିବ କି ନାହିଁ, ତାହା ପୁରୁଷ ଅପେକ୍ଷା ସ୍ତ୍ରୀ ଉପରେ ଅଧିକ ନିର୍ଭର କରେ।" ତେଣୁ କୁହାଯାଇଛି ପୁରୁଷ ନଷ୍ଟରେ ଜାତି ନଷ୍ଟ ହୁଏ ନାହିଁ, ନାରୀ ନଷ୍ଟ ହେଲେ ଜାତି ନଷ୍ଟଭ୍ରଷ୍ଟ ହୋଇଯାଏ। ନେପୋଲିଅନ୍ ଏଇ କଥାଟି ବେଶ୍ ଭଲଭାବରେ ଜାଣିଥିଲେ। ତେଣୁ ସେ କହିଥିଲେ- **'Give me ten good mothers and I'll give you a good nation.'** । ତେଣୁ ଝିଅମାନଙ୍କୁ କୁମାରୀ ଅବସ୍ଥାରୁ ପୋଷଣ-ପରିଚର୍ଯ୍ୟାରେ ପୁଷ୍ଟ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ବୈଶିଷ୍ଟ୍ୟ ଅନୁସାରେ ଉପଯୁକ୍ତ ଭାବରେ ଶିକ୍ଷା ଦିଆଯିବା ଆବଶ୍ୟକ। କିନ୍ତୁ ଆଜିକାଲି ସହଶିକ୍ଷା-ଯୁଗରେ ନାରୀମାନଙ୍କୁ ସେମାନଙ୍କର ନାରୀସୁଲଭ ବୈଶିଷ୍ଟ୍ୟାନୁପାତିକ ଉପଯୁକ୍ତ ଶିକ୍ଷା ଦିଆଯିବା ସମ୍ଭବ ହେଉନାହିଁ, ଯାହାର ପରିଣତି-ସ୍ୱରୂପ ଦେଶରେ ଦେଖାଯାଉଛି ବହୁବିଧ ସମସ୍ୟା। ଏଥିପାଇଁ ସରକାର ଓ ଜନସାଧାରଣ ଏ ବିଷୟ ବୁଝି ଏ ଦିଗରେ ପଦକ୍ଷେପ ଗ୍ରହଣ କରବା ଆବଶ୍ୟକ।

**(୨)** ଦୀକ୍ଷା:- ଶିକ୍ଷା ସହିତ ଦୀକ୍ଷା ଅଙ୍ଗାଙ୍ଗୀଭାବେ ଜଡ଼ିତ। ଦୀକ୍ଷା ବିନା ଶିକ୍ଷାର ପୂର୍ଣ୍ଣତା ଆସେ ନାହିଁ କିମ୍ବା ଶିକ୍ଷା ସାର୍ଥକ ହୁଏ ନାହିଁ। ଦୀକ୍ଷା ଗୁରୁ ବା ଆଦର୍ଶଙ୍କ ପ୍ରତି ଅନୁରାଗନବଦ୍ଧ କରାଇ ପୁରୁଷ ଓ ନାରୀକୁ ଚରିତ୍ରବାନ୍ କରି ଗଢ଼ି ତୋଳିବାରେ ସାହାଯ୍ୟ କରେ। ତା' ନ ହେଲେ ଆଦର୍ଶହରା ମଣିଷ ହୁଏ ପ୍ରବୃତ୍ତି କେନ୍ଦ୍ରିକ ଓ ବ୍ୟଭିଚାରଦୁଷ୍ଟ। ଆଉ ପ୍ରବୃତ୍ତିକେନ୍ଦ୍ରିକତା ସୁପ୍ରଜନନର ଘୋର ଅନ୍ତରାୟ। ଆଦର୍ଶବିହୀନ ଅଥବା ଆଦର୍ଶଙ୍କ ପ୍ରତି ନିଷ୍ଠାହରା ମଣିଷ ବ୍ରହ୍ମଚର୍ଯ୍ୟ ଓ ସଂଯମ ପାଳନରେ ହୁଏ ଅକୃତକାର୍ଯ୍ୟ। ତେଣୁ ଏପରି ଦମ୍ପତିଙ୍କଠାରୁ ଜାତ ସନ୍ତାନ ମଧ୍ୟ ଅନୁରୂପ ଭାବେ ହୁଏ ଅସଂଯତ, ନିଷ୍ଠାହରା ଓ ଚରିତ୍ରହୀନ।

**(୩)** ସଂସ୍କାର ଓ ପାରିବେଶିକ ଉନ୍ନତି:- ବିବାହ ସଂସ୍କାର, ଗର୍ଭାଧାନ, ପୁଂସବନ, ସୀମନ୍ତୋନ୍ନୟନ ଆଦି ସଂସ୍କାରଗୁଡ଼ିକ ଇଉଜେନିକ୍ସ କ୍ଷେତ୍ରରେ ଅତ୍ୟନ୍ତ ଉପକାରୀ। ତା'ଦ୍ୱା ସନ୍ତାନ ଶୁଭ ସଂସ୍କାର ନେଇ ଜନ୍ମଗ୍ରହଣ କରେ ଓ ସୁସଂସ୍କୃତ ହୋଇ ବଢ଼ିଉଠେ। ତା'ଛଡ଼ା ବଂଶାନୁକ୍ରମ ସହିତ ପରିବେଶ କେତେକାଂଶରେ ସମ୍ପୃକ୍ତ। ତେଣୁ ପ୍ରତ୍ୟେକ ବ୍ୟକ୍ତି ଅଧିକ ଭଲ ଖାଦ୍ୟ, ବାସଗୃହ, ଜଳବାୟୁ ଇତ୍ୟାଦି ଲାଭ କରିବା ଆବଶ୍ୟକ, ଯାହାଦ୍ୱାରା ତା'ର

ବଂଶାନୁକ୍ରମିକ ଗୁଣଗୁଡ଼ିକ ପୂର୍ଣ୍ଣମାତ୍ରାରେ ପ୍ରକାଶିତ ହୋଇପାରିବ। ତା'ଛଡ଼ା ସ୍ୱାମୀସ୍ତ୍ରୀ ଯଦି ପୂର୍ବ ପିତୃପୁରୁଷଙ୍କର ଆଦର୍ଶ ସଂସ୍କାର ପ୍ରତି ଶ୍ରଦ୍ଧାଶୀଳ ହୁଅନ୍ତି, ତେବେ ସେମାନଙ୍କ ସନ୍ତାନଠାରେ ପିତୃପୁରୁଷଙ୍କ ଜିନୀୟ ଗୁଣାବଳୀ ପୂର୍ଣ୍ଣମାତ୍ରାରେ ପ୍ରକାଶିତ ହେବାର ସମ୍ଭାବନା ଥାଏ ଅଧିକ। ଶ୍ରାଦ୍ଧ-ତର୍ପଣାଦି ପିତୃପୁରୁଷଙ୍କ ପ୍ରତି ଶ୍ରଦ୍ଧା ଜଗାଇବାରେ ସାହାଯ୍ୟ କରେ।

**(୪) ସଅଳ ବିବାହ:-** ସଅଳ ବିବାହ କହିଲେ ଗ୍ରାମାଞ୍ଚଳମାନଙ୍କରେ ଏବେ ବି ପ୍ରଚଳିତ ଥିବା ବାଲ୍ୟବିବାହକୁ ବୁଝାଏ ନାହିଁ। ଜୈବମାନସ ଅନୁସନ୍ଧାନରୁ ଜଣାଯାଇଛି ଯେ, ବୟୋବୃଦ୍ଧ ଲୋକମାନଙ୍କର ଅନେକ ସମୟରେ ଯୌନ କାର୍ଯ୍ୟକଳାପ ନିମିତ୍ତ ଆବଶ୍ୟକ ଭାବପ୍ରବଣ ଉଷ୍ମତା ନ ଥାଏ ଏବଂ ସେମାନଙ୍କର ଜର୍ମପ୍ଲାଜ୍‌ମ୍ ତା'ର ତେଜ ହରାଇଥାଏ। ଅନେକ ଦେଶରେ ଅନେକ କ୍ଷେତ୍ରରେ ଆଜିକାଲି ପ୍ରାୟ ତିରିଶି-ପଇଁତିରିଶିରୁ ଊର୍ଦ୍ଧ୍ୱ ବୟସର ନାରୀ-ପୁରୁଷ ବିବାହ କରୁଛନ୍ତି। ଏହା ଅନୁଚିତ। ଆଜିକାଲି ସରକାର ବିବାହର ସର୍ବନିମ୍ନ ବୟସ ସୀମା ୧୮ ବର୍ଷ ବୋଲି ନିର୍ଦ୍ଧାରଣ କରିଛନ୍ତି। କିନ୍ତୁ ବିବାହ ପାଇଁ ଝିଅମାନଙ୍କ କ୍ଷେତ୍ରରେ କୌମାର୍ଯ୍ୟର ଶେଷ ଯୌବନର ଆରମ୍ଭ ଏବଂ ପୁଅମାନଙ୍କ କ୍ଷେତ୍ରରେ ଯୌବନର ଶେଷ ପ୍ରୌଢ଼ତ୍ୱର ଆରମ୍ଭହିଁ ଉପଯୁକ୍ତ ସମୟ ବୋଲି ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ମତ। ଏହାଦ୍ୱାରା ନାରୀର ଉଚ୍ଛଳା ଜୀବନୀଶକ୍ତି ପୁରୁଷଠାରେ ସଂକ୍ରାମିତ ହୋଇ ସମତାରେ ଉଭୟଙ୍କର ବାର୍ଦ୍ଧକ୍ୟକୁ ଅନେକାଂଶରେ କମେଇ ଦେଇଥାଏ। ଏହାଦ୍ୱାରା ଜାତ ସନ୍ତାନ ସୁସ୍ଥ, ସବଳ ଓ ଦୀର୍ଘାୟୁ ହୁଏ। ପାକଳ ମଞ୍ଜି ଉପଯୁକ୍ତ ସାର-ସମନ୍ୱିତ ଜମିରେ ପଡ଼ିଲେ ସେଠାରେ ଫସଲ ଭଲ ହେବାର ହିଁ ତ କଥା। ବିଶେଷକରି ଝିଅମାନଙ୍କର ବିଳମ୍ବ ବିବାହ ସୁଜନନ-କ୍ଷେତ୍ରରେ ଘୋର ବିପର୍ଯ୍ୟୟ ସୃଷ୍ଟିକରେ। କିନ୍ତୁ ଆଜିକାଲି ଆଧୁନିକତାର ସ୍ରୋତରେ ଭାସିଯାଇ ବାପାମା'ମାନେ ଝିଅମାନଙ୍କୁ ଉଚ୍ଚଶିକ୍ଷା ଓ ଚାକିରିକୁ ଅପେକ୍ଷା କରି ପଚିଶ-ତିରିଶ ବର୍ଷ ବୟସ ପର୍ଯ୍ୟନ୍ତ, ଏପରିକି ଅନେକ ସମୟରେ ପଇଁତିରିଶରୁ ଚାଳିଶ ବର୍ଷ ପର୍ଯ୍ୟନ୍ତ ଅବିବାହିତ ରଖୁଛନ୍ତି। ଏହା ସମାଜ ଓ ଜାତି ପାଇଁ ଅତ୍ୟନ୍ତ କ୍ଷତିକାରକ। ଅବଶ୍ୟ ଉପଯୁକ୍ତ ପାତ୍ର ନ ମିଳିବା କାରଣରୁ ମଧ୍ୟ ଅନେକ କ୍ଷେତ୍ରରେ ବିବାହ ବିଳମ୍ବିତ ହୋଇଥାଏ। କିନ୍ତୁ ଆଜିକାଲିର ତଥାକଥିତ ଉଚ୍ଚଶିକ୍ଷା ଓ ଚାକିରି ଝିଅମାନଙ୍କୁ ଭଲ ମା' ହେବାରୁ ବଞ୍ଚିତ କରୁଛି।

**(୫) ସୁବିବାହ:-** ବିବାହ ଯଦି ସୁସଙ୍ଗତ ଓ ବୈଧ ହୁଏ ଏବଂ ଦମ୍ପତିଙ୍କ ମଧ୍ୟରେ ଯଦି ପ୍ରେମର ନିବିଡ଼ତା ଥାଏ, ତେବେ ସେ କ୍ଷେତ୍ରରେ ସୁସନ୍ତାନଲାଭର ଆଶା ଅଧିକ। ତେଣୁ

ଜୀବନସାଥୀ ମନୋନୟନ କରିବାବେଳେ ଖାମଖିଆଲୀ ଭାବର ବଶବର୍ତ୍ତୀ ହେବା ଅନୁଚତ। ପୁରୁଷ ସ୍ତ୍ରୀ-ଅପେକ୍ଷା ଯଦି ବୟସରେ ଅନ୍ତତଃ ଦଶ-ପନ୍ଦର ବର୍ଷ ଅଧିକ, ବଂଶ ଓ ବର୍ଣ୍ଣରେ ସମାନ ଅଥବା ଅଧିକ ଏବଂ ବିଦ୍ୟାରେ ଅଧିକ ହୁଏ, ସେମାନେ ଏକାଗୋତ୍ରର ହୋଇ ନ ଥାନ୍ତି ଅଥବା ସେମାନଙ୍କ ମଧ୍ୟରେ ସାତପୁରୁଷର ରକ୍ତସମ୍ପର୍କ ନ ଥାଏ, ତେବେ ସେ ପ୍ରକାର ବିବାହ ହେଉଛି ସଂଗତ ଓ ବୈଧ। ସଗୋତ୍ର ଓ ନିକଟ ସମ୍ପର୍କୀୟ ବିବାହ ହେଲେ ଦୁର୍ବଳ, ବିକଳାଙ୍ଗ ଓ ବଂଶାନୁକ୍ରମିକ ରୋଗଗ୍ରସ୍ତ ସନ୍ତାନ ଜନ୍ମଗ୍ରହଣ କରନ୍ତି।

**(୬)** ବୈଧୀ ମିଳନ:- ସୁପ୍ରଜନନ ପାଇଁ କେବଳ ସୁବିବାହ ହେଲେ ହେବ ନାହିଁ, ତାହା ସହିତ ଆବଶ୍ୟକ ବୈଧୀ ମିଳନ। ଯେତେବେଳେ ସେତେବେଳେ ଯେପରି ସେପରି ଅବସ୍ଥାରେ ମିଳନ ଅବାଞ୍ଛନୀୟ। ସ୍ତ୍ରୀ ଯେତେବେଳେ ସଦ୍‌ଭାବରେ ଭାବିତ ଥାଏ, ତା'ର ଶରୀର ଓ ମନ ସୁସ୍ଥ ଓ ଦୀପ୍ତ ଥାଏ ଏବଂ ସେ ଋତୁମତୀ ହେବା ପରେ ଯଦି ଆଗ୍ରହର ସହିତ ସ୍ୱାମୀଙ୍କୁ କାମନା କରେ, ସେତେବେଳେ ହିଁ ସ୍ୱାମୀର ଉପଗମନ କରିବା କର୍ତ୍ତବ୍ୟ। ସ୍ୱଭାବତଃ ସ୍ୱାମୀର ମନ ଯେତେବେଳେ ଇଷ୍ଟ ଭାବରେ ବିଭୋର ଥିବ, ସେତେବେଳେ ସ୍ତ୍ରୀ ପବିତ୍ର ଶ୍ରଦ୍ଧା ଓ ପ୍ରୀତି ନେଇ ସ୍ୱାମୀଙ୍କୁ ଆମନ୍ତ୍ରଣ କରିଲେ, ସେତେବେଳେ ଯଦି ମିଳନ ହୁଏ ଶୁଭ ସମ୍ବେଗର ଉଚ୍ଛଳତାର ଭିତରଦେଇ, ତେବେ ହିଁ ସୁବୈଶିଷ୍ଟ୍ୟସମ୍ପନ୍ନ ସନ୍ତାନର ଆଗମନ ଆଶା କରାଯାଇପାରେ। ସ୍ୱାମୀସ୍ତ୍ରୀ ମଧ୍ୟରେ ପ୍ରତିଦିନ ଝଗଡ଼ା ହେଲେ, ମିଳନ ସମୟରେ ସ୍ୱାମୀର ଭଲଗୁଣ ପ୍ରତି ସ୍ତ୍ରୀ ଆକର୍ଷଣ ଅନୁଭବ କରେନାହିଁ। ତେଣୁ ସେଇଭାବରେ ସେ ସ୍ୱାମୀଙ୍କୁ ଉଦ୍ଦୀପ୍ତ କରିବାରେ ବ୍ୟର୍ଥ ହୁଏ। ସୁତରାଂ ସନ୍ତାନ ସେଠାରେ ମାନସିକ ବିକୃତି ନେଇ ଜନ୍ମଗ୍ରହଣ କରେ। ତେଣୁ ସ୍ୱାମୀସ୍ତ୍ରୀ ମଧ୍ୟରେ ସୁସମ୍ପର୍କ ଓ ଗଭୀର ଭଲପାଇବା ଥିବା ଦରକାର।

**(ଖ)** ନେଗେଟିଭ୍ ଇଉଜେନିକ୍ସ:-

ଏହା ଅସ୍ପୃହଣୀୟ ଗୁଣାବଳୀର ଉତ୍ତରାଧିକାରତ୍ୱକୁ ଦୂରକରିବା ମାଧ୍ୟମରେ ହିଁ ସମ୍ଭବ। ଏଥିପାଇଁ ନିମ୍ନଲିଖିତ କେତେକ ଉପାୟ ଅବଲମ୍ବନୀୟ, ଯଥା:-

**(୧)** ଦୋଷଯୁକ୍ତ ଜର୍ମପ୍ଲାଜମ୍‌ର ଯୌନ ବିଚ୍ଛିନ୍ନୀକରଣ:- ପ୍ରଭାବୀ ଅଥବା ଅପ୍ରଭାବୀ ରୂପରେ ଦୋଷଯୁକ୍ତ ଲୋକମାନଙ୍କର ଯୌନ ଅଥବା ଅଟୋସୋମାଲ ରୋଗ ଥାଇପାରେ। ଏହି ଲୋକଙ୍କୁ ଯୌନଭାବରେ ସମାଜରୁ ବିଚ୍ଛିନ୍ନ ରଖାଯିବା ଉଚିତ। ଅନ୍ଧ, ମୂକ, ବଧିର,

ବଂଶାନୁକ୍ରମିକ ରୋଗୀ, ପାଗଳ, ଯୌନବିକାରଗ୍ରସ୍ତ, ବଳାତ୍କାରୀ, ଅକର୍ମଣ୍ୟ, ଅପରାଧୀ ଇତ୍ୟାଦିଙ୍କୁ ଆଇନ୍ ପ୍ରଣୟନ କରି ବିବାହ- ବ୍ୟାପାରରୁ ନିଷ୍କୃତି ଦିଆଯିବା ଆବଶ୍ୟକ।

**(୨)** ବନ୍ଧ୍ୟାକରଣ ଓ ନପୁଂସକୀକରଣ:- ବନ୍ଧ୍ୟାକରଣ ଓ ନପୁଂସକୀକରଣ ହେଉଛି ଏକ ଉତ୍କୃଷ୍ଟ ଉପାୟ, ଯାହାଦ୍ୱାରା ଜଣଙ୍କର ସ୍ୱାଭାବିକ କାର୍ଯ୍ୟକଳାପ ଉପରେ ହସ୍ତକ୍ଷେପ ନ କରି ତା'ର ଜନନଶକ୍ତିକୁ ନଷ୍ଟକରି ଦିଆଯାଇପାରେ। ଯେଉଁମାନେ ଧର୍ଷଣ, ହତ୍ୟା, ଡକାୟତି ଇତ୍ୟାଦିରେ ଜଡ଼ିତ ହୋଇ କୋର୍ଟରେ ଦୋଷୀ ବୋଲି ପ୍ରମାଣିତ ହେଉଛନ୍ତି, ସେମାନଙ୍କୁ ଜେଲ୍, ଜରିମାନା ଇତ୍ୟାଦି ବରଂ କୋହଳ କରି ଦଣ୍ଡସ୍ୱରୂପ ବନ୍ଧ୍ୟାକରଣ ବା ନପୁଂସକୀକରଣ କରାଯିବା ଆବଶ୍ୟକ।

କିନ୍ତୁ ଆମ ଦେଶର ଦୁର୍ଭାଗ୍ୟ, ଆଜୀବନ କାରାଦଣ୍ଡ ଭୋଗୁଥିବା ଅପରାଧୀକୁ ମଧ୍ୟ ବିବାହ ପାଇଁ ଅନୁମତି ଦିଆଯାଉଛି। ଜେଲ୍ ପରିସର ଭିତରେ ଏହିପରି ବିବାହ ଅନୁଷ୍ଠିତ ହୋଇଥିବା ଖବର ଅତୀତରେ ଖବରକାଗଜରେ ପଢ଼ିଛି। ଏହାଦ୍ୱାରା ଅପରାଧୀମାନଙ୍କର ବଂଶବୃଦ୍ଧି ଘଟିବ ନାହିଁ ତ ଆଉ ଘଟିବ କାହାର? ତା' ଛଡ଼ା ଆଜିକାଲି ଜନସଂଖ୍ୟା ବିସ୍ଫୋରଣକୁ ନିୟନ୍ତ୍ରଣ କରିବା ପାଇଁ ଯେଉଁପରି ବନ୍ଧ୍ୟାକରଣ ଉପାୟ ଅବଲମ୍ବନ କରାଯାଉଛି, ତା'ଦ୍ୱାରା ସମାଜରେ ଭଲଲୋକଙ୍କ ସଂଖ୍ୟା ହ୍ରାସ ପାଉଛି ଏବଂ ମନ୍ଦଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଛି।

**(୩)** ବିବାହ କଟକଣା:- ପରନାରୀ ଅଥବା ପରପୁରୁଷ ଉପଗମନରେ ନିୟନ୍ତ୍ରଣ, ଅବୈଧ ଅସଙ୍ଗତ ବିବାହରେ କଟକଣା ଏବଂ ବିବାହ-ବିଚ୍ଛେଦରେ କଟକଣା ଇତ୍ୟାଦି ମଧ୍ୟ ନେଗେଟିଭ୍ ନିୟନ୍ତ୍ରଣର ଅନ୍ୟତମ ଉପାୟ। ଏଥିପାଇଁ ଆଇନ ପ୍ରଣୟନ ହେବା ଆବଶ୍ୟକ।

ଏହି ଦୃଷ୍ଟିରୁ ପାକିସ୍ତାନ ସରକାର ଯୌନ ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ଯେଉଁ ଦୁଇଟି ଅଧ୍ୟାଦେଶ ଜାରି କରିଛନ୍ତି, ତାହା ଆମ୍ଭ ମତରେ ନିଶ୍ଚିତରୂପେ ସ୍ୱାଗତଯୋଗ୍ୟ। କିନ୍ତୁ ଆହୁରି ଅଧିକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏ ବିଷୟରେ ଭାରତ ସମେତ ସବୁ ଦେଶ ଚିନ୍ତା କରିବା ଉଚିତ।

ନିଗମ ବିହାର, ଶ୍ରୀରାମ ନଗର ଲେନ୍ ୩,
ପୁରୁଣା ଭୁବନେଶ୍ୱର, ମୋ- ୭୦୦୮୯୭୦୫୦୨

# ଗଛ

ପ୍ରକାଶ ଚନ୍ଦ୍ର ପ୍ରଧାନ

ପାଦପ ପାଦପ  ପାଦପ ପତର
ଛାୟା ଦିଏ ସୁଶୀତଳ
ଫଳ ପୁଷ୍ପ କାଷ୍ଠ ଦେଇ ତା ସର୍ବସ୍ୱ
କରିଥାଏ ପରହିତ  ।।

ଗଢି ଉଠେ ମେଘ  ବରଷେ ଜଳ
ହସି ଉଠେ ଏ ଜଗତ
ତା ଲାଗି ବହଇ  ମଧୁର ସମୀର
ଚଉ ସଦା ପ୍ରଫୁଲ୍ଲିତ  ।।

ଶୀତଳ କରଇ ଉତ୍ତପ୍ତ ବିଶ୍ୱ
ଜଳବାୟୁ ନିୟନ୍ତ୍ରିତ
ବିଶ୍ୱହିତେ ସଦା  ବ୍ରତୀ ସେ ଅଛଇ
କରିବାକୁ ମଧୁମୟ  ।।

ପାଦପ ଲାଗି ଏ  ରହିଛି ଜଗତ
ଜଗତ ପାଇଁ ବରଦାନ
ଦେବତୁଲ୍ୟ ସମ  କରୁଛି କଲ୍ୟାଣ
ଗଛ ହିଁ ମଙ୍ଗଳ ଜାଣ  ।।

ଠିକଣା,-ତୁଷୁରା
ବଲାଙ୍ଗୀର

# ଭିଜା ଭିଜା ପହିଲି କରଣ



କଷାନ ମହାକୁର

ଭିଜା ଭିଜା ଏ ପହିଲି କରଣ
ସତେ କ ମଙ୍ଗଳ ପ୍ରଭାତେ
ଗାଇ ଉଠେ ଆଶାର ସଂଗୀତ
ଛୁଇଁ ଯାଏ ତନୁ ଆଉ ମନ
ଲାଗେ ସତେ କେଉଁ ପାଶୋରା ସପନ ।

ହରିତେ ସୁବର୍ଣ୍ଣମୟ ଦିଶେ ଏଇ ଧରା
କଏ ଏଠି ଲେଖିଯାଏ କାହାଣୀ ଅସରା
ଏଇଠୁ ଆରମ୍ଭ ହୁଏ ଇତିହାସ ସମଗ୍ର ଦିନର
ସୁଖ, ଦୁଃଖ, ହାନ ଲାଭ କାବ୍ୟ ମଣିଷର।

ଆକାଶରୁ ଭାସି ଆସେ ସୂର୍ଯ୍ୟ ର ଆଶିଷ
ତମସା କାଳମା ଭେଦି ସ୍ୱର୍ଣ୍ଣିମ ଆବେଗ
ଥରି ଉଠେ ବନସ୍ପତି ପାଇ ସେ ପରଶ
ସତେ ଏ ଯେ ପ୍ରକୃତର ଆନନ୍ଦ ଅଶେଷ।

ପହିଲି କରଣ
ସ୍ଥିର ଜଳେ ନାଚ ଉଠେ , ଭିଜି ଯାଇ ଖୋଜୁଥାଏ
ଅସୀମର ଆଲିଙ୍ଗନେ ପୁଲକ ଗୋପନ ।

ଗ୍ରାମ - ନୂଆଁପାଲି
ଜିଲ୍ଲା – ସୁବର୍ଣ୍ଣପୁର

# ବନ୍ଧନ



ସନ୍ତୋଷ କୁମାର ରାଉତ

ମତେ ଏଠୁ ନେଇଯାଅ ଅନମେଷ । ମୁଁ ଆଜି ଅଣନଶ୍ୱାସୀ ହୋଇ  ଛଟପଟ ହେଉଛି ମତେ ଉଦ୍ଧାର କର। ମୀନାକୁ ଏମିତି  ଅବସ୍ଥାରେ ରାତି ୧୨ ଟାରେ ସ୍ୱପ୍ନ ଦେଖିବା ପରେ ମୀନା ମୀନା କହି ଧଡପଡ ହୋଇ ଜୋରରେ ଉଠି ପଡିବା ଯୋଗୁଁ ସ୍ତ୍ରୀଙ୍କ ମଧ୍ୟ ନିଦ ଭାଙ୍ଗିଯାଇଛି। ସେ ଉଠି ପାଖକୁ ଆସି ପଚାରିଲେ କଣ ହେଲା ଅନମେଷ କଣ କିଛି ଖରାପ ସ୍ୱପ୍ନ ଦେଖିଲ କି ଶୋଇପଡ। ନା ସେମିତି କିଛି ହୋଇନି ତୁମେ ଶୋଇପଡ ମୁଁ ବି ଶୋଇଯାଉଛି ବୋଲି ସ୍ତ୍ରୀଙ୍କୁ ଜବାବ ଦେଲି। ଶୋଇବାର ଅଭିନୟ କଲା ଅବସରରେ ଚିନ୍ତା କଲି କଣ ପାଇଁ ଆଜି ପାଞ୍ଚ ବର୍ଷ ପରେ ମୀନା ମୋ ସ୍ୱପ୍ନକୁ ଆସିଲା  କାହିଁକି ଆଜି ସେ ଅଣନଶ୍ୱସୀ ହୋଇ ଛଟପଟ ହେଉଛି। କଣ କରୁଛି ସେ। କେଉଁଠି ଅଛି ତାର କିଛି ତ ଖୋଜ ଖବର ନାହିଁ। ନିଜକୁ ଭାବନା ରାଜ୍ୟରେ ବୁଡେଇ ଦେଇ ମନେ ପକାଇଛି ଅତୀତର ସେହି ମଧୁର ସ୍ମୃତିକୁ।

ମୀନା ସହ  ଦେଖାହୁଏ ମୋର ଇଞ୍ଜିନିୟରିଂ ପଢ଼ିବା ସମୟରେ। ଉଭୟେ ଗୋଟାଏ କଲେଜରେ ପଢୁଥିଲୁ। ଶହ ଶହ  ଜଣ ଛାତ୍ରଛାତ୍ରୀ ଭିତରେ ମୀନା ଦେଖିବାକୁ ଥିଲା ଅତି ସୁନ୍ଦର ତେଣୁ ତା ଉପରେ ସମସ୍ତଙ୍କ ନଜର ଥିଲା। ତାର ସୌନ୍ଦର୍ଯ୍ୟ ପାଇଁ ସମସ୍ତଙ୍କ ପ୍ରିୟ ପାତ୍ରି ହୋଇ ପାରିଥିଲା। ସେ ଦିନ ଅନୀତାର ଜନ୍ମ ଦିନର  ପାର୍ଟିରେ  ତା ସହିତ ମୋର ଚିହ୍ନା ପରିଚୟ ହେଲା । ପରବର୍ତ୍ତୀ ସମୟରେ ନୋଟ ଦେବା ନେବା ବାହାନାରେ ମୋବାଇଲରେ ଉଭୟଙ୍କ ବାର୍ତ୍ତାଳାପ ଆରମ୍ଭ ହୁଏ।ଏହାରି ଭିତରେ ମୁଁ ମନ ଓ ହୃଦୟ ଦେଇ ବସେ ମୀନାକୁ। ଦିନେ ଏକାନ୍ତରେ କେହି ନଥିବା ସମୟରେ ମନ କଥା ଖୋଲି କହିଦିଏ । ହେଲେ ମୀନା କଣ୍ଢେଇ ପରି କିଛି ନ କହି ଚୁପ୍ ଚାପ ନିରୁତ୍ତର ହୋଇ ରହିଲା। ହେଲେ ତା ହାବ ଭାବରୁ ମୁଁ ଅନୁଭବ କଲି ମଉନ ଥିଲେ ମଧ୍ୟ ସେ ସମ୍ମତି ପ୍ରଦାନ କରିଛି। ତେଣୁ ଆନନ୍ଦରେ ଆତ୍ମହରା ହୋଇ ମୋର ଖୁସିର ସୀମା ନ ଥାଏ। ପରବର୍ତ୍ତୀ

ସମୟରେ ତା ସହିତ  ବାଇକରେ ବିଭିନ୍ନ ସ୍ଥାନ ବୁଲିଛୁ, ଗୁପଚୁପ ଖାଇଛୁ, ପାର୍କ ଯାଇଛୁ କେତେ ମଜା ମଜଲିସ୍ ସହିତ ଦିନ କାଟିଛୁ।

କଲେଜ ଛାଡ଼ିବାର ଏକ ମାସ ପୂର୍ବରୁ ଆଦିତ୍ୟ ଠାରୁ ମୀନା ଅନ୍ୟ କାହାକୁ ଭଲ ପାଇବା ଖବର ଶୁଣିବା ପରେ ମୋ ପାଦତଳରୁ ମାଟି ଖସି ଯାଇ ମୁଣ୍ଡ ଉପରେ ପଡିଲା ପରି ଲାଗିଛି। ଯେତେବେଳେ  ମୀନା ପାଖକୁ ଯାଇ ପଚାରିଛି, ସେ କହିଛି ଅନିମେଷ ମୁଁ ଫୁଲଟିଏ ମୁଁ ଚାହେଁନ କେବଳ ଗୋଟିଏ ଭ୍ରମର ମୋ ଉପରେ ବସୁ। ମୁଁ ଚାହେଁ ଅନେକ ଭ୍ରମରର ସାନ୍ନିଧ। କାହା ବନ୍ଧନରେ ବାନ୍ଧି ହେବା ମୋର ଇଚ୍ଛା ନାହିଁ। ମୁଁ ଜୀବନକୁ ଉପଭୋଗ କରିବାକୁ ଚାହେଁ।

ସେହି ଦିନଠାରୁ ମୋର ଓ ମୀନା ଭିତରେ ଥିବା ସମସ୍ତ ସଂପର୍କ ମଧ୍ୟ କଟିବାରେ ଲାଗିଲା। ମୋତେ ବହୁତ ବାଧିଥିଲା କଷ୍ଟ ବି ହୋଇଥିଲା। କେତେଦିନ ପର୍ଯ୍ୟନ୍ତ ଠିକ୍ ରେ ଶୋଇ ମଧ୍ୟ ପାରିନଥିଲି କିନ୍ତୁ ସମୟ ସ୍ରୋତରେ ଧୀରେ ଧୀରେ ସବୁକିଛି ଭୁଲିବାକୁ ବସିଲି। ଅନନ୍ୟାକୁ ସ୍ତ୍ରୀ ଭାବେ ପାଇଁ ନିଜକୁ ସମର୍ପଣ କରିଦେଇଛି ତା ପାଖରେ ତାକୁ ହୃଦୟ ରାଜ୍ୟରେ ରାଣୀ କରି ରଖିଛି। ଜୀବନ ଯାତ୍ରା ମୋ ଠିକ ଭାବରେ ଗତି କରୁଥିବା ବେଳେ ଆଜି  କଣ ପାଇଁ ଆଜି ଦୀର୍ଘ ପାଞ୍ଚ ବର୍ଷ ପରେ ମୀନାକୁ ସ୍ୱପ୍ନରେ ଦେଖିଲି ନା ଯେମିତି ହେଉ ତା ସଂପର୍କରେ ଖବର ଟିକେ ନେବାକୁ ପଡିବ। ସେ କେଉଁଠି ଥିବ।କଣ କରୁଥିବ। କେଉଁଠି ଚାକରୀ କରୁଥିବ ନା କେଉଁ ବଡ ଅଫିସରକୁ ବାହା ହୋଇଥିବ ଏଭଳି ଅନେକ ପ୍ରଶ୍ନ ମନ ଭିତରେ ଉଙ୍କି ମାରୁଥିଲା। ଏମିତି ଭାବନା ରାଜ୍ୟରେ ନିଜକୁ ହଜାଇ ଦେଲା ଭିତରେ କେତେବେଳେ ଶୋଇ ପଡିଛି ଜାଣିପାରିନି।

ସକାଳେ ସ୍ତ୍ରୀ ଉଠି ପଚାରିଲେ କାଲି ରାତିରେ ତମର କଣ  ହୋଇଥିଲା। ମୀନା ମୀନା ବୋଲି ଜୋରରେ ଚିତ୍କାର କରୁଥିଲ ଯେ। ମୀନାକୁ କଣ ସ୍ୱପ୍ନରେ ଦେଖିଲ। ଅନନ୍ୟାକୁ ମୋ ଜୀବନର ଗୋଟି ଗୋଟି କଥା ଖୋଲି କହିଦେଇଛି ତେଣୁ ମୋ ସଂପର୍କରେ ଏପରିକି ମୀନା ସଂପର୍କରେ ମଧ୍ୟ ସବୁ ଜାଣିଛି। ଏଭଳି ପରିସ୍ଥିତିରେ ଅନନ୍ୟାକୁ ସବୁକିଛି ଖୋଲି କହିବାକୁ ପଡିଲା।ସବୁଶୁଣି ସେ ନିରୁତ୍ତର ରହିଲା।

କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ଧିରେ ଧିରେ ମୀନା କଥା ଭୁଲିବାକୁ ଲାଗିଲି। ଏହାରି ଭିତରେ ଆମ ବ୍ଲକକୁ ଜଣେ ନୂଆଁ ବିଡିଓ ଯୋଗ ଦେଇଛନ୍ତି। ଶୁଣିବାକୁ ମିଳିଲା ସେ ଜଣେ  ଭଲ

ଅଫିସର ଲୋକମାନଙ୍କ ମଙ୍ଗଳ କାମ କରିବାରେ ଅବହେଳା କରନ୍ତି ନାହିଁ। କାହାକୁ ଖାତିର ନାହିଁ। ତାଙ୍କ ବାପା କୁଆଡେ ସାଂସଦ ଅଟନ୍ତି। ଆସୁ ଆସୁ ସେ ମତେ ଡକାଇଛନ୍ତି ଦେଖା ହେବା ପାଇଁ କାରଣ ମୁଁ ବ୍ଲକରେ ଇଞ୍ଜିନୟର ଭାବେ ଚାକରୀ କରୁଛି।

ବିଡିଓ ବାବୁଙ୍କୁ ଦେଖା କରିବାକୁ ତାଙ୍କ କ୍ୱାଟରକୁ ଯିବାକୁ ପଡିବ। ଠିକ୍ ସଂଧ୍ୟା ୫ଟାରେ ତାଙ୍କ ଘରକୁ ଚାଲିଗଲି। ସେ ମୋର ପରିଚୟ ଜାଣି ବସିବାକୁ କହି ଅନେକ ବିଷୟରେ ପଚାରିଲେ। କଥାବାର୍ତ୍ତା ଶେଷ ହେବା ପରେ ତାଙ୍କ ସ୍ତ୍ରୀକୁ ଡାକ ମୋ ସହିତ ଚହ୍ନା ପରିଚୟ କରିଦେଲେ।ତାଙ୍କୁ ଦେଖି ମୁଁ ଚମକ ପଡିଲି ଏଁ, ଏ ତ ଅତୀତର ମୋ ସ୍ୱପ୍ନର ନାୟିକା ମୀନା ଯାହା ସହିତ କଥା ନହେଲେ ମୋତେ ନିଦ ଲାଗୁନଥିଲା ।

ବିଡ଼ିଓ ବାବୁଙ୍କ ଘରୁ ବାହାରିବା ପରେ ମୁଁ ଭାବିଲି ମୀନା ବହୁତ ଖୁସିରେ ଥିବ। ସେ ଭାଗ୍ୟବତୀ କାରଣ ଏମିତି ଜଣେ ବ୍ୟକ୍ତିଙ୍କୁ ସ୍ୱାମୀ ଭାବରେ ପାଇଛି ତା ପାଖରେ ଧନର ଅଭାବ ନଥିବ। କ୍ଷମତା ମଧ ପାଖରେ ଅଛି ତାର ଆଉ କଣ ଦରକାର କ। ଏମିତି ମନରେ ଅସୁମାରୀ ପ୍ରଶ୍ନ ଆସୁଥିଲେ ମଧ ଖୁସି ଲାଗିଲା କାରଣ ସେ ଭଲରେ ଅଛି।

ଏମିତି କିଛି ଦିନ ପରେ ବିଡ଼ିଓ ବାବୁଙ୍କ ଘରକୁ କାମରେ ଯିବାବେଳେ ସେ ନ ଥିଲେ। ମତେ ଦେଖି ମୀନା ପାଖକୁ ଆସି କହିଲା କେମିତି ଅଛ ଅନମେଷ। ମୁଁ ମୋ କଥା କହିସାରି ତା ସ୍ୱାମୀର ଗୁଣଗାନ କରିବାକୁ ଲାଗିଲି। ସେସବୁ କଥା ଶୁଣି ମୀନା କହିଲା ଅନମେଷ ଏଇଟା କଣ ଜୀବନ, ମୋତେ ଏରୁଣ୍ଡି ବନ୍ଧ ଡେଁଇବା ମନା। ଯୁଆଡେ ଗଲେ ସାଙ୍ଗରେ ବଡିଗାର୍ଡ, ସତରେ ମୋତେ ଏ ଜୀବନ ବିରକ୍ତି ଲାଗିଲାଣି। କେମିତି ଏଥିରୁ ମୁକ୍ତି ପାଇବି। ମୀନା ର କଥା ଶୁଣି ଅନୋନ୍ୟପାୟ ହୋଇ ଧିରେ ଧିରେ ଚାଲି ଆସିବା ଭିତରେ ଆଖି ଆଗରେ ଭାସି ଆସୁଥିଲା ମୀନା ର ସେହି ଶେଷ କଥା ଅନମେଷ ମୋତେ ଏଥିରୁ କେମିତି ମୁକ୍ତି ମିଳବ।

ଓଡ଼ିଆ ଅଧାପକ
ଜ୍ୟୋତି ବିକାଶ କଲେଜ(+୨) ଭଇଁଷା
ପାଟଣାଗଡ଼, ଜିଲ୍ଲା- ବଲାଙ୍ଗୀର

# ସବୁରି ଅନ୍ତରେ ତୁମେ



ପୁଷ୍ପଲତା ବେହେର୍

ତୁମେ ତ ନାଟକ ତୁମେ ବି ନାୟକ
ତୁମ ଇଚ୍ଛା ବିନା ପତ୍ର ଝଡେନା,
ଯୁଦ୍ଧ ତ ତୁମେ ଯୋଦ୍ଧା ବି ତୁମେ
ତୁମ ଇଙ୍ଗିତରେ ଗ୍ଲେ ଦୁନଆଁ ।
ଆହେ ନର୍‌କାର ବିଶ୍ୱ କାରିଗର
ସବୁରି ଅନ୍ତରେ ହୋଇଛ ବ୍ୟାପ୍ତ,
ମନ୍ଦିରେ ମନ୍ଦିରେ ଖୋଜିଲି ଭ୍ରମରେ
ସର୍ଜନାକୁ ତୁମ କରି ଇଙ୍ଗିତ ।
ଯାହା ବି ଦେଇଛ ଯେମିତି ରଖିଛ
ବୁଝିଲିନ ସବୁ ତୁମରି ଦାନ,
ତୁମରି ପ୍ରସାଦ ତୁମକୁ ଚଢାଇ
ଅଭିମାନେ ଖାଲି ଭରିଲ୍ ମନ ।
"ମୁଁ" ର ଅସ୍ତିତ୍ୱ ହେଲ୍‌ଣି ନପାତ
ଅନୁତାପ ବହ୍ନି ଜଳେ ଅନ୍ତରେ,
ଶରଣ ରକ୍ଷଣ ପତିତପାବନ
ଦେଖାଦିଅ ଥରେ ମନ ମନ୍ଦିରେ ।
ଅର୍ଜୁନ ରଥରେ ସାରଥୀ ସାଜିଣ
କର୍‌ଇଲ ତୁମେ ମହାଭ୍‌ରତ,
ଜୀବନ ଯୁଦ୍ଧ ବି ତୁମ ଇସାରରେ
ସାହା ଏକା ତୁମ ଅଦୃଶ୍ୟ ହାତେ ।

ର୍ଉରକେଲ୍, ଓଡିଶା

# ସ୍ୱାଧୀନତା ଦିବସ



ବିଷ୍ଣୁପ୍ରିୟା ଦାସ

ଯାହାର ଜବାନ ଉତ୍ସର୍ଗ ଜୀବନ
କରେ ମାଟି ମାଆ ପାଇଁ,
ହୀମାଳୟ ସମ ଶତ୍ରୁ ପାଶେ ଯାଏ
ମଥା କେବେ ନଇଁ ନାହିଁ!!

ଯାହାର କୃଷକ ବିଶ୍ୱ ଅର୍ନ୍ନ ଦାତା
ସ୍ୱାଭିମାନେ ବଞ୍ଚେ ଯହିଁ,
ବିଜ୍ଞାନ ଯା ପାଖେ ବିଶ୍ୱ ଯେ ଅଜ୍ଞାନ
ଭେଟିଦିଏ ନୂଆ ଯହିଁ !!

ବୀରତ୍ୱ ଯାହାର ଶୋଣିତରେ ଲେଖା
ତ୍ରିରଙ୍ଗା ଯାର ପତାକା,
ଶାନ୍ତି, ମୈତ୍ରୀ, ପ୍ରୀତି ବାଣ୍ଟେ ଯିଏ ନିତି
ସେଇ ମୋ ଭାରତ ମାତା!!

ହୀରାପୁର, ବାଲିଅନ୍ତା, ଭୁବନେଶ୍ୱର

# କବି ଓ ଦାରିଦ୍ରତା : ଏକ ଆଶୀର୍ବାଦ !

ଅଧ୍ୟାପକ ସୁବାଷ ବାରିକ

କବିର ସୃଷ୍ଟିର ଅସ୍ତ ନାହିଁ ଜୀବନ ଓ ମରଣକୁ ଅତି ନିକଟରୁ ଦେଖି ଭବଭିତ ହୋଇନଥାଏ, ବଞ୍ଚିବା ପାଇଁ ସତ ସଂଘର୍ଷ କରିଥାଏ । ସତେ ଯେମିତି ମୃତ୍ୟୁକୁ ଜୟ କରି ଜନ୍ମ କରି ନେଇଛି । ତାର ସୃଷ୍ଟି ଜୀବନ ବ୍ୟାକ୍ଷାର କଥା କୁହେ । ମଣିଷ ଜନ୍ମ ନିଏ କିଏ ରାଜ ଦରବାରର ସୁନାର ପଲଙ୍କରେ ତ କିଏ ରାସ୍ତା କଡର ଚିଁ ଚିଁ ଶବ୍ଦ ଭିତରେ ବଞ୍ଚିବା ପାଇଁ ସ୍ୱପ୍ନ ଦେଖୁଥିବା ଏହି ଶିଶୁ ସମୟର ତାଡନାରେ ଆଗକୁ ଆଗକୁ ଗତି କରୁ କରୁ କିଏ ହାରିଯାଏ ତ କିଏ ଜିତିଯାଏ । ଏ ତ ନୀୟତି ଆଜ୍ଞାରେ ଆତଯାତ । ତାରି ଇଚ୍ଛା ବିନା କଣ ଏ ସମ୍ଭବ ? ମନେପଡେ ଆଜି କବି ଗଙ୍ଗାଧରଙ୍କର ସେହି ଅକୁହା ପଂକ୍ତି "ଭାଗ୍ୟବାନ ସଦା ଭାଗ୍ୟଫଳ ଲଭେ" ପ୍ରକୃତରେ ଏହାକୁ ମୁଁ ଅକୁଣ୍ଠା ଚିତ୍ତରେ ଗ୍ରହଣ କରୁଛି । ଜୀବନକୁ ନେଇ ନାନା ରଙ୍ଗରେ ରଙ୍ଗିନ କରି ବଞ୍ଚିବାକୁ ଚେଷ୍ଟା କଲେ ବି ପ୍ରହେଳିକା ମନେ ହୁଏ । ମନେପଡେ ସେହି ଅତୀତର କିଛି ସାଉଁଟା ପୃଷ୍ଠା ଯାହା ଜୀବନର ବ୍ୟାଖ୍ୟା କରେ କେତେ ଉତପୀଡିତ ଜୀବନ ଜଞ୍ଜାଳମୟ ଓ ସଂଘର୍ଷମୟ ବହିଯାଉଥିବା ଲୁହର ଧାର ଭିତରେ କାହାରି ସୁନେଲି ସ୍ୱପ୍ନ ଶ୍ରାବଣର ଝରି ଭିଜେଇ ପାରୁନଥିବା ଅଶାନ୍ତ ମନର ବ୍ୟାଗ୍ରତା କୁ କବି ମୁଣ୍ଡପାତି ସହି ନେଉଥାଏ ।

ଦାରିଦ୍ରତା କଣ ଆଶିର୍ବାଦ? ହଁ ଏହା ଏକ ପ୍ରକୃତିର ନିୟମ, ତେଣୁ ତ କବି ଜୀବନର ସତ ଜଞ୍ଜାଳ ମଧ୍ୟରେ କାଳତିପାତ କରୁଥିଲେ ମଧ୍ୟ ଦୈବୀକୃପା ଯୋଗୁଁ ଅଜସ୍ର ଲେଖନୀ ରୂପ ପାଇଛି ଓଡିଆ କାବ୍ୟ ଜଗତରେ, କାବ୍ୟରତ୍ନକୁ ଆଜି ଆଲୋଚନା ପ୍ରସଙ୍ଗକୁ ଆଣୁଛି, ଜୀବନ ଥିଲା ଅକାଟ୍ୟ, ନିଷ୍ଠୁର ଥିଲା ବିଧି । ତଥାପି ବଞ୍ଚିବା ପାଇଁ ସଂଗ୍ରାମ କରୁଥିଲେ । ପ୍ରଥମତଃ ସନ୍ଥ କବି ଭୀମ ଭୋଇଙ୍କୁ ନିରିଖି ଦେଖିବା କେତେ ବିସ୍ମୟ ସେ ଜୀବନକୁ ସତେ ଯେମିତି ସମୟ ବିପରୀତ ଦିଗରେ ପରିଚାଳିତ ହେଉଥିଲା, କାହା ଜୀବନର ରବି ଅସ୍ତମିତ ହୋଇଗଲା ସିନା ଚିରକାଳ ପାଇଁ ସୃଷ୍ଟି ତାଙ୍କୁ ଅମର ରଖିଥିବା କବି ୧୮୫୦ ଖ୍ରୀଷ୍ଟାବ୍ଦ ବୈଶାଖ ମାସ ପୂର୍ଣ୍ଣିମା ତିଥିରେ ସୋନପୁର ଜିଲ୍ଲା ଅନ୍ତର୍ଗତ ଜଟାସିଙ୍ଗା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ଯଦିଓ କନ୍ଧ ପରିବାରରେ ଜନ୍ମ ଗ୍ରହଣ କରିଥିଲେ, ତାଙ୍କ ମାତାପିତାଙ୍କ

ବିଷୟରେ ଆଦ୍ୟବିଧି ସଠିକତା ମିଳନଥାଏ । କନ୍ତୁ କୁହାଯାଏ କନ୍ଧ ପରିବାରର ଦନାଇ ଭୋଇ ଓ ଗୁରୁବାରିଙ୍କ ଦ୍ୱାର୍ ପ୍ରତିପାଳତ ହୋଇଥିଲେ । କବିଙ୍କ ବାଲ୍ୟକାଳ ଅତୀବ ନଷ୍ଠୁର କଣ୍ଟକତ ଅଶ୍ରୁସିକ୍ତ ଉତପୀଡିତ ହୋଇ ଅତିବାହିତ ହୋଇଥିଲା । ତାହା ତାଙ୍କ ସ୍ୱ-ରଚତ "ସ୍ତୁତି ଚନ୍ତାମଣୀ" କାବ୍ୟକୁ ପାଠକଲେ ମନେ ହୁଏ । କବିଙ୍କ ଭାଷାରେ:-

"ମୁଁ ଯେ ନରନ୍ତର ପଡି ଦୁଃଖ ଘୋର
ଶୂନ୍ୟବାନ ଛାୟା ତଳେ ।
ତରିବାକୁ ଆଶା କରିଛି ଭରସା
ଆଶିର୍ବାଦ ନାବ ଜଳେ ॥"

କଣ ଆପଣମାନେ ଆଶ୍ଚର୍ଯ୍ୟ ହୋଇଗଲେ? ନାଁ ଏହା ହିଁ ବିଧିର ବିଧାନ ଭାଗ୍ୟ ନଷ୍ଠୁର କବି ଜୀବନରେ ଏତ ଆଶିର୍ବାଦ ପରି ମନେହୁଏ । ତେଣୁ ତ ତାଙ୍କର ଚନ୍ତା ଚେତନାର ସୃଷ୍ଟି ସମ୍ପଦର ରୂପ ନଏ । ଜୀବନ ଅତ୍ୱ ଦୁଃଖଦ ଅଶୃଶିକ୍ତ ହେଲେ ମଧ ନଜକୁ ସମାଜ ଚେତନା, ମାନବବାଦୀ ଚନ୍ତା, ଅନ୍ଧକାରରୁ ଆଲୋକ ଆଡକୁ ଆଗେଇ ଯାଇଛନ୍ତି । ସେ ପରଦୁଃଖକୁ ସହ୍ୟ କରିପାରୁ ନଥିଲେ, ନଜେ ଦୀପ ପରି ଜଳ ଜଳ ଲିଭିଜିବା ପାଇଁ ବ୍ରତ ଧାରଣ କରି ନେଇଥିଲେ । କବିଙ୍କ ଭାଷାରେ –

"ପ୍ରାଣିଙ୍କ ଆରଗ ଦୁଃଖ ଅପ୍ରମିତ ଦେଖୁଦେଖୁ କବା ସହୁ
XXXXXXXXXXXXXXXXXXXXXXXXXXXXXXXXXXXXXXXXX
ଏକ ଖଣ୍ଡ ହାଡ ବୁନ୍ଦାଏ ରୁଧିର ଫୁଟେ ମାଉଁସ ଜାଣଇ
ତେଣୁ କରି ସିନା ପ୍ରାଣୀଙ୍କ ବିକଳ ସହି ନ ପାରଇ ।"

ବାଲ୍ୟକାଳରୁ ଶିକ୍ଷାପ୍ରାପ୍ତରୁ ବଞ୍ଚିତ ହୋଇଥିବା ବ୍ୟକ୍ତି ଏତେ ମାନବ୍ୟ ଗୁଣର ଅଧିକାରୀ ହୋଇଉଠେ ଏତେ ବଡ ବିସ୍ମୟ ! ପାଠଶାଠ ପଢିନାହିଁ ନଜକୁ ଜଣେ ଅନ୍ଧଭାବେ ପରିଚତ କରୁଥିବା ମଣିଷ ଏ କଣ ଦୈବୀକୃପା ନୁହେଁ? ଦାରିଦ୍ରତାର କାଳକପାତ ହୋଇଥିବା ବ୍ୟକ୍ତିତ୍ୱ ଦୈବୀ ଆଶିର୍ବାଦ ହୋଇ ଅଜସ୍ର ସୃଷ୍ଟି ସମ୍ପଦ ଗୁଡିକ ରଚନା କରିଛନ୍ତି ଯେଉଁଥିରେ କ ଜୀବନର ଅକୁହା କଥା କୁହାଯାଇଛି । ମହିମାଧର୍ମର ନୀତିନୟମ ଦୃଷ୍ଟି ଗୋଚର ହୋଇଥାଏ । ସ୍ତୁତି ଚନ୍ତାମଣି କାବ୍ୟରେ ମହିମା ଗୋସାଇଙ୍କ ନୀତିନୟମ ଧାନ ଧାରଣା କୁହାଯାଇଛି । ସୃତିନଷେଧ ଗୀତାର କଳଯୁଗରେ ଭଗବାନ ବୁଦ୍ଧ ନାରାୟଣ ଅବତାର

ଗ୍ରହଣ କରିଥିବା କଥା କୁହାଯାଇଛି । ନିର୍ବେଦ୍ୟ ସାଧନାରେ ନିଜକୁ ଅଲେଖ ରୂପରେ ଆନନ୍ଦ ବ୍ରହ୍ମଜ୍ଞାନୀ ଭାବେ ଅବତାରଣ କରିଛନ୍ତି । ବହୁ ଚୌତିସା ଜଣାଣ ରଚିତ ହୋଇଥିବା ଗବେଷକ ମାନଙ୍କ ଦୃଷ୍ଟିଗୋଚର ହୁଏ । ଦାରିଦ୍ରତା କବିଙ୍କ ଜୀବନରେ ଏକ ମାଧ୍ୟମର ଫଳ ନୁହେଁ ତ**?** ଦୈବୀକୃପା ଅଧିକାରୀ ସତ ଝଡଜଞ୍ଜାଳ ମଧ୍ୟରେ ବିଚଳିତ ନ ହୋଇ ଅଜସ୍ର ସୃଷ୍ଟି ରଚନା କରି ନିଜକୁ ପ୍ରତିଷ୍ଠିତ କରିଛନ୍ତି ।

ପୁନଶ୍ଚ - ଆଉ ଏକ କବି ମୋର ଦୃଷ୍ଟିଗୋଚର ହୁଏ । ଜୀବନୀ ତାଙ୍କର ଦାରିଦ୍ରତା କଷଟିରେ ଘସି ହୋଇଥିଲେ ମଧ୍ୟ ଦୈବୀଦତ୍ତ ଆଶିର୍ବାଦରୁ ନିଜକୁ ପ୍ରତିଷ୍ଠିତ କରିଛନ୍ତି । ଜୀବନ ସଂଘର୍ଷମୟ ସମୟ ଗତିଶୀଳ । କେତେବେଳେ ଉଚ୍ଚ କଳାପାହାଡର ମେଘ ଆସି ଦଣ୍ଡାୟମାନ ହେବ କିଏ କହିବ । ସ୍ୱଭାବ କବି ଗଙ୍ଗାଧର ଙ୍କ କଥାକୁ ବିଚାର କରାଯାଉ । ନିଜର ତପସ୍ୱିନୀ କାବ୍ୟରେ ଅକୁହା କଥାକୁ ବ୍ୟାଖ୍ୟା କରିବାରେ ପାଶ୍ଚ୍ୟାତ ପଦ ଦେଇ ନାହାନ୍ତି । କବିଙ୍କର ଆବିର୍ଭାବ ହୁଏ ୧୮୬୨ ମସିହାରେ ଶ୍ରାବଣ ପୂର୍ଣ୍ଣିମା ଦିନ ସମ୍ବଲପୁର ଜିଲ୍ଲାର ବରପାଲି ଗ୍ରାମରେ । ପିତା ଚୈତନ୍ୟ ମେହେର, ମାତା ସେବତି ଦେବୀ । ଯଦିଓ ଭୀମଭୋଇଙ୍କ ଭଳି ତାଙ୍କ ଭାଗ୍ୟ ନଥିଲା, ପିଲାଟି ଦିନରୁ ଶିକ୍ଷାନୁରାଗୀ ଥିଲେ ଓ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାପ୍ରାପ୍ତ କରିଥିଲେ । ଜୀବନର ପ୍ରାରମ୍ଭରେ ୧୮୮୫ ଖ୍ରୀଷ୍ଟାବ୍ଦରେ ଜମିଦାର ଅମିନ ଚାକରୀ ଗ୍ରହଣ କଲେ । ଜୀବନର କୃରତା ଏତେ ନିଷ୍ଠୁର ଥିଲା ଯେ ଜଣେ ଦକ୍ଷ କର୍ମଚାରୀ ହେବାର ଯେଉଁ ଆଶା ପ୍ରହେଳିକା ମନେ ହେଉଥିଲା ଅନ୍ୟାୟରେ ପ୍ରଲୋଭିତ ନ ହୋଇଥିବାରୁ ଜମିଦାରଙ୍କ କ୍ରୋଧର ଶିକାର ହୋଇଥିଲେ ବୋଲି ଶୁଣାଯାଏ । ଜୀବନର ଶେଷ ପର୍ଯ୍ୟାୟରେ ଜୁଡିସିଆଲ୍ ମୁହୁରି ଭାବରେ କାର୍ଯ୍ୟକରି ୧୯୧୭ ମସିହାରେ ଅବସର ଗ୍ରହଣ କଲେ । କବିଙ୍କ ମୃତ୍ୟୁ ଏକ ଆଶିର୍ବାଦ ବୋଲି ମନେହୁଏ । ପୂର୍ଣ୍ଣିମାରେ ଜନ୍ମ ଓ ୧୯୨୪ ଖ୍ରୀଷ୍ଟାବ୍ଦ ଅପ୍ରିଲ ୪ ତାରିଖ ଚୈତ୍ର ଅମାବାସ୍ୟା ତିଥିରେ ମୃତ୍ୟୁ ଘଟେ । ଏହା କଣ ଆଶିର୍ବାଦ ନୁହେଁ**?**

କବି ଆପଣାର ମାନସ ସନ୍ତାନକୁ ଉତ୍ତରାଧିକାରୀ କରି ଯେଉଁ ପରିଚୟ ଦେଇଥାଏ ତାହା ଅବିସ୍ମରଣୀୟ ଯଦିଓ ତାଙ୍କ ଜୀବନ ଭୀମ ଭୋଇଙ୍କ ଠାରୁ କେତେ ଉଚ୍ଚରେ ଥିଲା । ତଥାପି ନିଜକୁ ଅସହାୟ ଓ ଉତପିଡୀତ ମନେ କରିଛନ୍ତି । ଜଣେ ତନ୍ତି ପରିବାରରେ ଜନ୍ମ ଗ୍ରହଣ କରି ଅତି ଅଳ୍ପ ଦରମାରେ ଜୀବନଯାପନ କରୁଥିଲେ । ସେ ସ୍ୱୀକାର କରିଛନ୍ତି । କବିଙ୍କ ଭାଷାରେ:

ଦରିଦ୍ର ପଙ୍କ ପୂର୍ଣ୍ଣ	ମୋ ଜୀବନ ସର
ଜଞ୍ଜାଳ ଜଳର ଜଳେ	ଆବିଳ ଉଦର

ଏ କ ସ୍ୱର ଆପଣମାନେ ଶୁଣି ପାରୁଛନ୍ତି । କବିଙ୍କ ଜୀବନ ପ୍ରକୃତରେ କପରି ଥିଲ୍ ସତରେ ତାଙ୍କର ବାସ୍ତବ ଜୀବନର ଅଭିଜ୍ଞତା ନା ଆଉ କଣ ଜୀବନର ପ୍ରତ୍ୟେକ ଅନୁଭୂତିକୁ ଅତ୍ୟନ୍ତ ନିର୍ମମ ଭାବରେ କବିତାରେ ରୂପ ଦେଇଛନ୍ତି। ନିଜେ ଦାରିଦ୍ରତାର ଜୀବନ ଅତିବାହିତ କରି ପାରୁଥିଲେ ମଧ୍ୟ ମାନବୀୟତା ଗୁଣ ସ୍ୱତ ଜାଗ୍ରତ ହୋଇଛି। ନିଜକୁ ନିଜର ପରିସିମା ମଧ୍ୟରେ ଆବଦ୍ଧ କରିପାରି ନାହାନ୍ତି। ସାମାଜିକ ଗ୍ଲାନିଚଳନ ଜାତୀୟତାବାଦ ଚିନ୍ତାଚେତନା, ଈଶ୍ୱରଙ୍କ ପ୍ରତି ଫୁଟିଉଠିଛି ତାଙ୍କ କାବ୍ୟ କବିତାରେ ଉଦବୋଧନ। ମାତୃଭୂମୀ କବିତା ଗୁଡିକରେ ସେ ମୁକ୍ତ କଣ୍ଠରେ ଗାଇ ଉଠିଛନ୍ତି -

"ଯାହା ଭାଷା ଦୁର୍ବଳ କାହିଁ ତାର ଜ୍ଞାନ
XXXXXXXXXXXXXXXXXXXXXXXXXXXXXX
ଉଚ୍ଚ ହେବାପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା"

ପାଠକ ମହାସୟ, ଟିକେ ଦେଖନ୍ତୁ ତ ଏ କଣ ଉଦାରବାଦୀ, ଜାତୀୟତାବାଦୀ, ଚିନ୍ତାଚେତନା ପରାକାଷ୍ଠା ପ୍ରତ୍ୟୟମାନ ହେଉଛି। ଜିନକୁ ସେ ଅମୃତ ମଧ୍ୟରୁ ସୃଷ୍ଟି ହୋଇଛନ୍ତି ପୁନଶ୍ଚ ସେ ଅମୃତମୟରେ ଲୀନ ହେବାକୁ ଆଶା ବାନ୍ଧିଛନ୍ତି । କବିଙ୍କ ଭାଷାରେ:

"ମୁଁ ତ ଅମୃତ ସାଗର ବିନ୍ଦୁ
XXXXXXXXXXXXXXXXXXXXXXXXXXXXXX
ଅମୃତମୟ ଅମୃତ ରୟ ସହିତ ମିଶିବି ସାଗରେ

ବାସ୍ତବିକ କବି ଦାରିଦ୍ରତାର ଉତପିଡିତ ମଧ୍ୟରେ ଥାଇ ମଧ୍ୟ ସେ ଅମୃତ ସାଗରରେ ମିଶିଯିବା ପାଇଁ ଗଭୀର ଆଶା ରଖିଛନ୍ତି। ସତରେ ଆଜି ସେ ନାହାଁନ୍ତି ତଥାପି ଜୀବିତ। ଯେଉଁ ଦାରିଦ୍ରତାକୁ ସେ ଅତି ନିପୁଣ ଭାବରେ ଗ୍ରହଣ କରି ନେଇଥିଲେ, ଆଜି ତାର ପରିଣାମ ସ୍ୱରୂପ ଅନେକ କାବ୍ୟ କବିତା ଦୈବୀକୃପାରୁ ସୃଷ୍ଟି କରି ସାହିତ୍ୟ ଜଗତକୁ ବେଶ ପରିପୃଷ୍ଟ କରିଥିଲେ ବୋଲି ମନେହୁଏ।

ଆଉ ଏକ ବିରଳ ବ୍ୟକ୍ତିତ୍ୱଙ୍କ ଆବିର୍ଭାବ ହୁଏ ଦରିଦ୍ର ବ୍ରାହ୍ମଣ ପରିବାରରେ ୧୮୮୨ ଖ୍ରୀଷ୍ଟାବ୍ଦ କୁମାର ପୂର୍ଣ୍ଣିମା ତିଥିରେ କଟକ ଜିଲ୍ଲାର ମହଙ୍ଗା ଥାନା କୋଟପଡା ଗ୍ରାମରେ ଗଣକବି ବୈଷ୍ଣବ ପାଣି ଗୀତିନାଟ୍ୟ କ୍ଷେତ୍ରରେ ଜଣକୁ ପ୍ରତିଷ୍ଠିତ କରି ଓଡିଶାର ଅଗଣିତ ଜନସାଧାରଣଙ୍କ ପ୍ରିୟପାତ୍ର ହୋଇଥିଲେ । କବିଙ୍କ ଜନ୍ମ ପରପାଇଁ ନିଜେ ଅସହ୍ୟ ଯନ୍ତ୍ରଣା ଧାରଣ କରି ଅଗଣିତ ଜନସାଧାରଣଙ୍କୁ ଆଲୋକିତ କରିଥାଏ । ଏ କଣ ପ୍ରକୃତିର ନିୟମ? ନିଜ ଜୀବନର ଆର୍ଥିକ ଅନାଟନ ଏତେ ଅସହାୟ ହୋଇ ପଡିଥିଲା ଯେ, ଚିକିତ୍ସା କରିବା ପାଇଁ ଟଙ୍କାଟିଏ ନଥିଲା । କିନ୍ତୁ କାବ୍ୟ ପ୍ରତିଭା ତାଙ୍କୁ ବାନ୍ଧି ପାରି ନଥିଲା । ତେଣୁ ତାଙ୍କ "ଆତ୍ମକାହାଣୀ" ରେ ମୁକ୍ତ କଣ୍ଠରେ ସେ ଘୋଷଣା କରିଛନ୍ତି:

"ଶତ ଶତ ବହି ଉତ୍କଳ ଭାଷାରେ
ଲେଖି ଭୋକେ ପଡି ମରୁଛି ବସାରେ"

ପ୍ରକୃତରେ କବି ଜୀବନ ଅତି ଜର୍ଜରିତ ସମୟର ତାଳରେ ଜଳ ଜଳ କେତେବେଳେ ପାଉଁଶ ହୋଇଯାଏ କିଏ ପରଖୁଛି ଗୋଟିଏ ପଟେ ଜର୍ଜରିତ ଜୀବନ ଅନ୍ୟପଟେ ପ୍ରତିଭା, ସତେ ଯେମିତି ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ । ଏକ ବିନା ଅନ୍ୟର ଗତି ନାହିଁ ମନେ ହୁଏ । ଏ ବ୍ୟତିକ୍ରମ କାହିଁକି କବି ଜୀବନରେ ଯେ ସମାଜ, ଜାତି, ଦେଶ ପାଇଁ ନିଜ ଜୀବନକୁ ଏକ ମନୋରଞ୍ଜନକୁ ମାଧ୍ୟମ କରି ଗଢି ଉଠେ । ତା ପାଇଁ ଈଶ୍ୱର ଏତେ ନିଷ୍ଠୁର କାହିଁକି । ଦାରିଦ୍ରତା କଣ ଏକ ଆଶିର୍ବାଦ ନା ଅଭିଶାପ, ଆପଣମାନେ ବିଚାର କରନ୍ତୁ:

ଆଞ୍ଚଳିକ ଗ୍ରାମ ପଞ୍ଚାୟତ,
+୩ କଳା ମହାବିଦ୍ୟାଳୟ

# ହେ ଗୁରୁଦେବ



ସନାତନ ଦାସ

ହେ ଗୁରୁଦେବ, ତୁମ ପାଦତଳେ କରେ ପ୍ରଣାମ,
ତୁମରି ହାତରେ ଲଭିଛି ମୋର ଏ ନୂଆ ଜନମ..!!
ତବ ଆଦର୍ଶରେ ଗଢା ଆମ ଏ ଜୀବନ,
କଣ୍ଟକତ ପଥରେ ତୁମେ ଫୁଟାଇଛ ସୁମନ..!!
ବଟବୃକ୍ଷ ପରି ଆମକୁ ସାହାସ୍ୱ ଦେଇଛ,
ଭବିଷ୍ୟ ଦୃଢ଼କରି ଆମକୁ ଋଣୀ କରିଛ...!!
ଅଜ୍ଞାନ ଅନ୍ଧାରକୁ ତୁମେ ଦୂର କରିଅଛ,
ଜ୍ଞାନର ଆଲୋକ ଦେଇ ଶିକ୍ଷିତ କରିଛ..!!
ତୁମ ସ୍ନେହଶ୍ରଦ୍ଧା ପାଇଁ ମୁଁ କୃତାର୍ଥ ହୋଇଛି,
ତୁମକୁ ମାତାପିତା ଆଉ ଈଶ୍ୱର ମାନଛି..!!
ସେବାକୁ ଜୀବନରେ ତୁମେ କରିଅଛ ବ୍ରତ,
ତବ ବ୍ୟକ୍ତିତ୍ୱ ଦେଖି ମୁଁ କରୁଅଛି ମଥାନତ..!!
ଭୁଲଥିଲେ କର କ୍ଷମା ଊଣା ନକରି ମନ,
ଆଶିଷ ଦିଅ ଢାଳ ଆମେ ତୁମ ଅଝଟ ସନ୍ତାନ..!!

ସଅଁର୍, ଜଗତସିଂହପୁର, ଓଡ଼ିଶା

# ନୂଆଖାଇ

ସଂଘମିତ୍ରା କବି

ଭାଦ୍ରବର ଶୁକ୍ଳ ପଞ୍ଚମୀ ତିଥିରେ
ହୁଏ ନୂଆ ଖାଇ ପର୍ବ !
ପଶ୍ଚିମ ଓଡିଶା ଗଡ଼ ପର୍ବ ଏହା
ପାଳନ୍ତି ମିଳଣ ସର୍ବେ !!

ସକଳ ନୂତନ ଅନୁକୂଳ ଦିନ
ଦେବ ଦେବୀ ପୂଜା ବ୍ରତ !
ଗୃହ ପରବେଶ ଅଳଙ୍କାର ବାସ
ଅର୍ଣ୍ଣ ବ୍ୟଞ୍ଜନ ବିଦିତ !!

ପ୍ରଭୁ ଗଜାନନ ପୂଜା ପରଦିନ
ମାତନ୍ତୀ ସଭିଏଁ ପର୍ବେ !
ଗୁରୁଜନଙ୍କ ଠୁ ଆଶିଷ ଘେନଣ
ଖୁସିରେ ମାତନ୍ତି ସର୍ବେ !!

କୃଷକ ଜମିରେ ପ୍ରଥମ ଅର୍ଣ୍ଣକୁ
ସମର୍ପେ ମାତାଙ୍କ ପାଶେ !
ପ୍ରଥମ ବ୍ୟଞ୍ଜନ ମାତାଙ୍କ ଆଘ୍ରାଣ
ତାପରେ ଭୁଞ୍ଜେ ହରଷେ !!

ହରସ ମନେଣ ପିଠାପଣା ମାନ
କରନ୍ତି ଅତି ମଉଜ !
ଭାଇଗୁର୍ ସ୍ଥାପୀ ସଭିଏଁ ଏଠାରେ
ମାତା ପାଶେ କରି ସଜ !!

ବିଶେଷ ଜାଣିନ ନୂଆଖାଇ କଥା
ତୁଟିଥିଲେ ଯମା ଦେବ !
ମା ସମଲେଇ ପାଖେ ଏତିକ ଗୁହାରି
ପଣତେ ଘୋଡ଼େଇଥିବ !!

କଟିକଟା, ଦଶରଥପୁର, ଯାଜପୁର

# ସ୍ୱାଧୀନତା ଦିବସ



ମୁକ୍ତିରାଣୀ ଦେବତା

ସ୍ୱାଧୀନତାର ଦୀର୍ଘ ୭୫ ବର୍ଷ ପରେ ମଧ୍ୟ ଆମେ ଯେଉଁ ପରାଧୀନକୁ ସେହି ପରାଧୀନ ଅବସ୍ଥାରେ କାଳାତିପାତ କରୁଛୁ। ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଆମ ଭାରତବର୍ଷ ଏବେବି ପୂରାପୁରି ଭାବରେ ବିକଶିତ ଦେଶ ଭାବେ ପରିଗଣିତ ହୋଇପାରିନାହିଁ। ଏହା ଆମ ସମସ୍ତଙ୍କ ପାଇଁ ନିଶ୍ଚିତ ଭାବେ ବଡ ବିଡମ୍ବନାର କଥା। ଆମ୍ଭେମାନେ ନାମକୁ ମାତ୍ର ସ୍ୱାଧୀନ ଭାରତର ସନ୍ତାନ ବୋଲି ସବୁଆଡେ କହିବୁଲୁଛୁ ସିନା କିନ୍ତୁ ଏବେବି ଆମେମାନେ ପରାଧୀନତାର ଶିକୁଳରେ ବନ୍ଦୀପ୍ରାୟ ଜୀବନ ଜୀଉଁଛୁ। ପୂର୍ବ କାଳରେ ଇଂରେଜମାନେ, ମୁସଲମାନ୍ ମାନେ ଏବଂ ବହୁ ଅନ୍ୟାନ୍ୟ ଭାଷାଭାଷୀ ଲୋକ ଆମକୁ ଶାସନ କରିଛନ୍ତି। ୧୮୦୩ ମସିହାରୁ ୧୯୪୭ ମସିହା ଅଗଷ୍ଟ ମାସ ୧୪ ତାରିଖ,ଦୀର୍ଘ ୧୪୪ ବର୍ଷ ଧରି ଆମେ ଭାରତବାସୀ ଇଂରେଜମାନଙ୍କ ଅଧୀନରେ ଶାସିତ ହୋଇ ଚାଲିଥିଲୁ। ଆମ ଜାତିର ପିତା ପ୍ରିୟ ବାପୁଜୀ (ମହାତ୍ମାଗାନ୍ଧୀ), ପଣ୍ଡିତ ଜବାହାରଲାଲ୍ ନେହେରୁ, ସୁବାଷ ଚନ୍ଦ୍ର ବୋଷ, ବିର୍ସାମୁଣ୍ଡା, ଲକ୍ଷ୍ମଣ ଖୁଣ୍ଟିଆ, ଭଗତ୍ ସିଂହ,ଗୋପବନ୍ଧୁ ଦାସ ଆହୁରି ଅନେକ ସ୍ୱାଧୀନତା ସଂଗ୍ରାମୀଗଣଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ଆମେ ସମସ୍ତେ ଆଜି ଏହି ସ୍ୱାଧୀନତାର ଖୁସିକୁ ଖୁବ୍ ଉଲ୍ଲସିତ, ପ୍ରଫୁଲ୍ଲିତ, ଆନନ୍ଦିତ ଭାବେ ପାଳନ କରିପାରୁଛୁ। କିନ୍ତୁ ଦୁର୍ଭାଗ୍ୟର କଥା ଏହିକି ଯେ ଏବେବି ଦେଶ ପ୍ରକୃତ ରୂପରେ ସ୍ୱାଧୀନତାକୁ ପ୍ରାପ୍ତ କରିପାରିନାହିଁ। ଆମର ପୂଜ୍ୟ ପରମପିତା ମୋହନଦାସ କରମଚାନ୍ଦ ଗାନ୍ଧୀ ଥରେ ବ୍ୟକ୍ତ କରିଥିଲେ ଯେ ଯେବେବି କୌଣସି ନାରୀଟିଏ ଅର୍ଦ୍ଧରାତ୍ରିରେ ରାଜରାସ୍ତାରେ ନିଶ୍ଚିନ୍ତରେ ବିଚରଣ କରିପାରିବ ତେବେ ଯାଇ ଦେଶ ପ୍ରକୃତ ସ୍ୱାଧୀନତା ଲାଭ କରିପାରିବ।

କିନ୍ତୁ ବହୁତ୍ ଦୁଃଖର କଥା ଯେ ଆଜି ପର୍ଯ୍ୟନ୍ତ ଏହା ସମ୍ଭବପର ହୋଇପାରିନାହିଁ। ରାତ୍ରି ତ ବହୁତ ଦୂରର କଥା ଦିବାଲୋକରେ ମଧ୍ୟ ନାରୀଟିଏ ନିର୍ଦ୍ଦ୍ୱନ୍ଦ୍ୱରେ ବିଚରଣ କରିପାରୁନାହିଁ।

୪ବର୍ଷର ଶିଶୁ କନ୍ୟାଟିଏ ବି ଆଜି ଗଣଦୁଷ୍କର୍ମର ଶିକାର ହେଉଛି। ଜୀବନକୁ ଭଲଭାବରେ ବୁଝିବା ପୂର୍ବରୁ, ଜାଣିବା ପୂର୍ବରୁ ସେ ଆଜି ପାଶବିକ ଅତ୍ୟାଚାରର ଶିକାର ହେଉଛି। ଯେଉଁ ବିଷୟରେ ସେ ସାମାନ୍ୟ କଛି ବି ଜାଣିନ ଆଜି ତାକୁ ସେହିଭଳ ଜଘନ୍ୟ କାଣ୍ଡର ଶିକାର ହେବାକୁ ପଡୁଛି। ବର୍ତ୍ତମାନ ଏଭଳ ସମୟ ଉପସ୍ଥିତ ଯେ ପିତାମାନେ ନଜ କନ୍ୟା ସନ୍ତାନଟିକୁ ବାହାରେ ଖେଳବାକୁ, ବୁଲିବାକୁ ବାରଣ କରୁଛନ୍ତି। କନ୍ତୁ ଯିଏ ପ୍ରକୃତ ଦୋଷୀ ସେ ଆଜି ଆଇନ୍ ଆଖିରୁ ଖସିଯାଇ ଖୁଲମଖୁଲ୍ଲ ବାହାରେ ନଶ୍ଚିନ୍ତରେ ବୁଲୁଛି। ରାଜନେତା, ସରକାରୀ କର୍ମଚାରୀ, ଧନୀଗୋଷ୍ଠୀଗଣ ଅସାଧୁ ଉପାୟରେ କୋଟିକୋଟି ଟଙ୍କା ଆତ୍ମସାତ କରୁଥିବାବେଳେ ଗରିବ ନରୀହ ଲୋକଟିଏ ଦୁଇଓଳ ଦୁଇମୁଠା ଖାଇବା ବି ଯୋଗାଡ କରିପାରୁନାହିଁ। ଧନୀ ଘରର ସନ୍ତାନମାନେ କାର୍ ଚଢି ସ୍କୁଲ, କଲେଜ୍ ଆସୁଥିବାବେଳେ ଗରିବ ଘରର ପିଲାମାନେ ପାଠ ପଢିବାକୁ ଇଛାଥାଇ ବି ପାଠପଢି ପାରୁନାହାନ୍ତି। ଟଙ୍କା ଦେଇ ଏଠି ମୂର୍ଖମାନେ ଚାକରୀ କଣୁଥିବାବେଳେ ମେଧାବୀ ଛାତ୍ର/ଛାତ୍ରୀମାନେ ଅର୍ଥ ଅଭାବରୁ ଚାକରୀ ଖଣ୍ଡେ ବି ଯୋଗାଡ କରିପାରୁନାହାନ୍ତି। ଏଥିଯୋଗୁଁ ଆମ ଦେଶରେ ବେକାରୀ ସମସ୍ୟା ବ୍ୟାପକ ଭାବରେ ବଢିଚାଲିଛି। ଭୋଟ ସମୟରେ ରାଜନେତା ମାନଙ୍କର ବଦ୍ଧମୂଳକ ପ୍ରତିଶ୍ରୁତି ଭୋଟ୍ ପରେ ପାଣିର ଗାର ତୂଲ୍ୟ ହୋଇଯାଉଛି। ଦେଶର ତଥାକଥିତ ବଡବଡୁଆ ମାନେ ରାଜଗାଦିରେ ବସି ନରୀହ ସରଳ ସାଧାରଣ ଜନତାମାନଙ୍କୁ ଶାସନ କରିଚାଲିଛନ୍ତି। ସମୃଦ୍ଧି ନାଁ ରେ ସବୁଠି ଖାଲି ଦୁର୍ନୀତି ହିଁ ଦୃଶ୍ୟମାନ ହେଉଛି। ଦେଶର ଅର୍ଥନୀତି ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଜୀବନ ଓ ଜୀବିକା ମଧ୍ୟରେ ତାରତମ୍ୟ ହିଁ ନାହିଁ।ଆମ ପବିତ୍ର ଭାରତବର୍ଷ ଆଜି ପାପୀମାନଙ୍କ ହସ୍ତରେ କଳୁଷିତ ଓ କଳଙ୍କମୟ ହୋଇଉଠିଛି। ଭାରତର ସୁଯୋଗ୍ୟ ସନ୍ତାନଗଣ ଏବେ ନଜକୁ ଅଯୋଗ୍ୟ ସନ୍ତାନଭାବେ ପ୍ରମାଣିତ କରିଦେଇଛନ୍ତି। ପରିତାପର ବିଷୟ ଏହିକ ଯେ ଆମ ଭାରତ ମାତାର ପବିତ୍ର ପୁଣ୍ୟମୟ ଶରୀରଟିକୁ କଛି ସ୍ୱାର୍ଥପର ଓ ହୀନପ୍ରବୃତ୍ତିର ଲୋକମାନେ ନଜ ସ୍ୱାର୍ଥ ସାଧନ ନମନ୍ତେ ଖଣ୍ଡବିଖଣ୍ଡିତ କରି ବିଭାଜନ କରିଦେଇଛନ୍ତି। ଭାଷା- ଭାଷା ମଧ୍ୟରେ ସଂଗ୍ରାମ, ରାଜ୍ୟ-ରାଜ୍ୟ ମଧ୍ୟରେ ବିଦ୍ରୋହ, ଜାତି-ଜାତି ମଧ୍ୟରେ କଳହର ସୁତ୍ରପାତ କରିଦେଇ କଛି କୁଚକ୍ରୀ ଗୋଷ୍ଠୀ ଏହାର ଭରପୁର ଫାଇଦା ଉଠାଉଛନ୍ତି। ଏବେ ସମୟ ଆସିଛି ଆମକୁ ନଜ ମାନସିକତାରେ ପରିବର୍ତ୍ତନ ଆଣିବାକୁ ହେବ। ପରସ୍ପର ସହିତ ଶତ୍ରୁତା ଆଚରଣ ନକରି ନଜ ନଜ ଭିତରେ ଶାନ୍ତି, ମୈତ୍ରୀ, ବନ୍ଧୁତ୍ୱର ସୁସମ୍ପର୍କଟିଏ ସ୍ଥାପନ କରିବାକୁ ହେବ। ପରସ୍ପରକୁ ସ୍ନେହ, ପ୍ରେମ, ଭଲପାଇବା ପ୍ରଦାନ କରି ସଭିଁଙ୍କୁ ସମ୍ମିଳତ ହୋଇ ଅନ୍ୟାୟ

ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ହିଁ ହେବ। ଅଧର୍ମ, ଅନୀତି ଆଗରେ ପରାଜୟ ସ୍ୱୀକାର ନ କରି ମୁଣ୍ଡ ନ ନୁଆଁଇ ଏହାକୁ ତୀବ୍ରବିରୋଧ କରିବାକୁ ହେବ। ଗୋଟିଏ କଥା ସର୍ବଦା ସ୍ମରଣ ରଖିବା ଉଚତ୍ ଯେ ଆମେ ଭାରତବାସୀ ସମସ୍ତେ ଭାଇ ଭାଇ, ଗୋଟିଏ ମାଆ ପେଟର ସନ୍ତାନ ଆମେ ସମସ୍ତେ। ଭାରତର ପ୍ରତ୍ୟେକଟି ନରନାରୀ ଆମର ଭାଇ ଭଉଣୀ ସଦୃଶ। ଏହି କଥାକୁ ମନରେ ଭାବି ଦେଶମାତୃକାର ସେବା କରିଚାଲିଲେ ଆମେ ମାନେ ପ୍ରକୃତ ସ୍ୱାଧୀନତାକୁ ପ୍ରାପ୍ତ କରିପାରିବା।

ମନ୍ଦାରଖଣ୍ଡ, ଯାଜପୁର
ଓଡିଆରେ ସ୍ନାତକୋତ୍ତର

# ତୃତୀୟ ଲହର



ଆନନ୍ଦ ସାହୁ

ନିଷ୍ପାପ ଶିଶୁକୁ ପ୍ରଭୁ କରହେ ଉଦ୍ଧାର
ଟାଳିଦିଅ କରୋନାର ତୃତୀୟ ଲହର ।।

ଭଲଭାବେ ସଂସାରକୁ ଦେଖିନାହିଁ ଯମା
ଏଦଣ୍ଡର ପାତ୍ର ନୁହେଁ ଶିଶୁହେ ମଣିମା ।।

କଅଁଳ କଅଁଳ ହାତ ଗୋଡ ଓ ଶରୀର
ଗୁଲୁଥାଏ ଅଳପବାଟ ଥାପି ପୟର ।।

ନଜାଣଇ ଛନ୍ଦ କପଟ ଇର୍ଷା କଥାମାନ
ନଜାଣଇ ରାଗ ରୁଷା ଶିଶୁ ଅଭିମାନ ।।

ନଟଖଟିଆ ହୋଇ ମୋହେ ସଭିଙ୍କ ମନ
କେମନ୍ତେ ପାରିବ ବାନ୍ଧି ଯମ ଦଣ୍ଡମାନ ।।

ଯାହା ପାଖେ ନାହିଁ କଛି ମାୟା କ୍ରୋଧ ମୋହ
କେମିତି ଭୋଗିବ ଦଣ୍ଡ ପ୍ରଭୁ ବାରେ କୁହ ।।

ରକ୍ଷାକର ରକ୍ଷାକର କୃପାର ବିନ୍ଧାଣୀ
ଶିଶୁ ଅଟେ ପ୍ରଭୁରୂପ ଯାଣ ଶିରୋମଣି ।।

ତୁମ୍ଭ କୃପାରେ କରୋନା ନପାରିବ ଛୁଇଁ
ନିଷ୍ପାପକୁ ରକ୍ଷାକର ହେ ଜଗତ ସାଇଁ ।।

ଗାଁ-ସିଲେଟପଦ୍ର,ସଇଁନ୍ତଲା
ଜିଲ୍ଲା-ବଲାଙ୍ଗୀର

# ସବୁ ସରିଗଲା



ଶଶୀକାନ୍ତ ମେହେର

ସତେ ଏ କଣ ହେଲା....!
ଯେମିତି ଭାବି ନ ଥିଲି ସେମିତି ହେଲା....
ଜାଣିଥିଲି ଆଗରୁ ସବୁ ତୋର ମିଛ ଅଭିନୟ ଥିଲା
ହେଲେ ଆଜି ଜଣାଗଲା ..
ତୋର ସେ ଅଭିନୟ ରେ ଭି ଅନେକ କଥା ଥିଲା ....
ମୋ ମନ ସବୁ ଜାଣି ଶୁଣି ତତେ ପାଗଲ ପରି ପ୍ରେମ କରୁଥିଲା ....|
ତତେ ଦେଖିବା ପାଇଁ ଏ ମନ କେତେ ଯେ ବ୍ୟାକୁଳତ ଥିଲା
ସତରେ ଯେବେ ଦେଖାହେଲେ ତୋ ସହ ଆନନ୍ଦରେ ଦିନ ଯାଉଥିଲା ...|
ଜାଣିନ ତୋର ଗୃହାଣି ରେ କି ଯାଦୁଗରୀ ଥିଲା
ଜାଣିନ ତୋର କଥାରେ କି ମାଦକତା ଥିଲା.
ଯେତେ କଷ୍ଟ ବ୍ୟଥା ଥିଲେ ଭି ତତେ ଦେଖିଲା ମାନେ
ତୋର ସହ ଦୁଇପଦ କଥାହେଲା ମାନେ ସବୁ ଉଭି ଯାଉଥିଲା..|

ହେଲେ ଏବେ ଏବେ ସେ ସବୁ କାହିଁଗଲା ..
ମୁଁ ଆଜି ଭି ଭାବିପରୁନ କେବେ କେଉଁଠି ମୋ ଭୁଲ ହେଲା..
ତୋର ସେ ପ୍ରେମ ନ ହେଲେ ନାଇଁ ଆଜି ମୋ ପାଇଁ ତୋର
ସେ ମିଛ ଅଭିନୟ ଭି ମରିଗଲା ..|
ତୋର ସହ କିଛି ଏମିତି ସଂପର୍କ ଥିଲା..
ତୋ ପ୍ରତି ମୋ ମନରେ ଏମିତି ପ୍ରେମ ଭାବ ଥିଲା..
କଣ କହିବି ଆଜି ମୋର ସେ ସବୁ ଭାବନା ରେ
ତୁ କଆଁ ଲଗେଇ ଗଲୁ ଆଉ ମୋ ସବୁ ଭାବନା ମରିଗଲା..|

ଯେଉଁ ନୟନ ତତେ ଦେଖିଲା ମାନେ ହସି ଝରି ଉଠୁଥିଲା..
ଆଜି ତୁ ସାମ୍ନାକୁ ଆସିଲେ ଭି ମୋ ନୟନ ଫେରିଗଲା..
ମୁଁ ଭାବି ପାରୁନ କଭଲ ସବୁ ଏମିତି ବଦଳ ଗଲା..|
ମୋ ପ୍ରତି ତୋର ପ୍ରେମ ନଥିଲା ..
ପ୍ରେମ ର ବାହାନା ଥିଲା ..
କଣ ସେ ପ୍ରେମ ବାହାନା ମଧ ମୋ ପାଇଁ ଆଜି ସରିଗଲା....!
ଆଗ ର ସେଇ କଥା ବାର୍ତା କଣ ସବୁ ତୋର ମନୁ ପାସୋରି ହୋଇଗଲା..
ଆଜି ଭେଟ ହେଲି ସବୁ କଥା ମନେ ପଡିଗଲା..
ମୋ ପ୍ରତି ତୋର ଅପେକ୍ଷା କଣ ଅନ୍ତ ହେଲା ..|
ଏବେ କାହିଁ ତୋର ଅପେକ୍ଷା କାହିଁ ତୋର କଥା ବାର୍ତା
ଲାଗୁଛି ଧୀରେ ଧୀରେ ସବୁ ସରିଗଲା,
ସବୁ ସରିଗଲା |

ଜମଲା, ପଦ୍ମପୁର, ବରଗଡ଼

# ଫେରିଛି ଫଗୁଣ



ବିଶ୍ୱଜିତ ନାଥ

ପ୍ରେମ ଯାହା ପ୍ରତୀକ୍ଷା ର ତଟିନୀ ପୁଣ୍ୟ ବୈତରଣୀ ର ପ୍ରଖର ସ୍ରୋତ। ଶୁଭ ସକାଳ ରେ ବିଶ୍ୱାସ ର ସଜ ଫୁଲ । ନିବିଡ଼ ବିଶ୍ୱାସ ଆଉ ପ୍ରତୀକ୍ଷା କୁ ନେଇ । ପ୍ରେମ ର ଉପଲବ୍ଧି କୁ ସାର୍ା ସଂସାର ରେ ସନ୍ଦେଶ ଦେଇଥିବା ପ୍ରେମ କାହାଣୀ ହେଲା ସ୍ୱରୂପ ଆଉ ଶିଖା ଙ୍କ କାହାଣୀ। ଯାହା ଶାଶ୍ୱତ, ନିଷ୍କଳଙ୍କ ନିଃସ୍ୱାର୍ଥ ପ୍ରେମର ଜ୍ୱଳନ୍ତ ଉଦାହରଣ।

ସେ ଦିନ ଥିଲା ଫାଲଗୁନ ମାସ ଶୁକ୍ଳପକ୍ଷ ର ପ୍ରତିପଦା ତିଥି । ମଧୁପୁର ଗାଁ ରେ ଫଗୁଣ ବଣରେ ଫୁଟିଥିଲା ଅନେକ ରଙ୍ଗୀନ୍ ଫୁଲ । ସେ ଗାଁ ର ଆମ୍ବ ତୋଟା ରେ ମହାକୁ ଥିଲା ବଉଳ ର ମତୁଆଲା ବାସ୍ନା। କୃଷ୍ଣ ଚୁଡ଼ା ଫୁଲ ରେ ରଙ୍ଗୀନ୍ ହୋଇ ସଜେଇ ହୋଇ ରହିଥିଲା ଗାଁ ଟି। କୋକିଳ ର ମିଠା ମିଠା ସ୍ୱର ଫଗୁଣ ବନ କୁ ଆହୁରି ରୋମାଞ୍ଚିତ କରୁଥିଲା। ପ୍ରୀତି ର ପୀୟୂଷ ପାଇଁ ମହୁମାଛି ଟିଏ ଧାଇଁ ଆସୁଥିଲା ଫୁଟା ଫୁଲ ପାଖ କୁ। ମହୁ ସଂଗ୍ରହ କେବଳ ବାହାନା ମାତ୍ର, କାରଣ ଶାଶ୍ୱତ ପ୍ରେମରେ ଯେତେବଳେ ମିଳନ ର ତିଥି ଉପସ୍ଥିତ ସେହି ସମୟରେ ତ ଫୁଲ ପାଖ କୁ ପ୍ରଜାପତି ଆଉ ମଧୁ ମକ୍ଷିକା ଉଡି ଆସିବା ନିଶ୍ଚିତ ପ୍ରାୟ।

ଗାଁ ର ପଟ୍ଟନାୟକ ପରିବାର ର ଝିଅ ଶିଖା ର ଆଜି ବିବାହ । ପୁରା ଗାଁ ରେ ଦେଖାଯାଇଅଛି ଉତ୍ସୁକତା। ପୁରା ଗାଁ ଆଜି ବିବାହ ଉତ୍ସବ ରେ ସାମିଲ । ରଙ୍ଗ ବେରଙ୍ଗ ର ଲାଇଟ୍ ସହ ନାନା ପ୍ରକାର ର ସାଜ ସଜ୍ଜା ରେ ଉଆସ ପୁରା ସୁସଜ୍ଜିତ । ଉଆସ ମଝିରେ ବିବାହ ମଣ୍ଡପ ନିର୍ମାଣ ହୋଇଅଛି । ଆଠ ଦ୍ୱୀପ, ସାତ କଳସ, ଅଗ୍ନୀ ହୋମ କୁଣ୍ଡ, ବେଦଜ୍ଞ ବ୍ରାହ୍ମଣ ଆଉ ଜ୍ୟୋତିଷ ଏବଂ ନାପିତ ସବୁ ବର କୁ ଅପେକ୍ଷା କରିଛନ୍ତି। ବାଜି ଉଠୁଅଛି ଶୁଭ ସାହା ନାଇ । ଉଆସ ର ମୁଖ୍ୟ ଶରତ ପଟ୍ଟନାୟକ ଗୃହିଁ ରହିଛନ୍ତି ବର ର ଆସିବା ବାଟକୁ । ତାଙ୍କ ବଡ଼ ପୁଅ ରୁଦ୍ରନାରାୟଣ ପଟ୍ଟନାୟକ ବ୍ୟସ୍ତ ଥିବା

ଜଣା ପଡୁଛନ୍ତି । କାରଣ ରାତି ପ୍ରାୟ ସରି ଆସୁଅଛି କିନ୍ତୁ ବର ଯାତ୍ରୀଙ୍କ ଏଯାଏ ଦେଖା ନାହିଁ । ବର ଧରି ବାକୁ ଯାଇଥିବା ସାନ ପୁଅ ପ୍ରିୟବ୍ରତ କୁ ଫୋନ କଲେ ସୁଦ୍ଧା ତା ଫୋନ ଲାଗୁନାହିଁ। ହଠାତ୍ ଏକ ଫୋନ କଲ୍ ଆସିଲା ଯାହା ରୁଦ୍ର ବାବୁ ଉଠାଇଲେ । ଫୋନ ରୁ ରୁଦ୍ର ବାବୁଙ୍କ ମୁହଁ ରେ ଗୁରୁ ଗମ୍ଭୀରତା ଦେଖାଯାଉଥିଲେ। ଶରତ ବାବୁ କିଛି ବି ବୁଝି ପାରିଲେ ନାହିଁ । କିନ୍ତୁ ସବୁ ପ୍ରଶ୍ନ ଆଉ ଆଶଙ୍କା ର ଉତ୍ତର ସେତେବେଳେ ଶରତ ବାବୁ ପାଇଥିଲେ ଯେତବେଳେ ଖାଲି ହାତରେ ତାଙ୍କ ସାନ ପୁଅ ଫେରିଥିଲା। ସାଙ୍ଗେ ସାଙ୍ଗେ ସମସ୍ତେ ଜାଣିଗଲେ ପଟ୍ଟନାୟକ ପରିବାର ର ଝିଅ ଶିଖା ର ବାହାଘର ଭାଙ୍ଗି ଯାଇଅଛି । ବିବାହ ଭାଙ୍ଗିବାର କାରଣ ଏହା କି ବର କୁଆଡେ ନିଖୋଜ ହୋଇଯାଇଅଛି । ଆଉ ଯିବା ପୂର୍ବରୁ ଗୋଟେ ଚିଠି ଲେଖି ଜଣାଇ ଦେଇଛି ଯେ ଶିଖା ଗୋଟେ କଳଙ୍କିନୀ ଆଉ ଚରିତ୍ର ହୀନା ତେଣୁ ତାକୁ କେବେ ବି ବିବାହ କରିବ ନାହିଁ। ଏହା ଶୁଣି ବାର ଲୋକ ବାର ପ୍ରକାର ର ଚାହି ଟାପରା ଆରମ୍ଭ କରିଛନ୍ତି । ଏସବୁ ସବୁ ଶୁଣି ନିର୍ବିକାର ପାଲଟି ଯାଇଛନ୍ତି ଶରତ ପଟ୍ଟନାୟକ । ନିଜର ଝିଅ ର ଭାଗ୍ୟ ଆଉ ଭବିଷ୍ୟତ ଯେପରି ତାଙ୍କ ଆଖି ଆଗରେ ଭାସି ଯାଉଅଛି ଗଭୀର ସମୁଦ୍ର ମଧ୍ୟକୁ। କିମ୍ କର୍ତ୍ତବ୍ୟ ବିମୁଢ ଅବସ୍ଥା ତାଙ୍କର ଆସିଯାଇଅଛି। ଆଉ ଗୋଟେ ଶଙ୍କା କୁ ଧରି ପ୍ରବେଶ କରିଛନ୍ତି ରାମଚନ୍ଦ୍ର ପୂର ଥାନା ର IIC । ହାତରେ ଗିରଫ ର ପରୱାନା । କାରଣ ଏହା କି ବିଧାୟକ ଶରତ ବାବୁଙ୍କ ପୁଅ ପ୍ରିୟବ୍ରତ କୁ ଗିରଫ କରିବା ପାଇଁ। ପ୍ରିୟବ୍ରତ ର ଦୋଷ ଆଉ ପ୍ରମାଣ ସମ୍ପର୍କରେ ପୋଲିସ କୁ ପଚାରିଲେ ଶରତ ବାବୁ । ଆଉ ସବୁ ଭିଡିଓ ପୋଲିସ୍ ଙ୍କ ଦ୍ୱାରା ଦେଖିଲେ ନିଜ ଆଖିରେ। ଯେ ତାଙ୍କ ପୁଅ ପ୍ରିୟବ୍ରତ କିପରି ଗୁଣ୍ଡା ଲଗାଇ ବର ଘର ଉପରେ ଆକ୍ରମଣ କରୁଛି । ପ୍ରିୟବ୍ରତ ର ଗୁଣ୍ଡା ବାହିନୀ ବରଘର ର ପ୍ରାୟ ୩୦ ଜଣ ଙ୍କୁ ମାରି ହସ୍ପିଟାଲ୍ ରେ ପକାଇ ଦେଇଛନ୍ତି।

ପୋଲିସ ପ୍ରିୟବ୍ରତ କୁ ଗିରଫ କରିବା ପୂର୍ବରୁ ସେଠି ଟଳି ପଡିଲେ ଶରତ ବାବୁ । ସାଙ୍ଗେ ସଙ୍ଗେ ତାଙ୍କୁ ହସ୍ପିଟାଲ୍ କୁ ନିଆଗଲା। ହେଲେ ଖବର ଆସିଲା ରାମଚନ୍ଦ୍ର ପୁର ର ଟାଣୁଆ ବିଧାୟକ ଶରତ ବାବୁ ହୃଦଘାତ ରେ ଚାଲିଗଲେ । ଦୁଃଖ ରେ ଭାଙ୍ଗି ପଡିଅଛି ପୁରା ଅଞ୍ଚଳ । ଯେଉଁ ପଟ୍ଟନାୟକ ପରିବାର ରେ ହସ ର ଫଗୁଣ ଆନନ୍ଦ ର ଫଗୁ ବୋଳଥିଲା ଏବେ ସେଠି ଲୁହ ଶ୍ରାବଣ ଅସିଅଛି।

ବିଗ୍ଭରି ମଙ୍ଗୁଳା କନ୍ୟା ଶିଖା । ଯାହାର ଆଖିରେ ଲୁହର ବନ୍ୟା ସୃଷ୍ଟି ହୋଇଅଛି। ହୃଦୟ ରେ ବିରହ ଆଉ ବିଚ୍ଛେଦ ର ଅନେକ ସୁନାମି ତାଣ୍ଡବ ରଚଛି। ତାର ଆଶା ଆଉ ଆକାଂକ୍ଷା ର ବାଲିଘର ଯେମିତି ଅଦିନ ଝଡ଼ ରେ ଭଙ୍ଗି ଯାଇଅଛି। ଜୀବନ ର ସମସ୍ତ ପ୍ରକାର ର ଦୁଃଖ ତାକୁ ଯେମିତି ବନ୍ଧୁତା ର ନିମନ୍ତ୍ରଣ ଦେଇଛନ୍ତି। ଯେଉଁ ଶିଖା ପଟ୍ଟନାୟକ ପରିବାର ର ଥିଲା ସୁକୁମାରୀ ରାଜ ଜେମା ସେ ଆଜି ଦୁନିଆଁ ଆଗରେ ଜଣେ ମଙ୍ଗୁଳା କନ୍ୟା। ହସ ଆଉ ଖୁସି ର ବାତାବରଣ ଭିତରେ ଯାହାର ପ୍ରତିଟି ମୁହୂର୍ତ୍ତ କଟୁଥିଲା ଆଜି ତାକୁ ବିବାହ ଦିନ ବିରହ ର ଜ୍ୱାଳା ଜାଳ ଦେଇଅଛି। ଦିନେ ଯାହା ପାଦରେ କଣ୍ଟା ଟିଏ ଫୁଟିଗଲେ ସାରା ଗାଁ ସ୍ତବ୍ଧ ହୋଇ ଯାଉ ଥିଲା। ଆଜି ସେହି ଶିଖା କୁ ଯିଏ ନାହିଁ ସେ କଳଙ୍କିନୀ ଆଉ ଚରିତ୍ର ହୀନା ର ଆକ୍ଷେପ ଲଗାଉଛନ୍ତି। କଏ କହୁଛି ଏ ଝିଅ ଗୋଟେ କଳଙ୍କିନୀ । ଆଉ କଏ କହୁଛି ଜନ୍ମ ହେବା କ୍ଷଣି ଯିଏ ତା ମାଆ ମୃତ୍ୟୁ ର କାରଣ ସାଜିଥିଲା ଆଜି ସେହି ଝିଅ ର ବିବାହ ଦିନ ତା ବର ଚରିତ୍ରହୀନା ର ଲାଞ୍ଛନା ଦେଇ ତାକୁ ତ୍ୟାଗ କରୁଛି । ଆଉ ଲାଞ୍ଛନା ସହିନପାରି ତା ବାପା ର ମୃତ୍ୟୁ ହେଉଅଛି । ତେବେ ଏ ଝିଅ ଗୋଟେ ଅମଙ୍ଗଳ, ଗୋଟେ ଭଆଂଶୀ କନ୍ୟା । ତାର ମୁହଁ ଯିଏ ଦେଖିବ ତାର ଅମଙ୍ଗଳ ହିଁ ହେବ। ଏହି ସବୁ କଥା ଶିଖା କୁ ଗଭୀର ଯନ୍ତ୍ରଣା ଦିଏ, ହେଲେ ବାପା ଚାଲିଯିବା ଠାରୁ କମ ନୁହେଁ। ବାପା ଚାଲିଯିବା ପରେ ଶିଖା ବିଗ୍ଭରି ଏକା ହୋଇଯାଇଅଛି। ସବୁବେଳେ ଭାଇମାନଙ୍କ ର ଲାଞ୍ଛନା ଆଉ ଅତ୍ୟାଚାର ସେ ଆଉ ସହି ପାରୁନ। ତା ବଡ଼ ଭାଇ ଙ୍କ ସ୍ତ୍ରୀ ଅମ୍ରିତା ଭାଉଜ ଯିଏ ଶିଖା ର ସବୁଠାରୁ ପ୍ରିୟ ଥିଲା, ସେ ବି ଆଉ ଘରେ ରହୁନାହାନ୍ତି। ସେ ଯେହେତୁ ସେ ବର ଘର ର ଝିଅ ହୋଇଥିଲେ ବିବାହ ଭାଙ୍ଗିଯିବା ପରେ ତାଙ୍କୁ ବି ଧକ୍କା ମାରି ଭାଇ ମାନେ ଘରୁ ବାହାର କରିଦେଇଛନ୍ତି। ଦିନେ ତାର ବଡ଼ ଭାଇ ଆଉ ସାନ ଭାଇ ଶିଖା କୁ ଅମଙ୍ଗଳ ଆଉ ଚରିତ୍ର ହୀନା କହି ଘରୁ ବାହାର କରିଦେଲେ। ବର୍ଷା ଆଉ ବିଜୁଳି ର ରାତି ରେ ଶିଖା କାନ୍ଦି କାନ୍ଦି ବହୁ କଷ୍ଟରେ ଷ୍ଟେସନ ଯାଏ ଆସିଲା। କୌଣସି ଏକ ଟ୍ରେନ ରେ ବସି ସେ ଆଗେଇ ଯାଉଅଛି। ରେଳଗାଡ଼ି ର ଛୁକ୍ ଚୁକ୍ ଶବ୍ଦରେ ତାର ଜୀବନ ହଜିଯାଉଅଛି କେଉଁଠି ସେ ନିଜେ ବି ଜାଣି ପାରୁନାହିଁ । ବୋଧେ ରେଳ ଗାଡ଼ି ର ଶେଷ ଗନ୍ତବ୍ୟ ସ୍ଥଳ ହି ଶିଖା ର ଶେଷ ଠିକଣା। ଏତେ ସବୁ ହେଲା ପରେ ବି ଶିଖା କେବେବି ଖରାପ ଭାବିନାହିଁ ନିଜର ପ୍ରେମ କୁ। କେବେ ବି ରାଗିନାହିଁ ସ୍ୱରୂପ ଙ୍କ ଉପରେ । ସେ ଭଲ ଭାବେ ଜାଣିଛି ଯେ ସ୍ୱରୂପ କେବେବି ତା ସହ ଛଳନା କରିପାରିବେ ନାହିଁ। ବିଶ୍ୱାସ ଏବେ ବି ତାର ସ୍ୱରୂପ ଙ୍କ ଉପରେ ଅତୁଟ ରହିଅଛି। କେବଳ ମେଞ୍ଚା ମେଞ୍ଚା ଅଭିମାନ ସ୍ୱରୂପ ଙ୍କ ଉପରେ ତାର।

କିନ୍ତୁ ଅମ୍ରିତା ଭାଉଜ ଙ୍କ ଠାରୁ ଶିଖା ଯାହା ଶୁଣିଥିଲା । ତାହା ହେଲା ସ୍ୱରୂପ ଙ୍କ ଉପରେ ବୋଧେ ବିପଦ ପଡିଅଛି ଯାହାଦ୍ୱାରା ସ୍ୱରୂପ କୁଆଡେ ଗାଏବ ହୋଇଯାଇଅଛି। ଏହି କଥା ଶୁଣି ଶିଖା ମନରେ ଅନେକ ଆଶଙ୍କା ଆଉ ଭୟ ସୃଷ୍ଟି ହୋଇଅଛି। ଏପରିକି ଶିଖା ବି ସ୍ୱରୂପ ର ହସ୍ତାକ୍ଷର ଲେଖା ଚିଠି ପଢିଛି ଆଉ ବିବାହ ଦିନ ର ଚିଠି କୁ ପଢିଛି ଯାହା ମଧ୍ୟରେ ଅନେକ ପାର୍ଥକ୍ୟ।

ସବୁ ଭୟ ଆଉ ଯନ୍ତ୍ରଣା ଭିତରେ କେତେବେଳେ ଶିଖା ସୋଇପଡିଛି ସେ ନିଜେ ବି ଜାଣିନି। ଆଉ ତା ନିଷ୍ପାପ ଚକ୍ଷୁ ରେ ଭାସି ଯାଉଅଛି ହଜିଲା ଦିନର ପୁରୁଣା ସ୍ମୃତି ସମୂହ।

ଥରେ ଫଗୁଣ ପୁନେଇଁ ରେ ଶିଖା ବୁଲିଯାଇଥିଲା ତା ଭାଉଜ ଙ୍କ ସହ ଗୋପ ନଗର ଗାଁ କୁ। ଯେଉଁ ଗାଁ ର ମହାପାତ୍ର ଘର ହେଲା ଅମ୍ରିତା ଭାଉଜ ଙ୍କ ବାପା ଙ୍କ ଘର। ଗୋପ ନଗର ରେ ଶିଖା ପାଦ ଦେଉ ଦେଉ ତା ମନରେ ଅନେକ ଉତ୍ସାହ ଓ ଉଦ୍ଦୀପନା ଖେଳି ଯାଇଅଛି।

ଗୋଧୂଳି ର ଅପରାହ୍ନ ରେ ଶିଖା ବୁଲି ଯାଇଅଛି ଭାଉଜ ଙ୍କ ସହ ଗାଁ ର ନଦୀ କୂଳ କୁ। ନଦୀ କୂଳରେ ପଳାଶ ବଣ। ପତ୍ରହୀନ ପଳାଶ ରଙ୍ଗୀନ ଫୁଲ କୁ ଧରି ନବ ବଧୂ ରୂପରେ ସଜ୍ଜିତ ହୋଇ ଫଗୁଣ ଦେଶ ରେ ରୋମାଞ୍ଚ ସୃଷ୍ଟି କରିଛି। ଏହି ସମୟ ରେ ଦୂର ଦିଗନ୍ତ ରୁ ସୁଭୁଛି ବଂଶୀ ର ଧ୍ୱନୀ। ବଂଶୀ ର ସ୍ୱର ସାତ ସ୍ୱର ର ସର୍ଜନା ସୃଷ୍ଟି କରିଛି। ସେ ବଂଶୀ ର ସ୍ୱର ରେ ଭରି ରହିଛି ମାଦକତା ର ମୂର୍ଚ୍ଛନା। ସେ ସ୍ୱର ସଂଯୋଜନା ରେ ସ୍ୱର୍ଗୀୟ ପାରିଜାତ ପ୍ରସ୍ଫୁଟିତ ହେଉଅଛି। ବଂଶୀ ସ୍ୱର ଶୁଣି ଶିଖା ଖୋଜି ବୁଲୁଛୁ ସେହି ବାଦକ ଙ୍କୁ। ବଂଶୀ ସ୍ୱର ଆକର୍ଷଣ ରେ ସେ କେତେବେଳେ ଭାଉଜ ଙ୍କ ଠାରୁ ଦୂରେଇ ଗଲାଣି ତାହା ନିଜେ ବି ଜାଣିନାହିଁ। କଦମ୍ବ ବୃକ୍ଷ ର ଅଢୁଆଳ ରେ ଶିଖା ଦେଖିଛି ଜଣେ ଦିବ୍ୟ ପୁରୁଷ ଙ୍କୁ। ଯାହାଙ୍କ ରକ୍ତିମ ବର୍ଣ୍ଣର ପାଦ। ମୋଟା ମୋଟା ବାହୁ। କୁଞ୍ଚ କୁଞ୍ଚିଆ କେଶ ଆଉ କେଶ ର ଅଗ୍ର ଭାଗରେ ଚୈତନ୍ୟ ଜଟା ଶୋଭିତ। ଆଉ ଶରୀର ର ବର୍ଣ୍ଣ ଶ୍ୟାମଳ। କିନ୍ତୁ ସେ ଦିବ୍ୟ ପୁରୁଷ ଙ୍କ ମୁଖ ମଣ୍ଡଳର ଶ୍ରୀ ରୂପକୁ ଶିଖା ଦେଖି ପାରି ନାହିଁ। ତାଙ୍କ ସାମ୍ନା କୁ ଯାଇ ଶିଖା ଦେଖିବା କୁ ଚେଷ୍ଟା କରିବା ସମୟରେ ଅମ୍ରିତା ଭାଉଜ ଆସି ଶିଖା କୁ ଧରିପକାଇଲେ ଆଉ କହିଲେ ଏବେ ଘରକୁ ଚାଲ ରାଧା ସନ୍ଧ୍ୟା ହେଲାଣି। ଆଉ କେବେ ଆସିଲେ ତୁମ ମନମୋହନ ଙ୍କ ବଂଶୀ ର ସ୍ୱର ଶୁଣିବ।(ଉପହାସ ଛଳ ରେ କହିଲେ) ଶିଖା କହିଲା "ନାଇଁ ମ ଭାଉଜ ମୋତେ ତ ଆଉ କିଛି ଭଲ ଲାଗୁଥିଲା ଏଠି। ହଉ ଚାଲ ଆମେ ଘରକୁ ଯିବା ପରେ କାଲିକୁ ଆସିବା। ଏହି ପରି ଶିଖା ଗୋପ ରେ ୧୫ ଦିନ

ରହିଲା କିନ୍ତୁ କିଛି ସନ୍ଧାନ ପାଇଲା ନାହିଁ ସେ ଦିବ୍ୟ ପୁରୁଷଙ୍କର। ସବୁବେଳେ ତାର ଚେଷ୍ଟା କୁ ଅମ୍ରିତା ଭାଉଜ ବିଫଳ କରିଦେଉଥିଲେ। କିନ୍ତୁ ଏହି ଏକ ପକ୍ଷ ରେ ଶିଖା ମନରେ ପ୍ରେମର ପଦ୍ମ ଫୁଟିସାରିଥିଲା। ଯୌବନ ର ପ୍ରଥମ ସୋପାନ ରେ ପ୍ରଣୟ ଭାବ ଉଦ୍ରେକ ହୋଇ ସାରିଥିଲା। ସେ ବଂଶୀ ବାଦକ ଙ୍କ ପାଇଁ।

କିନ୍ତୁ ବିଡମ୍ବନା ଏହା କି ଶିଖା ତାଙ୍କୁ ଦେଖି ହିଁ ପାରିଲା ନାହିଁ। ଅମ୍ରିତା ଭାଉଜ ଙ୍କୁ ବହୁତ ବାର ପଚାରିବା ପରେ ଦିନେ ଅମ୍ରିତା ଭାଉଜ କହିଲେ। "ସେ ହେଉଅଛି ଗାଁର ସ୍ୱରୂପ ଶେଖର ମହାପାତ୍ର। ତା ଡାକ ନାମ ହେଲା କାହ୍ନା। ସେ ଗାଁ ରେ ବେଶୀ ସମୟ ରୁହେ ନାହିଁ ଦିଲ୍ଲୀ ରେ IAS ନିମନ୍ତେ ପ୍ରସ୍ତୁତ ହେଉଅଛି। ହେଲେ ସେ ତ ପୁରା କୃଷ୍ଣ ଭକ୍ତ କାହାର ପ୍ରେମ ରେ ପଡ଼ିବା ଏତେ ବି ସହଜ କଥା ନୁହେଁ। ମୋ ଗେଲ୍ହି ନଣନ୍ଦ ବୋଧେ ତାର ପ୍ରେମରେ ପଡ଼ିଲାଣି" ଶିଖା କହିଲା

“ନାଇଁ ମ ଭାଉଜ ମୁଁ କାଇଁ ତାଙ୍କ ପ୍ରେମ ରେ ପଡ଼ିବି । ମୁଁ ତ କେବଳ ତାଙ୍କ ବଂଶୀ ସ୍ୱର ରେ ବିଭୋର ହୋଇଯାଇଅଛି" ।

ଏମିତି କିଛିଦିନ ଗଲା ପରେ ଶିଖା ନିଜ ଘରକୁ ଫେରିଲା ପରେ ଅଚାନକ ଏକ ବେନାମୀ ଚିଠି ପୋଷ୍ଟ ପିଅନ ଆଣି ଦେଇଗଲା। ଯେଉଁ ଚିଠିରେ ପ୍ରେମ ନିବେଦନ ର ସୁନ୍ଦର କବିତା ଟିଏ ଥିଲା। ଆଉ ଶେଷରେ ଲେଖାଯାଇଥିଲା ଇତି ତୁମର ସ୍ୱରୂପ (ବଂଶୀ ବାଦକ)। ହେଲେ ଆଶ୍ଚର୍ଯ୍ୟ ହୋଇ ଚିଠି ଟିକୁ ନେଇ ଅମ୍ରିତା ଭାଉଜକୁ ଶିଖା ଦେଖାଇଲେ। ବାସ ଅମ୍ରିତା ଠାରୁ ସବୁ ଶୁଣିଲା ପରେ ଶିଖା ର ଆନନ୍ଦ ର ସୀମା ନଥିଲା। କାରଣ ଏ ଚିଠି ଟି ସ୍ୱରୂପ ର ହାତ ଲେଖା ବୋଲି ଅମ୍ରିତା ଭାଉଜ କହିଲେ। ଆଉ ଏହି ଚିଠି ରେ ଶିଖା କୁ ବିବାହ କରିବାକୁ ସମ୍ମତି ପ୍ରକାଶ କରିଛି ସ୍ୱରୂପ। କିନ୍ତୁ ତଥାପି ଶିଖା ମନରେ ସନ୍ଦେହ ର ଶଙ୍କା ଥିଲା। କିନ୍ତୁ ଯେତେବେଳେ ଅମ୍ରିତା ଭାଉଜ ଶିଖା ର ହାତ କୁ ଧରି ନେଇ ରେଡ଼ିଓ ପାଖରେ ବସାଇଦେଲେ ସେତେବେଳେ ସବୁ ଶଙ୍କା ଆଉ ସନ୍ଦେହ ଦୂର ହୋଇଯାଇଥିଲା । ସ୍ୱରୂପ ଆକାଶ ବାଣୀ ର ଏକ ସାକ୍ଷାତକାର ରେ ନିଜ ଜୀବନ ର ସବୁ କଥା କୁ କହୁଛି। ଯଥା" ମୁଁ ପ୍ରଥମ ଦେଖାରୁ ହିଁ ଶିଖା କୁ ଭଲପାଏ। "ଆଉ ଶିଖା ମୋତେ ଦେଖିଛି କି ନାହିଁ ମୁଁ ଜାଣେନା। କିନ୍ତୁ ଶିଖା ର ହସ ହସ ମୁହଁ ମୋ ଜୀବନରେ ଅପାସୋରା ଫଗୁଣ ପରି। ଶିଖା କୁ ମୁଁ ହୃଦୟ, ମନ, ପ୍ରାଣ ଦେଇ ଭଲ ପାଏ ଆଉ ବିବାହ କରିବାକୁ ଚାହୁଁଛି । ଏବେ ନୁହେଁ ଆଗମୀ ଦୁଇ ବର୍ଷ ପରେ ୨୦୨୧ ମସିହା ରେ ମୁଁ ବିବାହ କରିବାକୁ ଚାହେଁ।

କାରଣ ମୁଁ ସେତେ ବେଳକୁ ମୋ ଲକ୍ଷ ସ୍ଥଳ ରେ ପହଞ୍ଚି ସରିଥିବି। ଆଉ ହଁ ଶିଖା ମୁଁ ତୁମ କୁ ଅପେକ୍ଷା କରିବି ସେଦିନ ପର୍ଯ୍ୟନ୍ତ, ତୁମେ ବି ମୋତେ ଅପେକ୍ଷା କରିବ ତ"।

ବାସ ସ୍ୱରୂପଙ୍କ ଦୁଇ ପଦ ମିଠା କଥା ରେଡିଓ ରୁ ଶୁଣି ଶିଖା ସବୁ ବୁଝିଯାଇଥିଲା। ଆଉ ସାଙ୍ଗେ ସାଙ୍ଗେ ଅମ୍ରିତା ଭାଉଜ ଙ୍କୁ ସ୍ୱରୂପ ର ଠିକଣା ମାଗିଥିଲା। ଅମ୍ରିତା ଭାଉଜ ହସି ହସି ସ୍ୱରୂପ ର ଠିକଣା ଦେଇଥିଲେ। ସ୍ୱରୂପ ହେଉଅଛି ଅମ୍ରିତା ଭାଉଜ ଙ୍କ ସାନ ଭାଇ ଯିଏ ଶିଖା କୁ ଦେଖିଛି ଅମ୍ରିତା ଭାଉଜ ଙ୍କ ଘରେ। ହେଲେ ବଂଶୀ ବାଦକ ପ୍ରେମ ରେ ବିଭୋର ହୋଇଥିବା ଶିଖା । କୌଣସି ପୁରୁଷ ର ମୁହଁ କୁ ଚାହିଁ ନାହିଁ ଯାହା ଦ୍ୱାର ସେ ସ୍ୱରୂପ କୁ ଦେଖି ପାରି ନାହିଁ।

କସ୍ତୁରୀ ମୃଗ ର ଅଭ୍ୟନ୍ତର ରେ ଥିବା କସ୍ତୁରୀ ପରି ଶିଖା ସ୍ୱରୂପ କୁ ପାଖରେ ପାଇ ମଧ୍ୟ ଶିଖା ଜାଣିପାରି ନାହିଁ । ବାସ ଖାଲି ଚତୁର୍ଦ୍ଦିଗ ଅନୁସନ୍ଧାନ କରିଅଛି। ସେ ଯାହା ବି ହେଉ ଏବେ ଶିଖା ସ୍ୱରୂପ ର ଫୋନ ନମ୍ବର ଆଣି ସ୍ୱରୂପ କୁ କଲ୍ କଲା । ଆଉ ପ୍ରଥମ କଥା ରେ ଦୁହେଁ ଅତି ଆପଣାର ହେବାକୁ ଲାଗିଲେ। ସ୍ୱରୂପ ଆଉ ଶିଖା ଙ୍କ ସମ୍ପର୍କ ଧୀରେ ଧୀରେ ତୀବ୍ର ହେବାରେ ଲାଗିଲା। ଦୁହେଁ ପରସ୍ପର ପ୍ରତି ଅତ୍ୟନ୍ତ ଘନିଷ୍ଠ ହେଲେ। କିନ୍ତୁ ଏତେ ସବୁ ପରେ ବି ଶିଖା ଦିନେ ବି ସ୍ୱରୂପ ର ମୁହଁ କୁ ଦେଖିନାହିଁ। ସ୍ୱରୂପ ଅନେକ ଥର ଶିଖାକୁ ତାର ଫଟୋ ଦେବ ବୋଲି କହିଛି। କିନ୍ତୁ ଶିଖା ର ଏକା ଜିଦ୍ ସେ ଏବେ ସ୍ୱରୂପ ର ମୁହଁ କୁ ଦେଖିବ ନାହିଁ। ସେ ଦିନ ଶିଖା ସ୍ୱରୂପ ର ମୁହଁ ଦେଖିବ ଯେଉଁ ଦିନ ସ୍ୱରୂପ ବରବେଶ ରେ ପାଲିଙ୍କି ଚଢ଼ି ଶିଖା ର ହାତ ଧରିବାକୁ ଆସିଥିବ। ସାତ ଦୀପ, ଆଠ କଳସ, ଅଗ୍ନି, ବ୍ରାହ୍ମଣ, ବେଦ ଉଚ୍ଚାରଣ କୁ ସାକ୍ଷୀ ରଖି ଦୁହେଁ ଦୁହିଁ ଙ୍କୁ ବିବାହ କରିବେ। ଆଉ ପ୍ରତୀକ୍ଷା ର ସବୁ ଅବଧି ର ଅନ୍ତ ହେବ।

କିନ୍ତୁ ଭାଗ୍ୟ ର ବିଡମ୍ବନା ଏହା କି ଶିଖା ଆଉ ସ୍ୱରୂପ ଙ୍କ ବିବାହ ପୂର୍ବରୁ ସବୁକିଛି ପରିବର୍ତ୍ତିତ ଆଜି। ଆଉ ଶିଖା ଜଣେ ଚରିତ୍ର ହୀନା ଆଉ ଅମଙ୍ଗଳ ର ଦ୍ୱାହି ରେ ନିର୍ବସିତା । ଚାହୁଁ ଚାହୁଁ ରେଳ ଗାଡ଼ି ଆସି ବୃନ୍ଦାବନ ଧାମ ରେ ପହଞ୍ଚିଛି। ସମସ୍ତେ ଟ୍ରେନ ରୁ ଓହ୍ଲାଇବା ପରେ ଶିଖା ବି ଓହ୍ଲାଇ ଅଛି। ହେଲେ ବୃନ୍ଦାବନ ଧାମ ଶିଖା ପାଇଁ ସଂପୂର୍ଣ୍ଣ ଅଜଣା ଆଉ ସେ ଏକା ବି। ପ୍ରଥମେ ଶିଖା ବୃନ୍ଦାବନ ଧାମ ର ବାଙ୍କ ବିହାରୀ ମନ୍ଦିର କୁ ଯାଇଅଛି। ଶ୍ରୀ ରାଧା ବଲ୍ଲଭ ଙ୍କ ଯୁଗଳ ମୂର୍ତ୍ତି କୁ ଦେଖି ଶିଖା ଆଖିରୁ ଅଗ୍ନିକ ଦୁଇ ଟୋପା ଅଶ୍ରୁ ନିର୍ଗତ ହୋଇଅଛି। ବୋଧେ ସ୍ୱରୂପ କୁ ପାଇବା ନିମନ୍ତେ ଶିଖା ର ନିବେଦନ

ହୋଇଥାଇ ପାରେ। ମନ୍ଦିର ରେ ଶିଖା ପ୍ରଣାମ କରି ଆସିବା ସମୟ ରେ କେହି ଜଣେ ତାକୁ ସମ୍ଭାବନା ବୋଲି ପଛରୁ ଡାକୁଛି। ଶିଖା ପଛ କୁ ଗୁହିଁ ଦେଖିଲା ତା ସାମ୍ନାରେ ଠିଆ ହୋଇଛନ୍ତି ଜଣେ ଇସ୍କନ ସାଧୁ। ଶିଖା ତାଙ୍କର ଦେଖି ଜାଣି ପାରିଲା ନାହିଁ। କିନ୍ତୁ ସେ ସାଧୁ ଜଣକ କହିଲେ "ସମ୍ଭାବନା ତମେ ଏଠି ଏହି ବୃନ୍ଦାବନ ଧାମ ରେ ଏମିତି ଅଗ୍ୟନକ" (ଶିଖା ର ଅନ୍ୟ ନାମ ସମ୍ଭାବନା ଅଟେ) ଭଲ ଭାବେ ଶିଖା ଦେଖିଲା ପରେ ଚହ୍ନିଲା ଯେ ସେ ତାଙ୍କ ଗାଁ ପାଖ ଆଲୋକ ଭାଇ ।ସମ୍ଭାବନା କହିଲା ତମେ! ଆଲୋକ ଭାଇ ନା ସାଇନ୍ସ କଲେଜ ରେ ପଢୁଥିଲ। ସାଧୁ ଜଣକ କହିଲେ ହଁ ମୁଁ ଆଲୋକ ଏଠି ପ୍ରଭୁ ଙ୍କ ପାଖରେ ରହୁଛି । ଡାକ୍ତର ହେବା ପରେ ଏଠି ଗୋଟେ ହସ୍ପିଟାଲ୍ ମଧ୍ୟ କରିଛି । ଆଉ ଏଠି ଇସ୍କନ ର ସଂସ୍ଥା ସହ ମୁଁ ଜଡ଼ିତ"। ମୁଁ ଅନେକ ଅସହାୟ ଙ୍କ ସେବା ନିମନ୍ତେ ଏଠି ରହୁଛି।

ନିଜ ଗାଁ ପାଖ ଆଲୋକ ଭାଇ ଙ୍କୁ ଦେଖି ଶିଖା ର ମନରେ ଅନେକ ସାହସ ର ଆଶା ବନ୍ଧିଲା। ଆଉ ସେ ନିଜର ସବୁ ଦୁଃଖ ଆଉ ଅବସ୍ଥା ସମ୍ପର୍କ ରେ ତାଙ୍କୁ କହିଲା। ଶିଖା ର କଥା ଶୁଣି ଆଲୋକ ଭାଇ କହିଲେ "ମୁ ଥାଉ ଥାଉ ତୁମର କିଛି ବି ଅସୁବିଧା ହେବାର ନାହିଁ। ଏଠି ଆମର ହସ୍ପିଟାଲ ରେ ତୁମେ ଆଜି ଠାରୁ ରହିବ। ରୋଗୀଙ୍କ ସେବା କରିବ ଆଉ ପାଖ ଆଶ୍ରମ ରେ ରହିବ।" ସମ୍ଭାବନା ଏହା ପରେ ସାଧୁ ଙ୍କ ସହ ଆଶ୍ରମକୁ ଗଲା। ପରଦିନ ହସ୍ପିଟାଲ୍ କୁ ଯାଇ ନିଜ କାମ କ୍ଷେତ୍ର ରେ ଯୋଗଦେଲା। ଆଇସିୟୁ ନମ୍ବର୍ **87** ସେହି ପାଖ ଦେଇ ଶିଖା ଯିବା ସମୟରେ ହଠାତ୍ ତାର ପାଦ ଦୁଇଟି ଆପେ ଆପେ ଭିତରକୁ ଟାଣି ନେଇ ଗଲା। ସେଠି ଦେଖେ ତ କେହି ଜଣେ କୋମା ରେ ପଡ଼ିରହିଛି । ଶିଖା କାହିଁ କେଜାଣି ସେ କୋମା ଲୋକଟିର ସେବା ପାଇଁ ମନସ୍ଥ କଲା ଆଉ ଆଲୋକ ଭାଇ ଙ୍କୁ ସେ ବ୍ୟକ୍ତି ଙ୍କର ସେବା ପାଇଁ କହିଲା। ସ୍ୱତଃ ପ୍ରବୃତ୍ତ ଭାବେ ଶିଖା ମୁହଁ ରୁ ଏକଥା ଶୁଣି ଅନେକ ଖୁସିର ହେଲେ ଆଲୋକ ଭାଇ। ଆଲୋକ ଭାଇ ଙ୍କ ଆଦେଶ ରେ ଶିଖା ସ୍ୱତନ୍ତ୍ର ସେବିକା ହିସାବରେ ଆଇସିୟୁ ନମ୍ବର୍ **16** ବେଡ ନମ୍ବର୍ **87** ରେ ଥିବା ରୋଗୀ ପାଇଁ ନିଯୁକ୍ତ ହେଲା। ପ୍ରତିଦିନ ସେ ରୋଗୀ ପ୍ରତି ଶିଖା ର ସେବା ମନୋବୃତ୍ତି ବୃଦ୍ଧି ପାଇବାରେ ଲାଗିଲା। ହଠାତ୍ ଦିନେ କୋମା ରେ ଥିବା ସେ ରୋଗୀ ଟି ଚେତନ ଅବସ୍ଥା କୁ ଆସିଲା। ଅବଶ୍ୟ ସେହି ସମୟ ରେ ସେ ନିଜର ମାନସିକ ଶକ୍ତି ହରାଇ ବସିଥିଲା। ତାର ସ୍ମୃତି ଶକ୍ତି ର କ୍ଷୟ ଘଟିଥିଲା। କିନ୍ତୁ ବିଦେଶ ରୁ ଆସିଥିବା ଡକ୍ଟର ଏବଂ ମନସ୍ତତ୍ତ୍ୱ ବିତ୍ ସେ ରୋଗୀ କୁ କିଛି ଦିନ ଧରି ପରୀକ୍ଷା ନିରୀକ୍ଷା ଏବଂ ଗବେଷଣା କରିବା ପରେ ଜଣାଗଲା ମାନସିକ ଭାବେ ସେ ରୋଗୀ ଗଭୀର ଭାବେ ପ୍ରଭାବିତ । ତାକୁ ସେବା ଯତ୍ନ ସହ ଉପଯୁକ୍ତ ଅବେଗିକ

କ୍ରିୟା ଆବଶ୍ୟକ। ଆଲୋକ ଏହି ଘଟଣା ପରେ ପ୍ରଭୁ ବାଙ୍କ ବିହାରୀ ଙ୍କୁ ଅନେକ ଅନେକ ଧନ୍ୟବାଦ ଅର୍ପଣ କରିଥିଲେ। ଆଉ ସମ୍ଭାବନା ର ସ୍ପର୍ଶ ରେ ଏକ ଗଭୀର ଯାଦୁ ଅଛି ଏକଥା ମଧ୍ୟ ସେ ଅନୁଭବ କରିଥିଲେ। ଏହି ପରିବର୍ତ୍ତନ ପରେ ସାଙ୍ଗେ ସାଙ୍ଗେ ଓଡ଼ିଶା ଫୋନ କରି ସେ ରୋଗୀ ର ପରିବାର କୁ ଜଣାଇଲେ। ଆଉ ଖବର ଶୁଣିବା ପରେ ସେ ରୋଗୀ ର ପରିବାର ଲୋକ ତୁରନ୍ତ ଏଠାକୁ ଆସିଲେ।

ଏପଟେ ସମ୍ଭାବନା/ଶିଖା ମନରେ ହଜାରେ ପ୍ରଶ୍ନ ଆଉ ଆଶଙ୍କା। କିଏ ସେ ରୋଗୀ ।ଆଉ କାହିଁକି ତାଙ୍କ ପ୍ରତି ତାର ଏତେ ସ୍ପୃହା ବା ଶ୍ରଦ୍ଧା। ସତରେ କଣ ତା ସେବା ରେ ଯାଦୁ ଭରି ରହିଛି। ନା ପ୍ରଭୁ ବାଙ୍କ ବିହାରୀ ଙ୍କ କିଛି କରିଷ୍ମା ଏହା। ଏବେ କଣ ସେ ରୋଗୀ କୁ ସେ ଆବେଗିକ ଚିକିତ୍ସା (Immotionally treatment) କରିପାରିବ। କିନ୍ତୁ ସେ ଅଭିନୟ କରି ପାରିବ ନାହିଁ। ବରଂ ବିରହ ଜ୍ୱାଳାରେ ଶିଖା ଜଳ ଜଳ ପାଉଁଶ ହୋଇଯିବ କିନ୍ତୁ କେବେ ବି ସ୍ୱରୂପ ସ୍ଥାନ ଆଉ କାହାକୁ ଦେଇ ପାରିବ ନାହିଁ। କିଛି ଦିନ ହେବ ଶିଖା ହସ୍ପିଟାଲ୍ ଯାଇନାହିଁ। ଶିଖା ର ନ ଆସିବା ଦେଖି ଆଲୋକ ବି ବହୁତ ଅସ୍ଥିର ହେଲାଣି। ଏ ପଟରେ ସେ ରୋଗୀ ର ଅବସ୍ଥା ବି ସାଙ୍ଘାତିକ ହେବାରେ ଲାଗିଛି। କିନ୍ତୁ ତାର ପରିବାର ଲୋକ ଏଠି ପହଞ୍ଚି ସାରିଲେଣି। ପରିବାର ଲୋକ ଙ୍କୁ ଦେଖି ସେ ରୋଗୀ ର ମାନସିକ କ୍ଷେତ୍ର ରେ ଅନେକ ପରିବର୍ତ୍ତନ ହୋଇଅଛି। କିନ୍ତୁ ଶାରୀରିକ କ୍ଷେତ୍ର ରେ ଆହୁରି ଦୁର୍ବଳ ହେବାରେ ଲାଗିଛି। ଡକ୍ଟର ଆଲୋକ ସହ ରୋଗୀ ର ଭଉଣୀ କଥା ହୋଇଛନ୍ତି ସବୁ ଏହି ବିଷୟରେ। ଶିଖା ର ନାଁ କୁ ଶୁଣି ରୋଗି ର ଭଉଣୀ ଅମ୍ରିତା ସନ୍ଦେହ କରିଛି ଆଉ ତାକୁ ଦେଖିବାକୁ ଆଲୋକ ସହ ଆଶ୍ରମ କୁ ଯାଇଅଛି। ଆଶ୍ରମ ରେ ଶିଖା ଦେଖିଛି ତାର ଅମ୍ରିତା ଭାଉଜକୁ। ଅମ୍ରିତା ଭାଉଜ ବି ଦେଖିଛନ୍ତି ଶିଖା କୁ। ଦୁହେଁ ଦୁହିଁଙ୍କ ସାକ୍ଷାତ ରେ ସେଠି ଏକ ଭାବ ବିହ୍ୱଳ ପରିବେଶ ସୃଷ୍ଟି ହୋଇଅଛି। ସ୍ୱରୂପ ର ଏହି ଅବସ୍ଥା ଦେଖି ଶିଖା ଆଉ ସମ୍ଭାଳି ପାରୁନି ନିଜକୁ। ଅମ୍ରିତା ଭାଉଜ ଙ୍କ ସହ ସ୍ୱରୂପ ର ବେଡ ପାଖକୁ ଯାଇଛି। ଶିଖା ସ୍ୱରୂପ ପ୍ରତି ନିଜକୁ ସଂପୂର୍ଣ୍ଣରୂପେ ସମର୍ପିତ କରିଅଛି। ସେ ଆଉ ଖୋଜିନାହିଁ କିଛି ବିଚ୍ଛେଦ ର କାରଣ। କିଛି ସୃଷ୍ଟି ହୋଇଥିବା ଝଡ ର କାରଣ କଣ। ସବୁ କିଛି ଭୁଲିଯାଇ ନିଜ ଶାଶ୍ୱତ ପ୍ରେମ ର ପରାକାଷ୍ଠା ଏଠି ଦେଖାଇ ଅଛି। ଦିନ ରାତି ସବୁ ତାର ବିତି ଅଛି ସ୍ୱରୂପ ପାଖରେ। ସ୍ୱରୂପ ର ସୁସ୍ଥତା ତାର ଏକାନ୍ତ କାମ୍ୟ। ସ୍ୱରୂପ କିଛିଦିନ ପରେ ସଂପୂର୍ଣ୍ଣ ସୁସ୍ଥ ହୋଇ ଯାଇଅଛି। ତାର ମାନସିକ ଶକ୍ତି ଫେରିବା କ୍ଷଣି ସେ ଚିହ୍ନି ପାରିଛି ତାର ସାଙ୍ଗ ଆଲୋକ କୁ,ତା ଭଉଣୀ ଅମ୍ରିତା କୁ ଆଉ ତା ପ୍ରାଣ ପ୍ରିୟା ସମ୍ଭାବନା ବା ଶିଖା କୁ। ସ୍ୱରୂପ

ର ସୁସ୍ଥ ହେବା ପରେ ଆଲୋକ ଶିଖା ଆଉ ଅମ୍ରିତା ଭାଉଜକୁ ସବୁ କଥା କହିଛି। ସ୍ୱରୂପ ର ଜୀବନ ପ୍ରତି ଥିବା ବିପଦ ଆଉ ହୋଇଥିବା ଷଡ଼ଯନ୍ତ୍ର ବିଷୟରେ ବି କହିଛି ଆଲୋକ। ଏବେ ସ୍ୱରୂପ ଆଉ  ଶିଖା ଦୁହେଁ ଅତି ଶୀଘ୍ର ବିବାହ କରି  ଏକ ଗୁପ୍ତ ସ୍ଥାନ କୁ ଯିବା ପାଇଁ କହିଛି। ପ୍ରକୃତ ରେ ବିବାହ ଦିନ  ଶିଖା ର ଚରିତ୍ର ହୀନ କଥା ପାଇଁ ସ୍ୱରୂପ ମନା କରିବା ଏହା ମିଛ ହିଁ ଥିଲା। ବାସ୍ତବରେ ଶିଖା ର ଭାଇ ତଥା ବିଧାୟକ ଙ୍କ ପୁଅ ରୁଦ୍ର ଆଉ ପ୍ରିତବ୍ରତ ଗ୍ଡହୁଁ ନଥିଲେ ଶିଖା କେଉଁଠି ବିବାହ କରୁ । କାରଣ ଶିଖା ବିବାହ କଲେ ସେ ଦୁହିଁଙ୍କ ସମ୍ପତ୍ତି ରୁ ଭାଗ ହେବ। ସେଥିପାଇଁ ସେ ସ୍ୱରୂପ କୁ ମାରି ଦେବାକୁ ଉଦ୍ୟମ କରିଥିଲେ। ଆଉ ଶିଖା ମୁଣ୍ଡରେ କଳଙ୍କ ଆଉ ଚରିତ୍ର ହୀନ ତା ର ଦୋଷ ଲଦି ଥିଲି। ସେ ଦିନ  ଗୋପ  ଗାଁର ନଦୀ କୂଳ ରେ  ପ୍ରିୟବ୍ରତ ର ଆଉ ତା ଗୁଣ୍ଡା ମାନେ ସ୍ୱରୂପ କୁ ମାରି ନଦୀ ରେ ଭସାଇ ଦେଇଥିଲେ। ଆଲୋକ ସ୍ୱରୂପ କୁ ଉଦ୍ଧାର କଲା ଆଉ ତା ଜୀବନ ଥିବା ଦେଖି ତାକୁ ଏଠାକୁ ଧରି ଗ୍ଲଲିଆସିଲା। କାଳେ କେହି କିଛି ଜାଣିଲେ  ସମସ୍ୟା ହେବ ସେଥିପାଇଁ ସେ କାହାକୁ ବି ଏହି ଘଟଣା ବିଷୟ ରେ କହୁନଥିଲା। ଏପରିକି ଶିଖା ବିଷୟରେ ସବୁ  ଜାଣିକ ମଧ୍ୟ ସ୍ୱରୂପ ର ପରିଚୟ ବିଷୟ ରେ ଗୁପ୍ତ ରଖିଥିଲା ଆଲୋକ। ମେଡ଼ିକାଲ ରୁ ସ୍ୱରୂପ discharge ହେବା ପରେ  ଗୋପନ ଭାବେ ବିବାହ ପ୍ରସ୍ତୁତି ରେ ଲାଗିଥିଲା। ଏ ପାଖ ର ବିଶେଷ ସୂତ୍ର ରୁ ଖବର ପାଇ ପ୍ରିୟ ବ୍ରତ ଆଉ ରୁଦ୍ର ନିଜ ଗୁଣ୍ଡା ବାହିନୀ ଆଉ  ପୋଲିସ୍ ଙ୍କୁ ଧରି ଯାଇ ବୃନ୍ଦାବନ ଧାମ ରେ ସ୍ୱରୂପ ଆଉ ଶିଖା  ଙ୍କୁ ଖୋଜିଲେଣି। ତାଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଲା ଏବେ ସ୍ୱରୂପ କୁ ପୋଲିସ ରେ ଦେବେ ମିଛ କିଡନାପ କେସ ରେ ଆଉ ଶିଖା କୁ ଆଣି  ଜୀବନରୁ ମାରିଦେବା। କାରଣ ଶିଖା ବଞ୍ଚି ରହିଲେ ସିନା ସେ ବିବାହ କରିବ କି ସମ୍ପତ୍ତି ର ଭାଗ ମାଗିବା ବିଧାୟକ ଙ୍କ ପୁଅ ରୁଦ୍ର ଉନିର୍ବାଚନରେ ବି ବିଧାୟକ ହୋଇଅଛି। ହେଲେ ନିଜ ମୂର୍ଖାମି ପାଇଁ ସ୍ୱରୂପ ବିଷୟରେ ସେ କିଛି ବିଜାଣିନାହିଁ।

ଗୋଟେ ଫଗୁଣ ର ଅନ୍ତ ପରେ ଗୋଟେ ବର୍ଷ ର  ଅବସାନ ପରେ ପୁଣି ଫଗୁଣ ଫେରିଛି। ବୃନ୍ଦାବନ ଧାମ ରେ ହୋଲି ଉତ୍ସବ ପାଳନ କରାଯାଉ ଅଛି। ପ୍ରଭୁ ବାଙ୍କ ବିହାରୀ ମନ୍ଦିର ଉତ୍ସବ ମୁଖର । ଏହି ସମୟରେ ସ୍ୱରୂପ ଆଉ ଶିଖା ନିଜ ଭଉଣୀ ଅମ୍ରିତା ଆଉ ବନ୍ଧୁ ଆଲୋକ ର ଉପସ୍ଥିତି ରେ ବିବାହ ବନ୍ଧନ ରେ ବାନ୍ଧି ହେବେ ଆଜି।  ବୃନ୍ଦାବନ ଧାମ ର ଗୋବର୍ଦ୍ଧନ ପର୍ବତ ରେ ବିବାହ କାର୍ଯ୍ୟ ହେବାର ଥାଏ ।  ହଠାତ୍ ଏହି ସମୟରେ ରୁଦ୍ର ଆଉ ପ୍ରିୟବ୍ରତ ସେହି ସ୍ଥାନ ରେ ପହଞ୍ଚି ଗଲେ । ଆଉ ସାଙ୍ଗରେ ଥିଲେ ପୋଲିସ ଆଉ ଗୁଣ୍ଡା

ବାହିନୀ। ରୁଦ୍ର ର ଇଶାର୍ ରେ ପୋଲିସ ମାନେ ଯେତେବେଳେ ସ୍ୱରୂପ କୁ ଗିରଫ ପାଇଁ ଗଲେ ସେହି ସମୟରେ ସ୍ୱରୂପ ଏକ ସ୍ମିତ ହସ ଦେଲ୍। ସ୍ୱରୂପ ପାଖରେ ପୋଲିସ ଇନ୍ସପେକ୍ଟର ପହଞ୍ଚିଲେ ଆଉ ସ୍ୱରୂପ ର identity card ଦେଖି ଲେ ଆଉ ସାଙ୍ଗେ ସଙ୍ଗେ ସବୁ ପୋଲିସ ମାନେ ସ୍ୱରୂପ କୁ ସାଲୁଟ କଲେ। ଏହା ଦେଖି ଦୁଇ ଭାଇ ଆଚମ୍ବିତ ହୋଇପଡିଲେ । ସ୍ୱରୂପ କୁ ଗିରଫ ନ କରି ସଲୁଟ କରିବାର କାରଣ ପଚ୍ଚରିଲେ। ସ୍ୱରୂପ ଜିଲ୍ଲା ର ଜିଲ୍ଲାପାଳ ଭାବେ ଦୁଇ ଦିନ ତଳେ ନିଯୁକ୍ତି ପାଇଛି। ଆଉ ସେ ଦୁଇ ଭାଇଙ୍କ ସାମ୍ନା ରେ ବିବାହ କରି ସେମାନଙ୍କୁ ପୋଲିସ ହାତ ରେ ଧରାଇବା ର ଯୋଜନା ସ୍ୱରୂପ ନିଜେ କରୁଥିଲ୍। ସ୍ୱରୂପ କୁ ହତ୍ୟା ଉଦ୍ୟମ ଏବଂ ଶିଖା କୁ ଅତ୍ୟାଚ୍ଚର କରୁଥିବା ଅଭିଯୋଗ ରେ ପୋଲିସ ସେ ଦୁଇ ଭାଇ ଙ୍କୁ ଗିରଫ କଲ୍। ମହାପ୍ରଭୁ ଶାଶ୍ୱତ ପ୍ରେମୀ ଶ୍ରୀ କୃଷ୍ଣ ଏବଂ ଶ୍ରୀ ରାଧା ଙ୍କୁ ସାକ୍ଷୀ ରଖି ଉଭୟ ସ୍ୱରୂପ ଆଉ ଶିଖା ଜନ୍ମ ଜନ୍ମ ପାଇଁ ବିବାହ ବନ୍ଧନ ରେ ବାନ୍ଧି ହେଲେ। ଯେଉଁଠି ନଥିଲ୍ ଆଉ କିଛି ବିପଦ ଆଉ କିଛି ଶଙ୍କା କ ଆଶଙ୍କା। ଚରିତ୍ରହୀନା ର କଳଙ୍କ ନଥିଲ୍ ଆଉ,। କେବଳ ଦୁଇଟି ନିର୍ମଳ ହୃଦୟ ରେ ଭରି ରହିଥିଲ୍ ପରସ୍ପର ପ୍ରତି ଅଗାଧ, ଅତୁଟ ବିଶ୍ୱାସ, ଆଉ ଅସୀମ ପ୍ରେମ ଯାହା ଶାଶ୍ୱତ ଆଉ ଚିରନ୍ତନ। ଆଉ ଫେରିଥିବା ଫଗୁଣ ପ୍ରେମ ର ନୂଆ ଅଧ୍ୟାୟ କୁ ସୃଷ୍ଟି କରିଥିଲ୍।

ଉଲ୍ଲୋଲ, ଘଷିପୁର୍, କେନ୍ଦୁଝର,
ଜିଲ୍ଲା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନ କେନ୍ଦୁଝର ର ଗୁରୁ ଛାତ୍ର,

# ଅଭିମାନ



ରାଧାରାଣୀ ରାଉଳ

ଅଭିମାନ ମୋର ବଢ଼ିଗଲା ଆଜି
ଯାଉଛି ମୁଁ ଘରଛାଡି
ସାଥିରେ ମୋହର କଲମ ଡାଏରୀ
ଭାଗ୍ୟ ସାଥେ ଦେଲି ଯୋଡି
ଭାଗ୍ୟ ବିଡମ୍ବନା ଦାୟୀ ଏଥିପାଇଁ
ଆଉ କେହି ଦାୟୀ ନୁହେଁ
ଜୀବନ ଯନ୍ତ୍ରଣା ସହି ହେଉନାହିଁ
ଦୁଃଖ ଲାଗେ ଭାରି ଭାରି
ଦୁଃଖ ଅଭାବକୁ ନଜର କରି ମୁଁ
ଆଖି ଯାଏ ଲୁହେ ଭରି
ଜୀବନ ମୋହର ବାଟ ଚାଲୁ ଚାଲୁ
ବାଟରେ ଯାଏ ସେ ହାରି
ଖୁସି ତ ମୋହର ମୋଠୁ ବହୁ ଦୂରେ
କାହିଁକି ପାଇଲି ମଣିଷ ଜନମ
ଭାବୁ ଅଛି ନିରୋଳାରେ ।

କଟିକଟା, ଯାଜପୁର

# କେବେ ତମେ ଅଛ
# କେବେ ତମେ ନାହିଁ...



ଶୁଭମ୍ କୁମାର ସାହୁ

କେବେ ତମେ ଅଛ
ଏମିତି କେତେ ପାହିଛି ରାତି
ଯେଉଁ ରାତିକୁ ସାଥୀଟେ ନାହିଁ
ଏମିତିବି ତମେ ଆସିଛ ସାଥୀ
ସାଥେଅଛ ହେଲେ ରାତିଟେ ନାହିଁ।।
ଏମିତି କେତେ ଫୁଟିଛି ଫୁଲ
ଯେଉଁ ଫୁଲରେ ବାସନା ନାହିଁ
ଏମିତିବି କେତେ ବାସନା ଅଛି
ଯେଉଁ ବାସନା ଫୁଲରେ ନାହିଁ।।
ତନୁରେ ମୋର ଯୋଛନା ଢାଳ
ଯେଉଁ ଯୋଛନା ଜହ୍ନରେ ନାହିଁ
କେବେ ପୁଣି ଆସ ହୋଇମୋ ଜହ୍ନ
ହେଲେ ମୁଁ ଯୋଛନା ପାଏ ତ ନାହିଁ।।
ଏମିତି କେତେ ଶୋଇଛି ଆଖି
ଯେଉଁ ଆଖିରେ ସପନ ନାହିଁ
ଏମିତିବି କେତେ ଆସେ ସପନ
ତମେ ସେ ସପନେ ଆସଯେ ନାହିଁ।।
ଏମିତି ତମେ ବାଦଲେ ଭାସ
ଯେଉଁ ବାଦଲ ବରଷେ ନାହିଁ
ଏମିତିବି କେତେ ବରଷା ଝରେ
ଯଉଠି ତମେ ଦିଶତ ନାହିଁ।।

ପଦାପଡା, ଗୁଡିଖାଳ, ବାଲେଶ୍ୱର

# କୃଷିଭିତ୍ତିକ ଗଣପର୍ବ
# ନୂଆଁଖାଇ



ସାଇପ୍ରସାଦ ସାହୁ

ନୂଆଁଖାଇ ହେଉଛି କୃଷି ଓ କୃଷକର ପର୍ବ | ସେଥିପାଇଁ ଏହାକୁ କୃଷିଭିତ୍ତିକ ପର୍ବ ବୋଲି କୁହାଯାଏ | ଇତିହାସ ପୃଷ୍ଠାକୁ ଓଲଟାଇ ଦେଖିଲେ ତତକ୍ାଳୀନ କୋଶଳ ରାଜ୍ୟ ବା ବର୍ତ୍ତମାନର ପଶ୍ଚିମ ଓଡିଶାରେ ଏକ ସ୍ୱାତନ୍ତ୍ୟ ରହିଛି | ଏହି ଅଞ୍ଚଳରେ ବସବାସ କରୁଥିବା ଲୋକେ ପ୍ରକୃତି ପୂଜା ଓ ଭାଇଚାରାକୁ ବଜାଇ ରଖିବା ପାଇଁ ନୂଆଁଖାଇ ପର୍ବକୁ ପାଳନ କରିଥାନ୍ତି | କାହିଁ କେଉଁ ଆବହମାନ କାଳରୁ ମନୁଷ୍ୟ ଓ ପ୍ରକୃତିର ସମ୍ପର୍କ ରହିଆସିଛି | ପ୍ରକୃତିକୁ ଛାଡି ମନୁଷ୍ୟ ରହିପାରିବ ନାହିଁ | ଏହାରି କୋଳରେ ଆରମ୍ଭରୁ ନିଜର ଜୀବନଜୀବିକା ପ୍ରତିପୋଷଣ କରିଆସିଛି | ମନୁଷ୍ୟର ମସ୍ତିସ୍କ ବିକଶିତ ହେବା ସାଙ୍ଗକୁ ତା'ର ବ୍ୟବହାର ମଧ୍ୟ ପରିବର୍ତ୍ତନ ହୋଇଛି ଏବଂ ଆପେ ଆପେ ପ୍ରକୃତିକୁ ମାଁ ରୂପରେ ପୂଜା କରି ଆସୁଛି | ଯାହା ବିଭିନ୍ନ ପର୍ବପର୍ବାଣୀରେ ପ୍ରତିଫଳନ ହେଉଛି | ତନ୍ମଧ୍ୟରୁ ପଶ୍ଚିମ ଓଡିଶାରେ ପାଳନ କରାଯାଉଥିବା ନୂଆଁଖାଇ ପର୍ବ ଅନ୍ୟତମ | ଏହି ମହାନ ପର୍ବ ଗଣପର୍ବ ରୂପେ ଆଖ୍ୟାୟିତ | ଏହା ପଶ୍ଚିମ ଓଡିଶାର କଳା, ସଂସ୍କୃତି, ଭାଷା, ପରମ୍ପରା, ଚାଲି-ଚଳଣ ଏବଂ ସର୍ବୋପରି ଭାବାବେଗ ସହିତ ଓତଃ ପ୍ରୋତଃ ଭାବେ ଜଡିତ | ନୂଆଁଖାଇ ଯେ, କେବଳ ପାରମ୍ପରିକ ପର୍ବ ନୁହେଁ, ବରଂ ଏହି ପର୍ବ ଭାତୃତ୍ୱଭାବ ଓ ଏକତାର ପର୍ବ, ସୌହାର୍ଦ୍ଦ୍ୟ ମହାମିଳନର ପର୍ବ କାରଣ ଯିଏ ଯେଉଁଠି ଯେତେଦୂରରେ ଥାଆନ୍ତୁ ନା କାହିଁକ ଅନ୍ତତଃ ବର୍ଷକୁ ଥରେ ଏହି ନିର୍ଦ୍ଦିଷ୍ଟ ପର୍ବ ସମୟରେ ସମସ୍ତେ ଏକତ୍ରିତ ହୋଇଥାନ୍ତି | ଯାହା ଲୋକମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ସହିତ ଆତ୍ମୀୟଭାବ ବଢିଥାଏ | ଧାନ ହେଉଛି ଏହି ଅଞ୍ଚଳର ପ୍ରମୁଖ ଖାଦ୍ୟ ଶସ୍ୟ | ପ୍ରତିବର୍ଷ ଜୁନ ମାସ ବେଳକୁ ମୌସୁମୀର ଆଗମନ ହୋଇଥାଏ | ଧରଣୀ ମା ଦେହରେ ଜମିକୁ ଚାଷୀ ପିଲା ଚଷି ଫସଲ ଲଗାଇଥାଏ | ପ୍ରଥମ ଧାନ ଫସଲ ଠିକ ଭାଦ୍ରବ ମାସ ଶେଷ ବେଳକୁ ଅମଳ

ହୋଇଥାଏ । ପଶ୍ଚିମ ଓଡିଶାର ଆଁଟ ଓ ମାଳ ଅଞ୍ଚଳରେ ପ୍ରଥମ କରି ଫସଲ ହୋଇଥାଏ। ମନୁଷ୍ୟର ଧର୍ମ ହେଲା ଯେଉଁଠୁ ଖାଦ୍ୟ ପାଇଥାଏ, ତାହାକୁ ପ୍ରଥମେ ନିଜ ଇଷ୍ଟଦେବୀଙ୍କୁ ସମର୍ପଣ କରାଯାଇ ଥାଏ । ପଶ୍ଚିମ ଓଡିଶାର ବିଭିନ୍ନ ଗଡଜାତ ଅଞ୍ଚଳରେ ବିଭିନ୍ନ ଇଷ୍ଟଦେବୀ ରହିଛନ୍ତି । ସମ୍ବଲପୁରରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ, ବଲାଙ୍ଗୀରରେ ପାଟଣେଶ୍ୱରୀ, ସୋନପୁରରେ ସୁରେଶ୍ୱରୀ ଓ କଳାହାଣ୍ଡିରେ ମା' ମାଣିକେଶ୍ୱରୀଙ୍କ ପୀଠରେ ଏହି ନବାନ୍ନ ଭୋଗ ପ୍ରସ୍ତୁତି ପାଇଁ ରାଶି ନକ୍ଷତ୍ର ଦେଖାଯାଇ ଲଗ୍ନଧାର୍ଯ୍ୟ ହୋଇଥାଏ । ପ୍ରତି ଅଧିଷ୍ଠାତ୍ରୀ ଦେବୀଙ୍କ ନିକଟରେ ଏକ ନିର୍ଦ୍ଦିଷ୍ଟ ସମୟରେ ନବାନ୍ନ ଭୋଗ ଲଗାଯିବା ପାଇଁ ପଣ୍ଡିତ ମାନଙ୍କ ଦ୍ୱାରା ଲଗ୍ନ ନିର୍ଦ୍ଧାରଣ କରାଯାଏ । ଏହାକୁ ନୂଆଁଖାଇର ଲଗ୍ନଧାର୍ଯ୍ୟ ନୀତି କୁହାଯାଏ । ଭାଦ୍ରବ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ନୂଆଁଖାଇ ପର୍ବ ପଶ୍ଚିମ ଓଡିଶାର ପଲ୍ଲୀଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ଉତ୍ସବ ମୁଖର ହୋଇ ଉଠେ । ଚଳିତ ବର୍ଷ ସେପ୍ଟେମ୍ବର ମାସ ୧୧ ତାରିଖରେ ଏହି ତିଥି ପଡୁଛି । ନୂଆଁଖାଇ ଏକ କୃଷିଭିତ୍ତିକ ଏବଂ ଅନନ୍ୟ ପର୍ବ ହୋଇଥିବାବେଳେ ପଶ୍ଚିମାଞ୍ଚଳର ସମସ୍ତ ପୁରପଲ୍ଲି ଏଥିପାଇଁ ଖୁବ୍ ଉତ୍ସାହ ଓ ଉଦ୍ଦୀପନା ଦେଖାଦେଇଥାଏ । ନବାନ୍ନ ପାଳନର ପୂର୍ବ ପ୍ରସ୍ତୁତି ପ୍ରାୟ ସପ୍ତାହେ ପୂର୍ବରୁ ଆରମ୍ଭ ହୋଇଥାଏ । ଗାଁ ଗହଳରେ ଘରଦ୍ୱାର ଲିପାପୋଛା କରି ସାଫା ସୁତୁରା କରାଯାଇଥାଏ । ନୂଆଁଖାଇ ପୂର୍ବରୁ ଯିଏ ଯେଉଁଠି ବାହାରେ ଚାକିରି କରୁଥିଲେ ହେଁ ସେମାନେ ଗାଁକୁ ଦୁଇଚାରି ଦିନ ପାଇଁ ନିଶ୍ଚୟ ଆସିଥାନ୍ତି । ନୂଆଁଖାଇ ପର୍ବରେ ନୂତନ ଶସ୍ୟ ଏବଂ ଏହି ଋତୁରେ ଉତ୍ପାଦିତ ସମସ୍ତ ପନପରିବାକୁ ନବାନ୍ନ ରୂପେ ଲଗାଯାଏ । ନୂଆଁଖାଇ ଦିନ ପ୍ରାତଃ କାଳରୁ ଘରର ବହୁମାନେ ସ୍ନାନାଦି ନିତ୍ୟ କର୍ମ ସମାପନ କରି ଘରେ ନୂତନ ଶସ୍ୟରେ ଅନ୍ନ, କ୍ଷୀର, କାକରା, ଆରିଷା ଆଦି ସ୍ୱାଦିଷ୍ଟ ପିଠାପଣା ଓ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି । ଗାଁର ଇଷ୍ଟଦେବୀଙ୍କ ପାଖରେ ଝଙ୍କାର ବା ପୂଜାରୀ ଲଗ୍ନ ଅନୁଯାୟୀ ନୂଆଁକୁଣ୍ଡା ଲଗାଇ ସମସ୍ତଙ୍କ ଘରକୁ ବଣ୍ଟନ କରାଯାଏ । ଏହା ପରେ ପରିବାରର ସମସ୍ତ ସଦସ୍ୟ ପ୍ରଭାତ ସମୟରୁ ସ୍ନାନ କରି ନୂତନ ବସ୍ତ୍ର ପରିଧାନ ସାଙ୍ଗକୁ ଘରର ମୁଖିଆ ଇଷ୍ଟଦେବୀଙ୍କ ନିକଟରେ ନବାନ୍ନ ସମର୍ପଣ କରନ୍ତି । ନୂଆ ଅରୁଆ ଚାଉଳ, ଧୂପ, ଦୀପ ସମର୍ପଣ ପୂର୍ବକ ଅଧିକ ଅମଳ ପାଇଁ କୃଷିକ୍ଷେତ୍ରକୁ ଯାଇ ପୃଥିବୀମାତାଙ୍କୁ ଉପାସନା ଓ ପୂଜାର୍ଚ୍ଚନା କରିଥାନ୍ତି । ପରେ ଘରେ ସମସ୍ତେ ଏକତ୍ରିତ ଭାବରେ ବସିଥାନ୍ତି ଓ ଘରର ମୁଖିଆ ଗୋଟି ଗୋଟି କରି ନୂଆଁକୁଣ୍ଡା ବାଣ୍ଟିଥାନ୍ତି । ନୂଆଁକୁଣ୍ଡା ନୂଆଁ ଧାନକୁ କୁଟି ସେଥିରେ ନଡିଆ, ରାସି ଓ ଗୁଡ ମିଶାଇ ପ୍ରସ୍ତୁତ କରାଯାଇଥାଏ ।

ନୂଆଁକୁଣ୍ଡାକୁ ବହୁ ଅଞ୍ଚଳରେ କୁରେପତ୍ରର ଦନାରେ ରଖି ପୂଜା କର୍‌ଯାଏ | ଭିନ୍ନ ଭିନ୍ନ ସମ୍ପ୍ରଦାୟରେ କୁରେଇ, ମହୁଲ, ଶାଳ ଆଦି ପତ୍ରରେ ନବାନ୍ନ ଅର୍ପଣ କର୍‌ଯିବାର ବିଧି ବ୍ୟବସ୍ଥା ରହିଛି | ନୂଆ ଗୁଡ଼ଳରୁ ପ୍ରସ୍ତୁତ ଖିରୀ, ପିଠା, ଏବଂ ବିଭିନ୍ନ ପନପରିବାରେ ପ୍ରସ୍ତୁତ ବ୍ୟଞ୍ଜନ, ବନଜାତ ବାଉଁଶ କରଡିରେ ତିଆରି ଆମ୍ବୁଲ ଖଟା ଆଦି ଅନେକ ଖାଦ୍ୟର ସମ୍ଭାରକୁ  ଶାଳପତ୍ରରେ ତିଆରି ଖଲି ଓ ଦନାରେ ପରଷା ଯାଇଥାଏ |  ନୂଆଁଖାଇର ଗୁରୁତ୍ୱ ଅତୀତ ଠାରୁ ଆରମ୍ଭ କରି ଭବିଷ୍ୟତ ଯାଏଁ ଲମ୍ବିଯାଇଛି | ଏହି ପର୍ବ ଯେତେ ପ୍ରାଚୀନ; ତା'ର ଲକ୍ଷ୍ୟ, ଉଦ୍ଦେଶ୍ୟ ମଧ୍ୟ ସେଭଳି ନିତ୍ୟ ନୂତନ ଓ ଚିର ସବୁଜ | ସମ୍ବଲପୁରୀ ଭାଷାରେ କଥାଟିଏ ଅଛି, ଜିଁ ଜାଗିଥିଲେ ବଛ୍ ରେ ଅର୍ଥାତ୍ ; ଏହି ବର୍ଷ ଆସ ନୂଆଁଖାଇବା, ଜୀବନ ଥିଲେ ପୁଣି ଆଗାମୀ ବର୍ଷ ଈଶ୍ୱରଙ୍କ ଆଶୀର୍ବାଦରୁ ଏକାଠି ହେବା | ପର୍ବର ଦ୍ୱିତୀୟ ପର୍ଯ୍ୟାୟରେ  ଜୁହାର୍ ଭେଟ୍ ଘାଟ୍"  ପ୍ରଥାରେ ପରିବାର ତଥା ଗ୍ରାମର କନିଷ୍ଠମାନେ ଜ୍ୟେଷ୍ଠ ସଦସ୍ୟମାନଙ୍କୁ ପାଦଧରି ମୁଣ୍ଡିଆ ମାରିବା ଏବଂ ଜ୍ୟେଷ୍ଠମାନେ କନିଷ୍ଠମାନଙ୍କୁ ଆଶୀର୍ବାଦ ପୂର୍ବକ ମଙ୍ଗଳ କାମନା କରିବା ପରମ୍ପରା ଏଯାବତ ରହିଛି  | ସମସ୍ତ ପ୍ରକାର ତିକ୍ତତାକୁ ଭୁଲି ଭାଇଚାରା ବନ୍ଧନରେ ବାନ୍ଧି ହେବା ଏହି ପର୍ବର ଏକ ଅନନ୍ୟ ପରମ୍ପରା |  କେବଳ  ଯେ ପାରିବାରିକ କ୍ଷେତ୍ରରେ ଏହା ସହଂତ ଓ ସମ୍ପର୍କ ସ୍ଥାପନା କରେ ତାହା ନୁହେଁ; ସାମାଜିକ କ୍ଷେତ୍ରରେ ମଧ୍ୟ ଏହାର ଢ଼େର ଉପଦେୟତା ରହିଛି | କୃଷିଭିତ୍ତିକ, ଧର୍ମଭିତ୍ତିକ ଓ ପ୍ରାଚୀନ ପରମ୍ପରାର ବାର୍ତ୍ତାବାହକ ନୂଆଁଖାଇ ଆମକୁ ତ୍ୟାଗ, ନିଷ୍ଠା, ସେବା, ଭକ୍ତି ଓ ଈଶ୍ୱର ବିଶ୍ୱାସ ସମ୍ବନ୍ଧରେ ଆମକୁ ଶିକ୍ଷା ଦେଇଥାଏ |

ସିନ୍ଧେକେଲ୍ ,ବଲାଙ୍ଗୀର

# ମାଟିକାନ୍ଥ



ସରୋଜ କୁମାର ସାହୁ

ମାଟିକାନ୍ଥ ମୋର ଲାଗଇ ସୁନ୍ଦର
ଗାଏ ଅତୀତର ଗାଥା
ପୂନେଇ ପରବ ଅବା ଶୁଭଦିନେ
ପଡୁଥିଲା ଝୋଟିଚିତା।
ଲିପି ବୁଲୁଥିଲା ମାଟିର ମହକ
ଗୋବରରେ ଭରା ଦେହ
ସହି ଅଛି ସିନା ଦୁଃଖର ଯନ୍ତ୍ରଣା
ଢାଳନାହିଁ ଟୋପେ ଲୁହ।
ଖରା ବରଷାକୁ ସହିଛି ଆନନ୍ଦେ
ପରିବାର ଖୁସି ପାଇଁ
ଛାଇପରି ସଦା ରହିଅଛି ଜଗି
ମୁରବୀର ହାତ ନେଇ।
ହସକାନ୍ଦ ସବୁ ଦେଖିଛି ଆମରି
ତଥାପି ରୁଷିନ ଥରେ
ପିଲାବେଳ ସହ ଯୌବନ ବାର୍ଦ୍ଧକ୍ୟ
କଟିଅଛି ଏଇ ଘରେ।
ଅଲୋଡା ରହିଛି ଆଜିବି ତାପାଖେ
ସୁଖ ସ୍ୱାଛନ୍ଦର ଭାବ
ଶାନ୍ତ ପରିବେଶ ମନରେ ଭରିଣ
ସଭିଁଙ୍କୁ ଆଦରି ନେବା।

ଆଠଗଡ, କଟକ

# ପ୍ରେମିକ ସାଜି ଲେଖୁଛି ଆଜି



ସେବାକାନ୍ତ ନନ୍ଦ

ପ୍ରେମିକ ସାଜି ଲେଖୁଛି ଆଜି
ହୃଦୟରେ ମୋର ତୋ ନାଆଁକୁ,
ପ୍ରେମିକ ବୋଲି କହିବୁ କେବେ
ଗୁହିଁଛି ମୁଁ ସେହି ଦିନକୁ ॥
କେବେ କହିବୁ ଓଠରୁ ତୋ ମୁକୁତା ଝରାଇ
ଯେବେଠୁ ଦେଖିଲି ତତେ ମୁଁ
ସେହିଦିନୁ ଆଖିରେ ମୋ ନିଦ ନାହିଁ
ଭାବୁଛି ମୁଁ ତତେ ମୋର ସାଥେ ରଖିବାକୁ ॥୧॥
କେବେ ହେବ ଆମ ମିଳନ
ହସୁଥିବ ଏଇ ସବୁଜ ବନ
ନଦୀକୂଳେ ବୁଲିବାକୁ ଯେବେ ଯିବି ମୁହିଁ
ସାଥେ ଥିଲା ପରି ଲାଗେ ମତେ ତୋର ଛାଇ ।
ଏଇ ବନ ପାହାଡ ଆଜି ଲାଗେ କି ସୁନ୍ଦର
ପ୍ରିୟା ମୋର ପାଖେ ଥିଲେ ତାଠୁ ଭାରି ସୁନ୍ଦର ।
କେତେ ଚିଠି ଲେଖିଥାଏ ସିଏ ଆସିବାକୁ
ପ୍ରେମିକ ସାଜି ଲେଖୁଛି ଆଜି
ହୃଦୟରେ ମୋର ତୋ ନାଆଁକୁ ॥

ବନ୍ଧପାଲି, ବଲାଙ୍ଗିର

# ଚର୍ ପୋଷାକ



ଦୁଷ୍ମନ୍ତ ବେହେରା

ସହର ଠାରୁ ବହୁ ଦୂର ମଫସଲ ଗାଁ ଟିଏ । ଜୁନା ମହୁପର, ସେ ଗାଁରେ ବାସ କରନ୍ତି ସେଫାଳ ଙ୍କ ପରିବାର । ସେଫାଳ କୁ ଏଗାର ବର୍ଷ ବୟସ ହୋଇଥିଏ ତା'ର ସାନ ଭାଇ ବୁନୁ କୁ ପାଞ୍ଚ ବର୍ଷ ହୋଇଥାଏ । ସେହି ବର୍ଷ ବାପା ମା"ଆ ରୋଗ ରେ ପୀଡିତ ହୋଇ ସବୁଦିନ ପାଇଁ ଚାଲିଗଲେ ।

ଦୁଃଖ ଯେମିତି ମୁଣ୍ଡ ଉପରେ ପାହାଡ ପରି ଛିଡା ହୋଇଛି । ଚାଲ ଛପର ମାଟି ଘର ଟି ଗୃହାଣିର ଅଙ୍କା ବଙ୍କା ସ୍ମୃତି ଗୁଡିକ ମନେ ପକାଇ ଦଉଛି । ଦଦରା ଦୁଃଖ ର ମଲାଟ ଛପା ପୃଷ୍ଠା କେମିତି ଚରି ପାରିବ । ଜାଉଁଳ କବାଟ ଘର ପିଣ୍ଡା କହି ଦେଉଥିଲା ଦୁଃଖ ରେ ସାମ୍ନା କରୁଥିବା ମଣିଷ ଦିନେ ନିଶ୍ଚିୟ ଜିତିବ ।

ଏଣେ ଗାଁ ଲୋକ କହୁଥିଲେ ସେଫାଳ ତୁ ଅଲକ୍ଷଣୀ ଦରଭଙ୍ଗା ଜୀବନ ଏଇ ନଜର ଦୁଃଖ ସରୁ କ ନସରୁ ଛୋଟ ଭାଇ ବୁନୁର ଦୁଃଖ ବୁଝିବୁ ।

ଦାଣ୍ଡ ପିଣ୍ଡା ର ଚାଳ ଖୁଣ୍ଟ କୁ ଆଉଜି ଦୁଃଖ ଭରା ମନଟା ଭାବୁଥିଲା ସତରେ ମୁଁ କ'ଣ ଅଲକ୍ଷଣୀ । ଅଖି ଦୁଇଟିରୁ ଛଳ ଛଳ ଲୁହ ଧାର ମୁହଁ ରେ ବିନ୍ଦୁ ବିନ୍ଦୁ ର ଅକାନ୍ତ ଗଭିର ଢେଉ ପରି ଭାସୁଥିଲା । ପୁଣି ଭାବିଲା ନଆଁ ଲଗା ମନ ଟା କ'ଣ ଶାନ୍ତି ରେ ବସିବାକୁ ଦଉଛି । ଆରେ ଏଣେ ବୁନୁ ର ଭବିଷ୍ୟତ ଶୀତଳ ଛାୟା ମୁରୁଜ ପରି ହସି ବିଛେଇ ହୋଇ ଭାସି ଯାଉଛି । କନ୍ତୁ ବୁନୁ ସେ ତୋ ଛୋଟ ପିଲା ତା'ର ଭବିଷ୍ୟତ ମୋତେ ଦେଖିବାକୁ ପଡିବ । ଭାବୁଭାବୁ ଆମ ଘରେ ତ ସିଲେଇ ମେସିନ୍ ଅଛି ବାପା ସିଲେଇ କରନ୍ତି, ମୁଁ ତାଙ୍କ ସହିତ ସିଲେଇ ଟିକେ ଟିକେ ଶିଖିଛି । ଆଉ ଗାଁ ଲୋକଙ୍କ ର ଘର ଘର କୁ ବୁଲି ଲୁଗା ପଟା ଆଣି ସିଲେଇ କରିବି । ଠିକ୍ ସେହି ସମୟ ରେ ବୁନୁ ଆସି କହିଲା

ନାନୀ କ'ଣ ଖାଇବି ମୋତେ ଭାରି ଭୋକ ଲାଗିଲାଣି । ତୁ ରହ ମୁଁ ଗାଁ ଆଡେ ଜାଉଛି କଛି ମାଗିକ ଆଣିଲେ ତୁ ଖାଇବୁ । ଗାଁ ଲୋକ ସେଫାଳ କୁ ଦେଖୁଦେଖୁ ଏ ତ ଅଲକ୍ଷଣୀ ଆସିଛି, ଏ କଥା ଶୁଣି ସେଫାଳ ଦୁଇ ଗୋଡ ଧିରେ ଧିରେ ଆଗକୁ ବଢାଇ ଏ ତ ଏମିତି କହିବେ ଭୋକ ଏବଂ ପେଟର ଭୋକ କେମିତି ବୁଝିବ । ମୁଁ ଅଲକ୍ଷଣୀ କ ନୁହଁ ତଥାପି ମୁଁ ବଞ୍ଚିବି, ଏ ବୁନୁ ପାଇଁ । ଏ ତ ସଂସାର ଭଲ ଦେଖିଲେ କହିବେ ମନ୍ଦ ଦେଖିଲେ କହିବେ । ଦିନେ ନିଶ୍ଚୟ ଏମାନେ ନଜର ଭୁଲ୍ ବୁଝି ପାରିବେ ।

ଘରକୁ ଘର ବୁଲି ଲୁଗାପଟା ଆଣିଲା ଓ ତା ସାଙ୍ଗକୁ ଖାଇବା ଆଣିଲା । ଧିରେ ଧିରେ ଦିନ ପରେ ଦିନ ଗୁଡାକ ବିତିବାକୁ ଲାଗିଲା । ଗାଁ ବିଦ୍ୟାଳୟ ରେ ବୁନୁ ପାଠ ପଢିବା ପାଇଁ ନାମ ଲେଖାଇ ଦେଲେ ସେଫାଳ । ଏଣେ ଓଳଏ ଖାଇଲେ ଓଳଏ ଉପାସ ।

ଗୋଟିଏ ବର୍ଷ ପରେ ଗୋଟିଏ ବର୍ଷ ବିତିବାକୁ ଲାଗିଲା । ବୁନୁ ତୃତୀୟ ଶ୍ରେଣୀ ରେ ପଢୁଥାଏ। ରାତି ସମୟ ଘଡ଼ଘଡ଼ି ସହ ବର୍ଷା ହେଲା କନ୍ତୁ ତିନ ବର୍ଷ ହେଲା ଛପର ହୋଇନାହିଁ ଅବା ଏତେ ପଇସା କଉଠୁ ଆସିବ ଯେ ଘର ଛପର କରିବା । ରାତି ଯେତିକ ଯେତିକ ବଢୁଥାଏ ବିଜୁଳ ବର୍ଷା ସେତିକ ସେତିକ ବର୍ଷୁଥାଏ । ଗୁଳ ବାଟ ଦେଇ ବର୍ଷା ଠୋପା ଗୁଡିକ କଣା ବାଟ ଦେଇ ତଳେ ଠପ୍ ଠପ୍ କରି ପଡିଲା । ବୁନୁ ଶୋଇଥିବା ଜାଗାରୁ ଉଠିପଡି ନାନୀ ପାଣି ପଡୁଛି, ଘରର କୋଣ ଗୋଟିଏ ପାଖ୍ୱ ମାଟି କାନ୍ଥ କୁ ଆଉଜି ଗୁଳ ଛପର କୁ ଅନାଇ ଠୋପା ପଡୁଥିବା ଜାଗାରେ ଘରେ ଯାହା ଜିନଷ ଥିଲା ସେଇ ସେଇ ଜାଗା ଗୁଡିକ ରେ ଥୋଇ ଦେଲେ । ଠୋପା ପରେ ଠୋପା ଠପ୍ ଠପ୍ କରି ପଡୁଥାଏ .....

ସେଫାଳ ଠୋପା ଗୁଡିକୁ ଅନାଇ କହିଲା "ଆସିଲୁ ଯେ ଭଲ ହେଲା ଆମ ଗୁଳ ଛପର କଣା ଦେଇ ଗଳ ପଡିଲ କନ୍ତୁ ଆଉଜା ମନକୁ ଦରଦ ଦେଇ ଲକ୍ଷ୍ୟ କୁ ଭିଜାଇ ଦେଇ ନଦ ମାଉସୀ କୁ ଉଠାଇ ଦେଲ" ଠପ୍ ଠପ୍ ପଡିଲ ଭାସୁ ଭାସୁ ଭାସିଲା ଆମ ଜୀବନ ଇଏତ ଆମର ନୀତି ଦିନଆ ଆଶାର ଚୂନା ସପନ, ପୁଣି ସେଫାଳ ଗୁଳ ଉପରକୁ ଅନାଇ କହିଲା....

ଆଃ, ଆଃ ଆଉ କ'ଣ ରହିଲା ଯେ ଆମ ଜୀବନ ରେ ତୁମେ ଭିଜେଇ ଦବ, ଆମେ ତ ଏମିତି ଦୁଃଖ ରେ ଭିଜି ଯାଉଛୁ । ଆରେ ଆରେ ଠୋପା ଦେହର ଚକ୍କଣ ଖଦଡ ଦେଖି

ଦେହ ଉଠାଣି କୁ ମନ ଗଡାଣି ଗଡି ଯାଉଛି ଆମେ ଦୁନଆ ମୂଳେ । ଧିରେ ଧିରେ ବର୍ଷା ଛାଡିଗଲା ।

କଛି ବର୍ଷ ପରେ ବୁନୁ ଗାଁ ବିଦ୍ୟାଳୟ ରୁ ଦଶମ ଶ୍ରେଣୀ ରେ ପ୍ରଥମ ହୋଇ ପାସ୍ ହେଲା। କଲେଜ ପଢିବାକୁ ସହରକୁ ଯିବାପାଇଁ ବୁନୁ ଆସି ସେଫାଳ ନାନୀ କୁ ସବୁକଥା କହିଲା । ତୁମେ କ'ଣ ମୋତେ ପଢେଇ ପାରିବ । ସେଫାଳ କହିଲା କାହିଁକ ନୁହଁ ଚେଷ୍ଟା କରିବା, ତୁ ପୁଣି ଗାଁ ବିଦ୍ୟାଳୟ ରେ ଦଶମ ଶ୍ରେଣୀ ରେ ପଢିଲୁ ଆଉ ଆଜି ସହର କଲେଜ ରେ ତୋର ନାମ ଲେଖା ହେବ ।

ଦିନ ପରେ ଦିନ ଗଲା ପରେ ବ୍ୟାଗ୍ ରେ ଜିନଷ ସଜାଡୁ ସଜାଡୁ ସେଫାଳ ର ମନେ ପଡିଲା ବୁନୁ ର ଭଲ ପୋଷାକ ଖଣ୍ଡେ ନାହିଁ । ସହରରେ ଭଲ ଭଲ ଲୋକଙ୍କ ସହିତ କେମିତି ମିଶିବ ଓ ପଢିବ । ଏଠୁ ସେଠୁ ଧାର କରି ଓ ସିଲେଇ ରୁ ଯାହା ରୋଜଗାର ହୋଇଥିଲା ସେଫାଳ ସେ ଟଙ୍କା କୁ ନେଇ ଭଲ ପୋଷାକ ଖଣ୍ଡିଏ କଣି ଆଣି ବୁନୁ ଯିବା ସମୟରେ ଦେବି ।

ଗାଁ ବସ୍ ଷ୍ଟାଣ୍ଡ ରେ ବସ୍ କୁ ଅପେକ୍ଷା କରୁଥାନ୍ତି ବୁନୁ ସେଫାଳ । ଦଶ ପନ୍ଦର ମିନଟ୍ ଗଲାପରେ ବସ୍ ଆସି ବସ୍ ଷ୍ଟାଣ୍ଡ ରେ ପହଞ୍ଚିଲା । ସେଫାଳ କହିଲା ମନ ଦେଇ ପଢିବୁ ଟଙ୍କା କଥା ଚନ୍ତା କରିବୁ ନାହିଁ । ଆଉ କଛି ଟଙ୍କା ଆଣିଛି ନେ ତୋ ପାଇଁ ଆଉ ଖଣ୍ଡିଏ ସାର୍ଟ କଣିଛି ନେଇକ ସାଙ୍ଗ ରେ ଯା । ଭୋକ ହେଲେ ଟଙ୍କା ଅଛି ତୋ ପାଖରେ କଣିକ ଖାଇବୁ । ଆଉ କଛି ଟଙ୍କା ପାଖରେ ରଖିଥିବୁ କାମରେ ଆସିବ । ବୁନୁ ସେଫାଳ ର ପାଦ ଛୁଇଁ ପ୍ରଣାମ କରି ବସ୍ ଉପରକୁ ଚଢିଲା । ଗଲା ବେଳକୁ ସେଫାଳ କହିଲା "ମନ ଦେଇ ପଢିବୁ" ସହରରେ ବେଶି ବୁଲିବୁ ନାହିଁ ଏ କଥା କହୁ କହୁ ସେଫାଳ ର ଆଖି ରୁ ଲୁହ ବୋହି ଆସିଲା । ଲୁହକୁ ପୋଛିଦେଇ ଘରକୁ ଫେରି ଆସିଲେ ସେଫାଳ ।

ଗୋଟିଏ ମାସ ପରେ ଗୋଟିଏ ମାସ ଟଙ୍କା ପଠାଉଥିଲେ ସେଫାଳ ବୁନୁ ପାଖକୁ । ରାତି ଦିନ ପରିଶ୍ରମ କରି ସିଲେଇ ରୁ ଯାହା ରୋଜଗାର ହୁଏ କଛି ରଖି ଆଉ ସବୁ ଟଙ୍କା ପଠାଇ ଦେଉଥିଲେ । ଦଶ ବର୍ଷ ଗଲା ପରେ ବୁନୁ ର ପାଠ ପଢା ସରିଲା ଓ ସହରରେ ଏ କ୍ଲାସ୍

ଅଫିସର ହୋଇଗଲେ । ସରକାରୀ ଚାକରୀ ଟଙ୍କା ର ଅଭାବ ନାହିଁ ସରକାରୀ କ୍ୱାଟର ଆଉ ଏହାରି ଭିତରେ ଗାଁ କଥା କ ସେଫାଳ କେମିତି ଥିବ ସେ କଥା ମନେ ପଡିଲା ନାହିଁ। ଓଃ ଏତ ସହର ସାଙ୍ଗସାଥି ଶିକ୍ଷିତ ସରକାରୀ ବାବୁ ବଡ ବଡ ଲୋକ ଆଭିଜାତ୍ୟ ରେ ପଡି ଗାଁ ଓ ସେଫାଳ କଥା ମନେ ପଡିଲା ନାହିଁ । ସହରର ସୁନ୍ଦରୀ ଝିଅ ହେମା ଙ୍କ ସହିତ ବାହାଘର ଠିକ୍ ହେଲା । ଦୁହେଁ ବାର ତିଥି ରେ ବାହା ହେଲେ । କନ୍ତୁ ବୁନୁ ର ଗାଁ ସେଫାଳ ର କଥା ମନେ ପଡିଲା ନାହିଁ । ଦିନ ପରେ ଦିନ ମାସ ପରେ ମାସ ଏବଂ ବର୍ଷ ପରେ ବର୍ଷ ବିତି ଚାଲିଲା ।

ଦିନେ ସେଫାଳଙ୍କ ର ବୁନୁ ର କଥା ମନେ ପଡିଲା । ଆଉ ବୁନୁ ଚଠି ଖଣ୍ଡେ ବି ଦେଉ ନାହିଁ କ କଛି ଖବର ଦାବର ନାହିଁ । ଆଉ ମୁଁ ବୁଢି ହୋଇ ଗଲିଣି । ଯାଉଛି ସହରକୁ ଥରେ ବୁନୁ କୁ ଦେଖି ଆସିବି ତା ପସନ୍ଦର ଖିରି ନେଇ ଯିବି ସାଙ୍ଗ ରେ । ସକାଳୁ ବାହାରି ପଡିଲେ ସହର ଅଭିମୁଖେ ସେଫାଳ । ହାତରେ ବାଡି କାଖରେ ଗଣ୍ଠିଲି ଧରି ସହର ର ବସ୍ ଷ୍ଟାଣ୍ଡ ରେ ଓହ୍ଲାଇ ଲୋକଙ୍କୁ ପଚାରି ବୁନୁ ଙ୍କ କ୍ୱାର୍ଟର ଠିକଣା ପଚାରି କ୍ୱାର୍ଟର ରେ ପହଞ୍ଚି ଗଲେ । ଘର ଆଗରେ କଲିଙ୍ଗ୍ ବେଲ ବଜାଇ ପୁଣି ଡାକଲେ କଏ ଅଛ । ଶବ୍ଦ ଶୁଣି ଘର ଭିତରୁ ହେମା ବାହାରି ଆସି ଦେଖିଲେ ଜଣେ ବୁଢି ଲୋକ ଛିଡା ହୋଇଛି । ଲାଗୁଥିଲା ଏମିତି ଜଣେ ଭିକାରୁଣୀ ବୋଲି .. କ'ଣ ହେଲା ଆଜ୍ଞା ମା" ....ବାବୁ ଘରେ ନାହାନ୍ତି । ହେମାଙ୍କୁ ଗନ୍ଧ ହେଲା ନାକରେ ହାତଦେଇ କଛି ଦୂର କୁ ଘୁଞ୍ଚି ଯାଇ କହିଲେ ତୁମେ ଯାଅ ବାବୁ ଆସିଲେ ଆସିବ .....

**ସେଫାଳ:**କ'ଣ ବୁନୁ ନାହିଁ

**ହେମା:**ତୁମେ ଆଗ ଗଲ ଏଠୁ କହିଲି ପରା ବାବୁ ଆସିଲେ ତୁମେ ଆସିବ

**ସେଫାଳ:** ହଉ ମା" ମୁଁ ଯାଉଛି ହେଲେ ବାବୁଙ୍କ ପାଇଁ ମୁଁ ଖିରି ଆଣିଥିଲି । ବାବୁ ଙ୍କୁ ଆସିଲେ ଦେଇଦବ

**ହେମା:** ନାଁ ତୁମେ ନେଲ ବାବୁ ଏ ଖିରି କୁ ପସନ୍ଦ କରନ୍ତି ନାହିଁ।

ସେଫାଳ:ହଉ ମା" ମୁଁ ତାହାଲେ ଯାଉଛି, କେତେ ଆଶା ନେଇ ଆସିଥିଲି ଟିକେ ଦେଖା କରିବା ପାଇଁ .. ହଉ ମା" ମୁଁ ଯାଉଛି।

ସନ୍ଧ୍ୟା ସମୟ ଆସି ପହଞ୍ଚି ଲେ ବୁନୁ । ଥକ୍କା ମାରି ବସି ପଡିଲେ ଚୌକରେ, ଡାକ ଛାଡି ପାଣି ଗ୍ଲାସ୍ ଆଣିଲ ହେମା ...ପାଣି ଗ୍ଲାସ୍ ଆଣି ଦେଲେ ହେମା । ବୁନୁ ହାତରୁ ପାଣି ଗ୍ଲାସ୍ ନେଇ ପାଟିରେ ଲଗାଇ ପିଉଥିବା ସମୟରେ ହେମା କହିଲେ ଜଣେ ବୁଢୀ ଲୋକ ଆସିଥି "ଓ ତୁମକୁ ଦେଖା କରିବା ପାଇଁ କହୁଥିଲେ, ତା ଦେହ ଗନ୍ଧୁଥିଲା.. ହାତରେ ବାଡି କାଖରେ ଗଣ୍ଠିଲି ଏବଂ ଖିରି ଧରି ଆସିଥିଲା ତୁମ ପାଇଁ । ପୁଣି ଭିକାରୁଣୀ ହୋଇ କେଡେ ସାହାସ ତା'ର

... "ଚୌକ ଉପରୁ ବୁନୁ ସଙ୍ଗେ ସଙ୍ଗେ ଛିଡା ହୋଇ ପଡିଲେ ...ହେମାଙ୍କ ଗାଲକୁ ଚଟକଣା ଟିଏ.. ମାରିଲେ କହିଲେ ସେ ଖିରି କାହିଁ । ବୁନୁ ତଳେ ବସି ପଡି ଭେ ଭେ ହୋଇ କାନ୍ଦି ଉଠିଲେ ... ଉଠିପଡି ଆଲମିରା ପାଖକୁ ଦୌଡ଼ିଲେ । ଆଲମାରି ଖୋଲି ଚିରା ପୋଷାକ କୁ କାଢି ଛାତିରେ ଜାବୁଡି ଧରି ଭେ ଭେ ହୋଇ କାନ୍ଦି ଉଠିଲେ । ଏଇ ସେଇ ପୋଷାକ ମୁଁ ସହରକୁ ପାଠ ପଢିବାକୁ ଆସିଥିଲି । ସେଫାଳ ନାନୀ ମୋତେ ଦେଇଥିଲା ।

ସେଇ ସଙ୍ଗେ ସଙ୍ଗେ ବାହାରି ପଡିଲେ ଅଫିସ ଗାଡି ଧରି ଗାଁ କୁ ବୁନୁ । ତାଙ୍କ ପଛେ ପଛେ ଅଫିସ ର ଚାରି ପାଞ୍ଚ ଖଣ୍ଡ ଗାଡି ବାହାରି ପଡିଲେ ବୁନୁ ଙ୍କ ଗାଁ କୁ ... ଗାଁ ଦାଣ୍ଡ ରାସ୍ତା ରେ ଗୋଟିଏ ପରେ ଗୋଟିଏ ଗାଡି ଯାଉଥାଏ । ଗାଁ ଲୋକେ ଦେଖି ଚମକ ପଡିଲେ କ'ଣ ହୋଇଛି ଆଜି ଏତେ ସରକାରୀ ଗାଡି...ସେଫାଳ ରହୁଥିବା ଘର ସାମ୍ନା ରେ ଲାଗିଲା । ଗାଁ ଲୋକ ପଛେ ପଛେ ଆସି ଗାଡି ପାଖରେ ପହଞ୍ଚିଲେ ଗାଡି ଡୋର୍ ଖୋଲି ବୁଝି ବାହାରକୁ ବାହାରି ଆସିଲେ । ବୁନୁ ଦେଖି ଗାଁ ଲୋକ ଦେଖି କହିଲେ ଆରେ ଏ ତ ବୁନୁ....ଏତେ ଦିନ ପରେ ସେଫାଳ ଗାଁ କଥା ତୋର ମନେ ପଡିଲା ।

ଯିଏ ତୋ ପାଇଁ ସାରା ଜୀବନ ସିଲେଇ କରି କରି ନିଜେ ଖଣ୍ଡେ ଭଲ ଲୁଗା କି ଭଲ ଖାଦ୍ୟ ଗଣ୍ଡେ ଖାଇ ପାରିଲା ନାହିଁ, ତୁ ତାକୁ ଭୁଲିଗଲୁ କେମିତି । ଆରେ ତମ ଘର ଦେଖି ସାତ ବର୍ଷ ହେଲା ଘର ଛପର ହୋଇନାହିଁ । କାନ୍ଥ ରେ ବର୍ଷା ପାଣି ପଡି ଶିଉଳ ଧାର

ପଡିଗଲାଣି । କଥା ଶୁଣୁ ଶୁଣୁ ଆଖିରୁ ଲୁହ ଢଳ ଢଳ ବୋହି ଆସିଲା... ଧିରେ ଧିରେ ଗୋଟିଏ ପାଦ ପରେ ଗୋଟିଏ ପାଦ ଘରେ ଆଡକୁ ଗଲେ । ଘର ପାଖରେ ପହଞ୍ଚିଲେ..ଘରକୁ ଦେଖି ମାଟି କାନ୍ଥକୁ ଅନାଇ ଘର ଛପର ଉପରକୁ ଆଖି ପଡିଲା । ସୂର୍ଯ୍ୟ ଙ୍କ କରଣ ଫୁଲ ପରି ଫୁଟିଥାନ୍ତି । ଏହି ସମୟରେ ସେଫାଳ ଘର ଭିତରୁ ବାହାରକୁ ଆସୁଥାନ୍ତି..... ବୁନୁ ସେଫାଳଙ୍କ ଗୋଡ ତଳେ ପଡି ମୋତେ କ୍ଷମା କରିଦେ ନାନୀ ମୋର ଭୁଲ୍ ହୋଇଯାଇଛି । ମୋ ପାଖରେ ଯାହାବି ଧନ ସଂମ୍ପତ୍ତି ଅଛି ସେ ତୁମକୁ ଦେଇ ଦେଲେବି ତୁମ ପାଖରେ କମ୍ ହେବ ସେଫାଳ ନାନୀ ... ମୁଁ ତୁମ ପାଦ ଧୂଳ କୁ ସରି ହେବି ନାହିଁ ।

ବୁନୁ ଡାକଲେ ହେମା ଏ ମୋ ନାନୀ ସେଫାଳ ଯେ ଦିନ ରାତି ଅକ୍ଲାନ୍ତ ପରିଶ୍ରମ କରି ମା" ବାପାର ସ୍ନେହ ମମତା ଦେଇଥିଲା ସେ ହେଉଛି ସେଫାଳ ନାନୀ । ହେମା ତୁମ ଯେଉଁ ମାଟିର ଘରଟି ଦେଖୁଛ ବର୍ଷା ହୋଇ ପାଣି ଗଳୁ ଥିଲେ ବି ଆମେ ଭାଇ ଭଉଣୀ ଗୋଟିଏ କୋଣରେ ଆଉଜି ରହୁ । ମୋତେ କୋଳରେ ଧରି ରାତି ଅନଦ୍ରା ହୁଏ ସେଫାଳ ନାନୀ ... ଯାକୁ କହୁଥିଲ ଭିକାରୁଣୀ ବୋଲି । ଯା ପାଇଁ ଜୀବନ ଦେଲେ ବି ମୂଲ୍ୟ ସୁଝି ହେବ ନାହିଁ।

ସେଫାଳ ବୁନୁ ତୁ ଫେରିଆସିଛୁ ! ମୁଁ ତୋତେ ଦେଖିବି ବୋଲି ମୋ ମନଟା ଛଟ ପଟ ହେଉଥିଲା । ଆଃ ମୋ ପାଖକୁ ଟିକେ ଆଃ ! ବୁନୁ ପାଖକୁ ଯାଇ କୋଳରେ ଧରୁ ଧରୁ ସେଫାଳ ଙ୍କ ଦେହରୁ ଜୀବନ ଚାଲଗଲା..... ଯୋର୍ ରେ ଡାକ ଛାଡିଲେ "ସେଫାଳ ନାନୀ" "ସେଫାଳ ନାନୀ" ସେଫାଳ ନାନୀ , , ,

ଦେଖିଲେ ତ ଆଜ୍ଞା ପରିଶ୍ରମ ର ମୂଲ୍ୟ ଅଛି । ଅଜି ନ ହେଲେ କାଲି ନଜର ଭୁଲ୍ ବୁଝିବ ... କାହିଁକ ନା ଭୁଲ୍ ନଜର ବୁଝିବାରେ ମଣିଷ ବହୁତ ଡେରି କରିଦିଏ ।।।।

ରାସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

# ତୁମେ ଅଛ ବୋଲି....



ସତ୍ୟବ୍ରତ ପ୍ରଧାନ

ତୁମେ ଅଛ ବୋଲି
ଉଆଁସ ଆକାଶେ ଆଜି
ରୂପେଲି ଜୋସ୍ନା
ପାଳୁଛି ଗୋ ଆଲୋକର ପର୍ବ
ଅଦିନ ଫଗୁଣେ
ମଳୟ ମହକ
ଆସି କରୁଅଛି ଗର୍ବ..
ତୁମେ ଅଛ ବୋଲି
ବିଶ୍ୱାସ ମନ୍ଦିରରେ ମୋ
ପାର୍ଥନା ଗୀତର ହେଉନ ଇତି
ମଣିଷପଣିଆ ସବୁ
ଯାହା ପାଖେ ଅଛି
ଲୋଡାନାହିଁ ତାକୁ
ଉଚ୍ଚନୀଚ ଜାତି
ତୁମେ ଅଛ ବୋଲି
ଟୁପୁର ଟାପର ହେଉଛନ୍ତି
ମୋ ଝର୍କା ଦେଇ ଯା ଆସ
କରୁଥିବା ଅମାନଆଁ ଶୀତଳପବନ
କଣ ସବୁ କଥା ହେଇ
ହସରେ ଫାଟି ପଡୁଛନ୍ତି
ଦେଖିଲେ ମୋ ଅଧାଲେଖା
ଡାଇରୀ ଆଉ ଖୋଳପା
ହଜିଯାଇଥିବା ନୀଳ
ଲେଖନୀର ମୁନ ।
ତୁମେ ଅଛ ବୋଲି
ସମାଲୋଚନା ର ଡିଣ୍ଡିମ
ହଜିଯାଇଛି ମୋ ପାଖପଡିଶାଂକ
ନର୍ଲଜ୍ଜଅଧରେ
ନନ୍ଦା ଅପମାନ ଆଉ
ମନଗଢା କଥା ମାନ
ଲାଜରେ ଲୁଚଛନ୍ତି
ତାଂକ ପରିବାରେ..

ଫାର୍ମାସିଷ୍ଟ
ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର, ପୂଜାରୀଗୁଡା

# ଆସ୍ଥା ଓ ଶ୍ରଦ୍ଧା



ବାଲ୍ମୀକ ନାୟକ

ଆସ୍ଥା ଓ ଶ୍ରଦ୍ଧା ଦୁଇଟିଯାକ ମଣିଷର ଅତି ମହନୀୟ ଗୁଣ । ଭୌତିକ ଜଗତରେ ଏହି ଦୁଇଟି ଗୁଣର ଅଭାବରେ ମଣିଷ କ୍ଷଣେ ମଧ୍ୟ ବଞ୍ଚି ପାରିବନାହିଁ । ଆସ୍ଥା ଅର୍ଥ ବିଶ୍ୱାସ । ଯାହା ଉପରେ ଆସ୍ଥା ଥାଏ ତାହାକୁ ହିଁ ଶ୍ରଦ୍ଧା କରାଯାଏ । ଦୁନିଆର ଜୀବନ୍ତ ହେଉ କି ଜଡ଼ କୌଣସି ବସ୍ତୁ ଉପରେ ପ୍ରଥମେ ବିଶ୍ୱାସ ଆସିବା ଆବଶ୍ୟକ ତା'ପରେ ତାହାକୁ ଶ୍ରଦ୍ଧା କରିବା ବା ଭଲପାଇବା ଆରମ୍ଭ ହୁଏ । ଜଡ଼ ବସ୍ତୁ ପାଇଁ କମ କିନ୍ତୁ ଜୀବନ୍ତ ପ୍ରାଣୀ ପାଇଁ ଏହି ଶବ୍ଦ ଦୁଇଟି ବେଶୀ ପ୍ରଯୁଜ୍ୟ । ପରିବାରରେ ସ୍ୱାମୀ ଓ ସ୍ତ୍ରୀଙ୍କ ଭିତରେ ଆସ୍ଥା ସ୍ଥାପନ ହେଲେ ପରସ୍ପର ପ୍ରତି ଶ୍ରଦ୍ଧା ବୃଦ୍ଧି ପାଏ । ବାପା ଓ ମାଆଙ୍କ ଉପରେ ପିଲାଙ୍କ ଆସ୍ଥା ରହିଲେ ସେମାନଙ୍କର ଶ୍ରଦ୍ଧା ବଢିଯାଏ । ସେହିଭଳି ସମାଜର ସମସ୍ତ କ୍ଷେତ୍ରରେ ପ୍ରଥମେ ଆସ୍ଥା ବା ବିଶ୍ୱାସ ଜାତ ହେଲେ ପରେ ଶ୍ରଦ୍ଧା ବୃଦ୍ଧି ପାଏ । ଏସବୁ କ୍ଷେତ୍ରରେ ଆସ୍ଥା ସ୍ଥାପନ ପାଇଁ ସର୍ତ୍ତ ହେଉଛି ଉତ୍ତମ ଗୁଣ ଓ କର୍ମ । ଯାହାର ଗୁଣ ଓ କର୍ମ ବିଶ୍ୱସନୀୟ ନୁହେଁ ତା'ଉପରେ କେହି ଆସ୍ଥା ରଖିପାରିବେ ନାହିଁ । ଶ୍ରଦ୍ଧା କରିବା ତ ବହୁତ ଦୂର କଥା ।

ଆମେ ଏଇଠି ଆଧିଭୌତିକ ଜଗତର ଆସ୍ଥା ଓ ଶ୍ରଦ୍ଧା ଉପରେ ମଧ୍ୟ ଆଲୋଚନା କରିବା । ଆଧିଭୌତିକ ଜଗତର ବସ୍ତୁ ଗୁଡିକ ହେଉଛି ସମ୍ପୂର୍ଣ୍ଣ କାଳ୍ପନିକ ଯଥା:ଈଶ୍ୱର, ଆତ୍ମା, ପରମାତ୍ମା, ସ୍ୱର୍ଗ, ନର୍କ, ପୁନର୍ଜନ୍ମ, ମୋକ୍ଷ ଓ ପ୍ରାରବ୍ଧ । ଏହି ସବୁ ବସ୍ତୁ ଉପରେ ପ୍ରଥମେ ଆସ୍ଥା ବା ବିଶ୍ୱାସ ସ୍ଥାପନ କରିବାକୁ କୁହାଯାଉଛି । ସେଥିପାଇଁ କୁହାଯାଇଛି -"ବିଶ୍ୱାସେ ମିଳଇ ହରି, ତର୍କେ ବହୁଦୂର"। ବିଶ୍ୱାସ କରିବା ପରେ ସେଗୁଡିକୁ ଶ୍ରଦ୍ଧା କରିବାକୁ ମଧ୍ୟ କୁହାଯାଉଛି । ଏଗୁଡିକର ଗୁଣ ଓ କର୍ମ ଉପରେ କିନ୍ତୁ ସନ୍ଦେହ ରହୁଛି ତେଣୁ ସହଜରେ ବିଶ୍ୱାସ ହେଉନି । ତଥାପି ଦୁନିଆର ଅଧିକାଂଶ ଧର୍ମଭୀରୁ ଲୋକ ଏଗୁଡ଼ିକୁ ବିଶ୍ୱାସ କରୁଛନ୍ତି। କାରଣ ଏହାକୁ ନେଇ ସନ୍ଦେହ କରିବା ବା ପ୍ରଶ୍ନ କରିବାର ଅଧିକାର

ଦିଆଯାଇନାହିଁ । ପ୍ରଶ୍ନ କଲେ ନର୍କ ଦଣ୍ଡ ଭୋଗ କରିବ । ଏହା ହେଉଛି ଧାର୍ମିକ ସମାଜର ମାନ୍ୟତା । ଭାରତରେ ଏହାର ଅନେକ ଉଦାହରଣ ରହିଛି ।

୧.ଆମର ସୋମନାଥ ମନ୍ଦିର ଉପରେ **17** ଥର ମହମ୍ମଦ ଗଜନୀ ଦ୍ୱାରା ଆକ୍ରମଣ ହୋଇଛି। ପ୍ରତିଥର ସେଠିକାର ପୂଜାରୀଗଣ ଭଗବାନଙ୍କ ଉପରେ ଗଭୀର ଆସ୍ଥା ରଖୁ ଥିବାରୁ ହାତରେ ତମ୍ବା ପାତ୍ରରେ ପାଣି ଧରି ମନ୍ତ୍ର ଉଚ୍ଚାରଣ କରି ମୋଗଲ ସୈନକମାନଙ୍କ ଉପରକୁ ଛାଟୁଥିଲେ । ସେମାନଙ୍କର ବିଶ୍ୱାସ ଥିଲା ଆମର ଦେବତା ସେମାନଙ୍କୁ ଧ୍ୱଂସ କରିଦେବେ । କିନ୍ତୁ କେହି ବି ଧ୍ୱଂସ ହେଲେନି । ସମସ୍ତେ ଅପାର ଧନ ସମ୍ପତ୍ତି ଲୁଟିନେଇ ନିର୍ବିଘ୍ନରେ ଫେରିଗଲେ । ଯଦି ସେତେବେଳେ ପ୍ରଥମ ଥର ହିଁ ପୂଜାରୀଙ୍କ ମନରେ ପ୍ରଶ୍ନ ଉଠିଥାନ୍ତା ଯେ ନିର୍ଜୀବ ପଥର ମୂର୍ତ୍ତି କିପରି ଏମାନଙ୍କୁ ଧ୍ୱଂସ କରିପାରିବ**?** ତେବେ ନିଶ୍ଚୟ ଆମଦେଶର ରାଜାଙ୍କ ସୈନିକମାନଙ୍କୁ ନିର୍ଦ୍ଦେଶ ଦେଇଥାନ୍ତେ- ମନ୍ଦିରକୁ ରକ୍ଷା କରିବାପାଇଁ ଶତ୍ରୁମାନଙ୍କୁ ଶସ୍ତ୍ର ଦ୍ୱାରା ପ୍ରତିରୋଧ କର । ତେବେ ଗଜନୀ ବାରମ୍ବାର ଆକ୍ରମଣ କରିବାକୁ ସାହସ କରିନଥାନ୍ତା । ମନ୍ଦିର ଓ ଧନ ସମ୍ପତ୍ତି ସୁରକ୍ଷିତ ରହିପାରିଥାନ୍ତା ।

୨.ସ୍ୱାମୀ ଦୟାନନ୍ଦଙ୍କ କାହାଣୀ ହେଉଛି- ତାଙ୍କର ପିଲାଦିନର ନାମ ଥିଲା 'ମୂଳଶଙ୍କର' । ଗୋଟିଏ ଶିବରାତ୍ରି ଦିନ ମୂଳଶଙ୍କର ଦେଖିଲେ ଗୋଟିଏ ମୂଷା ଶିବଲିଙ୍ଗ ଉପରକୁ ଚଢିଯାଉଛି ଏବଂ ତା'ଉପରେ ଥୁଆ ହୋଇଥିବା ଫଳ ଓ ଅନ୍ୟ ଭୋଗକୁ ଖାଇ ତଳକୁ ଓହ୍ଲାଇ ଯାଉଛି । ମୂଳଶଙ୍କର ନିଜର ଶ୍ରଦ୍ଧାକୁ ତ୍ୟାଗ କରି ନିଜକୁ ପ୍ରଶ୍ନ କଲେ -ଯେଉଁ ଭଗବାନଙ୍କ ମୂର୍ତ୍ତି ନିଜର ଭୋଗକୁ ସାମାନ୍ୟ ମୂଷା ଠାରୁ ରକ୍ଷା କରିପାରୁନି ସେ ଆମର ରକ୍ଷା କରିବ କିପରି**?** ସେହି ପ୍ରଶ୍ନ ପୂଜାରୀଙ୍କୁ ପଚାରିଲେ । ପୂଜାରୀ କହିଲେ -ଏହି ପଥରମୂର୍ତ୍ତି ସତ୍ୟଶିବ ନୁହନ୍ତି । ଏହା ଶୁଣି ମୂଳଶଙ୍କର ସେଠାରୁ ଚାଲିଗଲେ ଏବଂ ସେ ମନେ ମନେ ସ୍ଥିର କଲେ ମୁଁ ସତ୍ୟଶିବଙ୍କୁ ଖୋଜି ବାହାର କରିବି । ସେ ଘରକୁ ଆସି ବହୁତ ବିଚଳିତ ରହିଲେ । ଏହାଦେଖି ତାଙ୍କର ପିତା ଓ ମାତା ମଧ୍ୟ ବହୁତ ଚିନ୍ତିତ ହୋଇପଡିଲେ । ପିତା, ମାତା ତାଙ୍କର ବିବାହ କରିଦେବାକୁ ଚାହିଁଲେ କିନ୍ତୁ ମୂଳଶଙ୍କର ଘର ଛାଡି ଚାଲିଗଲେ । ସେ ବାହାରେ ନିରୁଦ୍ଦିଷ୍ଟ ଭାବେ କିଛିଦିନ ବୁଲିବାପରେ ଶେଷରେ ସେ ଗୁରୁ ବିରଜାନନ୍ଦଙ୍କୁ ଭେଟିଲେ । ତାଙ୍କଠାରୁସେ ଶିକ୍ଷା ପ୍ରାପ୍ତ କଲେ । ଶିକ୍ଷା ସମାପ୍ତି ପରେ ମୂଳଶଙ୍କର, ଥାଳରେ

ଲବଙ୍ଗ ଭର୍ତ୍ତିକରି ଗୁରୁଙ୍କୁ ଗୁରୁଦକ୍ଷିଣା ଦେବାକୁ ଚାହିଁଲେ । ଗୁରୁ କହିଲେ -ତୁମେ ଯାହା ମୋଠାରୁ ଶିକ୍ଷା ଲାଭ କଲ, ତାହା ଯାଇ ସମାଜରେ ପ୍ରଚାର କର । ଗୁରୁ ତାଙ୍କୁ 'ସ୍ୱାମୀ ଦୟାନନ୍ଦ' ନାମ ଦେଲେ ।

ସ୍ୱାମୀ ଦୟାନନ୍ଦ ତାଙ୍କର ସାରା ଜୀବନ ମୂର୍ତ୍ତି ପୂଜା ବିରୋଧରେ ପ୍ରଚାର କଲେ । ସେଥିପାଇଁ ତାଙ୍କୁ ସତର ଥର ମାରିଦେବାକୁ ମୌଳବାଦୀମାନେ ଚେଷ୍ଟାକରିଛନ୍ତି । ତଥାପି ସେ ସତ୍ୟର ମାର୍ଗରୁ ବିଚ୍ୟୁତ ହୋଇନଥିଲେ । ତାଙ୍କର ମତ ଥିଲା ନିର୍ଜୀବ କାଠ ବା ପଥର ମୂର୍ତ୍ତି ଆମର କୌଣସି କ୍ଷତି ବା ଲାଭ କରିପାରିବନାହିଁ । ଶେଷରେ ତାଙ୍କୁ କୌଶଳରେ ବିଷ ଦେଇ ହତ୍ୟା କରିଦିଆଗଲା ।

୩.ଅନ୍ୟ ଏକ କାହାଣୀ ମହମ୍ମଦ ଘୋରୀର- ରାଜା ଜୟଚନ୍ଦ, ରାଜା ପୃଥ୍ୱୀରାଜଙ୍କୁ ପରାସ୍ତ କରିବାପାଇଁ ମହମ୍ମଦ ଘୋରୀକୁ ନିମନ୍ତ୍ରଣ ଦେଇ କହିଲା- ତୁମେ ଭାରତ ଉପରେ ଆକ୍ରମଣ କର ମୁଁ ତୁମକୁ ସାହାଯ୍ୟ କରିବି । ମହମ୍ମଦ ଘୋରୀ ନିଜର ସୈନ୍ୟ ସାମନ୍ତ ଧରି ଆସିଲା କିନ୍ତୁ ରାଜା ପୃଥ୍ୱୀରାଜଙ୍କ ସହ ଲଢ଼ିବାପାଇଁ ସାହାସ କରିପାରିଲା ନାହିଁ । ସେ ଜାଣିଥିଲା ଯେ ଭାରତୀୟ ସେନା ଗାଈକୁ ବହୁତ ମାନୁଛନ୍ତି । ସୈନିକମାନଙ୍କର ଏହି ଆସ୍ଥାର ଫାଇଦା ଉଠେଇ ସେ ବହୁତ ଗାଈଙ୍କୁ ନିଜର ସୈନିକମାନଙ୍କ ଆଗ ଧାଡିରେ ଠିଆ କରିଦେଲା । ଆମ ସୈନିକମାନେ ଦ୍ୱନ୍ଦ୍ୱରେ ପଡି ତୀର ମାରିପାରିଲେ ନାହିଁ । କାରଣ ତୀର ପ୍ରଥମେ ଗାଈଙ୍କୁ ବାଜିବ । ଗୋହତ୍ୟା କଲେ ମହା ପାପ ହେବ । ଗାଈମାନଙ୍କ ପଛରେ ରହି ଘୋରୀ ସୈନିକ ବଡ଼ ସହଜରେ ଆମ ସୈନିକମାନଙ୍କୁ ହତ୍ୟାକରି ପାରିଲେ । ପରିଣାମତଃ ମହମ୍ମଦ ଘୋରୀ ବଡ଼ ସହଜରେ ଯୁଦ୍ଧ ଜିତିଗଲା ଏବଂ ପୃଥ୍ୱୀରାଜଙ୍କୁ ବନ୍ଦୀ କରିନେଲା ।

୪. ବର୍ତ୍ତମାନର କାହାଣୀ ବାବା ରାମ ରହୀମର - ତାକୁ ଲୋକମାନେ ନିଜର ଭଗବାନ ବୋଲି ମାନୁଥିଲେ । ତା'ପ୍ରତି ଗଭୀର ଆସ୍ଥା ଓ ଶ୍ରଦ୍ଧା ଯୋଗୁ ଲୋକମାନେ ତାକୁ ପୂଜା କରୁଥିଲେ । ମହିଳା ଭକ୍ତ ତା'ଭିତରେ ଥିବା ଗୋଟିଏ କାମୁକ ପୁରୁଷକୁ କେବଳ ଆସ୍ଥା ଯୋଗୁ ଚିହ୍ନି ପାରିଲେନାହିଁ । ଯଦିଓ ସେ ଅନେକ ମହିଳାଙ୍କ ଯୌନ ଶୋଷଣ ମଧ୍ୟ କରିପାରୁଥିଲା । ତା'ର ବ୍ୟଭିଚାର ଧରା ପଡିବା ପରେ, ପୋଲିସ ଯେତେବେଳେ ଧରିନେଇ

କୋର୍ଟରେ ଠିଆକଲେ, ସେତେବେଳେ ମଧ୍ୟ ବାବାର ଅନ୍ଧଶ୍ରଦ୍ଧା ଓ ଆସ୍ଥାରେ ବୁଡିରହିଥିବା ଭକ୍ତମାନେ ଏହାର ପ୍ରତିବାଦ କଲେ । ଉପଦ୍ରବ କରିବା ଫଳରେ **37** ଜଣଙ୍କ ଅକାଳ ମୃତ୍ୟୁ ହେଲା । ଅନେକ ଧନ ସମ୍ପତ୍ତି ନଷ୍ଟ ହେଲା । ଏଥିପାଇଁ ହରିୟାଣା ସରକାର ମଧ୍ୟ ବଦନାମ ହେଲା । ଶେଷରେ ସେ ଆଜି ଜେଲ ଦଣ୍ଡ ଭୋଗୁଛି ।

୫. ବାବା ଆଶାରାମର କାହାଣୀ-ଯିଏ ଆଜମେର ସହରରେ ଦିନେ ଟାଙ୍ଗା ଚଳେଇ ନିଜର ଗୁଜୁରାଣ ମେଣ୍ଟାଉଥିଲା, ସିଏ ଦିନେ ଆଧାତ୍ମିକ ଗୁରୁ ହୋଇ **450** ଆଶ୍ରମର ମାଲିକ ହୋଇଗଲା । ତା'ର କୋଟି କୋଟି ଭକ୍ତ ହୋଇଗଲେ । ସେ କୋଟି କୋଟି ଟଙ୍କାର ସମ୍ପତ୍ତି ଠୁଳ କରିପାରିଛି । ତା'ର ଆଶ୍ରମମାନଙ୍କରେ ସବୁପ୍ରକାର ବ୍ୟଭିଚାର କରି ଚାଲିଥିଲା କିନ୍ତୁ ବହୁତ ଦିନ ପର୍ଯ୍ୟନ୍ତ ପରଦାଫାସ ହୋଇପାରୁନଥିଲା । ନିଜର ନାତୁଣୀ ବୟସର ଗୋଟିଏ କନ୍ୟା ସାହାସ କରି ଆଶାରାମ ଦ୍ୱାରା ତା'ପ୍ରତି ହୋଇଥିବା ଯୌନ ଶୋଷଣର କାହାଣୀ ବାହାରେ ପ୍ରକଟ କରିଦେଲା । ଶେଷରେ କୋର୍ଟରେ ଘଟଣାଟି ସତ ବୋଲି ପ୍ରମାଣିତ ହେବାରୁ ଗତ ଚାରି ବର୍ଷ ହେଲା ବାବା ଜେଲରେ ଅଛି । ତଥାପି ଭକ୍ତମାନଙ୍କ ଆସ୍ଥା ଓ ଶ୍ରଦ୍ଧାର ମୋହ ତୁଟିନାହିଁ । ବାବାର ଜନ୍ମ ଦିନରେ ଜେଲ ବାହାରେ ଭକ୍ତମାନେ ତା'ର ଗୁଣ ଗାନ କରି ପୂଜା ଅର୍ଚ୍ଚନା କରୁଛନ୍ତି ।

୬.ବାବା ରାମପାଳର କାହାଣୀ- ସେ ଜଳ ସେଚନ ବିଭାଗରେ ଜଣେ ଜୁନିୟର ଇଞ୍ଜିନିୟର ଭାବେ ଚାକରି କରୁଥିଲା । ସମୟକ୍ରମେ ଲୋକମାନଙ୍କୁ ଧାର୍ମିକ ପ୍ରବଚନ ଶୁଣାଇ ଭକ୍ତ ବନେଇଦେଲା । ଭକ୍ତଙ୍କ ଆସ୍ଥା ଓ ଶ୍ରଦ୍ଧା ବଢ଼ିଲା । ସେ ମଧ୍ୟ ଜଣେ ପ୍ରସିଦ୍ଧ ସିଦ୍ଧ ପୁରୁଷ ଭାବେ ଖ୍ୟାତ ହୋଇଗଲା । ଅନେକ ଭକ୍ତଙ୍କ ଭଗବାନ ଓ ଅନେକ ସମ୍ପତ୍ତିର ମାଲିକ ହୋଇଯାଇଥିବା, ଏକ ବିରାଟ ଆଶ୍ରମର ମାଲିକ ବାବା ରାମପାଳର କିଛି ବ୍ୟଭିଚାର ଓ ଅନୈତିକ ଧନ୍ଦା, ଲୋକ ଲୋଚନକୁ ଆସିବାପରେ, ପ୍ରଶାସନ ପୋଲିସ ସହାୟତାରେ, ବହୁ ସଂଘର୍ଷ ପରେ ତାକୁ ଆରେଷ୍ଟ କରିପାରିଲେ । ତା'ର ଆଶ୍ରମରୁ ବହୁ ମାତ୍ରାରେ ଅସ୍ତ୍ର ଶସ୍ତ୍ର ମଧ୍ୟ ଜବତ କରାଯାଇଛି । ତାକୁ ପୋଲିସ ହାତରୁ ବଞ୍ଚେଇବା ପାଇଁ, ଅନେକ ଭକ୍ତ ନିଜର ଜୀବନ ମଧ୍ୟ ବଳଦାନ କରିଦେଇଛନ୍ତି । ତଥାପି ଆଜି ସେ ଜେଲରେ ବସିଛି ।

୭. ଆଲ୍ଲାହାବାଦରେ କୁମ୍ଭମେଳାରେ ଗଙ୍ଗା ସ୍ନାନ କରିବା ପାଇଁ ଲକ୍ଷ ଲକ୍ଷ ନର, ନାରୀ ନଜର ଆସ୍ଥା ଯୋଗୁ ମଇଳା ପାଣିରେ ବୁଡ଼ ପକାଉଛନ୍ତି I ସେମାନଙ୍କର ବିଶ୍ୱାସ ଏହିଠି ବୁଡ଼ ପକାଇଲେ ସବୁ ପାପ ଧୋଇ ହୋଇଯିବ ଏବଂ ମୋକ୍ଷ ମିଳିଯିବ I ଏହି ଅନ୍ଧଶ୍ରଦ୍ଧା ଯୋଗୁ ଆଜି ଗଙ୍ଗା ନଦୀ ପ୍ରଦୂଷିତ ହୋଇଗଲାଣି I ତାକୁ ସଫା କରିବାପାଇଁ ସରକାରଙ୍କର କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ କିଛି ଫାଇଦା ହେଉନ I

ଆଜି ମଧ୍ୟ ଲୋକମାନଙ୍କ ମନରେ ଅଜସ୍ର ଅନ୍ଧବିଶ୍ୱାସ ଭରି ରହିଛି I ବିଜ୍ଞାନ ପ୍ରଗତିପଥରେ ଆଗେଇଚାଲିଛି I ମଣିଷ ଜୀବନରେ ଅନେକ ସୁଖ ଓ ସୁବିଧା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ପ୍ରାପ୍ତ ହୋଇଛି I ସେହି ଲୋକମାନେ ମଧ୍ୟ ବିଜ୍ଞାନ ଲବ୍ଧ ଉପକରଣ ସବୁ ଉପଭୋଗ କରୁଛନ୍ତି I ତଥାପି ଦୁଃଖର ବିଷୟ ହେଉଛି ଯେ ଲୋକମାନଙ୍କ ମନରେ ବୈଜ୍ଞାନିକ ଦୃଷ୍ଟିକୋଣର ବିକାଶ ହୋଇ ପାରୁନ I ଯଦି ଲୋକମାନେ ସ୍ୱର୍ଗର ମୋହ ଏବଂ ନର୍କର ଭୟ ତ୍ୟାଗକରି, କଳ୍ପନା ଜଗତର ଦୈବୀ ଶକ୍ତି ଉପରୁ ଆସ୍ଥା ଓ ଶ୍ରଦ୍ଧା ହଟେଇ, ବାସ୍ତବ ଜଗତ ଉପରେ ଧ୍ୟାନ କେନ୍ଦ୍ରିତ କରିବେ, ତେବେ ହିଁ, ବ୍ୟକ୍ତି, ସମାଜ ଓ ଶେଷରେ ଦେଶର ପ୍ରଗତି ହୋଇପାରିବ I

Mob:9482016260

# ଧର୍ଷିତା



କରଣ ମନୀଷା ମହାନ୍ତି

ମୁହୂର୍ତ୍ତକରେ ଟଣା ଓଟରା
ଗୋଟେ କୋମଳ ଜୀବନ
ଦେହ ଦାନବର
ମଉଜ ମଜଲିସରେ ।

କଛି ଚକ୍ୱାରକୁ
ର୍‌ତି ଗିଳସାରିବା ପରେ
ଗୃହୁଁ ଗୃହୁଁ ଘଟିଯାଏ
ବଡ଼ ଦୁର୍ଘଟଣା
ଖଣ୍ଡିଆ ଖାବର୍‌,
ଅର୍ଦ୍ଧନଗ୍ନ ରକ୍ତାକ୍ତ ଦେହ ।

ଦେହ ପାଖେ କଛି
ଭଙ୍ଗା ମଦ ବୋତଲ
ଓ କେଇ ଯୋଡ଼ା ଦେହ ଭେକରେ
ମାତାଲ ଫେଗ୍‌ର ...
ଆଖିର ଟଳମଳ ପାଦଚହ୍ନ
ଅଚହ୍ନା ଆସାମିର ମୁହଁକୁ
ଖୋଜିବାରେ ଲମ୍ବା ପ୍ରୟାସ ।

ଅସହ୍ୟ ଯନ୍ତ୍ରଣା
ଜୀବନର ଦୀପ ଦୁକୁ ଦୁକୁ
ପ୍ରାୟତଃ

ଗଦା ଗଦା ଖବରକାଗଜ ବି ସଂଗ୍ରହ
କରିପାରେନ ନ୍ୟାୟର ଖବର
ସମୟ ଘ୍ଣରିକାନ୍ଥ ରେ
ଲମ୍ବା ପ୍ରତୀକ୍ଷା ନ ହେଲେବି
ନିଶ୍ୱାସ ରୁଦ୍ଧ ହୁଏ ଧର୍ଷିତାର।

ଆନ୍ଦୋଳନରେ ଜର୍ଜରିତ ସ୍ୱର
ଧର୍ଷିତାର ଶବ ପରି କୁହୁଳ କୁହୁଳ
ଲିଭିଯାଏ
ନ୍ୟାୟ ଦାବିରେ ଜାଳଥିବା
କୁଶପିତୁଳା
ରାସ୍ତା ଘାଟର ଅବରୋଧ
ଜରି, ଟାୟାର।

ମୁଠାଏ ନ୍ୟାୟରେ କେତେ ସଞ୍ଜ
ପୁଣି କେତେ ରାତିର କୋଳରେ ପୁଣି
ଯନ୍ତ୍ରଣାରେ ଛଟପଟ
କେତେ ଧର୍ଷିତା
ଏଠି ମୁହୂର୍ତ୍ତରେ ବଳ ପଡେ ଜୀବନ
ମୁହୂର୍ତ୍ତରେ ଲୁଟାହୁଏ ଦେହର ଇଜତ
ଏଠି ସବୁବେଳେ
ଧର୍ଷିତା ଏକ ମଲା ଶବ...

# ମହାଭାରତ କଥା..
# (୧୦)



ନରେନ୍ଦ୍ର ପ୍ରସାଦ ବେହେରା

## ଅର୍ଜୁନଙ୍କ ରଥକୁ କାହିଁକି କପିଧ୍ୱଜ ରଥ ଆଖ୍ୟା ଦିଆଗଲା

କୌରବ ସେନା ଓ ପାଣ୍ଡବ ସେନା ମଧ୍ୟରେ ତୁମୁଳ ସଂଘର୍ଷ ଆରମ୍ଭ ହେଲା । ଏହା ଥିଲା ପ୍ରାଚୀନ କାଳର ସର୍ବବୃହତ ଯୁଦ୍ଧ ଯାହାକି ଅଠରଦିନ କାଳ ଲାଗି ରହିଥିଲା । ଭୀଷ୍ମ ପ୍ରଥମ ଦଶଦିନ କୌରବ ସେନାର ପ୍ରଧାନ ସେନାପତି ହୋଇ ଯୁଦ୍ଧ ପରିଚାଳନା କରିଥିଲେ ଏବଂ ପରବର୍ତ୍ତୀ ଆଠଦିନ ପାଣ୍ଡବ ଦ୍ରୋଣାଚାର୍ଯ୍ୟ, କର୍ଣ୍ଣ ପ୍ରଭୃତି ଯୋଦ୍ଧାମାନେ ଯୁଦ୍ଧର ନେତୃତ୍ୱ ନେଇଥିଲେ । ପାଣ୍ଡବମାନଙ୍କ ପକ୍ଷରେ ସ୍ୱୟଂ ଶ୍ରୀକୃଷ୍ଣ ରହିଥିବାରୁ ସେମାନଙ୍କ ବିଜୟ ଲାଭ ସୁନିଶ୍ଚିତ ଥିଲା । ଯୁଦ୍ଧଭୂମି ରକ୍ତରଞ୍ଜିତ ହୋଇଯାଇଥିଲା । ଭୀଷ୍ମ ଅର୍ଜୁନଙ୍କ ଦ୍ୱାରା ପରାସ୍ତ ହୋଇ ତାଙ୍କ ଦ୍ୱାରା ରଚିତ ଶରଶଯ୍ୟାରେ ଶାୟିତ ଥିବା ଅବସ୍ଥାରେ ଯୁଦ୍ଧ ଅନ୍ତେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ଆରମ୍ଭ ହେବା ମାତ୍ରେ ନିଜ ଇଚ୍ଛାରେ ଶରୀର ତ୍ୟାଗ କରିଥିଲେ । ତାଙ୍କର ମାତା ଗଙ୍ଗା ନିଜ ପୁତ୍ରକୁ ଫେରାଇ ପାଛୋଟି ନେବା ଲାଗି ହଂସରୂପ ଧାରଣ କରିଥିବା ଋଷିମାନଙ୍କୁ ଯୁଦ୍ଧଭୂମିକୁ ପଠାଇଥିଲେ ଯେଉଁମାନେ କି ଭୀଷ୍ମଙ୍କ ଶରଶଯ୍ୟା ନିକଟରେ ଘେରି ରହିଥିଲେ । ଶରଶଯ୍ୟାରେ ଥାଇ ଭୀଷ୍ମ ଯୁଧିଷ୍ଠିରଙ୍କୁ ରାଜଧର୍ମ ଶିକ୍ଷା ଦେଇଥିଲେ ।

ଭୀଷ୍ମଙ୍କ ପରାଜୟ ପରେ କୌରବ ପକ୍ଷ ହୀନବଳ ହୋଇ ପରିଶେଷରେ ପାଣ୍ଡବମାନଙ୍କ ହାତରେ ପରାଜୟ ସ୍ୱୀକାର କରି ସମ୍ପୂର୍ଣ୍ଣ ରୂପେ ମୂଳପୋଛ ହୋଇଗଲା । ଯୁଦ୍ଧ ଶେଷ ଦିନ ଦୁର୍ଯ୍ୟୋଧନ ପ୍ରାଣ ବିକଳରେ ଯୁଦ୍ଧଭୂମିରୁ ପଳାୟନ କରି ଏକ ସରୋବର ମଧ୍ୟରେ ଆତ୍ମଗୋପନ କରି ଲୁଚି ରହିଥିଲା । କିନ୍ତୁ ଭୀମଙ୍କ ହାତରୁ ସେ ନିସ୍ତାର ଲାଭ କରି ପାରି ନ ଥିଲା । ଭୀମ ତାକୁ ଟାଣି ଆଣି ନିଜ ଗଦାରେ ତାର ଜଙ୍ଘକୁ ଭଗ୍ନ କରିବା ପରେ ଧରାଶାୟୀ କରି ମାରି ଦେଇଥିଲେ । ସେହିପରି ଯୁଦ୍ଧରେ ପରାସ୍ତ ହୋଇ ଭୀରୁଙ୍କ ପରି ପଳାଇ

ଯାଉଥିବା ଦୁଃଶାସନକୁ ଧରି ଭୀମ ଗଦାରେ ତାର ଛାତିକୁ ଫଟାଇ ଉନ୍ମତ୍ତ ସିଂହ ପରି ରକ୍ତମୁଖା ହୋଇ ଯାଇଥିଲେ ଏବଂ ହାତରେ କଛି ରକ୍ତ ଆଣି ଦ୍ରୌପଦୀଙ୍କର ମୁକୁଳା କେଶରେ ଲଗାଇ ଦେବାରୁ ସେ କେଶ ବାନ୍ଧିଥିଲେ । ଦୁର୍ଯ୍ୟୋଧନର ରାଜସଭାରେ ଲାଞ୍ଛିତ ହେବା ଦିନଠାରୁ ଦୌପଦୀ କେଶ ମୁକୁଳା ରଖିଥିଲେ । ଦୁଃଶାସନ ତାଙ୍କ କେଶକୁ ଧରି ଦୁର୍ଯ୍ୟୋଧନର ରାଜ ସଭାକୁ ଟାଣି ଆଣିଥିବାରୁ ସେ ପ୍ରତିଜ୍ଞା କରିଥିଲେ ଯେ ପାପୀ ଦୁଃଶାସନର ରକ୍ତ ଏଥିରେ ଲଗା ନ ହେବା ପର୍ଯ୍ୟନ୍ତ ଏ କେଶ ସେହିପରି ମୁକୁଳା ରହିଥିବ। ଯୁଦ୍ଧରେ କୌରବ ପକ୍ଷ ସମ୍ପୂର୍ଣ୍ଣରୂପେ ମୂଳପୋଛ ହୋଇଯାଇଥିଲେ । ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ପାଣ୍ଡବମାନଙ୍କ ପକ୍ଷରେ ରହିଥିବାରୁ ସେମାନଙ୍କ ବିଜୟ ହୋଇଥିଲା । ଯୁଦ୍ଧର ବିବରଣୀ ରାଜା ଧୃତରାଷ୍ଟ୍ରଙ୍କୁ ଶୁଣାଉଥିବା ତାଙ୍କ ସାରଥୀ ସଞ୍ଜୟ ଯୁଦ୍ଧ ଶେଷରେ କହିଥିଲେ, ହେ ଭଗବାନ, ଯେଉଁଠାରେ ଯୋଗେଶ୍ୱର ଭଗବାନ ଶ୍ରୀକୃଷ୍ଣ ରହିଛନ୍ତି ଏବଂ ଯେଉଁଠାରେ ଗାଣ୍ଡିବ ଧନୁ ଧାରଣ କରିଥିବା ଅର୍ଜୁନ ରହିଛନ୍ତି, ସେଠାରେ ଶ୍ରୀ, ବିଜୟ, ବିଭୂତି ଏବଂ ଅଟଳ ନୀତି ନଷ୍ଟୟ ରହିଛି, ଏହା ମୋର ମତ ।

ଭଗବାନ ଶ୍ରୀକୃଷ୍ଣ ତାଙ୍କର ସଖା ଅର୍ଜୁନଙ୍କର ଯେଉଁ ରଥର ସାରଥୀ ହୋଇଥିଲେ ସେହି ରଥକୁ କପିଧ୍ୱଜ ରଥ ଆଖ୍ୟା ଦିଆଯାଇଥିଲା ସେ ସଂକ୍ରାନ୍ତରେ ଏକ କୌତୁହଳପ୍ରଦ କାହାଣୀ ଏଠାରେ ସଂଯୋଗ କରି ମହାଭାରତ କଥା ସମାପ୍ତ କରିବା ।

ପାଣ୍ଡବମାନଙ୍କ ବନବାସ କାଳରେ ଦିନେ ଭୀମ ଅରଣ୍ୟରେ ବୁଲୁଥିବା ସମୟରେ ଦେଖିଲେ ଏକ ବିରାଟକାୟ ହନୁ ତାର ଲାଞ୍ଜକୁ ରାସ୍ତା ଉପରେ ଲମ୍ବାଇ ଦେଇ ଏକ ପଥରକୁ ଆଉଜି ଆଖିବୁଜି ବସିଛି । ଭୀମକୁ ଦେଖି ସେ ଆଖିଖୋଲି ଅନାଇଲା । ଭୀମ କହିଲେ, "ହେ ହନୁମନ୍ତ, ପଥ ରୁଦ୍ଧ କରି ବସିଛ କାହିଁକି ? ତୁମ ପୁଚ୍ଛ ହଟାଇ ଦିଅ, ମୁଁ ଆଗକୁ ଯିବି " । ହନୁ କହିଲେ, ମୁଁ ତ୍ରେତା ଯୁଗରେ ଯୁଦ୍ଧ କରି କରି ବଡ଼ କ୍ଳାନ୍ତ ହୋଇ ପଡିଛି ଏବଂ ଏଠାରେ ବିଶ୍ରାମ ନେଉଛି । ତୁମେ ନଜେ ପଥ ଉପରୁ ହଟାଇ ଦେଇ ଚାଲିଯାଇପାର ।

ଭୀମ ପୁଚ୍ଛଟିକୁ ହଟାଇବାକୁ ଯାଇ ଉଠାଇ ପାରିଲେ ନାହିଁ । ସେ ତାଙ୍କ ଶରୀରରେ ଥିବା ଅଶୀ ହାତୀଙ୍କର ଶକ୍ତି ପ୍ରୟୋଗ କରି ମଧ୍ୟ ପୁଚ୍ଛଟିକୁ ହଟାଇବାକୁ ଅସମର୍ଥ ହେବାରୁ ଆଶ୍ଚର୍ଯ୍ୟ ହୋଇଗଲେ । ଭୀମ ହନୁମାନଙ୍କ ନୀକଟରେ ନତଜାନୁ ହୋଇ କହିଲେ, ହେ ମହାତ୍ମା, ତୁମେ କଏ, ମୋତେ ତୁମର ଅସଲ ପରିଚୟ ଦିଅ ।

ହନୁମାନ ଭଗବାନ ରାମଙ୍କର ଭକ୍ତ ଏବଂ ଶକ୍ତିରେ ଭୀମଙ୍କର ବଡ଼ଭାଇ ବୋଲି ନିଜର ପରିଚୟ ଦେଇଥିଲେ ଏବଂ ଭୀମଙ୍କଠାରୁ ପାଣ୍ଡବମାନଙ୍କର ବନବାସର ବୃତ୍ତାନ୍ତ ଶୁଣି କହିଲେ, ଆଗାମୀ ଦିନରେ ଯେଉଁ ଯୁଦ୍ଧ ହେବ ସେଥିରେ ମୁଁ ଅର୍ଜୁନଙ୍କର ରଥର ଧ୍ୱଜାରେ ରହିବି ଏବଂ ମୋର ହୁଙ୍କାରରେ ଶତ୍ରୁପକ୍ଷ ସୈନ୍ୟମାନେ ହୀନବଳ ହୋଇ ପଡିବେ । ମୋର ଉପସ୍ଥିତି ଦ୍ୱାପରଯୁଗରେ ରହିଛି ବୋଲି ଜାଣ । ଏହାପରେ ହନୁମାନ ପୁଚ୍ଛ ହଟାଇ ନେଇଥିଲେ ଏବଂ ଭୀମଙ୍କୁ ଆଶୀର୍ବାଦ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ । ତେଣୁ ଅର୍ଜୁନଙ୍କ ରଥର ନାମହେଲା 'କପିଧ୍ୱଜ ' । ମହାଭାରତ ଯୁଦ୍ଧର ଅବସାନ ପରେ ଭଗବାନ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ ହସ୍ତିନାପୁରର ସିଂହାସନରେ ଅଧିଷ୍ଠିତ କରି ଦ୍ୱାରକା ଫେରିଗଲେ ।

ସଂଗ୍ରହକାରୀ-ନରେନ୍ଦ୍ର ପ୍ରସାଦ ବେହେରା
ସମ୍ପାଦକ-ମୋ ଅନୁଷ୍ଠାନ, ଆଳଦା, ଖଇରା, ବାଲେଶ୍ୱର

# ସ୍ୱାସ୍ଥ୍ୟ ବିଭାଗ

# ଡେଙ୍ଗୁ ରୋଗର କାରଣ ଓ ପ୍ରତିକାର



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ସାରା ବିଶ୍ଵରେ ଦେଖାଯାଉଥିବା ବିଭିନ୍ନ ରୋଗ ମାନଙ୍କ ମଧ୍ୟରେ ଭୂତାଣୁ (virus) ଦ୍ଵାରା ସୃଷ୍ଟି ହେଉଥିବା ରୋଗକୁ ମନୁଷ୍ୟ ବିଭିନ୍ନ ସମୟରେ କଠିନ ପରିସ୍ଥିତି ଦେଇ ମୁକାବିଲା କରିଆସୁଅଛି | ଏପରି ସ୍ଥଳେ ଡେଙ୍ଗୁ ନାମକ ଏକ ଭୂତାଣୁ ଜନିତ ରୋଗ ସାରା ବିଶ୍ଵରେ ବହୁ ବର୍ଷ ଧରି ଦେଖାଦେଇଛି। ଏହା ପଲ୍ଲୀ ଠାରୁ ସହର ପର୍ଯ୍ୟନ୍ତ ଏବଂ ସବୁ ବର୍ଗର ବ୍ୟକ୍ତି ବିଶେଷ ଙ୍କୁ ସଂକ୍ରମିତ ହେବାର ଆଶଙ୍କା ରହିଛି। ଡେଙ୍ଗୁ ପ୍ରଥମେ ୧୭୮୦ ସାଲ ରେ ମାଡ୍ରାସ (ବର୍ତ୍ତମାନ ଚେନ୍ନାଇ) ସହରରେ ଚିହ୍ନଟ କରାଯାଇଥିଲା। ପୁନର୍ବାର ବିଭିନ୍ନ ସମୟରେ ଡେଙ୍ଗୁ ଭୁତାଣୁ ର ଲକ୍ଷଣ ଥିବା ରୋଗୀ ଭାରତର ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିବାର ଦୃଷ୍ଟି ଗୋଚର ହୋଇ ଆସୁଛି | ଡେଙ୍ଗୁ ଏପରି ଏକ ଜଟିଳ ରୋଗ ସଠିକ ସମୟରେ ରୋଗୀର ଉପଯୁକ୍ତ ଚିକିତ୍ସା କରା ନଗଲେ ରୋଗୀ ମୃତ୍ୟୁ ମୁଖରେ ପଡିଥାଏ | ତେଣୁ ଲକ୍ଷଣ ଦେଖା ଦେବା ମାତ୍ରେ ଡାକ୍ତର ଙ୍କ ପରାମର୍ଶ କରି ରକ୍ତ ନମୁନା ପରୀକ୍ଷା କରି, ଡେଙ୍ଗୁ ଚିହ୍ନଟ ହେବା ପରେ ଔଷଧ ଖାଇବା ଦ୍ଵାରା ଡେଙ୍ଗୁ ସଂକ୍ରମଣ ରୁ ଆମେ ରକ୍ଷା ପାଇ
ପରିବା.

## ଡେଙ୍ଗୁ ରୋଗ କ'ଣ -

ଡେଙ୍ଗୁ ଏକ ଭୁତାଣୁ ଜନିତ ରୋଗ ଅଟେ। ମାଈ "ଏଡିସ" ମଶା କାମୁଡିବା ଦ୍ଵାରା ସୁସ୍ଥ ମନୁଷ୍ୟ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥାଏ। "ଏଡିସ ମଶା ହିଁ ଡେଙ୍ଗୁ ରୋଗର ବାହକ ଅଟେ"। ଏହି ମଶା ଦିନବେଳା ଏବଂ ମଣିଷର ଆଣ୍ଠୁ ତଳକୁ ହିଁ କାମୁଡ଼ିଥାଏ, ବିଶ୍ଵ ସ୍ଵାସ୍ଥ୍ୟ ସଙ୍ଗଠନ ସୂଚନା ଅନୁଯାୟୀ ପ୍ରତିବର୍ଷ ସାରାବିଶ୍ଵରେ ପ୍ରାୟ ୫୦୦,୦୦୦ ଲକ୍ଷ ଲୋକ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥାନ୍ତି |

ଡେଙ୍ଗୁ ରୋଗ ର ଲକ୍ଷଣ:-

ଡେଙ୍ଗୁ ସାଧାରଣତଃ ଛୋଟ ଛୁଆ ମାନଙ୍କ ଠାରୁ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସବୁବର୍ଗର ଲୋକଙ୍କୁ ସଂକ୍ରମିତ ହୋଇଥାଏ। ଡେଙ୍ଗୁ ଭୂତାଣୁ "ଏଡିସ" ମଶା କାମୁଡିବା ଦ୍ୱାରା ସୁସ୍ଥ ମନୁଷ୍ୟ ଠାରେ ପ୍ରାୟତଃ **4** ରୁ **10** ଦିନ ଭିତରେ ଲକ୍ଷଣ ପ୍ରକାଶ ପାଇ, ଶରୀରରେ ତାପମାତ୍ରା **104 F(40 c)** ତାପମାତ୍ରା ବୃଦ୍ଧି ପାଇବା ସହ ମାଂସପେଶୀ, ହାଡ଼ ଓ ଗଣ୍ଠି, ଆଦିରେ ଯନ୍ତ୍ରଣା ଅନୁଭବ ହେବା, ଆଖିପତା ବ୍ୟଥା, ମୁଣ୍ଡ ବ୍ୟଥା ଆଦି ଲକ୍ଷଣ ଦେଖାଦେଇଥାଏ | ଶରୀରରେ "ଲାଲ ଦାଗ" ଦେଖାଦେବା ସହ ଅନେକଙ୍କ ଠାରେ ବାନ୍ତି ହେବାର ମଧ୍ୟ ଦେଖାଯାଏ । ଏହିସବୁ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରି ଔଷଧ ସେବନ କରିବା ଉଚିତ।

ଏଡିସ ମଶା ର ଉତ୍ପତ୍ତି ସ୍ଥାନ:- ଏଡିସ ମଶା ର ପ୍ରାଦୁର୍ଭାବ ସାଧାରଣତଃ ବର୍ଷା ଋତୁରେ ଦେଖାଦେଇଥାଏ। "ଏଡିସ" ମଶା ସାଧାରଣତଃ ଦୀର୍ଘ ଦିନ ଧରି ଜମି ରହିଥିବା ପାଣିରେ ହିଁ ନିଜର ବଂଶ ବିସ୍ତାର କରିଥାଏ, ଘରେ ପଡିରହିଥିବା ଭଙ୍ଗା ଫ୍ରିଜ, ଅର୍ଦ୍ଧଭଙ୍ଗା ହାଣ୍ଡି, କାଚ, ନଡିଆ ସଢ଼େଇ, ଆଇସକ୍ରିମ ଖୋଳ, ପଥର ଖାଲ, ପୁରୁଣା ଟାଇର ଆଦି ମାନଙ୍କରେ ବର୍ଷା ଦିନେ ଜମିରହୁଥିବା ପାଣିରେ ନିଜର ବଂଶ ବିସ୍ତାର କରିଥାନ୍ତି। ଡେଙ୍ଗୁ ରୋଗରେ ସଂକ୍ରମିତ ବ୍ୟକ୍ତିଙ୍କ ଠାରୁ ସୁସ୍ଥ ଲୋକଙ୍କ ଠାରେ ଡେଙ୍ଗୁ ଭୂତାଣୁ "ଏଡିସ"ମଶା ଦ୍ୱାରା ହିଁ ସଂକ୍ରମିତ ହୋଇଥାଏ ।

ଏହାର ପ୍ରତିକାର:-

ଏଡିସ ମଶା କାମୁଡ଼ାରୁ ଦୁରେଇ ରହିବା ନିମନ୍ତେ ମସାରି ଟାଙ୍ଗି କରି ଶୋଇବା, ଶରୀରକୁ ପୋଷାକ ଅଚ୍ଛାଦିତ କରି ରଖିବା,ଗୋଡ଼ରେ ନିମ୍ବ ତେଲ ଲଗାଇବା, ରସୁଣକୁ ବାଟି ଲେପ ଦେବା, ରସୁଣ କୁ ଛେଚ ତେଲ ମିଶାଇ ଲଗାଇବା ଉଚିତ।

ବାସଗୃହର ଚାରିପଟେ ସଫାସୁତୁରା ରଖିବା ସହ ମାଟି ସମତଳ କରି ରଖିବା ଉଚିତ ଯେପରି କୌଣସି ସ୍ଥାନରେ ପାଣି ଜମାଟ ନବାନ୍ଧିବ ସେଥିପ୍ରତି ଧ୍ୟାନ ଦେବା ଉଚିତ| ଏତଦ

ସହ ପାଣି ରଖିଥିବା ପାତ୍ର, ପାଣି ଟାଙ୍କି, କୁଲର ଇତ୍ୟାଦି ୨ରୁ୩ଦିନରେ ଥରେ ସଫାକରି ପାଣିକୁ ବଦଳିବା ଉଚିତ।

ଆୟୁର୍ବେଦିକ ଚିକିତ୍ସା ଶାସ୍ତ୍ର ରେ ଡେଙ୍ଗୁ "ରୋଗର ପ୍ରତିରୋଧ ତଥା ଉପଶମ ନିମନ୍ତେ, କେତେକ ପରାମର୍ଶ ରହିଛି ଯାହାକି ଡେଙ୍ଗୁ ରୋଗୀଙ୍କ ପାଇଁ ଅମୃତ ତୁଲ୍ୟ କାର୍ଯ୍ୟ କରିଥାଏ| ତୁଳସୀ ପତ୍ର, ଜଷ୍ଟିମଧୁ, କଞ୍ଚା ହଳଦୀ ଆଦି ସେବନ ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ, ଡେଙ୍ଗୁ ଭୁତାଣୁ କୁ ପ୍ରତିରୋଧ କରିଥାଏ| ଏତଦ ସହ ପଇଡ଼ ପାଣି, ଡାଳିମ୍ବ, କମଳା, ମେଥି, ପୋଇସାଗ, ଆଦି କୁ ଖାଦ୍ୟ ରୂପେ ଖାଇବା ଉଚିତ| "ଡେଙ୍ଗୁ"ଜ୍ୱର ରେ ଆକ୍ରାନ୍ତ ବ୍ୟକ୍ତି ତେଲ ଛଣା ଖାଦ୍ୟ, ମସଲା ଯୁକ୍ତ ଖାଦ୍ୟ, ଆମିଷ ଖାଦ୍ୟ ଖାଇବା ଉଚିତ ନୁହେଁ।ୂ

"ଡେଙ୍ଗୁ" ଏକ ଜଟିଳ ତଥା ମାରାତ୍ମକ ରୋଗ ହେତୁ, ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ଡାକ୍ତର ଙ୍କ ପରାମର୍ଶ ନେଇ ଚଳିବା ଦ୍ୱାରା ରୋଗରୁ ଉପଶମ ପାଇବା ସହ ଜୀବନ ରକ୍ଷା ହୋଇପାରିବ,

ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର,
ଫୋନ-୭୮୯୪୧୧୨୪୮୭

# ଆମ ହାଣ୍ଡିଶାଳ

# ହାଣ୍ଡିଶାଳ



ତ୍ରିପତି ପ୍ରଧାନ

ଚକ ସମୟର ଘୁରେ ବାରମ୍ବାର
  ବଦଳ ଯାଇଟି ସ୍ଥାନ
ହସେ ପୁଣି କଏ କାନ୍ଦେ ହୃଦ ଲୁହେ
  ଛୁପି ଛୁପି ମନୁ ମନ **(1)**
କାହା ହାଣ୍ଡି ଶାଳ  ସୁଖ ରସାତଳ
  କା ବନଇ ମଧୁମୟ
ମୁଠାଏ ପଖାଳ ନପାଏ ତଣ୍ଡୁଳ
  ଗଢେ କେ ଭଡଙ୍ଗମୟ **(2)**
କା ଚଉ ହରସ ଗଢେ ନବ ଚଜ
  ପରିବାର ସହ ହସି
କାର ହାଣ୍ଡିଶାଳ ପିଟା ପିଟି ଥାଳ
  ଭୋକେ ରହିଥାନ୍ତି ବସି **(3)**
ଅବକାଶ ପାଇ ଏକତ୍ରିତ ହୋଇ
  ବାସେ କରନ୍ତି ମଉଜ
କାମ ବିନା କେହି ଉପବାସେ ରହି
  ଜଳପାନ ମାଟି ଶେଜ **(4)**
ଧନ ସମ୍ପଦର  କରନ୍ତ  ଆଦର
  ଜୀବେ ଦୟାରଖ ଭାଇ
କାଳ ଭଉଁରୀରେ  ଆଫଗାନ ନରେ
  ଜୀବନ ବିକଳେ ଧାଇଁ **(5)**

ଧର୍ମ ଏକା ସିନା ମହତ ପଣିଆ
ବାକତ ଅଢେଇ ଦିନ
ଦେଖି ସ୍ୱନୟନ ଆହେ ବିଜ୍ଞଜନ
ହୁଅ କାହିଁ ଆନମନ(6)
ଦେଇଥିଲେ ପାଇ ବୁଣିଥିଲେ ପାଇ
ଯୁଗେ ଯୁଗେ ଅଛି କଥା
ଧନ ଜନ ମାନ   ବର୍ଷ ମାସ ଦିନ
ଦେବାକୁ ନଥିବେ ଚତା (7)
କର ଅନ୍ନ ଦାନ ତା'ଠୁ ନାହିଁ ପୁଣ୍ୟ
ନର ଦେହେ ନାର୍‌ୟଣ
ଜୀବେ ଦୟାକରି ସୁଖେ ଯିବ ତରି
ଲଭିବ ଅମର ଧାମ (8)

ସଂସ୍କୃତ ଶିକ୍ଷକ,
ଚକଟି, ଗଞ୍ଜାମ

# ଛତୁ ପତ୍ର ପୋଡା



ବବୁଲି ତ୍ରିପାଠୀ

ଆଜି ଓଡିଶାର ଏକ ବହୁତ ସୁନ୍ଦର ରେସିପି ଛତୁ ପତ୍ର ପୋଡା କପରି ତିଆରି କରିବା ତହା ବିଷୟରେ ଜାଣିବା । ଯାହାକ ବିଶେଷ କରି ଛତୁ ଓ ବେସରକୁ ନେଇ ତିଆରି ହୋଇଥାଏ । ଚୁଲିରେ ପୋଡିଲେ ସେଥିରୁ ପୋଡା ବାସ୍ନା ଆସିଥାଏ ଏବଂ ଗରମାଗରମ ଖାଇବା ପାଇଁ ଭଲ ଲାଗିଥାଏ । କନ୍ତୁ ଆମେ ସେପରି ଟେଷ୍ଟ ଆଣିବା ପାଇଁ ବିନା ଚୁଲିରେ ଘରେ ଥିବା ସାମଗ୍ରୀକୁ ନେଇ ଛତୁ ପତ୍ର ପୋଡା ବନେଇବା । ଆଶା କରୁଛି ଏହି ରେସିପି ଆପଣମାନଙ୍କୁ ନିହାତି ଭଲ ଲାଗିବ ।

ଆବଶ୍ୟକ ସାମଗ୍ରୀ:

୧. ପାଳ ଛତୁ – ୫୦୦ ଗ୍ରାମ

୨. ଗୋଟେ କଟା ପିଆଜ ଓ ଟମାଟୋ

୩. ଦୁଇଟି କଟା କଞ୍ଚା ଲଙ୍କା, ରସୁଣ

୪. ହଳଦୀ ଗୁଣ୍ଡ, କାଶ୍ମିରୀ ଲଙ୍କା ଗୁଣ୍ଡ, ମିଟ୍ ମସଲା, ଲୁଣ ଓ ଶୋରିଷ ତେଲ ।

୫. ମସଲା ବନାଇବା ପାଇଁ –ତିନି ବଡ ଚାମଚ ଶୋରିଷ, ଜିରା ଗୋଟେ ବଡ ଚାମଚ, ଚାରିଟି ଶୁଖିଲା ଲଙ୍କା, ୬-୭ଟି ରସୁଣ

ପ୍ରଥମେ ମସଲା ପାଇଁ ରଖିଥିବା ଜିରା, ଶୋରିଷକୁ ଚକ୍କଣ କରି ବାଟି ରଖିଦେବା । ଛତୁ ପତ୍ର ପୋଡା ବନେଇବା ପାଇଁ ସତେଜ ଦୁଇଟି କଦଳୀ ପତ୍ର ନେବ । ତାକୁ ଭଲ ଭାବରେ ସଫା କରିଦେବ । କେତେକ ଶାଳପତ୍ର ମଧ୍ଯ ବ୍ୟବହାର କରିଥାନ୍ତି; ମାତ୍ର କଦଳୀ ପତ୍ରର

ବାସ୍ନା ଭଲ ଓ ଅଧିକ ସ୍ୱାଦିଷ୍ଟ ଲାଗିଥାଏ । କଦଳୀ ପତ୍ରକୁ ସଫାକରି ଧୋଇ ସାରିବା ପରେ ନିଆଁ ଉପରେ ହାଲୁକା ଭାବରେ ଶେକ ଦେବା ଯେମିତି ତାହା ନଫାଟିବ । ଛତୁକୁ ଆମେ ବଡ ବଡ ସାଇଜ ରେ କାଟି ହଳଦୀ ପାଣିରେ ଧୋଇଦେବା । ବର୍ତ୍ତମାନ ତାକୁ ଭଲ ଭାବରେ ଚପୁଡି ଦେବା ଏବଂ ବାଟି ରଖିଥିବା ବେସରକୁ ସେଥିରେ ପକାଇବା ଏବଂ ପିଆଜ ଓ କଟା ଟମାଟୋକୁ ମଧ୍ୟ ପକାଇବା । ତା ପରେ ଗୋଟେ ବଡ ଚମଚ ହଳଦୀ ଗୁଣ୍ଡ, ଗୋଟେ ବଡ ଚାମଚ କାଶିରୀ ଲଙ୍କା ଗୁଣ୍ଡ, ମିଟ୍ ମସଲା ଗୋଟେ ଚାମଚ, ଚାରି ବଡ ଚାମଚ ଶୋରିଷ ତେଲ ଏବଂ ଲୁଣଦେଇ ଗୋଳେଇ ଦେବା ।



ସେକ ରଖିଥିବା କଦଳୀ ପତ୍ରରେ ଛତୁକୁ ଅଧା ଅଧା କରି ଦେବା ଓ ସେଥିରେ କାଟି ରଖିଥିବା କଞ୍ଚା ଲଙ୍କାକୁ ପକେଇ ଦେବା । ଏବେ ତାକୁ ଗୋଟିଏ ପ୍ୟାକେଟ୍ ପରି କରି ସେହି ପତ୍ରକୁ ସୂତାରେ ବାନ୍ଧି ଦେବା, ଯେମିତି କୌଣସି ବାଟରୁ ପାଣି ନ ବାହାରିବ ।

ତା ପରେ ଗୋଟିଏ ତାୱାକୁ ଗରମ କରିନେବା । ଗରମ ଥିବା ତାୱାରେ ଗୋଟେ ବଡ ଚାମଚ ଶୋରିଷ ତେଲ ଦେଇ ସବୁଆଡେ ଖେଳେଇ ଦେବା । ତା ଉପରେ ପ୍ୟାକେଟ କରି ରଖିଥିବା ଛତୁ କୁ ଦେଇ ୪୫ ମିନଟ୍ ପର୍ଯ୍ୟନ୍ତ ଅଳ୍ପ ଉତ୍ତାପ ରେ ଘୋଡାଇ କ ପୋଡିବା ପାଇଁ ଛାଡିଦେବା । ଛତୁରୁ ସବୁ ପାଇ ଶୁଖିଯାଇ ପତ୍ର ସବୁ ପୋଡିଗଲା ପରେ ତାହା ଜାଣିବେ ଯେ ସଂପୂର୍ଣ୍ଣ ଭାବରେ ପୋଡି ଯାଇଛି । ବର୍ତ୍ତମାନ ଛତୁ ପତ୍ର ପୋଡା ସଂପୂର୍ଣ୍ଣ ଭାବେ ପ୍ରସ୍ତୁତ । ତାକୁ ଆମେ ଗରମଗରମ ଭାତ ସହ ଖାଇବା ।

ସତଲମା, ବରପାଲି, ବରଗଡ

# ଭ୍ୱନଲ୍ ଲସି



ସଙ୍ଗୀତା ମହାନ୍ତି

ଆବଶ୍ୟକ ସାମଗ୍ରୀ:

ଭ୍ୱନଲ୍ ଆଇସକ୍ରିମ

ଦହି, ଚିନି

କାଜୁ, କସିମିସ୍, ଗୋଲାପ ଜଳ

ଗ୍ରବିଡ, ଚେରି

ପ୍ରଥମେ ଭ୍ୱନଲ୍ ଆଇସିକ୍ରିମ ଓ ଦହିକୁ ଗ୍ରାଇଣ୍ଡ କରିଦେବେ ଭଲଭାବରେ । ସେଥିରେ ଚିନି ୨ ଚାମଚ ଏବଂ ଗୋଲାପ ଜଳ ପକେଇଦେବେ । ଗୋଟେ ଗ୍ଲାସରେ ତାକୁ କାଢିନେବେ । ତାପରେ କାଜୁ, କସମିସ, ଚେରିକୁ କାଟିକି ଭଲଭାବରେ ଗାର୍ନିସ୍ କରିଦେବେ । ତା ଉପରେ ଗ୍ରବିଡି ପକେଇଦେବେ । ହୋଇଗଲା ଭ୍ୱନଲ୍ ଲସି ।

ତୁଳସୀପୁର, ମଠସାହି

# ଆଞ୍ଚଳିକ

# ମଂଗଲୁ ବବାର୍ ନୂଆଁଖାଇ



ବାଙ୍କାବିହାରି ମହାକୁର

ଭୁଦୋ ମାସର୍ ପଂଚମି ଲଗନ୍
ସିଘା ତିହାର୍ ନୂଆଁଖାଇ
ର୍ଏଜ୍ ଦେଶ୍ ବାହାରୁ ମାଟିର୍ ପୁଓ
ଫିର୍'ସି ଘର୍'କେ ହେତେଇ ।

ନୂଆଁଖାଇର୍ ନୂଆ ବାସ୍ କହଁରେ
ମହକ ଯାଉଛେ ଧର୍
ଗାଆଁଠାନୁ ଆଏଜ୍ ସହର୍ ତକ୍
ଲ୍‌ଗୁଛେ ଦୁସର୍ ଦୁସର୍ ।

ନଲିଆ ଆକାଶ୍'ଥି କଲିଆ ମେଘୋ
ଖେଲୁଛେ ଲୁକ୍'ଲୁକାନ
ଗାଆଁ ତର୍‌ପଟିଆ ମଂଗୁଲୁ ବବା
ହେଉଛେ ନ ହୁର୍'ଗୁନ ।

ର୍ଏଜ୍'ନୁଁ ଦୁରିଆ ରହୁଛେ ପୁଓଟା
କୁଟୁମ୍'ବାଟୁମ୍ ସାଂଗେ ଧରି
ହାତୁ ଦୁଇ ହାତ୍ ହେଲ୍ ଦିନୁଁ ସେ
ଗାଆଁ ମାଆଁକେ ଦେଲ୍ ପାସରି ।

ବବାବଡି ଦୁହେଁ ରହେଲେ ବଛର୍ ଦୁ
ଦୁଖ୍'କେ ନଜର୍ କରି
ଗଲ୍ ବଛର୍ ବଡି ବବାର୍ ହାତ୍ ଛାଡି
ଦୁନଆଁନୁଁ ଗଲ୍ ଫିରି ।

ନୂଆଁଖାଇ ଆଏଲେ ବାଟ୍ ଦେଖୁଥିସି
କରୁଥିସି ପଚଗ୍‌ଉଚଗ୍
ଗାଆଁକେ ଫିରଲ୍ ଯୁଆନକୁ ଦେଖି
କାଂଦସି ଅଛଗ୍ ଅଛଗ୍ ।

ନୂଆଁଖାଇ ଦିନେ ମେଲିମେଶି ବବା
ଲୋକ ଦେଖାନ ମନାସି ନୂଆଁଖାଇ
ହୁରୁଦ୍ ଭିତର୍ ଦୁଖର୍ ଜୁଏକେ
ନ ପାରବା କାହାକେ ଦେଖେଇ ।

ଗାଆଁମାଆଁ ସାଂଗେ ଭ୍ଵବ୍ ଦିଆନଆ
ଦୁଖ୍'କେ ଦେଇଛେ ଲୁକାଇ
ପୁଓର୍ ବିନେ ମଂଗଲୁ ବବା ଲୁହଧାରେ
ମନଉଛେ ନୂଆଁଖାଇ ।

ବୁରୁବୁଡା, ବୀରମହାଗ୍‌ଜପୁର,
ସୁବର୍ଣ୍ଣପୁର

# ଡଙ୍ଗର ତଳଆ ଗାଁ ବାମିନ

କୁମର ଲାଲ ରଣା

କେତେ ସୁନ୍ଦର କରି ଡୁଙ୍ଗରନୁ ଝରି
ବହିଆସୁଛେ ପାନୀ ।
ଡୁଙ୍ଗର ତଳେ ବସା ଡୁଙ୍ଗର ତଳଆ ଗାଁ
ନାଆ ପାଇଛେ ବାମନ ।
ଶିଗନୁ ଆସି ଲମି ଗ୍ଲିଛେ
ତର ବରେଇ ତର ବରେଇ ।
ଡିର ପତର ଝାଡ଼ ଝୁଡ଼ା ପଥର ଗୋଟି
କାଟି କାଟି ଅସୁଛେ ବହି ।
ଶୀତଳ ପାନର ଧାର୍ ପୁରିଛେ ଆଶାର୍
ଲ୍ଗୁଛେ ଅମୃତ ଜଳ ।
ବାମିନ ଗାଁ ଶୀତଳ ପାନର ମଜା
ଦେହେଁ ନାଇଁ ଲ୍ଗେ କଲବଲ ।
ସୁନ୍ଦର କରି ଅଛେ ଗାଁର ଢ଼ଆର ଖୁଟ
ଶୀତଳ ପାନର ଘେର୍ ।
ଆଳୁ କୋବି ଚନା ଗାଁଆନେ ସାଜିଛେ
ପୁରିଛେ ବଡ଼ା ଆଶାର୍ ।

ମହୁଆ ଭଟା, ନୂଆପଡା, ଓଡିଶା

# ପଶ୍ଚିମ ଓଡିଶା ଲୋକଗୀତ ସୋର୍ ପଦେ ପଦେ



ସତ୍ୟନାରାୟଣ ମିଶ୍ର

ଡାଲଖାଇ ---

ଡାଲଖାଇ ରେ ଆଏଲା ଦଶର୍ ଅଷ୍ଟମି ଦିନ
ଭାଇ ଜୀଇଁତା କେ ନନ ର ମନ
ସାଙ୍ଗ ମେଲେ ଘାଟ ପୂଜା କରୁଛେ
ଶହେ ଆଠ ଦୁବ ଚଉଲ
ବାଛି ରଖିଛେ, **3**ଥର କ ଡାଲଖାଇରେ

ରସରକେଲି --

ଘିଡିଘିଡି ଚଡଚଡ ମେଘ ଗରଜନ
ବନ୍ଧିଲି ଖେତେ ଗଁଅତିଆ ରୁଅଉଛେ ଧାନ
ହରବୋଲ ହୁଲହୁଲି ଶୁଭେ ଘନ ଘନ
ହଲିଆ ଗାଉଛେ ଗୀତ ଉସତ୍ କରି ମନ
କେଡେ ଗହ ଗହ ସତେ ଧନରେ
ଗୃଷୀ ଦାଦା ର୍ ମନ ରସ ଯା ଗୃଲିଯାରେ ।

ଯାଇଫୁଲ ----

ଯାଇଫୁଲ ରେ ଆହା ଯାଇଫୁଲ
ଘଡି ମାରି ଉଦେ ଜହ୍ନ
କାନ୍ହୁ ର୍ ବିନେ ରାଧା ର୍ ମନ ଉଛନ
ସତେ ଯାଇଫୁଲ ମଥୁର୍ ଗନ୍ଧ ମୋହନ ।

ସଜନୀ --
ମଲି ଫୁଟି ମହକଲା୍
ଗାଁ ର୍ ମଝାଖୁଲି ଗ୍ଭଲିଛେ ପାଲ୍ ରେ
କାନହୁ କଲା୍ ବୋଲି ଗ୍ସ ଲୀଳା ସଜନୀ ରେ।

ଝୁମେର --
ମୁହୁରିକେ କଲେ କଲେ ବଜା ରେ ମୁହୁରିଆ
ମୁହୁରୀ ତୋର୍ କଲେ କଲେ ବଜା ରେ
ମୁହୁରୀ କେ ଧୀରେ ଧୀରେ ବଜା ।
ହଲି ହଲି ,ଝୁଲି ଝୁଲି ଗ୍ଭଲୁ ମହୁରିଆ
ଦୁଲା୍ ର୍ ଭିତରେ କାନ୍ଦୁଛେ ନନ ରେ ଲହ ପୁଛି ପୁଛି
ଆହା ! ହଲି ହଲି ଝୁଲି ଝୁଲି ଗ୍ଭଲୁ ମହୁରିଆ ।

ମାଏଲା୍ ଜଡ ---
କାଏଁ ଟା ଆନ ଦେବୁ ଦାଦା ମୋର୍ ଲା୍ଗି ତୁଇ
ଗଲା୍ ଥରେ କହିଥିଲି ଗୋ ଆଣିଦେଲୁ ନାଇଁ
ଇଥର କେ ନାଇଁ ଆଣି ଦେବୁ ତ ରଷି ଯିମି ମୁଇ
ରୁପା ପଏରି
କଜଲ୍ ପାତି ବାଲ୍ ଚେପେନା ଖିର୍ପିନ
ଆର ,ଗ୍ଭଏଁ ରି ମୁଡି , ରୁପା ପଏ ରି ।

ଦଣ୍ ---
ଗ୍ଧା ମାଇଁ ଗୋ ,ମୋର୍ ବଏସି ଟା କଏ ନେଲା୍
ଚୁରେଇ ଗ୍ଧା ମାଇଁ ଗୋ ।
ତାକେ ଖୁଜିନୁରି ଅଥା ବିଥା ହେଲି
କାହିଁ ହେଲେ ବେନୁ ପା ଏ ଲି ନାଇଁ ଗ୍ଧାମାଇଁ ଗୋ

ବଜନଆ ---ଢୁଲ ପାରେ ବଜା ଆରେ ବଜନଆ
ଢୁ ଲ ପାରେ ବଜା ବଜା ।
ସାଙ୍ଗ ସରିସା ନେ ନାଚମି ମୁଇ ରେ ମୁହୁରିଆ
ତୋର ମୁହୁରିକେ ଟିକେ ସଜା ରେ ଜା ଜା ଜା ଜାରେ
ଜା ରେ ।ଢୁଲର୍ ତାଲେ ତାଲେ ତୁଇ ବଜା ରେ
ଜା ରେ ଜା ଜା ରେ ଜା ରେ ।

ନାଚନଆ ---
ଜୟ ଜୟ ମା ଗୋ ତ୍ରିଶୂଳ ଧାରିଣୀ
ଜୟ ତୁ ସର୍ବ ମଙ୍ଗଲ୍
ସଙ୍କଟ ତାରିନ ବିପଦ ଭଂଜନୀ
ହର ବାମା ମା ବିମଳା ଗୋ ମାରି ମହିଷାସୁର
ଦେବ ଗନ କେ କଲୁ ଉଦ୍ଧାର ଗୋ ମାରିମହିଷାସୁର

ଢାପ ସୋର --
ସଡକେ ଗଲ୍ ମଟର
ତମର୍ ଆମର୍ ଭବ ଅଜର୍ଅମର
ନାଇଁ ଲ୍‌ଗୁ କାହାରି ନଜର ରେ ପାନ ପତର
ତମେ କ୍ଷୀର ହେଲେ ଆମେ ନର ହୋ ପାନ ପତର

( ଇ ପ୍ରକାରେ ବହୁତ ଟେ ସ୍ୱର ରହିଛେ )

ସିଂଧେକେଲ୍, ବଲ୍ଙ୍ଗୀର

# କୋସଲ୍ ମାଟିର୍ ଗୁନ୍ ଗାରିମା ଗାଥା



ଦୟାନନ୍ଦ ଶବର

କୋସଲ୍ ମାଟିର୍---ଗୁନ୍ ଗାରିମା ଗାଥା
ସୁନ ହୋ ମୋର୍ ଭ୍‌ଏ ଦଦା
କୋସଲ୍ ର୍‌ଏଜେ---ଭରି ରହିଛେ କେତେ
ମହନୟତା ଗଦା ଗଦା

ସାହିତ୍ୟ ସଂସ୍କୃତି---କଲ୍ ପରମ୍ପର୍ ନେ
କେନ୍ ହେଇ ପାରବା ତୁଲି
ତୀର୍ଥ ପୁର୍‌ନକ୍---ଐତିହାସିକ୍ ଜାଗା
ଦେଖଲେ  ପାରବ୍ କେଁ ଭୁଲି

କିର୍ତି କିମ୍ବଦନ୍ତୀ---ଦର୍ଶନ୍ ଜାଗା ଲ୍‌ଗି
କୋସଲ୍ ଆମର୍ ମହାନ୍
କୋସଲ୍ ମାଟିର୍---ଗୁନ୍ ଗାରିମା ଲ୍‌ଗି
ବଢ଼ସି  ଇ ମାଟିର୍ ମାନ୍

ର୍‌ଏଜ ଆମର୍---ଆଏ କେତେ ସୁଂଦର୍
ପଢ଼ି କରି ପାରବ ଜାନ
ସୋର୍ କରି କରି---ଲେଖୁଛେଁ ମୁଁଇ ଇନ
ଜାହା ଜେତେକ୍ ଜାନ ଥିନ

ନୃସିଂହନାଥ୍ ନେ---ନୃସିଂହ ଭଗବାନ୍
ଅଛେ ପାଇଁକମାଲ୍ ଛୁମେ
କୋସଲ୍ ମାଟିର୍-ଇଷ୍ଟ ମହାପରଭୁ
ପୁଜା ପାଏସନ୍ ଇ ଧାମେ

ବୋଇସାଖ୍ ମାସେ---ହେସି ବୈଶାଖ୍ ମେଲା
ହେସି ଖୋବ୍ ଲୋକର୍ ଭିଡ୍
ମାର୍ଜାର୍ କେସରି---କୋସଲ୍ ମାଟିର୍ ଶ୍ରୀ
ଇ କୋସଲ୍ ମାଟିର୍ ନଡ୍

ପାଣିମୋରା ଠାନେ---ଗାନ୍ଧୀ ମଂଦିର୍ ଅଛେ
ଘେଁସ୍ ଆଏ ସଂଗ୍ରାମୀ ପୀଠ୍
ସୁରେନ୍ଦ୍ର ସାଏର୍---ସମାଧି ସ୍ଥଲ୍ ଇନେ
କହେସି ବିରତାର୍ ଗିତ୍

ବରପାଲି ଠାନେ--- ସମ୍ବଲପୁରି ପାଟ୍
ଇ ସଂସାରେ ଆଏ ପ୍ରଖ୍ୟାତ୍
ଇ ବରପାଲିର୍---ହାଥ ବୁନା କପଟା
ହେଇଛେ ସବୁ ନ ବିଖ୍ୟାତ୍

ଡେବ୍ରିଗଡ୍ ଠାନେ---ବନ୍ୟ ଜନ୍ତୁ ଅଛନ୍
ଚରି ବୁଲି ଅଛନ୍ ରହି
ଦେବଦର୍ହା ଆଏ---ମନୋରମର୍ ସ୍ଥଲି
ଦିସୁଅଛେ ସୁଂଦର୍ ହେଇ

ଗନଆପାଲିର୍---ଐତିହାସିକ୍ ଜାଗା
ଇତିହାସର୍ କଥା କହେ

ପପଙ୍ଗା-ଚଖୁଡି---ମନୋରମଣ୍ ଦୃଶ୍ୟ
ହୁରୁଦକେ ଲୁଭେଇ ନଏ

ଗାଏସିମା ଆଏ--- ଧାର୍ମିକ ସ୍ଥଲି ଜାଗା
ସେନ ଅଛେ  ମନ୍ଦିର୍ ଗୁଡ଼ି
ପୁଜା କରି ଜିବ---ନର୍ମଲ୍ ମନ୍ ନେଇ
ପାହାଁଚ୍ କେ ପାହାଁଚ୍ ଚଢ଼ି

ଉଷ୍ଣପ୍ରସବଣ୍---ଆଏ ପାତାଲ୍ ଗଙ୍ଗା
ଆଏ ତ ଧାରମିକ୍ ଜାଗା
ସଂକର ମଂଦିର୍---ପତୋରା ନଦୀବନ୍ଧ୍
ଧାର୍ମିକ୍ ଦେଖନଆ ଜାଗା

ବୁଦ୍ଧିକୋମନାର୍--- ବାବା ପାତାଲେସ୍ୱର୍
ପୁଜା ପେସନ୍ ସବୁ ଦିନେ
ସିନ୍ଦୁରସିଲର୍--- ମନ୍ ହରଣି ଦୃଶ୍ୟ
ପରିଚତ୍ ଏ ସବୁ ଗୁନେ

ଗୁମ୍ଫା ଚନ୍ଦ୍ର କଲ୍--- ଯୋଗି,ରିସିପିଠର୍
ଆଏ ଐତିହାସିକ୍ କଥା
ଥିପାଖୋଲ ଆଏ--- ପ୍ରକୁତି ମନୋରମ୍
ଦେଖୁଥିଲେ ନ ଲାଗେ ଅଥା

ବେଜଆ,ଖରଲ୍---ଗୌଧସ୍ ପେନଧାର୍
ଐତିହାସିକ୍ ମାଡ଼ଗୁଡ଼ା
ରୁପା, ସୁନାଦେଇ---ସେନ ଅଛନ୍ ରହି
ଅଭୟାରଣ୍ୟ ସୁନାବେଡ଼ା

ଟାନୁଆଟ୍ ଗାଁ ନେ--- କଣା ଭେଁଇଗ୍ ଦେବତା
ପାହାଡ୍ ନେ ଅଛେ ମନ୍ଦିର୍
ସାଲିହା ଗାଁଆର୍---ପୁରୁନା ସିଲ୍‌ଲେଖ୍
ଚହ୍ଲା ସଭ୍ୟତା ସଂସ୍କୃତିର୍

ଘାଟିପଡା ଠାନେ ---ଘାଟିଆରେନ୍ ଦେବି
ପୁଜା ପଉଛେ ବାଟ୍ ତରେ
ବଂଜାରି ନେ ଅଛେ---ବଂଜାରେନ୍ ମନ୍ଦିର୍
ସବକର୍ ଦୁଖ୍ କେ ହରେ

ହରିସଂକର୍ ନେ--- ଶିବ ବିଷ୍ଣୁ ମନ୍ଦିର୍
ଗନ୍ଧମାର୍ଦନ୍ ଗିରି ତଲେ
ଦୁଇ ମହାପୁରୁ--- ଅଛନ୍ ଉଭା ହେଇ
ପୁଜା ହେସି ଝରନା କୁଲେ

କୁମୁଦ୍ ପାହାଡ୍ ---ଭିମା ଡୁଙ୍ଗରି କଥା
ଦେଖଲେ ନେଇ ପାର ଭୁଲି
ସଇଁତଲ୍ ଠାନେ---ଚଣ୍ଡୀ ମନ୍ଦିର୍ ଅଛେ
ମାତା ଆଏସି ହଲି ଝୁଲି

ସଇଁତଲ୍ ଠାନେ---ଗୋଲାବାରୁଦ ଖାନା
ଅଛେ କେତେ ବରସ୍ ଠାନୁ
ପାଟନା ଗଡକେ---ଧାର୍ମିକ ଜାଗା ବଲି
ସୁନ ଅଛୁଁ ଲୋକର୍ କାନୁ

ମା ପାଟଣେସ୍ୱରି---ପଟଣାଗଡେ ରହି
କେତେ ଜୁଗନୁ ପୂଜା ପାଏ
ଡୁରେଇକେଲ୍ର୍---ମନୋରମଣ୍ ଦୃଶ୍ୟ
ପ୍ରକୁତିର୍ ଗିତିକା ଗାଏ

ଯୋଗିସର୍ଡ଼ା ଠାନେ---ଯୋଗେଶ୍ୱର୍ ମନ୍ଦିର୍
ଗୁଡ଼ି ଅଛେ ଗ୍ରମଚଣ୍ଡୀର୍
ପୁଜା କଲେ ସେନ---ପାପ୍ ପଳେଇ ଜେସି
ବିଖ୍ୟାତ୍ ଆଏ ସେ ମନ୍ଦିର୍

କ ଗାଁ ଠାନେ ଅଛେ---ମହାଦେବ୍ ମଂଦିର୍
ସବୁ ଠାନେ ତ ଜନା ସୁନା
ସାନଟିକା ଠାନେ-ଜଲେସ୍ୱର୍ ମଂଦିର୍
ପାନ ଭିତରେ ତାର୍ ଚହ୍ନା

ଚୌସଠି ଯୋଗିନ- ଇନ୍ଦ୍ରଲ୍‌ଟ୍ ମନ୍ଦିର୍
ହେ ରଣିପୁର୍ ଝରିଆଲେ
କହେସି ଧାର୍ମିକ---ଐତିହାସିକ୍ କଥା
ଜାନ ପାରବ ଦେଖି ଗଲେ

ମଠଖାଇ ଠାନେ---ମଠଖାଇ ମନ୍ଦିର୍
ଆରୁ ଅଛେ ବୈଷ୍ଣବି ଗୁଡି
ଗାଇଖାଇ ଠାନେ---ମନୋହରଣି ଦୃଶ୍ୟ
ଦେଖବ ପାହାଡ଼ କେ ଚଢ଼ି

ମାନକେସ୍ୱରି ମାଁ---ଭବାନପାଟଣା ନେ
ଅଛେ କେତେ ଯୁଗ୍ ନୁ ରହି

ମାଆର୍  ମହିମା---ସାର୍ ସଂସାରେ ଜନା
ପୂଜା ପଉଛେ ଉଭ୍ ହେଇ

ବେଲଖଣ୍ଡି ଠାନେ-ଧବଳେଶ୍ୱର ବାବା
ଅଛନ୍ କେନ୍ କାଲୁ ରହି
ଜୁନାଗଡ଼ ଆଏ---ପୁରୁନା ରାଜଧାନ
ଇତିହାସ୍ ଦେଉଛେ କହି

ଅମାତଗଡ଼ର୍--ପୁରାତାତ୍ତ୍ୱିକ ଦୁର୍ଗ
ସବକର୍ ମନକେ ମୁହେ
ଅସୁରଗଡ଼ର୍ ଐତିହାସିକ୍ ସ୍ଥଲି
ଇତିହାସର୍ କଥା କହେ

ମନୋହର୍ ଦୃଶ୍ୟ-ଆମପାନ ଠାନର୍
ଗାଏସି ପ୍ରକୁତିର୍ ଗିତ୍
ଧର୍ମଗଡ଼୍ ଆଏ---ଐତିହାସିକ୍ ଜାଗା
ଇତିହାସେ ଅଛେ ଲିଖିତ୍

ଡୋକ୍ରିଚଞ୍ଚରାର୍---ଚହିତ୍ ସିଲାଲେଖ୍
କହେ ପୁରାତାତ୍ତ୍ୱିକ୍ କଥା
ଜକମ୍ ଠାନର୍---ମନୋରଞ୍ଜନ୍ ଦୃଶ୍ୟ
ଗାଏସି ପ୍ରକୁତିର୍ ଗାଥା

ଜୁନାଗଡ଼ ଆଏ---ଐତିହାସିକ ସ୍ଥଲି
କୁମୁର୍ଲା ଏ ଧାର୍ମିକ୍ ସ୍ଥଲ୍
ଫୁରଲି ଝରନ---ଜଲ୍ ପ୍ରପାତ୍ ଅଛେ
ବୁହି ଯାଏସି  ଖଲ୍ ଖଲ୍

କର୍ଲାପାଟ ଆଏ--- ଜୀବ୍ ଅଭୟାରଣ୍ୟ
ଜୀବ୍ ଜନ୍ତୁର୍ ବାସସ୍ଥଳି
ମର୍ଦ୍ଦିଗୁଡ଼ା ଠାନେ---ମନୋରଞ୍ଜନ୍ ଦୃଶ୍ୟ
ଦେଖଲେ ନାଇଁ ପାର ଭୁଲି

ସାପଗରଣ୍ଡା କେ---ଧାର୍ମିକ ସ୍ଥଲ ବଲି
ହେଇଅଛେ ବହି ନେ ଲିଖା
ରବାନ୍ଧଡ୍ ଆଏ---ମନୋରଞ୍ଜନ୍ ସ୍ଥଲି
ହେଇଛେ କେତେ ଚକଚକା

ତାଲଗୁଡ଼ା ଦୁର୍ଗ--- ତାଲଗୁଡ଼ା ଠାନର୍
ଅଛେ ଜୁନା ପୁରୁନା ହେଇ
ଘୁସୁରି ଗୁଡି ନେ---ଜଲ ପ୍ରପାତ୍ ଅଛେ
ପାହାଡ୍ରୁ ଗିରୁଅଛେ ଭୂଇଁ

ମନୋରମ୍ ଦୃଶ୍ୟ---ଥୁଆ-ରାମପୁରର୍
ଜଳପ୍ରପାତ୍ ଖଣ୍ଡୁଆଲେ
ଝର୍ ଝର୍ ହେଇ ---ଉପରୁ ଗିରୁଅଛେ
ଲୁଭେଇ ଜିବ ଦେଖି ଦେଲେ

ବଉଦ୍ ନେ ଅଛେ---ବୌଦ୍ଧ୍ ମଠ୍ ମନ୍ଦିର୍
କହେ ବୌଦ୍ଧି ଧର୍ମର୍ କଥା
ପୁରୁଣା କଟକେ--- ଭୈରବୀ ଦେବୀ ଗୁଡି
ଆଏ ଇ ମାଟିର୍ ମାଁ ମାତା

ବଉଦ୍ ଜିଲ୍ଲାନେ---ଗୃରିଶମ୍ଭୁ ଅଛନ୍
ଆଏ ଇଟା ଧାର୍ମିକ ସ୍ଥଳି
ଦେଖି ଜିବ ବେଲେ--- ଜାନୀ ପାରବ ସେଟା
ଦେଖବାକେ ଜ ଥରେ ବୁଲି

ପ୍ରଧାନପାଟନେ---ଜଲ ପ୍ରପାତ୍ ଅଛେ
କୈଲାସ୍ ମନୋହର୍ ଜାଗା
କହେ କେତେ କଥା---ଦେବଗଡ୍ ମାଟିର୍
ମଜା ଦେସି ପାହାଡ୍ ଚଘା

ବିକ୍ରମ୍ ଖୋଲ୍ ର---ପ୍ରାଚୀନ୍ ଛବି ଲିପି
ଗୁମ୍ଫା ଭିତରେ ଅଛେ ଲେଖା
ଗୁଜା ପାହାଡ଼ର୍---ପ୍ରାକୃତିକ୍ ସୌନ୍ଦର୍ଯ୍ୟ
ନ କରି ପାର ଅନଦେଖା

କୁଇଲି ଘୁଘର୍---ମନୋରମଣ୍ ଦୃଶ୍ୟ
ଲେଖେ ସୌନ୍ଦର୍ଯ୍ୟର୍ କବିତା
ପିକଲ୍ ଘୁଘର୍--- ମନ୍ ମୋହିତ୍ କରେ
ବୁଡ଼ବାକେ ଗଲେ ସବିତା

ମଂଦିର୍ ମାଳନୀ---ସୋନପୁର୍ ସହର୍
ଆଏ ମଂଦିରର୍ ସହର୍
୧୦୮ ମନ୍ଦିର୍--- ରହିଛେ ଇ ଜିଲ୍ଲନେ
ଦେଖିଲେ ଲ୍ଗେ ମନୋହର୍

ପାପ୍ କ୍ଷୟ ଘାଟ୍ ---ବିନକା ନେ ରହିଛେ
ଧାର୍ମିକ ଜାଗା ଆଏ ସେଟା

ଚନ୍ଦଲି ପାଟର୍---ପୁଜା ଡୁଙ୍ଗୁରି ଗିରି
ଲଗାସି ତ ମହନ  ଅଠା

ଖଲଆପାଲିର୍---ମହିମା ମଠ୍ ଗୁଡି
ମହିମା ଧରମର୍ ପିଠ୍
ବରଦା ଠାନର୍---ଐତିହାସିକ୍ କୀର୍ତି
ଆଏ ସାଗ୍ ବିଶ୍ୱେ ବିଖ୍ୟାତ୍

କୋଟ୍ ସମଲେଇ---ପାଟଣି ଜଗା ପୀଠ୍
ରହିଛେ କେତେ ପୁରଖାନୁ
ସଂକର୍ ମଂଦିର୍---ବୈଦ୍ୟନାଥ୍, ଚରଦା
ରହିଛେ କେତେ  ଦିନ୍ ଠାନୁ

ଗୁଦଗୁଦା ଆଏ---ମନୋରମଣ୍ ଜାଗା
ଚପିଲିମା ଧାର୍ମିକ ସ୍ଥଲ୍
ହୀରାକୁଦ୍ ଡେମ୍---ସୁନ୍ଦରତାର୍ ଚହ୍ନା
ତାର୍ ପେନ୍ କେତେ ନିର୍ମଲ୍

ତିର୍ଯ୍ଯକ ମନ୍ଦିର୍--- ଧାର୍ମିକ୍ ସ୍ଥଲ୍ ହୁମା
ଅଛେ କେତେ ତାର୍ ଗାରିମା
ସମ୍ବଲପୁରର୍---ସମଲେଇ ମାତାର୍
ଅଛେ କେତେ ତାର୍ ମହିମା

ଭୀମ ଭୋଇଙ୍କର---ଜନମ ଭୂଇଁ ମାଟି
କେନ୍ଦର୍ ଆଏ ବଲି ଜନା
ହାଥ୍ ବୁନା ଶାଢ଼ି---ସମ୍ବଲପୁରି ଧଡି
ଦୁନିଆ ନେ ରଖିଛେ ଚହ୍ନା

ବନ୍ୟ ଜୀବ୍ ଜନ୍ତୁ---ଉଷାକୋଟି ଜଙ୍ଗଲ୍
ବଡ଼ରମା ଅଭୟାରଣ୍
ହୀରାକୁଦ୍ ଡେମ୍---ନଦୀବନ୍ଧ ଯୋଜନା
କରେ ବିଦ୍ୟୁତ୍ ଉତ୍ପାଦନ୍

ଚିପିଲିମା ଠାନେ ---ବିଦ୍ୟୁତ ବାହାରୁଛେ
ବିଦ୍ୟୁତ୍ ଉତ୍ପାଦନ୍ କେନ୍ଦ୍ର
ସମ୍ବଲପୁର ଏ---ଇତିହାସ୍ ସହର୍
ଆଏ ଶିକ୍ଷାର୍ ଗନ୍ତାଘର୍

ଇସ୍ପାତ ନଗରୀ---ରାଉରକେଲା ଆଏ
ଅଛେ କେତେକ କାରଖାନା
ରାଜଗାଙ୍ଗପୁରେ---ସିମେଣ୍ଟ ବନା ହେସି
ଅଛେ ସିମେଣ୍ଟ କାରଖାନା

ବେଦବ୍ୟାସ ଆଏ---ନଦୀ ମିଶ୍ରଣ ସ୍ଥଲି
ଶଙ୍ଖ ଓ କୋଏଲ ନଦୀର୍
ଜଲ ପରପାତ୍--- ଝର୍ ଝର୍ ଝରନା
ମିରିଗଲୋଟା, ଖଣ୍ଡାଧାର୍

ଛତ୍ରୀ ପାହାଡ଼ର୍--- ରମଣୀୟ ପ୍ରକୃତି
ଦାର୍ଜିଙ୍ଗ୍ ମନୋରମ୍ ସ୍ଥଲ୍
ମନୋରମ୍ ଦୃଶ୍ୟ---ଦେବଦର୍ହା, ମନ୍ଦିର
ଘୋଘର୍ ପୁରାଣିକ୍ ସ୍ଥଲ୍

କୋସଲର୍ ଗଙ୍ଗା---ମହାନଏଦ୍ ପାନ
ଝଗ୍‌ସି ହୀଗ୍ ନଲ୍ ମୋତି
ଜଙ୍ଗଲ୍, ପାହାଡ୍---ନଦୀ ନାଲ୍ ଝରନା
ରହିଛେ ଇ କୋସଲ୍ ମାଟି

ବିଶ୍ୱ ବିଦ୍ୟାଳୟ---ଜୌତି ବିହାର୍ ଆଏ
ବରଗଡ୍ ଏ ଭ୍‌ତହାଣି
ବଳଗ୍‌ମ୍ ଗଡ୍---ବଲାଙ୍ଗିର ସହର୍
କଲାରେ ପୂର୍ଣ୍ଣ କଲାହାଣି

ଜାହା ଜାନୀ ଥିନ--- ଜାହା ବି ସୁନ ଥିନ
ଲେଖି ଦେଇଛେଁ ମୁଇ ଇନେ
ଭୁଲ୍ ଭଲ୍ ମୋର୍---କ୍ଷମା କରବ ଆଜ୍ଞା
ଭ୍‌ବି କରି ମକେ ତ ସାନେ

ପହେଲା ନୁ ସେସ୍---ପଢ଼ିଛ ବଲି କରି
ଗହ ଗହ ଲାଗୁଛେ ମନେ
ଭୁଲ୍ ଭଲ୍ ମୋର୍---ଇନେ ରହିଛେ ବେଲେ
ମତ ଦେବ  ଗିଆନ ମନେ

ଜୁହାର, ଜଏ କୋସଲ୍,

କୋସଲି କୁରିଆ
ପଲସିପାଣି (ନୂଆପଡ଼ା)

# ପହେଲା ଜୁହାର.....



ରାଜେନ୍ଦ୍ର ନାଏକ (ରାଜୁ)

ଶର୍‌ବନର ଝରିଆ ସରୁନ ସରୁନ
ଭୁଦୋ ମାସର କଅଁଲି ଖର୍‌ଥି
ଉଦଉଦିଆ ଜନକ ର୍‌ତି
ଜହ୍ନିଫୁଲ ର ବାସ୍ନା ଥି
ସୁରୁସୁରୁ ମାଖନକଁଷି ଥି
ଆଏସି ନୂଆଁଖାଇ
ଇ ନୂଆଁଖାଇ .....

ଧୋପ ଫରଫର କାଏଁଶ ର ଫୁଲେ ଫୁଲେ
ନୂଆଁ ଧାନଗଛ ର ପନ୍ରେ ପନ୍ରେ
ରନ୍ଧା ଘରର ଅନ୍ଧୁଠାନୁ ପୁଛିକରି
ଗାଧି ଯିବାର ଘାଟ ତକ।।
କନର କୁକର୍ କନକେ ଢୁକଲ୍ ବାଗିର
ଯେତେ ଧୁରିଆ ଥିଲେ ଭି
ଘର ମୁହାଁ ହେଇ ଯାଏସନ ଘରର ଲୋ୍କ।
ଇ ନୂଆଁଖାଇ ଥି
ନୂଆଁ ଆମଡାଲ, ନୂଆଁ କଲସୀ
ନୂଆଁ ଚୁର୍‌କୁଁଡ୍‌, ସେନ୍ଦୁର ଚନ୍ଦନ ଥି
କୁଲ ଦେବତା ପୂଜା ପାଏସି ....

ତାର ସାଙ୍ଗେ
ଯେତେ ସବୁ ଦୁଖସୁଖ କେ
ଭୁଲେଇ ଦେସି
ଗ୍ରାଗ ରଶମି ହଜି ଯାଏସି
କେନ କନେ ନାଇଁ କେନ କନେ
ଦୟା ଥାଉ ସମଲେଇର ମାଁ ର
ମୁଇଁ କରୁଛେଁ ଶହେ ଜୁହାର
ନୂଆଁଖାଇ ଆଏବା ଫି ବଛର
ହଁସି ଉଠବା ସୁନାର ସଁସାର

ଦଦା ନାନୀ ଭଏ ବୁହେନ
ମାଁ ମାଉସୀ ବବା ବଡି
ସମକୁଁ ମୋର ନୁଆଁଖାଇର
ପହେଲ୍ ଜୁହାର।।

ଧମା, ସମ୍ବଲପୁର

# ଟୁକେଲ୍ ବିହା



ଦେବାଶିଷ୍ ସାଗର

ବିଧିର୍ ବିଧାନ୍, କ
ମୁନ୍ଷର୍ ବିଧାନ୍
ବୁଝି ନାଇଁ ହୁଏ ।

ମାଆଁ ବୁଆର୍ ସନ୍ତାନ୍
ସଭେ ଗୁଟେ ।
ହେଉ, ପିଲ୍ କ ଟୁକେଲ୍ ।

ସ୍ନେହ ମମତାର୍ ଡୋରିଥି
ସଭେ ଛନ୍ଦି ହେଇଛୁ
ମକ୍ରା ଜାଲ୍ ବାଗିର୍ ।

ହେଲେ, ଅଦିନଆଁ
ଧୁକା ଗରେଲ୍ ବାଗିର୍
ମାଡି ଆଏସି
ସମିଆଁ !

ଘାଏକେ ଦୁର୍ କରି ଦେଶି
ରକ୍ତର୍ ସଂପର୍କକେ
ଯେନ୍ତା,
ମେଘୁ ପାଏନ୍ ।

ଅଁକ୍ଲିଆ ଅଜନା ମୁନୁଷ୍
ସାଙ୍ଗେ ନେଇଁ ଯାଏସି
ଅଚହ୍ନା ଅଜନା ଘର୍‌କେ ।
ଯେନ୍‌ନ ତାର୍ ସବୁ ନୁଆଁ ।

ସାତ୍ ସମୁଦର୍ କମିଯାଏତା
ଯଦି, ନାପି ହେତା
ସେ ହୁରୁଦ୍‌ଫଟା ଆଖିଁର୍
ଲହ ।

କେନ୍‌ତା ଇ ଟୁକେଲ୍ ବିହା ?
ବିହା ତ' ପିଲ୍ ଭି ହେଉଛେ
ହେଲେ ସବୁକେ ପର୍ କରି
ଘର୍ କର୍‌ବା
ଖାଲି ଟେକୁଲ୍ !

ବଡ଼ନୂଆଁପାଲି, ଚେରୁପାଲି
ସୁବର୍ଣ୍ଣପୁର

# ଶିଶୁ ବିଭାଗ



# ଧିମିରି ଗଛର ଯକ୍ଷ



ଡ଼ଃ ରଞ୍ଜିତ କୁମାର ସାହୁ

"ମୁଁ କେତେ ସମୟ ତୋତେ ଜଗି ଜଗି ଶେଷରେ ତୋତେ ଖୋଜି ବାହରିକ ଏ ଯାଏଁ ଚାଲି ଆସିଲି । ଅଳ୍ପ ଦିନ ପାଇଁ ଆସୁଛୁ ଆଉ ଅଧିକାଂଶ ସମୟ ଏକୁଟିଆ ହିଁ ବୁଲୁଛୁ । ମୋ ସହ ତୁ ତ ବହୁତ କମ ସମୟ ରହୁଛୁ । ମୁଁ ତୋ ପାଇଁ ବୋଉକୁ କହିକ ତୁମ ଘରକୁ ସବୁ ଦିନେ ଆସୁଛି କଥା ହେବାକୁ ଆଉ ଲୁଡୋ ଖେଳବାକୁ । ପୁଣି ଘରକୁ ଗଲେ ପାଠ ପଢ଼ିବି । ତୁ ସେ ଗାଆଁ ମଶାଣି ଆଡେ ବୁଲିବାକୁ କାହିଁକ ଯାଉଛୁ ସବୁ ଦିନ ଦିପହରରେ ଏକା ଏକା? ପୁଣି ଅନ୍ଧାର ଯାଏଁ ରହୁଛୁ, "ଟୁଟୁ ପଚାରିଲା ମଣ୍ଟୁକୁ ।

"କାହିଁକ କଣ ହେଲା କ? ମୁଁ ତ ଗାଁଆକୁ ଆସିଲେ ସେ ଆଡେ ଯାଏ ସବୁବେଳେ । ସେ ବର ଗଛ ଓହଳରେ ଝୁଲିବାକୁ ମୋର ଭାରି ପସନ୍ଦ ଆଉ ପାଖରେ ଥିବା ଅଶ୍ୱସ୍ତ ଗଛର ଛାଇରେ ବସିକ ମୁଁ ତ ବହୁତ ଗୁଡ଼ାଏ ଗପ ବହି ସାରି ଦେଇଛି । ଗାଆଁରେ ଥିବା ସବୁ ପୁରୁଣା ଗଛ ତ କଟା ସାରିଛି, ଏହି ମସାଣି ପଦାରେ ଯାହା କଛିଟା ବଞ୍ଚି ଯାଇଛି, ତେଣୁ ସେଠି ଯାଇକ ବସୁଛି" ମଣ୍ଟୁ କହିଲା ।

"ସେଇଟା ତ ସତ କଥା, ଲୋକେ କେହି ଗଛ ଲଗେଇବାକୁ ଇଛୁକ ନୁହନ୍ତି, ଖାଲି କୋଉଠି ଗଛ କଟା ହେବ, ଆଉ କାଠ ମିଳବ ସେଇ ବିଚାର କରୁଛନ୍ତି, କନ୍ତୁ ତୋତେ ଭୟ ଲାଗେ ନାହିଁ?"

"ଭୟ କାହିଁକ ଲାଗିବ ଯେ? ଗଛ ମୂଳ ସବୁ ତ ପରିଷ୍କାର ଅଛି, ସାପ ଲୁଚବା ଭଳ ଜାଗା ତ ନାହିଁ କଛି ! ଗଛ ଉପରେ ଯାହା ପକ୍ଷୀ କଛି ବସିଛନ୍ତି," ମଣ୍ଟୁ କହିଲା, "ହଁ ସେ ପାଖରେ ଥିବା ଡିମିରି ଗଛଟିରୁ ଅବଶ୍ୟ ବହୁତ ଫଳ ଝଡିକ ପଡିଛି ତେଣୁ ପାଦ ଖସିବାକୁ ଜଗି ରହେ ମୁଁ ।"

"ହଁ ସେଥି ପାଇଁ ତ ମୁଁ ମଧ୍ୟ କହୁଛି, ସେ ବର ଗଛରେ କଛି ଅସୁବିଧା ନାହିଁ, ସେ ଅଶ୍ୱସ୍ତ ଗଛରେ ଭୁତ ରୁହେ କନ୍ତୁ କେହି ଦେଖି ନାହାଁନ୍ତି, କନ୍ତୁ ସେହି ଡିମିରି ଗଛ ପାଖରେ କୁଆଡେ ଗୋଟାଏ ଯକ୍ଷ ରହୁଛି!" ଟୁଟୁ କହିଲା ।

ଜୋରରେ ହସିଲା ମଣ୍ଟୁ, "ଯକ୍ଷ ସବୁ ହେଲା ଗପର ଚରିତ୍ର, ଡିମିରି ଗଛରେ ଯକ୍ଷ ରହୁଛି କାହିଁକ? ସିଏ ଅନ୍ୟ ଗଛକୁ ଯାଉ ନାହିଁ?"

"ହଁ ତୁ ତ ହସିବୁ, ତୁ ସହରରେ ପାଠ ପଢିଛୁ, କନ୍ତୁ ନଟ ଜେଜେ ଖୋଦ ଦେଖିଛନ୍ତି ଯକ୍ଷକୁ, ଆଉ ସିଏ କେବେ ମିଛ କୁହନ୍ତି ନାହିଁ । ଗାଆଁଟି ସାରା ଜାଣିଛନ୍ତି, ଯକ୍ଷ ଦେଖିଲେ ବହୁତ ପଇସା ମିଳେ କନ୍ତୁ ତା ପରେ ମଣିଷ ମରିଯାଏ । ନଟ ଜେଜେ ଯେଉଁ ଦିନ ଯକ୍ଷକୁ ଦେଖିଲେ, ତା ପର ଦିନ ଖବର ଆସିଲା ସହରରେ ଥିବା ତାଙ୍କର ପୁଅ କୁଆଡେ ବହୁତ ବଡ ଗ୍ଭକରୀ ପାଇଛି । ସେ କଥା ଶୁଣିଲା ପରେ ପରେ ନଟ ଜେଜେ ଅସୁସ୍ଥ ହେଇଗଲେ ଆଉ ଦୁଇଦିନ ପରେ ଗ୍ଭଲିଗଲେ । ସେଥିପାଇଁ କେହି ଡିମିରି ଗଛ ପାଖକୁ ଯାଆନ୍ତି ନାହିଁ, ସନ୍ଧ୍ୟା ହେଲେ," ଟୁଟୁ କହିଲା ।

"ଧେତ ତେରିକ, ନଟ ଜେଜେ ବୋଧ ହୁଏ ଭୟଭୀତ ହେଇଯାଇଥିବେ, ଡିମିରି ଗଛ ବର, ଅଶ୍ୱସ୍ତ, ଆଉ ପଣସ ଭଳ ଗୋଟିଏ ଗଛ । ଏହାର ଫଳ ବହୁତ ପୋଷଣ ଯୋଗେଇପାରେ।

ଡିମିରି ରେ କଦଳ ଠାରୁ ଅଧିକ ପରିମାଣରେ ପୋଟାସିଅମ ଅଛି ଏବଂ ଅଧିକ ତନ୍ତୁ ଅଛି। ଶୁଖିଲା ଡିମିରି କୁ ବହୁତ ଦିନ ପର୍ଯ୍ୟନ୍ତ ରଖା ଯାଇ ପାରେ ଏବଂ ଏହା ଅନ୍ୟ ଶୁଖିଲା ଫଳ ଭଳ ବିଭିନ୍ନ ବେକଙ୍ଗ ଉତ୍ପାଦନରେ ବ୍ୟବହୃତ ହୁଏ ଯେଉଁଥିରେ ଜଳୀୟ ଅଂଶ କୁ ଅଧିକ ସମୟ ରଖିବା ବାଞ୍ଛନୀୟ ହୋଇଥାଏ, ମୁଁ ତା ବହୁତ ଖାଏ ଶୁଖିଲା ଡିମିରି । ଆଜି କଛିଟା ଗୋଟେଇକ ଆଣିଛି, ଘରକୁ ଗଲେ ଧୋଇକ ଖାଇବି, " ମଣ୍ଟୁ କହିଲା !

"ହଁ ଏବେ ମନେ ପଡିଲା ଆଉ ଗୋଟିଏ କଥା, ସୁର ଅଜା କହୁଥିଲେ ନଟ ଜେଜେ ବୋଧ ହୁଏ ଡିମିରି ଫୁଲ ମଧ୍ୟ ଦେଖି ଦେଇଥିବେ, ତେଣୁ ଗ୍ଭଲିଗଲେ । ଗାଆଁରେ ତ କେହି କେବେ ଡିମିରି ଫୁଲ ଦେଖି ନାହାନ୍ତି, ତୁ ଦେଖିଛୁ କ? ଏତେ ପାଠ ପଢିଛୁ କହ ଡିମିରି ର ଫୁଲ ନ ଥାଇ ଫଳ କେମିତି ହେଉଛି?" ଟୁଟୁ କହିଲା ।

"ଯେମିତି ବର ଆଉ ଅଶ୍ୱସ୍ତ ଗଛରେ ହେଉଛି । ଯାହାକୁ ଆମେ ଫଳ କହୁଛୁ ତାହା ପ୍ରକୃତରେ ଅନେକ ଛୋଟ ଛୋଟ ଫଳର ସଂଯୋଗରେ ହେଇଛି । ଅନ୍ୟ ଫୁଲ ଭଳ ଏହାର ଫୁଲ ସବୁ ବାହାରକୁ ଦିଶେ ନାହିଁ । ଭାବି ନେ ପ୍ରତ୍ୟେକ ଫଳ ଗୋଟିଏ ମୁଣି ଯାହାର ମୁହଁ ଟି ବହୁତ ଛୋଟ ଆଉ ସବୁ ଫୁଲ ଗୁଡିକ ଭିତରେ ଖଞ୍ଜା ହେଇଛି । ତେଣୁ ସେହି ଫୁଲରୁ ଛୋଟ ଛୋଟ ମଞ୍ଜି ସବୁ ହୁଏ । ଛୋଟ ଛୋଟ ମାଛି ଯାହା ଦେଖା ଯାଏ ଡିମିରି ରେ ସେ ସବୁ ତାହାର ପରାଗ ରେଣୁକୁ ବିକ୍ଷେପ କରି ଥାଅନ୍ତି । ତୁ ଯେତେବେଳେ ଆଉ ଅଧିକ ପାଠ ପଢ଼ିବୁ ଏହା ବିଷୟରେ ଜାଣିବୁ," ମଣ୍ଟୁ କହିଲା ଆଉ ତାହାର ପକେଟରୁ ଦୁଇଟା ଡିମିରି ବାହାର କରିକି ଖୋଲିକି ଦେଖାଇଲା ଟୁଟୁକୁ ।

"ମୋତେ ମଧ୍ୟ ଇଚ୍ଛା ହୁଏ ସେ ଗଛ ପାଖକୁ ଯିବାକୁ କିନ୍ତୁ ଗାଆଁ ଲୋକ ଯାଆନ୍ତି ନାହିଁ ବୋଲି ମୁଁ ମଧ୍ୟ ଯାଏ ନାହିଁ । ଅନ୍ୟ ମାନେ ମଧ୍ୟ ଯାଆନ୍ତି ନାହିଁ," ଟୁଟୁ କହିଲା ।

"ଭଲ ହେଇଛି କେହି ଯାଉ ନାହଁ, ସେଥି ପାଇଁ ଏତେ ସବୁ ପକ୍ଷୀ ଆଉ ପଶୁ ସେ ଫଳ ସବୁକୁ ଖାଇ ପାରୁଛନ୍ତି," ମଣ୍ଟୁ କହିଲା ।

"ହଁ ସେଇଟା ତ ସତ କଥା, ଆମେ ମଣିଷ ମାନେ ନିଜର ସୁଖ ସୁବିଧା ଅନୁସାରେ ଗଛ କାଟି ଦେଉ, ଯେଉଁ ଗଛ ଅଦରକାରୀ ଲାଗେ ତାକୁ ଲଗାଉନା ଆଉ ଆମର ଏହି ସ୍ୱାର୍ଥପରା ମନୋଭାବ ଲାଗି ଆମେ ଅନେକ ଜୀବଜନ୍ତୁ ବୃକ୍ଷଲତାକୁ ଲୋପ କରିଦେଉ!'

"ବାଃ, ବଢିଆ କଥାଟିଏ କହିଲୁ ତ ! ତୁ ଗାଆଁରେ ରହିକି ଏତେ ବଢିଆ କଥା ସବୁ ଜାଣିଛୁ କିନ୍ତୁ ଭୁତକୁ ଡରୁଛୁ!" ମଣ୍ଟୁ କହିଲା ।

"ଭୁତ ନୁହେଁ ଯକ୍ଷ," ଟୁଟୁ କହିଲା ।

"ମୋ ଉପରେ ଯଦି ଭରସା ଅଛି ଚାଲେ ଯିବା ସେହି ଡିମିରି ଗଛ ପାଖକୁ । ଆଜି ଦେଖିନେବା ଯକ୍ଷ ଅଛି କି ନାହିଁ, ସଞ୍ଜ ତ ନଇଁ ଆସିଲାଣି" ମଣ୍ଟୁ କହିଲା ।

"ତୁ ଥିଲେ ମୋର କିଛି ଭୟ ନାହିଁ, ଯକ୍ଷ ଆଗ ବଡ ଲୋକଙ୍କୁ ମାରେ," ଟୁଟୁ କହିଲା ।

ଦୁହେଁ ଚାଲିଗଲେ ପୁଣି ଥରେ ସେହି ଗଛ ଆଡ଼କୁ ।

ଟିକଏ ଦୂରରୁ ଟୁଟୁ ଦେଖିଲା ଡିମିରି ଗଛ ପାଖରେ କଛି ଗୋଟିଏ ନଆଁ ହୁଳା ଭଳ ବୁଲୁଛି । ଡ଼ରିକ ଜାବୁଡି ଧରିଲା ମଣ୍ଟୁକୁ ଆଉ ଆଙ୍ଗୁଟି ଦେଖେଇଦେଲା ସେହି ଆଲୁଅ ଆଡ଼କୁ । କ୍ଷଣକ ପାଇଁ ମଣ୍ଟୁ ମଧ ଭୟ ପାଇଗଲା, କନ୍ତୁ କଛି ଭାବିକ ଟେକାଟିଏ ଉଠେଇ ଫୋପାଡ଼ି ଦେଲା ସେହି ଆଲୁଅ ଆଡକୁ ।

ବିଲୁଆଟିଏର ଚକ୍ୱାର ଶୁଭିଲା ଆଉ ବିଲୁଆଟିଏ ଦଉଡ଼ିକ ପାଖରେ ଥିବା କଆ ବୁଦା ମୂଳକୁ ଦୌଡ଼ି ଗଲା ।

ଜୋରରେ ହସିଲା ମଣ୍ଟୁ ଆଉ କହିଲା, "ବୁଝିଲୁ ତୁ ଯାହାକୁ ଯକ୍ଷ ଭାବୁଛୁ, ସେଇଟା ବିଲୁଆର ପାଟିରୁ ବାହାରୁଥିବା ଆଲୁଅ । ବିଲୁଆ ମାନେ ବେଳେ ବେଳେ ବିଭିନ୍ନ ଫଳ ଖାଇଥାନ୍ତି ତେଣୁ ବୋଧେ ନଟ ଜେଜେ କୌଣସି ବିଲୁଆର ଆଲୁଅ ଦେଖିଥିବେ ଆଉ ଯକ୍ଷ ଭାବିକ ଡରି ଯାଇଥିବେ । ଅନେକ ମାଂସାହାରୀ ପ୍ରାଣିଙ୍କର ପାଟିରୁ ଏହି ପ୍ରକାର ଆଲୁଅ ବାହାରିଥାଏ ଯାହାକୁ ବୈଜ୍ଞାନକ ମାନେ ଫୋସଫୋରସେନସ କୁହନ୍ତି, ଆଉ ଆଗକୁ ପାଠ ପଢିଲେ ଜାଣିବୁ । କନ୍ତୁ ଏହି କଥା କାହାକୁ କହିବୁନ, ନ ହେଲେ କୋଉ ଦିନ ଲୋକେ ଏହି ଢିମିରି ଗଛକୁ ମଧ କାଟିଦେବେ । ଲୋକେ ଏମିତି ଭୟଭୀତ ହେଇକ ଥାଆନ୍ତୁ ଆଉ ଗଛ ସବୁ ନର୍ବପଦରେ ବଢୁଥାଉ ।"

ଟୁଟୁ ହୁଁ ମାରିଲା ଆଉ ଦୁହେଁ ମଣ୍ଟୁ ଘର ଆଡକୁ ଫେରିଗଲେ।

ଯୁକ୍ତରାଷ୍ଟ୍ର ଆମେରିକା

# ପଞ୍ଚସଖା



ବିଜୟ କୁମାର ଛାଟୋଇ

ଏବର କଥା ନୁହଁ
ଗଲ୍‌ଣି କେତେ କାଳ ,
ବଞ୍ଚିଛି ସ୍ମୃତି ହୋଇ
ଯେ ଥିଲେ ଆମ ବଳ ।୧।

ଭଲଲୋକଙ୍କୁ କେହି
ଭୁଲନ୍ତି ନାହିଁ ଜମା,
କୀରତି ଯଶମାନେ
ଘୋଟିବ କାହିଁ ଅମା ।୨।

ଲେଖାରେ ଅବା କଏ
ନ ଲେଖୁ ହୀନମନେ,
ମହତଜନ ଗାଥା
ଗାଆନ୍ତି ପ୍ରତିଜନେ ।୩।

ଲିଭି କ ପାରେ ଭବେ
ସତ ଘଟଣା ଯାହା,
ସୁଦିନ ଉପଗତ
ହେଲେ ଜାଣିବା ତାହା ।୪।

ଦିନେକ କଥାଟିଏ
ପଡ଼ଇ ଆଜି ମନେ,
ପଡ଼ିଲ୍ ନାହିଁ ଯତି
ବିଦ୍ୟା ବକୁଳବନେ ।୫।

ଏକଥା ଜାଣି 'ଗୋପ'
ଡକାଇ ଦେଲେ ସଭି,
ଶିକ୍ଷକଗଣ ଶୁଣି
ହୋଇଲେ ବଡ଼କାବା ।୬।

ସଭାରେ ବକ୍ତା ହେବେ
'ମହାତ୍ମା ପ୍ରସ୍ତରକ',
ଖବର ଶୁଣି  ସିଏ
ଆଣିଲେ ମନେ ଦକ  ।୭।

"ଅଦିନେ କାହିଁ ମୋତେ
ଡାକଲେ ଗୋପବନ୍ଧୁ,
ଅଶୁଭ କାଳ କଆଁ
ଯାଉନ ଛାଡ଼ି ଭବୁ  ।୮।"

"ଦେଶଜାତିର ପାଇଁ
ଯିବ ତ  ପ୍ରାଣ ଯାଉ ,
ଦୁଃଖୀଜନଙ୍କ ସେବା
ଠାରୁ କ ଅଛି ଆଉ  ।୯।"

ଗଡ଼ଅଞ୍ଚଳୁ ଖରେ
ଧାଇଁଲେ ମନ ଦକେ,
ପହଞ୍ଚି ଗଲେ ସୁଖେ
ପ୍ରିୟଜନଙ୍କ ପାଖେ  ।୧୦।

ଥାଆନ୍ତି କୁଟୀରରେ
ଆଗ୍ଚର୍ଯ୍ୟ ହରିହର,
କୃପାସିନ୍ଧୁଙ୍କ ମନେ
ଉଙ୍କଇ ଭାରି ଡର  ।୧୧।

ଗୋଦାବରୀଶ ଏକା
ବସିଅଛନ୍ତି ବନେ,
ନୀଳକଣ୍ଠ ବି ଥାନ୍ତି
ଅତି ଦୁଃଖୀତ ମନେ  ।୧୨।

ବିଗିଡ଼ି ଯାଇଅଛି
ବିଦ୍ୟାଳୟର ସତ୍ତା,
କାହାରି କାହା ପାଖେ
ନ ଥାଇ ଭାବପତ୍ତା ।୧୩।

ଗୋପବନ୍ଧୁ ବା ଏକା
କଣ  କରିଥାନ୍ତେ,
କେହି କାହାରି କଥା
ମାନୁ ନ ଥାନ୍ତି  ପ୍ରତେ ।୧୪।

ଆରମ୍ଭ ହେଲା ସଭା
ବକୁଳବନ  ଭାଗେ,
ଶିକ୍ଷାଦାତାଙ୍କ ମନେ
ଉତ୍ସାହ ଆପେ ଜାଗେ ।୧୫।

"ଅନନ୍ତ ପରି ଆମେ
କରିବା ଯଦି କାମ,
ସ୍ବାଇଜ ଜନଲୋକେ
ଗାଇବେ ନଷ୍ଟେ ନାମ  ।୧୬।"

ଏକଥା ଗୋପବନ୍ଧୁ
କହିଲେ ସଭାସ୍ଥଳେ,
ସକଳେ ଶୁଣି ଦୁଃଖେ
ଲୋତକ ଛଳଛଳେ ।୧୭।

ଅନନ୍ତ ବୁଝିଗଲେ
ମରମ କଥାଗୋଟି,
ଆଖିରୁ ଲୁହଧାର
ଆସିଲା ଛାଏଁ ଘୋଟି ।୧୮।

ବକ୍ତୃତା ଆରମ୍ଭିଲେ
ବକତା ଥିଲେ ଯହିଁ,
ସଭିଙ୍କୁ କରଯୋଡ଼ି
କହିଲେ ଆହେ ଭାଇ!।୧୯।

ତୁମମାନଙ୍କ ନିଷ୍ଠା
ଆଦର୍ଶ ଗାଇଗାଇ,
ବୁଲୁଛି ରାଇଜରେ
ମହତବାଣୀ କହି ।୨୦।

ଜାତିର ମହାଋଷି
ଆପଣେ "ପଞ୍ଚସଖା",
ଭାଷା ସଂସ୍କୃତି ନୀତି
କରନ୍ତୁ ତାର ରକ୍ଷା ! ।୨୧।

କେତେ ଯାତନା ସହି
ଗଢ଼ା ଏ ବିଦ୍ୟାଳୟ,
ନବ ଆଲୋକେ ଛାତ୍ର
କରିବେ ବିଶ୍ୱ ଜୟ ।୨୨।

ଶୃଙ୍ଖଳା ମାନି ଯଦି
ହୋଇବା ଏକ ମନ,
ଜିଣିବା ଆମେ କୋଟି
ଦୀନଜନଙ୍କ ମନ ।୨୩।

ମହାତ୍ମା ଅନନ୍ତଙ୍କ
ବକ୍ତୃତା ଶୁଣି କାନେ,
ହଟିଲା ଅଭିମାନ
ଥିଲେ ଯେ ଯେତେ ମାନେ।୨୪।

ଉଇଁଲା ପୁଣି ରବି
ପୂରୁବେ ହସିହସି,
ମିଳିଲା ପାଞ୍ଚମନ
ସରଗେ ଯେହ୍ନେ ଶଶୀ ।୨୫।

ସେବେଠୁ ପାଞ୍ଚଜଣ
ହୋଇଲେ ପଞ୍ଚସଖା,
ଲେଖନୀ କରେ ଧରି
ଭାଷାକୁ କଲେ ରକ୍ଷା ।୨୬।

ଧନ୍ୟ ତ ସେହି ହୁଏ
ନିଜକୁ ଭୁଲେ ଯିଏ,
ତେଜିଲେ ଧନମାନ
ହୁଅଇ ଭଲ ସିଏ ।୨୭।

କଏରେ ଅଛ କୁହ
ଶୁଣରେ ବିଶ୍ୱବାସୀ,
ସକଳ ତେଜି ଦେଇ
ଆପଦେ ଥାନ୍ତି ହସି ।୨୮।

ସିଏ ତ କେହି ନୁହେଁ
ଜାତିର ମହାସନ୍ଥ,
ଅନନ୍ତ ମିଶ୍ର ବୋଲି
ସାର୍ ଗ୍ଇଜେ ଖ୍ୟାତ ।୨୯।

ପ୍ରତିଷ୍ଠାତା ସମ୍ପାଦକ, ପ୍ରଗ୍ଭରକ ଅନନ୍ତ ମିଶ୍ର ସ୍ମୃତି
ସାହିତ୍ୟ ସଂସଦ ଓଡିଶା, ସତ୍ୟବାଦୀ, ପୁରୀ-୭୫୨୦୪୫

# ଖାଦ୍ୟ ଖାଦକ ଓ ପରିବେଶ




ନୀଳମାଧବ ସାହୁ

ଆଜି ଦିନସାରା ଟେଲିଭିଜନରେ ଡିସ୍କୋଭେରୀ ଚ୍ୟାନେଲ ଲାଗିଥାଏ | କୁନାର ପ୍ରକୃତି ପ୍ରତି ଏତେ ଜିଜ୍ଞାସା ଥିଲା ଯେ, ସେ ପ୍ରକୃତି ଓ ବନ୍ୟ ଜୀବଜନ୍ତୁଙ୍କ ଡକୁମେଣ୍ଟାରୀ ଦେଖି ନିଜ ରବିବାର ସମୟକୁ ଅତିବାହିତ କରୁଥିଲା | ତା ସାଙ୍ଗରେ ଘରର ଅନ୍ୟ ସଦସ୍ୟମାନେ ବି ଦେଖୁଥାନ୍ତି | ସମସ୍ତେ ଏମିତି ମଜ୍ଜି ଯାଇଥିଲେ ଯେ, ସବୁକିଛି ନିଜ ଆଖିଆଗରେ ହେଲାପରି ଲାଗୁଥାଏ |

ହଠାତ ଦେଖିଲା ଯେ, ଗୋଟିଏ କଲରାପତରିଆ ବାଘଟିଏ ହରିଣଦଳକୁ ଗୋଡ଼ାଇବାକୁ ଆରମ୍ଭକଲା | ସେଭିତରୁ ଗୋଟିଏ ମାଆ ହରିଣଙ୍କୁ ଶିକାର କଲା, ଯାହାରକି ଦୁଇଟି ଛୁଆ ଥିଲା | ଏହାଦେଖି କୁନାର ମନ ବହୁତ ଦୁଃଖହେଲା | ସେ ଚିନ୍ତାକଲା ଯେ ଦୁଇଟି ହରିଣଛୁଆ ସେମାନଙ୍କ ମାଆକୁ ହରେଇ କିପରି ବଂଚବେ | "ମନଦୁଃଖ କରେନା, ପ୍ରକୃତିରେ ଏହିପରି ଖାଦ୍ୟଖାଦକର ଭୂମିକା ରହିବା ଅପରିହାର୍ଯ୍ୟ ଓ ଯିଏ ଯେତେ ବଳବାନ ତାହାର ବଂଚବାର ସମ୍ଭାବନା ବି ସେତେ ଅଧିକ", କୁନାର ବାପା ତା'କୁ ବୁଝାଇଲେ | ତା' ପରେ କୁନା ପରିବେଶ ଓ ଜୀବଜନ୍ତୁଙ୍କ ଆଚରଣ ବିଷୟରେ ଜାଣିବାକୁ ଆଗ୍ରହ ପ୍ରକାଶ କଲା |

ସେ ନିଜେ ଅନୁଧ୍ୟାନ କରିବା ସହ ଶିକ୍ଷକ ଓ ଗୁରୁଜନମାନଙ୍କୁ ଏବିଷୟରେ ସବୁବେଳେ ପ୍ରଶ୍ନ କରୁଥାଏ କି, କେଉଁ ଜୀବ କ'ଣଖାଏ ଓ ଏହାର ଉପକାରିତା କ'ଣ ?



ଦିନେ କୁନାର ବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ଗବେଷକ ଓ ଅଧ୍ୟାପକମାନେ ପରିବେଶ ବିଷୟରେ ବିଭିନ୍ନ ତଥ୍ୟ ବୁଝାଇବା ପାଇଁ ଆସିଥାନ୍ତି | କୁନା ଭାବିଲା ଯେ ଏଇଟାହିଁ ଉପଯୁକ୍ତ ସମୟ ମନରେ ଉଙ୍କି ମାରୁଥିବା ପ୍ରଶ୍ନ ପଚାରିବାର | ଯେତେବେଳେ ପ୍ରଶ୍ନ ପଚାରିବା ବେଳ ଆସିଲା, ପରିବେଶରେ ଖାଦ୍ୟ ଓ ଖାଦକର ଭୂମିକା କ'ଣବୋଲି କୁନା ପଚାରିଲା |

ପରିବେଶ ଉପରେ ଗବେଷଣା କରୁଥିବା ଜଣେ ଗବେଷକ ବହୁତ ସରଳଭାଷାରେ ଏହାକୁ ବୁଝାଇଲେ | ଆମେ ମଣିଷମାନେ ଯେପରି ବଂଚବା ପାଇଁ ଖାଦ୍ୟ ଖାଉଛନ୍ତି, ଅନ୍ୟ ଜୀବଜନ୍ତୁମାନେ ବି ବଂଚବାପାଇଁ ଖାଦ୍ୟ ଖାଆନ୍ତି | ଜୀବଜନ୍ତୁଙ୍କ ଖାଦ୍ୟର ପ୍ରକାର ହିସାବରେ ସେମାନଙ୍କୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଇଛି | ଘାସ ଓ ଅନ୍ୟ ଜୀବଜନ୍ତୁଙ୍କୁ ଖାଉଥିବା ଜୀବକୁ କ'ଣ କୁହାଯାଏ ବୋଲି ପିଲାମାନଙ୍କୁ ପ୍ରଶ୍ନକଲେ | "ଘାସ ଓ ପତ୍ର ଖାଉଥିବା ହରିଣ, କୃଷ୍ଣସାର ମୃଗ, ସମ୍ବର, ନୀଳଗାଇ, ଚମରୀଗାଇ, ହାତୀ, ହନୁ, ଗଣ୍ଡା, ଇତ୍ୟାଦିକୁ ତୃଣଭୋଜି ବୋଲି କୁହାଯାଏ", ପିଲାମାନଙ୍କ ମଧ୍ୟରୁ ରାମ ଉତ୍ତରଦେଲା | "ସେହିପରି ବାଘ, ସିଂହ, ଚିତା, ବିଲୁଆ, ଗଧିଆ, କୁମ୍ଭୀର, ସାପ ଇତ୍ୟାଦି ଅନ୍ୟଜୀବଙ୍କୁ ଶିକାରକରି ମାଂସ ଖାଉଥିବାରୁ ଏମାନଙ୍କୁ ମାଂସାହାରୀ ବୋଲି କୁହାଯାଏ, ଗଗନ ଉତ୍ତରଦେଲା | ଭାଲୁ ଓ ପାତିମାଙ୍କଡକୁ ତୃଣଭୋଜୀ ବା ମାଂସାହାରୀ ବୋଲି କାହିଁକି କୁହାଯାଏନ ଅଧ୍ୟାପକ ପ୍ରଶ୍ନକଲେ | କୌଣସି ପିଲା ଏହାର ଉତ୍ତର ଦେଇ

ପାରିଲେନାହିଁ । ଶେଷରେ ସେ ନିଜେ କହିଲେକି ଭାଲୁ ଗଛର ଫଳ ଖାଇବା ସହ ଜନ୍ତା, ପିମ୍ପୁଡି ଓ ଉଇ ଖାଇଥାଏ, ସେହିପରି ପାତିମାଙ୍କଡ ଗଛର ପତ୍ର ଖାଇବାସହ ଜନ୍ତା ଓ ପିମ୍ପୁଡି ଖାଇଥାଏ । ତେଣୁ ସେମାନଙ୍କୁ ମଣିଷଙ୍କ ପରି ଉଭୟଭୋଜି ବୋଲି କୁହାଯାଏ ।



ଖାଦ୍ୟଖାଦକଙ୍କ ଦ୍ଵାରା ପରିବେଶର ଉପକାରିତା କ'ଣହୁଏ, କୁନାକୁ ଅବୁଝା ରହିଲା । ତେଣୁ ସେ ଏହି ପ୍ରଶ୍ନଟି ପୁଣିଥରେ ପଚାରିଲା । ପୁଣି ଅନ୍ୟଜଣେ ଅଧ୍ୟାପକ ଏହାର ଉତ୍ତରଦେଲେ । ଖାଦ୍ୟ ଖାଦକମାନଙ୍କ ଯୋଗୁ ପରିବେଶର ସନ୍ତୁଳନ ବଜାୟ ରହିଥାଏ। ଯେତେବେଳେ ଗୋଟିଏ ପରିବେଶରେ ତୃଣଭୋଜି ଜୀବ ବେଶୀ ହୋଇଯାନ୍ତି, ସେତେବେଳେ ଘାସ ଓ ଛୋଟ ଗଛଉପରେ ଏହାର ପ୍ରଭାବ ପଡେ, ଘାସପଡିଆ ଲଣ୍ଡା ଜମିରେ ପରିଣତ ହୁଏ ଓ ଶେଷରେ ତୃଣଭୋଜିମାନେ ଖାଦ୍ୟ ପାଆନ୍ତିନାହିଁ, ସେମାନଙ୍କ ବଂଶବିସ୍ତାର ଲୋପପାଏ । ଏହାସହ ତୃଣଭୋଜୀ ପ୍ରାଣୀ ବା ଖାଦ୍ୟର ଅଭାବଯୋଗୁଁ ମାଂସାହାରୀଙ୍କ ବି ସଂଖ୍ୟା କମିଯାଏ । ମାଂସାହାରୀ ଜୀବ ଯେପରିକି ବାଘ, ସିଂହ ଇତ୍ୟାଦି ତୃଣଭୋଜୀ ଜୀବ ହରିଣ, ସମ୍ବର ଇତ୍ୟାଦିକୁ ଶିକାରକରି ନିଜଖାଦ୍ୟ ଖାଇବାଦ୍ଵାରା ଜଙ୍ଗଲରେ ସବୁପ୍ରକାର ପ୍ରାଣୀଙ୍କ ଏକ ସନ୍ତୁଳନ ବଜାୟ ରହେ । ସେହିପରି ଛୋଟଜୀବକୁ ଆମେ ଅନୁଧ୍ୟାନ କଲେ ଜାଣିବା ଯେ ଏଣ୍ଡୁଅ, ଝିଟିପିଟି, ଇତ୍ୟାଦି ଛୋଟ କୀଟପତଙ୍ଗ ଯେପରିକି ପ୍ରଜାପତି, କଙ୍କିକୁ ଖାଆନ୍ତି । ବୁଢିଆଣୀ ବି ସେହିପରି ଛୋଟ କୀଟପତଙ୍ଗକୁ ଖାଇଥାଏ । ସାପ, ଏଣ୍ଡୁଅ, ବେଙ୍ଗ, ମୂଷା ଆଦି ଖାଏ । ସାପକୁ ଶାଗୁଣା, ଚିଲ, ଇତ୍ୟାଦି ଖାଆନ୍ତି । ଅନ୍ୟ ପକ୍ଷୀମାନେ ମଧ୍ୟ କୀଟପତଙ୍ଗ ଓ ଛୋଟ ସରୀସୃପକୁ ଖାଆନ୍ତି । ଯେଉଁ ପଶୁକୁ କେହି ଶିକାର କରିବାକୁ

ନଥାନ୍ତି (ଯେପରିକ ବାଘ ଓ ସିଂହ) ସେମାନଙ୍କ ପ୍ରାକୃତିକ ମୃତ୍ୟୁପରେ ବିଲୁଆ ଓ ଶାଗୁଣା ଆଦି ଖାଆନ୍ତି ଓ ଅବଶିଷ୍ଟାଂଶ ଅଣୁଜୀବଙ୍କ ଯୋଗୁ ମାଟିରେ ମିଶିଯାଏ । ଏହିପରିଭାବେ ଖାଦ୍ୟଖାଦକ ଦ୍ୱାରା ବିଭିନ୍ନପ୍ରକାର ପ୍ରାଣୀଙ୍କଠୁ ଅନ୍ୟ ପ୍ରାଣୀଙ୍କୁ ଶକ୍ତିର ଆଦାନପ୍ରଦାନ ହୋଇଥାଏ ଓ ପରିବେଶର ସନ୍ତୁଳନ ବଜାୟ ରହେ । ଖାଦ୍ୟଖାଦକର ସମ୍ପର୍କ ସତରେ ପରିବେଶରେ ଏକ ମୁଖ୍ୟ ଭୂମିକା ନିଭାଏ କୁନା ଓ ଅନ୍ୟ ପିଲାମାନେ ଜାଣିବାକୁ ପାଇଲେ ।



ସମରଝୋଳ, ଗଂଜାମ, ଓଡିଶା

# ଗଛ ଲଗାଇବା ଆସ



ରାମ ଚନ୍ଦ୍ର ପ୍ରଧାନ

ଆସ କୁନାମୁନା ସାଙ୍ଗ ହୋଇ ଆମେ
ଗଛ ଲଗାଇବା ଆସ
ଧରଣୀ ବୁକୁରେ ସବୁଜିମା ଭରି
ଫୁଟାଇବା ଆମେ ହସ ।
ଫଳ ଫୁଲ ଛାଇ ଅମ୍ଳଜାନ ଦେଇ
ରଖେ ସେ ଆମ ଜୀବନ
ଜଳଦାନ କରି ତୃଷ୍ଣା ସେ ମେଣ୍ଟାଏ
ମନୁ ତ୍ୟାଗି ଅଭିମାନ ।
ଗଛ ଡାଳେ ଅବା କୋରଡ଼ରେ ପକ୍ଷୀ
କରିଥାନ୍ତି ବସାଘର
ଗଛ ପାଇଁ ବହେ ଧରାରେ ପବନ
ଝରଇ ବରଷା ଧାର ।
ଗଛରୁ ମିଳଇ ନାନାଦି ଔଷଧ
ଘର ପାଇଁ ମିଳେ କାଠ
ସଭିଙ୍କର ସିଏ ଭାରି ଉପକାରୀ
ମଣନାହିଁ ତାକୁ ଛୋଟ ।
ଆଉ ଡେରି କଆଁ କରୁଅଛ ଏବେ
କୋଡ଼ି ଧରି ବେଗେ ଆସ
ପରିବେଶ ପାଇଁ ଲଗାଇବା ଗଛ
ମନରେ ଭରି ହରଷ ।

ଶିକ୍ଷକ
ସାନ୍ତରାପଲ୍ଲୀ ଗଞ୍ଜାମ

# ଚିତ୍ର



ରିୟାନ୍ସ ପଣ୍ଡା




ଷ୍ଟାଣ୍ଡର୍ଡ ୨, ରବୀନ୍ଦ୍ର ଭାରତୀ ଗ୍ଲୋବାଲ ସ୍କୁଲ୍,
ବାଙ୍ଗାଲୋର

# ପେନସିଲ୍



ପ୍ରତୀକ୍ଷା ଶତପଥୀ

ପେନ୍ସିଲ୍ ତୋତେ
ଛୋଟ ଜିନଷ ଭ୍ବିବା ଉଚତ୍ ନୁହେଁ ।

କାରଣ ତୋରି ପ୍ରଥମ ସ୍ୱର୍ଶରେ
ହିଁ ମୁଁ ଲେଖିବା ଶିଖିଛି ।

ତୁ ନଥିଲେ ଆଜି
ମୋ ପାଇଁ ତ ସବୁକଛି ଅସମ୍ଭବ ହୋଇ ସାରିଥାନ୍ତେ ।

କାରଣ ତୁ କେବଳ ପାଠ୍ୟକ୍ରମ ପାଇଁ ନୁହେଁ
ଚନ୍ଦ, ଅଙ୍କ-ଗଣିତ ସବୁଥିରେ ବ୍ୟବହୃତ ହୋଇଥାଉ ।

ରଚନା ଓ ନର୍ମାଣ କରିଛୁ ତୁ ଅନେକ
କନ୍ତୁ ମନରେ ଟିକେ ହେଲେ ମଧ୍ୟ ଅହଙ୍କାର ନାହିଁ ।

କେବଳ ତୋ ଆଶିଷରେ ହିଁ
ମୁଁ ଏ ସ୍ଥାନରେ ପହଞ୍ଚିପାରିଛି ॥


ସିଭିଲ ଟାଉନସିପ୍, ରାଉରକେଲା
Pratikshyasatpathy07@gmail.com

# ଚିତ୍ର



ସୁଷମା ସାହୁ

ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭଃ
ନର୍ଭିଗ୍ନମ୍ କୁରୁ ମେ ଦେବ ସର୍ବ କାର୍ୟ୍ୟେଶୁ ସର୍ବଦା



# ମୁନା ଡାକୁଛି ବେଙ୍ଗୁଲିକୁ



ଅମରନାଥ ବାରିକ୍

ବେଙ୍ଗୁଲି ରାଣୀ ଛାଡ଼ି ଯାଇଅଛି ବରଷା ପାଣି
ସାରୁ ଗଛ ମୂଳେ ବସିଛ କଆଁ ?
ଆସ ବାହାରି ଯିବା ଆମେ ବୁଲି ସରଗପୁରି
ଆଉ ରାବ ନାହିଁ "କଟର କୁଆଁ" ।

ଡୋଳା ବୁଲେଇ ଭାବୁଛ କଅଣ ଜିହ୍ୱା ହଲେଇ
କର ନାହିଁ ଆଉ ମନକୁ ଊଣା ।
ଡରନ ମତେ ମୁଁ ତୁମ ସଙ୍ଗାତ କହୁଛି ସତେ
ବୁଲିବାକୁ ଯିବା ଆମ ଅଗଣା ।।

ଯେତେ ଖୋଜିଲେ ଘାଡ଼ି ତଳେ ପୁଣି ଗହନ ବିଲେ
ମିଳୁନାହିଁ ପରା ତୁମରି ଦେଖା ।
ବରଷା ହେଲେ ଫକଫକ କରି ଡ଼େଉଁଥା ଭଲେ
ସଙ୍ଗେ ସହଚରି ଧରିଣ ସଖା ।।

ଆଜି ଏଠାରେ ବସିଅଛ କାହିଁ ନଈ ପଠାରେ
ମଉନ ବରତ ପାଳନ କରି ?
ଚାଲ ପଳାଇ ଆମ ଘର ଆଡ଼େ ମନ ବଳାଇ
ମାଆ ଖୋଜୁଛନ୍ତି ତୁମକୁ ଘାରି ।।

ଆମରି ଘର ଘର ନୁହେଁ ସେ'ତ ସରଗପୁର
ଯେଉଁଠି ଅଛନ୍ତି ମୋ ବାପା ମାଆ ।
ଆମେ କାନ୍ଦିଲେ ଗେଲ କରୁଥାନ୍ତି ଆମକୁ ଭଲେ
ତୁମକୁ ଦେଖାଇ କୋଳରେ ମାଆ ।।

କୁହନ୍ତି ମତେ ବାଇଆ ମାରିବ କାନ୍ଦୁଛୁ କେତେ
ବୁଝିଯାଆ ବାବୁ ନକରି ଅଳ ।
ଚୁଚୁମା ଦେବି ବୁଝିଗଲେ ପୁଣି ଦେଖେଇ ନେବି
ବେଙ୍ଗ ସାଥେ କରେ ବେଙ୍ଗୁଲି କଳ।।

ସେ କଥା ଭାବି ହୋଇଅଛ ବୋଧେ ତୁମେ ଅରାଜି
ସେଇଥିପାଇଁ କ ଲୁଚଛ ଏଠି ।
କୁହ ଲେ୍ କଥା ଆଉ ବସନାହିଁ ନୁଆଁଇ ମଥା
ବେଙ୍ଗ ରଜା କ'ଣ ମାରିଛି ଲାଠି !

କୟାଁ, ମଙ୍ଗଳପୁର, ଯାଜପୁର

# ସ୍ୱରବର୍ଣ୍ଣ ରେ ଶବ୍ଦ



ରଚୟିତା ସାହୁ

ଅ ରେ ଅରଟ,
କାଟି ସୂତା ପିନ୍ଧ ବସନ ॥
ଆ ରେ ଆରତ,
ଦୁଃଖ ହର ଚକାନୟନ ॥

ଇ ରେ ଇତର,
ଫୁଲ-ଚନ୍ଦନରେ ତିଆର ॥
ଇ ରେ ଇଶ୍ୱର,
ନୀଳକଣ୍ଠ ପିଇ ଜହର ॥

ଉ ରେ ତ ଉଇ,
କରେ ଫମ୍ପା ଭିତରୁ ଖାଇ ॥
ର ରେ ଯେ ଉର୍ମି,
ସିନ୍ଧୁ କୋଳରେ ନାଚୁଥାଏ ॥

ର ରେ ପା ରତୁ,
ଅନୁଭବେ ଭିନ୍ନ ଛଅଟି ॥
ଏ ରେ ଏକତା,
ଜୋର ବଧେ ହେଲେ ଏକାଠି ॥

ଐ ରେ ଐତିହ୍ୟ,
ନିଜ ସଂସ୍କୃତି ଟେକ ରଖ ॥
ଓ ରେ ଓଡିଆ,
କୁହ-ପଢ-ଲେଖିବା ଶିଖ ॥

ଔ ରେ ଔଷଧ,
ରୋଗର କରଇ ବିନାଶ ॥
ସ୍ୱରବର୍ଣ୍ଣରେ-
ଶବ୍ଦ, ଅ ଠୁ ଔ ରେ ଶେଷ ॥

# ଅକ୍ଟୋବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୨/୧୦/୨୦୨୧ | ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ |
| ୦୫/୧୦/୨୦୨୧ | ଚନ୍ଦ୍ରକ୍ଷୟ, ଫୁଲ୍ଲେରୀ ଓଷା |
| ୦୬/୧୦/୨୦୨୧ | ମହାଳୟା ଅମାବାସ୍ୟା, ପିତୃପକ୍ଷ ସମାପ୍ତି |
| ୦୭/୧୦/୨୦୨୧ | ଦ୍ୱିତୀୟାର ଚନ୍ଦ୍ରଦର୍ଶନ ଓ ବିରଜା ଦେବୀଙ୍କ ରଥଯାତ୍ରା |
| ୧୦/୧୦/୨୦୨୧ | ନତଃ ପଞ୍ଚମୀ |
| ୧୧/୧୦/୨୦୨୧ | ତପଃଷଷ୍ଠୀ, ପୀଠେ ଶ୍ରୀ ଦୁର୍ଗାଦେବ୍ୟାଃ ତ୍ରିଦିନାତ୍ମକ ସପ୍ତମୀ ପୂଜା |
| ୧୨/୧୦/୨୦୨୧ | ମୃଣ୍ମୟୀ ଦେବୀଙ୍କ ସପ୍ତମ୍ୟାଦି ତ୍ରିଦିନାତ୍ମକ ପୂଜାରମ୍ଭ ଓ ପୀଠେ ମହାଷ୍ଟମୀ ଓ ଦୁର୍ଗାବ୍ରତ |
| ୧୩/୧୦/୨୦୨୧ | ମୃଣ୍ମୟୀ ଦେବୀଙ୍କ ମହାଷ୍ଟମୀ ପୂଜା, ପୀଠେ ମହାନବମୀ ପୂଜା |
| ୧୫/୧୦/୨୦୨୧ | ଶ୍ରୀମନ୍ଦିରେ ପୀଠେ ଓ ମୃଣ୍ମୟୀ ଦେବୀଙ୍କ ଦଶହର୍‌ା ଓ ସୋମନାଥ ବ୍ରତ ଉଦଯାପନ |
| ୧୬/୧୦/୨୦୨୧ | ପାପାଙ୍କୁଶା ଏକାଦଶୀ, ଭଷାଣୀ |
| ୧୭/୧୦/୨୦୨୧ | ତୁଳା ସଂକ୍ରାନ୍ତି |
| ୧୯/୧୦/୨୦୨୧ | ଗଜଲକ୍ଷ୍ମୀ ପୂଜା, ମହାପୁରୁଷ ମହମ୍ମଦଙ୍କ ଜନ୍ମ ଦିବସ |
| ୨୦/୧୦/୨୦୨୧ | କୁମାର ପୂର୍ଣ୍ଣିମା ଓ କୁମାରୋତ୍ସବ |
| ୨୧/୧୦/୨୦୨୧ | କାର୍ତ୍ତିକ ବ୍ରତାରମ୍ଭ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା –vedantimagazine@gmail.com/ editor.vedantimagazine@gmail.com

## ସେପ୍ଟେମ୍ବର ମାସର ବିଜେତାଙ୍କ ନାମ



ଡେଙ୍ଗା ତାଳଗଛ କାନ୍ଦି କାନ୍ଦି ଝୁଲେ ଫଳ
କଷି "ତାଳସଜ" ହାତ ଅପହଞ୍ଚ
ଖାଇବାକୁ ମନ ବିକଳ ।
କଷି "ତାଳସଜ" ଖାଇବାକୁ ଭାରି ଅଡୁଆ
ନରିଆ ଭାଇକ କେତେ ଖୁସାମତ
ତା କାତରେ ସିଏ କାଟେ ବଢ଼ିଆ
ପାଚିଲା ତାଳତ ଆହୁରି ମିଠା
ବରଷା ଦିନରେ ଅଜାଘରୁ ଆସେ
ପ୍ରକାର ପ୍ରକାର ତାଳର ପିଠା ॥

ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ପଟିଆ, ଭୁବନେଶ୍ୱର

ନରମ ନରମ କଷି ତାଳସଜ
ପାଟି ଭରି ଯାଏ ଆହା କ ମିଠା
ପାଚିଲା ତାଳର ବାସନା ମହକେ
ଭଲକ ଭଲ ତାଳ ରସ ର ପିଠା
ତାଳ ବରା ତାଳ ଏଣ୍ଡୁରି ପିଠା
ତାଳ ଚକୁଳି ର ମହକ ଦେଖ ଲୋ
ଆଷାଢ଼ ମାସର ଆସର ବସା
ତାଳ ମଞ୍ଜ କଏ ଖାଇଛ କୁହ?
କ ସୁନ୍ଦର ଦିଶେ ଧୋବ ଫରଫର
ରସାଳଆ ମିଠା ସୁଆଦ ନଅ ।

ବିଜେତା: ମୀନାକ୍ଷି ପାଢ଼ୀ, ଥାନେ, ମହାରାଷ୍ଟ୍ର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ। ପ୍ରଚ୍ଛଦପଟ୍ଟ ଚନ୍ଦ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚନ୍ଦ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ। ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ। ଆମକୁ ସମ୍ପର୍କ କରିବାର ଠିକଣା ହେଲା –vedantimagazine@gmail.com

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତି ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁ ନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇ ପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.com visit କରନ୍ତୁ ।

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ଲକ୍ଷ୍ନୌ ରୁ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢ଼ିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com। ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢ଼ିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**